# ଧରିତ୍ରୀ DHARITRI

ସମ୍ବଲପୁର, ଶୁକ୍ରବାର, ଅକ୍ଟୋବର ୨୫/୨୦୧୯ (୨୦ ପୃଷ୍ଠା) Sambalpur, Friday, October 25 / 2019 ★★

୧୫୩ ଭାଗ ୩୦୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-


# ରେକର୍ଡ଼ ରଚିଲେ

## ବିଜେପୁର ଉପନିର୍ବାଚନ

- ଅମାନତ ହରାଇଲା କଂଗ୍ରେସ
- ଭାଜପା ଭୋଟ କମିଲା
- ବୃହତ୍ ବିଜୟରେ ବିଜେଡି ଉତ୍‌ଫୁଲ୍ଲିତ



ରେକର୍ଡ ସୃଷ୍ଟି କରିଥିବା ବିଜେଡି ପ୍ରାର୍ଥୀ ରୀତା ସାହୁ।

**ବରଗଡ଼ ଅଫିସ/ପଦ୍ମପୁର/ଭୁବନେଶ୍ୱର(ବ୍ୟୁରୋ)୨୪।୧୦**

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନର ଭୋଟଗଣତି ଗୁରୁବାର ସରିବା ପରେ ଫଳାଫଳ ଘୋଷିତ ହୋଇଛି। ଏଥିରେ ବିଜେଡି ପ୍ରାର୍ଥୀ ରୀତା ସାହୁ ବିଜୟୀ ହେବା ସହିତ ଦଳ ପାଇଁ ହାଟ୍ରିକ ବିଜୟ ଆଣିଛନ୍ତି। କେବଳ ସେତିକି ନୁହେଁ, ବିଧାନସଭା ନିର୍ବାଚନରେ ଏକ ବଡ଼ ବ୍ୟବଧାନ (୯୭ହଜାର ୯୯୦ ଭୋଟ୍)ରେ ବିଜୟୀ ହୋଇ ରାଜ୍ୟରେ ରେକର୍ଡ଼ ସୃଷ୍ଟି କରିଛନ୍ତି। ଗତ ସାଧାରଣ ନିର୍ବାଚନରେ ଏଠାରୁ ଦଳୀୟ ପ୍ରାର୍ଥୀ ହୋଇଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ମଧ୍ୟ ସେ ଢ଼େର ଅଧିକ ଭୋଟ୍ ପାଇଛନ୍ତି। ଅନ୍ୟପଟେ କଂଗ୍ରେସକୁ ଅମାନତ ହରାଇବାକୁ ପଡିଥିବାବେଳେ ଭାଜପାର ଭୋଟ କମିଛି।

ପଦ୍ମପୁର ଆର୍‌ଏମ୍‌ସି ଗୋଦାମ ହଲରେ ତ୍ରିସ୍ତରୀୟ ସୁରକ୍ଷା ବଳୟରେ ଗୁରୁବାର ପୂର୍ବାହ୍ନ ୮ଟାରୁ ଭୋଟଗଣତି ଆରମ୍ଭ ହୋଇଥିଲା। ୧୪ଟି ଟେବୁଲରେ ୨୧ରାଉଣ୍ଡ ଭୋଟ ଗଣତି ହୋଇଥିବାବେଳେ ପ୍ରତି ରାଉଣ୍ଡରେ ରୀତା ସବାଆଗରେ ରହିଥିଲେ। ସମ୍ପୂର୍ଣ୍ଣ ଗଣତି ପରେ ତାଙ୍କ ସପକ୍ଷରେ ୧ଲକ୍ଷ ୩୫ହଜାର ୯୫୭ ଖଣ୍ଡ ଭୋଟ ମିଳିଥିବା ଜଣାପଡ଼ିଥିଲା। ସେଥିମଧ୍ୟରେ ଇଭିଏମ୍ ଭୋଟ୍ ୧ଲକ୍ଷ ୩୫ହଜାର ୯୪୯, ପୋଷ୍ଟାଲ ଭୋଟ ଗୋଟିଏ ଏବଂ ଇଟିପିବିଏସ୍ ଭୋଟ୍ ୭ଟି ରହିଥିଲା। ତେବେ ରୀତାଙ୍କ ସପକ୍ଷରେ ଯାଇଥିବା ଭୋଟ୍ ସମୁଦାୟ ମତଦାନର ୭୩.୮୭ ପ୍ରତିଶତ ହୋଇଥିବାବେଳେ ବିଜେଡି ପୂର୍ବରୁ ୨ଟି ନିର୍ବାଚନରେ ଜିତିଥିଲେ ମଧ୍ୟ ଏତେସଂଖ୍ୟକ ଭୋଟ୍ ହାତେଇବାରେ ସକ୍ଷମ ହୋଇ ନ ଥିଲା। ୨୦୧୮ ଉପନିର୍ବାଚନରେ ବିଜେଡିକୁ ୧ଲକ୍ଷ ୨ହଜାର ୮୭୧(୫୬.୬୧ ପ୍ରତିଶତ) ଏବଂ ଗତ ସାଧାରଣ ନିର୍ବାଚନରେ ୧ଲକ୍ଷ ୧୦ହଜାର ୬୦୪(୫୯.୭୮ ପ୍ରତିଶତ)ଭୋଟ୍ ମିଳିଥିଲା।

ଅନ୍ୟପଟେ ଭାଜପାର ସନତ୍ କୁମାର ଗଡ଼ତିଆଙ୍କୁ କେବଳ ଯେ ପୁଣିଥରେ ନିରାଶ ହେବାକୁ ପଡ଼ିଛି ତାହା ନୁହେଁ, ଦଳର ଭୋଟ୍ ହାର ଯେଭଳି ହ୍ରାସ ପାଇଛି, ସେଥିରୁ ଭାଜପା ପ୍ରତି ବିଜେପୁରବାସୀ ମୁହଁ ଫେରାଇଥିବା ଆଲୋଚନା ହେଉଛି। ୨୦୧୮ ଉପନିର୍ବାଚନରେ ଭାଜପା ଏଠାରୁ ୬୦ହଜାର ୯୩୮ (୩୩.୫୩ ପ୍ରତିଶତ), ଗତ ସାଧାରଣ ନିର୍ବାଚନରେ ୫୩ହଜାର ୪୮୨(୨୮.୯ ପ୍ରତିଶତ) ଭୋଟ ପାଇଥିବାବେଳେ ଏଥର ଦଳକୁ ମାତ୍ର ୩୭ ହଜାର ୯୬୭(୨୦.୬୩ ପ୍ରତିଶତ) ଭୋଟ୍ ମିଳିଛି। ସେହିପରି କଂଗ୍ରେସର ସ୍ଥିତି ଆହୁରି ନୈରାଶ୍ୟଜନକ ହୋଇ ପଡ଼ିଛି। ଦଳୀୟ ପ୍ରାର୍ଥୀ ଦିଲୀପ କୁମାର ପଣ୍ଡାଙ୍କ ଭୋଟ୍ ୫୮୭୩ ମଧ୍ୟରେ ସୀମିତ ରହିଛି। ଯାହାକି ସମୁଦାୟ ମତଦାନର ମାତ୍ର ୩.୧୯ ପ୍ରତିଶତ। ଅପରପକ୍ଷେ ଗତ ସାଧାରଣ ନିର୍ବାଚନରେ ଏଠାରୁ କଂଗ୍ରେସକୁ ୧୪ହଜାର ୩୪୪ ଖଣ୍ଡ ଭୋଟ (୭.୭୫ ପ୍ରତିଶତ) ଏବଂ ୨୦୧୮ ଉପନିର୍ବାଚନରେ ୧୦ହଜାର ୨୭୪ ଖଣ୍ଡ ଭୋଟ୍ ମିଳିଥିଲା। ସେହିପରି ହିନ୍ଦୁ ମହାସଭା ପ୍ରାର୍ଥୀ ଅଶୋକ କୁମାର ମିତ୍ତଲଙ୍କୁ ୧୨୧୯ ଏବଂ ସ୍ୱାଧୀନ ପ୍ରାର୍ଥୀ ବୃନ୍ଦାବନ ପୁରୋହିତଙ୍କୁ ୧୦୫୩ ଖଣ୍ଡ ଭୋଟ ମିଳିଛି। ନୋଟାରେ ୧୯୮୨ ଖଣ୍ଡ ଭୋଟ୍ ପଡ଼ିଥିବା ଜଣାପଡିଛି।


20 YEARS

Arundhati JEWELLERS

Best eveR DHANTERAS
From 20th October 2019

FREE GOLD COIN On Every Purchase

₹2500/-OFF Valid till 3rd November

upto 20% off on Diamond MRP

WIN 50 NOS. LAKHPATI
IN FY 2019-20 (Lakhpati Season-1) + (Lakhpati Season-2)

Purchase Rs.10,000/- within 3rd November 2019
WIN holiday Trip to LONDON

T&C Apply





ଧନ୍ୟବାଦ ଓଡ଼ିଶା

ଅରୁନ୍ଧତୀ ଜ୍ୱେଲର୍ସ, ଭୁବନେଶ୍ୱର ଶାଖାର ଦ୍ୱିତୀୟ ମହଲା ସମ୍ପ୍ରସାରିତ, ଅତିରିକ୍ତ 4000 Sqft. ରେ ବ୍ରାଇଡାଲ୍, ଡାଇମଣ୍ଡ ଓ ପ୍ଲାଟିନିୟମ୍ ଗହଣାର ସ୍ୱତନ୍ତ୍ର Disply Lounge.

ଅରୁନ୍ଧତୀ ପରିବାର ତରଫରୁ ଆପଣମାନଙ୍କୁ ଧନ୍‌ତେରସ୍ ଏବଂ ଦୀପାବଳୀର ଅନେକ ଶୁଭେଚ୍ଛା ଓ ଶୁଭକାମନା । ଆପଣମାନଙ୍କର ଅରୁନ୍ଧତୀ ଉପରେ ଥିବା ଅତୁଟ ବିଶ୍ୱାସ, ଭଲପାଇବା ଓ ଆଶୀର୍ବାଦ ଆମ ପାଇଁ ସର୍ବଦା ପ୍ରେରଣା ଦାୟକ । ଆପଣମାନଙ୍କ ପାଇଁ ସର୍ବୋତ୍କୃଷ୍ଟ ଶୁଦ୍ଧତା ସହ ସର୍ବଶ୍ରେଷ୍ଠ ଡିଜାଇନ ଓ କଲେକ୍ସନ୍ ଆମ ସମସ୍ତ ଶାଖାରେ ଉପଲବ୍ଧ କରାଇବା ସହ ଦୀର୍ଘ ୨୦ ବର୍ଷର "Creating Golden Smile" ସେବା ପ୍ରଦାନ କୁ ସର୍ବଦା ଗୁରୁତ୍ୱ ଦେବା ଏବଂ ଆପଣମାନଙ୍କ ଧନ୍‌ତେରସ୍/ଦୀପାବଳୀ କୁ ବିଶେଷ ସ୍ମରଣୀୟ କରିବା ପାଇଁ ଅରୁନ୍ଧତୀ ସର୍ବଦା ପ୍ରତିଶ୍ରୁତି ବଦ୍ଧ ।

BHUBANESWAR | SAMBALPUR | BHAWANIPATNA | BARGARH | BALANGIR
Toll Free No.:1800 345 0018 | www.arundhatijewellers.com






Shubh Dhanteras & Diwali

LALCHND
Odisha's Most Trusted Jeweller

Choose from the widest variety of Silver, Gold & Diamond Jewellery at the Eastern India's largest showroom
Lalchnd
"Nandankanan Road Raghunathpur"

ସୁନା ଅଳଙ୍କାରର ଗଢ଼ା ମଜୁରୀ ଗ୍ରାମ୍ ପ୍ରତି ଫ୍ଲାଟ୍ ୨୯୫* ଟଙ୍କା | ଡିଜାଇନର୍ ସୁନା ଅଳଙ୍କାରର ଗଢ଼ା ମଜୁରୀ ଗ୍ରାମ୍ ପ୍ରତି ଫ୍ଲାଟ୍ ୩୯୫* ଟଙ୍କା | ହୀରା ଅଳଙ୍କାର ଉପରେ ଫ୍ଲାଟ୍ ୨୦% ରିହାତି

୨୪ କ୍ୟାରେଟ୍ ସ୍ୱର୍ଣ୍ଣ ମୁଦ୍ରାର ଗଢ଼ା ମଜୁରୀ ମାଗଣା* | ୬ଟି ହୋଣ୍ଡା ଆକ୍ଟିଭାର ବମ୍ପର୍ ଲକି ଡ୍ର | ୩୬ ଟି ଲକ୍ଷପତି ପୁରସ୍କାର ପ୍ରତିବର୍ଷ

ଆହୁରି ଅନେକ ଆକର୍ଷଣୀୟ ଅଫର ସୋରୁମ୍ ଠାରେ

ଲକି ଡ୍ର { କ୍ୟାଣ୍ଟନ୍‌ମେଣ୍ଟ ରୋଡ୍, କଟକ ସ୍ଥିତ ସୋରୁମ୍‌ର ଲକି ଡ୍ର ୬ ନଭେମ୍ବର ୨୦୧୯ରେ ଶହିଦ ଭବନ, କଟକ ଠାରେ ଅନୁଷ୍ଠିତ ହେବ
ରଘୁନାଥପୁର ସୋରୁମ୍ ଏବଂ ମାଷ୍ଟର କ୍ୟାଣ୍ଟିନ୍ ସ୍ଥିତ ସୋରୁମ୍‌ର ଲକି ଡ୍ର ୭ ନଭେମ୍ବର ୨୦୧୯ରେ ହୋଟେଲ୍ ନିଉ ମାରିଅନ୍, ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବ

*Conditions Apply *Images are for illustration purpose only

FLAGSHIP STORE : NANDANKANAN ROAD, RAGHUNATHPUR
CONTACT : 0674 2469149/ 150/ 251

BRANCHES AT
CANTONMENT ROAD, CUTTACK LALCHND MARKET COMPLEX UNIT- III, BHUBANESWAR


Great Eastern™
The Trusted One
ଖଜାନା ଖୁସିୟୋଁ କା
ତ୍ୱାଦା ଗ୍ରେଟ ଇଷ୍ଟର୍ଣ୍ଣ କା
ଭାଲ୍ୟୁ ବ୍ୟାକ୍ ୩୫% ପର୍ଯ୍ୟନ୍ତ
ପ୍ରତ୍ୟେକ କ୍ରୟ ଉପରେ ମାଗଣା ଉପହାର*
VALUE BACK UPTO 35%*
BAJAJ FINSERV
FREE Gifts with every purchase*
TV Refrigerator Mixi Head Phones Iron Mobile Phone Electric Kettle Flask Tawa Set BT Speaker 2.1 Speaker Micro Oven
IDFC FIRST Bank
Up to 15% CashBack
Discount Vouchers up to ₹1 Lakh
43(109cm) Skyworth 43M20 33% OFF Free 2.1 Speakers @ ₹5990/- CASH BACK ₹1580
FULL HD IPS ; SMART QUADCORE ; DTS
Festive Price ₹20990 Net Savings ₹9000
32(80cm) TCL 32S6500 53% OFF Free BT Head Set 3 YEARS WARRANTY
SMART HD ; ANDROID TV ; HDMI 2 ; USB 1
Festive Price ₹12990 Net Savings ₹17000
49(124cm) Panasonic 49FX650D 53% OFF Free BT Speaker @ ₹6990/- CASH BACK ₹2100
4K ; HDR ; NETFLIX PRIME
Festive Price ₹57990 Net Savings ₹51910
55(140cm) LG 55UK6360 39% OFF Free LED TV CASH BACK ₹4200
4K UHD IPS DISPLAY ; MAGIC REMOTE ; DTS
Festive Price ₹55990 Net Savings ₹29000
40(102cm) Haier LE40K6500AG 37% OFF Free BT Speaker @ ₹6990/- CASH BACK ₹3200
FULL HD, SMART LED TV
Festive Price ₹26000* Net Savings ₹14990
LG Direct Cool Refrigerator Save ₹7000*
Whirlpool Direct Cool Refrigerator Save ₹8800*
LG Frost Free Refrigerator Save ₹11800*
Whirlpool Frost Free Refrigerator Save ₹9800*
Panasonic Frost Free Refrigerator Save ₹10800*
Haier Bottom Mount Refrigerator Save ₹14500*
LG Side By Side Refrigerator Save ₹39000*
Haier Side By Side Refrigerator Save ₹51500*
VOLTAS·beko Semi Auto Washing Machine Save ₹2700*
Whirlpool Top Load Washing Machine Save ₹4500*
BOSCH Front Load Washing Machine Save ₹9000*
LG Front Load Washing Machine Save ₹12000*
Panasonic
Dream More. Celebrate More.
Celebrate this festive season with Panasonic
DREAM HOME MAKEOVERS
Get a complete home makeover from Appliances to Electronics
TOKYO 2020
Lucky winners will go to the Olympic Games Tokyo 2020
Smart TV Range starts from ₹16,090
4K ULTRA HD TV Range starts from ₹40,490
3 YEAR* WARRANTY
Range starts from ₹9,999 2+10 YEAR* WARRANTY
WASHING TECHNOLOGY StainMaster+ BUILT-IN HEATER ActiveFoam
Range starts from ₹12,999 2+10 YEAR* WARRANTY
ECONAVI INVERTER
1+4 YEAR* WARRANTY INSTALLATION
1+4 YEAR* WARRANTY
FREE START UP KIT with Convection & Grill models
Best Prices*
Better deals than Online*
Extended warranty across products*
Free in-home installation & demo*
Best exchange value*
Great Eastern™ RETAIL
59 STORES ACROSS INDIA
GreatEasternRetail
crm@geapl.in
6290824380
www.greateastern.co.in
UPTO 7.5% EXTRA CASHBACK*
SBI card
*Min. Trxn.: ₹20,000; Max. Cashback: ₹4,500 per card account.
Also valid on EMI Trxns. Validity: 22 Sep – 31 Oct '19. T&C Apply.
ROURKELA Bisra Road Opposite Hotel Brindaban 629 190 5176
BHUBANESHWAR Bapuji Nagar Near Bazar Kolkata 629 190 5175 | Patia Near Big Bazar 629 190 5170 CUTTACK Badambadi In front of Palamandap 629 190 5172 CDA Sector VI 629 190 5173
BALASORE Vivekananda Marg, Beside City Life 629 190 5174 BERHAMPUR Bada Bazar In front of Ganesh Market 629 190 5171 JAJPUR Kamal Bhawan Chorda Bypass, Jajpur Road 629 190 5177
ODISHA | WEST BENGAL | ANDHRA PRADESH | RAJASTHAN | UTTAR PRADESH

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ଅକ୍ଟୋବର ୨୫/୨୦୧୯ Sambalpur, Friday, October 25 / 2019 



## କିଆରାଙ୍କ ଦମ୍‌ଦାର କିକ୍ ବକ୍ସିଂ

ବଲିଉଡ୍ ଆକ୍ଟ୍ରେସ୍ କିଆରା ଆଡଭାନୀଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ସହ ଖୁବ୍ ପସନ୍ଦ କରାଯାଉଛି। ଭିଡିଓରେ କିଆରା ନିଜ ବକ୍ସିଂ ମୁଭ୍‌ସ ଦେଖାଉଛନ୍ତି। ୧୬

୧୮

## ଶିବମ୍‌ଙ୍କୁ ଟି୨୦ ସୁଯୋଗ

ବାଂଲାଦେଶ ବିପକ୍ଷ ଟି୨୦ ସିରିଜ ପାଇଁ ମୁମ୍ବାଇ ଅଲରାଉଣ୍ଡର ଶିବମ୍ ଦୁବେ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି।



### ସଂକ୍ଷେପରେ

## ନଭେମ୍ବର ୧୩ରୁ ବିଧାନସଭା ଶୀତ ଅଧିବେଶନ

**ଭୁବନେଶ୍ୱର,୨୪।୧୦(ବ୍ୟୁରୋ):** ଆସନ୍ତା ନଭେମ୍ବର ୧୩ରୁ ଷୋଡଶ ବିଧାନସଭାର ଶୀତକାଳୀନ ଅଧିବେଶନ ଆରମ୍ଭ ହେବ। ଏହା ଡିସେମ୍ବର ୧୯ ଯାଏ ଚାଲିବା ପାଇଁ ସ୍ଥିର କରାଯାଇଛି। ୧୩ରେ ୨୦୧୯-୨୦ ଆର୍ଥିକବର୍ଷ ପାଇଁ ଅତିରିକ୍ତ ବଜେଟ୍ ଉପସ୍ଥାପନ କରାଯିବ। ଏହି ଅଧିବେଶନରେ ସର୍ବମୋଟ ୩୦ଟି କାର୍ଯ୍ୟ ଦିବସ ରଖାଯାଇଛି। ନଭେମ୍ବର ୨୦,୨୧,୨୨ରେ ଖର୍ଚ୍ଚ ଦାବି ଉପରେ ଆଲୋଚନା କରାଯିବ। ୨୫ରେ ପ୍ରଥମ ଅତିରିକ୍ତ ବଜେଟ୍ ପାଇଁ ବ୍ୟୟମଞ୍ଜୁରୀ ବିଲ୍ ଆସିବ। ନଭେମ୍ବର ୧୭, ୨୩, ୨୪ ଏବଂ ଡିସେମ୍ବର ୧, ୮, ୧୪, ୧୫ ଗୃହ କାର୍ଯ୍ୟ ଅନୁଷ୍ଠିତ ହେବ ନାହିଁ।

## ବିଜେପୁରବାସୀଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୪।୧୦(ବ୍ୟୁରୋ):** ବିଜେପୁର ଉପନିର୍ବାଚନରେ ବିଜେଡି ପ୍ରାର୍ଥିନୀ ରୀତା ସାହୁ ସର୍ବକାଳୀନ ରେକର୍ଡ ୯୭,୯୯୦ ଖଣ୍ଡ ଭୋଟରେ ବିଜୟୀ ହୋଇଛନ୍ତି। ଦଳର ଏହି ସଫଳତା ପାଇଁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମଗ୍ର ବିଜେପୁରବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଗୁରୁବାର ପୂର୍ବାହ୍ନରେ ଗଣତିର କେଇ ଘଣ୍ଟା ମଧ୍ୟରେ ବିଜେଡିର ଏକତରଫା ବିଜୟ ନେଇ ସଙ୍କେତ ମିଳିଥିଲା। ଏହା ପରେ ମୁଖ୍ୟମନ୍ତ୍ରୀ ନିଜ ଟୁଇଟରେ ବାର୍ତ୍ତା ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଉପନିର୍ବାଚନର ଏହି ଐତିହାସିକ ବିଜୟର ଶ୍ରେୟ ବିଜେପୁରବାସୀଙ୍କର। ନିରନ୍ତର ତାଙ୍କୁ ମିଳିଥିବା ଭଲ ପାଇବା ପାଇଁ ସେ ବିଜେପୁରବାସୀଙ୍କ ନିକଟରେ କୃତଜ୍ଞ। ବିଜେପୁର ଭାଇଭଉଣୀଙ୍କୁ ମୋର ଆନ୍ତରିକ ଧନ୍ୟବାଦ। ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ହୃଦୟ ଜିଣିଥିବାରୁ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ବିଜେଡି ସଭାପତି ଶୁଭେଚ୍ଛା ଜଣାଇଥିଲେ। ସନ୍ଧ୍ୟାରେ ବିଜୟ ଉତ୍ସବ ମନାଇବା ପାଇଁ ଛାତ୍ର, ଯୁବ, ମହିଳା ବିଜେଡିର କାର୍ଯ୍ୟକର୍ତ୍ତା ନବୀନ ନିବାସରେ ପହଞ୍ଚିଥିଲେ। ମୁଖ୍ୟମନ୍ତ୍ରୀ ଗଣମାଧ୍ୟମ ସମ୍ମୁଖରେ ବିପୁଳ ବିଜୟ ପାଇଁ ରୀତା ସାହୁଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଦଳର ଏପରି ପ୍ରଦର୍ଶନ ପାଇଁ ସମସ୍ତ କାର୍ଯ୍ୟକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ।

# ମହାରାଷ୍ଟ୍ରରେ ଏନ୍‌ଡିଏ, ହରିୟାଣାରେ ଝୁଲା

**ନୂଆଦିଲ୍ଲୀ,୨୪।୧୦(ପି.ଟି.)**

ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଶାସକ ଭାଜପା-ଶିବସେନା ମେଣ୍ଟକୁ ପୁଣିଥରେ ସରକାର ଗଠନ ପାଇଁ ସ୍ପଷ୍ଟ ଜନାଦେଶ ମିଳିଥିବାବେଳେ ହରିୟାଣାରେ ଗୈରିକ ଦଳ ସବୁଠୁ ବଡ଼ ଦଳ ଭାବେ ଉଭା ହୋଇଛି। ମହାରାଷ୍ଟ୍ରରେ ଭାଜପାକୁ ୧୦୦ ଓ ଶିବସେନାକୁ ୫୭ ଆସନରେ ସଫଳତା ମିଳିଥିବାରୁ ଦେବେନ୍ଦ୍ର ଫଡ୍‌ନବିସ ପୁଣିଥରେ ମୁଖ୍ୟମନ୍ତ୍ରୀ ହେବା ପଥ ପରିଷ୍କାର ହୋଇଛି। ଏହି ରାଜ୍ୟରେ ପୂର୍ବ ରାଜିନାମା ଅନୁସାରେ ୫୦-୫୦ ସୂତ୍ରରେ ସରକାର ଗଠନ କରାଯିବ ବୋଲି ଶିବସେନା ପକ୍ଷରୁ କୁହାଯାଇଛି। ତେବେ ଉତ୍ତର ଭାରତର ଅନ୍ୟତମ ପ୍ରମୁଖ ହିନ୍ଦୀଭାଷୀ ରାଜ୍ୟ ହରିୟାଣାରେ ଭାଜପା କିମ୍ବା କଂଗ୍ରେସକୁ ସଂଖ୍ୟାଗରିଷ୍ଠତା ମିଳିନାହିଁ। ଫଳରେ ଏଠାରେ ଝୁଲା ବିଧାନସଭା ସ୍ଥିତି ସୃଷ୍ଟି ହୋଇଛି। ଏଠାରେ ଭାଜପାକୁ ୪୦ ଆସନରେ ସଫଳତା ମିଳିଥିବାବେଳେ କଂଗ୍ରେସ ୩୦ ଆସନରେ ଜିତିଛି। ଅନ୍ୟ ଦଳ ଓ ସ୍ୱାଧୀନ ପ୍ରାର୍ଥୀ ୯ ଆସନରେ ବିଜୟୀ ହୋଇଥିବାବେଳେ ଦୁଷ୍ୟନ୍ତ ଚୌଟାଲାଙ୍କ ନେତୃତ୍ୱାଧୀନ ଜନନାୟକ ଜନତା ପାର୍ଟି (ଜେଜେପି) ୧୦ ଆସନ ଦଖଲ କରିବାରେ ସକ୍ଷମ ହୋଇଛି। ଫଳରେ ଦୁଷ୍ୟନ୍ତ ଏଥର 'କିଙ୍ଗ୍ ମେକର' ଭୂମିକାରେ ଅବତୀର୍ଣ୍ଣ ହୋଇପାରନ୍ତି ବୋଲି କୁହାଯାଉଛି। ଅନ୍ୟପକ୍ଷରେ ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟର ରାଜ୍ୟପାଳ ସତ୍ୟଦେବ ନାରାୟଣ ଆର୍ଯ୍ୟଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଜଣାଇବେ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ଦେଶରେ ଲାଗିରହିଥିବା ଆର୍ଥିକ ମାନ୍ଦାବସ୍ଥା ଓ ଅନ୍ୟ କେତେକ ସମ୍ବେଦନଶୀଳ ପ୍ରସଙ୍ଗ ଆଗରେ 'ଅନୁଚ୍ଛେଦ ୩୭୦ ଉଚ୍ଛେଦ' ସଫଳତାକୁ ନେଇ ଭାଜପାର ଧୂଆଁଧାର ପ୍ରଚାର ଫିକା ପଡ଼ିଯାଇଛି ବୋଲି ରାଜନୈତିକ ବିଶ୍ଳେଷକମାନେ ମତଦେଇଛନ୍ତି।

୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭା ଓ ୯୦ ସଦସ୍ୟତା ବିଶିଷ୍ଟ ହରିୟାଣା ବିଧାନସଭା ନିର୍ବାଚନ ସୋମବାର ଅନୁଷ୍ଠିତ ହୋଇଥିଲା। ଏହାସହ ଅନ୍ୟ ୭ ରାଜ୍ୟ, ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୫୧ ବିଧାନସଭା ଏବଂ ସମସ୍ତିପୁର(ବିହାର) ଓ ସତାରା(ମହାରାଷ୍ଟ୍ର) ଲୋକ ସଭା ଆସନ ପାଇଁ ମଧ୍ୟ ଉପନିର୍ବାଚନ ହୋଇଥିଲା। ଗୁରୁବାର ଏହି ସବୁ ଆସନରେ ଭୋଟ ଗଣତି କରାଯାଇଛି। ମହାରାଷ୍ଟ୍ରରେ ସରକାର ଗଠନ ପାଇଁ ମ୍ୟାଜିକ୍ ନମ୍ବର ୧୪୫ ହୋଇଥିବାବେଳେ ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍‌ରେ ଉପଲବ୍ଧ ତଥ୍ୟ ଅନୁସାରେ ଭାଜପାକୁ ୧୦୦ ଓ ଶିବସେନାକୁ ୫୭ ଆସନରେ ସଫଳତା ମିଳିଛି। ବିରୋଧୀ କଂଗ୍ରେସକୁ ୫୪ ଓ ଶରଦ ପାୱାରଙ୍କ ନେତୃତ୍ୱାଧୀନ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି)କୁ ୪୬ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଅନ୍ୟ ଦଳ ଭାଗରେ ୧୮ ଆସନ ପଡ଼ିଥିବାବେଳେ ସ୍ୱାଧୀନ ପ୍ରାର୍ଥୀ ୧୩ ଆସନରେ ବିଜୟୀ ହୋଇଛନ୍ତି। ଏହି ରାଜ୍ୟରେ ଶାସକ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ପ୍ରଦର୍ଶନ ପୂର୍ବ ଭଳି ହୋଇ ନ ଥିଲେ ହେଁ ବିରୋଧୀ କଂଗ୍ରେସ-ଏନ୍‌ସିପି ମେଣ୍ଟକୁ କ୍ଷମତାସୀନ ହେବାରୁ ଅଟକାଇଦେଇଛି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ନାଗପୁର ସାଉଥ୍ ୱେଷ୍ଟ ଓ ଶିବସେନାର ମୁଖ୍ୟମନ୍ତ୍ରୀ ଚେହେରା ଆଦିତ୍ୟ ଠାକ୍‌ରେ ୱର୍ଲି ଆସନରେ ବିଜୟୀ ହୋଇଛନ୍ତି। ଏନ୍‌ସିପି ନେତା ଅଜିତ୍ ପାୱାର ବାରାମତୀ, କଂଗ୍ରେସ ନେତା ପୃଥ୍ୱୀରାଜ ଚୌହାନ କରାଡ ସାଉଥ୍ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଚୌହାନ ଭୋକର ଆସନରୁ ବିଜୟୀ ହୋଇଛନ୍ତି। ବରିଷ୍ଠ ଭାଜପା ନେତା ସ୍ୱର୍ଗତ ଗୋପୀନାଥ ମୁଣ୍ଡେଙ୍କ ଝିଅ ପଙ୍କଜା ମୁଣ୍ଡେ ପାର୍ଲି ଆସନରେ ପରାଜିତ ହେବା ପରେ କାନ୍ଦୁଥିବା ଦୃଶ୍ୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ମହାରାଷ୍ଟ୍ରରେ ୨୦୧୪ ବିଧାନସଭା ନିର୍ବାଚନରେ ଭାଜପାକୁ ୧୨୨, ଶିବସେନାକୁ ୬୩, କଂଗ୍ରେସକୁ ୪୨ ଓ ଏନ୍‌ସିପିକୁ ୪୧ ଆସନରେ ସଫଳତା ମିଳିଥିଲା।

ସେହିପରି ଗତ ନିର୍ବାଚନରେ ହରିୟାଣାରେ ଭାଜପାକୁ ୪୭ ଆସନ ସହ ସଂଖ୍ୟାଗରିଷ୍ଠତା ମିଳିଥିଲା। ଆଇଏନ୍‌ଏଲ୍‌ଡି ୧୯ ଓ କଂଗ୍ରେସ ୧୫ ଆସନରେ ଜିତିଥିଲେ। କିନ୍ତୁ ଏଥର ଗଣିତ ବଦଳିଯାଇଛି। ମୁଖ୍ୟମନ୍ତ୍ରୀ ଆସନ ବଜାୟ ରଖିବା ପାଇଁ ମନୋହରଲାଲ ଖଟ୍ଟରଙ୍କୁ କୁହୁକ ସଂଖ୍ୟା ୪୬ ଜରୁରୀ। ଗୁରୁବାର ଭୋଟ ଗଣତି ପରେ ଜଣାପଡ଼ିଛି ଯେ, ଭାଜପା ୪୦ ଆସନରେ ସଫଳ ହୋଇଛି। କଂଗ୍ରେସ ୩୦ ଆସନରେ ବିଜୟୀ ହୋଇଥିବାବେଳେ ଜେଜେପି ୧୦ ଆସନରେ ଜିତିଛି। ଇଣ୍ଡିଆନ୍ ନ୍ୟାଶନାଲ ଲୋକଦଳ (ଆଇଏନ୍‌ଏଲ୍‌ଡି) ଗୋଟିଏ ଆସନରେ ବିଜୟୀ ହୋଇଥିବାବେଳେ ଅନ୍ୟ ଦଳ ଓ ସ୍ୱାଧୀନ ପ୍ରାର୍ଥୀଙ୍କ ଭାଗପରେ ପଡ଼ିଛି ୯ ଆସନ। ଭାଜପା ସ୍ୱାଧୀନ ପ୍ରାର୍ଥୀଙ୍କ ସହଯୋଗରେ କୌଣସି ପ୍ରକାରେ କ୍ଷମତାକୁ ଫେରିବା ପାଇଁ ଉଦ୍ୟମ ଜାରି ରଖିଥିବାବେଳେ ଜେଜେପି ସମର୍ଥନରେ କଂଗ୍ରେସ ସରକାର ଗଠନ ଲାଗି ଅଣ୍ଟା ଭିଡ଼ିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂ ହୁଡା ରୋହତକ୍‌ର ଗଡ଼ି ସାମ୍ପ୍ଲା-କିଲୋଇ ଆସନରେ ତାଙ୍କ ଭାଜପା ପ୍ରତିଦ୍ୱନ୍ଦ୍ୱୀ ସତୀଶ ନନ୍ଦାଲଙ୍କୁ ୫୮,୩୧୨ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଖଟ୍ଟର କର୍ଣ୍ଣାଲ ଆସନରୁ ପୁନଃ ବିଜୟୀ ହୋଇଛନ୍ତି। ଭାଜପାର ବବିତା ଫୋଗଟ ଦାଦ୍ରିରେ, ହକି ଖେଳାଳି ସନ୍ଦୀପ ପେହୋୱାରୁ ଓ ଟିକ୍‌ଟିକ୍ ଷ୍ଟାର୍ ସୋନାଲି ଫୋଗଟ ଆଦମପୁର ଆସନରେ ପରାଜୟର ମୁହଁ ଦେଖିଛନ୍ତି। ସେହିପରି ଭାଜପା ପ୍ରାର୍ଥୀ ଯୋଗେଶ୍ୱର ଦତ୍ତ (ବରୋଦା) ଓ କଂଗ୍ରେସର ରଣଦୀପ ସୁର୍ଜେୱାଲା (କୈଥାଲ) ମଧ୍ୟ ପରାଜିତ ହୋଇଛନ୍ତି।

- ମହାରାଷ୍ଟ୍ରରେ କ୍ଷମତାକୁ ଫେରିଲା ଶାସକ ମେଣ୍ଟ
- ୫୦-୫୦ ସୂତ୍ରକୁ ଶିବସେନାର ଗୁରୁତ୍ୱ
- ହରିୟାଣାରେ ଦୁ୍ୟଷନ୍ତ ହୋଇପାରନ୍ତି କିଙ୍ଗ୍ ମେକର
- ସରକାର ଗଠନ ପାଇଁ ଦାବି ଜଣାଇବେ ଖଟ୍ଟର

**ମହାରାଷ୍ଟ୍ର (୨୮୮)**

| ଦଳ | ଆସନ |
|---|---|
| ଭାଜପା | ୧୦୦ |
| ଶିବସେନା | ୫୭ |
| କଂଗ୍ରେସ | ୫୪ |
| ଏନ୍‌ସିପି | ୪୬ |
| ଅନ୍ୟ | ୩୧ |

**ହରିୟାଣା (୯୦)**

| ଦଳ | ଆସନ |
|---|---|
| ଭାଜପା | ୪୦ |
| କଂଗ୍ରେସ | ୩୦ |
| ଜେଜେପି | ୧୦ |
| ଆଇଏନ୍‌ଏଲ୍‌ଡି | ୧ |
| ଅନ୍ୟ | ୯ |


ଦେବେନ୍ଦ୍ର ଫଡ୍‌ନବିସ୍


ମନୋହରଲାଲ ଖଟ୍ଟର




# ଆଜି ପ୍ରବଳ ବର୍ଷିବ

**୫ଜିଲ୍ଲାକୁ ୟେଲୋ ୱାର୍ନିଂ**

**ଭୁବନେଶ୍ୱର, ୨୪।୧୦(ବ୍ୟୁରୋ)**

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଲାଗି ରହିଛି। ଗୁରୁବାର ଭୁବନେଶ୍ୱର ସମେତ କଟକ, ବାଲେଶ୍ୱର, ପୁରୀ, ଗଞ୍ଜାମ, ବାରିପଦା ଆଦି ଜିଲାରେ ସର୍ବାଧିକ ବର୍ଷା ରେକର୍ଡ ହୋଇଛି। ଶୁକ୍ରବାର ମଧ୍ୟ ଦିନତମାମ ବର୍ଷା ଲାଗି ରହିବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର ଏବଂ କେନ୍ଦ୍ରାପଡ଼ା ଆଦି ୫ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଥିବାବେଳେ ଏହି ଜିଲାଗୁଡ଼ିକରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ।

ଦକ୍ଷିଣ ଓଡ଼ିଶା ସହ ଦକ୍ଷିଣ-ଉପକୂଳ ଓଡ଼ିଶା ଏବଂ ଆଭ୍ୟନ୍ତରୀଣ ଓଡ଼ିଶାର ବିଭିନ୍ନ ଜିଲାରେ ଶୁକ୍ରବାର ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ। କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ଏଥିସହ ୨୦ ଜିଲାକୁ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସତର୍କ ସୂଚନା ଦିଆଯାଇଛି। ତନ୍ମଧ୍ୟରେ ଗଜପତି, ଗଞ୍ଜାମ, ରାୟଗଡ଼ା, କନ୍ଧମାଳ, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ପୁରୀ, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, ନୟାଗଡ଼ ଆଦି ଜିଲା ରହିଛି। ଗୁରୁବାର ଢେଙ୍କାନାଳ, କେନ୍ଦୁଝର, କଟକ, ଖୋର୍ଦ୍ଧା ଓ ପୁରୀ ଜିଲାକୁ ରେଡ୍ ୱାର୍ନିଂ ଜାରି କରାଯାଇଥିବାବେଳେ ଏହି ଜିଲାଗୁଡ଼ିକରେ ପ୍ରବଳ ବର୍ଷା ମଧ୍ୟ ହୋଇଛି। ବାଲେଶ୍ୱରରେ ସର୍ବାଧିକ ୮୩ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ଭୁବନେଶ୍ୱରରେ ୭୮.୪ ମିମି ବର୍ଷା ରେକର୍ଡ ହୋଇଛି। ସେହିଭଳି କଟକରେ ୭୬, ପୁରୀରେ ୬୧, ଚାନ୍ଦବାଲିରେ ୪୯, ଗୋପାଳପୁରରେ ୪୮, ବାରିପଦାରେ ୩୮, ଦାରିଙ୍ଗବାଡ଼ିରେ ୩୫, ପାରାଦୀପରେ ୨୬ ଏବଂ ଅନୁଗୋଳରେ ୨୩ ମିମି ବର୍ଷା ରେକର୍ଡ ହୋଇଛି। ମାତ୍ରାଧିକ ବର୍ଷା ଯୋଗୁ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ପୁରୀ ଭଳି ସହରରେ ଏକପ୍ରକାର କୃତ୍ରିମ ବନ୍ୟା ସୃଷ୍ଟି ହୋଇଛି। ଲଗାଣ ବର୍ଷା ଯୋଗୁ ଗୁରୁବାର ଗଞ୍ଜାମ, ଗଜପତି ,ଢେଙ୍କାନାଳ, ପୁରୀ, ଖୋର୍ଦ୍ଧା ଓ ଭଦ୍ରକ ଜିଲାର ସମସ୍ତ ସ୍କୁଲ ଛୁଟି ଘୋଷଣା ହୋଇଥିବାବେଳେ ଶୁକ୍ରବାର ଗଞ୍ଜାମ, ଖୋର୍ଦ୍ଧା, ଭଦ୍ରକ, କେନ୍ଦୁଝର, ଯାଜପୁର, ପୁରୀ, ଢେଙ୍କାନାଳ, ବାଲେଶ୍ୱର, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାର ସମସ୍ତ ସ୍କୁଲ୍ ଏବଂ ଅଙ୍ଗନୱାଡ଼ି କେନ୍ଦ୍ରକୁ ଜିଲା ପ୍ରଶାସନ ପକ୍ଷରୁ ଛୁଟି ଘୋଷଣା କରାଯାଇଛି। ଅନ୍ୟପକ୍ଷରେ ପ୍ରବଳ ବର୍ଷା ଯୋଗୁ ଗମନାଗମନ ବାଧାପ୍ରାପ୍ତ ହୋଇଥିବାବେଳେ ରେଳସେବା ମଧ୍ୟ ପ୍ରଭାବିତ ହୋଇଛି। ଆନ୍ଧ୍ରପ୍ରଦେଶର ବିଜୟନଗରମ ଓ ପଲାସାରେ ପ୍ରବଳ ବର୍ଷା ଯୋଗୁଁ ପୂର୍ବତଟ ରେଳପଥରେ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି। ତେବେ ଆସନ୍ତା ୨୬ ତାରିଖ ପରେ ବର୍ଷାର ପରିମାଣ ହ୍ରାସ ପାଇବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି।

- ବାଲେଶ୍ୱର, ଭୁବନେଶ୍ୱରରେ ସର୍ବାଧିକ ବର୍ଷା ରେକର୍ଡ
- ଅଧିକାଂଶ ସହରରେ କୃତ୍ରିମ ବନ୍ୟା
- ଶୁକ୍ରବାର ୧୦ ଜିଲାର ସମସ୍ତ ସ୍କୁଲ୍, ଅଙ୍ଗନୱାଡ଼ି କେନ୍ଦ୍ର ଛୁଟି

### ଆଇନଜୀବୀଙ୍କ ଆନ୍ଦୋଳନ ମାମଲାରେ ସୁପ୍ରିମକୋର୍ଟଙ୍କ କଡ଼ା ଆଭିମୁଖ୍ୟ

# ହାଇକୋର୍ଟ ବାର୍ ସଭାପତି, ବାର୍ କାଉନସିଲ୍ ଅଫ୍ ଓଡ଼ିଶା ଅଧ୍ୟକ୍ଷଙ୍କୁ ବ୍ୟକ୍ତିଗତ ହାଜର ନୋଟିସ

**କଟକ ଅଫିସ, ୨୪।୧୦**

ଆଇନଜୀବୀ ଆନ୍ଦୋଳନ ପ୍ରସଙ୍ଗକୁ ନେଇ ସୁପ୍ରିମକୋର୍ଟ କଡ଼ା ଆଭିମୁଖ୍ୟ ଦେଖାଇଛନ୍ତି। ଗୁରୁବାର ଏହି ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ବିଚାରପତି ସଞ୍ଜୟ କିଶାନ କୌଲ ଓ ବିଚାରପତି କେ.ଏମ୍.ଯୋଶେଫଙ୍କୁ ନେଇ ଗଠିତ ଖଣ୍ଡପୀଠ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି, ବାର୍ କାଉନସିଲ୍ ଅଫ୍ ଓଡ଼ିଶାର ଅଧ୍ୟକ୍ଷଙ୍କୁ ସୁପ୍ରିମକୋର୍ଟରେ ହାଜର ହେବା ପାଇଁ ଆଦେଶ ଦେଇଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ନଭେମ୍ବର ୮ରେ ହେବ। ଉକ୍ତ ଦିନ ବ୍ୟକ୍ତିଗତ ହାଜର ହେବା ପାଇଁ ସେମାନଙ୍କୁ ଆଦେଶ ରହିଛି। ସେହିପରି ବାର୍ କାଉନସିଲ୍ ଅଫ୍ ଇଣ୍ଡିଆର ଅଧ୍ୟକ୍ଷଙ୍କୁ ମଧ୍ୟ ଉକ୍ତ ଦିନ ଉପସ୍ଥିତ ରହି ମାମଲା ପରିଚାଳନାରେ ସହଯୋଗ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ବିରୋଧରେ କ'ଣ ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ସୁପ୍ରିମକୋର୍ଟ ବାର୍ କାଉନସିଲ୍ ଅଫ୍ ଇଣ୍ଡିଆର ଅଧ୍ୟକ୍ଷଙ୍କ ପରାମର୍ଶ ଲୋଡ଼ିଛନ୍ତି।

**ଶିବଶଙ୍କରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇପାରିବନି**

ଅନ୍ୟପକ୍ଷରେ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ପକ୍ଷରୁ ଆଇନଜୀବୀ ଶିବଶଙ୍କର ମିଶ୍ରଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ଆଦେଶ ଦେଇଛନ୍ତି। ସେହିପରି ଓକିଲ ଆନ୍ଦୋଳନ ଯୋଗୁ ୨୦୧୮-୧୯ରେ ଓଡ଼ିଶା ହାଇକୋର୍ଟ ଓ ସମସ୍ତ ନିମ୍ନ ଅଦାଲତରେ କେତେ କାର୍ଯ୍ୟ ଦିବସ ନଷ୍ଟ ହୋଇଛି ତାହାର ସବିଶେଷ ରିପୋର୍ଟ ସତ୍ୟପାଠ ଆକାରରେ ଦାଖଲ କରିବାକୁ ସୁପ୍ରିମକୋର୍ଟ ଆଦେଶ ଦେଇଛନ୍ତି। ଓଡ଼ିଶା ହାଇକୋର୍ଟ ଏବଂ ନିମ୍ନ ଅଦାଲତରେ ଯଦି କୌଣସି ଆଇନଜୀବୀ କିମ୍ବା ଆବେଦନକାରୀ ମାମଲା ପରିଚାଳନା କରିବାକୁ ଚାହୁଁଛନ୍ତି ତେବେ ସେମାନେ ଓଡ଼ିଶା ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲଙ୍କୁ ଜଣାଇବେ ଓ ସେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସ୍ଥାନୀୟ ପୋଲିସ ପ୍ରସାଶନ ଦ୍ୱାରା ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦେବାକୁ ଖଣ୍ଡପୀଠ ଆଦେଶ ଦେଇଛନ୍ତି।

ବିଭିନ୍ନ ଦାବି ନେଇ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ଦୀର୍ଘଦିନ ହେବ କୋର୍ଟ ବର୍ଜନ ଆନ୍ଦୋଳନ ଜାରି ରଖିଛି। ଏଥିଯୋଗୁ ଅଦାଲତରେ ପଡ଼ି ରହିଥିବା ମାମଲା ପରିଚାଳନା ସମ୍ଭବ ହୋଇପାରୁନାହିଁ। ସୁପ୍ରିମକୋର୍ଟରେ ରୁଜୁ ଏକ ମାମଲାର ଶୁଣାଣି ବେଳେ ଆଇନଜୀବୀଙ୍କ ଆନ୍ଦୋଳନ ପ୍ରସଙ୍ଗ ଉତ୍ଥାପନ ହୋଇଥିଲା। ଏହାକୁ ନେଇ ସୁପ୍ରିମକୋର୍ଟ କଠୋର ଅଭିମୁଖ୍ୟ ଗ୍ରହଣ କରିଥିଲେ। ମାମଲା ପରିଚାଳନା କରିବାକୁ ଚାହୁଁଥିବା ଆଇନଜୀବୀ ଏବଂ ଆବେଦନକାରୀଙ୍କୁ ସ୍ଥାନୀୟ ପୋଲିସ ସୁରକ୍ଷା ଦେଇ ନ ପାରିଲେ ଅର୍ଦ୍ଧସାମରିକ ବଳ ନିୟୋଜନ କରିବାକୁ ସୁପ୍ରିମକୋର୍ଟ ହାଇକୋର୍ଟଙ୍କୁ ପରାମର୍ଶ ଦେଇଥିଲେ। ତେବେ ଗୁରୁବାର ଶୁଣାଣିବେଳେ ହାଇକୋର୍ଟଙ୍କ ତରଫରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ସ୍ଥାନୀୟ ପୋଲିସ ସୁରକ୍ଷା ଦେବାରେ ସମର୍ଥ ବୋଲି ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଥିଲେ। ସେହିପରି ଆଇନଜୀବୀ ଶିବଶଙ୍କର ମିଶ୍ରଙ୍କ ବିରୋଧରେ ହାଇକୋର୍ଟ ବାର୍ ଆସୋସିଏଶନର ଆହ୍ୱାନ କମିଟି ବୁଧବାର ନେଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଖଣ୍ଡପୀଠ ଅବଗତ ହୋଇ ଉପରୋକ୍ତ ନିର୍ଦ୍ଦେଶ ଜାରି କରିଛନ୍ତି।

# ଗଛ ପକାଇ ରାସ୍ତା ଅବରୋଧ କଲେ ମାଓବାଦୀ

**ଦାରିଙ୍ଗବାଡ଼ି/ତୁମୁଡିବନ୍ଧ, ୨୪।୧୦(ଡି.ଏନ.ଏ)**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି-କ.ନୂଆଗାଁ ସୀମାନ୍ତବର୍ତ୍ତୀ କନ୍ଦିବାନ୍ଧା ନିକଟରେ ମାଓବାଦୀମାନେ ଗୁରୁବାର ସନ୍ଧ୍ୟା ପ୍ରାୟ ସାଢେ ୭ଟାରେ ଗଛ ପକାଇ ରାସ୍ତା ଅବରୋଧ କରିଛନ୍ତି। ଘଟଣାସ୍ଥଳରେ ୨ଟି ଲାଲ୍ ବ୍ୟାନର ଓ ଏକାଧିକ ପୋଷ୍ଟର ଛାଡ଼ିଛନ୍ତି। ତେବେ ଅଞ୍ଚଳରେ ପ୍ରବଳ ବର୍ଷା ଲାଗି ରହିଥିବା ସହ ଅନ୍ଧାର ଯୋଗୁ ଉକ୍ତ ବ୍ୟାନର ଏବଂ ପୋଷ୍ଟରରେ ଉଲ୍ଲେଖ କରିଥିବା କୌଣସି ବିଷୟ ଜଣାପଡୁନାହିଁ। ଦୀର୍ଘଦିନ ଧରି ମାଓବାଦୀଙ୍କ ନୀରବତା ପରେ ପୁଣି ସେମାନେ ଉପସ୍ଥିତି ଜାହିର କରିଛନ୍ତି। ରାସ୍ତା ଅବରୋଧ ଯୋଗୁ ଗାଡ଼ିମୋଟର ସହ ଆମ୍ବୁଲାନ୍ସ ମଧ୍ୟ ଗଛ ପଡ଼ିଥିବା ସ୍ଥାନରୁ ଫେରିଆସିଛି। ଲୋକଙ୍କ ଉକ୍ତ ରାସ୍ତାରେ ଯାତାୟାତ ବନ୍ଦ ହୋଇଯିବା ସହ ଅଞ୍ଚଳରେ କୋକୁଆ ଭୟ ଖେଳିଯାଇଛି। ଦାରିଙ୍ଗବାଡ଼ିରୁ ବାଲିଗୁଡ଼ା, ଫୁଲବାଣୀ, ଭବାନୀପାଟଣା ଓ ରାୟପୁର ଆଦି ଅଞ୍ଚଳକୁ ଯାତାୟାତ ବନ୍ଦ ହୋଇଯାଇଛି।

ସେହିପରି ଗୋପାଳପୁର ଠାରୁ ରାୟପୁରକୁ ସଂଯୋଗ କରୁଥିବା ଜାତୀୟ ରାଜପଥ ନଂ.୫୯ କୁର୍ତ୍ତମଗଡ ନିକଟ ୧୫ ମାଇଲଠାରେ ମଧ୍ୟ ମାଓବାଦୀମାନେ ଗଛକାଟି ରାସ୍ତାରେ ପକାଇ ଅବରୋଧ କରିଛନ୍ତି।


ମାଓବାଦୀମାନେ ରାସ୍ତାରେ ଗଛ ପକାଇ ବ୍ୟାନର ଲଗାଇଛନ୍ତି।

**ବାଲିଗୁଡ଼ା-ଦାରିଙ୍ଗବାଡ଼ି ଯାତାୟାତ ବାଧାପ୍ରାପ୍ତ**

### ଆଜିର ସମ୍ପାଦକୀୟ

## ଭଣ୍ଡାର ନୀତି ସୁଧାର

### ଆଜିର ମନ୍ତବ୍ୟ

"ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବିନାହିଁ। ବିରୋଧୀଙ୍କ ବିକ୍ଷୋଭ ଯୋଜନା ଭାରତରେ ଖୁସିର ଲହରୀ ଖେଳାଇଦେଇଛି।

– ଇମ୍ରାନ୍ ଖାନ, ପାକିସ୍ତାନ ପ୍ରଧାନମନ୍ତ୍ରୀ

### କିଛି ତଥ୍ୟ

୨୦୧୮-୧୯ ମାର୍କେଟିଂ ବର୍ଷ (ଅକ୍ଟୋବର-ସେପ୍ଟେମ୍ବର)ରେ ଦେଶରେ ଚିନି ଉତ୍ପାଦନରେ ବୃଦ୍ଧି ଘଟି ୩୩.୧ ନିୟୁତ ଟନ୍ ଛୁଇଁଛି।

– କୃଷି ମନ୍ତ୍ରଣାଳୟ

Taste the difference! Vencobb FRESH CHICKEN
24.10.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 64 | 111 | 121 |
| CTC | 63 | 110 | 120 |
| DKL | 63 | 110 | 120 |
| BDK | 62 | 109 | 119 |
| BLS | 63 | 110 | 120 |
| ANG | 65 | 113 | 123 |
| BHM | 60 | 106 | 116 |

*Conditions Apply
Issued in the Interest of Consumers



ପ୍ରତ୍ୟେକ ଧର୍ମକୁ ସ୍ନେହ କର, ପ୍ରେମ କର, ସମ୍ମାନ ଦିଅ। ମନେରଖ ପ୍ରତ୍ୟେକ ଧର୍ମ ସେଇ ପରମେଶ୍ୱରଙ୍କ ପାଖକୁ ଯିବାର ଏକମାତ୍ର ପଥ।

- ସଦ୍‌ଗୁରୁ ସାଇନାଥ

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



ରିଶୁ
ପରିବାରବର୍ଗ



ସୋମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଲଗାଣ ବର୍ଷା: ୬ ଟ୍ରେନ ବାତିଲ୍

**ଭୁବନେଶ୍ୱର, ୨୪।୧୦(ବ୍ୟୁରୋ)**

ଲଘୁଚାପ ଯୋଗୁ ବୁଧବାରଠାରୁ ଲଗାଣ ବର୍ଷା ଯୋଗୁ ରେଳ ଚଳାଚଳ ପ୍ରଭାବିତ ହୋଇଛି। ପୂର୍ବତଟ ରେଳପଥର ୱାଲଟିୟର ଡିଭିଜନର ବିଭିନ୍ନ ସେକ୍ସନରେ ଟ୍ରାକ ଉପରେ ପାଣି ଜମିଥିବାରୁ ଏକାଧିକ ଟ୍ରେନ ବାତିଲ୍ ସହ କିଛି ଟ୍ରେନକୁ ଗନ୍ତବ୍ୟସ୍ଥଳ ପୂର୍ବରୁ ଅଟକା ଯାଇଛି। ଯାତ୍ରୀଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯାଇ ପାଣି ଜମିଥିବା ସ୍ଥାନରେ ମୋଟର ପମ୍ପ ଲଗାଯାଇ ପାଣି କଢ଼ାଯାଇଥିଲା। ଏହାର ପ୍ରଭାବରେ ଗୁରୁବାର (୫୮୫୨୬)ବିଶାଖାପାଟଣା-ବ୍ରହ୍ମପୁର ପାସେଞ୍ଜର ବିଶାଖାପାଟଣାରୁ ବାତିଲ କରାଯାଇଛି। ଅନ୍ୟପଟେ (୫୮୫୨୫) ବ୍ରହ୍ମପୁର-ବିଶାଖାପାଟଣା ପାସେଞ୍ଜରକୁ ଚିଲ୍କୁରୁପଲ୍ଲୀ ନିକଟରେ ଗନ୍ତବ୍ୟସ୍ଥଳ ପୂର୍ବରୁ ଅଟକା ଯାଇଛି। ତେବେ ଚିଲ୍କୁରୁପଲ୍ଲୀ ନିକଟରେ ଏହି ଟ୍ରେନ୍‌ଟି ପାସେଞ୍ଜରଙ୍କୁ ଓହ୍ଲାଇବା ପରେ ଖାଲି ବଗି ସହ ବିଶାଖାପାଟଣା ଯିବ। ଶୁକ୍ରବାର ବ୍ରହ୍ମପୁରରୁ ଛାଡ଼ିବାକୁ ଥିବା (୫୮୫୨୫) ବ୍ରହ୍ମପୁର-ବିଶାଖାପାଟଣା ପାସେଞ୍ଜର ବାତିଲ୍ କରାଯାଇଛି। ଗୁରୁବାର ବିଶାଖାପାଟଣାରୁ ଛାଡ଼ିବାକୁ ଥିବା(୨୨୮୨୦) ବିଶାଖାପାଟଣା-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସକୁ ମଧ୍ୟ ବାତିଲ କରାଯାଇଛି। ଭୁବନେଶ୍ୱରରୁ ଗୁରୁବାର ଛାଡ଼ିବାକୁ ଥିବା (୨୨୮୧୯) ଭୁବନେଶ୍ୱର-ବିଶାଖାପାଟଣା ଏକ୍ସପ୍ରେସକୁ ଗନ୍ତବ୍ୟସ୍ଥଳ ପୂର୍ବରୁ ଶ୍ରୀକାକୁଲମଠାରେ ଅଟକାଯାଇଛି। ସେହିପରି ଶୁକ୍ରବାର ଭୁବନେଶ୍ୱରରୁ ଛାଡ଼ିବାକୁ ଥିବା (୨୨୮୧୯) ଭୁବନେଶ୍ୱର-ବିଶାଖାପାଟଣା ଇଣ୍ଟରସିଟି ଏକ୍ସପ୍ରେସ ବାତିଲ୍ ହେବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି (୬୮୪୧୧-୬୮୪୧୨) ଭୁବନେଶ୍ୱର-ବ୍ରହ୍ମପୁର-ଭୁବନେଶ୍ୱର ମେମୁ ଟ୍ରେନ ଗୁରୁବାର ବାତିଲ୍ କରାଯାଇଛି। ସେହିପରି (୫୮୪୧୦) ପୁରୀ-ଖୋର୍ଦ୍ଧାରୋଡ଼ ପାସେଞ୍ଜରକୁ ମଧ୍ୟ ପୁରୀରୁ ବାତିଲ୍ କରାଯାଇଥିବା ସୂଚନା ମିଳିଛି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ସୁନିତାରାଣୀ ପ୍ରଧାନ



ମନୋଜ କୁମାର ପ୍ରଧାନ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ପରିବାରର କେତେକ ବ୍ୟତିକ୍ରମ ସୁଧାରିବାକୁ କେନ୍ଦ୍ରକରି ମାନସିକ ସ୍ଥିତି ଠିକ୍ ରହିନପାରେ। ଅବଶ୍ୟ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଆର୍ଥିକ ସ୍ୱଚ୍ଛଳତା ଫେରିପାଇବେ ଓ ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ। କିନ୍ତୁ ଅଶ୍ୱିନୀ ନକ୍ଷତ୍ର କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି।

**ବୃଷ**
ଆପଣଙ୍କ କାର୍ଯ୍ୟ ଦକ୍ଷତାରେ ଭୂୟସୀ ପ୍ରଶଂସା ଓ ପ୍ରୋତ୍ସାହନ ବନ୍ଧୁମାନଙ୍କ ନିକଟରୁ ପାଇ ମନୋବଳ ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଲାଗି ରହିଥିବା ସମସ୍ୟାଜନିତ ଟେନସନ୍ ଅପରାହ୍ଣରେ ଦୂର ହେବ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣରୁ କିମ୍ବା ବାଇଦା ପଡ଼ିବାରେ ସାମୟିକ ଆନମନା ରହିପାରନ୍ତି।

**ମିଥୁନ**
ମୃଗଶିରା ନକ୍ଷତ୍ର ପରିସ୍ଥିତିର ବଶବର୍ତ୍ତୀ ହୋଇ ଆପଣ କିଛି ମିଥ୍ୟା ପ୍ରତିଶ୍ରୁତି ଦେଇ କାର୍ଯ୍ୟ ହାସଲ ପାଇଁ ଚେଷ୍ଟା କରିପାରନ୍ତି। ସମସ୍ତ ପ୍ରକାରର ସୁବିଧା ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ପାରିପାର୍ଶ୍ୱିକ ପରିବେଶରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ।

**କର୍କଟ**
ଶାରୀରିକ ଅସୁସ୍ଥତା କେତେକାଂଶରେ ମାନସିକ ସ୍ଥିତିକୁ ଦୁର୍ବଳ କରିଦେବାର ଆଶଙ୍କା ରହିଥିବାରୁ ସାବଧାନତା ଅବଲମ୍ବନ କରିବା ଭଲ ହେବ। ଗତକାଲି ଯେଉଁଥି ପାଇଁ ଚିନ୍ତା କରୁଥିଲେ ଆଜି ତାହା ଅଳ୍ପ ବିଳମ୍ବରେ ପାଇବେ। କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ସକାଶେ ଅନ୍ୟମାନଙ୍କ ସାହାଯ୍ୟ ନେବାକୁ ବାଧ୍ୟ ହୋଇପାରନ୍ତି।

**ସିଂହ**
ଦୂରସ୍ଥ ସନ୍ତାନଙ୍କ କର୍ମକ୍ଷେତ୍ର ଓ ପାରିବାରିକ ବିଶୃଙ୍ଖଳାକୁ କେନ୍ଦ୍ରକରି ସମସ୍ୟାମୂଳକ ଖବର ମନକୁ ବିଚଳିତ କରିପାରେ। ଏହା ସାଙ୍ଗକୁ ଆତ୍ମୀୟମାନଙ୍କ ପରୋକ୍ଷ ଶତ୍ରୁତା ନିଆଁରେ ଘିଅ ଢାଳିଲାଭଳି ପରିସ୍ଥିତି ସୃଷ୍ଟି କରିପାରେ। ପରିସ୍ଥିତି ହୃଦୟଙ୍ଗମ କରି କେତେକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ।

**କନ୍ୟା**
ଆପଣଙ୍କ ଚିନ୍ତାଧାରା ଅନୁଯାୟୀ କାମଗୁଡ଼ିକ ତଦନୁରୂପ ହେବାରେ କୌଣସି ଅସୁବିଧା ରହିବ ନାହିଁ। ବନ୍ଧୁଙ୍କ ଉପରେ ବୃଥା ସନ୍ଦେହ କରନ୍ତୁ ନାହିଁ, ବରଂ ବିଶ୍ୱାସ କରି ଉପକୃତ ହେବେ। ବହୁତ ଦିନରୁ ରହି ଆସିଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଦିନଟିରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ ହେବ।

**ତୁଳା**
ଆପଣଙ୍କ ସୁଦୂରପ୍ରସାରୀ ଆଶା ଓ କାମନା ଚରିତାର୍ଥ ହେବାର ଅନୁକୂଳ ଅବସର ପାଇବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। ପାରିବାରିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। କଳା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡ଼ିବ।

**ବିଛା**
ପ୍ରତ୍ୟେକ କ୍ଷେତ୍ରରେ କୌଶଳରେ କାମଗୁଡ଼ିକୁ ହାସଲ କରବାରେ ସମର୍ଥ ହେବେ। ଆପୋସ ଆଲୋଚନା ଦ୍ୱାରା ଘରୋଇ ସମସ୍ୟାର ସରଳ ସମାଧାନ ହୋଇଯିବ। ଆତ୍ମୀୟସ୍ୱଜନଙ୍କ ସହାୟତାରେ ମୂଲ୍ୟବାନ୍ ଦ୍ରବ୍ୟ ପାଇପାରନ୍ତି। କଳା ସାହିତ୍ୟରେ ସମସ୍ୟା ସମାଧାନ ହେବାର କ୍ଷୀଣ ଆଶା ମନରେ ଉଙ୍କି ମାରିପାରେ।

**ଧନୁ**
ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିଥିଲେ ମଧ୍ୟ ବିଶେଷ ଗୁରୁତର ହେବାର କୌଣସି ଆଖିଦୃଶିଆ ବିଲକ୍ଷଣ ଦେଖାଯିବନି। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡ଼ିବେ, କିନ୍ତୁ ସାମୟିକ ସମୟାନ୍ତରରେ ସରଳ ସମାଧାନ ହୋଇପାରିବ। ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ପରିବାରରେ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖା ଦେଇପାରେ।

**ମକର**
ପ୍ରତ୍ୟେକ କ୍ଷେତ୍ରରେ କିଛିନାକିଛି ସମସ୍ୟା ଲାଗି ରହୁଥିବାରୁ ମନରେ ବିଭିନ୍ନ ପ୍ରକାରର ଦୁଶ୍ଚିନ୍ତା ଦେଖାଦେଇପାରେ। ହଠାତ୍ ବନ୍ଧୁଙ୍କ ବ୍ୟବହାରରେ ପରିବର୍ତ୍ତନ ପରିଲକ୍ଷିତ ହେବାରୁ ବିଚଳିତ ହୋଇପାରନ୍ତି। ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବା ଆଶାରେ ବିଭିନ୍ନ ପ୍ରକାର ବିନୟପୂର୍ଣ୍ଣ କଥା କହିବାକୁ ପଡ଼ିପାରେ।

**କୁମ୍ଭ**
ଆଜି କର୍ମକ୍ଷେତ୍ରରେ କାମ ହାସଲ ସକାଶେ ଆଗନ୍ତୁକଟି ପ୍ରଶଂସାରେ ଶତମୁଖ ହୋଇ ଉଠିବ। ଅଭାବ ଅସୁବିଧା ସମ୍ପର୍କରେ ଉପରିସ୍ଥ ଅଫିସରଙ୍କ ମୁହଁ ସାମ୍ନାରେ ପ୍ରକାଶ କରିପାରିବେନି। ପ୍ରତ୍ୟେକ କ୍ଷେତ୍ରରେ ବାଦବିବାଦ କ୍ରମେ ଜଟିଳ ହେବ ଓ ଶେଷ ରେ ସଫଳତା ହାସଲ କରିବେ। ନିକଟ ସମ୍ପର୍କୀୟମାନଙ୍କ ପକ୍ଷପାତିତାକୁ ନାପସନ୍ଦ କରିପାରନ୍ତି।

**ମୀନ**
ଆକସ୍ମିକ ଭାବରେ ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କରି କୌଣସି କାମ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଜମିଜମା ସମସ୍ୟା କିମ୍ବା ବିବାଦୀୟ ପରିସ୍ଥିତିରେ ଗୁରୁଜନଙ୍କ ସାନ୍ତ୍ୱନାବାଣୀ ମନରେ ଆଶ୍ୱସ୍ତି ଭରିପାରେ। ବ୍ୟବସାୟ, ଆନୁଷ୍ଠାନିକ କାମ, ଦୂରଯାତ୍ରା, ମୂଲ୍ୟବାନ୍ ଜିନିଷ କ୍ରୟ କ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି।

ଆଜି କାର୍ତ୍ତିକ କୃଷ୍ଣପକ୍ଷର ଗୋବତ୍ସା ଦ୍ୱାଦଶୀ ଶୁକ୍ରବାର, ପ୍ରଦୋଷ ସମୟରେ ଗାଈ ଓ ବାଛୁରୀଙ୍କୁ ପୂଜା ଓ ବନ୍ଦାପନା କରାଯାଏ, ଅକ୍ଟୋବର ୨୫ ତାରିଖ, ଦିବା ଘ୧୧ ।୩୦ମି. ଗତେ, ରାଶି ନକ୍ଷତ୍ର-ଉତରା ଫାଲ୍‌ଗୁନୀ/ସିଂହ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ଏକାଦଶୀର ପାର୍ବଣ ଶ୍ରାଦ୍ଧ, ଦିବା ଘ୭ ।୧୯ମି. ଗତେ ଘ୯ ।୩୭ମି. ମଧ୍ୟେ, ଘ୧୧ ।୫୩ମି. ଗତେ ଘ୨ ।୫୫ମି. ମଧ୍ୟେ ଅମୃତବେଳା। ଦିବା ଘ୧୧ ।୫୪ମି. ଗତେ ଘ୧ ।୨୨ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦ ।୦୫ମି. ଗତେ ଘ୧୧ ।୩୦ମି. ମଧ୍ୟେ ରାହୁକାଳ।



ଜଳ ଘେରରେ ଫସି ରହିଥିବା ବସ୍ତିବାସିନ୍ଦାଙ୍କୁ ଉଦ୍ଧାର କରାଯାଉଛି।

## ଜଳଘେରରେ ଫସିଲେ ୪୦ ପରିବାର

# ଉଦ୍ଧାର କଲା ଅଗ୍ନିଶମ ବିଭାଗ

**ବ୍ରହ୍ମପୁର ଅଫିସ,୨୪।୧୦:** ଲଘୁଚାପ ପ୍ରଭାବରେ ବୁଧବାରରୁ ରାଜ୍ୟରେ ଲାଗି ରହିଥିବା ଲଗାଣ ବର୍ଷା ଯୋଗୁ ବ୍ରହ୍ମପୁର ଲୋଚାପଡା ବ୍ୟାଙ୍କ କଲୋନୀ ୮ମ ଲେନ୍ ନିକଟସ୍ଥ ନବୀନନଗର ବସ୍ତି ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯାଇଥିଲା। ଲୋଚାପଡା ଦେଇ ଯାଇଥିବା ବାହାନା ନାଳର ଜଳପତ୍ତନ ବୃଦ୍ଧି ଯୋଗୁ ନବୀନନଗରରେ ବର୍ଷାଜଳ ପଶିଥିଲା। ଫଳରେ ସେଠାରେ ବାସ କରୁଥିବା ପ୍ରାୟ ୪୦ ପରିବାର ଦୀର୍ଘ ସମୟ ଧରି ଜଳଘେରରେ ଫସି ରହିଥିଲେ। ଖବରପାଇ ଅପରାହ୍ଣରେ ବ୍ରହ୍ମପୁର ସହକାରୀ ଅଗ୍ନିଶମ ଅଧିକାରୀ ସନାତନ ମହାପାତ୍ରଙ୍କ ନେତୃତ୍ୱରେ ଅଗ୍ନିଶମ ବିଭାଗର ୮ ଜଣ କର୍ମଚାରୀ ପହଞ୍ଚି ପାୱାରବୋଟ ଓ ଲାଇଫ ଜାକେଟ ମାଧ୍ୟମରେ ଉଦ୍ଧାର କାର୍ଯ୍ୟ କରିଥିଲେ। ଏକ କାନ୍ଥ ଭାଙ୍ଗିଯିବାରୁ ସେଠାରେ ୪୦ ପରିବାର ଫସି ରହି ଯାଇଥିଲେ। ସମସ୍ତଙ୍କୁ ଉଦ୍ଧାର ପରେ ନିକଟସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରକୁ ସ୍ଥାନାନ୍ତର କରାଯାଇଥିଲା। ୪୦ ପରିବାର ପାଇଁ ରେଡକ୍ରସ୍ ପକ୍ଷରୁ ରାତ୍ରି ଭୋଜନର ବ୍ୟବସ୍ଥା କରାଯାଇଥିବା ଉପଜିଲାପାଳ ସିନ୍ଦେ ଦତ୍ତାତ୍ରେୟ ଭାଉସାହେବ ସୂଚନା ଦେଇଛନ୍ତି। ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ, ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ବ୍ରହ୍ମପୁର ଉପଜିଲାପାଳ ଭାଉସାହେବ, ବିଧାୟକ ବିକ୍ରମ ପଣ୍ଡା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ।


# classifieds Everyday

**0674-2580101, 2549302**

## real estate

**SALE**

ସୁନ୍ଦରପଦା ହାଇଟେକ୍ ଛକପାଖରେ ଘରବାରି electricity ଥାଇ ପାଚେରି ହୋଇଥିବା ପ୍ଲଟ୍ 9337381796. D-56658

**କଟକ-ଗୋପାଳପୁର ଧାକୁଲେଇପୀଠରୁ 3k.m sqft.250/-, ଭୁବନେଶ୍ୱର ବାଳକାଟି ବଜାରରୁ 2k.m 550/-, ନଖରା DPS ପାଖରେ sqft.700/- ଘରବାରି ପ୍ଲଟ୍ ମିଳୁଅଛି। 9348020724, 7978939440.** D-68409

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-14319

**ପାତ୍ରପଡ଼ା NH ନିକଟରେ Yellowzone ଘରବାରି plot 1600sqft 44,00,000/ ତୁରନ୍ତ ଘର କରନ୍ତୁ। 9861709689.** D-66797

Ready to move 2BHK/ 4BHK flat near Hotel Mayfair, Jaydev Vihar, Price Rs.5800/- per sqft. & triplex and duplex at Rangabazar near BJEM English Medium School-II. Price start Rs.47 lakhs. Contact: 9040046767, 9040007267. D-68142

**3800 Sqft. GA plot immediately sale at Surya Nagar, Bhubaneswar, Contact Deepak: 9937329999 (Broker excuse).** D-68019

ଭୁବନେଶ୍ୱର ଗ୍ୟାରେଜ ଛକ ନିକଟରେ ପ୍ଲଟ୍ ବିକ୍ରିହେବ। Possession, Registration immediate 9178660666. D-14854

**ସୁନ୍ଦରପଦା Indus Engineering କଲେଜ backsideରେ ଘରବାରି ପ୍ଲଟ୍ sqft. 229/- ମିଳୁଅଛି। 8594954102.** D-68408

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲଓ୍ୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8144706560, 9348817649. D-66800

**NH16 ପିତାପଲ୍ଲୀ ଛକରେ ସ୍ଥିତିବାନ ପ୍ଲଟ୍ possession ଥାଇ 399/-ରେ ମିଳୁଅଛି। 7504861292.** D-68410

**Mouza Krushnasaranpur-Ph(IV) Sqft. 450/, 1200 ବର୍ଗଫୁଟକୁ 5,40,000/-ରେ କିଣନ୍ତୁ। A.K. Swain-9337028135.** D-68402

**ଭୁବନେଶ୍ୱର ପଟିଆ ବିଗ୍‌ବଜାର, ରଘୁନାଥପୁର Royal Lagoon, Patia station, ଫୁଲନଖରା ନିକଟରେ Simplex, Duplex, 1, 2, 3BHK flat ମିଳୁଛି। 9658122456, 8327785834.** D-68406

ନିଜସ୍ୱ ସ୍ଥିତିବାନ ବାସୋପଯୋଗୀ 60' ପିଚୁରାସ୍ତାକୁ ଲାଗି ହଂସପାଳ 9937816565, 9937568585. D-68134

**2400Sqft. GA plot sale at Bharatpur (Sum Hospital) Bhubaneswar, Contact- Deepak-9937329999 (Broker Excuse).** D-68017

30'road BDA Yellowzone 2nos. gharabari boundary plot near SUM Hospital, Kalinga Nagar DAV School (size-2024) sqft.1950/- 9437240766, 9937044887. D-68405

**Bhubaneswar Kesura SBI Colonyକୁ ଲାଗି ଘରବାଡି ପ୍ଲଟ ପାଚେରି ସହ ମିଳୁଅଛି। 9777100826.** D-68407

2600sqft. Boundary wall plan approval plot at Pokhariput, Bhubaneswar Rs.72,000,00/- 9861125539, 9040521173. D-67242

**ଫୁଲନଖରା DPS ପାଖରେ NH ଠାରୁ 1KM ଦୂରରେ ଘରବାରି ପ୍ଲଟ୍ ମିଳୁଅଛି। sqft. 1300 ଟଙ୍କା। Contact No- 9556247343, 9348042481.** D-14872

BDA Yellow zone plot near Pitapalli Square, 200mtr from NH. Ready for construction. 9437827966, 7978441564. D-14873

Luxurious duplex sale at Kalarahanga near Patia Bigbazar. Contact: 7008492713. D-67091

NH 57 (Kalapathar) ku lagi 11 guntha jaga bikriheba. Frontage 110sqft. Suitable for dhaba, Petrolpump, any commercial. 8763244211. D-66985

## to-let

3BHK flat Tankapani Road, Bhubaneswar near Jagannath Ashram, Rent-12,000/- M: 9437210980, 7978783966. D-14888

## tours & travels

ଶ୍ରୀସାଇ ସେବାଟ୍ରଷ୍ଟ, ଭୁବନେଶ୍ୱର ତରଫରୁ ଗ୍ରୁପ୍‌ଦର୍ଶନ, ଚେନ୍ନାଇ, ମଦୁରାଇ, ରାମେଶ୍ୱରମ୍, କନ୍ୟାକୁମାରୀ, ତ୍ରିଭେନ୍ଦ୍ରମ୍, ତିରୁପତି ଓ ପଣ୍ଡିଚେରୀ ବିମାନରେ ଯାତ୍ରା, ୧୫ ଜାନୁୟାରୀ ୨୦୨୦, ଯୋଗାଯୋଗ: 9437090931, 7978044197. D-68303

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## healthcare

Fully refreshed / relaxed body massage by expert therapist, Shastri Nagar. 7377984773. D-68107

Rejuvenate and ayurvedic full body massage by smart therapist. 9114402304. D-68108

Ayurvedic full body massage ladies/gents smart experts therapist-8480939300 D-66979

Full body herbal massage with refreshment expert therapist. 7381239385, 06742540855. D-68138

Experience full body massage with us (expert). Call: 7377048581, 06742597822. D-68139

Herbal full body massage by smart / expert therapist. Contact: 8338067247. D-68140

Summer special mesmerizing offer expert therapeutic refreshing massage appointment. 9668374480. D-68141

Newly open full body massage by ladies, gents therapist. 8018656899 D-60844

Ayurvedic full body massage by ladies, gents therapist. 7008773793 D-60845

Refresh your mind and soul with best therapy at Orchid Salon/Spa. 9937287222. D-66983

Kajal Ayurvedic Massage club fully relaxed by smart lady home service available-9937637219. D-66984

Ayurvedic full body massage smart boy therapist home services available-9937929638. D-14889

## ASTROLOGY

ଖବରଦାର କଳାଇଲମ, ଶ୍ମଶାଣୀ ଶକ୍ତି ଦ୍ୱାରା ବାବା ସିକନ୍ଦର ସ୍ପେଶାଲିଷ୍ଟ- ମହାବଶୀକରଣ, ପ୍ରେମବିବାହ, କାନ୍ଦୁଥିବାକୁ ହସେଇବା, ମୁଠକରଣୀ, ଜଟିଳରୁ ଜଟିଳ ସମସ୍ୟାର ସମାଧାନ (କାମ ନ ହେଲେ ପଇସା ଫେରସ୍ତ) 9997928820, 9780806657. D-14886

## AFFIDAVIT

By virtue of an affidavit before the Executive Magistrate Berhampur, Ganjam on 22.10.2019, I Smt. Sasmita Kumari Maharana, W/o- Chandra Sekhar Maharana reflected my son's birth certificate as Sasmita Maharana. Deponent swearing that both Smt. Sasmita Kumari Maharana and Sasmita Maharana is one and same person. D-66622

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# କୂଅରେ ଖସିପଡ଼ିଥିବା ହାତୀକୁ ଉଦ୍ଧାର କରାଗଲା

**କୁତ୍ରା/ବଡ଼ଗାଁ, ୨୪।୧୦ (ଡି.ଏନ.ଏ.)**



କୂଅରୁ ହାତୀକୁ ଉଦ୍ଧାର ପାଇଁ ପ୍ରୟାସ କରାଯାଉଛି।

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବନଖଣ୍ଡ ଅଧୀନ କୁତ୍ରା ବ୍ଲକର ପଞ୍ଝୁପଡା (ଗୁଙ୍ଗୁରୀପଡା) ଗାଁ ନିକଟ ବିଲ ମଝିରେ ଥିବା କୂଅରୁ ଏକ ହାତୀକୁ ବନ ବିଭାଗ ଓ ଅଗ୍ନିଶମ କର୍ମଚାରୀମାନେ ଗ୍ରାମବାସୀଙ୍କ ସହାୟତାରେ ଉଦ୍ଧାର କରିଛନ୍ତି। ଗୁରୁବାର ଭୋର ସାଢ଼େ ୪ଟାରେ ୧୯ଟି ହାତୀଥିବା ପଲ ବିଲରେ ଧାନ ଖାଇ ଜଙ୍ଗଲକୁ ଫେରୁଥିଲେ। ସେଥି ମଧ୍ୟରୁ ଗୋଟିଏ ହାତୀ କୂଅ ଭିତରେ ପଡିଯାଇଥିଲା। ହାତୀପଲଙ୍କ ଗର୍ଜନ ଶୁଣି ଗ୍ରାମବାସୀ ଘଟଣାସ୍ଥଳକୁ ଯାଇ ଗୋଟିଏ ହାତୀ କୂଅ ଭିତରେ ପଡିଥିବା ଦେଖିଥିଲେ । ଏ ସଂକ୍ରାନ୍ତରେ ଗ୍ରାମବାସୀ ବଡ଼ଗାଁ ରେଞ୍ଜରଙ୍କୁ ଫୋନରେ ଜଣାଇଥିଲେ। ବଡଗାଁ ରେଞ୍ଜର ଦାୟିତ୍ୱରେ ଥିବା ଆର.ସ୍ୱାଇଁ, ବିଜୟ କୁମାର ପଟ୍ଟନାୟକ, ଫରେଷ୍ଟର ଚନ୍ଦ୍ରିକା କାଲୋଙ୍କ ସହିତ କର୍ମଚାରୀ ଓ କୁତ୍ରା ଅଗ୍ନିଶମ ବିଭାଗ କର୍ମଚାରୀ ସଦଳବଳ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଜେସିବି ମେଶିନ ଦ୍ୱାରା ହାତୀଟିକୁ ଉଦ୍ଧାର ପାଇଁ ଚେଷ୍ଟା କରାଯାଇଥିଲା। ସେଥିରେ ସଫଳତା ନ ମିଳିବାରୁ ଅଗ୍ନିଶମ ବିଭାଗର ହୋଜ ପାଇପ ଲଗାଯାଇ କୂଅରୁ ପାଣି ନିଷ୍କାସନ ପରେ ଗ୍ରାମବାସୀଙ୍କ ସହଯୋଗରେ ହାତୀଟିକୁ ଉଦ୍ଧାର କରାଯାଇଥିଲା।

## ବିଲକୁ ଗଲେ ଗୋଡ଼ାଉଛି ସାପ

**ଢେଙ୍କାନାଳ ଅଫିସ, ୨୪।୧୦:** ଜମିକୁ ଗଲେ ଗୋଡ଼ାଉଛି ସାପ। ଏପରି ଏକ ଘଟଣା ଏବେ ଢେଙ୍କାନାଳ ସଦର ଥାନା ବେଲଟିକିରି ଗ୍ରାମରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହାକୁ ନେଇ ଚାଷୀମାନେ ଆତଙ୍କିତ ହୋଇପଡିଛନ୍ତି। ସେମାନେ ଏ ସମ୍ପର୍କରେ କପିଳାସ ରେଞ୍ଜରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଚାଷୀ ଚୌଧୁରୀ ବେହେରା, ବଳରାମ ସାମଲଙ୍କ କହିବା କଥା, ୨ଦିନ ହେଲା ଏପରି ଘଟଣା ଘଟୁଛି। କଳାରଙ୍ଗର ୨ଟି ବଡ଼ ସାପ ଜମିରେ ବିଚରଣ କରୁଛନ୍ତି। ସେମାନଙ୍କ ପାଟିରୁ ଫେଣ ବାହାରୁଛି। ଜମିକୁ ଗଲେ କାମୁଡ଼ିବାକୁ ଗୋଡ଼ାଉଛନ୍ତି। ଜୀବନ ପ୍ରତି ବିପଦ ଥିବାରୁ ବିଲକୁ ଯିବାକୁ କେହି ସାହସ କରୁନାହାନ୍ତି। ସାପ ଦୁଇଟି ଅହିରାଜ ପ୍ରଜାତିର ହୋଇପାରନ୍ତି ବୋଲି ଅନୁମାନ କରାଯାଉଛି। ଏହି ଘଟଣାକୁ ନେଇ ୭୦ରୁ ଊର୍ଦ୍ଧ୍ୱ ଚାଷୀ ପରିବାର ଭୟଭୀତ ହୋଇପଡ଼ିଛନ୍ତି। ରେଞ୍ଜର ଦର୍ଶନିଆ ଭୋଇ ଶୁକ୍ରବାର ଘଟଣାସ୍ଥଳ ପରିଦର୍ଶନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ବଳରାମ ସୂଚନା ଦେଇଛନ୍ତି।











ଏହି ଧନତେରସରେ ଖିମ୍‌ଜୀର ବିଶୁଦ୍ଧ ସ୍ୱର୍ଣ୍ଣ ମୁଦ୍ରା ନେଇ ଆପଣଙ୍କ ସମୃଦ୍ଧିକୁ ଦ୍ୱିଗୁଣିତ କରନ୍ତୁ

୧୦୦% ବାଏ ବ୍ୟାକ ଗ୍ୟାରେଣ୍ଟି ସହିତ

10gms Fine Gold 999 KDS

ଖୁସିର ଦୀପାବଳି

୧୦୦% ବାଏ ବ୍ୟାକ ଗ୍ୟାରେଣ୍ଟି ସହିତ ଏହି ଧନତେରସରେ ଖିମ୍‌ଜୀରୁ ବିଶୁଦ୍ଧ ସ୍ୱର୍ଣ୍ଣ ମୁଦ୍ରା ନେଇ ଆପଣଙ୍କ ସମୃଦ୍ଧିକୁ ଦ୍ୱିଗୁଣିତ କରନ୍ତୁ।

ହିନ୍ଦୁ କ୍ୟାଲେଣ୍ଡରରେ ଧନତେରସକୁ ଏକ ଶୁଭ ଅବସର ବୋଲି ବିବେଚନା କରାଯାଇଥାଏ। ଏହି ଦିନ ମୂଲ୍ୟବାନ ଧାତୁ ଯେପରିକି ସୁନା, ରୂପା ଏବଂ ଅନ୍ୟାନ୍ୟ ଘର କରଣା ସାମଗ୍ରୀ କ୍ରୟ କରି ଘରକୁ ଖୁସି ଅଣାଯାଇଥାଏ। ଏହା ବିଶ୍ୱାସ ରହିଛିଯେ ସୁନା, ରୂପା ଏବଂ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ କ୍ରୟ କରିବା ଦ୍ୱାରା ଘରକୁ ସମୃଦ୍ଧି ଆସିଥାଏ। ଅଧିକାଂଶ ଲୋକ ସ୍ୱର୍ଣ୍ଣ ମୁଦ୍ରା ଏବଂ ରୌପ୍ୟ ମୁଦ୍ରା ସହିତ ସୁନା, ହୀରା, ପ୍ଲାଟିନମ୍ ଏବଂ ରୂପା ଗହଣା କ୍ରୟ କରିବାକୁ ପସନ୍ଦ କରିଥାନ୍ତି। ଲୋକମାନେ ବିଶ୍ୱାସ କରନ୍ତିଯେ ଅଧିକ ବିଶୁଦ୍ଧ ଧାତୁ ଘରକୁ ଆଣିବା ଦ୍ୱାରା ମା ଲକ୍ଷ୍ମୀ ପ୍ରସନ୍ନ ହୋଇଥାଆନ୍ତି। ଅନ୍ୟପକ୍ଷରେ, ଏହି ପବିତ୍ର ଅବସରରେ ସୁନା ଓ ଅନ୍ୟାନ୍ୟ ମୂଲ୍ୟବାନ ଧାତୁ କ୍ରୟ କରୁଥିବା ସମୟରେ ସତର୍କତା ଅବଲମ୍ବନ କରିବା ଉଚିତ୍, କାରଣ ଏଥିରେ ବେଳେବେଳେ ଶୁଦ୍ଧତାର ଅଭାବ ରହିଯାଇଥାଏ। ଯଦି ଆପଣ ସୁନା ଓ ହୀରା ଗହଣା କିଣୁଛନ୍ତି ତେବେ ଏହା ଧ୍ୟାନ ରଖିବାକୁ ହେବଯେ ଜଣେ ସ୍ୱୀକୃତ ଜୁଏଲର ଯଥା ଖିମ୍‌ଜୀଙ୍କ ଠାରୁ ତାହାକୁ କିଣିବା ଭଲ ହେବ। ଖିମ୍‌ଜୀ ହେଉଛି ଓଡ଼ିଶାର ପ୍ରଥମ ୧୦୦% ବିଆଇଏସ ହଲ୍‌ମାର୍କ ପ୍ରମାଣିତ ସୁନାଗହଣା ଏବଂ ପ୍ରଥମ ୧୦୦% ଆଇଜିଆଇ ପ୍ରମାଣିତ ହୀରା ଗହଣା ବିକ୍ରେତା। ଓଡ଼ିଶାର ଭୁବନେଶ୍ୱର, କଟକ, ବ୍ରହ୍ମପୁର କିମ୍ବା ରାଉରକେଲାରେ ଥିବା ଯେକୌଣସି ଖିମ୍‌ଜୀ ଗହଣା ଦୋକାନରୁ ଯେକୌଣସି ଗହଣା କ୍ରୟ କରିବା ଦ୍ୱାରା ଆପଣଙ୍କୁ ସୁନା ଗହଣା ଉପରେ ବିଆଇଏସ୍ ହଲ୍ ମାର୍କ ପ୍ରମାଣିତ ଓ ୯୧୬ ଶୁଦ୍ଧତାର ଆଶ୍ୱାସନା ପ୍ରଦାନ କରାଯାଇଥାଏ।

ଦ୍ୱିତୀୟତଃ, ଯେହେତୁ ବହୁ ଗ୍ରାହକ ସ୍ୱର୍ଣ୍ଣ ମୁଦ୍ରା, ବାର୍ ପ୍ରଭୃତିକୁ ଧନତେରସ୍ ଅବସରରେ କ୍ରୟ କରିବାକୁ ଚାହିଁଥାନ୍ତି ତେଣୁ ଏଥିପାଇଁ ସବୁବେଳେ ନିଶ୍ଚିତ ହେବା ଆବଶ୍ୟକଯେ ସ୍ୱର୍ଣ୍ଣ ମୁଦ୍ରାଟି ୯୯୯ ଶୁଦ୍ଧତାର ମାନକ ହୋଇଥିବ ଏବଂ ସ୍ୱୀକୃତ ଜୁଏଲର୍ସ ଯଥା ଖିମ୍‌ଜୀ ଜୁଏଲରଙ୍କ ଠାରୁ ତାହା ଉପରେ ବାଏ ବ୍ୟାକ୍ ଗ୍ୟାରେଣ୍ଟି ରହିଥିବ।

ମଜାର କଥାଯେ ଅଧିକାଂଶ ବ୍ୟାଙ୍କ ଓ ଆର୍ଥିକ ପ୍ରତିଷ୍ଠାନ ସ୍ୱର୍ଣ୍ଣମୁଦ୍ରା ମୂଲ୍ୟକୁ ଏକ ବଡ଼ ପ୍ରିମିୟମ ସହିତ ବିକ୍ରୟ କରିଥାନ୍ତି ଏବଂ ଆଉ ମଧ୍ୟ ତାହା ଉପରେ କୌଣସି ବାଏ ବ୍ୟାକ୍ ବିକଳ୍ପ ରଖି ନଥାନ୍ତି। ଏହାର ଅର୍ଥ ହେଉଛି ଯଦି ଆପଣ ଗୋଟିଏ ବ୍ୟାଙ୍କ କିମ୍ବା ଆର୍ଥିକ ପ୍ରତିଷ୍ଠାନରୁ ଏକ ୯୯୯ ଶୁଦ୍ଧତାର ସ୍ୱର୍ଣ୍ଣ ମୁଦ୍ରା କିମ୍ବା ବାର୍ କିଣିଥାନ୍ତି ତେବେ ଖିମ୍‌ଜୀ ଜୁଲଲର୍ସ ପରି ସ୍ୱୀକୃତ ଜୁଏଲର୍ସଙ୍କ ଠାରେ ଉପଲବ୍ଧ ୯୯୯ ଶୁଦ୍ଧତାର ସ୍ୱର୍ଣ୍ଣ ମୁଦ୍ରା କିମ୍ବା ବାର୍‌ର ସେହି ମୂଲ୍ୟ ତୁଳନ ।ରେ ଆପଣଙ୍କୁ ପ୍ରିମିୟମ ଭାବରେ ଉଲ୍ଲେଖନୀୟ ଅଧିକ ମୂଲ୍ୟ ଦେବାକୁ ପଡ଼ିଥାଏ। ଅତିରିକ୍ତ ଭାବରେ ଅଧିକାଂଶ ବ୍ୟାଙ୍କ ବାଏ ବ୍ୟାକ୍ ବିକଳ୍ପ ପ୍ରଦାନ କରିବାକୁ ଚାହିଁ ନଥାନ୍ତି। ଆପଣ ଏହି ସବୁ ସ୍ୱର୍ଣ୍ଣମୁଦ୍ରା କିମ୍ବା ବାର୍ ଗୁଡ଼ିକୁ ପରବର୍ତ୍ତୀ ସମୟରେ ସେହି ବ୍ୟାଙ୍କ କିମ୍ବା ଆର୍ଥିକ ପ୍ରତିଷ୍ଠାନରେ ବିମୋଚନ କିମ୍ବା ନଗଦ ଅର୍ଥ ଆକାରରେ ବିନିମୟ କରିବା ପାଇଁ ସୁଯୋଗ ପାଇନଥାନ୍ତି। କିନ୍ତୁ ଯଦି ଆପଣ ଖିମ୍‌ଜୀ ଜୁଏଲର୍ସ ଷ୍ଟୋର ଯଥା ଭୁବନେଶ୍ୱର, କଟକ, ରାଉରକେଲା ଓ ବ୍ରହ୍ମପୁରରୁ ସ୍ୱର୍ଣ୍ଣ ମୁଦ୍ରା କ୍ରୟ କରନ୍ତି ତେବେ ଆପଣଙ୍କୁ ୯୯୯ ଶୁଦ୍ଧତାର ସ୍ୱର୍ଣ୍ଣମୁଦ୍ରା ଓ ବାର୍ ଉପରେ ୧୦୦ ପ୍ରତିଶତ ବାଏ ବ୍ୟାକ୍ ଗ୍ୟାରେଣ୍ଟି ମିଳିଥାଏ। ଏହାର ଅର୍ଥ ଆପଣ ପ୍ରଚଳିତ ମୂଲ୍ୟରେ ଖିମ୍‌ଜୀ ଜୁଏଲର୍ସରୁ କ୍ରୟ କରିଥିବା ସ୍ୱର୍ଣ୍ଣ ମୁଦ୍ରା କିମ୍ବା ବାର୍‌କୁ ବିମୋଚନ କରାଇ ପାରିବେ କିମ୍ବା ନଗଦ ଅର୍ଥ ଆକାରରେ ତାର ମୂଲ୍ୟକୁ ଯେକୌଣସି ସମୟରେ ଆବଶ୍ୟକତା ଅନୁଯାୟୀ ପାଇପାରିବେ। ଆହୁରି ମଧ୍ୟ ଗ୍ରାହକଙ୍କ ସୁବିଧା ପାଇଁ ଖିମ୍‌ଜୀ ଜୁଏଲର୍ସରେ ରହିଛି ବିଭିନ୍ନ ପ୍ରକାରର ଯଥା ୯୯୯ ଶୁଦ୍ଧ ସ୍ୱର୍ଣ୍ଣ ମୁଦ୍ରା ଯାହା ୧ ଗ୍ରାମ, ୫ ଗ୍ରାମ, ୧୦ ଗ୍ରାମ, ୫୦ ଗ୍ରାମ ଏବଂ ୧୦୦ ଗ୍ରାମର ସୁନା ବାର୍‌ର ବିପୁଳ ସମ୍ଭାର।

> ଆମର **ସ୍ୱତନ୍ତ୍ର ଧନତେରସ ଅଫରର** ଅଂଶ ଭାବରେ ବିଆଇଏସ ହଲ୍‌ମାର୍କ ଯୁକ୍ତ ସୁନା ଗହଣା ସହିତ ସୁନା ଓ ରୂପା ଏବଂ ମୂଲ୍ୟବାନ ଧାତୁର ଗହଣା ଉପରେ ଆକର୍ଷଣୀୟ ରିହାତି ବ୍ୟବସ୍ଥା ରହିଛି ଓ **ବାଏ ବ୍ୟାକ୍ ଗ୍ୟାରେଣ୍ଟି** ସହିତ ୯୯୯ **ଶୁଦ୍ଧତାର ସ୍ୱର୍ଣ୍ଣ ମୁଦ୍ରା** ଓ **ବାର୍** ଉପଲବ୍ଧ ରହିଛି।

ଏହି ଧନତେରସ୍‌ର ଶୁଭ ଅବସରରେ ଖିମ୍‌ଜୀ ଗ୍ରୁପ୍‌ର ନିର୍ଦ୍ଦେଶକ ଶ୍ରୀଯୁକ୍ତ ମିତେଶ ଖିମ୍‌ଜୀ କହିଛନ୍ତି ଓଡ଼ିଶାରେ ଗହଣା ବ୍ୟବସାୟରେ ସ୍ୱଚ୍ଛତା ଏବଂ ବିଶ୍ୱାସକୁ ବଜାୟ ରଖିବା ପାଇଁ ଆମେସବୁବେଳେପ୍ରୟାସକରିଆସିଛୁ।ଯେଉଁଥିରେ ଆମର ପ୍ରତ୍ୟେକଟି ଉତ୍ପାଦରେ ରହିଛି ଉଚ୍ଚ ମାନର ସ୍ୱଚ୍ଛତା, ଗୁଣବତ୍ତା, ବ୍ୟବସାୟିକତା ଏବଂ ଗ୍ରାହକଙ୍କ ମନଉପଯୋଗୀ ସମ୍ଭାର। ଧନତେରସ ସମୟରେ ସୁନା ଓ ରୂପା ଗହଣା ବିଶେଷତଃ ସୁନା ଏବଂ ରୂପା ମୁଦ୍ରା ଓ ବାର୍‌ର ଅଧିକ ବିକ୍ରି ହୋଇଥାଏ।

ସୁନା ଓ ରୂପା ଗହଣା କିଣାକିଣିର ବିପୁଳ ଆଗ୍ରହକୁ ଆଖି ଆଗରେ ରଖି ଏବଂ ବିଶେଷତଃ ଧନତେରସ୍ ଅବସରରେ ସ୍ୱର୍ଣ୍ଣ ମୁଦ୍ରା ଓ ବାର୍ ରଖିଛୁ ।

ଆମର ସ୍ୱତନ୍ତ୍ର ଧନତେରସ ଅଫରର ଅଂଶ ଭାବରେ ବିଆଇଏସ ହଲ୍‌ମାର୍କ ଯୁକ୍ତ ସୁନା ଗହଣା ସହିତ ସୁନା ଓ ରୂପା ଏବଂ ମୂଲ୍ୟବାନ ଧାତୁର ଗହଣା ଉପରେ ଆକର୍ଷଣୀୟ ରିହାତି ବ୍ୟବସ୍ଥା ରହିଛି ଓ ବାଏ ବ୍ୟାକ୍ ଗ୍ୟାରେଣ୍ଟି ସହିତ ୯୯୯ ଶୁଦ୍ଧତାର ସ୍ୱର୍ଣ୍ଣ ମୁଦ୍ରା ଓ ବାର୍ ଉପଲବ୍ଧ ରହିଛି।

ଖିମ୍‌ଜୀ ଜୁଏଲର୍ସ ଓଡ଼ିଶାରେ ଗହଣା ବ୍ୟବସାୟରେ ସ୍ୱଚ୍ଛତା ଏବଂ ବିଶ୍ୱାସର ଅଗ୍ରଦୂତ ଅଟେ ଏବଂ ଭୁବନେଶ୍ୱର, କଟକ, ରାଉରକେଲା ଓ ବ୍ରହ୍ମପୁର ଠାରେ ଭବ୍ୟ ଗହଣା ଷ୍ଟୋର ସହିତ ଏହା ଓଡ଼ିଶାର ଲୋକମାନଙ୍କର ବିଶ୍ୱସନୀୟ ହୋଇଥିବାରୁ ବିଶେଷ ଗୌରବର ଅଧିକାରୀ ହୋଇପାରିଛି।

KHIMJI®
Jewellers since 1936

ଏପରି କେବେ ଭାବିବ ନାହିଁ ଯେ, ସତ୍ୟ ଓ ମିଥ୍ୟା-ଆଲୋକ ଏବଂ ଅନ୍ଧକାର-ଆତ୍ମଦାନ ଏବଂ ସ୍ୱାର୍ଥପରତା-ଉଭୟଙ୍କୁ ଭଗବାନଙ୍କ ଲାଗି ନିବେଦିତ ହୋଇଥିବା ମନ୍ଦିର ଭିତରେ ଏକ ସଙ୍ଗେ ବାସ କରିବାକୁ ଦିଆଯାଏ। ଦିବ୍ୟ ରୂପାନ୍ତର ହେବ ସର୍ବାଙ୍ଗୀନ। ତେଣୁ ଯାହା କିଛି ତାର ପ୍ରତିରୋଧୀ ସେ ସବୁର ସର୍ବାଙ୍ଗୀନ ପରିହାର ନିତାନ୍ତ ଆବଶ୍ୟକ।
-ଶ୍ରୀଅରବିନ୍ଦ



# ଭଣ୍ଡାର ନୀତି ସୁଧାର

ଖାଦ୍ୟଶସ୍ୟ ଭଣ୍ଡାରଘରେ ସାଇତି ରଖିବା ଏକ ଖର୍ଚ୍ଚବହୁଳ ଓ କଷ୍ଟକର କାର୍ଯ୍ୟ। ପ୍ରତି କୁଇଣ୍ଟାଲ ଗହମ ଓ ଚାଉଳକୁ ସାଇତି ରଖିବା ପାଇଁ କେନ୍ଦ୍ର ସରକାର ପ୍ରାୟ ୯ ଟଙ୍କା, ଅର୍ଥାତ୍ ଟନ୍ ପିଛା ୯୦ ଟଙ୍କା ଖର୍ଚ୍ଚ କରୁଛନ୍ତି। ତା'ଛଡ଼ା ମଣ୍ଡିରୁ ଗୋଦାମଘରକୁ ପରିବହନ କରି ନେବା, ରାଜ୍ୟ ରାଜ୍ୟ ଭିତରେ ପରିବହନ ବାବଦ ଭଡ଼ା, ପରିବହନରେ ବିଳମ୍ବଜନିତ ବ୍ୟୟ ଏବଂ ଅନେକ ଆନୁଷଙ୍ଗିକ ଖର୍ଚ୍ଚ ବି ରହିଛି। ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ)କୁ ଖାଦ୍ୟଶସ୍ୟ ସଂଗ୍ରହ ଓ ସଂରକ୍ଷଣର ଦାୟିତ୍ୱ ଓ ଅଧିକାର ଦିଆଯାଇଛି। କେନ୍ଦ୍ର ବଜେଟରେ ସରକାର ଖାଦ୍ୟ ପାଇଁ ଯେଉଁ ସବ୍‌ସିଡି ଦେଉଛନ୍ତି, ସେଇଥିରୁ ଏ ଖର୍ଚ୍ଚ ଭରଣା କରାଯାଏ। ଏଫ୍‌ସିଆଇ ଏହାକୁ ଦେଶର ଯେକୌଣସି ସ୍ଥାନରେ ଜରୁରୀ ପରିସ୍ଥିତିରେ ବ୍ୟବହାର ପାଇଁ ବ୍ୟାବହାରିକ ଓ ବଫର ଷ୍ଟକ୍ ଭାବେ ସାଇତି ରଖେ। ବଫର ମାନେ ମରୁଡ଼ି, ଶସ୍ୟହାନି ଭଳି ପରିସ୍ଥିତିରେ ଗଚ୍ଛିତ ଖାଦ୍ୟଶସ୍ୟର ଯଥାର୍ଥ ଉପଯୋଗ କରିବା ଏବଂ ଦରବୃଦ୍ଧି ଭଳି ପରିସ୍ଥିତିର ମୁକାବିଲା କରିବା। ତେବେ ଏତେ ପରିମାଣର ଖାଦ୍ୟଶସ୍ୟକୁ ସାଇତି ରଖିବା ପାଇଁ ଦେଶରେ ଯଥେଷ୍ଟ ଭଣ୍ଡାର ଭିତ୍ତିଭୂମିର ଅଭାବ ରହିଛି। ଏଫ୍‌ସିଆଇର ନିଜସ୍ୱ ଭଣ୍ଡାରଘର ପୂର୍ଣ୍ଣ ହୋଇଗଲେ ଏହା କେନ୍ଦ୍ରୀୟ ୱେୟାର୍‌ହାଉସିଂ କର୍ପୋରେଶନ (ସିଡବ୍ଲ୍ୟୁସି ଓ ରାଜ୍ୟ ୱେୟାର୍‌ହାଉସିଂ କର୍ପୋରେଶନ (ଏସ୍‌ଡବ୍ଲ୍ୟୁସି)ର ଭଣ୍ଡାର ଘରେ ବ୍ୟାବହାରିକ ଓ ବଫର ଷ୍ଟକ୍‌ଗୁଡ଼ିକୁ ସାଇତି ରଖେ। ସେତକ ବି ଯଦି ଯଥେଷ୍ଟ ନ ହୁଏ ତେବେ ଏଫ୍‌ସିଆଇ ଘରୋଇ ଗୋଦାମ ଘରଗୁଡ଼ିକୁ ଭଡ଼ାରେ ନିଏ। ବର୍ତ୍ତମାନ ଦେଶରେ ବଫର ଷ୍ଟକ୍ ଭାବେ ଯେତିକି ଖାଦ୍ୟଶସ୍ୟ ରଖାଯାଉଛି, ତାହା ଆବଶ୍ୟକତାଠାରୁ ଅଢ଼େଇଗୁଣ ଅଧିକ।

ବର୍ତ୍ତମାନ ରାଜସ୍ୱ ଆଦାୟରେ ହ୍ରାସ, ଆର୍ଥିକ ମାନ୍ଦାବସ୍ଥା, ବିତ୍ତୀୟ ନିଅଣ୍ଟ ପରିମାଣ ବୃଦ୍ଧି, ଅଭିବୃଦ୍ଧି ହ୍ରାସ ଓ ଉପଭୋକ୍ତାଙ୍କ ଚାହିଦା ହ୍ରାସ ପାଇ ଚାଲିଥିବା ବେଳେ ଖାଦ୍ୟଶସ୍ୟ ସାଇତି ରଖିବା ପାଇଁ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବାର କୌଣସି କାରଣ ନାହିଁ। ଖାଦ୍ୟଶସ୍ୟ ସୁରକ୍ଷିତ ଭାବେ ସାଇତି ରଖିବା ନିମନ୍ତେ ଭାରତର ସୁନାମ ନାହିଁ। ପ୍ରତିବର୍ଷ ପରିବହନ ସମୟରେ ଓ ଗୋଦାମ ଘରେ ସାଇତି ରଖିବା ଅବସରରେ ଲକ୍ଷ ଲକ୍ଷ ମେଟ୍ରିକ୍ ଟନ୍ ଖାଦ୍ୟଶସ୍ୟ ନଷ୍ଟ ହୋଇଥାଏ। ତା' ସହ ଗୋଦାମ ଘରେ ଥିବା ସମୟରେ ଚୋରି ହେବା ଓ ଖାଦ୍ୟଶସ୍ୟର ଗୁଣାତ୍ମକ ମାନ ନଷ୍ଟ ହେବା ମଧ୍ୟ ଦେଖାଯାଏ। ଖେତରୁ ଥାଳି ପର୍ଯ୍ୟନ୍ତ ଆସିବା ଭିତରେ ଖାଦ୍ୟଶସ୍ୟର ଏକ ଉଲ୍ଲେଖନୀୟ ଅଂଶ ନଷ୍ଟ ହୋଇଥାଏ। ସଂରକ୍ଷଣ ସମୟରେ ଖାଦ୍ୟଶସ୍ୟ ନଷ୍ଟ ହେବା ଯୋଗୁ ଯେତିକି ଆର୍ଥିକ କ୍ଷତି ଘଟେ, ତା' ସହ ସଂରକ୍ଷଣ ଲାଗି ନିଯୁକ୍ତ କର୍ମଚାରୀମାନଙ୍କ ଦରମା ଆଦି ବାବଦକୁ ମଧ୍ୟ ବହୁ ଟଙ୍କା ଖର୍ଚ୍ଚ ହୁଏ। ଏହା ଖରାପ ଟଙ୍କା ଉପରେ ଭଲ ଟଙ୍କା ଖର୍ଚ୍ଚ କରିବା ପରି। ଖାଦ୍ୟ ସବ୍‌ସିଡିକୁ ଏପରି ଭାବେ ସଂରକ୍ଷଣଜନିତ କୁପରିଚାଳନାରେ ବ୍ୟୟ କରିବା ଉଚିତ ନୁହେଁ। ସଂରକ୍ଷଣଜନିତ କୁପରିଚାଳନାରେ ଏପରି ଭାବେ ପ୍ରଭୂତ ଖାଦ୍ୟଶସ୍ୟ ନଷ୍ଟ ହେଉଥିବା ବିଷୟ ନେଇ ଏକଦା ସୁପ୍ରିମ୍‌କୋର୍ଟରେ ଅପିଲ କରାଯାଇଥିଲା। ନଷ୍ଟ ନ କରି ଖାଦ୍ୟଶସ୍ୟକୁ ବରଂ ଗରିବ ଲୋକଙ୍କୁ ମାଗଣାରେ ବାଣ୍ଟିଦେବା ଉଚିତ ବୋଲି ସୁପ୍ରିମ୍‌କୋର୍ଟ ସରକାରଙ୍କୁ ପରାମର୍ଶ ଦେଇଥିଲେ। କିନ୍ତୁ ସରକାର ଏହି ପରାମର୍ଶ ଗ୍ରହଣ କରିନାହାନ୍ତି।

ନୂତନ ବଫର ମାନଦଣ୍ଡ ଅନୁସାରେ କେନ୍ଦ୍ର ପାଖରେ ପ୍ରତିବର୍ଷ ଜୁଲାଇ ୧ ସୁଦ୍ଧା ୪୧.୧ ନିୟୁତ ଟନ୍ ଏବଂ ଅକ୍ଟୋବର ୧ ସୁଦ୍ଧା ୩୦.୭ ନିୟୁତ ଟନ୍ ଚାଉଳ ଓ ଗହମ ରହିବା ଉଚିତ। କିନ୍ତୁ ସେପ୍ଟେମ୍ବର ସୁଦ୍ଧା ସରକାରଙ୍କ କେନ୍ଦ୍ରୀୟ ଭଣ୍ଡାରରେ ୭୩.୬ ନିୟୁତ ଟନ୍ ଖାଦ୍ୟଶସ୍ୟ ଥିଲା ଯାହା ଉକ୍ତ ବଫର ମାନଦଣ୍ଡ ତୁଳନାରେ ୨.୪ ଗୁଣ ଅଧିକ ଏବଂ ଜୁଲାଇ ସୁଦ୍ଧା ଯେତିକି ଖାଦ୍ୟଶସ୍ୟ ଥିଲା ତାହା ଉକ୍ତ ମାନଦଣ୍ଡଠାରୁ ୮୦ ପ୍ରତିଶତ ଅଧିକ। ଖରିଫ ଋତୁର ଖାଦ୍ୟଶସ୍ୟ ସଂଗ୍ରହ ନଭେମ୍ବରଠାରୁ ଆରମ୍ଭ ହେଉଥିବାରୁ ଉକ୍ତ ସଂରକ୍ଷିତ ପରିମାଣ ଆହୁରି ବୃଦ୍ଧି ପାଇବ। ସରକାର ଖାଦ୍ୟଶସ୍ୟର ମୂଲ୍ୟ ଅନ୍ତର୍ଜାତୀୟ ବଜାର ସହ ପ୍ରତିଯୋଗିତାକ୍ଷମ କଲେ ତାହା ବିଦେଶୀ ବଜାରକୁ ରପ୍ତାନି କରାଯାଇପାରିବ। ବଫର ସୀମାଠାରୁ ଅଧିକ ଖାଦ୍ୟଶସ୍ୟ ମହଜୁଦ ରଖିବା ଏବଂ ତା'ର ସଂରକ୍ଷଣ ଓ ନଷ୍ଟ ହେବା ବାବଦକୁ ହଜାର ହଜାର କୋଟି ଟଙ୍କା ବ୍ୟୟ କରିବା ବୁଦ୍ଧିମାନର କାର୍ଯ୍ୟ ନୁହେଁ। ସରକାର ନିଜ ନୀତିରେ ସୁଧାର ଆଣିବା ଦରକାର। ଦେଶର କୌଣସି ସ୍ଥାନରେ ମରୁଡ଼ି, ଶସ୍ୟହାନି ପରି ଜରୁରୀ ପରିସ୍ଥିତି ସୃଷ୍ଟି ହେଲେ ସେଠାକୁ ଖାଦ୍ୟଶସ୍ୟ ପଠାଯାଇପାରିବ। ସରକାର ଖାଦ୍ୟଶସ୍ୟ ମହଜୁଦ ବ୍ୟବସ୍ଥାକୁ କୃତ୍ରିମ ଭାବରେ ନିୟନ୍ତ୍ରଣ କରିବା ବନ୍ଦ କରିବା ଦରକାର। ଖାଦ୍ୟଶସ୍ୟର ମୂଲ୍ୟ ନିର୍ଦ୍ଧାରଣକୁ ମୁକ୍ତ କରିଦେବା ଉଚିତ। ତାହାକୁ ବଜାରର ନିୟନ୍ତ୍ରଣରେ ଛାଡ଼ିଦେବା ଆବଶ୍ୟକ। ସରକାର ଯେହେତୁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) କେବଳ ଧାନ ଓ ଗହମ ପରି ନିର୍ଦ୍ଦିଷ୍ଟ ଖାଦ୍ୟଶସ୍ୟ ପାଇଁ ଦେଉଛନ୍ତି, ତେଣୁ କୃଷକମାନେ ଏହି ଚାଷ ସହ ବାନ୍ଧି ହୋଇଯାଉଛନ୍ତି। ବିଶେଷତଃ ଧାନଚାଷ ବିପୁଳ ଜଳ ଆବଶ୍ୟକ କରିବା ସହ ମୃତ୍ତିକାର ମାନରେ ଅବନତି ଘଟାଇଥାଏ। ନାବାର୍ଡ ଓ ଆଇସିଆର୍‌ଆଇଇଆର୍ ଏକ ରିପୋର୍ଟରେ ଧାନ ଉତ୍ପାଦନର ଏକ ବଡ଼ ଅଂଶ କେନ୍ଦ୍ରୀୟ ଓ ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକୁ ସ୍ଥାନାନ୍ତରର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଛି। ପଞ୍ଜାବ ଓ ହରିୟାଣାର ଧାନଚାଷ ହେଉଥିବା ଅଞ୍ଚଳରେ ଜଳସେଚନ ଜରିଆରେ ଗହମ ଚାଷ କରିବା ପାଇଁ ମଧ୍ୟ ଏଥିରେ ପ୍ରସ୍ତାବ ଦିଆଯାଇଛି। ୨୦୩୦ ସୁଦ୍ଧା ଭାରତରେ ଆସନ୍ନ ଜଳ ସଂକଟର ମୁକାବିଲା କରିବାରେ ମଧ୍ୟ ଏହା ସାହାଯ୍ୟ କରିବ ବୋଲି କୁହାଯାଇଛି। ତା'ଛଡ଼ା କୃଷକମାନେ ଧାନ ଓ ଗହମକୁ ଛାଡ଼ି ଫଳମୂଳ, ପନିପରିବା, ମକା, ବାଜରା ଓ ଅନ୍ୟ ଖାଦ୍ୟଶସ୍ୟ ଚାଷ କଲେ ଭାରତର ପୌଷ୍ଟିକ ଅଭାବ ପୂରଣ ହେବା ସହ ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ବି ଏହା ସହାୟକ ହୋଇପାରିବ।

## ଆଜିର ଅର୍ଥନୀତି

# ଗିଲ୍‌ଗିଟ-ବଲ୍‌ତିସ୍ତାନର ଗୁରୁତ୍ୱ



ଡ. ବାଞ୍ଛାନିଧି ପଣ୍ଡା

ଜମ୍ମୁ-କଶ୍ମୀର ସମସ୍ୟାକୁ ସମୁଚିତ ଭାବରେ ବୁଝିବା ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟ ମଧ୍ୟରେ ଗିଲ୍‌ଗିଟ-ବଲ୍‌ତିସ୍ତାନ କ୍ଷେତ୍ରର ମହତ୍ତ୍ୱ ଅନ୍ୟତମ। ୧୯୪୭ରେ ପାକିସ୍ତାନ ଭାରତ ଉପରେ ଆକ୍ରମଣ କରି ଭାରତବର୍ଷର ଯେଉଁ ଭୂଖଣ୍ଡକୁ ଅବୈଧ ଭାବରେ କବ୍ଜା କରି ରଖିଛି ସେଥିରେ ଗିଲ୍‌ଗିଟ-ବଲ୍‌ତିସ୍ତାନ କ୍ଷେତ୍ର ଅନ୍ତର୍ଭୁକ୍ତ। ଏହାର ପ୍ରଶାସନିକ କେନ୍ଦ୍ର ହେଉଛି ଗିଲ୍‌ଗିଟ ସହର।

ପୃଥିବୀରେ ସାମରିକ ଦୃଷ୍ଟିରୁ ଅତ୍ୟନ୍ତ ସମ୍ବେଦନଶୀଳ କେତେକ ଅଞ୍ଚଳ ମଧ୍ୟରେ ଏହି କ୍ଷେତ୍ରଟି ଅନ୍ୟତମ। ପାଞ୍ଚଟି ଦେଶର ସୀମା ଏହି କ୍ଷେତ୍ରକୁ ସ୍ପର୍ଶ କରିଛି। ସେହି ଦେଶଗୁଡ଼ିକ ହେଲା ପାକିସ୍ତାନ, ଆଫଗାନିସ୍ତାନ, ତାଜିକିସ୍ତାନ (ପୂର୍ବତନ ସୋଭିଏତ୍‌ର ଅଙ୍ଗ ପ୍ରଜାତନ୍ତ୍ର), ଚାଇନା (ଜିନ୍‌ଜିଆଙ୍ଗ) ଓ ତିବ୍ବତ। କେନ୍ଦ୍ର ଏସିଆ ଓ ଦକ୍ଷିଣ ଏସିଆକୁ ସଂଯୋଗ କରୁଥିବା ଏହି ଦୁର୍ଗମ କ୍ଷେତ୍ରରେ ଉପସ୍ଥିତି ଦ୍ୱାରା କୌଣସି ଦେଶ ସମଗ୍ର ଏସିଆରେ ନିଜର ପ୍ରଭୁତ୍ୱ ଜାହିର କରିପାରିବ। ତେଣୁ ପୃଥିବୀର ସମସ୍ତ ଶକ୍ତିଶାଳୀ ଦେଶ ଏଠାରେ ନିଜର ଉପସ୍ଥିତି ପାଇଁ ଆପ୍ରାଣ ଚେଷ୍ଟା କରିଆସୁଛନ୍ତି। ୭୨,୯୧୭ ବର୍ଗ କି.ମି. ପରିମିତ ଏହି କ୍ଷେତ୍ରର ଜନସଂଖ୍ୟା ପ୍ରାୟ ୧୦ ଲକ୍ଷ। ଦୁଇଟି ଡିଭିଜନ ଥିବା ଏହି କ୍ଷେତ୍ରରେ ବଲ୍‌ତିସ୍ତାନର ଦୁଇଟି ଓ ଗିଲ୍‌ଗିଟର ପଞ୍ଚୋଟି ଜିଲା ଅଛି।

ଏହି ଅଞ୍ଚଳ ଉପରେ ଭାରତବର୍ଷର ନ୍ୟାୟୋଚିତ ଅଧିକାରକୁ ଦୁର୍ବଳ କରିବା ପାଇଁ ୨୯ ଅଗଷ୍ଟ ୨୦୦୯ରେ ଗିଲ୍‌ଗିଟ-ବଲ୍‌ତିସ୍ତାନ ଅଧିକାରିତା ଏବଂ ସ୍ୱପ୍ରଶାସନ ଆଦେଶ ପାକିସ୍ତାନ ମନ୍ତ୍ରିମଣ୍ଡଳରେ ଗୃହୀତ ହୋଇ ରାଷ୍ଟ୍ରପତିଙ୍କ ସ୍ୱୀକୃତି ଲାଭ କଲା। ନିର୍ବାଚନ ଦ୍ୱାରା ଗଠିତ ବିଧାନସଭା ମାଧ୍ୟମରେ ଲୋକଙ୍କୁ ଶାସନର ସୁଯୋଗ ଦେବା ଏହି ବ୍ୟବସ୍ଥାର ଉଦ୍ଦେଶ୍ୟ ବୋଲି ଘୋଷଣା କରାଗଲା। ଏହା ବିରୋଧରେ ଭାରତ ଓ ଗିଲ୍‌ଗିଟ-ବଲ୍‌ତିସ୍ତାନ ଅଞ୍ଚଳରେ ବିରୋଧ ପ୍ରଦର୍ଶନ କରାଯାଇ ବନ୍ଦ ପାଳନ କରାଗଲା।

ଇଂଲଣ୍ଡ ନିଜ ଆର୍ଥିକ ହିତ ଦୃଷ୍ଟିରୁ ପୂର୍ବ ଦେଶଗୁଡ଼ିକୁ ଯୋଡୁଥିବା ସଡକମାର୍ଗ ଉପରେ ଆଧିପତ୍ୟ ବିସ୍ତାର କରିବାକୁ ଚାହୁଁଥିଲା। ୧୯୧୯ ରୁଷ୍ ବିପ୍ଳବର ପରିଣାମ ସ୍ୱରୂପ ରୁଷ୍‌ରେ କମ୍ୟୁନିଷ୍ଟ ସରକାର ସ୍ଥାପିତ ହେବା ପରେ ଇଂଲଣ୍ଡ ନିଜ ଆଧିପତ୍ୟ ବିସ୍ତାର କ୍ଷେତ୍ରରେ ଏକ ନୂତନ ପ୍ରତିଦ୍ୱନ୍ଦ୍ୱିତାର ଆଶଙ୍କା କଲା। ୧୯୭୫ରେ ତାଜିକିସ୍ତାନକୁ ଅଧିକାର କରିବା ପରେ ରୁଷ୍‌ର ସୀମା ଗିଲ୍‌ଗିଟ କ୍ଷେତ୍ରକୁ ସ୍ପର୍ଶ କଲା। ରୁଷ୍ ଓ ଚାଇନାର ବିସ୍ତାରକୁ ରୋକିବା ପାଇଁ ଗିଲ୍‌ଗିଟ କ୍ଷେତ୍ରର ସୁରକ୍ଷା ଓ ପ୍ରଶାସନର ଦାୟିତ୍ୱ ନିଜ ହାତରେ ରଖିବା ଲାଗି ଇଂଲଣ୍ଡ ମନସ୍ଥ କଲା। ଏହି କ୍ଷେତ୍ର ମହାରାଜ ହରି ସିଂଙ୍କ ଦ୍ୱାରା ଶାସିତ ଜମ୍ମୁ-କଶ୍ମୀରର ଅଂଶ ଥିଲା। ତେଣୁ ଏହାକୁ ଇଂଲଣ୍ଡ ହାତରେ ଟେକିଦେବା ପାଇଁ ହରି ସିଂଙ୍କ ଉପରେ ଇଂଲଣ୍ଡ ଚାପ ସୃଷ୍ଟି କଲା। ମାତ୍ର ହରି ସିଂ ଏହି ଅଞ୍ଚଳରେ ନିଜର ସାର୍ବଭୌମତ୍ୱ ଛାଡିବା ପାଇଁ ପ୍ରସ୍ତୁତ ନ ଥିଲେ। ଏହି ଅଞ୍ଚଳରେ ବ୍ରିଟିଶ୍ ସରକାର ପ୍ରାୟୋଜିତ ମହାରାଜା ବିରୋଧୀ ଆନ୍ଦୋଳନ ମୁଣ୍ଡ ଟେକିଲା। ଶେଷରେ ହରି ସିଂ ବାଧ୍ୟହୋଇ ବ୍ରିଟିଶ୍ ସରକାର ସହ ବୁଝାମଣା କଲେ। ସିନ୍ଧୁନଦୀର ଅପର ପାର୍ଶ୍ୱରେ ଗିଲ୍‌ଗିଟର ଏକ ଅଂଶକୁ ଷାଠିଏ ବର୍ଷ ପାଇଁ ବ୍ରିଟିଶ୍ ସରକାରକୁ ପଟ୍ଟାରେ ଦେଲେ। ବ୍ରିଟିଶ୍ ସରକାର ଏହି ଅଞ୍ଚଳକୁ ଗିଲ୍‌ଗିଟ ଏଜେନ୍ସି ନାମ ଦେଇ ତା'ର ସୁରକ୍ଷା ପାଇଁ ଗିଲ୍‌ଗିଟ ସ୍କାଉଟ ନାମରେ ଏକ ସୈନ୍ୟବାହିନୀ ଗଠନ କଲେ। ଭାରତବର୍ଷର ସ୍ୱାଧୀନତା ସମୟରେ ଏହି ଅଞ୍ଚଳକୁ ଇଂରେଜମାନେ ମହାରାଜାଙ୍କୁ ଫେରସ୍ତ କରିଦେଇଥିଲେ।

ଚାଇନାର କ୍ରମବର୍ଦ୍ଧିଷ୍ଣୁ ପ୍ରଭାବକୁ ରୋକିବା ଉଦ୍ଦେଶ୍ୟରେ ରୁଷିଆ ଗିଲ୍‌ଗିଟ ଅଞ୍ଚଳରେ ନିଜର ପ୍ରଭାବ ବିସ୍ତାର ପାଇଁ ଚାହୁଁଥିଲା। ଏହାକୁ ଦୃଷ୍ଟିରେ ରଖି ରୁଷିଆ ଷାଠିଏ ଦଶକରେ ପାକିସ୍ତାନକୁ ବିଭିନ୍ନ ସମୟରେ ସହଯୋଗ କରି ଆସୁଥିଲା।

ଚାଇନା କ୍ରମାଗତ ଭାବରେ ପିଓକେରେ ନିଜର କାର୍ଯ୍ୟକଳାପ ବିସ୍ତାର କରିଚାଲିଛି। ଭାରତ ବିପକ୍ଷରେ ଚାଇନାର ସକ୍ରିୟ ସହଯୋଗ ଆଶାରେ ପାକିସ୍ତାନ ଚାଇନାକୁ ସହଯୋଗ କରୁଛି। ଗିଲ୍‌ଗିଟ-ବଲ୍‌ତିସ୍ତାନ କ୍ଷେତ୍ରରେ ଥିବା ଶକଗାମ ପଥ ନାମରେ ପରିଚିତ ଛଅ ହଜାର ବର୍ଗ କି.ମି.ର ଏକ ଅଂଶକୁ ପାକିସ୍ତାନ ଚାଇନାକୁ ଅର୍ପଣ କରିଛି। 'ଚାଇନା-ପାକିସ୍ତାନ-ଇକୋନୋମିକ-କରିଡର' ଦେଇ ଚାଇନା ପାକିସ୍ତାନର ଗ୍ୱାଦର ବନ୍ଦରରେ ପହଞ୍ଚି ସାରିଲାଣି, ଯାହାକି ସାମରିକ ଦୃଷ୍ଟିରୁ ଭାରତ ପାଇଁ ଅତ୍ୟନ୍ତ ବିପଜ୍ଜନକ। ବର୍ତ୍ତମାନ ଗିଲ୍‌ଗିଟ ଅଞ୍ଚଳରେ ଚାଇନାର ଏଗାର ହଜାର ସୈନ୍ୟ ଉପସ୍ଥିତ ଅଛନ୍ତି। ବିଗତ କିଛି ବର୍ଷ ଭିତରେ ଚାଇନା ଏଠାରେ ୬୫ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ କରିଛି। ଅନେକ ଚାଇନା କମ୍ପାନୀ ଓ କର୍ମଚାରୀ ସେଠାରେ କାର୍ଯ୍ୟରତ ଅଛନ୍ତି। ଗିଲ୍‌ଗିଟର ଅସ୍ତୋର ଜିଲାସ୍ଥିତ ବୁଞ୍ଜିଠାରେ ସାତ ହଜାର ମେଗାୱାଟ୍ ସମ୍ପନ୍ନ ଏକ ବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣ କରିବା ପାଇଁ ପାକିସ୍ତାନ ଚାଇନାକୁ ଅନୁମତି ପ୍ରଦାନ କରିଛି। ଆମେରିକା ଜମ୍ମୁ-କଶ୍ମୀରକୁ ବିବାଦୀୟ ଅବସ୍ଥାରେ ରଖିବା ପାଇଁ ଚାହୁଁଛି। ଭାରତ-ପାକିସ୍ତାନ ମଧ୍ୟରେ ଜମ୍ମୁ-କଶ୍ମୀର ଏକ ସ୍ୱାଧୀନ ରାଷ୍ଟ୍ର ରୂପେ ଛିଡାହେଉ, ଏହା ଆମେରିକାର ଇଚ୍ଛା। କାରଣ କୂଟନୈତିକ ଦୃଷ୍ଟିରୁ ଏହା ଆମେରିକା ପାଇଁ ଅନୁକୂଳ। ଜମ୍ମୁ-କଶ୍ମୀରରେ ଯଦି ଆମେରିକାକୁ ଉପସ୍ଥିତିର ସୁଯୋଗ ମିଳେ ତେବେ ସେ ଚାଇନା ସମେତ ଏସିଆ ଓ ଦକ୍ଷିଣ ଏସିଆ ଆଞ୍ଚଳିକ ସହଯୋଗ (ସାର୍କ) ରାଷ୍ଟ୍ରଗୁଡିକ ଉପରେ ଦୃଷ୍ଟି ନିବଦ୍ଧ କରିପାରିବ।

୧୯୫୦ ଦଶକରେ ଆମେରିକା ହିଁ ଶେଖ୍ ଅବଦୁଲ୍ଲାଙ୍କ ସ୍ୱତନ୍ତ୍ର ଜମ୍ମୁ-କଶ୍ମୀରର ଆକାଂକ୍ଷାକୁ ଜାଗ୍ରତ କରି ରଖିଥିଲା। ଭାରତ ବିରୋଧରେ ସମସ୍ତ ଆତଙ୍କବାଦୀ ଘଟଣାରେ ଆଇଏସ୍‌ଆଇର ହାତ ଥିବା ପ୍ରମାଣ ମିଳିଲେ ମଧ୍ୟ ପାକିସ୍ତାନ ବିରୋଧରେ ଆମେରିକା କୌଣସି ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରିନାହିଁ। ଚାଇନା ମଧ୍ୟ ଗିଲ୍‌ଗିଟ ବଲ୍‌ତିସ୍ତାନରେ ନିଜର ସାମରିକ ହିତକୁ ଧ୍ୟାନରେ ରଖି ଜମ୍ମୁ-କଶ୍ମୀର ବିବାଦକୁ ଉଜ୍ଜୀବିତ ରଖିବା ପାଇଁ ଚାହୁଁଛି। ପାକିସ୍ତାନ ଗିଲ୍‌ଗିଟ-ବଲ୍‌ତିସ୍ତାନରେ ପଞ୍ଜାବୀ ଭାଷାଭାଷୀ ଏବଂ ପଖତୁନ୍ ସୁନ୍ନି ମୁସଲମାନମାନଙ୍କର ବସତି ସ୍ଥାପନ କରି ସେଠାକାର ସ୍ଥାନୀୟ ଲୋକଙ୍କୁ ସଂଖ୍ୟାଲଘୁ କରିବା ପାଇଁ ପ୍ରୟାସ ଜାରି ରଖିଛି। ଏତଦ୍ୱାରା ଗିଲ୍‌ଗିଟ-ବଲ୍‌ତିସ୍ତାନରେ ନିଜର ଅଧିକାରକୁ ଯୁକ୍ତିଯୁକ୍ତ କରିବା ପାଇଁ ପାକିସ୍ତାନ ଚେଷ୍ଟା କରୁଛି। ପାକିସ୍ତାନର ସର୍ବୋଚ୍ଚ ନ୍ୟାୟାଳୟ ୧୯୯୪ରେ ଏକ ଐତିହାସିକ ନିର୍ଣ୍ଣୟରେ ସ୍ପଷ୍ଟ କରିଛନ୍ତି ଯେ, ଗିଲ୍‌ଗିଟ-ବଲ୍‌ତିସ୍ତାନ ଜମ୍ମୁ-କଶ୍ମୀରର ଅଂଶବିଶେଷ। ହରି ସିଂ ସମଗ୍ର ଜମ୍ମୁ-କଶ୍ମୀରକୁ ଭାରତ ସହିତ ବିଲୟ କରିଥିବା ସତ୍ତ୍ୱେ ୨୦୦୯ରେ ପାକିସ୍ତାନ ଗିଲ୍‌ଗିଟ-ବଲ୍‌ତିସ୍ତାନରେ ବିଧାନସଭା ଗଠନ କରିଛି।

ଆନନ୍ଦର ବିଷୟ ଯେ, ଏବେ ଗିଲ୍‌ଗିଟ-ବଲ୍‌ତିସ୍ତାନ ସମେତ ସମଗ୍ର ପାକ୍ ଅଧିକୃତ କଶ୍ମୀରକୁ ଦଖଲ କରିବା ପାଇଁ ଭାରତ ନିଜ ସଂକଳ୍ପ ଘୋଷଣା କରିଛି। ଏହା ହେଲେ ପୃଥିବୀର ଏକ ଅତ୍ୟନ୍ତ ସମ୍ବେଦନଶୀଳ ଅଞ୍ଚଳ ଭାରତରେ ଅନ୍ତର୍ଭୁକ୍ତ ହେବ, ଏଥିରେ ସନ୍ଦେହ ନାହିଁ। କିନ୍ତୁ ଏହା ସହଜ ନୁହେଁ। ପାକିସ୍ତାନ ଯଦି ଭାରତ ଉପରେ କୌଣସି କାରଣରୁ କାର୍‌ଗିଲ ଭଳି ଆକ୍ରମଣ କରେ ତେବେ ଭାରତ ତା'ର ଜବାବ ଦେବାକୁ ଯାଇ ପ୍ରତିଆକ୍ରମଣ ଦ୍ୱାରା ଗିଲ୍‌ଗିଟ-ବଲ୍‌ତିସ୍ତାନ ସମେତ ସମଗ୍ର ପାକ୍ ଅଧିକୃତ କଶ୍ମୀରକୁ ଦଖଲ କରିନେବା ଅସମ୍ଭବ ନୁହେଁ। ତା'ହେଲେ ବିଶ୍ୱ ସମୁଦାୟ ଭାରତକୁ ଦୋଷ ଦେଇପାରିବ ନାହିଁ।

ପଦ୍ମପୁର, ବରଗଡ଼, ମୋ-୯୭୭୭୯୧୧୫୯୦

# ଆମ ବ୍ୟବସ୍ଥାରେ ଦଲାଲ



ରୁଦ୍ର ପ୍ରସନ୍ନ ରଥ

ରାଜ୍ୟରେ ଏବେ ଦଲାଲମାନଙ୍କ ଅବସ୍ଥା ବାରଣ୍ଡା ଦିକଡ଼ା। ଡାକ୍ତରଖାନା ଏବଂ ପରିବହନ କାର୍ଯ୍ୟାଳୟ ଆଗରେ ଚକ୍କର କାଟୁଥିବା ଦଲାଲ ଏବେ ପ୍ରଶାସନର କୋପଦୃଷ୍ଟିରେ। କିଛି ବନ୍ଧା ହୋଇ ଥାନା ଭିତରକୁ ଗଲେଣି ତ ଆଉ କିଛି ଭିତରକୁ ଯିବା ଅପେକ୍ଷା କିଛିଦିନ ପାଇଁ ଗାଏବ ହୋଇଯିବାକୁ ଉଚିତ ମନେ କରୁଛନ୍ତି। ଆଗାମୀ କିଛିଦିନ ଦଲାଲମାନଙ୍କ ଅବସ୍ଥା ଏହିପରି ରହିବ ବୋଲି ଜଣାପଡୁଛି। ରାଜ୍ୟ ସରକାରଙ୍କ ଏପରି ପଦକ୍ଷେପକୁ ଅନେକେ ସ୍ୱାଗତ କରୁଛନ୍ତି।

ଆମ ସାମାଜିକ ଏବଂ ପ୍ରଶାସନିକ ବିଧିବ୍ୟବସ୍ଥା ଭିତରେ ଦଲାଲ ଗୋଟିଏ ବେଶ୍ ସାଧାରଣ ବ୍ୟକ୍ତି। ବାହାଘର ହେଉ କିମ୍ବା ଜମିକିଣା, ମନ୍ଦିର ତୋଳା କିମ୍ବା ଡାକ୍ତରଖାନାରେ ରୋଗୀ ଦେଖାଇବା ଏ ସବୁ କାମ ଯେ ଦଲାଲର ବିନା ଉପସ୍ଥିତିରେ ହୋଇପାରିବ ତାହା ଚିନ୍ତା କରିବା ବି କଷ୍ଟକର। ଏ ଦଲାଲମାନଙ୍କୁ ଚିହ୍ନିବା ପାଇଁ ବିଶେଷ କଷ୍ଟ କରିବାକୁ ପଡ଼େନାହିଁ। ଆପଣ ତାଙ୍କ ରୂପଭେକ, ବୟସ କିମ୍ବା ଶିକ୍ଷାଗତ ଯୋଗ୍ୟତା ଜାଣି ନ ଥାଅନ୍ତୁ ପଛେ ସେମାନେ କିନ୍ତୁ ଆସି ଆପଣଙ୍କ ପାଖରେ ପହଞ୍ଚିଯିବେ। ସମ୍ପୂର୍ଣ୍ଣ ଅଚିହ୍ନା ହୋଇଥିଲେ ବି ଚିହ୍ନିବାର ମିଥ୍ୟା ଅଭିନୟରେ ଏମାନେ ପାରଙ୍ଗମ। କୌଣସି କଥାକୁ ଏମାନେ ନା କହିବା ଶିଖିନାହାନ୍ତି। ଯେକୌଣସି ପରିସ୍ଥିତିରେ ଆପଣ ଥିଲେ ବି ସେମାନେ ଆପଣଙ୍କ କାମ କରିଦେବେ। ଅବଶ୍ୟ ଆପଣଙ୍କ ପରିସ୍ଥିତି ଜଟିଳ ହୋଇଥିଲେ ଦଲାଲଙ୍କ ପାଉଣା ବି ଅଧିକ ହୁଏ। ସବୁଠୁ କମ୍ ସମୟରେ, ସବୁଠାରୁ କମ୍ ଖର୍ଚ୍ଚରେ ଆଉ ସବୁଠାରୁ କଡ଼ା ହାକିମ ପାଖରୁ କାମ କରାଇ ଆଣିବାର ବାହାଦୁରି ସବୁ ଦଲାଲ ନିଜ ନିଜ ଗରାଖ ପାଖରେ ମାରିବାରେ ପଛାନ୍ତି ନାହିଁ। ଆଉ ବୋଧହୁଏ ଆମ ଦେଶର ଜମିଜମା, ପରିବହନ, ଖଣି କାର୍ଯ୍ୟାଳୟ, ଡାକ୍ତରଖାନା ଆଦି ସାମ୍ନାରୁ ଏହିପରି ଲକ୍ଷ ଲକ୍ଷ ଦଲାଲ ପ୍ରତିବର୍ଷ ନିଜର ପାଉଣା ବାବଦରେ କୋଟି କୋଟି ଟଙ୍କା ଜନସାଧାରଣଙ୍କ ପାଖରୁ ସରକାରୀ କାମ କରିବା ଆଉ ସହଜରେ କରାଇଦେବାର ବାହାନା ଦେଇ ଲୁଟି ନିଅନ୍ତି।

ବର୍ଷକୁ କୋଟି କୋଟି ଟଙ୍କା ରୋଜଗାର କରୁଥିବା ଦଲାଲମାନଙ୍କର ନିଜସ୍ୱ ପୁଞ୍ଜି ବିନିଯୋଗ ନ ଥାଏ, ଏ କଥା ସତ। କିନ୍ତୁ ସରକାରୀ ଦପ୍ତରରେ ବସୁଥିବା ବାବୁମାନଙ୍କର 'ଭୋକ'କୁ ସେ ଦଲାଲମାନେ ବେଶ୍ ଭଲଭାବେ ଜାଣିଥାଆନ୍ତି। କାହାକୁ କିପରି ଏବଂ କେତେରେ ସନ୍ତୁଷ୍ଟ କରାଯିବ ସେ ବିଦ୍ୟା ଯେଉଁ ଦଲାଲ ଜାଣିପାରିଲା, ସେ ସେତେ ଆଗକୁ ଯାଏ। ଏହି ଦଲାଲମାନଙ୍କୁ ଧରିସାରିଲା ପରେ ତାଙ୍କୁ ଦଣ୍ଡ ବିଧାନ କରିବା ମଧ୍ୟ କଷ୍ଟକର ହୋଇପଡ଼େ। ଅମଲାତନ୍ତ୍ର ଏବଂ ଦଲାଲର ମଧୁଚନ୍ଦ୍ରିକା ଭିତରେ ଉଭୟେ ଲାଭରେ ରହିଥିବା ବେଳେ ସାଧାରଣ ଲୋକଙ୍କୁ ଅର୍ଥ ବ୍ୟୟ ଏବଂ ସମୟ ନଷ୍ଟର ଭୟ ସବୁବେଳେ ସବୁ ଜାଗାରେ ଘାରୁଥାଏ। ଏ ଭିତରେ ଭାଣ୍ଡିଆ ହୁଏ ପୋଲିସ। ଦଲାଲମାନଙ୍କୁ ବାନ୍ଧି ପକାଏ ସିନା ପ୍ରମାଣ ଯୋଗାଡ଼ କରିପାରେ ନାହିଁ। ଦଲାଲମାନେ ପୁଣି ଜେଲରୁ ବାହାରି ନିଜ କାରନାମା ଦେଖାଇ ଦେଇଥାନ୍ତି। ଅବଶ୍ୟ ଛୋଟମୋଟର ଦଲାଲମାନଙ୍କୁ ଦିନେ ଅଧେ ପୋଲିସ ବାନ୍ଧିପାରେ। କିନ୍ତୁ ଅସ୍ତ୍ରଶସ୍ତ୍ରରେ ଦଲାଲି କରୁଥିବା, ଜମି କାରବାରରେ, ଖଣିରେ, ପାଣିରେ ଦଲାଲି କରି କୋଟି କୋଟି ଟଙ୍କା ଗୋଟାଉଥିବା ଦଲାଲ ପାଖରେ ପୋଲିସ ପହଞ୍ଚିପାରେ ନାହିଁ କାରଣ ସେମାନଙ୍କ ମୁଣ୍ଡ ଉପରେ ରାଜନୈତିକ ନେତାଙ୍କର ହାତ ଥାଏ। ଦେଶର ବଡ଼ ବଡ଼ କେସ୍‌ରେ ଏପରି ଦଲାଲ-ରାଜନେତା ମଧୁଚନ୍ଦ୍ରିକା ବହୁବାର ପ୍ରମାଣିତ। ଏପରି ଅନେକ କ୍ଷେତ୍ରରେ ଦଲାଲମାନେ ଧରାପଡିଛନ୍ତି, ନେତାଙ୍କ ସହ ସେମାନଙ୍କର ଦଲାଲି ଧରାପଡିଛି କିନ୍ତୁ ତା'ପରେ ବି ଅବସ୍ଥା ଯାହାକୁ ତାହା।

ଆମ ବ୍ୟବସ୍ଥାକୁ ଯେ ଆମେ ସରଳ କରିବାରେ ଏବଂ ସାଧାରଣ ଲୋକଙ୍କର ଆବଶ୍ୟକତାକୁ ତୁରନ୍ତ ପୂରଣ କରିବା ଦିଗରେ ବିଫଳ ହୋଇଛେ ତାହାର ଜ୍ୱଳନ୍ତ ପ୍ରମାଣ ହେଉଛନ୍ତି ଏହି ଦଲାଲମାନେ। ନିଜ କାମ ପାଇଁ ଡାକ୍ତରଖାନା, କୋର୍ଟ, ଥାନା ଦଉଡ଼ିଥିବା ଲୋକଟିକୁ ବେଳେବେଳେ ଅନାବଶ୍ୟକ ଭାବେ କାଗଜ ଜାଲରେ ଛନ୍ଦି ଦିଆଯାଏ। ଏ ଅଫିସର ପାଖରୁ ଦସ୍ତଖତ, ସେ ଅଫିସର ପାଖରୁ ମୋହର, ଏ ଫର୍ମ ପୂରଣ କରି ଦିଅ, ସେଠାରେ ଲାଇନ୍‌ରେ ଠିଆ ହୋଇ କାଗଜ ଦାଖଲ କର, ଆଜି ନୁହେଁ କାଲି ଆସ, ତୁମ କାମ କେବେ ହେବ ମୁଁ କହିପାରିବି ନାହିଁ, ଏତେ ଦିନଯାଏ କ'ଣ କରୁଥିଲ, ଆଜି କାହିଁକି ଆସିଲ, ସେ ଅଫିସର ନ କଲେ ମୁଁ କାହିଁକି କରିବି ଆଦି ବାକ୍ୟ ଅଫିସ୍‌ର ବଡ଼ବାବୁ, ସାନବାବୁଙ୍କଠାରୁ ଶୁଣି ଶୁଣି ସାଧାରଣ ଲୋକଟି ସତରେ ଡରିଯାଇଥାଏ। ତା' କାମ ନ ହେଲାଯାଏ କାମଟି କେବେ ନ ହେବାର ଭୟ ଆଉ ଆଶଙ୍କା ଭିତରେ ସେ ସବୁବେଳେ ସନ୍ତୁଳିତ ହୋଇଥାଏ। ନିଜେ ପାରିବ, ଆଜି ତା' କାମ ହୋଇଯିବ ଏହି ଭରସା ତା'ର ମରିମରି ଆସୁଥାଏ। ଏ ସବୁ ହିଁ କାଳକ୍ରମେ ଦଲାଲର ମୂଳପୁଞ୍ଜି ପାଲଟିଯାଏ। ଆଉ ସରକାରୀ ଅଫିସ୍‌ର ଶୀତତାପ ନିୟନ୍ତ୍ରିତ କୋଠରିରେ ବସୁଥିବା ବାବୁମାନେ ବାହାରେ ଖରାରେ ସିଝି, ବର୍ଷାରେ ଭିଜି ନିଜ କାଗଜ ଉପରେ ସରକାରୀ ମୋହର ଖଣ୍ଡିଏ ପାଇଁ ବ୍ୟାକୁଳ ହେଉଥିବା ଲୋକମାନଙ୍କ ଦୁଃଖକୁ ଜମା ବୁଝିବାକୁ ପ୍ରସ୍ତୁତ ନ ଥିବା ଓ କାମ ନ କରି ଘରକୁ ପଳାଇବାର ମାନସିକତା ହିଁ ଏହି ଦଲାଲମାନଙ୍କୁ ମଲାଇ ଖାଇବାକୁ ସୁଯୋଗ ଦିଏ। ଆଉ ଥରେ ବ୍ୟବସ୍ଥାରୁ ମଲାଇ ବାହାର କରି ଜାଣିଥିବା ଦଲାଲମାନେ ପରବର୍ତ୍ତୀ ସମୟରେ ଏହି କଳାରେ ଉତ୍କର୍ଷ ଲାଭ କରନ୍ତି ସିନା ତାଙ୍କ ବାଟ ବନ୍ଦ କରିବାକୁ କେହି ନ ଥାନ୍ତି।

ଦଲାଲମାନଙ୍କୁ ବାନ୍ଧି ଜେଲରେ ପୂରାଇବା ହୁଏତ ଦଲାଲମୁକ୍ତ କରିବାକୁ ଏକ ସାମୟିକ ବ୍ୟବସ୍ଥା ହୋଇପାରେ। ତେବେ ଏହା ସର୍ବଶ୍ରେଷ୍ଠ ଏବଂ ସର୍ବଶେଷ ବ୍ୟବସ୍ଥା ନୁହେଁ। ସରକାରୀ କର୍ମଚାରୀମାନଙ୍କ ଦକ୍ଷତା ବୃଦ୍ଧି, ପରିବହନ, ଡାକ୍ତରଖାନା, ଥାନା ଆଦିର ଭିତ୍ତିଭୂମିରେ ଅଭିବୃଦ୍ଧି, ସବୁ କାମ ପାଇଁ ସମୟ ଧାର୍ଯ୍ୟ କରି ଏହାକୁ ସମୟ ଭିତରେ ସାରିପାରୁ ନ ଥିବା ଅଫିସରଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ, କାର୍ଯ୍ୟକ୍ଷେତ୍ରରେ ସୂଚନା ଏବଂ ବୈଷୟିକ ବିଦ୍ୟାର ବ୍ୟାପକ ପ୍ରଚାର ଓ ପ୍ରଶାସନିକ ବ୍ୟବସ୍ଥାର ସରଳୀକରଣ କରାଗଲେ ହିଁ ଦଲାଲରାଜ୍‌ର ଆତଙ୍କ ଓ ବଳୟରୁ ମୁକ୍ତି ମିଳିବ। ଏ ସବୁ ଛଡ଼ା ଆଉ ଯାହା ବି ହେଉଛି ତାହା କେବଳ ଧର୍ମକୁ ଆଖିଠାର ବୋଲି କୁହାଯାଇପାରେ।

ଧବଳଗିରି, ଯାଜପୁର ରୋଡ,
ମୋ-୭୯୭୮୬୭୧୭୭୬

## ଏଇ ଭାରତରେ

ଦୀପାବଳି ପାଳନର ଏକ ଭିନ୍ନ ପରମ୍ପରା ଦେଖିବାକୁ ମିଳିଛି ଛତିଶଗଡ଼ର ଧମତରୀ ଜିଲାରେ। ଏହି ଜିଲାର ସେମରା ଗାଁରେ ଏକ ସପ୍ତାହ ପୂର୍ବରୁ ଦୀପାବଳି ପାଳନ କରାଯିବାର ବିଧି ପିଢି ପିଢି ଧରି ଚଳିଆସୁଛି। କାର୍ତ୍ତିକ ଅମାବାସ୍ୟାରେ ଦୀପାବଳି ପାଳନ ନ ହୋଇ କାର୍ତ୍ତିକ ଅଷ୍ଟମୀରେ ଏହା ପାଳନ କରାଯାଏ। ଲୋକମାନେ ପରିବାର ସହ ଦୀପ ଜଳାନ୍ତି, ବାଣ ଫୁଟାନ୍ତି ଓ ମିଠାଇ ବି ବାଣ୍ଟନ୍ତି। ଦୀପାବଳି ଅବସରରେ ହର-ପାର୍ବତୀଙ୍କ ବରାତ ମଧ୍ୟ ବାହାର କରାଯିବାର ପରମ୍ପରା ଏଠାରେ ଚଳିଆସୁଛି। ଏଭଳି ବିଧିରେ ଦୀପାବଳି ପାଳନ କରିଯିବା ପଛରେ ଏକ କାରଣ ରହିଛି। ଶହ ଶହ ବର୍ଷ ପୂର୍ବେ ସେମରାକୁ ଜଣେ ବୟସ୍କ ବ୍ୟକ୍ତି ଆସିଥିଲେ। ସେ ଗାଁରେ ରହିବା ପରେ ଗାଁର ସବୁ ସମସ୍ୟା ଦୂର ହୋଇଯାଇଥିଲା। ଏଥିପାଇଁ ଗାଁ ଲୋକମାନେ ତାଙ୍କୁ ଗ୍ରାମଦେବତା ଭାବେ ପୂଜା କରିବାରେ ଲାଗିଲେ। ତାଙ୍କ ପାଇଁ ଗାଁରେ ବି ଏକ ମନ୍ଦିର ପ୍ରତିଷ୍ଠା କରାଗଲା। ଗ୍ରାମଦେବତା ଗାଁର ମଙ୍ଗଳ ପାଇଁ ସ୍ୱପ୍ନରେ ଦର୍ଶନ ଦେଇ ସବୁ ପର୍ବକୁ ଏକ ସପ୍ତାହ ପୂର୍ବରୁ ପାଳନ କରିବା ପାଇଁ କହିଥିଲେ। ସେବେଠାରୁ ଲୋକମାନେ ଦୀପାବଳି ସହ ହୋଲି, ହରେଲି ଆଦି ପର୍ବ ହିନ୍ଦୁ କ୍ୟାଲେଣ୍ଡରରେ ସ୍ଥିରୀକୃତ ତାରିଖର ଏକ ସପ୍ତାହ ପୂର୍ବରୁ ପାଳନ କରୁଛନ୍ତି।

## ଚିରନ୍ତନୀ

ସବୁ ସ୍ମୃତି ସବୁ ସୁଖ ଭାବନାର ଢେଉ
ଦିନେ ଏ ଅନ୍ତର ଦେଶେ ବାଜିଥିଲା ଯେହ୍ନ
ବନ୍ଦ ଏ ଦୁଆରେ ଆଜି
ଫେରିଯାଉ ବାଜି ବାଜି,
ଏ ତମିସ୍ର କୋଣୁଁ ମୋର ସମ୍ବାଦ ନ ଦେଉ
ସେ ଦିନ ଅନ୍ତର ଦେଶେ ବାଜିଥିଲା ଯେହ୍ନ।
(ବନ୍ଦୀର ବିଳାପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୫ ଅକ୍ଟୋବର ୧୯୯୪

- ଶ୍ରୀଲଙ୍କାରେ ଏକ ମାନବ ବୋମା ବିସ୍ଫୋରଣ ଘଟି ୟୁନାଇଟେଡ ନ୍ୟାଶନାଲ ପାର୍ଟିର ନେତା ତଥା ଆସନ୍ତା ମାସ ଦେଶରେ ହେବାକୁ ଯାଉଥିବା ରାଷ୍ଟ୍ରପତି ନିର୍ବାଚନର ବିରୋଧୀ ଦଳ ପ୍ରାର୍ଥୀ ଗାମିନୀ ଦିଶାନାଏକେଙ୍କ ସମେତ ୬୦ ଜଣ ନିହତ।
- ଅଦାଲତର ଏକ ରାୟକୁ ଅବମାନନା କରିଥିବା ଅଭିଯୋଗରେ ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କଲ୍ୟାଣ ସିଂଙ୍କୁ ସୁପ୍ରିମକୋର୍ଟ ଦୋଷୀ ସାବ୍ୟସ୍ତ କରି ତାଙ୍କୁ ଗୋଟିଏ ଦିନ ପ୍ରତୀକ ଜେଲଦଣ୍ଡ ଓ ୨ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 5 | | | E | | 4 | | A | | | B | | | |
| | | | 5 | | | 7 | | | | 9 | 4 | | | |
| | | | B | | 7 | 3 | 8 | 5 | | 0 | 6 | | | 1 |
| | A | | | 8 | | | 9 | 6 | | | | | 5 | 2 |
| | E | C | | | | | | | | | 1 | | D | |
| | | 9 | | | | | | 3 | | | | | 1 | C |
| D | | | 6 | | | | 0 | 4 | | C | | | | |
| 6 | B | | A | | 0 | | | D | 2 | | 3 | | | |
| | | | | 2 | | 9 | 6 | | | | | | 3 | |
| A | 4 | | 1 | | | B | | | | | 0 | | | |
| | | | D | 1 | | A | | | | | | 8 | | |
| 4 | | | | A | 3 | D | 7 | | | | 9 | | | |
| | 2 | 1 | | 4 | | | | | 8 | | E | | | 9 |
| | | | 8 | | E | | | 0 | | | | D | | |
| | 0 | | C | | | | B | 1 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 9 | A | 7 | 2 | 1 | 0 | B | 8 | 6 | 4 | E | D | 5 | 3 |
| E | 2 | 5 | A | 8 | 3 | 7 | C | 6 | B | D | 1 | 9 | 4 | 0 |
| 3 | D | 1 | B | 9 | C | 4 | 5 | 2 | 7 | 0 | A | 6 | 8 | E |
| 4 | 8 | 0 | D | E | 6 | 3 | 1 | 9 | 2 | C | 5 | 7 | B | A |
| 7 | 6 | B | 0 | 5 | 4 | E | D | A | 3 | 9 | 8 | 2 | 1 | C |
| 8 | A | 6 | 4 | C | B | 9 | 2 | D | 1 | 3 | 0 | E | 7 | 5 |
| 2 | 4 | C | 8 | 6 | 7 | 1 | 0 | 5 | D | E | 9 | A | 3 | B |
| B | 5 | 3 | 1 | 0 | D | 8 | E | 7 | 4 | A | 2 | C | 9 | 6 |
| 9 | 0 | D | E | A | 5 | 6 | 3 | B | 8 | 7 | C | 1 | 2 | 4 |
| 1 | 7 | E | 2 | 3 | 9 | A | 4 | C | 5 | B | 6 | 8 | 0 | D |
| 5 | B | 9 | C | 4 | 0 | 2 | 6 | E | A | 8 | 7 | 3 | D | 1 |
| D | 3 | 4 | 6 | 7 | 8 | C | A | 1 | 0 | 2 | B | 5 | E | 9 |
| 0 | E | 2 | 9 | D | A | 5 | 7 | 3 | C | 1 | 4 | B | 6 | 8 |
| 6 | C | 7 | 3 | 1 | E | B | 8 | 4 | 9 | 5 | D | 0 | A | 2 |
| A | 1 | 8 | 5 | B | 2 | D | 9 | 0 | E | 6 | 3 | 4 | C | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କାମଚଳା ନିଯୁକ୍ତି କାହିଁକି

ମହାଶୟ,

ରାଜ୍ୟର ପ୍ରତି ବିଭାଗରେ କେଉଁ ବର୍ଗର କେତେ ଯନ୍ତ୍ରୀ ପଦ ଖାଲି ରହିଛି, ତା'ର ଏକ ବିବରଣୀ ପ୍ରକାଶ ପାଇଛି। କିନ୍ତୁ ଅନେକ ବିଭାଗରେ ଠିକାଭିତ୍ତିକ ନିଯୁକ୍ତି ଚାଲିଛି। ରାଜ୍ୟରେ ଛତୁ ଫୁଟିଲା ପରି ୮୦ରୁ ଊର୍ଦ୍ଧ୍ୱ ଇଞ୍ଜିନିୟରିଂ କଲେଜ ସ୍ଥାପିତ ହୋଇ ବୈଷୟିକ ଶିକ୍ଷା ପ୍ରଦାନ କରୁଛି। କିନ୍ତୁ ନିଯୁକ୍ତି ସୁଯୋଗ ମିଳୁ ନ ଥିବା ଯୋଗୁ ସେ ସବୁ ରୁଗ୍‌ଣ ଅବସ୍ଥାରେ କାଳାତିପାତ କରି କେତେକ ବନ୍ଦ ହୋଇଗଲାଣି। ଚାକିରି ତ ନାହିଁ, ଶିଳ୍ପ ନାହିଁ କି କଳକାରଖାନା ନାହିଁ। ତାହା ଶିକ୍ଷିତ ଯୁବକଙ୍କୁ ହତୋତ୍ସାହ କରୁଛି। ଶିକ୍ଷା ବିଭାଗ ହେଉ କି ସ୍ୱାସ୍ଥ୍ୟ ବିଭାଗ ସବୁଠି ଠିକା। ନିମ୍ନସ୍ତରରେ ସର୍ଭିସ ପ୍ରୋଭାଇଡର ଓ ଆଉଟ୍‌ସୋର୍ସିଂ ବେକାରଙ୍କୁ ଠିକା ମଜୁରିରେ ନିୟୋଜିତ କରୁଛି। ଏପରି ସରକାର ଯୁବପିଢିଙ୍କୁ ଆଶ୍ୱାସନା ଦେଇପାରିବ ନାହିଁ କି ଜଠରାଗ୍ନିକୁ ନିର୍ବାପିତ କରିପାରିବ ନାହିଁ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

### ବିପିଏଲ୍ ସଂଖ୍ୟା ବଢୁଛି

ସରକାର ପ୍ରତିବର୍ଷ ବିପିଏଲ୍ ସଂଖ୍ୟା ବଢେଇ ଚାଲିଛନ୍ତି। କିନ୍ତୁ କମିବାର ନାଁ ନାହିଁ। ତା'ହେଲେ ଏ ରାଜ୍ୟଟା କ'ଣ ବିପିଏଲ୍‌ମୟ ହୋଇଯିବ? ଯେଉଁମାନଙ୍କର ବିପିଏଲ୍ ତାଲିକାରେ ଅନ୍ତର୍ଭୁକ୍ତ ହେବାର ଯୋଗ୍ୟତା ନାହିଁ ସେମାନେ ବି ବିପିଏଲ୍ ଗୋଷ୍ଠୀରେ ଅଛନ୍ତି। କିନ୍ତୁ ଯେଉଁମାନଙ୍କର ବିପିଏଲ୍ ହେବାର ଯୋଗ୍ୟତା ଅଛି, ସେମାନେ ଯେତେ କାନ୍ଦିଲେ ବି କର୍ତ୍ତୃପକ୍ଷଙ୍କୁ ସେ କାନ୍ଦ ଶୁଭୁନାହିଁ। ଅନେକ ଜାଗାରେ ଦେଖାଯାଉଛି ବିପିଏଲ୍ ଚାଉଳ ଆଣି ଲୋକେ ଦୋକାନରେ କିମ୍ବା ଅଣବିପିଏଲ୍ ଲୋକଙ୍କୁ କମ୍ ଦାମ୍‌ରେ ବିକ୍ରି କରୁଛନ୍ତି। ଯେଉଁମାନଙ୍କୁ ବିପିଏଲ୍ କାର୍ଡ ଯୋଗାଇ ଦିଆଯାଇଥିଲା ସେମାନଙ୍କ ଘରର ପିଲାମାନେ ପାଠ ପଢି ବିଭିନ୍ନ ଜାଗାରେ ଚାକିରି କରି ମୋଟା ଅଙ୍କର ଦରମା ପାଉଛନ୍ତି। ସେହି ଘରୁ କେତେକ ବୁଢାବୁଢୀ ମରିହଜି ଗଲେଣି। କିନ୍ତୁ ସେମାନଙ୍କର ବିପିଏଲ୍ ଚାଉଳ କମୁ ନାହିଁ। ଏହା ସରକାର ଏବଂ ସରକାରୀ ଲୋକଙ୍କ ଜାଣତରେ ହିଁ ଚାଲିଛି। ସେମାନଙ୍କୁ ଅଯୋଗ୍ୟ ଘୋଷଣା ମଧ୍ୟ କରାଯାଉନାହିଁ। ଯେଉଁ ଅଯୋଗ୍ୟ ହିତାଧିକାରୀଙ୍କୁ ଯୋଗ୍ୟ କହି ବିପିଏଲ କାର୍ଡ ଯୋଗାଇ ଦିଆଯାଇଥିଲା ବା ଯାଉଛି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ନାହିଁ। ସରକାରଙ୍କ ଆହାର ଯୋଜନା କଥା ନ କହିବା ଭଲ। ଲୋକେ ମାଛ ତରକାରି ହୋଟେଲରୁ ଆଣି ମୋଟର ସାଇକେଲରେ ଆହାର କେନ୍ଦ୍ରରେ ପହଞ୍ଚି ଯାଉଛନ୍ତି। ପାଞ୍ଚଟଙ୍କା ଦେଇ ଭାତ, ଡାଲି, ତରକାରି ବା ଡାଲମା ଆଚାର ଖାଇ ଆନନ୍ଦରେ ଯାଉଛନ୍ତି। ସରକାର ଏହା ଗରିବଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ସରକାର ଡିଣ୍ଡିମ ପିଟୁଛନ୍ତି। କାଳିଆ ଯୋଜନା ସମସ୍ତଙ୍କୁ ବଳି ପଡ଼ିଲା।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)


ୱର୍ଲି ଆସନରେ ବିଜୟୀ ହେବା ପରେ ମୁମ୍ବାଇର ସେନା ଭବନରେ ଶିବସେନା ନେତା ଆଦିତ୍ୟ ଠାକ୍‌ରେଙ୍କୁ ସ୍ୱାଗତ କରାଯାଉଛି।


ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଶାସକ ମେଣ୍ଟର ବିଜୟ ପରେ ନବି ମୁମ୍ବାଇରେ ଭାଜପା ଓ ଶିବସେନା କର୍ମୀ ଉତ୍ସବ ମନାଉଛନ୍ତି।


ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସଙ୍କୁ ନାଗପୁର ବିମାନବନ୍ଦରରେ ଭାଜପା କର୍ମୀ ସ୍ୱାଗତ କରୁଛନ୍ତି।

## କମିଲା ଭାଜପାର ବିଜୟ ବ୍ୟବଧାନ

# ହରିୟାଣାରେ ଅଟକିଲା ବିଜୟ ରଥ

**ନୂଆଦିଲ୍ଲୀ,୨୪।୧୦(ପି.ଟି.)**

- ୫ ମାସରେ ଭାଜପାର ଭୋଟ ହାର କମିଛି ୨୨%
- କାମ କଲାନି ୩୭୦ ଉଚ୍ଛେଦ ପ୍ରସଙ୍ଗ
- ବିରୋଧୀଙ୍କ ସହଯୋଗ ଲୋଡ଼ିଲେ ହୁଡା
- ଆଜି ନିଷ୍ପତ୍ତି ନେବେ ଦୁଷ୍ୟନ୍ତ ଚୌତାଲା

ସାଧାରଣ ନିର୍ବାଚନରେ ହରିୟାଣାର ସମସ୍ତ ୧୦ ଲୋକ ସଭା ଆସନ ଅକ୍ତିଆର କରିବାର ୫ ମାସ ପରେ ଭାଜପାକୁ ଲାଗିଛି ଝଟକା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କ ତୋଫାନୀ ପ୍ରଚାର ଏବଂ 'ଅନୁଚ୍ଛେଦ ୩୭୦ ଉଚ୍ଛେଦ' ଭଳି ବଡ଼ ବଡ଼ ପ୍ରସଙ୍ଗ ଫିକା ପଡ଼ିଯାଇଛି। ସ୍ଥାନୀୟ ପ୍ରସଙ୍ଗଗୁଡ଼ିକୁ ଅଣଦେଖା କରିବା ଯୋଗୁ ଗୈରିକ ଦଳର ଭୋଟ ହାର ହ୍ରାସ ପାଇଛି। ଗୋଟିଏ ପରେ ଗୋଟିଏ ରାଜ୍ୟ ଜୟ କରିଚାଲିଥିବା ଭାଜପାର ବିଜୟ ରଥ ହରିୟାଣାରେ ଅଟକିଯାଇଛି ବୋଲି ରାଜନୈତିକ ପଣ୍ଡିତମାନେ କହୁଛନ୍ତି।

କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଦ୍ୱିତୀୟ ପାଳି ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ-୨) ଗଠନ ହେବା ପରେ ମହାରାଷ୍ଟ୍ର ଓ ହରିୟାଣା ବିଧାନସଭା ନିର୍ବାଚନ ହେଉଛି ଭାଜପା ପାଇଁ ପ୍ରଥମ ପରୀକ୍ଷା। ଏହି ପରୀକ୍ଷାରେ ଭାଜପା ଉତ୍ତୀର୍ଣ୍ଣ ହୋଇଥିଲେ ହେଁ ଏହାର ଭୋଟ ବ୍ୟବଧାନ କମିଯାଇଛି। ମହାରାଷ୍ଟ୍ରରେ ସରକାର ଗଠନ ପାଇଁ ଭାଜପାକୁ ସ୍ପଷ୍ଟ ଜନାଦେଶ ମିଳିଥିବାବେଳେ ହରିୟାଣାରେ ଅନ୍ୟ ଦଳର ସମର୍ଥନ ବିନା ପୁନଃ କ୍ଷମତାସୀନ ହେବା ଅସମ୍ଭବ। ପ୍ରଧାନମନ୍ତ୍ରୀ ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କ ଧୂଆଁଧାର ପ୍ରଚାର ସତ୍ତ୍ୱେ ହରିୟାଣାରେ ଆଶାନୁରୂପ ସଫଳତା ନ ମିଳିବାର ଅନେକ କାରଣକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ରାଜ୍ୟରେ ଛୋଟ ପ୍ରସଙ୍ଗଗୁଡ଼ିକ ବେଶି କାମ କରିଛି ବୋଲି ଭାଜପାର ଏଭଳି ପ୍ରଦର୍ଶନକୁ ନେଇ ଦଳର ଜଣେ ନେତା କହିଛନ୍ତି। ଏପ୍ରିଲ-ମେ'ରେ ହୋଇଥିବା ଲୋକ ସଭା ନିର୍ବାଚନରେ ଭାଜପା ହରିୟାଣାର ସମସ୍ତ ୧୦ଟି ଆସନ ଅକ୍ତିଆର କରିଥିଲା। ଭାଜପାକୁ ସେତେବେଳେ ୫୮% ଭୋଟ ମିଳିଥିବାବେଳେ ସଦ୍ୟ ସମାପ୍ତ ବିଧାନସଭା ଆସନରେ ୩୬% ମିଳିଛି। ଅର୍ଥାତ୍ ୫ ମାସ ମଧ୍ୟରେ ଦଳର ଭୋଟ ହାର ୨୨% କମିଯାଇଛି। ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟର ବିଜୟୀ ହୋଇଥିଲେ ମଧ୍ୟ ତାଙ୍କର ଅଧିକାଂଶ କ୍ୟାବିନେଟ ସହଯୋଗୀ ପରାଜୟର ମୁହଁ ଦେଖିଛନ୍ତି। କ୍ୟାପ୍‌ଟେନ୍ ଅଭିମନ୍ୟୁ, ଓ.ପି. ଧନକାର, ରାମବିଳାସ ଶର୍ମା, କବିତା ଜୈନ, କ୍ରିଷନ ଲାଲ ପନୱାରଙ୍କ ଭଳି ବରିଷ୍ଠ ମନ୍ତ୍ରୀମାନଙ୍କୁ ଅପମାନଜନକ ପରାଜୟ ସ୍ୱୀକାର କରିବାକୁ ପଡ଼ିଛି। କେବଳ ସ୍ୱାସ୍ଥ୍ୟମନ୍ତ୍ରୀ ଅନିଲ ଵିଜ୍ (ଅମ୍ବାଲା କ୍ୟାଣ୍ଟନ୍‌ମେଣ୍ଟ) ଓ ଦଳର ରାଜ୍ୟ ସଭାପତି ସୁଭାଷ ବରାଲା(ତୋହନା) ଙ୍କ ବିଜୟ ଭାଜପା ପାଇଁ ଆଶ୍ୱସ୍ତି ଆଣିଦେଇଛି। 'ଅବ୍‌କୀ ବାର୍ ୭୫ ପାର୍' ସ୍ଲୋଗାନ ଦେଇ ମଇଦାନକୁ ଓହ୍ଲାଇଥିବା ଭାଜପା ୯୦ ଆସନ ବିଶିଷ୍ଟ ବିଧାନସଭାରେ ମ୍ୟାଜିକ୍ ନମ୍ବର ୪୬କୁ ଛୁଇଁପାରି ନାହିଁ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ୮ ସ୍ୱାଧୀନ ପ୍ରାର୍ଥୀ ନିଜ ନିଜ ଆସନରୁ ବିଜୟୀ ହୋଇଛନ୍ତି। ଏଥିଲାଗି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂ ହୁଡା ସମସ୍ତ ଅଣଭାଜପା ଦଳକୁ ଏକାଠି ହୋଇ ସରକାର ଗଠନ ପାଇଁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି, ଜନାଦେଶ ଭାଜପା ବିରୋଧରେ ଯାଇଛି। ଏହି ଦଳକୁ କ୍ଷମତାରୁ ଦୂରେଇ ରଖିବା ସହ ଏକ ଦୃଢ଼ ସରକାର ଗଠନ ପାଇଁ କଂଗ୍ରେସ ସହ ଜେଜେପି, ଆଇଏନ୍‌ଏଲ୍‌ଡି ଏବଂ ସ୍ୱାଧୀନ ବିଧାୟକମାନେ ହାତ ମିଳାନ୍ତୁ। ଅନ୍ୟପକ୍ଷରେ ଜେଜେପି ଅଧ୍ୟକ୍ଷ ଦୁଷ୍ୟନ୍ତ ଚୌତାଲାଙ୍କୁ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀ ପଦ ଯଚାଯାଇଥିବା ନେଇ ଚର୍ଚ୍ଚା ହେଉଛି। ଦୁଷ୍ୟନ୍ତ ଏହାକୁ ଖଣ୍ଡନ କରିବା ସହ ଶୁକ୍ରବାର ବିଧାୟକ ଦଳ ବୈଠକରେ ନିଷ୍ପତ୍ତି ନିଆଯିବ ବୋଲି ସ୍ପଷ୍ଟ କରିଛନ୍ତି। ସରକାର ଯିଏ ଗଠନ କରନ୍ତୁ ନା କାହିଁକି କ୍ଷମତାର ଚାବି ଆମ ପାଖରେ ଅଛି ବୋଲି ଦୁଷ୍ୟନ୍ତ କହିଛନ୍ତି।


ମନୋହରଲାଲ୍ ଖଟ୍ଟର

## ସରକାର ଗଠନ ନେଇ ଶାହଙ୍କ ସଙ୍କେତ

**ନୂଆଦିଲ୍ଲୀ,୨୪।୧୦(ପି.ଟି.)**

ହରିୟାଣାରେ ଭାଜପା ସରକାର ଗଠନ କରିବ ବୋଲି ଦଳର ଅଧ୍ୟକ୍ଷ ଅମିତ୍ ଶାହ ସଙ୍କେତ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ରାଜ୍ୟର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟର ସମସ୍ତ ପ୍ରକାର ଉଦ୍ୟମ କରିଛନ୍ତି। ଭାଜପାକୁ ଏକକ ସଂଖ୍ୟାଗରିଷ୍ଠ ଦଳର ମାନ୍ୟତା ଦେଇଥିବାରୁ ହରିୟାଣାବାସୀଙ୍କୁ ଧନ୍ୟବାଦ ବୋଲି ଶାହ ଟୁଇଟ୍ କରିଛନ୍ତି। ଏହାସହ ସେ ଖଟ୍ଟର ଓ ରାଜ୍ୟ ଭାଜପା ସଭାପତି ସୁଭାଷ ବରାଲାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଦୁଷ୍ୟନ୍ତଙ୍କ ହାତରେ ଚାବିକାଠି

**ଚଣ୍ଡିଗଡ଼,୨୪।୧୦(ପି.ଟି.)**



ହରିୟାଣା ବିଧାନସଭା ନିର୍ବାଚନରେ କୌଣସି ଦଳକୁ ସ୍ପଷ୍ଟ ବହୁମତ ମିଳି ନ ଥିଲାବେଳେ ପୂର୍ବତନ ଉପପ୍ରଧାନମନ୍ତ୍ରୀ ଦେବୀଲାଲ୍‌ଙ୍କ ଅଣନାତି ଦୁଷ୍ୟନ୍ତ ଚୌତାଲା ସରକାର ଗଠନରେ କିଙ୍ଗ୍‌ମେକର ଭୂମିକା ନେଇପାରନ୍ତି ବୋଲି ଆଲୋଚନା ହେଉଛି। ୯୦ ଆସନ ବିଶିଷ୍ଟ ହରିୟାଣା ବିଧାନସଭାରେ ମ୍ୟାଜିକ୍ ନମ୍ବର ୪୬ ଛୁଇଁବାରେ ବିଫଳ ହୋଇଥିବା ଶାସକ ଦଳ ଭାଜପା ଏବଂ ବିରୋଧୀ ଦଳ କଂଗ୍ରେସ ଏକାକୀ ସରକାର ଗଢ଼ିପାରିବେ ନାହିଁ। ଅନ୍ୟପକ୍ଷରେ ୧୧ ମାସ ପୂର୍ବେ ଦୁଷ୍ୟନ୍ତ ଗଢ଼ିଥିବା ଜନନାୟକ ଜନତା ପାର୍ଟି (ଜେଜେପି) ୧୦ଟି ଆସନରେ ଜିତିଥିବାରୁ ସରକାର ଗଠନରେ ଏହି ଦଳର ପ୍ରମୁଖ ଭୂମିକା ରହିବ। ଝୁଲା ବିଧାନସଭାରେ ଦୁଇ ପ୍ରମୁଖ ଦଳ ମଧ୍ୟରୁ କାହାକୁ ଜେଜେପି ସମର୍ଥନ କରିବ ସେ ନେଇ ଦୁଷ୍ୟନ୍ତ କିଛି ସ୍ପଷ୍ଟ କରିନାହାନ୍ତି। ପ୍ରଥମେ ତାଙ୍କ ଦଳର ନବନିର୍ବାଚିତ ବିଧାୟକମାନଙ୍କ ବୈଠକ ଡାକି ନେତା ନିର୍ବାଚନ କରାଯିବ। ଏହା ପରେ ସମର୍ଥନ ନେଇ ନିଷ୍ପତ୍ତି ହେବ ବୋଲି ସେ କହିଥିଲାବେଳେ ଭାଜପାକୁ ସମର୍ଥନ ଦେଇପାରନ୍ତି ବୋଲି ଆଲୋଚନା ହେଉଛି।

## ପରାଜୟ ପରେ କାନ୍ଦିଲେ ପଙ୍କଜା

**ମୁମ୍ବାଇ,୨୪।୧୦**



ମହାରାଷ୍ଟ୍ର ସରକାରରେ ମନ୍ତ୍ରୀ ଥିବା ଭାଜପା ପ୍ରାର୍ଥୀ ପଙ୍କଜା ମୁଣ୍ଡେ ବିଧାନସଭା ନିର୍ବାଚନରେ ହାରିଯିବା ପରେ କାନ୍ଦି ପକାଇଥିଲେ। ପାର୍ଲି ଆସନରୁ ନିର୍ବାଚନ ଲଢୁଥିବା ପଙ୍କଜାଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ନିର୍ବାଚନ ପ୍ରଚାର କରିଥିଲେ। ତେବେ ଜନାଦେଶକୁ ସମ୍ମାନ ଦେଉଥିବା ସେ କହିବା ସହ ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ପାଇଁ କାମ କରିଚାଲିବେ ବୋଲି ଖବରଦାତାମାନଙ୍କୁ କହିଛନ୍ତି। ନିର୍ବାଚନରେ ହାରିଯିବେ ବୋଲି ସେ କେବେ କଳ୍ପନା କରି ନ ଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଗୋପୀନାଥ ମୁଣ୍ଡେଙ୍କ ଝିଅ ପଙ୍କଜା ମହାରାଷ୍ଟ୍ର ସରକାରରେ ଗ୍ରାମାଞ୍ଚଳ ବିକାଶ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଥିଲେ। ତାଙ୍କ ପରିବାର ସହ ସମ୍ପର୍କ ଛିନ୍ନ କରିଥିବା ସମ୍ପର୍କୀୟ ଭାଇ ତଥା ଏନ୍‌ସିପି ପ୍ରାର୍ଥୀ ଧନଞ୍ଜୟ ମୁଣ୍ଡେ ପାର୍ଲି ଆସନରୁ ବିଜୟୀ ହୋଇଛନ୍ତି। ଧନଞ୍ଜୟ ବିଧାନ ପରିଷଦରେ ବିରୋଧୀ ଦଳ ନେତା ଥିଲେ।

## ଧନ୍ୟବାଦ ଦେଲେ ମୋଦି

**ନୂଆଦିଲ୍ଲୀ,୨୪।୧୦**

ମହାରାଷ୍ଟ୍ର ଓ ହରିୟାଣା ନିର୍ବାଚନ ଫଳ ଆସିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଇରାଜ୍ୟର ମତଦାତାଙ୍କୁ ଧନ୍ୟବାଦ ଦେଇଛନ୍ତି। ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟରେ ଏକ ସଭାକୁ ସମ୍ବୋଧିତ କରି ମୋଦି କହିଛନ୍ତି, ମହାରାଷ୍ଟ୍ର ଓ ହରିୟାଣାର ଲୋକେ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଉପରେ ପୁନଃ ଆସ୍ଥା ପ୍ରକଟ କରିଛନ୍ତି। ଉଭୟ ଦେବେନ୍ଦ୍ର ଫଡ୍‌ନବିସ ଓ ମନୋହରଲାଲ ଖଟ୍ଟର ଆସନ୍ତା ୫ ବର୍ଷ ପର୍ଯ୍ୟନ୍ତ ଅଧିକ ଭଲ କାମ କରିବେ। ହରିୟାଣାରେ ସଂଖ୍ୟାଗରିଷ୍ଠତା ନ ମିଳିବା ଅପ୍ରତ୍ୟାଶିତ। ସେହିପରି ମହାରାଷ୍ଟ୍ରରେ ଗତ ୫୦ ବର୍ଷରେ ପ୍ରଥମଥର ପାଇଁ ଜଣେ ମୁଖ୍ୟମନ୍ତ୍ରୀ ପୂରା ୫ ବର୍ଷ ଶାସନ କରିବା ସହ ସ୍ଥିର ସରକାର ଦେଇଥିବା ମୋଦି ପ୍ରଶଂସା କରିଛନ୍ତି।



## ମହାରାଷ୍ଟ୍ର: ହାରିଲେ ୮ ମନ୍ତ୍ରୀ

**ମୁମ୍ବାଇ,୨୪।୧୦(ଆଇଏଏନ୍‌ଏସ୍):** ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଭାଜପା-ଶିବସେନାକୁ ବହୁମତ ମିଳିଥିଲେ ହେଁ ଉଭୟ ଦଳର ୮ ମନ୍ତ୍ରୀ ଓ ବହୁ ତୁଙ୍ଗ ନେତା ପରାଜିତ ହୋଇଛନ୍ତି। ଫଳାଫଳ ଅନୁଯାୟୀ ଭାଜପାର ୫ ଓ ଶିବସେନାର ୩ ମନ୍ତ୍ରୀ ହାରିଯାଇଛନ୍ତି। ବିଦ୍ ଜିଲାର ପାର୍ଲି ଆସନରୁ ମନ୍ତ୍ରୀ ପଙ୍କଜା ମୁଣ୍ଡେ ହାରିଛନ୍ତି। ସେହିପରି ଭାଜପା ମନ୍ତ୍ରୀ ଅନିଲ ବୋଣ୍ଡେ, ରାମ ସିନ୍ଦେ, ସଞ୍ଜୟ ବାଲା ଭେଗଡେ ଏବଂ ପରିଣୟ ଫୁକେଙ୍କୁ ପରାଜୟ ସ୍ୱୀକାର କରିବାକୁ ପଡିଛି। ଶିବସେନାର ପରାଜିତ ମନ୍ତ୍ରୀ ହେଲେ ବିଜୟବାପୁ ଶିବତାରେ, ଅର୍ଜୁନ ଖୋତ୍‌କର ଏବଂ ଜୟଦତ୍ତ କ୍ଷୀରସାଗର। ସେମାନେ ଯଥାକ୍ରମେ ପୁଣେର ପୁରନ୍ଦର, ଜଲ୍‌ନା ଏବଂ ବିଦ୍ ଆସନରୁ ହାରିଯାଇଛନ୍ତି।

## ନୋଟାକୁ ହରାଇଲେ ଧୀରଜ ଦେଶମୁଖ

**ମୁମ୍ବାଇ,୨୪।୧୦:** ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଳାସରାଓ ଦେଶମୁଖଙ୍କ ପୁଅ ଧୀରଜ ଦେଶମୁଖ ମହାରାଷ୍ଟ୍ରର ଲାଟୁର ଗ୍ରାମାଞ୍ଚଳ ଆସନରୁ ବିଜୟୀ ହୋଇଛନ୍ତି। କଂଗ୍ରେସ ଟିକେଟରେ ଲଢୁଥିବା ଧୀରଜଙ୍କୁ ୧.୩ ଲକ୍ଷ ଭୋଟ ମିଳିଛି। ଏହି ଆସନରେ ନୋଟା (ନନ୍ ଅଫ୍ ଦି ଏବଭ୍)କୁ ଦ୍ୱିତୀୟ ସର୍ବାଧିକ ଭୋଟ ମିଳିଛି। ନୋଟାକୁ ୨୬,୮୯୯ ଭୋଟ ଯାଇଥିଲାବେଳେ ତୃତୀୟ ସ୍ଥାନରେ ଶିବସେନା ପ୍ରାର୍ଥୀ ରବି ରାମରାଜେ ଦେଶମୁଖ ରହିଛନ୍ତି। ତାଙ୍କୁ ୧୩,୧୧୩ ଖଣ୍ଡ ଭୋଟ ମିଳିଛି।

## ବିଭିନ୍ନ ରାଜ୍ୟର ଉପନିର୍ବାଚନ ଫଳାଫଳ

# ୧୬ରେ ଭାଜପା, ୧୪ରେ କଂଗ୍ରେସ ବିଜୟୀ

**ନୂଆଦିଲ୍ଲୀ,୨୪।୧୦**

ଉତ୍ତରପ୍ରଦେଶର ୧୧ ବିଧାନସଭା ଆସନ ସମେତ ୧୭ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୫୧ ବିଧାନସଭା ଓ ୨ ଲୋକ ସଭା ଆସନ ଲାଗି ହୋଇଥିବା ଉପନିର୍ବାଚନର ଭୋଟଗଣତି ଜାରି ରହିଥିଲାବେଳେ କେତେକ ଆସନର ଫଳାଫଳ ପ୍ରକାଶ ପାଇଛି। ୫୧ ଆସନରୁ ଭାଜପାକୁ ୧୬ ଆସନ ମିଳିଥିଲାବେଳେ କଂଗ୍ରେସ ୧୪ ଆସନରେ ବିଜୟୀ ହୋଇଛି। ଦୁଇ ଲୋକସଭା ଆସନକୁ ଏଲ୍‌ଜେପି ଏବଂ ଏନ୍‌ସିପି ବଜାୟ ରଖିଛନ୍ତି। ବିହାରର ସମସ୍ତିପୁର ଲୋକ ସଭା ଉପନିର୍ବାଚନରେ ଏଲ୍‌ଜେପି ବିଜୟୀ ହୋଇଛି। ଏଲ୍‌ଜେପିର ପ୍ରିନ୍ସ ରାଜ୍ କଂଗ୍ରେସ ପ୍ରାର୍ଥୀ ଅଶୋକ କୁମାରଙ୍କୁ ୧ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟରେ ପରାଜିତ କରିଛନ୍ତି। ସେହିପରି ମହାରାଷ୍ଟ୍ରର ସତାରା ଲୋକ ସଭା ଆସନ ଉପନିର୍ବାଚନ ଫଳାଫଳ ଘୋଷଣା ହୋଇ ନ ଥିଲେ ହେଁ ସେଠାରେ ଏନ୍‌ସିପି ଏବଂ ଭାଜପା ମଧ୍ୟରେ କଡ଼ା ମୁକାବିଲା ହୋଇଛି। ଭାଜପା ଟିକେଟରେ ଲଢୁଥିବା ପୂର୍ବତନ ଏନ୍‌ସିପି ଏମ୍‌ପି ଉଦୟନରାଜେ ଭୋଁସଲେ ଏନ୍‌ସିପି ପ୍ରାର୍ଥୀ ଶ୍ରୀନିବାସ ପାଟିଲଙ୍କଠାରୁ ୮୫୦୦୦ ଭୋଟ ପଛରେ ଥିବା ଜଣାପଡିଛି।

ତାମିଲନାଡୁର ବିକ୍ରାବନ୍ଦୀ ଓ ନଙ୍ଗୁନେରି ବିଧାନସଭା ଆସନ ପାଇଁ ହୋଇଥିବା ଉପନିର୍ବାଚନରେ ଏଆଇଏଡିଏମ୍‌କେ ବାଜିମାତ୍ କରିଛି। ବିକ୍ରାବନ୍ଦୀ ଆସନରୁ ଏଆଇଏଡିଏମ୍‌କେରେ ଏମ୍.ଆର୍. ମୁଥାମିଝ୍‌ସେଲଭାନ୍ ଏବଂ ନଙ୍ଗୁନେରିରୁ ଭି. ନାରାୟଣନ୍ ବିଜୟୀ ହୋଇଛନ୍ତି। ସେହିପରି ରାଜସ୍ଥାନ ଉପନିର୍ବାଚନରେ କଂଗ୍ରେସ ମଣ୍ଡୱା ଆସନରେ ବିଜୟୀ ହୋଇଥିଲାବେଳେ ଆର୍‌ଏଲ୍‌ପି (ରାଷ୍ଟ୍ରୀୟ ଲୋକତାନ୍ତ୍ରିକ ପାର୍ଟି) ଖିନ୍‌ସାର ଆସନ ବଜାୟ ରଖିଛି। ପଞ୍ଜାବର ୪ ବିଧାନସଭା ଆସନରୁ କଂଗ୍ରେସ ୩ଟିରେ ଓ ଅକାଳୀ ଦଳ ଗୋଟିଏ ଆସନରେ ବିଜୟୀ ହୋଇଛି। ଏପରିକି ସୁଖବୀର ସିଂ ବାଦଲଙ୍କ ଜଲାଲାବାଦ ଆସନ ମଧ୍ୟ କଂଗ୍ରେସ ହାତକୁ ଯାଇଛି। ଓଡ଼ିଶାର ବିଜେପୁର ଆସନକୁ ବିଜେଡି ପୁନଃଦଖଲ କରିଛି। ଏଠାରେ ବିଜେଡି ପ୍ରାର୍ଥୀ ରୀତା ସାହୁ ୯୭ ହଜାରରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ନିର୍ବାଚିତ ହୋଇଛନ୍ତି। ହିମାଚଳପ୍ରଦେଶରେ ଭାଜପାକୁ ସଫଳତା ମିଳିଛି। ଏଠାର ଧର୍ମଶାଳା ଓ ପଛାଡ୍ ଆସନରେ ଯଥାକ୍ରମେ ଭାଜପା ପ୍ରାର୍ଥୀ ବିଶାଲ ନେହରିଆ ଏବଂ ରୀନା କାଶ୍ୟପ ବିଜୟୀ ହୋଇଛନ୍ତି।

ଉତ୍ତରପ୍ରଦେଶର ୧୧ ଆସନରେ ଉପନିର୍ବାଚନ ହୋଇଥିଲାବେଳେ ସେଥିରୁ ୭ଟି ଭାଜପା ଦଖଲକୁ ଯାଇଛି। ସେଗୁଡିକ ହେଲା ଗଙ୍ଗୋହ, ଲକ୍ଷ୍ନୌ କ୍ୟାଣ୍ଟନମେଣ୍ଟ, ଇଗ୍‌ଲାସ, ମାନିକପୁର, ବଲାହ ଏବଂ ଗୋବିନ୍ଦ ନଗର ଆସନ। ସମାଜବାଦୀ ପାର୍ଟି ଜାଇଦପୁର, ଜଲାଲାପୁର ଓ ରାମପୁର ଆସନ ଦଖଲ କରିଛି। ପ୍ରତାପଗଡ ଆସନରେ ଭାଜପା ସହଯୋଗୀ ଅପ୍‌ନା ଦଳର ପ୍ରାର୍ଥୀ ରାଜକୁମାର ପାଲ ବିଜୟୀ ହୋଇଛନ୍ତି। ଜାଇଦପୁର ଆସନକୁ ଏସ୍‌ପି ଶାସକ ଦଳ ଭାଜପାଠାରୁ ଛଡାଇନେଇଛି। ବିହାରର ୫ ବିଧାନସଭା ଆସନ ମଧ୍ୟରୁ ଆରଜେଡି ୨ଟିରେ ଜିତିଥିଲାବେଳେ ଜେଡିୟୁ, ଏଆଇଏମ୍‌ଆଇଏମ୍ ଏବଂ ସ୍ୱାଧୀନ ପ୍ରାର୍ଥୀ ଗୋଟିଏ ଲେଖାଏଁ ଆସନ ଦଖଲ କରିଛନ୍ତି। ସେହିପରି ଗୁଜରାଟର ୬ ଆସନରୁ ଭାଜପା ୩ ଓ କଂଗ୍ରେସ ୩ ଆସନରେ ବିଜୟୀ ହୋଇଛନ୍ତି।

ମଧ୍ୟପ୍ରଦେଶର ଝାବୁଆ ଆସନରେ କଂଗ୍ରେସର କାନ୍ତିଲାଲ ଭୁରିଆ ଭାଜପା ପ୍ରାର୍ଥୀ ଭାନୁ ଭୁରିଆଙ୍କୁ ୨୭,୮୦୦ରୁ ଊର୍ଦ୍ଧ୍ୱ ଭୋଟରେ ପରାଜିତ କରିଛନ୍ତି। ଆସାମ ବିଧାନସଭା ଉପନିର୍ବାଚନରେ ଭାଜପା ଗୋଟିଏ ଆସନରେ ବିଜୟୀ ହୋଇଥିଲାବେଳେ ଅନ୍ୟ ଦୁଇଟି ଆସନରେ ଆଗରେ ରହିଛି। ଅନ୍ୟପକ୍ଷରେ ଗୋଟିଏ ଆସନରେ ଅଲ୍ ଇଣ୍ଡିଆ ୟୁନାଇଟେଡ ଡେମୋକ୍ରାଟିକ୍ ଫ୍ରଣ୍ଟ (ଏଆଇୟୁଡିଏଫ୍) ଆଗରେ ଥିବା ଜଣାପଡିଛି। ରତାବାରି ଆସନରେ ଭାଜପା ପ୍ରାର୍ଥୀ ବିଜୟ ମାଲାକାର ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ କେଶବ ପ୍ରସାଦ ରଜକଙ୍କୁ ୨୪ ହଜାର ଭୋଟରେ ପରାଜିତ କରିଛନ୍ତି। ସିକିମ୍‌ରେ ମୁଖ୍ୟମନ୍ତ୍ରୀ ପ୍ରେମ ସିଂ ତାମଙ୍ଗ ଓରଫ ପି.ଏସ. ଗୋଲେ ଉପନିର୍ବାଚନରେ ୮୯୫୩ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ସେ ପକଲୋକ କମ୍‌ରାଙ୍ଗ ଆସନରୁ ଲଢୁଥିଲେ। ସିକିମ୍‌ରେ ଭାଜପାକୁ ଦୁଇଟି ଆସନ ମିଳିଛି। ମେଘାଳୟର ଶେଲା ଆସନରେ ୟୁଡିପି ପ୍ରାର୍ଥୀ ବାଲାଜିଏଦ୍ କୁପାର ସାଇନ୍‌ରେମ୍ ବିଜୟୀ ହୋଇଛନ୍ତି। ଗୁଜରାଟ ରାଧାନପୁର ବିଧାନସଭା ଆସନରେ ଭାଜପା ପ୍ରାର୍ଥୀ ଅଳ୍ପେଶ ଠାକୁର କଂଗ୍ରେସ ପ୍ରାର୍ଥୀ ରଘୁଭାଇ ଦେଶାଇଙ୍କଠାରୁ ୩୫୦୦ ଭୋଟରେ ପରାଜିତ ହୋଇଛନ୍ତି। ସେହିପରି ବୟାଦ ଆସନରେ ଭାଜପା ପ୍ରାର୍ଥୀ ଧବଳସିଂ ଝାଲା ମଧ୍ୟ ପରାଜିତ ହୋଇଛନ୍ତି। ଛତିଶଗଡ଼ର ଶାସକ କଂଗ୍ରେସ ଦଳ ଚିତ୍ରକୋଟ ବିଧାନସଭା ଆସନରେ ବିଜୟୀ ହୋଇଛି।

## ସିକିମ୍ ମୁଖ୍ୟମନ୍ତ୍ରୀ ତାମଙ୍ଗ ଜିତିଲେ




ୟୁପିର ରାମପୁର ଆସନରେ ଉପନିର୍ବାଚନ ଜିତିଥିବା ଏସ୍‌ପି ପ୍ରାର୍ଥୀ ତଜିନ୍ ଫତିମା।

## ଲୋକ ସଭା ଆସନ: ସମସ୍ତିପୁରରେ ଏଲ୍‌ଜେପି, ସତାରାରେ ଏନ୍‌ସିପି

## ସଂକ୍ଷେପରେ

### ପୋଷ୍ଟାଲ ଭୋଟ୍‌ରେ ଭାଜପା ଆଗରେ

ବରଗଡ଼ ଅଫିସ,୨୪।୧୦: ବରଗଡ଼ ଜିଲା ବିଜେପୁର ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ରୀତା ସାହୁ ରେକର୍ଡ଼ ସଂଖ୍ୟକ ଭୋଟ୍‌ରେ ବିଜୟୀ ହୋଇଛନ୍ତି। ହେଲେ ଉକ୍ତ ଉପନିର୍ବାଚନର ମତଦାନ ହୋଇଥିବା ଅଧିକ ପୋଷ୍ଟାଲ ଭୋଟ୍ ଭାଜପା ସପକ୍ଷରେ ଯାଇଛି । ମତଦାନ ହୋଇଥିବା ୬ ପୋଷ୍ଟାଲ ଭୋଟ୍ ମଧ୍ୟରୁ ୫ଟି ଭାଜପା ସପକ୍ଷରେ ଯାଇଥିବାବେଳେ କେବଳ ଗୋଟିଏ ପୋଷ୍ଟାଲ ଭୋଟ୍ ବିଜେଡିକୁ ମିଳିଛି ।

### ଜଳସେଚନକୁ ପ୍ରାଥମିକତା ଦେବି: ରୀତା ସାହୁ

ବିଜେପୁର ନିର୍ବାଚନ ମଣ୍ଡଳୀର ବିକାଶକୁ ଗୁରୁତ୍ୱ ଦେବି । ଗଙ୍ଗାଧର ଜଳସେଚନ ପ୍ରକଳ୍ପ କାମ ଯେଭଳି ଶୀଘ୍ର ସମ୍ପୂର୍ଣ୍ଣ ହେବ, ସେଥିପ୍ରତି ଉଦ୍ୟମ ଜାରି ରଖିବି। ଏହା ସହିତ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ରହିଥିବା ସରକାରୀ ଯୋଜନା ଯେଭଳି ସେମାନଙ୍କ ପାଖକୁ ପହଞ୍ଚି ପାରିବ ଏବଂ ସମସ୍ତ ମହିଳା ସେଥିରେ ଉପକୃତ ହେବେ, ତାକୁ ମଧ୍ୟ ପ୍ରାଥମିକତା ଦେବି ବୋଲି ବିଜେଡିର ବିଜୟୀ ପ୍ରାର୍ଥିନୀ ରୀତା ସାହୁ କହିଛନ୍ତି । ସେହିପରି ରେକର୍ଡ ସଂଖ୍ୟକ ଭୋଟ୍ ମିଳିଥିବା ଯୋଗୁ ମନ୍ତ୍ରୀପଦ ମିଳିବା ନେଇ ଚର୍ଚ୍ଚା ହେଉଥିବା ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ଯାହା କିଛି ନିଷ୍ପତ୍ତି ନେବେ, ତାକୁ ସେ ମାନି ଚଳିବେ ବୋଲି ରୀତା କହିଥିଲେ । ଏହି ଅବସରରେ ରୀତା ବିଜେପୁର ବାସୀଙ୍କୁ ନିଜର କୃତଜ୍ଞତା ଜଣାଇବା ସହ ଦଳୀୟ କର୍ମୀଙ୍କୁ ମଧ୍ୟ ଧନ୍ୟବାଦ ଅର୍ପଣ କରିଛନ୍ତି।

### ବିଜୟ ପ୍ରମାଣପତ୍ର ଗ୍ରହଣ କଲେ ରୀତା

ବିଜେପୁର ଉପନିର୍ବାଚନରେ ରେକର୍ଡ଼ ସଂଖ୍ୟକ ଭୋଟ୍‌ରେ ବିଜେଡି ପ୍ରାର୍ଥୀ ରୀତା ସାହୁ ବିଜୟୀ ହୋଇଛନ୍ତି । ବିଜୟ ଘୋଷଣା ହେବା ପରେ ରୀତା ତାଙ୍କ ସମର୍ଥକଙ୍କ ଗହଣରେ ପଦ୍ମପୁର ଉପଜିଲାପାଳ ତଥା ରିଟର୍ଣ୍ଣିଂ ଅଫିସର ତନ୍ମୟ କୁମାର ଦରୱାନଙ୍କଠାରୁ ବିଜୟ ପ୍ରମାଣପତ୍ର ଗ୍ରହଣ କରିଥିଲେ। ପ୍ରମାଣପତ୍ର ଗ୍ରହଣ ସମୟରେ ରୀତାଙ୍କ ସହିତ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଉପସ୍ଥିତ ଥିଲେ ।


ବିଜେପୁର ଉପନିର୍ବାଚନରେ ବିଜେଡି ରେକର୍ଡ ସଂଖ୍ୟକ ଭୋଟ ପାଇ ବିଜୟ ହେବା ପରେ ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇବାକୁ ଆସିଥିବା ଦଳୀୟ କର୍ମୀ, ନେତା, ବିଧାୟକ ଓ ମନ୍ତ୍ରୀମାନେ।

# ବିଶ୍ୱଭୂଷଣଙ୍କ ରେକର୍ଡ ଭାଙ୍ଗିଲେ ରୀତା

- ବିଶ୍ୱଭୂଷଣଙ୍କୁ ପଛରେ ପକାଇଲେ
- ମୁଖ୍ୟମନ୍ତ୍ରୀଙ୍କ ଭୋଟ ବ୍ୟବଧାନକୁ ଟପିଲେ

ଭୁବନେଶ୍ୱର, ୨୪।୧୦(ବ୍ୟୁରୋ)

ବରଗଡ ଜିଲା ବିଜେପୁର ଉପନିର୍ବାଚନରେ ବିଜେଡି ପ୍ରାର୍ଥିନୀ ରୀତା ସାହୁ ରେକର୍ଡ ୯୭,୯୯୦ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଏହା ଓଡ଼ିଶା ରାଜନୀତିରେ କୌଣସି ବିଧାନସଭା ନିର୍ବାଚନରେ ସର୍ବକାଳୀନ ବୃହତ୍ ବ୍ୟବଧାନ। ପୂର୍ବରୁ ଏହି ରେକର୍ଡ ବର୍ତ୍ତମାନର ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ତଥା ପୂର୍ବତନ ଭାଜପା ନେତା ବିଶ୍ୱଭୂଷଣ ହରିଚନ୍ଦନଙ୍କ ନାମରେ ରହିଥିଲା। ୨୦୦୦ ମସିହାରେ ହରିଚନ୍ଦନ ଭୁବନେଶ୍ୱର ବିଧାନସଭା ଆସନରୁ ୯୪ ,୫୫୫ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ବିଶ୍ୱଭୂଷଣଙ୍କ ଏହି ରେକର୍ଡ ପ୍ରାୟ ଦୁଇ ଦଶନ୍ଧି ଧରି ମାଇଲଖୁଣ୍ଟ ହୋଇ ରହିଥିଲା।

ଚଳିତ ବିଜେପୁର ଉପନିର୍ବାଚନରେ ରୀତା ପୋଲିଂ ହୋଇଥିବା ମୋଟ ଭୋଟର ୭୩.୮୭% ଅର୍ଥାତ୍ ୧,୩୫,୯୫୭ ଖଣ୍ଡ ଭୋଟ ପାଇଛନ୍ତି । ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ସନତ ଗଡତିଆ ମାତ୍ର ୩୭,୯୬୭ ଖଣ୍ଡ ଭୋଟ ପାଇଛନ୍ତି। ଏହାସହିତ ରୀତା ନିଜର ୨୦୧୮ ଉପନିର୍ବାଚନ ଏବଂ ଗତ ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରେକର୍ଡ ବିଜୟ ବ୍ୟବଧାନକୁ ମଧ ପଛରେ ପକାଇ ଦେଇଛନ୍ତି। ୨୦୧୮ରେ ରୀତା ଭାଜପା ପ୍ରାର୍ଥୀ ଅଶୋକ ପାଣିଗ୍ରାହୀଙ୍କୁ ୪୧, ୯୩୩ ଖଣ୍ଡ ଭୋଟରେ ପରାସ୍ତ କରିଥିଲେ। ଏହାର ବର୍ଷକ ପରେ ଅନୁଷ୍ଠିତ ହୋଇଥିଲା ସାଧାରଣ ନିର୍ବାଚନ, ହେଲେ ନିର୍ବାଚନରେ ବିଜେଡି ପ୍ରାର୍ଥୀ ହୋଇଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମୁଖ୍ୟମନ୍ତ୍ରୀ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସନତ ଗଡତିଆଙ୍କୁ ୫୭,୧୨୨ ଖଣ୍ଡ ଭୋଟରେ ପରାସ୍ତ କରିଥିଲେ। ନବୀନ ପୂର୍ବଭଳି ନିଜର ପାରମ୍ପରିକ ହିଞ୍ଜିଳି ଆସନରୁ ମଧ ବିଜୟୀ ହୋଇଥିଲେ। ତେଣୁ ନିୟମ ଅନୁଯାୟୀ ଗୋଟିଏ ଆସନ(ବିଜେପୁର) ଛାଡିଥିଲେ। ଏହି କାରଣରୁ ପୁନର୍ବାର ବିଜେପୁରରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ହୋଇଥିବା ବିଧାନସଭା ନିର୍ବାଚନରେ ସର୍ବାଧିକ ବ୍ୟବଧାନରେ ବିଜୟୀ ହେବାର ରେକର୍ଡ ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ନାମରେ ଥିଲା। ହେଲେ ଏହାର ୫ ମାସ ପରେ ବିଜେଡି ପ୍ରାର୍ଥିନୀ ରୀତା ସାହୁ ତାହାକୁ ଭାଙ୍ଗି ଦେଇଛନ୍ତି।

# ଜନାଦେଶକୁ ସମ୍ମାନ ଦେଲେ ସବୁଦଳ

ବରଗଡ଼ ଅଫିସ,୨୪।୧୦

ଉପନିର୍ବାଚନ ହେଉ କିମ୍ବା ସାଧାରଣ ନିର୍ବାଚନ, ସବୁବେଳେ ବିଜେପୁର ବିଧାନସଭା ଆସନ ରାଜ୍ୟ ରାଜନୀତିରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ତତ୍କାଳୀନ ବିଧାୟକ ସୁବଳ ସାହୁଙ୍କ ଦେହାନ୍ତ ପରେ ୨୦୧୮ ଉପନିର୍ବାଚନରୁ ଏହି ଆସନର ନିର୍ବାଚନ ଓ ଫଳାଫଳ ଉପରେ ସଭିଙ୍କ ନଜର ରହି ଆସିଛି । ଏକଦା କଂଗ୍ରେସର ଗଡ଼ ପାଲଟିଥିବା ବିଜେପୁର ଆସନ ସୁବଳ ସାହୁଙ୍କ ଦେହାନ୍ତ ପରେ ଏଠାରୁ ସତ୍ତା ହରାଇଛି । ସେହିପରି ୨୦୧୭ ଜିଲା ପରିଷଦ ନିର୍ବାଚନ ଫଳାଫଳରୁ ଏହି ଆସନକୁ ହାତେଇବା ପାଇଁ ଭାଜପା ସ୍ୱପ୍ନ ଦେଖି ଆସୁଥିବାବେଳେ ତାହା ସ୍ୱପ୍ନରେ ରହିଯାଇଛି। ବରଂ ଭାଜପା ପ୍ରତି ବିଜେପୁରବାସୀ ମୁହଁ ଫେରାଉଥିବା ଗୁରୁବାର ପ୍ରକାଶିତ ଫଳାଫଳରୁ ବାରି ହୋଇପଡ଼ିଛି । ଅନ୍ୟପଟେ ସୁବଳଙ୍କ ସ୍ତ୍ରୀ ରୀତାଙ୍କୁ ଦଳରେ ସାମିଲ କରିବା ପରେ ବିଜେଡି ବିଜୟରେ କେବଳ ହ୍ୟାଟ୍ରିକ ଅର୍ଜନ କରିଛି ତାହା ନୁହେଁ, ରୀତା ରେକର୍ଡ଼ ସୃଷ୍ଟି କରି ଚଳିତ ଉପନିର୍ବାଚନରେ ନିଜକୁ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ପ୍ରତିପାଦିତ କରିଛନ୍ତି । ଏଥିରେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଦଳ ଭାଜପା ଓ କଂଗ୍ରେସ ଭୋଟ ହାତେଇବାରେ ଫେଲ୍ ମାରିଛନ୍ତି।


ପ୍ରଦୀପ ଦେବତା


ଦେବେଶ ଆଚାର୍ଯ୍ୟ


ଅଶ୍ୱିନୀ ଷଡ଼ଙ୍ଗୀ

ଏ ସଂକ୍ରାନ୍ତରେ କଂଗ୍ରେସ ନେତା ପ୍ରଦୀପ ଦେବତା କହିଛନ୍ତି, ଉପନିର୍ବାଚନରେ ଆମେ ସରକାରଙ୍କ ସହିତ ଲଢ଼େଇ କରୁଥିଲୁ । ହେଲେ ବିଜେଡି ଦଳୀୟ ପ୍ରାର୍ଥୀଙ୍କ ପାଇଁ ସରକାରୀ କଳକୁ ସମ୍ପୂର୍ଣ୍ଣ ଭାବେ ଲଗାଇ ଦେଇଥିଲା। ତଥାପି ଆମେ ଜନମତକୁ ସମ୍ମାନ ଦେଉଛୁ। ସରକାର ଦେଇଥିବା ପ୍ରତିଶ୍ରୁତି ପାଳନ କରିବାକୁ ଦାବି କରୁଛୁ । ନ ହେଲେ ଆଗାମୀ ଦିନରେ କଂଗ୍ରେସ ବିରାଟ ଆନ୍ଦୋଳନରେ ଏହାର ଜବାବ ଦେବ ।

ଭାଜପା ନେତା ଅଶ୍ୱିନୀ ଷଡ଼ଙ୍ଗୀ କହିଛନ୍ତି, ଗଣତନ୍ତ୍ରରେ ଲୋକଙ୍କ ମତାମତ ସର୍ବଶ୍ରେଷ୍ଠ। ଜନାଦେଶକୁ ସ୍ୱୀକାର କରୁଛୁ। ନବନିର୍ବାଚିତ ବିଧାୟିକାଙ୍କୁ ଶୁଭକାମନା ଜଣାଉଛୁ । ଜିତ୍‌କୁ ନେଇ ବିଜେଡି ବାହୁସ୍ଫୋଟ ମାରିପାରେ। ହେଲେ ଉପନିର୍ବାଚନରେ ବିଜେଡି ପ୍ରତି ଭୋଟରଙ୍କୁ ଯେଭଳି ଟଙ୍କା ବାଣ୍ଟିଲା, ତାହା ହୁଏତ ରାଜ୍ୟରେ ପ୍ରଥମ ହୋଇଥିବ ଏବଂ ଏହା ଉଭୟ ଗଣତନ୍ତ୍ର ଓ ଲୋକଙ୍କ ପାଇଁ ବଡ଼ ବିପଦ।

ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ କହିଛନ୍ତି, ବିଜେପୁରରେ ବିଜେଡିର ବୃହତ୍ ବିଜୟର ସବୁ ଶ୍ରେୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର। ଏହି ବିଜୟ ମୁଖ୍ୟମନ୍ତ୍ରୀଙ୍କ ବିକାଶମୂଳକ ଯୋଜନାର ଏକ ପ୍ରତିଫଳନ। ଆଗାମୀ ଦିନରେ ବିଜେପୁର ସମେତ ଜିଲାର ସାମଗ୍ରିକ ବିକାଶ ଯେଭଳି ହେବ, ସେଥିପ୍ରତି ସବୁ ଜନପ୍ରତିନିଧି ଉଦ୍ୟମ ଜାରି ରଖିବୁ । ଆଉ ବିରୋଧୀମାନେ ଏବେ ଯେଉଁ ଅଭିଯୋଗ ଆଣୁଛନ୍ତି, ହାରିବା ପରେ ସେଭଳି ଅଭିଯୋଗ କରିବା ସ୍ୱାଭାବିକ ।

## ଜିଲା ଚିଠି
### କନ୍ଧମାଳ



# ନିଯୁକ୍ତି ବ୍ୟବସ୍ଥା ନାହିଁ

ଜଙ୍ଗଲଜାତ ଦ୍ରବ୍ୟଠୁ ଆରମ୍ଭ କରି ହଳଦୀ, ମାଣ୍ଡିଆ, ପନିପରିବାକୁ ନେଇ କନ୍ଧମାଳ ଜିଲା ତାହାର ସ୍ୱତନ୍ତ୍ରତା ବଜାୟ ରଖିଛି। ହଳଦୀକୁ ଜିଆଇ ମାନ୍ୟତା ମିଳିଛି। ଜିଲା ପ୍ରଶାସନ ଆରମ୍ଭ କରିଥିବା ମିଶନ-୧୭୧ରେ ଲୋକଙ୍କୁ ଆମ୍ବ, ଲିଚୁ, ପନିପରିବା ଚାଷ କରିବାକୁ ପ୍ରୋତ୍ସାହିତ କରାଯାଉଛି। କିନ୍ତୁ ଏସବୁ ଜିନିଷର କିଣାବିକା ପାଇଁ ସେଭଳି ବଜାର ସୃଷ୍ଟି କରାଯାଇ ପାରୁନାହିଁ। ଜିଲାରୁ କଞ୍ଚାମାଲ ନେଇ ଅନ୍ୟ ଜିଲା ଓ ବାହାର ରାଜ୍ୟର ବ୍ୟବସାୟୀମାନେ ଲାଭବାନ ହେଉଛନ୍ତି। ହେଲେ କନ୍ଧମାଳର ଯୁବକ ଦାଦନ ଖଟିବାକୁ ବାହାରକୁ ଯାଉଛନ୍ତି। ହଳଦୀ ପାଇଁ ଜିଲା ପ୍ରସିଦ୍ଧି ଲାଭ କରିଥିବା ବେଳେ ଫିରିଙ୍ଗିଆ ବ୍ଲକରେ କସମ୍ ତରଫରୁ ଗୋଟିଏ ପ୍ରୋସେସିଂ ୟୁନିଟ ରହିଛି। ସେଠାରେ ହଳଦୀ, ଅଦା, ସୋରିଷ, ହରିଡା, ବାହାଡ଼ା, ଅଁଳା, ଡାଲି ଆଦି ପ୍ରକ୍ରିୟାକରଣ ହେଉଛି। ମାତ୍ର ୧୦ ଜଣ ପିଲା କାମ କରୁଛନ୍ତି। ଜିଲାରେ ପ୍ରଚୁର ଆମ୍ବ ଉତ୍ପାଦନ ହେଉଥିଲେ ମଧ୍ୟ ପ୍ରକ୍ରିୟାକରଣ ୟୁନିଟ ନାହିଁ। ସେହିପରି ଜିଲାରେ ଜୈବିକ ପ୍ରଣାଳୀରେ ପନିପରିବା ଚାଷ ହୁଏ। କୋବି, ବିନ୍ସ ଏବଂ ବାଇଗଣର ଚାହିଦା ସବୁଠୁ ଅଧିକ। ଶୀତଳଭଣ୍ଡାର ନ ଥିବାରୁ ଚାଷୀ ସବୁବେଳେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ଭଲ ଲାଭ ମିଳୁ ନ ଥିବାରୁ ଯୁବକମାନେ ଚାଷ ପ୍ରତି ମନ ଉଣା କରି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଚାଲି ଯାଉଛନ୍ତି। ଖଳିପତ୍ର ଅବସ୍ଥା ମଧ ସମାନ। ଏଠାରେ ଶାଳ, ଶିଆଳି ପତ୍ରର ଅଭାବ ନାହିଁ। ଜିଲାରୁ ଏହି ପତ୍ର ବ୍ୟବସାୟୀମାନେ ବାହାରକୁ ନେଇ ମାଲାମାଲ ହେଉଛନ୍ତି। ଖଳିପତ୍ର ପ୍ରକ୍ରିୟାକରଣ ଶିଳ୍ପ ଉପରେ ମଧ ପ୍ରାଧାନ୍ୟ ଦିଆଯାଉନାହିଁ। କନ୍ଧମାଳରେ ଅନ୍ୟ ଜିଲା ଅପେକ୍ଷା ଚାଷ ଜମି କମ୍। ଧାନ ଫସଲ ସେତେ ହୁଏନାହିଁ। ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ବହୁ ଲୋକେ ଚଳୁଥିଲେ। ଟିକାବାଲିରେ ମାଳ ବାଣିଜ୍ୟ ସମବାୟ ସମିତି ହୋଇଥିଲା। ଏଠାରେ ଜଙ୍ଗଲଜାତ ଦ୍ରବ୍ୟ ଦେଇ ଲୋକେ ଭଲ ରୋଜଗାର କରୁଥିଲେ। ରାଜ୍ୟ ବାହାରକୁ ଏସବୁ ଦ୍ରବ୍ୟ ରପ୍ତାନି କରାଯାଉଥିଲା। ତେବେ ଦୀର୍ଘବର୍ଷ ହେଲା ଏହା ବନ୍ଦ ହୋଇପଡ଼ିଛି। ଜିଲା ନିୟୋଜନ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ୨୦,୭୦୮ ଜଣ ଯୁବକଯୁବତୀ ସେମାନଙ୍କ ନାମ ଚାକିରି ପାଇଁ ପଞ୍ଜୀକରଣ କରି ଅପେକ୍ଷାରେ ଅଛନ୍ତି। ସେମାନଙ୍କ ମଧ୍ୟରେ ମାଟ୍ରିକ୍ ପାସଠାରୁ ବୈଷୟିକ ଡିଗ୍ରୀଧାରୀ ଅଛନ୍ତି। କେବଳ ଗତ ୩ ବର୍ଷରେ ୧୩,୬୩୦ ଜଣ ନାମ ପଞ୍ଜୀକରଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୨୦୧୭ ମସିହାରେ ୮ ଓ ୨୦୧୮ରେ ୧୮ ଜଣଙ୍କୁ ମିଶାଇ ମାତ୍ର ୨୬ ଜଣ ସରକାରୀ ଚାକିରି ପାଇଛନ୍ତି। ନିକଟ ଅତୀତରେ କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ କନ୍ଧମାଳରେ ମସଲା ପ୍ରକ୍ରିୟାକରଣ ୟୁନିଟ ସ୍ଥାପନ ସହ ଆତ୍ମନିଯୁକ୍ତିଭିତ୍ତିକ ତାଲିମ ପ୍ରଦାନ କରି ଯୁବତୀଯୁବକମାନଙ୍କୁ ରୋଜଗାରକ୍ଷମ କରାଯିବ ବୋଲି ସୂଚନା ଦେଇଛନ୍ତି। କନ୍ଧମାଳର ଉତ୍ପାଦିତ ସାମଗ୍ରୀର କିଣାବିକା ପାଇଁ ଉପଯୁକ୍ତ ବଜାର ସୃଷ୍ଟି ଏବଂ ପ୍ରକ୍ରିୟାକରଣ ୟୁନିଟ ସ୍ଥାପନ ଯୁବକଙ୍କୁ ନିଶ୍ଚିତ ରୋଜଗାରକ୍ଷମ କରିବ ବୋଲି ସମସ୍ତେ ଆଶା ବାନ୍ଧିଛନ୍ତି। ହେଲେ ସେ ଆଶା କେବେ ପୂରଣ ହେବେ ତାହା ସମୟ କହିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

-ରାକେଶ କୁମାର ରାଉତ


ରିଟର୍ଣ୍ଣିଂ ଅଫିସରଙ୍କଠାରୁ ରୀତା ସାହୁ ବିଜୟୀ ପ୍ରମାଣପତ୍ର ଗ୍ରହଣ କରୁଛନ୍ତି ।


ଭୋଟ ଗଣତି ପରେ ବିଜୟ ଶୋଭାଯାତ୍ରାରେ ସାମିଲ ବିଜେଡି ନେତୃବୃନ୍ଦ ।

# ବିଜୟ ଶୋଭାଯାତ୍ରାରେ ସାମିଲ ବିଜେଡି ନେତା

ବରଗଡ଼ ଅଫିସ,୨୪।୧୦

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନର ଭୋଟ ଗଣତି ପଦ୍ମପୁର ଆରଏମସି ଗୋଦାମ ହଲରେ ଚାଲିଥିଲା । ପ୍ରତି ରାଉଣ୍ଡରେ ବିଜେଡି ପ୍ରାର୍ଥୀ ରୀତା ବହୁ ଆଗରେ ରହୁଥିବା ସୂଚନା ପାଇ ପ୍ରଥମ ରାଉଣ୍ଡ ଗଣନା ସରିବା ପରେ ବିଜେଡି ସମର୍ଥକମାନେ ପଦ୍ମପୁର ଧାଇଁ ଆସିଥିଲେ। ଫଳାଫଳ ଘୋଷଣା ହେବା ପରେ ବିଜୟିନୀ ରୀତାଙ୍କ ସହ ସମର୍ଥକମାନେ ସେଠାରେ ବିଜୟ ଶୋଭାଯାତ୍ରା କରିଥିଲେ। ସେହିପରି ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ, ମନ୍ତ୍ରୀ ସୁଶାନ୍ତ ସିଂ, ପୂର୍ବତନ ଏମ୍‌ପି ପ୍ରଭାସ ସିଂ, ଜିଲା ସଭାପତି ବିଜୟ ରଞ୍ଜନ ସିଂ ବରିହା ପ୍ରମୁଖ ମଧ୍ୟ ପଦ୍ମପୁର ପହଞ୍ଚିଥିବା ଦେଖିବାକୁ ମିଳିଥିଲା । ପରେ ସୋହେଲାରେ ମଧ୍ୟ ଦଳୀୟ କାର୍ଯ୍ୟକର୍ତ୍ତା, କର୍ମୀମାନେ ରୀତାଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9453480851

FINANCE FINANCE

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

DIWALI DHAMAKA
NATIONAL FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ହୋମ, ଇଟାଭାଟୀ ଋଣ ଘରେବସି ପାଆନ୍ତୁ
କମ୍ ସୁଧ ଅଧିକ ରିହାତୀ।
ଅଳ୍ପ ସମୟ ଓ ପୁରା ବିଶ୍ୱାସର ସହିତ
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
9896736154
7988366521

ଦୀପାବଳି ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ମୁଦ୍ରା ଫାଇନାନ୍ସ
ଆପଣଙ୍କ ସ୍ୱପ୍ନଗୁଡ଼ିକୁ ସାକାର କରନ୍ତୁ
ମାର୍କଶିଟ୍ | ପ୍ରପର୍ଟି
ଆଧାରକାର୍ଡ | ପର୍ସନାଲ
ପଶୁପାଳନ | ଗୃହ ଋଣ
ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 50% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
ଠକମାନଙ୍କ ପ୍ରତି ସାବଧାନ
72899-99543
72899-48952
SCO-106, Second Floor, Vishal Tower, Cannaught Place, Delhi.

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Bhagyalaxmi Finance
Reg No. U6519TN198PLC00855
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ଓ ସମସ୍ତ ଋଣ
2-3 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି, ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
ମୋ.7689936101
7310644390
Vishal Mansion, Mahatma Gandhi Road, UP

ASTROLOGY ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

SEE COLOR DISPLAY CLASSIFIED
ON EVERY TUESDAY & FRIDAY


ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଓ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେହେଲେ ଅନିଷ୍ଟ ହୁଏ ନାହିଁ ।
- ମହର୍ଷି ପରାଶର



## ସଂକ୍ଷେପରେ

### ବୋଲେରୋ ଗାଡି ଚୋରି: ଥାନାରେ ଲିଖିତ ଅଭିଯୋଗ

**ବେଦବ୍ୟାସ, ୨୪।୧୦ (ଡି.ଏନ.ଏ)**

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଲୁଙ୍ଗା କରତକଲଛକ ସ୍ଥିତ ଏକ ଚମିନ ଦୋକାନ ନିକଟରୁ ଠିଆ ହୋଇଥିବା ଏକ ବୋଲେରୋ ଗାଡି ବୁଧବାର ରାତି ସାଢ଼େ ୯ଟା ବେଳେ ଚଞ୍ଚକତା ସହ ଚୋରମାନେ ଲୁଟ କରିଛନ୍ତି। ଏନେଇ ଗୁରୁବାର ବ୍ରାହ୍ମଣୀତରଙ୍ଗ ଥାନାରେ ଗାଡି ମାଲିକ କାଲୋକୁଦର ନିବାସୀ ଶିବ କିଷାନ ଲିଖିତ ଅଭିଯୋଗ କରିଛନ୍ତି।

ପୋଲିସ ସୂଚନାନୁଯାୟୀ, ବୁଧବାର ଗାଡି ମାଲିକ ଶିବ କିଷାନଙ୍କ ପୁଅ ପ୍ରକାଶ ଭଡା ସୂତ୍ରରେ ଭୁବନେଶ୍ୱର ଯିବା ନିମନ୍ତେ ଘରୁ ବାହାରି ଆସି କଲୁଙ୍ଗା କରତକଲ ଛକ ସ୍ଥିତ ଏକ ଚମିନ ଦୋକାନ ନିକଟରେ ଠିଆ କରି ଶୌଚ କରିବାକୁ ଯାଇଥିଲେ। ଫେରି ଦେଖିବାକୁ ପାଇଲେ ଯେ, ସେହି ସ୍ଥାନରେ ଗାଡି ନାହିଁ । ଏନେଇ ବାପାଙ୍କୁ ଫୋନ ଦ୍ୱାରା ଜଣାଇ ଖୋଜାଖୋଜି କରିଥିଲେ ହେଲେ ବିଫଳ ହେବାରୁ ଗୁରୁବାର ବ୍ରାହ୍ମଣୀତରଙ୍ଗ ଥାନାରେ ଗାଡି ମାଲିକଙ୍କ ତରଫରୁ ଏକ ଲିଖିତ ଅଭିଯୋଗ ହୋଇଛି। ନୂତନ ଭାରପ୍ରାପ୍ତ ଅଧିକାରୀ ଭାବେ ଯୋଗ ଦେଇଥିବା ସଂଗ୍ରାମ କେଶରୀ ବିଶ୍ୱାଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏସଆଇ ବିକାଶ କଲେଟ, ହାବିଲଦାର ବ୍ରଜମୋହନ ଖମାରୀ, ଚନ୍ଦ୍ରମଣୀ ବେହେରା ପ୍ରମୁଖଙ୍କ ସମେତ ଏକ ତଦନ୍ତକାରୀ ଦଳ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ ବଳବତ୍ତର ରଖିଛନ୍ତି।

# ସରକାରୀ ଯୋଜନା, ଚାଷୀଙ୍କୁ ପ୍ରତାରଣା

**ନୂଆଗାଁ, ୨୪।୧୦ (ଡି.ଏନ.ଏ)**




ନୂଆଗାଁରେ ଜଣେ ଚାଷୀ ତାଙ୍କ ଖେତରେ କୁଅ ଖନନ କରିଛନ୍ତି।

## କାମ ସରିଲାଣି, ବିଲ ହେଉନି

- ଆଜିକାଲି କହି ଠକି ଚାଲିଛନ୍ତି କନିଷ୍ଠଯନ୍ତ୍ରୀ
- ଦେଢ଼ବର୍ଷ ପରେବି ହେଲାନି ଫାଇନାଲ ବିଲ

ଚାଷୀ ଓ ଚାଷର ଉନ୍ନତି ପାଇଁ ସରକାର ଏକାଧିକ ଯୋଜନା କରିଛନ୍ତି। ଚାଷ ପାଇଁ କମ ସୁଧରେ ଋଣ ପ୍ରଦାନ ଠାରୁ ଆରମ୍ଭ କରି ସରକାରୀ ଧାର୍ଯ୍ୟ ମୂଲ୍ୟରେ ବିହନ, କୃଷି ଯନ୍ତ୍ରପାତି ଭଳି ଆବଶ୍ୟକୀୟ ଜିନିଷ ମଧ୍ୟ ଚାଷୀମାନଙ୍କୁ ଯୋଗାଇ ଦିଆଯାଉଛି। ଏବେ ପୁଣି ସରକାର ବିଭିନ୍ନ ସମୟରେ ଚାଷବାସ କ୍ଷେତ୍ରରେ ପାଣିର ଅଭାବକୁ ହୃଦୟଙ୍ଗମ କରି ଚାଷୀମାନଙ୍କୁ ଚାଷ କାର୍ଯ୍ୟ ପାଇଁ ଡଗୱେଲ (କୂଅ) ଯୋଗାଇ ଦେଉଛନ୍ତି। ଚାଷୀଉକ୍ତ ଡଗୱେଲ ବା ଗଭୀର କୂଅ ସାହାର୍ଯ୍ୟରେ ନିଜ ଚାଷ କାର୍ଯ୍ୟକୁ ସୁଚାରୁରୂପେ ତ୍ୱରାନ୍ୱିତ କରିପାରୁଛନ୍ତି। ଦିନକୁ ଦିନ ଜଳବାୟୁ ପରିବର୍ତ୍ତନ କିମ୍ବା ଅନିୟମିତତା ବର୍ଷା ଯୋଗୁ ଚାଷୀଙ୍କ ଚାଷ କାର୍ଯ୍ୟ ଯେମିତି ପ୍ରଭାବିତ ନ ହେବ ତାହାକୁ ଦୃଷ୍ଟିରେ ରଖି ଚାଷୀମାନଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଡଗୱେଲ ମାନ ଯୋଗାଇ ଦେଉଛନ୍ତି। ଚାଷୀମାନଙ୍କୁ ୧ଲକ୍ଷ ୧୨ ହଜାର ଟଙ୍କା ବ୍ୟୟରେ ଯୋଗାଇ ଦେଉଥିବା ଏହି ଡଗୱେଲ ନୂଆଗାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ ଚାଷୀମାନଙ୍କୁ ଦିଆଯାଇଥିଲେ ହେଁ ବର୍ତ୍ତମାନ ସୁଦ୍ଧା ଆବଶ୍ୟକ ପରିମାଣରେ ଏହି ଯୋଜନା ଚାଷୀମାନଙ୍କ ପାଖରେ ପହଞ୍ଚି ପାରିନାହିଁ। ସେହିଭଳି ଯେଉଁ ପଞ୍ଚାୟତରେ ଚାଷୀମାନେ ଡଗୱେଲ ନିର୍ମାଣ କରିଛନ୍ତି ସେମାନଙ୍କୁ ସେମାନଙ୍କ ବିଲ ଠିକ ସମୟରେ ପ୍ରଦାନ କରାଯାଇ ନାହିଁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯେମିତି ଫେଜ ଫେଜ କରି ଉପଭୋକ୍ତାମାନଙ୍କୁ ଟଙ୍କା ମିଳିଥାଏ । ଏହି ଯୋଜନାରେ ମଧ୍ୟ ଅନୁରୂପ ଭାବେ ଚାଷୀମାନଙ୍କୁ ଟଙ୍କା ପ୍ରଦାନ କରାଯାଇଥାଏ। ହେଲେ କେତେକ ପଞ୍ଚାୟତରେ ଚାଷୀମାନେ ଡଗୱେଲ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରି ସାରିଥିଲେ ହେଁ ବିଭାଗୀୟ କନିଷ୍ଠ ଯନ୍ତ୍ରୀମାନେ ଠିକ ଭାବେ ବିଲ କରୁ ନ ଥିବା ଅଭିଯୋଗ ହେଉଛି। ଏଭଳି ଏକ ଗୁରୁତର ଅଭିଯୋଗ ଆସିଛି ନୂଆଗାଁ ବ୍ଲକ ସଦର ପଞ୍ଚାୟତର ଗୋଲଦାରୁ ଗ୍ରାମରୁ। ଗୋଲଦାରୁ ଗ୍ରାମର ଗଞ୍ଜୁଟୋଲା ବସ୍ତିରେ ରହୁଥିବା ଚାଷୀ ଜୟପାଲ ସିଂଙ୍କ ନାଁରେ ଏକ ଡଗୱେଲ ୨୦୧୭-୧୮ ଆର୍ଥିକ ବର୍ଷରେ ମଞ୍ଜୁର ହୋଇଥିଲା। ଡଗୱେଲ ମଞ୍ଜୁର ପରେ ଜୟପାଲ କାର୍ଯ୍ୟ ଆରମ୍ଭ କରିଥିଲେ ଏବଂ ଠିକଣା ସମୟରେ କାର୍ଯ୍ୟ ଶେଷ ମଧ୍ୟ କରିଥିଲେ। ହେଲେ ଇତି ମଧ୍ୟରେ ବର୍ଷେରୁ ଦେଢ଼ବର୍ଷ ବିତିଗଲାଣି କେବଳ ଶ୍ରମିକ ମଜୁରୀ ବ୍ୟତୀତ ଅନ୍ୟ କୌଣସି ଟଙ୍କା ତାଙ୍କୁ ଦିଆଯାଇ ନାହିଁ। ନୂଆଗାଁ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କୁ ସେ ବାରମ୍ବାର ବିଲ ପାଇଁ ନେହୁରା ହେଉଥିଲେ ହେଁ ବିଭାଗୀୟ କନିଷ୍ଠଯନ୍ତ୍ରୀ ଏଥିପ୍ରତି ଆଦୌ ଗୁରୁତ୍ୱ ଦେଉନଥିବାରୁ ଜୟପାଳଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି । ଗୋଟିଏ ପଟେ ଚାଷୀ ଓ ଚାଷ କାର୍ଯ୍ୟକୁ ରାଜ୍ୟସରକାର ପ୍ରୋତ୍ସାହନ ଦେଇ ଗୋଟିଏ ପରେ ଗୋଟିଏ ଯୋଜନା କରୁଥିବା ବେଳେ ଉକ୍ତ ଯୋଜନାରେ ଚାଷୀ କିଭଳି ଲାଭପ୍ରଦ ହେଉଛନ୍ତି ତାହା ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି। ଜଣେ କନିଷ୍ଠଯନ୍ତ୍ରୀଙ୍କ ଲାଭଖୋର ମନବୃତ୍ତି ଯୋଗୁ କିମ୍ବା ନିଜ କାର୍ଯ୍ୟର ଅବହେଳା ଯୋଗୁ ଦେଢ଼ବର୍ଷ ହେଲା ଜଣେ ଚାଷୀ ସରକାରଙ୍କ ଯୋଜନାରୁ ଉପକୃତ ହୋଇ ନ ପାରିବା ଦୁର୍ଭାଗ୍ୟର ବିଷୟ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। କେବଳ ନୂଆଗାଁ ପଞ୍ଚାୟତର ଗୋଲଦାରୁ ଗ୍ରାମର ଚାଷୀ ଜମ୍ବୁ ପାଲଙ୍କ କ୍ଷେତ୍ରରେ ଏହା ହୋଇନାହିଁ। ବରଂ ବ୍ଲକରେ ଅନେକ ପଞ୍ଚାୟତ ଏଭଳି ସମସ୍ୟା ଉପୁଜୁଥିଲେ ହେଁ ଚାଷୀମାନେ ଭୟରେ ମୁହଁ ଖୋଲୁ ନ ଥିବା କୁହାଯାଉଛି। ମୁହଁ ଖୋଲିଲେ ସମ୍ପୃକ୍ତ ଯନ୍ତ୍ରୀମାନେ କମ ବିଲ କରିବେ କିମ୍ବା ବିଲ ପାଇଁ ହଇରାଣ କରିବେ ଏହି ଭୟରେ ସେମାନେ ଚୁପ ରହିବାକୁ ଉଚିତ ମନେ କରୁଛନ୍ତି। ବ୍ଲକର ବିଭିନ୍ନ ପଞ୍ଚାୟତରେ ଡଗୱେଲ ଭଳି ବିଭିନ୍ନ ଯୋଜନାରେ କାର୍ଯ୍ୟଗୁଡିକ କେମିତି ଚାଲିଛି ସେଗୁଡିକୁ ଉପଯୁକ୍ତ ଭାବେ ବ୍ଲକ ଅଧିକାରୀମାନେ ଯାଞ୍ଚ କରିବା ଆବଶ୍ୟକ। ଉପଯୁକ୍ତ ଭାବେ ଯାଞ୍ଚ ହେଉଥିଲେ ଲୋକେ ବା ହିତାଧିକାରୀ ନିଜ କାର୍ଯ୍ୟ ଠିକ ଭାବେ କରିବା ସହ ବିଲ ମଧ୍ୟ ଠିକ ସମୟରେ ପାଇପାରନ୍ତା। ଏନେଇ ବ୍ଲକରେ ସହକାରୀ ଯନ୍ତ୍ରୀ ମନୋରଞ୍ଜନ ହାଁସଦାଙ୍କୁ ପଚାରିବାରେ ସେ କହିଲେ ମୁଁ ଫାଇଲ ମଗାଇ ଦେଖୁଛି । ତେବେ ଦେଖାଯାଉ ଜୟପାଲ ତାଙ୍କ ଫାଇନାଲ ବିଲ କେବେ ପାଉଛନ୍ତି।

### ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା: ଜଣେ ମୃତ

**ଆହତଙ୍କୁ ଉଦ୍ଧାର କରି ଡାକ୍ତରଖାନା ଆଣିଲେ ସବଡେଗା ତହସିଲଦାର**

**ସୁନ୍ଦରଗଡ, ୨୪।୧୦ (ଡି.ଏନ.ଏ)**

ସୁନ୍ଦରଗଡ ସଦର ଥାନା ଅନ୍ତର୍ଗତ କରମଡିହି- ସବଡେଗା ରାସ୍ତାର କଟଙ୍ଗିଡିହି ବୁଲାଣିରେ ଗୁରୁବାର ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣେ ବାଇକ ଆରୋହୀଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣା ସମୟରେ ଏହି ରାସ୍ତା ଦେଇ ଯାଉଥିବା ସବଡେଗା ତହସିଲଦାର ରୁପାଲିକ ଦାସ ସଙ୍ଗେ ସଙ୍ଗେ ନିଜ ଅଫିସ ଗାଡିରେ ଆହତ ଦୁଇ ବାଇକ ଆରୋହୀଙ୍କୁ ଉଦ୍ଧାର କରି ତାଙ୍କ ତିନି ଜଣ କର୍ମଚାରୀଙ୍କ ସହ ସୁନ୍ଦରଗଡ ଜିଲା ମୁଖ୍ୟଡାକ୍ତରଖାନାକୁ ପଠାଇଥିଲେ। ହେଲେ ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ଜଣଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁଙ୍କର ନାମ ରଞ୍ଜନ ଡୁଙ୍ଗଡୁଙ୍ଗ ଓ ତାଙ୍କ ଘର ରଣପୁର । ଅନ୍ୟ ଆହତ ବାଇକ ଆରୋହୀଙ୍କ ନାମ ଗୁରୁ ଚରଣ ପ୍ରଜାପତି ଓ ତାଙ୍କ ଘର ହମିରପୁର । ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ମେଡିକାଲକୁ ପଠାଯାଇଛି । ସଦର ଥାନା ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି ।

# ଲଗାଣ ବର୍ଷା : ଫସଲ ହାନି ନେଇ ଚିନ୍ତାରେ ଚାଷୀ

**ରାଜଗାଙ୍ଗପୁର/କୁତ୍ରା, ୨୪।୧୦ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଓ କୁତ୍ରା ବ୍ଲକ ଅଞ୍ଚଳରେ ବୁଧବାର ଅପରାହ୍ନରୁ ଲଗାଣ ବର୍ଷା ଲାଗି ରହିଛି। ଫଳରେ ଫସଲହାନୀ ସମ୍ଭାବନାକୁ ନେଇ ଚାଷୀ ଚିନ୍ତାରେ ଥିବା ଜଣାପଡିଛି। ଏବର୍ଷ ବର୍ଷା ପାଇଁ ଚାଷୀ, ଚାଷ କାର୍ଯ୍ୟକୁ ନେଇ ଆରମ୍ଭରୁ ଚିନ୍ତାରେ ରହିଅଛି। ଚାଷ ଆରମ୍ଭରେ ବର୍ଷା ବିଳମ୍ବରେ ହୋଇଥିଲା। ଫଳରେ ଧାନ ଚାଷୀ ବହୁମାତ୍ରାରେ ଚାପଗ୍ରସ୍ତ ରହୁଥିଲେ। ହେଲେ ବିଳମ୍ବରେ ହେଲେ ମଧ୍ୟ ଭଲ ବର୍ଷା ହେବାରୁ ଧାନ ଚାଷୀ ମନରେ ଆନନ୍ଦ ଭରି ଦେଇଥିଲା। ଖେତରେ ଧାନ ଫସଲ ଦେଖି ଚାଷୀ ଭଲ ଅମଳକୁ ନେଇ ଖୁସିରେ ରହୁଥିଲେ। ହେଲେ ବୁଧବାର ଅପରାହ୍ନଠାରୁ କୁତ୍ରା ଓ ରାଜଗାଙ୍ଗପୁର ଅଞ୍ଚଳରେ ଆରମ୍ଭ ହୋଇଥିବା ଲଘୁଚାପ ବର୍ଷା ୨ ରୁ ୩ ଦିନ ପର୍ଯ୍ୟନ୍ତ ଲାଗି ରହିବ ବୋଲି ଜାଣିବା ପରେ ଏହି ଅଞ୍ଚଳର ଚାଷୀ ଚିନ୍ତିତ ହୋଇପଡ଼ିଛନ୍ତି। ଅଧିକାଂଶ ଜମିରେ ଧାନ ଫସଲ ପାଚି ଯାଇଛି। ଏହି ଲଗାଣ ବର୍ଷା ଓ ପବନ ଯୋଗୁ ପାଚିଲା ଧାନଗଛଗୁଡିକ ଧାନ ଖେତରେ ପଡି ପାଣିରେ ବୁଡି ରହିଛି। ଯଦି ବର୍ଷା ଦୁଇ ଦିନ ଧରି ଲାଗି ରହେ ତା'ହେଲେ ଧାନ ଖେତରେ ହିଁ ଖରାପ ହେବାର ସମ୍ଭାବନା ରହିଛି। ଚାଷୀ ଅମଳ କରିଥିବା ଧାନଗୁଡିକ ଖଳାରେ ପଡି ରହିଥିବାରୁ ବର୍ଷା ଯୋଗୁ ଏହି ଧାନଗୁଡିକ ଖରାପ ହେବାର ସମ୍ଭାବନାକୁ ଦେଖି ପୁଣି ଚିନ୍ତାରେ ରହୁଛନ୍ତି। ଏହାଛଡା କୁତ୍ରା ଓ ରାଜଗାଙ୍ଗପୁରର ବହୁ ଅଞ୍ଚଳରେ ଚାଷୀମାନେ ପରିବା ଚାଷ କରିଥିବାବେଳେ ଲଗାଣ ବର୍ଷା ଯୋଗୁ ତାହା ମଧ୍ୟ ପ୍ରଭାବିତ ହୋଇଛି। ଲଗାଣ ବର୍ଷା ଯୋଗୁ ରାଜଗାଙ୍ଗପୁର ଓ କୁତ୍ରା ଅଞ୍ଚଳରେ ଲୋକେ ଘରୁ ବାହାରି ପାରୁ ନ ଥିବା ଦେଖିବାକୁ ମିଳୁଛି। ବଜାରଘାଟ ଜନଗହଳି ନ ଥିବା ଦେଖିବାକୁ ମିଳିଛି।

# ସାମାଜିକ ଅଧିକାରିତା ଶିବିର

**ସୁନ୍ଦରଗଡ, ୨୪।୧୦ (ଡି.ଏନ.ଏ)**

ସ୍ଥାନୀୟ ବନ୍ଧପାଲିଠାରେ ଥିବା ସାର୍ଥକ ଭିନ୍ନକ୍ଷମ ବିଦ୍ୟାଳୟରେ ଏକ ସାମାଜିକ ଅଧିକାରିତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ରାଷ୍ଟ୍ରୀୟ ବୟୋଶ୍ରୀ ଯୋଜନାର ସଫଳ ରୂପାୟନ ପାଇଁ ଜିଲା ପ୍ରଶାସନ ସହଯୋଗରେ ଆଲିମକୋ, ଭୁବନେଶ୍ୱର ଶାଖା ଦ୍ୱାରା ସୁନ୍ଦରଗଡ ସବଡିଭିଜନ ଅନ୍ତର୍ଗତ ୮ଟି ବ୍ଲକର ବିପିଏଲ ପାଉଥିବା ବରିଷ୍ଠ ନାଗରିକମାନଙ୍କୁ ନେଇ ଏହି ଶିବିର ହୋଇଥିଲା। ଏହି ଶିବିରରେ ମୁଖ୍ୟଅତିଥି ଭାବେ ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ, ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ ସଦର ବିଧାୟିକା କୁସୁମ ଟେଟେ ଓ ତଲସରା ବିଧାୟକ ଭବାନୀଶଙ୍କର ଭୋଇ ଯୋଗଦେଇଥିଲେ। ଆଲିମକୋ ଦ୍ୱାରା ପ୍ରସ୍ତୁତ ହ୍ୱିଲଚେୟାର, ଆଶାବାଡି, ଶ୍ରବଣଯନ୍ତ୍ର, ଚଷମା ଓ ଅନ୍ୟାନ୍ୟ ଶାରିରୀକ ଓ ସହାୟକ ଉପକରଣଗୁଡିକ ଯୋଗ୍ୟ ହିତାଧିକାରୀମାନଙ୍କୁ ବଣ୍ଟନ କରିଥିଲେ। ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ସାଧାରଣତଃ ବୃଦ୍ଧାବସ୍ଥା ପରେ ଭିନ୍ନକ୍ଷମତା ଆସିଥାଏ ତଥା ସମାଜ ସହିତ ଖାପଖୁଆଇ ଚଳିବା ପାଇଁ ସହାୟତା ଉପକରଣର ଆବଶ୍ୟକତା ପଡିଥାଏ। ମାତ୍ର ତାହା ସହଜରେ ଉପଲବ୍ଧ ହୁଏ ନାହିଁ ଏବଂ ଗରିବ ଲୋକେ ତାହା କିଣି ପାରନ୍ତି ନାହିଁ। ଏହିପରି ବ୍ୟକ୍ତିମାନେ ସମାଜରେ ତାଙ୍କର ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ତଥା ସ୍ୱଚ୍ଛନ୍ଦ ଚଳଣିପାଇଁ ମାଗଣାରେ ଦିଆଯାଉଥିବା ଏହିପରି ଶିବିରର ଲାଭ ଉଠାଇବାକୁ ଆହ୍ୱାନ ଦେଇଥିଲେ। ଭବିଷ୍ୟତରେ ଏହିପରି ଶିବିର ସୁନ୍ଦରଗଡ ଜିଲାର ଅନ୍ୟାନ୍ୟ ସବଡିଭିଜନରେ ବ୍ଲକୱାରୀ ଆୟୋଜନ କରିବାକୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ବିଶି ଓ ଭୁବନେଶ୍ୱର ଆଲିମକୋର ଉପପ୍ରବନ୍ଧକ କେଡି ଗୋଟେଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ ଶିବିରରେ ମୋଟ ୧୮୭୯ ଗୋଟି ବିଭିନ୍ନ ସହାୟକ ଉପକରଣ ବଣ୍ଟନ କରାଯାଇଥିଲା । ଶିବିରକୁ ବିଏସଏସଓ ମିନୁ ତାଣ୍ଡିଆ ଓ ସାର୍ଥକ ବିଦ୍ୟାଳୟର ଅଧ୍ୟକ୍ଷ କିଶୋର ପଣ୍ଡା ପରିଚାଳନା କରିଥିଲେ। ଆଲିମକୋ ଓ ସାମାଜିକ ସୁରକ୍ଷା ବିଭାଗର କର୍ମକର୍ତ୍ତା ଉପସ୍ଥିତ ଥିଲେ।




ସାମାଜିକ ଅଧିକାରିତା ଶିବିରରେ ମଞ୍ଚାସୀନ ଅତିଥି।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ

**ବାଲିଶଙ୍କରା, ୨୪।୧୦ (ଡି.ଏନ.ଏ)**

ବାଲିଶଙ୍କରା ବ୍ଲକ ଖମପୁର କ୍ଲଷ୍ଟର ସ୍ତରୀୟ ଶିଶୁମହୋତ୍ସବ ସୁରଭି ଗଇକନପାଲି ସରକାରୀ ପ୍ରକଳ୍ପ ଉପ୍ରା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଖମପୁର କ୍ଲଷ୍ଟର ସିଆରସିସି କାଳିନ୍ଦ୍ରୀଚରଣ ଭିତ୍ରିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୁରଭି କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗଇକନପାଲି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମାକାନ୍ତ ସିଂ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷକ ରତ୍ନାକର ଖଡିଆ, ଖବରଦାତା ସତ ସେଠ, ଶିକ୍ଷୟିତ୍ରୀ ବିଶାଖା ରଣା ପ୍ରମୁଖ ଯୋଗଦେଇ ଶିଶୁ ମନରେ ଉତ୍ସାହ ସୃଷ୍ଟି ହେଲେ ଯାଇ ଦୁନିଆ ଖୁସି ରହିବ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଚିତ୍ରାଙ୍କନ, କୁଇଜ, ଶ୍ରୁତଲିଖନ, ହସ୍ତାକ୍ଷର ଓ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ସିଆରସିସି କାଳିନ୍ଦ୍ରୀଚରଣ ଭିତ୍ରିଆ ଧନ୍ୟବାଦ ଅର୍ପଣ କରିଥିଲେ।




ଶିଶୁମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ଅଦିନିଆ ବର୍ଷାରେ ଚାଷୀକୁଳ ହତାଶ

**ଲହୁଣୀପଡା, ୨୪।୧୦ (ଡି.ଏନ.ଏ)**

ଲହୁଣୀପଡା ଅଞ୍ଚଳରେ ଲଘୁଚାପ ଜନିତ ବର୍ଷା ଯୋଗୁ ଚିନ୍ତାରେ ପଡି ଯାଇଛନ୍ତି ଚାଷୀକୁଳ। ଅନ୍ୟ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବର୍ଷାର ଲୁଚକାଳି ଖେଳକୁ ଆଖି ଆଗରେ ରଖି ଲହୁଣୀପଡା ଅଞ୍ଚଳର ଚାଷୀମାନେ ଜମିରେ ଛୋଟ ଧାନର ଚାଷ କରିଥିଲେ । ଅଦିନିଆ ବର୍ଷା ଯୋଗୁ ଜମିରେ ଧାନ ପାଚିଥିଲେ ମଧ୍ୟ ବର୍ଷା ପାଗ ଯୋଗୁ ଚାଷୀ ଧାନ ଅମଳ କରି ନପାରି ଏବେ ଚିନ୍ତାରେ ପଡିଛନ୍ତି। ଜମିରେ ଧାନ ପାଚି ଲାଲ ପଡିଥିବା ବେଳେ ଅଦିନିଆ ବର୍ଷାରେ ଧାନ ଗଛ ସବୁ ପଡିଯିବା ସହ ଧାନ ଗଜା ହେବାର ସମ୍ଭାବନା ଦେଖାଦେଇଛି। ଯଦି ଏଭଳି ବର୍ଷା ଆଉ କିଛି ଦିନ ଲାଗିରହେ ଧାନ ଅମଳ କରିବା ଅସମ୍ଭବ ହେବା ଫଳରେ ଚାଷୀ ଚିନ୍ତାରେ ପଡିବା ସହିତ ମୁଣ୍ଡରେ ହାତ ଦେଇ ବସିବା ସାର ହେବ। ମୌସୁମୀ ଗଲା ପରେ ଏବେ ଦାଉ ସାଧୁଛି ଅଦିନିଆ ଲଘୁଚାପ ବର୍ଷା। ବୁଧବାର ଠାରୁ ଲହୁଣୀପଡା ଅଞ୍ଚଳରେ ଲଗାଣ ବର୍ଷ ଲାଗି ରହିଛି । ଧାନ ଅମଳ ସମୟରେ ଲଗାତର ବର୍ଷା ଚାଷୀକୁଳକୁ ହତାସ କରିଛି । ଚଳିତବର୍ଷ ବିଳମ୍ବରେ ଚାଷ ଆରମ୍ଭ ହୋଇଥିଲେ ମଧ୍ୟ ଚାଷ ଠିକ ଠାକ ହୋଇଥିଲା । କିନ୍ତୁ ଅଦିନିଆ ବର୍ଷା ଯୋଗୁ ଧାନ ଅମଳ ହୋଇ ନ ପାରି ଚିନ୍ତାରେ ପଡିଛନ୍ତି ଚାଷୀ । ପନିପରିବା ଉପରେ ମଧ୍ୟ ଅଦିନିଆ ବର୍ଷାର ପ୍ରଭାବ ପଡିଥିବା କୁହାଯାଉଛି।

# କେନ୍ଦୁପତ୍ର ବନାଞ୍ଚଳ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର



ଦଳକିଝରଣ ଆମଫଡିଘରଠାରେ ସ୍ୱାସ୍ଥ୍ୟ ଶିବିର।

**ଲେଫ୍ରିପଡା, ୨୪।୧୦(ଡି.ଏନ.ଏ)**

ଲେଫ୍ରିପଡା ବନାଞ୍ଚଳ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟଶିବିର ଦଳକିଝରଣ ଆମଫଡିଘର ଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସ୍ୱାସ୍ଥ୍ୟଶିବିରରେ ୧୩୬ଜଣ କେନ୍ଦୁପତ୍ର ତୋଳାଳୀ ଏବଂ ବନ୍ଧାଳୀଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯାଇ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ସର୍ଗିପାଲି ଗୋଷ୍ଠୀ ଚିକିତ୍ସା କେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଅଧିକାରୀ ଡା.ଜଗଦିଶ ଦେହୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡା.ଅନୀତା ସାହୁ, ଡା.ସୁଜିତ କୁମାର ପଟେଲ, ଫାର୍ମାସିଷ୍ଟ ବିଶ୍ୱନାଥ ପଟ୍ଟନାୟକ, ପ୍ରତାପ ଚନ୍ଦ୍ର ନାଏକ,ଷ୍ଟାଫ୍ ନର୍ସ ସୁଭଦ୍ରା କେର୍କେଟା, ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା ଶିଶିଲିଆ ବିଲୁଙ୍ଗ ପ୍ରମୁଖ ଉପସ୍ଥିତ ରହି ଚିକିତ୍ସା କରିଥିଲେ। ଅନ୍ୟପକ୍ଷରେ ପିଏଚ୍‌ଇଓ ଦୀପକ ଶର୍ମା, ବିପିଏମ୍ ସତ୍ୟବ୍ରତ ଦାଶ ମ୍ୟାଲେରିଆ, ଟିବି, କୁଷ୍ଠରୋଗ, ଫ୍ୟାମିଲି ପ୍ଲାନିଂ, ଡାଇରିଆ, ଗର୍ଭବତୀ ମହିଳାଙ୍କ ଯତ୍ନ ଇତ୍ୟାଦି ବିଭିନ୍ନ କ୍ଷେତ୍ରରେ ଆଲୋଚନା କରି ଏହାର ନିରାକରଣ ଦିଗରେ ସଚେତନ କରିଥିଲେ। ମାଗଣାସ୍ୱାସ୍ଥ୍ୟ ଶିବିର କାର୍ଯ୍ୟକ୍ରମକୁ ରାଉରକେଲା କେନ୍ଦୁପତ୍ର ବନଖଣ୍ଡ ଅଧିକାରୀ ବିଜୟ କୁମାର ପରିଡାଙ୍କ ନିର୍ଦ୍ଦେଶ କ୍ରମେ ଲେଫ୍ରିପଡା ବନାଞ୍ଚଳ ଅଧିକାରୀ ସମରେନ୍ଦ୍ର ଠାକୁର ପରିଚାଳନା କରିଥିଲେ। ଏଥିରେ ଫରେଷ୍ଟର ମୋନିକା ପାନ୍ନା,ଝରାଶ୍ରୀ ପ୍ରିୟଦର୍ଶିନୀ, ଫରେଷ୍ଟଗାର୍ଡ ଦିପକ କୁମାର ନନ୍ଦ, ହେଡ୍‌ଚେକର ଭୁଲେଶ୍ୱର ମହାକୁଡ, ଗଣେଶ୍ୱର ଭୈଷାଲ, ସିଦ୍ଧାର୍ଥ ନାଏକ ପ୍ରମୁଖ କର୍ମଚାରୀ ଉପସ୍ଥିତ ରହି ପରିଚାଳନା କ୍ଷେତ୍ରରେ ସାହାଯ୍ୟ କରିଥିଲେ।

# କୁତ୍ରା ତହସିଲରେ ମହାପୁରୁଷଙ୍କୁ ଅସମ୍ମାନ

## ଅନାବନା ଘାସ ବୁଦା ଭିତରେ ଉତ୍କଳ ଗୌରବ ମଧୁବାବୁ

**କୁତ୍ରା, ୨୪।୧୦ (ଡି.ଏନ.ଏ)**

କୁତ୍ରା ତହସିଲ କାର୍ଯ୍ୟାଳୟରେ ଉତ୍କଳ ଗୌରବ ମଧୁବାବୁଙ୍କୁ ଅନାବନା ଘାସବୁଦା ଭିତରେ ରଖି ମହାପୁରୁଷଙ୍କୁ ଅସମ୍ମାନ ପ୍ରଦର୍ଶନ କରାଯାଇଥିବା ଦେଖିବାକୁ ମିଳିଛି । ୨୦୧୪ରେ କୁତ୍ରା ତହସିଲରେ କାର୍ଯ୍ୟରତ ତହସିଲଦାର ଉତ୍କଳରଞ୍ଜନ ଆଚାର୍ଯ୍ୟ ତହସିଲ ପରିସରରେ ଉତ୍କଳର ଗୌରବ ମଧୁବାବୁଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ କରିଥିଲେ। ୨୦୧୪ ମସିହାଠାରୁ ମହାପୁରୁଷଙ୍କ ପ୍ରତିମୂର୍ତ୍ତିକୁ ରଙ୍ଗକରି ମୂର୍ତ୍ତି ରହିଥିବା ଅଞ୍ଚଳକୁ ସଫାସୁତୁରା ରଖାଯାଉଥିଲା। ତହସିଲ କାର୍ଯ୍ୟାଳୟକୁ ଆସୁଥିବା ଲୋକେ ପ୍ରତିମୂର୍ତ୍ତି ସ୍ଥାପନ କରିଥିବା ତହସିଲଦାରଙ୍କୁ ଧନ୍ୟବାଦ ଦେଉଥିଲେ। ହେଲେ କୁତ୍ରା ତହସିଲରେ ୮ମାସରୁ ଊର୍ଦ୍ଧ୍ୱ ସମୟ ହେବ କାର୍ଯ୍ୟରେ ଯୋଗଦେଇଥିବା ତହସିଲଦାର ସୁପ୍ରଭା ଦାସ ମଧୁବାବୁଙ୍କ ପ୍ରତିମୂର୍ତ୍ତି ଅଞ୍ଚଳ ପ୍ରତି ଦୃଷ୍ଟି ଦେଉ ନ ଥିବାରୁ ସମ୍ପୂର୍ଣ୍ଣ ଅଞ୍ଚଳ ଅନାବନା ଘାସବୁଦା ସାଙ୍ଗକୁ ଆବର୍ଜନାରେ ପରିପୂର୍ଣ୍ଣ ହୋଇ ପଡିଛି। ଏଠି ବିଭିନ୍ନ ସଭା ସମିତିରେ ତହସିଲଦାର ଅତିଥିଭାବେ ଯୋଗଦେଇ ସ୍ୱଚ୍ଛ ମିଶନ ପାଇଁ ଭାଷଣ ପ୍ରଦାନ କରୁଥିବା ବେଳେ ସରକାରଙ୍କ ସ୍ୱଚ୍ଛ ମିଶନ ପ୍ରତି ଅବମାନ କରିବା ସହିତ ମହାପୁରୁଷଙ୍କ ପ୍ରତି ଅସମ୍ମାନ ପ୍ରଦର୍ଶନ କରୁଛନ୍ତି। ତହସିଲ ଅଫିସକୁ ଆସୁଥିବା ଲୋକେ ମଧୁବାବୁଙ୍କ ପ୍ରତି ଅସମ୍ମାନକୁ ନାପସନ୍ଦ କରିଛନ୍ତି। ସୁନ୍ଦରଗଡ ଜିଲା ଗ୍ରାମାଞ୍ଚଳ ସାମ୍ବାଦିକ ସଂଘ ପକ୍ଷରୁ ଏଭଳି ଘଟଣାକୁ ନିନ୍ଦା କରାଯିବା ସହିତ ଉକ୍ତ ପରିବେଶକୁ ସଫା କରିବା ପାଇଁ ନିଷ୍ପତି ନିଆଯାଇଥିବା ଜଣାପଡିଛି ।



ଅନାବନା ଘାସ ବୁଦା ଭିତରେ ଉତ୍କଳ ଗୌରବ ମଧୁବାବୁଙ୍କ ପ୍ରତିମୂର୍ତ୍ତି।



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଓ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେହେଲେ ଅନିଷ୍ଟ ହୁଏ ନାହିଁ ।
- ମହର୍ଷି ପରାଶର



# ଲଘୁଚାପ ବର୍ଷା: ଚିନ୍ତାରେ ଚାଷୀ

**ବାମରା,୨୪।୧୦(ଡି.ଏନ୍.ଏ.):** ସମ୍ବଲପୁର ଜିଲା ବାମରା ବ୍ଲକ ଅଞ୍ଚଳର ଚାଷୀମାନେ ୨୦୧୧ରୁ ମରୁଡି ପରିସ୍ଥିତିର ସମ୍ମୁଖୀନ ହେଉଥିବା ବେଳେ ଚଳିତ ବର୍ଷ ଭଲ ଚାଷ ହେବ ବୋଲି ଆଶା କରିଥିଲେ। ବର୍ତ୍ତମାନ ଧାନ ଅମଳ ସମୟ ହୋଇଥିବା ବେଳେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ଫସଲ ନଷ୍ଟ ହେବା ଆଶଙ୍କା ରହିଥିବା ଚାଷୀମାନେ ପ୍ରକାଶ କହିଛନ୍ତି।

ଚାଷୀଙ୍କ ଅଭିଯୋଗ ମୁତାବକ, ୨୦୧୧ରୁ ବିଭିନ୍ନ କାରଣରୁ ବାମରା ବ୍ଲକ ଅଞ୍ଚଳରେ ଚାଷ ନଷ୍ଟ ହୋଇ ଆସୁଛି। କେତେବେଳେ ସ୍ୱଳ୍ପ ବୃଷ୍ଟିପାତ ସାଙ୍ଗକୁ ରୋଗପୋକ ଲାଗି ଫସଲ ନଷ୍ଟ ହେବାରେ ଲାଗିଛି। ଏପରିସ୍ଥିତିରେ ଚାଷୀଙ୍କୁ ଚାଷ କାମ କରିବା କାଠିକର ହୋଇପଡିଛି। ଏପରି କି ଚାଷ କାର୍ଯ୍ୟରେ ଚାଷୀଙ୍କୁ ଆବଶ୍ୟକ ସାର ମିଳୁ ନ ଥିବା ବେଳେ ନିମ୍ନମାନର ବିହନ ସାଙ୍ଗକୁ ଧାନ ବିକ୍ରି ସମୟରେ ଅଭାବୀ ବିକ୍ରିର ସମ୍ମୁଖୀନ ହେବାକୁ ପଡୁଛି। ଗତ ବର୍ଷ ପ୍ରଥମରୁ ଭଲ ବର୍ଷା ହୋଇଥିଲେ ହେଁ ଶେଷ ବେଳକୁ ଆଦୌ ବର୍ଷା ନ ହେବାରୁ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଏହା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥିଲା । ଚଳିତ ବର୍ଷ ବିଳମ୍ବରେ ବର୍ଷା ହୋଇଥିଲା। ପରିସ୍ଥିତିକୁ ଦୃଷ୍ଟିରେ ରଖି ଚାଷୀମାନେ ୧୧୫ ଦିନିଆ ଧାନ(କମ୍ ସମୟରେ ଅମଳ ହେଉଥିବା ଧାନ) ଚାଷ କରିଥିଲେ । ବର୍ତ୍ତମାନ କ୍ଷେତରେ ଧାନ ଅମଳ ଲାଗି ପ୍ରସ୍ତୁତ ହୋଇ ରହିଥିବା ବେଳେ ଲଘୁଚାପ ଜନିତ ବର୍ଷା ଫସଲ ନଷ୍ଟ ହେବା ଚାଷୀମାନେ କହିଛନ୍ତି । ଏପରି କି ଅମଳ ଧାନ କ୍ଷେତରେ ଗଜା ହେବା ଆଶଙ୍କା ଦେଖାଦେଇଛି। ଫଳରେ ଚାଷୀଙ୍କ କିଛି ପାଇବା ଆଶା ମଉଳି ଯାଇଛି । ଅନ୍ୟପକ୍ଷେ ସରକାରୀ ସହାୟତା ନାଁରେ ମିଳିବାକୁ ଥିବା ଗତ ବର୍ଷର ଫସଲ ବୀମା ୧ ବର୍ଷ ବିତିଯାଇଥିଲେ ମଧ୍ୟ ବିଭିନ୍ନ ଆନ୍ଦୋଳନ ସତ୍ତ୍ୱେ ଚାଷୀମାନେ ପାଇପାରି ନାହାନ୍ତି । ହେଲେ ଚଳିତ ବର୍ଷ ପୁଣି ଲଘୁଚାପ ଜନିତ ବର୍ଷା ଚାଷୀଙ୍କୁ ସର୍ବସ୍ୱାନ୍ତ କରିବ ବୋଲି କୁହାଯାଉଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

### ଫସଲ ନଷ୍ଟ ଆଶଙ୍କା



ସମ୍ବଲପୁର ଜିଲା ବାମରା ବ୍ଲକ ଅଞ୍ଚଳରେ ହୋଇଥିବା ଧାନ ଚାଷ

## ସଂକ୍ଷେପରେ

### ୧୪ ଦିନ ହେଲା ବଳରାମ ଖୋଲା ମୁହଁ ଖଣିରେ ଅଚଳାବସ୍ଥା

ସମ୍ବଲପୁର, ୨୪।୧୦(ବ୍ୟୁରୋ): ମହାନଦୀ କୋଇଲା କମ୍ପାନୀ(ଏମ୍‌ସିଏଲ୍) ତାଳଚେର ବଳରାମ ଖୋଲା ମୁହଁ ଖଣିରେ ୧୪ ଦିନ ହେଲା ଉତ୍ତୋଳନ କାର୍ଯ୍ୟ ବନ୍ଦ ରହିଛି । ଫଳରେ ଦୈନିକ ୨୦ ହଜାର ଟନ୍ କୋଇଲା ରପ୍ତାନିରେ କ୍ଷତି ଘଟୁଥିବା ଜଣାପଡିଛି। ସେହିପରି ଦୈନିକ ହାରାହାରି ୧୫ ହଜାର ଟନ୍ କୋଇଲା ଉତ୍ପାଦନ ଓ ୩୫ ହଜାର କ୍ୟୁବିକ୍ ମିଟର ଓଭର ବୋଡନ୍ ରିମ୍ୟୁଭାଲରେ କ୍ଷତି ଘଟିଥିବା ଜଣାପଡିଛି। ଗୁରୁବାର ସୁଦ୍ଧା କୋଇଲା ଯୋଗାଣରେ ୨.୨ ଲକ୍ଷ ଟନ କ୍ଷତି ହୋଇଥିବା ବେଳେ ଉତ୍ପାଦନରେ ହାରାହାରି ୧.୮ ଲକ୍ଷ ଟନ ଓ ଓଭର ବୋଡନ ରିମ୍ୟୁଭାଲରେ ୪ ଲକ୍ଷ କ୍ୟୁବିକ ମିଟରରୁ ଅଧିକ କ୍ଷତି ଘଟିଛି । ଗ୍ରାମବାସୀଙ୍କ ମଧ୍ୟରେ ଅନ୍ତର୍ଦ୍ଵନ୍ଦ ଯୋଗୁ ଖଣି ଉତ୍ତୋଳନ ଓ ଯୋଗାଣରେ କାର୍ଯ୍ୟ ଠପ୍ ହୋଇଛି ।

ଭିମ୍‌ସାରରେ ଟ୍ରସରି କେନ୍ଦ୍ର ଲାଗି ସ୍ଥାନ ଚିହ୍ନଟ

### ପୁରୁଣା ଶିଶୁ ୱାର୍ଡ ଭଙ୍ଗାଯାଇ ନିର୍ମାଣ ହେବ

ସମ୍ବଲପୁର,୨୪।୧୦(ବ୍ୟୁରୋ)- ସମ୍ବଲପୁର ବୁର୍ଲା ଭିମ୍‌ସାରରେ କ୍ୟାନସର ରୋଗୀଙ୍କ ଚିକିତ୍ସା ପାଇଁ ଟ୍ରସରି କେନ୍ଦ୍ର ନିର୍ମାଣ କରାଯିବ। ଏନେଇ ସ୍ଥାନ ଚିହ୍ନଟ କରାଯାଇଛି। ଶିଶୁୱାର୍ଡର ପୁରୁଣାର କୋଠା ଭାଙ୍ଗି ଟ୍ରସରି କେନ୍ଦ୍ର କରିବାକୁ ସ୍ଥିର ହୋଇଛି। ଆଚାର୍ଯ୍ୟ ହରିହର ଆଞ୍ଚଳିକ କ୍ୟାନ୍‌ସର ମେଡିକାଲରୁ ଏକ ଟିମ୍ ସ୍ଥାନ ପରିଦର୍ଶନ କରି ଫେରିଛନ୍ତି । ପୁରୁଣା ଶିଶୁ ୱାର୍ଡ ଭଙ୍ଗାଯାଇ ନୂତନ କୋଠା ନିର୍ମାଣ କରିବାକୁ ଭିମ୍‌ସାର ପ୍ରଶାସନିକ ବିଭାଗକୁ ଚିଠି ନଂ.୪୮୧୦ରେ ଦର୍ଶାଯାଇଛି। ଏପରି କି ଏହାର ଏକ ନକଲ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସଚିବଙ୍କୁ ପ୍ରଦାନ କରାଯାଇଛି। ଶୀଘ୍ର ନୂତନ କୋଠା ନିର୍ମାଣ ହେଲେ ରୋଗୀଙ୍କ ଚିକିତ୍ସା ଆରମ୍ଭ ହେବ ବୋଲି ଆଶା କରାଯାଉଛି। ହେଲେ ଭିମ୍‌ସାର କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ କୋଠା ନିର୍ମାଣ ପାଇଁ କେତେ ସମୟ ନେବେ ତାହା ସମୟ କହିବ। ପୂର୍ବରୁ ଓଡ଼ିଶା କ୍ୟାନସର ଫାଉଣ୍ଡେଶନ(ଓସିସିଏଫ)ର ଏକ ଟିମ୍ ଭିମ୍‌ସାର ପରିଦର୍ଶନ କରିବାକୁ ଆସିଥିଲେ । ସେମାନେ ମଧ ପୁରୁଣା କୋଠା ଭଙ୍ଗାଯାଇ ନୂତନ କୋଠା ନିର୍ମାଣ କରିବାକୁ ସୁପାରିସ କରିଥିଲେ । ହେଲେ ପ୍ରାୟ ୨ ମାସ ହୋଇଯାଇଥିଲେ ମଧ ଭିମ୍‌ସାର ପକ୍ଷରୁ ତତ୍ପରତା ପ୍ରକାଶ ପାଇ ନାହିଁ। ସୂଚନାଯୋଗ୍ୟ, ଓଡ଼ିଶାରେ ଟାଟା ମେମୋରିଆଲ କ୍ୟାନ୍‌ସର ଫାଉଣ୍ଡେଶନ ପକ୍ଷରୁ ୫ଟି ମେଡିକାଲରେ କ୍ୟାନ୍‌ସର ୟୁନିଟ ଖୋଲିବାକୁ ଚୁକ୍ତି କରିଛନ୍ତି । ସେଥି ମଧ୍ୟରେ ବୁର୍ଲା ଭିମ୍‌ସାର ମଧ ରହିଛି । ହେଲେ ଭିତ୍ତିଭୂମିର ଅଭାବ ଯୋଗୁ କାମ ଆରମ୍ଭ ହୋଇପାରି ନାହିଁ। ଅନ୍ୟପକ୍ଷେ ଏହାର ପ୍ରଭାବ ରୋଗୀଙ୍କ ଉପରେ ପଡୁଛି। ଅଞ୍ଚଳର ରୋଗୀମାନେ ଚିକିତ୍ସା ସେବା ପାଇବାରୁ ବଞ୍ଚିତ ହେଉଛନ୍ତି । ବୁର୍ଲା ଭିମ୍‌ସାରରେ ପଶ୍ଚିମ ଓଡ଼ିଶାବାସୀ ସ୍ୱାସ୍ଥସେବା ଉପରେ ନିର୍ଭର କରୁଥିବା ବେଳେ ପଡୋଶୀ ରାଜ୍ୟ ଛତିଶଗଡ଼ରୁ ମଧ ରୋଗୀ ଚିକିତ୍ସା ପାଇ ଆସୁଛନ୍ତି।

# 'ଭିମ୍‌ସାରରେ ମାର୍‌ପିଟ ଘଟଣା ଦୁର୍ଭାଗ୍ୟଜନକ' : ଏମ୍‌ପି

**ସମ୍ବଲପୁର,୨୪।୧୦(ବ୍ୟୁରୋ)**

ସମ୍ବଲପୁର ବୁର୍ଲା ଭିମ୍‌ସାରରେ ଡାକ୍ତର ଓ ରୋଗୀଙ୍କ ସମ୍ପର୍କୀୟ ମଧ୍ୟରେ ମାଡପିଟ ଘଟଣା ଦୁର୍ଭାଗ୍ୟଜନକ । ଏଭଳି ଘଟଣା ହେବା କଥା ନୁହେଁ । ଗିରଫ ଯୁବକ ଓ ଡାକ୍ତର ଛାତ୍ରଙ୍କ ଭବିଷ୍ୟତ ରହିଛି । ଡାକ୍ତରଙ୍କ ଅଭିଯୋଗ କ୍ରମେ ୨ଜଣ ଯୁବକ ଗିରଫ ହୋଇଛନ୍ତି। ହେଲେ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏନେଇ ଜିଲାପାଳ ଏବଂ ଏସ୍‌ପିଙ୍କ ସହ ଆଲୋଚନା କରାଯିବ। ଆଇନ ସମସ୍ତଙ୍କ ପାଇଁ ସମାନ ହେବା ଆବଶ୍ୟକ ବୋଲି ପୋଷ୍ଟାଲ ବିଭାଗ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି।

ସୂଚନା ଯୋଗ୍ୟ, ଭିମ୍‌ସାରରେ ୨୦ ତାରିଖରେ ଡାକ୍ତର ସୂର୍ଯ୍ୟକାନ୍ତ ପାଢୀଯୋଶୀଙ୍କୁ ମାର୍‌ପିଟ କରିବା ଅଭିଯୋଗରେ ରେଙ୍ଗାଲବେଡାର ମୁକେଶ ବେହେରା ଓ ଝସକେତନ ରାଉତଙ୍କୁ ବୁର୍ଲା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ହେଲେ ମୁକେଶଙ୍କ ବାପା ଠଣ ସୁନ୍ଦରଙ୍କ ଅଭିଯୋଗ କ୍ରମେ ଡାକ୍ତର ପାଢୀଯୋଶୀ ତାଙ୍କୁ ପ୍ରଥମେ ଏକ ଘରୋଇ ନର୍ସିଂହୋମରେ ଚିକିତ୍ସା ହେବାକୁ କହିଥିଲେ। କିଛି ଦିନ ସେଠାରେ ଚିକିତ୍ସା ହେବା ପରେ ତାଙ୍କୁ ଡିସ୍‌ଚାର୍ଜ କରିବାକୁ ପୁଅ ମୁକେଶ ଡାକ୍ତର ପାଢୀଯୋଶୀ କହିଥିଲା। ହେଲେ ଡାକ୍ତର ପାଢୀଯୋଶୀ ପୁଅ ମୁକେଶଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରି ଥିଲେ । ପୁଣି ଡାକ୍ତର ପାଢୀଯୋଶୀ ବୁର୍ଲା ଭିମ୍‌ସାରରେ ଥିବା ଜାଣି ପୁଅ ସେଠାକୁ ଯାଇ ଡିସ୍‌ଚାର୍ଜ କରିବାକୁ ଅନୁରୋଧ କରିଥିଲେ। ହେଲେ ଡାକ୍ତରମାନେ ସଂଘବଧ ଭାବେ ପୁଅକୁ ଆକ୍ରମଣ କରିଥିଲେ। ଏ ନେଇ ପୋଲିସ ଓ ରାଜ୍ୟ ମାନବଧିକାର କମିସନ ପାଖରେ ଅଭିଯୋଗ ହୋଇଛି ।

# ନାକଟିଦେଉଳ ବ୍ଲକସ୍ତରୀୟ କଳା ଉତ୍ସବ

**ନାକଟିଦେଉଳ,୨୪।୧୦ (ଡି.ଏନ୍.ଏ.)** ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆନୁକୂଲ୍ୟରେ ସ୍ଥାନୀୟ ସରାପାଲି ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ବୁଧବାର ବ୍ଲକସ୍ତରୀୟ କଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ସ୍କୁଲ, କଲେଜ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ତର୍କ, ସଂଗୀତ, ନୃତ୍ୟ ଓ ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ ୬୦ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏଥିରେ ବିଚାରକ ଭାବେ ଅଧାପକ ଡ଼.ଦୀପେନ କୁମାର ପଟ୍ଟନାୟକ, ଶିକ୍ଷକ ହଳଧର ସାହୁ, ଭାବଗ୍ରାହୀ ଧଳ, କୁମୁଦ ସାହୁ, ଦୁଃଶାସନ ପ୍ରଧାନ, ସୁରେଶ କୁମାର ମାହାର ପ୍ରମୁଖ ଯୋଗ ଦେଇଥିଲେ। ସରାପାଲି ନୋଡ଼ାଲ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲୋକନାଥ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ତ୍ରିନାଥ ଧଳ ମୁଖ୍ୟଅତିଥି ଭାବେ ଯୋଗଦେଇ କଳା ଉତ୍ସବର ମହତ୍ତ୍ୱ ଏବଂ ଦୁର୍ନୀତି ନିବାରଣ ସପ୍ତାହ ପାଳନର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାରେ ପ୍ରଥମ ଏବଂ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଜିଲାସ୍ତରରେ ହେବାକୁ ଥିବା କଳା ଉତ୍ସବ ତଥା ଦୁର୍ନୀତି ନିବାରଣ ସପ୍ତାହ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି।



ବ୍ଲକସ୍ତରୀୟ କଳା ଉତ୍ସବରେ ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ରାଜଭାଷା କାର୍ଯ୍ୟକାରୀ ସମିତି ବୈଠକ

**ସମ୍ବଲପୁର,୨୪।୧୦(ବ୍ୟୁରୋ):** ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ମୁଖ୍ୟାଳୟରେ ୬୩ତମ ରାଜଭାଷା କାର୍ଯ୍ୟକାରୀ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମାନବ ବିକାଶ ମହାପ୍ରବନ୍ଧକ ବିଶି ସେଠୀଙ୍କ ଅଧ୍ୟକ୍ଷତା ଓ ରାଜଭାଷା ମହାପ୍ରବନ୍ଧକ କୃଷ୍ଣଦେବ ପ୍ରସାଦଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ରାଜଭାଷା ଅଧିକରୁ ଅଧିକ ବ୍ୟବହାର କରିବା ଆବଶ୍ୟକତା ରହିଛି । ଏହାଦ୍ୱାରା ଭାଷା ସମୃଦ୍ଧ ହୋଇପାରିବ ବୋଲି ବକ୍ତାମାନେ କହିଥିଲେ । ବୈଠକରେ କ୍ଷେତ୍ରୀୟ କାର୍ମିକ ପ୍ରବନ୍ଧକ ରାଜଭାଷା ଅଧିକାରୀ ଓ ଏମ୍‌ସିଏଲ୍ ମୁଖ୍ୟାଳୟ ସମସ୍ତ ବିଭାଗୀୟ ଅଧିକାରୀ ଓ ସହାୟକ ଅଧିକାରୀମାନେ ସାମିଲ ଥିଲେ । ରାଜଭାଷା ଉପପ୍ରବନ୍ଧକ ବି.ଆର୍. ସାହୁ ବିଗତ ବୈଠକର ବିବରଣୀ ଉପସ୍ଥାପନ କରିଥିଲେ । ରାଜଭାଷା ସହାୟକ ପ୍ରବନ୍ଧକ ତୁଳିକା ବିଶ୍ୱାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଉଦ୍‌ଘାଟିତ

## ଗ୍ରାହକ ପାଇବେ ମୋବାଇଲରେ ବ୍ୟାଙ୍କ ସୁବିଧା

**ସମ୍ବଲପୁର,୨୪।୧୦(ବ୍ୟୁରୋ):**

ସମ୍ବଲପୁର ଜିଲା ମୁଖ୍ୟ ପୋଷ୍ଟଅଫିସ ପରିସରରେ ଗୁରୁବାର ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ (ଆଇପିପିବି) ଶାଖା ଶୁଭାରମ୍ଭ ହୋଇଯାଇଛି। ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଏମ୍‌ପି କହିଥିଲେ ଯେ, ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ପୋଷ୍ଟାଲ ଗ୍ରାହକମାନଙ୍କୁ ସୁବିଧା ଯୋଗାଇପାରିବ। ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କରେ ସୁଧ ହାର ଅନ୍ୟ ବ୍ୟାଙ୍କ ତୁଳନାରେ ଅଧିକ ରହିଛି। ଏନେଇ କର୍ମଚାରୀମାନେ ପ୍ରତ୍ୟେକ ଘରକୁ ଯାଇ ଲୋକଙ୍କୁ ସଚେତନ କରାଇବେ। ଗ୍ରାହକମାନେ ଏହାର ଆପ୍ ମୋବାଇଲରେ ଡାଉନ୍‌ଲୋଡ କରି ବ୍ୟାଙ୍କ ସୁବିଧା ପାଇ ପାରିବେ ବୋଲି ସେ କହିଥିଲେ। ଏହି ଅବସରରେ ଏମ୍‌ପି ଗଙ୍ଗଦେବ ଏକ ଆକାଉଣ୍ଟ ଖୋଲିଥିଲେ। କାର୍ଯ୍ୟକ୍ରମରେ ପୋଷ୍ଟ ଅଫିସ ସୁପରିଣ୍ଟେଣ୍ଡେଣ୍ଟ ବନାମ୍ବର ସେଠୀ, ସମ୍ବଲପୁର ଶାଖା ପରିଚାଳକ ସୁନିତା ମହାପାତ୍ର, ଜିଲା ପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକଙ୍କ ସମେତ ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ ।




ସମ୍ବଲପୁର ଜିଲା ମୁଖ୍ୟପୋଷ୍ଟ ଅଫିସରେ ଉଦ୍‌ଘାଟନ ସମୟରେ ଏମପି ଓ ବିଭାଗର ଅଧିକାରୀ ।

# ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍

**ସମ୍ବଲପୁର,୨୪।୧୦(ବ୍ୟୁରୋ):** ୬୫ତମ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସ ଖେଳ ଗୁରୁବାର ଭିଏସ୍‌ଏସ୍ ଇନ୍‌ଡୋର ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ୧୪ ବର୍ଷରୁ କମ୍ ବାଳକ ବର୍ଗ ଏ- ଅନୁଗୋଳ, ବି- କାରାପୁଟ, ସି- ଭଦ୍ରକ, ଡି-ସୁନ୍ଦରଗଡ ଓ ଇ ଗ୍ରୁପରୁ ସମ୍ବଲପୁର ଦଳ ପ୍ରଥମ ସ୍ଥାନ ଅଧିକାର କରିଛି। ସେହିପରି ୧୪ ବର୍ଷରୁ କମ୍ ବାଳିକା ବର୍ଗ ଏ- ସମ୍ବଲପୁର, ବି- ରାୟଗଡ଼ା, ସି ଗ୍ରୁପରୁ ବଲାଙ୍ଗୀର ପ୍ରଥମ ସ୍ଥାନ ହାସଲ କରିଛି। ୧୭ ବର୍ଷରୁ କମ୍ ବାଳକ ଏ- ବରଗଡ଼, ବି- ଅନୁଗୋଳ, ସି- କଟକ, ଡି- ଭୁବନେଶ୍ୱର ଇ- ସମ୍ବଲପୁର, ଏଫ- ନୂଆପଡ଼ା, ଜି ଗ୍ରୁପରୁ ଝାରସୁଗଡ଼ା ଜିଲା ପ୍ରଥମ ସ୍ଥାନ ହାସଲ କରିଛି । ସେହିପରି ୧୭ ବର୍ଷ କମ୍ ବାଳିକା ଏ- କଳାହାଣ୍ଡି, ବି- ଅନୁଗୋଳ, ସି- ଭୁବନେଶ୍ୱର, ଡି- ସମ୍ବଲପୁର ଓ ଇ ଗ୍ରୁପରୁ ଖୋର୍ଦ୍ଧା ଦଳ ପ୍ରଥମ ସ୍ଥାନ ଅଧିକାର କରି ନକଆଉଟ୍ ଖେଳିବାକୁ ଯୋଗ୍ୟତା ହାସଲ କରିଛି। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବିଭୁପ୍ରସାଦ ଷଡଙ୍ଗୀ, ଉପନିର୍ଦ୍ଦେଶକ ମର୍କତକେଶରୀ ରାୟ, ଉପନିର୍ଦ୍ଦେଶକ ସ୍ନେହମୟୀ ସେନାପତି, ବରଗଡ଼ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଚଳିତ ମାସ ୨୬ ତାରିଖ ଚାମ୍ପିୟନଶିପ୍ ଉଦ୍‌ଯାପିତ ହେବ ।



ଗୁରୁବାର ସମ୍ବଲପୁର ଭିଏସଏସ ଷ୍ଟାଡିୟମରେ ଅତିଥିଙ୍କ ସହ ବିଭିନ୍ନ ଗ୍ରୁପର ପ୍ରଥମ ସ୍ଥାନ ଅଧିକାର କରିଥିବା ଖେଳାଳିମାନେ ।

# ପୋଲିଓ ମୁକ୍ତ ଦସ୍ତଖତ ଅଭିଯାନ

**ସମ୍ବଲପୁର,୨୪।୧୦(ବ୍ୟୁରୋ)**

ରୋଟାରି କ୍ଲବ ଅଫ ସମ୍ବଲପୁର ଗ୍ରେଟର ପକ୍ଷରୁ ପୋଲିଓ ମୁକ୍ତ ଦସ୍ତଖତ ଅଭିଯାନ ଗୁରୁବାର କଚେରି ଛକଠାରେ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ମହମ୍ମଦ ପରଭେଜ ଅଲ୍ଲିଖାନଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଧମା କଲେଜ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜ ଓ ଦୂତିକା ସାହୁ ସ୍କୁଲର ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ । ଭିଜିଲାନ୍ସ ଏସ୍‌ପି ରବୀନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ୧୦୦ ଫୁଟ ମେଗା ଦସ୍ତଖତ ଅଭିଯାନର ଶୁଭାରମ୍ଭ କରିଥିଲେ। ଘନଶ୍ୟାମ ମେହେର, ଆନନ୍ଦ ମିଶ୍ର, ପୁନିତ ପୌଦାର, ଜିଜି ଯୋସେଫ, ସଞ୍ଜୟ ମିତ୍ତଲ, ସୁନୀଲ ଅଗ୍ରୱାଲ, ଉର୍ମିଳା ଅଗ୍ରୱାଲ, ଲିପିକା ଦାସ, ଲକ୍ଷ୍ମୀପ୍ରିୟା ପ୍ରଧାନ, ଭଗତ ସିଂ, ଶମ୍ଭୁ ଜଗତ ରାମକା, ଅଶୋକ ସିଂ, ପ୍ରମୋଦ ରଥ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# କିସିଣ୍ଡାରେ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା

**ନାକଟିଦେଉଳ,୨୪।୧୦(ଡି.ଏନ୍.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅଧୀନ କିସିଣ୍ଡାରେ ବୁଧବାର ବିଜୁ ଯୁବବାହିନୀ ପକ୍ଷରୁ ସଡ଼କ ସୁରକ୍ଷା ସମ୍ପର୍କିତ ରକ୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କିସିଣ୍ଡା ବିଜୁ ଯୁବବାହିନୀ ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୁକ୍ମିଣୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସରକାରଙ୍କ ନୂତନ ସଡ଼କ ସୁରକ୍ଷା ଆଇନ ଉପରେ ଆଲୋଚନା କରାଯିବା ସହ ଏଥିପ୍ରତି ସମସ୍ତେ ସଚେତନ ହେବାକୁ ପରାମର୍ଶ ଦିଆଯାଇ ଥିଲା। ଏହି ଅବସରରେ ସଭାସ୍ଥଳରୁ କିସିଣ୍ଡା ଛକ ଦେଇ କଲେଜ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା । ଏଥିରେ ହାଇସ୍କୁଲ ଛାତ୍ରୀଛାତ୍ର ଏବଂ ଯୁବ ବାହିନୀ ସଦସ୍ୟା, ସଦସ୍ୟ ଯୋଗଦେଇ ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସ୍ଲୋଗାନ ଦେଇ ରାସ୍ତାରେ ଯାତାୟାତ କରୁଥିବା ବାଇକ୍ ଚାଳକମାନଙ୍କୁ ହେଲ୍‌ମେଟ ପିନ୍ଧିବା ଏବଂ ଗାଡ଼ିଚାଳନା ବେଳେ ମୋବାଇଲରେ କଥା ନ ହେବା, ଟ୍ରାଫିକ ନିୟମ ପାଳନ କରବାକୁ ସଚେତନ କରାଯାଇଥିଲା। ବିଜୁ ଯୁବବାହିନୀର ବ୍ଲକ ସଂଯୋଜକ ଜିତେନ୍ଦ୍ର କୁମାର ସାହୁଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସଂଯୋଜକ କବିଶ ଅଗସ୍ତି, ପ୍ରକଳ୍ପ ଅଧିକାରୀ ଅକ୍ଷୟ ପାଢୀ, ବଳମ ପଞ୍ଚାୟତ ବିଜୁ ଯୁବବାହିନୀ ସଭାପତି ଅମିତ ସାହୁ, ଗିରିଶ୍ଚନ୍ଦ୍ରପୁରର ସରୋଜ ବିଶି, କିସିଣ୍ଡାର ରିଙ୍କି ପ୍ରଧାନ, ପାଣିମୁରାର ପ୍ରୀତିକାନ୍ତ ସାହ, ମହେନ୍ଦ୍ର କୁଅଁର, ନରୋତ୍ତମ ବିଶି ପ୍ରମୁଖ ଉପସ୍ଥିତ ଥିଲେ।




ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିବା ବିଜୁ ଯୁବବାହିନୀ ସସସ୍ୟଙ୍କ ସହ ଛାତ୍ରୀଛାତ୍ରମାନେ।

■ ଫସଲ ବୀମା, ଇନ୍‌ପୁଟ ସବ୍‌ସିଡି ପ୍ରଦାନ ଦାବି

# ତୃତୀୟ ଦିନରେ ଚାଷୀଙ୍କ ଆନ୍ଦୋଳନ

**ସମ୍ବଲପୁର,୨୪।୧୦(ବ୍ୟୁରୋ):**

ବିଭିନ୍ନ ଦାବି ନେଇ ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଚାଲିଥିବା ଚାଷୀଙ୍କ ଆନ୍ଦୋଳନ ତୃତୀୟ ଦିନରେ ପହଞ୍ଚିଛି । ଗୁରୁବାର ଆନ୍ଦୋଳନରେ କୃଷକ ଏକତା ମଞ୍ଚ ସଦସ୍ୟ ସଚିନ ମହାପାତ୍ର, ସଂଗ୍ରାମ କିଶୋର, ଅର୍ଜୁନ ଜେନା, ଶୁଭେନ୍ଦୁ ଶେଖର ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଖର୍ସନାମଳ ଗ୍ରାମର ମଦନ ମୋହନ କୃଷକ ସଂଗଠନ, କୁଲୁଣ୍ଡି ପଞ୍ଚାୟତବାସୀଙ୍କ ସହ ତବଳା, ଗୁଞ୍ଚୁରା, କୁକୁଡପାଲି, ଗୋବିନ୍ଦପାଲି, ଜରାବଗା ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ଚାଷୀ ଆନ୍ଦୋଳନରେ ସାମିଲ ହୋଇ ତୁରନ୍ତ ଫସଲ ବୀମା, ଇନ୍‌ପୁଟ ସବ୍‌ସିଡି ସହାୟତା ରାଶି ପ୍ରଦାନ କରିବାକୁ ଦାବି କରିଥିଲେ। ଚାଷୀ ଦେବେନ୍ଦ୍ର ମହାପାତ୍ର, ହରିଶଙ୍କର ପୁରୋହିତ, ରାମ ଟପ୍ପୋ, ସୁଦୀପ୍ତ ପଟେଲ, ଭକ୍ତ ପ୍ରସାଦ ପଣ୍ଡା, ଦିନେଷ ପଣ୍ଡା, ଧୀରୋଜ ମେହେର, ଜନ୍ମେଜୟ ସାହୁ, ମନୋଜ ସେନାପତି, ଶାନ୍ତନୁ ପ୍ରଧାନ, ଗିରିଧାରୀ ସାହୁ, ସରୋଜ ପଟେଲ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଛନ୍ତି।

ସୂଚନାଯୋଗ୍ୟ, ଅକ୍ଟୋବର ୨୨ତାରିଖରୁ ଚାଷୀମାନେ ବିଭିନ୍ନ ଦାବି ନେଇ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଚାଷୀଙ୍କ ଅଭିଯୋଗ ମୁତାବକ, ୨୦୧୮ ଖରିଫ ଋତୁରେ ବର୍ଷା ଅଭାବ ସାଙ୍ଗକୁ ଓ ରୋଗପୋକ ଲାଗି ଧାନ ଫସଲ ନଷ୍ଟ ହୋଇଯାଇଥିଲା। ସରକାର କ୍ଷୟକ୍ଷତିର ଆକଳନ କରି ଫସଲ ବୀମା ଓ ଇନ୍‌ପୁଟ ସବ୍‌ସିଡି ପ୍ରଦାନ କରିବାକୁ ଘୋଷଣା କରିଥିଲେ। ହେଲେ ବର୍ତ୍ତମାନ ସୁଦ୍ଧା ଚାଷୀଙ୍କୁ ଫଳସ ବୀମା ଓ ଇନ୍‌ପୁଟ ସବ୍‌ସିଡ ଟଙ୍କା ଚାଷୀଙ୍କୁ ମିଳି ନ ଥିବା ଅଭିଯୋଗ ହୋଇଛି। ସେହିପରି ଧାନର ସର୍ବନିମ୍ନ ମୂଲ୍ୟ ବୃଦ୍ଧି, ଚାଷୀଙ୍କୁ ବୋନସ ଓ ସମ୍ପୂର୍ଣ୍ଣ ଋଣ ଛାଡ, କୀଟନାଶକ ରିହାତି ମୂଲ୍ୟରେ ଯୋଗାଇ ଦେବାରେ ସରକାର ବିଫଳ ହୋଇଛନ୍ତି। ଦାବି ପୂରଣ ନ ହେଲେ ଆଗକୁ ଆନ୍ଦୋଳନ ଜାରି ରହିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।



ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ଆନ୍ଦୋଳନରେ ବସିଛନ୍ତି।

### କୃଷକ ଏକତା ମଞ୍ଚ ସଦସ୍ୟଙ୍କ ସମର୍ଥନ



ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖ, କିନ୍ତୁ ନିଜ ଉଦ୍ୟମରେ ଟିକିଏ ହେଲେ ଅବହେଳା କର ନାହିଁ।
- ବ୍ୟାସକବି ଫକୀର ମୋହନ



## ସଂକ୍ଷେପରେ

### କ୍ୟାରିୟର କାଉନସିଲିଂ ସଭା

**କୁଚିଣ୍ଡା,୨୪।୧୦ (ଡି.ଏନ୍.ଏ.)**- ଗୋକୁଳ ପାର୍ବତୀ ମହାବିଦ୍ୟାଳୟ କୁନ୍ତରାରେ ଆଞ୍ଚଳିକ ଶିଳ୍ପ କେନ୍ଦ୍ର ସମ୍ବଲପୁର ପକ୍ଷରୁ ଏକ କ୍ୟାରିୟର କାଉନସିଲିଂ ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଦୁର୍ଯ୍ୟୋଧନ ମେହେର ସଭାରେ ଅଧକ୍ଷତା କରିଥିଲେ। ଏଥିରେ ସମ୍ବଲପୁର ଆଞ୍ଚଳିକ ଶିଳ୍ପ କେନ୍ଦ୍ରର ଜେନେରାଲ ମ୍ୟାନେଜର ପି.କେ. ନାଏକ, ଆଇପିଓ ରାଜଶ୍ରୀ ଗିରି, ଡେଭଲପମେଣ୍ଟ ଅଫିସର ଶଙ୍କର୍ଷଣ ସେଠୀଙ୍କ ସହ କୁନ୍ତରାର ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ମ୍ୟାନେଜର ଯୋଗ ଦେଇଥିଲେ। ଜେନେରାଲ ମ୍ୟାନେଜର ନାଏକ ଶିକ୍ଷିତ ବେକାର ଯୁବତୀ, ଯୁବକ କିପରି ରୋଜଗାରକ୍ଷମ ହୋଇପାରିବେ ସେନେଇ ବୁଝାଇଥିଲେ। ଅଧାପକ ଟିକେଲାଲ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

### ନାକଟିଦେଉଳରେ ମୋ ସ୍କୁଲ ଅଭିଯାନ ବୈଠକ

**ନାକଟିଦେଉଳ,୨୪।୧୦ (ଡି.ଏନ୍.ଏ.)**- ସମ୍ବଲପୁର ଜଲା ନାକଟିଦେଉଳ ବ୍ଲକ ଅଧୀନ ନାକଟିଦେଉଳ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ବୁଧୁବାର ମୋ ସ୍କୁଲ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ପ୍ରଧାନ ସଭାପତିତ୍ୱ କରି ମୋ ସ୍କୁଲ ଅଭିଯାନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସ୍କୁଲର ଭିତ୍ତିଭୂମିର ଉନ୍ନତି, ଗୁଣାତ୍ମକ ଶିକ୍ଷାରେ ପୁରାତନ ଛାତ୍ରୀଛାତ୍ରଙ୍କ ସହଭାଗିତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ମୋ ସ୍କୁଲ ଅଭିଯାନରେ ଏକ କମିଟି ଗଠନ କରାଯାଇଥିଲା। ଏଥିରେ ପୁରାତନ ଛାତ୍ର ଋତୁପୁର୍ଣ୍ଣ ଧଳଙ୍କୁ ସଭାପତି ଭାବେ ମନୋନୀତ କରାଯାଇଥିଲା। ଏହି ଅବସରରେ ପୁରାତନ ଛାତ୍ରଛାତ୍ରୀଙ୍କଠାରୁ ମୋ ସ୍କୁଲ ଅଭିଯାନରେ ସହାୟତା ରାଶି ସଂଗୃହିତ କରାଯାଇଥିଲା। ବୈଠକରେ ଧୀରେନ୍ଦ୍ର କୁମାର ପ୍ରଧାନ, ବିଜୟାନନ୍ଦ ସାହୁ, ସନ୍ତୋଷ କୁମାର ଦାଶ, ଅଶୋକ ଧଳ, ପ୍ରଦ୍ୟୁମ୍ନ ଦାଶ, ଅଜୟ ନାଏକ, ବାବୁଲା ସାହୁ, ଶରତ ସାହୁ, ମହେଶ୍ୱର ବିଶି ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ମହେନ୍ଦ୍ର ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

# ଆଇଆଇଏମ୍ ପରିସର ହେବ ପ୍ଲାଷ୍ଟିକମୁକ୍ତ

**ସମ୍ବଲପୁର,୨୪।୧୦ (ବ୍ୟୁରୋ)**

ସମ୍ବଲପୁର ଆଇଆଇଏମ୍ ପରିସରରେ ପ୍ଲାଷ୍ଟିକ ମୁକ୍ତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧକ୍ଷ ପ୍ରଫେସର ମହାଦେଓ ପ୍ରସାଦ ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏମ୍‌ପି ଗଙ୍ଗଦେବ ପ୍ଲାଷ୍ଟିକ ବ୍ୟବହାର ଯୋଗୁ ପରିବେଶ ପ୍ରଦୁଷିତ ହେବାରେ ଲାଗିଛି। ଯାହାକି ମଣିଷ ଉପରେ କୁପ୍ରଭାବ ପକାଉ ଥିବା କହିଥିଲେ। ଏନେଇ ପ୍ଲାଷ୍ଟିକ ମୁକ୍ତ ଭାରତ ଗଢିବାକୁ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ଏହି ଅବସରରେ ଆଇଆଇଏମ୍ ପ୍ରଫେସର ଏବଂ ଛାତ୍ରୀଛାତ୍ରମାନେ ଆଇଆଇଏମ୍ ପରିସରକୁ ପ୍ଲାଷ୍ଟିକ ମୁକ୍ତ କରିବାକୁ ଶପଥ ଗ୍ରହଣ କରିଥିଲେ। ପରେ ଆଇଆଇଏମ୍ ପରିସରରେ ସଫେଇ କାର୍ଯ୍ୟକ୍ରମ ହୋଇଥିଲା।



ପ୍ଲାଷ୍ଟିକମୁକ୍ତ ଏକ ସଚେତନତା କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଆଇଆଇଏମ୍ ଅଧକ୍ଷ ଏବଂ ଅନ୍ୟମାନେ ।



ଆଇଆଇଏମ୍ ପରିସରରେ ଅନୁଷ୍ଠିତ ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ରମାନେ।

# ହାଇକୋର୍ଟ ଓକିଲଙ୍କ ଦୁର୍ବ୍ୟବହାରକୁ ନିନ୍ଦା

**ସମ୍ବଲପୁର,୨୪।୧୦ (ବ୍ୟୁରୋ)**

ହାଇକୋର୍ଟର ଫୁଲ କୋର୍ଟ ବୈଠକରେ ସମ୍ବଲପୁର ଜିଲା ଓକିଲ ସଂଘର ବରିଷ୍ଠ ସଦସ୍ୟ ସୁରେଶ୍ୱର ମିଶ୍ରଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ଏହାକୁ ନାଗରିକ କ୍ରିୟା ଅନୁଷ୍ଠାନ କମିଟି ପକ୍ଷରୁ ଗୁରୁବାର ନିନ୍ଦା କରାଯାଉଛି। ଏଭଳି କାର୍ଯ୍ୟ ଓକିଲଙ୍କ ପେସା ପାଇଁ ଶୋଭନୀୟ ନୁହେଁ ବୋଲି କମିଟି ପକ୍ଷରୁ କୁହାଯାଇଛି। ପଶ୍ଚିମ ଓଡ଼ିଶାବାସୀ ହକ ପାଇଁ ଆନ୍ଦୋଳନ କରୁଛନ୍ତି। ହାଇକୋର୍ଟ ଓକିଲ ଏହାକୁ ଆପତ୍ତି କରୁଥିଲେ ମଧ କେବେ ଏହାର ପ୍ରତିବାଦ କରାଯାଇ ନାହିଁ। ହେଲେ ଗତ ୨୧ ତାରିଖ ଘଟଣା ନିନ୍ଦନୀୟ। ଏହା ରାଜ୍ୟ ବିଭାଜନର ଏକ କାରଣ ହୋଇପାରେ ବୋଲି କମିଟି ପକ୍ଷରୁ ଏକ ପ୍ରେସ ବିବୃତିରେ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଅକ୍ଟୋବର ୨୧ତାରିଖ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଉପସ୍ଥିତିରେ ଫୁଲ କୋର୍ଟ ବସିଥିଲା । ଏଥିରେ ୩୦ଟି ଜିଲାର ବାର ସଦସ୍ୟ ଯୋଗ ଦେଇଥିଲେ । ସମ୍ବଲପୁର ଜିଲାରୁ ସୁରେଶ୍ୱର ମିଶ୍ର, ସତ୍ୟନାରାୟଣ ପଣ୍ଡା, ବିଜୟ କୁମାର ପୁରୋହିତ ଯୋଗଦେଇଥିଲେ । ହେଲେ ସମ୍ବଲପୁର ଜିଲା ଓକିଲ ସଂଘ ପକ୍ଷରୁ ମିଶ୍ର ପକ୍ଷ ରଖୁଥିବା ବେଳେ ଏଭଳି ଘଟଣା ଘଟିଥିଲା।

# ହୀରାକୁଦ କଲେଜରେ ଆଲୋଚନାଚକ୍ର

**ସମ୍ବଲପୁର,୨୪।୧୦ (ବ୍ୟୁରୋ)**

ହୀରାକୁଦ କଲେଜ ବାଣିଜ୍ୟ ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ବାଣିଜ୍ୟ ବିଭାଗୀୟ ମୁଖ୍ୟ ପ୍ରମୋଦ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । କଲେଜ ଅଧକ୍ଷା ଜ୍ୟୋସ୍ନାମୟୀ ମିଶ୍ର ମୁଖ୍ୟଅତିଥି, ବୈଦିକ କଲେଜ ଚେୟାରମ୍ୟାନ ଆନନ୍ଦ ଅଗ୍ରୱାଲ ମୁଖ୍ୟବକ୍ତା ଓ ଲିଜାରାଣୀ ଶତପଥୀ ସମ୍ମାନିତ ବକ୍ତା ଭାବେ ଯୋଗଦେଇଥିଲେ । ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ.ଅଶ୍ୱିନୀ କୁମାର ସୁପକାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅଧାପିକା ରୋଜାଲିନୀ ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ। ବାଣିଜ୍ୟ ବିଭାଗ ଅଧାପକ ସଞ୍ଜୟ ଜେନା, ଅଧାପକ ମୃତ୍ୟୁଞ୍ଜୟ ମାହାତୋ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ହୀରାକୁଦ ଡ୍ୟାମ୍ ଜଳସ୍ତର ୬୩୦ ଫୁଟ

# ୮ଗେଟ ଦେଇ ବନ୍ୟାଜଳ ନିଷ୍କାସନ

**ସମ୍ବଲପୁର,୨୪।୧୦(ବ୍ୟୁରୋ)**

ସମ୍ବଲପୁର ହୀରାକୁଦ ଡ୍ୟାମରୁ ଗୁରୁବାର ୮ଟି ଗେଟ ଦେଇ ବନ୍ୟାଜଳ ନିଷ୍କାସନ କରାଯାଇଛି । ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ମିଳିଥିବା ରିପୋର୍ଟ ଅନୁସାରେ ପ୍ରତି ସେକେଣ୍ଡରେ ୧ ଲକ୍ଷ ୩୧ ହଜାର ୫୨୦ କ୍ୟୁସେକ ଜଳ ନିଷ୍କାସନ ହେଉଛି । ସେହିପରି ପ୍ରତି ସେକେଣ୍ଡରେ ଡ୍ୟାମକୁ ୧ଲକ୍ଷ ୫୨ ହଜାର ୦୦୭ କ୍ୟୁସେକ ପାଣି ପ୍ରବେଶ କରୁଛି। ପାୱାର ଚ୍ୟାନେଲରେ ୧୬ ହଜାର ୯୫୧, ବିଭିନ୍ନ କେନାଲରେ ୩ହଜାର ୩୬୬ ଓ ଶିଳ୍ପକୁ ୧୭୦ କ୍ୟୁସେକ ଜଳ ଛଡାଯାଉଛି । ସେହିପରି ଡ୍ୟାମ ତଳ ମୁଣ୍ଡ ପର୍ଥଲାରେ ୧୯ ହଜାର ୬୫୯, ଖଇରମାଲରେ ୭୦ ହଜାର, ବରମୂଳାରେ ୪୯ ହଜାର ଓ ମୁଣ୍ଡଳିରେ ୩୫ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଛି। ଡ୍ୟାମରେ ଜଳସ୍ତର ୬୩୦ ଫୁଟ ରହିଛି ବୋଲି ଡ୍ୟାମ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଉପର ମୁଣ୍ଡରେ ବର୍ଷା ଯୋଗୁ ଡ୍ୟାରୁ ବନ୍ୟାଜଳ ନିଷ୍କାସନ କରାଯାଉଛି।

# କବାଟ ଭାଙ୍ଗି ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି

**ସମ୍ବଲପୁର,୨୪।୧୦(ବ୍ୟୁରୋ)**

ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଅଧୀନ ଭୀମଭୋଇନଗର ଅଞ୍ଚଳରେ ରହୁଥିବା ସରୋଜ ମହାନ୍ତି ଘରୁ ବୁଧବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ମୁତାବକ ବୁଧବାର ରାତିରେ ପରିବାର ଲୋକେ ଖାଇ ଏକ କୋଠରିରେ ଶୋଇଥିଲେ। ହେଲେ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ କବାଟ ଭାଙ୍ଗି ଘରେ ପଶି ଗୋଟିଏ ସୁନା ହାର, ସୁନା ମୁଦି ସହ ରୁପା ଅଳଙ୍କାର ଚୋରି କରି ନେଇଥିଲେ। ଏନେଇ ସରୋଜ ଅଇଁଠାପାଲି ଥାନାରେ ଏକ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଚୋରି ସୁନା ଅଳଙ୍କାର ମୂଲ୍ୟ ଦେଢ଼ ଲକ୍ଷ ଟଙ୍କା ହେବ ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି।

# ପୀଡିତାଙ୍କୁ ସହାୟତା ରାଶି ପ୍ରଦାନ

**ସମ୍ବଲପୁର,୨୪।୧୦(ବ୍ୟୁରୋ)**

ସମ୍ବଲପୁର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ୨ଜଣ ପିଡିତାଙ୍କୁ ୨ଲକ୍ଷ ଟଙ୍କାଏଁ ସହାୟତା ରାଶି ଗୁରୁବାର ପ୍ରଦାନ କରାଯାଇଛି । ସମ୍ବଲପୁର ଆଇନସେବା ପ୍ରାଧିକରଣ ଅଧକ୍ଷ ତଥା ଜିଲା ଜର୍ଜ ସନ୍ତୋଷ କୁମାର ଜେନା ପିଡିତାଙ୍କୁ ଚେକ୍ ପ୍ରଦାନ କରିଥିଲେ । ସମ୍ବଲପୁର ଜିଲା ଜର୍ଜଙ୍କ ପକ୍ଷରୁ ୨ଟି ହତ୍ୟା ମାମଲାର ରାୟକୁ ଭିତ୍ତି କରି ଏହି ସହାୟତା ରାଶି ପ୍ରଦାନ କରାଯାଇଛି । ପ୍ରାଧିକରଣ ସଚିବ ଲିଲି ସେନାପତି ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ସଂରକ୍ଷଣ ନେଇ ପ୍ରତିଯୋଗିତା

**ଦେବଗଡ଼,୨୪।୧୦ (ଡି.ଏନ.ଏ)**

ସହରର ପୁରୁଣାଗଡ ସ୍ଥିତ ଟାଉନ ହାଇସ୍କୁଲରେ ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ସପ୍ଲାଇ ୟୁଟିଲିଟି ଅଫ ଓଡିଶା ପକ୍ଷରୁ ବିଦ୍ୟୁତ ସଂରକ୍ଷଣ ବିଷୟକୁ ନେଇ ଏକ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପ୍ରତିଯୋଗିତାରେ ବହୁ ଛାତ୍ରୀଛତ୍ର ଅଂଶଗ୍ରହଣ କରିଥିଲେ। ଟାଉନ ହାଇସ୍କୁଲର ପ୍ରଧାନ ଶିକ୍ଷକ ସତ୍ୟ ନାରାୟଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସତ୍ୟବ୍ରତ ପଣ୍ଡା, କନିଷ୍ଠ ଯନ୍ତ୍ରୀ, ଅଭିଲାଷ ସ୍ୱାଇଁ, ଚନ୍ଦନ କୁମାର ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହ ବିଦ୍ୟୁତ ଶକ୍ତି ଅପଚୟ ରୋକିବା, ବିଦ୍ୟୁତ ଚୋରି ଓ ମିଟର ଟାରିଂ ବନ୍ଦ କରିବା ଏହିପରି ବିଭିନ୍ନ ବିଷୟରେ ଆଲୋକପାତ କରିଥିଲେ । ପରେ ପରେ କୃତି ପ୍ରତିଯୋଗି ମାନଙ୍କୁ ପୁରସ୍କୃତ କରିଥିଲେ। ଚିତ୍ରାଙ୍କନରେ ପ୍ରଥମ ସ୍ଥାନ ଯଶୋଧା ହସ୍ତୀ,ତେଜସ୍ୱିତା ବେହେରା ଦ୍ୱିତୀୟ ଏବଂ ଯଜ୍ଞସେହି ହସ୍ତୀ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ବକ୍ତୃତାରେ ଅନିତା ପ୍ରଧାନା ପ୍ରଥମ,ଶୁଭଶ୍ରୀ ପ୍ରଧାନ ଦ୍ୱିତୀୟ, ଏବଂ ସୁପ୍ରିୟା ମହାନନ୍ଦ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅତିଥିମାନେ ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।




କୃତୀ ପ୍ରତିଯୋଗୀମାନଙ୍କ ସହ ଅତିଥିଗଣ ।

# ଟ୍ରକ୍ ଧକ୍କାରେ ୨ ମୃତ

**ଦେବଗଡ଼, ୨୪।୧୦(ଡି.ଏନ.ଏ)** –ଦେବଗଡ ଥାନା ଲଇମୁରା ଫାଣ୍ଡି ଅଧିନ ଲୁଡର ନୁଆଁଡିହୀ ଗ୍ରାମ ନିକଟସ୍ଥ ରାସ୍ତାରେ ଏକ ମାଲ ବୋଝେଇ ଟ୍ରକ ନଂ. ଓଆର ୧୫ଟି–୩୬୮୮ ଏକ ବାଇକକୁ ସମ୍ମୁଖପଟୁ ଧକ୍କା ଦେଇଛି। ଫଳରେ ୨ଜଣ ବାଇକ ଆରୋହୀଙ୍କର ମୃତ୍ୟୁ ଘଟିଛି । ମୃତକ ମାନେ ହେଲେ ଦେଓପାଣି ଗ୍ରାମର ଡମ୍ବରୁ ଶଣ୍ଢ(୨୨) ଉକ୍ତ ଗ୍ରାମର ବାଦୁ କିସାନ(୨୦) ଖବର ମୁତାବକ ଏକ ବାଇକଯୋଗେ(ନଂ–ଓଡି–୨୮ଏ–୨୬୯୬)ସମ୍ବଲପୁର ଜିଲାର ଭୋଜପୁରରୁ ନିଜ ଗ୍ରାମକୁ ଫେରୁଥିବା ସମୟରେ ଉକ୍ତ ରାସ୍ତାରେ ଆସୁଥିବା ଏକ ଟ୍ରକ ସେମାନଙ୍କୁ ଲୁଡର ନୁଆଁଡିହୀ ନିକଟରେ ଧକ୍କାଦେଇଥିଲା। ଫଳରେ ଘଟଣାସ୍ଥଳରେ ଡମ୍ବରୁ ଶଣ୍ଢଙ୍କର ମୃତ୍ୟୁ ଘଟିଥିଲା ଗୁରୁତର ଆହତ ବାଦୁକିଷାନଙ୍କୁ ଚିକିତ୍ସା ପାଇଁ କୁଚିଣ୍ଡା ଡାକ୍ତରଖାନାରେ ନିଆଯାଇଥିଲା । ମାତ୍ର ଅବସ୍ଥା ଗୁରୁତର ଥିବାରୁ କୁଚିଣ୍ଡା ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇଁ ଲଇମୁରା ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ଟ୍ରକ ଓ ବାଇକକୁ ଜବତ କରିବା ସହ ମୃତ ବାଦୁ କିସାନଙ୍କ ମୃତଦେହ ଉଦ୍ଧାର କରିଛି।

## ଫଟୋରେ ଖବର



ଗୁରୁବାର ସର୍ବଶିକ୍ଷା ଅଭିଯାନ ସମ୍ମିଳନୀ କକ୍ଷଠାରେ ସମ୍ବଲପୁର ମହାନଗର ନିଗମ, କୁଚିଣ୍ଡା, ରେଢ଼ାଖୋଲ ଏନ୍ଏସିର ବିକାଶ କାର୍ଯ୍ୟର ସମୀକ୍ଷା ବୈଠକରେ ସୁଡା ନିର୍ଦ୍ଦେଶକ, ଅତିରିକ୍ତ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

# ନିଶାମୁକ୍ତ ସମ୍ବଲପୁର କାର୍ଯ୍ୟକ୍ରମ

**ସମ୍ବଲପୁର,୨୪।୧୦(ବ୍ୟୁରୋ):**

ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ମୋ ସମ୍ବଲପୁର, ନିଶାମୁକ୍ତ ସମ୍ବଲପୁର କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀଅରବିନ୍ଦ ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ–୧, ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜ, ସେଭେନହିଲ୍ସ ରେସିଡେନ୍ସିଆଲ ସ୍କୁଲଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମାକୁମାର ରାଜୀବ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଯାଇଥିଲା । ସେହିପରି ବ୍ରହ୍ମାକୁମାରୀ ଦୀପା, ବ୍ରହ୍ମାକୁମାରୀ କବିତା, କ୍ରାଇମବ୍ରାଞ୍ଚ ଇନ୍ସପେକ୍ଟର ଉମେଶ ବେହେର ଯୋଗଦେଇ ମୋ ସମ୍ବଲପୁର କିପରି ନିଶା ମୁକ୍ତ ହୋଇପାରିବ ସେ ଦିଗରେ ଉଦ୍‌ବୋଧନ ଦେଇଥିଲେ ।




ଗୁରୁବାର ଶ୍ରୀଅରବିନ୍ଦ ସ୍କୁଲଠାରେ ଆୟୋଜିତ ନିଶାମୁକ୍ତ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ ।

# ବିଦ୍ୟାଳୟ, ଘରୋଇ ହଷ୍ଟେଲରେ ଶିଶୁଙ୍କୁ ନିରାପତ୍ତା ସମ୍ପର୍କିତ କର୍ମଶାଳା

**ଦେବଗଡ,୨୪।୧୦(ଡ଼ି.ଏନ.ଏ.)**

ସ୍ଥାନୀୟ ରୌନକ ପ୍ଲାଜା ସମ୍ମିଳନୀ କକ୍ଷରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଏକ କର୍ମଶାଳା ହୋଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହା ହୋଇଥିଲା। ଅତିରିକ୍ତ ଜିଲାପାଳ ଧରମ ହାଁସଦା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ବେସରକାରୀ ଶିକ୍ଷାନୁଷ୍ଠାନ ଦ୍ୱାରା ପରିଚାଳିତ ଛାତ୍ରାବାସ ଓ ଛାତ୍ରୀ ନିବାସର ପରିଚାଳକ, ୱାର୍ଡ଼େନ୍ଡ଼, ବେଟ୍ରୋନ, ରୋଷେୟା, ସୁରକ୍ଷା କର୍ମୀ, ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ପାଇଁ ଯୌନ ଅପରାଧରୁ ଶିଶୁମାନଙ୍କ ସୁରକ୍ଷା ଆଇନ ସମ୍ପର୍କରେ ଏକ ଜିଲାସ୍ତରୀୟ କର୍ମଶାଳା ଗୁରୁବାର ହୋଇଯାଇଛି । ଏହି ଅବସରରେ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଶିଶୁ ସୁରକ୍ଷା ବିକାଶ ପାଇଁ ଏହି ଆଇନ୍‌କୁ କଡ଼ାକଡ଼ି ଲାଗୁକରି ଶିଶୁଙ୍କୁ ଏକ ସୁରକ୍ଷା କବଚ ସାଜିବାକୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ଗୁଡ଼ିକ ଦ୍ୱାରା ପରିଚାଳିତ ହଷ୍ଟେଲ ଗୁଡ଼ିକରେ ସରକାରୀ ପଦାଧିକାରୀ,ପୋଲିସ୍,ଚାଇଲ୍ଡଲାଇନ୍ ଫୋନ ନମ୍ବର ଅନ୍ତେବାସିନୀଙ୍କ ଅବଗତ ପାଇଁ ପ୍ରଦର୍ଶନ ଓ ଅଭିଯୋଗ ବାକ୍ସର ବ୍ୟବସ୍ଥା କରିବାପାଇଁ ହାଁସଦା ତାଗିଦ୍ କରିଥିଲେ । ଜିଲା ଶିଶୁ ସୁରକ୍ଷା ଅଧିକାରୀ ମହାପାତ୍ର ଯୌନ ଅପରାଧରୁ ଶିଶୁମାନଙ୍କ ସୁରକ୍ଷା ଆଇନ୍ ୨୦୧୨ ସମ୍ପର୍କରେ ତାଲିମ୍ ଦେଇଥିଲେ । ସେହିପରି ଜିଲା ଶିଶୁ ମଙ୍ଗଳ କମିଟିର ଅଧକ୍ଷ ଅତୁଲ୍ୟ ପୂଜାରୀ ଯୌନ ନିର୍ଯ୍ୟାତନାର ଶିକାର ହେଉଥିବା ଶିଶୁମାନଙ୍କପାଇଁ ପ୍ରଶାସନ ଓ ନ୍ୟାୟପାଳିକାରେ ବିହିତ ଥିବା ମାଗଣା ଆଇନ୍ ସହାୟତା ଓ କ୍ଷତିପୂରଣ ବ୍ୟବସ୍ଥା ବିଷୟରେ ଆଲୋକପାତ କରିଥିଲେ । ଜିଲା ମଙ୍ଗଳ ଅଧିକାରୀ ବନମାଳୀ ଭୁୟାଁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରିଣୀ ଶକୁନ୍ତଳା ଟେଟେ ଓ ସୁରକ୍ଷା ଧିକାରୀ ଚିନ୍ମୟୀ ସ୍ୱାଇଁ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ଓ ହଷ୍ଟେଲରେ ରହୁଥିବା ଶିଶୁମାନଙ୍କୁ ଏକ ସୁନିଶ୍ଚିତ କରିବାପାଇଁ ଛାତ୍ରୀଛାତ୍ର ଶିକ୍ଷୟତ୍ରୀ ଶିକ୍ଷକ ତଥା ହଷ୍ଟେଲ ପରିଚାଳକମାନଙ୍କ ଆଚରଣ ବିଧି ସମ୍ପର୍କରେ ଆଲୋଚନା କରିଥିଲେ । ଏହି କର୍ମଶାଳାକୁ ବିଭାଗୀୟ କର୍ମକର୍ତ୍ତା ପ୍ରମୋଦ ପୂଜାରୀ, ରଜନୀକାନ୍ତ ମହାନ୍ତ, ଚାଇଲ୍ଡଲାଇନ୍‌ର ଉପେନ୍ଦ୍ର ଭଞ୍ଜ, ରାମାକାନ୍ତ ସାହୁ,ସୁବ୍ରତ ନଗ ପ୍ରମୁଖ ସହଯୋଗ କରିଥିଲେ।




ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଅନୁଷ୍ଠିତ କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

## ସଂକ୍ଷେପରେ

### ବର୍ଷା ଯୋଗୁ ଚାଷୀ ଚିନ୍ତିତ

ଭେଡ଼େନ, ୨୪।୧୦(ଡ଼ି.ଏନ.ଏ)
ଭେଡ଼େନ ବ୍ଲକ ଅଞ୍ଚଳରେ ବର୍ତ୍ତମାନ ଖରିଫ ଧାନ ଫସଲ ଅମଳ ଆରମ୍ଭ ହେଲାଣି। ଏପରି ସମୟରେ ଗୁରୁବାର ଲଘୁଚାପ ଜନିତ ବର୍ଷା ଲାଗିରହିବା ଫଳରେ ଚାଷ ଜମି ଗୁଡ଼ିକରେ ପାଣି ଜମି ଯାଇଛି । ଏହା ବ୍ୟତୀତ ଫଳନ୍ତି ଗଛ ଗୁଡ଼ିକ ମାଟିରେ ପଡ଼ିଯାଇଥିବାରୁ ଧାନ ଅମଳ ହ୍ରାସ ହେବା ଆଶଙ୍କା ରହିଛି। ଅପରପକ୍ଷରେ ରୋଗପୋକ ଦେଖାଦେଇଥିବାରୁ ଚାଷୀମାନେ ଚିନ୍ତିତ ହୋଇ ପଡ଼ିଛନ୍ତି ।



### ଡାକ ଟିକଟ ସଂଗ୍ରାହକ ପୁରସ୍କୃତ

ବୌଦ୍ଧ,୨୪।୧୦(ସ୍ୱ.ପ୍ର)
ଜାତୀୟ ଡାକ ସପ୍ତାହ ପାଳନ ଅବସରରେ ବୌଦ୍ଧର ବିଶ୍ୱନାଥ ମିଶ୍ରଙ୍କୁ ଶ୍ରେଷ୍ଠ ଫିଲାଟେଲିକ୍ସ ପୁରସ୍କାର ପ୍ରଦାନ କରାଯାଇଛି । ଭୁବନେଶ୍ୱର ମହାଡାକପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ଉତ୍ସବରେ ସିପିଏମଜି ସନ୍ତୋଷ କୁମାର କାମଲା ମୁଖ୍ୟଅତିଥି, ସମ୍ବଲପୁର ମହାଡାକପାଳ ଲଲିତେନ୍ଦୁ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଅଂଶଗ୍ରହଣ କରିଥିବା ଡାକ ଟିକଟ ସଂଗ୍ରହ କାରୀମାନେ ଅଂଶଗ୍ରହଣ କରିଥିଲେ। ପୂର୍ବରୁ ମିଶ୍ର ରାଜ୍ୟ ଏବଂ ରାଷ୍ଟ୍ରୀୟ ସ୍ତରରେ ଡାକ ଟିକଟ ସଂଗ୍ରହ କ୍ଷେତ୍ରରେ ବିଭିନ୍ନ ପୁରସ୍କାର ପାଇଛନ୍ତି। ସେ ୧୯୭୭ ମସିହାରୁ ଡାକ ଟିକଟ ସଂଗ୍ରହ କରିଆସୁଛନ୍ତି ।



### ମାନପୁର-ଅର୍ଜୁଣ୍ଡା ରାସ୍ତା ଶୋଚନୀୟ

ଗଣ୍ଡତୁରୁମ, ୨୪।୧୦ (ଡି.ଏନ.ଏ)
ଭେଡେନ ବ୍ଲକ ଅନ୍ତର୍ଗତ ମାନପୁର-ଅର୍ଜୁଣ୍ଡା ରାସ୍ତା ଶୋଚନୀୟ ହୋଇପଡିଛି। ସାମାନ୍ୟ ବର୍ଷାରେ ରାସ୍ତାରେ ଆଣ୍ଠୁଏ କାଦୁଅ ହେଉଥିବା ବେଳେ ଖାଲଖମାରେ ଭର୍ତ୍ତି ହୋଇଛି। ଚାରିଚକିଆ ଯାନବାହନ ଯିବା ତ ଦୂରର କଥା ରାସ୍ତା ସାରା କର୍ଦ୍ଦମାକ୍ତ ଯୋଗୁ ଚାଲି ଚାଲି ଯିବା କଷ୍ଟକର ହେଉଛି । ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ମାନପୁର, ସୁକପାଲି, ମିର୍ଦ୍ଧାପାଲି, ଫଟାଟିକ୍ରା ଗ୍ରାମବାସୀଙ୍କ ସମେତ ସ୍କୁଲ, କଲେଜ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ନିର୍ବାଚନ ପୂର୍ବରୁ ଏହି ରାସ୍ତାକୁ ସାମୟିକ ଭାବେ ମାଟି ଓ ମୋରମ ପକାଇ ମରାମତି କରାଯାଇଥିଲା। ମାତ୍ର ତାହା ବର୍ଷାରେ ଧୋଇ ହୋଇଯାଇଥିଲା। ତୁରନ୍ତ ଏହି ରାସ୍ତାର ମରାମତି ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

### ଜନସମ୍ପର୍କ ପଦଯାତ୍ରା

ଭେଡ଼େନ, ୨୪।୧୦(ଡ଼ି.ଏନ.ଏ)
ଭେଡ଼େନ ବ୍ଲକ ବିଜେଡି ପକ୍ଷରୁ ଗୁରୁବାର ଜନସମ୍ପର୍କ ପଦଯାତ୍ରା ବସେକେଲାରୁ ବାହାରି ଗୁରୁପାଲି, କଟାପାଲି ଆଦି ଗ୍ରାମ ପରିକ୍ରମା କରି ବସେକେଲା ବାଲିଯାତ୍ରା ପଡ଼ିଆରେ ଉଦ୍‌ଯାପିତ ହୋଇଛି। ଏହି ଅବସରରେ ବ୍ଲକ ବିଜେଡ଼ି ସଭାପତି ହରିଶଙ୍କର ବେହେରାଙ୍କ ସଭାପତିତ୍ୱରେ ହୋଇଥିବା ପଥପ୍ରାନ୍ତ ସଭାରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଶୋଭାଯାତ୍ରାରେ ବ୍ଲକ ଅଧକ୍ଷ ଡ଼ୋଲାମଣି କ୍ଷେତି, ଉପାଧକ୍ଷା ସୁପ୍ରଭା ପ୍ରଧାନ, ଜିଲା ପରିଷଦ ସଭ୍ୟ ସୁବାସ ହୋତା, ଯୁବନେତା ଅରବିନ୍ଦ ହୋତା, ସରପଞ୍ଚ ସୁନୀଲ ମେହେର, ସୁଶାନ୍ତ ପ୍ରଧାନ, କ୍ଷୀରୋଦ୍ର ମେଲ୍ଲୀ, ସୁଶାନ୍ତ ସାହୁ, ପ୍ୟାକ୍ସ ସଭାପତି ବିଜୟ ଭୋଇ, ସତ୍ୟଜିତ ପୁରୋହିତ, ପୂର୍ବତନ ସମିତିସଭ୍ୟ ସାଗର ମହାକୁର, ଭଗବାନ ସେଠ, ଆନନ୍ଦ କରନ ପ୍ରମୁଖ ବହୁ ନେତା ଓ କର୍ମୀ ଯୋଗ ଦେଇଥିଲେ।

---

ଆଠକୋଶିଆ ଆଦିବାସୀ ଏକତା ମଞ୍ଚର ବାର୍ଷିକ ସମାରୋହ ଉଦ୍‌ଯାପିତ

# ଆଦିବାସୀ ସଂସ୍କୃତି, ପରମ୍ପରାକୁ ବଞ୍ଚାଇବାକୁ ଆହ୍ୱାନ

ସୁନ୍ଦରଗଡ, ୨୪।୧୦ (ଡି.ଏନ୍.ଏ)

ସୁନ୍ଦରଗଡର ଅଗ୍ରଣୀ ଆଦିବାସୀ ସଙ୍ଗଠନ ଆଠକୋଶିଆ ଆଦିବାସୀ ଏକତା ମଞ୍ଚର ଗତ ୨୧ରୁ ଚାଲିଥିବା ୧୫ତମ ବାର୍ଷିକ ଉତ୍ସବ ଓ ସାଂସ୍କୃତିକ ସମାରୋହ ଚଳିତବର୍ଷ ବାଲିଶଙ୍କରା ବ୍ଲକର ଖପରିଲତା ଗ୍ରାମଠାରେ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଏହା ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ସମାରୋହରେ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ଅତିଥି ଭାବେ ଯୋଗଦେଇ ଆଦିବାସୀ ଏକତା ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବା ସହିତ ଶିଶୁମାନଙ୍କ ଶିକ୍ଷାର ଉନ୍ନତି ଦିଗରେ ଗୁରୁତ୍ୱ ଦେବାପାଇଁ ଆହ୍ୱାନ ଦେଇଥିଲେ । ସୁନ୍ଦରଗଡ ବିଧାୟିକା କୁସୁମ ଟେଟେ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଶିକ୍ଷା ସହିତ କ୍ରୀଡା କ୍ଷେତ୍ରରେ ମଧ୍ୟ ସୁନ୍ଦରଗଡର ଆଦିବାସୀ ପୁଅ ଝିଅ ସବୁବେଳେ ଆଗରେ ରହିଥିବା ବେଳେ ଆଗକୁ ମଧ୍ୟ ଏହି ଧାରାବଜାୟ ରହିବ ବୋଲି ଆଶାବ୍ୟକ୍ତ କରିଥିଲେ । ଜଙ୍ଗଲ ଜମି ଅଧିକାର ପାଇଁ ଓ ଅନ୍ୟାନ୍ୟ ସରକାରୀ ଯୋଜନା ସୁଫଳ ପାଇବା ପାଇଁ ତଥା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସେ ସବୁପ୍ରକାର ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଓ ଆଦିବାସୀ ସାଂସ୍କୃତିକ ନାଚଗୀତ ପ୍ରତିଯୋଗୀତା ସହ ବାଳକ ମାନଙ୍କ ମଧ୍ୟରେ ସାଇକେଲ ସ୍ଲୋ ରେସ୍, ୨୦୦ମିଟର ଦୌଡ ଓ ମହିଳାମାନଙ୍କ ମଧ୍ୟରେ ଚୌକିବସା ପ୍ରତିଯୋଗିତା ମାନ ହୋଇଥିଲା । ଏହି ସମାରୋହରେ ବିଭିନ୍ନ ଅଞ୍ଚଳର ୧୭ଟି ସାଂସ୍କୃତିକ ଦଳ ଓ ୩ହଜାରରୁ ଉର୍ଦ୍ଧ୍ୱ ସଦସ୍ୟା, ସଦସ୍ୟ ଉପସ୍ଥିତ ଥିଲେ । ଆଠକୋଶିଆ ଆଦିବାସୀ ଏକତା ମଞ୍ଚର ସଭାନେତ୍ରୀ ନୀଳିମା ଟପ୍ପୋ, ଉପସଭାପତି ସୁପ୍ରିୟାନ୍ ଖାଖା, ଆବ୍ରାହାମ ତିର୍କୀ, ପ୍ରଶଂସା ମିଞ୍ଜ, ବିନୋଦ କୁଜୁର, ବିନୋଦ ଖାଖା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଆଠକୋଶିଆ ଆଦିବାସୀ ଏକତା ମଞ୍ଚର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

---

■ ମହିଳାଙ୍କୁ ଅସଦାଚରଣ ମାମଲା

# ୩ ଅଭିଯୁକ୍ତ କୋର୍ଟ ଚାଲାଣ

## ପୀଡିତାଙ୍କ ଘର ପୋଡିଦେଲେ ଦୁର୍ବୃତ୍ତ

ମନମୁଣ୍ଡା, ୨୪।୧୦ (ଡି.ଏନ.ଏ)

ବୌଦ୍ଧ ଜିଲା ମନମୁଣ୍ଡା ଥାନା ଯୁନାନୀ ଗ୍ରାମର ଜନୈକା ବିବାହିତା ମହିଳାଙ୍କୁ ଅସଦାଚରଣ ମାମଲାରେ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଯୁନାନୀ ଗ୍ରାମର ପିଣ୍ଟୁ ଠେଲା, ଗଙ୍ଗା ଠେଲା ଏବଂ ପିଣ୍ଟୁଙ୍କ ଭଉଣୀ ଜ୍ୱାଇଁ ଗୋପାଳମାଳ ଗ୍ରାମର ମନୋରଞ୍ଜନ କୁଦେଇ। ଅନ୍ୟପକ୍ଷେ କେହି ପୀଡିତାଙ୍କ ଘର ଭାଙ୍ଗି ସୁନାଚେନ, ହାର, ୪ କୁଇଣ୍ଟାଲ ଚାଉଳ ଚୋରି କରିବା ସହ ତାଙ୍କ ଘରକୁ ପୋଡି ଦେଇଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି । ଏହି ଘଟଣାରେ ପୋଲିସ ଏକ ମାମଲା (ନଂ. ୧୬୫/୧୯) ରୁଜୁ କରି ତଦନ୍ତ କରୁଛି ।

ପୋଲିସ ସୂଚନା ଅନୁସାରେ, ଗତ ୧୯ ତାରିଖ ରାତ୍ରି ପ୍ରାୟ ୮ଟା ବେଳେ ପୀଡିତାଙ୍କ ସ୍ୱାମୀ ଘରେ ନ ଥିବା ବେଳେ ଅଭିଯୁକ୍ତମାନେ ଘରକୁ ପଶି ତାଙ୍କୁ ଅସଦାଚରଣ କରିଥିଲେ । ପୀଡିତାଙ୍କ ଚିତ୍କାର ଶୁଣି ରାସ୍ତାରେ ଯାଉଥିବା ଲୋକ ଘର ସାମ୍ନାରେ ଅଟକିବା ଜାଣିପାରି ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଏ ନେଇ ପୀଡିତା ଜଣକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୧୬୪/୧୯) ରୁଜୁ କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଥିଲା । ଘଟଣା ଦିନଠୁ ପୀଡିତା, ତାଙ୍କ ସ୍ୱାମୀ ଓ ଦେଢ଼ ବର୍ଷ ପୁଅ ସହ ପୋଲିସକୁ ତଦନ୍ତରେ ସହଯୋଗ କରିବା ପାଇଁ ମନମୁଣ୍ଡାରେ ରହିଥିଲେ ଏବଂ କଣ୍ଟାମାଳ କୋର୍ଟକୁ ବୟାନ ରେକର୍ଡ ପାଇଁ ଯାଇଥିଲେ । ଫଳରେ ସେମାନେ ଘରକୁ ଯାଇ ପାରି ନ ଥିଲେ । ଏହାର ସୁଯୋଗ ନେଇ ଗୁରୁବାର କେହି ଦୁର୍ବୃତ୍ତ ତାଙ୍କ ଘରୁ ଚୋରି କରିବା ସହ ଘରକୁ ପୋଡି ଦେଇଛନ୍ତି ।

---

# କୃଷକ ସଚେତନତା କର୍ମଶାଳା ଉଦ୍‌ଯାପିତ

ବୌଦ୍ଧ/ବଘିଆପଡା,୨୪।୧୦(ସ୍ୱ.ପ୍ର/ ଡି.ଏନ.ଏ)

ରାଷ୍ଟ୍ରୀୟ ଉଦ୍ୟାନ କୃଷି ଗବେଷଣା ପ୍ରତିଷ୍ଠାନ ପାଲଝାରଠାରେ ସହକାରୀ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଜିଲାସ୍ତରୀୟ ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା ନେଇ ଦୁଇ ଦିନିଆ କୃଷକ ସଚେତନତା କର୍ମଶାଳା ଗୁରୁବାର ଉଦ୍‌ଯାପିତ ହୋଇଛି। କର୍ମଶାଳାରେ ପ୍ରଧାନମନ୍ତ୍ରୀ ସିଚାଇ ଯୋଜନା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। କମ ପାଣିରେ କିପରି ଚାଷୀମାନେ ଅଧିକ ଫସଲ ଆମଦାନୀ କରିପାରିବେ ଓ ପାଣିର ସୁବିନିଯୋଗ କିପରି କରିବେ ଏ ନେଇ ଚାଷୀମାନଙ୍କୁ ସଚେତନ କରାଯାଇଥିଲା। ଏହାସହ ଆଧୁନିକ ପ୍ରଣାଳୀରେ ଚାଷ କରିବାକୁ ଅଧିକାରୀମାନେ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଏନସି ଜ୍ୟୋତି ରଞ୍ଜନ ନାଏକ ଯୋଗ ଦେଇଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ଅଧକ୍ଷ ସାଇଣ୍ଟିଷ୍ଟ ଡ. ଶୁତନୁ ଶତପଥି, ରାଷ୍ଟ୍ରୀୟ କୃଷି ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଡ. ରଜନୀଶ ମିଶ୍ର, ଏଆରସିଏସ ପାଣ୍ଡୁ ଚରଣ ସାହୁ, ବୌଦ୍ଧ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ ସୁରେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଏହି କର୍ମଶାଳାରେ ସହକାରୀ ଉନ୍ୟାନ କୃଷି ନିର୍ଦ୍ଦେଶକ ସୂର୍ଯ୍ୟମଣି ମହାରଣା ଅତିଥି ପରିଚୟ ସହ କର୍ମଶାଳାର ଉଦେଶ୍ୟ ଜ୍ଞାପନ କରିଥିଲୋ। କର୍ମଶାଳାରେ ଜିଲାର ବହୁ ଚାଷୀ ଯୋଗ ଦେଇଥିଲେ।

---

# ବିଦ୍ୟାଳୟସମୂହ ବକ୍ସିଂ ଚାମ୍ପିୟନଶିପ୍ ଉଦଘାଟିତ

ସୁନ୍ଦରଗଡ, ୨୪।୧୦ (ଡି.ଏନ୍.ଏ)

ସୁନ୍ଦରଗଡ ସଦର ବ୍ଲକ ଅନ୍ତର୍ଗତ ଲେଡିମଙ୍ଗ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଠାରେ ଗୁରୁବାର ୬୫ତମ ରାଜ୍ୟସ୍ତରୀୟ ମୁଷ୍ଟିଯୁଦ୍ଧ (ବକ୍ସିଂ) ପ୍ରତିଯୋଗିତା –୨୦୧୯ ଗୁରୁବାର ଅପରାହ୍ନରେ ଉଦଘାଟିତ ହୋଇଛି। ସୁନ୍ଦରଗଡ ଏସ୍‌ପି ସୌମ୍ୟା ମିଶ୍ରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି ଉଦଘାଟନୀ ସମାରୋହରେ ଅଧ୍ୟକ୍ଷତା କରିଥିଲେ। ଉଦଘାଟନୀ ସମାରୋହରେ ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା, ସଦରବିଡିଓ ଅନାମିକା ସିଂ ,ତହସିଲଦାର ଯୋଗେଶ୍ୱର ଭୋଇ, ଜିଲାମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଜଶ୍ରୀ ପଟ୍ଟନାୟକ ବିବରଣୀ ପାଠ କରିଥିଲେ । ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ ଅମୂଲ୍ୟ କୁମାର ପ୍ରଧାନ ଓସଦର ବ୍ଲକ ଶିକ୍ଷାଧିକାରୀ ଲାଲିମା ଗ୍ଲୋରିଆ ଡୁଙ୍ଗଡୁଙ୍ଗ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ କୁମାର ସାଏ ମଞ୍ଚ ପରିଚାଳନା କରିଥିଲେ । ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲାରୁ ୧୪ବର୍ଷ ଓ ୧୭ବର୍ଷ ପୁରୁଷ ବିଭାଗରେ ୮୫ଜଣ ଓ ୧୭ବର୍ଷୀୟ ମହିଳା ବିଭାଗରେ ୫୧ଜଣ ମୋଟ ୧୩୬ଜଣ ପ୍ରତିଯୋଗୀ ଭାଗ ନେଇଛନ୍ତି। ଏଥିସହିତ କୋଚ୍ ଓ ଅଧିକାରୀ ମାନେ ମଧ୍ୟ ଯୋଗଦେଇଛନ୍ତି।



ବକ୍ସିଂ ପ୍ରତିଯୋଗିତାର ଉଦ୍‌ଘାଟନୀ ମୂହୂର୍ତ୍ତ।

---

# ସ୍କୁଲ ସମ୍ମୁଖରେ ଆଣ୍ଠୁଏ ପାଣି, ଯାତାୟାତରେ ବାଧା

ଗଣ୍ଡତୁରୁମ, ୨୪।୧୦ (ଡି.ଏନ.ଏ)

ଭେଡେନ ବ୍ଲକ ଗଣ୍ଡତୁରୁମ ଆଞ୍ଚଳିକ ନୋଡାଲ ହାଇସ୍କୁଲ ସମ୍ମୁଖ ଖାଲୁଆ ହୋଇଥିବାରୁ ସାମାନ୍ୟ ବର୍ଷାରେ ଆଣ୍ଠୁଏ ପାଣି ଜମା ହୋଇ ରହୁଛି । ଫଳରେ ସ୍କୁଲର ଛାତ୍ରୀଛାତ୍ରଙ୍କ ସମେତ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ପ୍ରାଇମେରୀ ଛାତ୍ରୀଛାତ୍ରମାନେ ପାଣି ପାର ହେବା ପାଇଁ ଅଭିଭାବକମାନଙ୍କ ସହାୟତା ଲୋଡୁଥିବା ଦେଖିବାକୁ ମିଳୁଛି । ଗଣ୍ଡତୁରୁମ ବସଷ୍ଟାଣ୍ଡରୁ ଟିହିକିପାଲି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ନିର୍ମାଣ ପରଠୁ ଏହି ସମସ୍ୟା ଉପୁଜିଥିବା କୁହନ୍ତି ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅଶୋକ ଦାଶ । ଏ ନେଇ ପ୍ରଶାସନର ବାରମ୍ବାର ଦୃଷ୍ଟି ଆକର୍ଷଣ କଲେ ବି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଉନାହିଁ । ତୁରନ୍ତ ଏହାର ବ୍ୟବସ୍ଥା କରାଯିବାକୁ ସାଧାରଣରେ ଦାବି ହେଉଛି।



ସ୍କୁଲ ସମ୍ମୁଖରେ ପାଣି ଜମି ରହିଛି ।

---

# ପିଇବା ପାଣି ପାଇଁ ଗ୍ରାମବାସୀ ହଇରାଣ

ତଳଗାଁ,୨୪।୧୦(ସ୍ୱ.ପ୍ର)

ହରଭଙ୍ଗା ବ୍ଲକ ତଳଗାଁକୁ ପାଇପ ଯୋଗେ ପାଣି ଯୋଗାଇ ଦେବା ପାଇଁ ୨୦୧୫–୧୬ ମସିହାରେ ୫ ହଜାର ଲିଟର କ୍ଷମତା ବିଶିଷ୍ଟ ପାଣି ଟାଙ୍କି ନିର୍ମାଣ କରାଯାଇଛି। ଗ୍ରାମର ସମସ୍ତ ସାହିରେ ଷ୍ଟାଣ୍ଡପୋଷ୍ଟ ମଧ୍ୟ ନିର୍ମାଣ କରାଯାଇଛି। ଏହି ପ୍ରକଳ୍ପ ନିର୍ମାଣ ପରେ ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସିଂ ଜରିଆରେ ଏହି ପ୍ରକଳ୍ପର ଉଦଘାଟନ କରିଥିଲେ । ଉଦଘାଟନର ୨ ମାସ ପର୍ଯ୍ୟନ୍ତ ପାଣି ଯୋଗାଇ ଦିଆଗଲା। ଦୁଇ ମାସ ପରେ ପାଣି ପମ୍ପ ଅଚଳ ହୋଇଗଲା । ଦୀର୍ଘ ଦୁଇ ବର୍ଷରୁ ଅଧିକ ହେବ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇପଡିଛି। ବର୍ତ୍ତମାନ ପମ୍ପ ହାଉସ ବିଭିନ୍ନ ଗଛ ଲତାରେ ଭର୍ତ୍ତି ହୋଇଛି । ଗ୍ରାମବାସୀ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି । ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ ।

---

# ଲଖମରାରେ ଶିଶୁ ମହୋତ୍ସବ



ଲଖମରା ଶିଶୁ ମହୋତ୍ସବରେ ସମ୍ବର୍ଦ୍ଧିତ କରାଯାଉଛି ।

ପଦ୍ମପୁର, ୨୪।୧୦ (ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡ ଲଖମରା ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଗୁରୁବାର ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି । ମହୋତ୍ସବରେ ଲଖମରା କ୍ଲଷ୍ଟରର ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ମହୋତ୍ସବକୁ ସିଆରସିସି ସୁବାଷ ସାହୁ ସଂଯୋଜନା କରିଥିଲେ। ଏହି ଅବସରରେ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସନାତନ ଭୋଇଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ଏଥିରେ ପାଇକମାଳ ବିଇଓ ଚୂଡାମଣି ବାରିକ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ । ସୁରେନ୍ଦ୍ର କୁମାର ପୁରୋହିତ, ମଧୁସୂଦନ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କୁଧରେନପାଲି, ଦର୍ଲିପାଲି, ଲଖମରା, ଚଙ୍ଗରିଆ, ଲହଣ୍ଡିପୁର, ଲୁହୁରାକୋଟ କ୍ଲଷ୍ଟର ଗାରିମା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଯୋଗୁ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନଙ୍କୁ ସମ୍ମାନିତ କରାଯାଇଥିଲା। କ୍ଲଷ୍ଟରର ଆଦର୍ଶ ଶିକ୍ଷକ ଭାବେର ବ୍ରଜକିଶୋର ଭିଲ, ଚନ୍ଦ୍ରମଣି ସାହୁ, ମିନିତା ବରିହା, ଅବିନାଶ ମହାନନ୍ଦ, କାନ୍ତି ଲୁହାରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷକ ପୁରୁଷୋତ୍ତମ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

---

# ମହିଳା ଫୁଟବଲ ଚାମ୍ପିୟନଶିପର ୫ମ ଦିବସ

ସୁନ୍ଦରଗଡ଼, ୨୪।୧୦ (ଡି.ଏନ.ଏ)

ସୁନ୍ଦରଗଡ ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଆୟୋଜିତ ପ୍ରଥମ ସୁନ୍ଦରଗଡ ଜିଲା ମହିଳା ଫୁଟବଲ ଚାମ୍ପିୟନଶିପ୍‌ର ୫ମ ଦିବସରେ ପ୍ରଥମ ମ୍ୟାଚ ଏଲଡିଏଚ ସ୍କୁଲ କୁଣ୍ଡୁକେଲା ସହିତ ବାଲିଶଙ୍କରା ଜୁନିୟର କଲେଜ ମଧ୍ୟରେ ମ୍ୟାଚ ହୋଇଥିଲା। ବାଲିଶଙ୍କରା ଜୁନିୟର କଲେଜ ୩–୦ ଗୋଲରେ ଏଲଡିଏଚ ସ୍କୁଲ କୁଣ୍ଡୁକେଲା ଦଳକୁ ପରାସ୍ତ କରିଥିଲା । ଉତ୍କୃଷ୍ଟ ଖେଳ ପ୍ରଦର୍ଶନ ପାଇଁ ବାଲିଶଙ୍କରା ଜୁନିୟର କଲେଜ ଖେଳାଳି ପଦ୍ମିନୀ କୋଏଲ ଗୁରୁଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା । ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା । ଆଜିର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ ବାଲିଶଙ୍କରା ହାଇସ୍କୁଲ ଏବଂ କିଞ୍ଜିର୍ମା ହାଇସ୍କୁଲ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମ୍ୟାଚଟି ଖୁବ ସଂଘର୍ଷପୂର୍ଣ୍ଣ ହୋଇଥିଲା। ନିର୍ଦ୍ଧାରିତ ସମୟରେ କେହି କାହାକୁ ଗୋଲ ଦେଇ ପାରିନଥିଲେ। ମ୍ୟାଚଟି ଅମିମାଂସିତ ଭାବେ ସମାପ୍ତ ହୋଇଥିଲା । ଉତ୍କୃଷ୍ଟ ଖେଳ ପ୍ରଦର୍ଶନ ପାଇଁ କିଞ୍ଜିର୍ମା ହାଇସ୍କୁଲର ଖେଳାଳୀ ହିମାଂସି କିଶାନଙ୍କୁ ଶ୍ରେଷ୍ଠ ଖେଳାଳୀ ଭାବେ ଟ୍ରଫି ପ୍ରଦାନ କରାଯାଇଥିଲା। ଆଜି ୫ମ ଦିବସରେ ମୁଖ୍ୟଅତିଥି ଭାବେ କ୍ରୀଡା ସଂସଦର ଟୁର୍ନାମେଣ୍ଟ କମିଟି ଚେୟାରମ୍ୟାନ ରାଜେନ୍ଦ୍ର ମହାନ୍ତି ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆଜିର ମ୍ୟାଚଗୁଡିକୁ ପ୍ରସନ୍ନ ଭୋଇ, ନିତ୍ୟାନନ୍ଦ ମେହେର, ରାଜୀବ ସେଠ, ପ୍ରଦୀପ ପ୍ରଧାନ ପରିଚାଳନା କରିଥିଲେ । ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମ୍ୟାଚ ଗୁଡିକ ଅନୁଷ୍ଠିତ ହୋଇଥିଲା । କ୍ରୀଡା ସଂସଦର ସହସମ୍ପାଦକ ଜୟଦେବ ପାତ୍ର, ବୀରମିତ୍ର କାଲୋ, ବିମଳ ବୋଷ, ଅଜୟ ବହିଦାର, ପ୍ରଶାନ୍ତ ପଟେଲ, ବିଶ୍ୱରଞ୍ଜନ ହୋତା, ଶିଶିର ପଟେଲ, ରୋମାଞ୍ଚ ଭୈଷାଲ, ପ୍ରଶାଦ ନାଏକ, ଆଶିଷ ଦେ, ସୁରଜ ଭୈଷାଲ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଫୁଟବଲ ସମ୍ପାଦକ ନିତ୍ୟ କୁମାର ବଳ ମଞ୍ଚ ପରିଚାଳନା କରିଥିଲେ। ଶୁକ୍ରବାର ସେଣ୍ଟମେରୀ ଗାର୍ଲ୍ସ ହାଇସ୍କୁଲ ସହିତ ଲମ୍ୱୋଦର ହାଇସ୍କୁଲ କୁଣ୍ଡକେଲା ମଧ୍ୟରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହେବ । ଦ୍ୱିତୀୟ ମ୍ୟାଚ ସୁନ୍ଦରଗଡ ମହିଳା ଏକାଦଶ ସହିତ କିଞ୍ଜିର୍ମା ହାଇସ୍କୁଲ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ।




ଅତିଥିଙ୍କ ସହ ଖେଳାଳି।

## ସଂକ୍ଷେପରେ

### ବିଲରୁ ହାତୀଛୁଆର ମୃତଦେହ ଉଦ୍ଧାର

**ପରଜଙ୍ଗ, ୨୪।୧୦(ଡି.ଏନ୍.ଏ.):** ଢେଙ୍କାନାଳ ବନଖଣ୍ଡ ମହାବିରୋଡ ରେଞ୍ଜ ଡିହତୋଳ ଫରେଷ୍ଟ ସେକ୍ସନ ଅଧୀନ ଡ଼ମୋଳ ଗ୍ରାମ ନିକଟ ଧାନବିଲରୁ ଗୁରୁବାର ଏକ ହାତୀ ଶାବକର ମୃତଦେହ ଉଦ୍ଧାର କରାଯାଇଛି। ହାତୀ ପଲ ଆକ୍ରମଣରେ ଛୁଆର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ଏସିଏଫ ସରୋଜ ବିଶ୍ୱାଳ, କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜର ସତ୍ୟ ନାରାୟଣ ସାହୁ, ପଶ୍ଚିମାଞ୍ଚଳ ରେଞ୍ଜର ବିଭୁଦାନନ୍ଦ ମିଶ୍ର, ରେଞ୍ଜର ସୁବ୍ରତ ବେହେରା ଫରେଷ୍ଟର ରାମଚନ୍ଦ୍ର ରାଉତ ପହଞ୍ଚି ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଛନ୍ତି। ବ୍ଲକ ପ୍ରାଣୀଧନ ଚିକିତ୍ସାଧିକାରୀ (ବିଭିଓ) ରଞ୍ଜିତ ସାହୁ ହାତୀ ଶାବକର ବ୍ୟବଚ୍ଛେଦ କରିବା ପରେ ବନ କର୍ମଚାରୀଙ୍କ ସହାୟତାରେ ଗାତ ଖୋଳି ପୋତି ଦିଆଯାଇଛି।

■ ଗୁମୁଡୁମାହା ଗୁଳିକାଣ୍ଡ ମାମଲା

# ମୃତକଙ୍କ ପରିବାରକୁ ଅତିରିକ୍ତ ୨ଲକ୍ଷ ଦେବାକୁ ସରକାର ବାଧ

■ ଗୃହ ବିଭାଗର ରିଭ୍ୟୁ ପିଟିଶନକୁ ଖାରଜ କଲେ ଓଏଚ୍ଆର୍‌ସି

■ ପୂର୍ବ ଆଦେଶକୁ କାଏମ୍ ରଖିଲେ

ଭୁବନେଶ୍ୱର,୨୪।୧୦(ବ୍ୟୁରୋ)

କନ୍ଧମାଳ ଜିଲା ଗୁମୁଡୁମାହାରେ ପୋଲିସ ଗୁଳିରେ ମୃତକଙ୍କ ପରିବାରକୁ ଅଧିକ ୨ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ରାଜ୍ୟ ମାନବିକ ଅଧିକାର କମିଶନ (ଓଏଚ୍ଆର୍‌ସି) ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନୁକମ୍ପାମୂଳକ କ୍ଷତିପୂରଣ ସର୍ବାଧିକ ୭ଲକ୍ଷ ଟଙ୍କା ହୋଇଥିବାରୁ ଏହାର ସମୀକ୍ଷା ପାଇଁ ଗୃହବିଭାଗ ପକ୍ଷରୁ ଯେଉଁ ରିଭ୍ୟୁ ପିଟିଶନ ହୋଇଥିଲା ତାହାକୁ କମିଶନ ଖାରଜ କରି ଦେଇଛନ୍ତି। ଏହି ଆବେଦନର କୌଣସି ଦମ୍ ନାହିଁ କି କମିଶନ ଦେଇଥିବା ଆଦେଶର ପୁନଃ ବିଚାରର କୌଣସି ଯଥାର୍ଥତା ନାହିଁ। କମିଶନ ସଦସ୍ୟ ବିଚାରପତି ରଘୁବୀର ଦାଶ ଉକ୍ତ ଆବେଦନକୁ ଅଗ୍ରାହ୍ୟ କରିଦେବା ସହ ପୂର୍ବ ଆଦେଶକୁ କାଏମ ରଖି ସରକାର ମୃତକଙ୍କ ପରିବାରକୁ ଅତିରିକ୍ତ କ୍ଷତିପୂରଣ ଦେବାକୁ ବାଧ ବୋଲି କହିଛନ୍ତି।

୨୦୧୬ ଜୁଲାଇ ୭ରେ ଗୁମୁଡୁମାହାଠାରେ ପୋଲିସ ଗୁଳିରେ ଜଣେ ଦେଢବର୍ଷର ଶିଶୁ ସହ ୫ଜଣଙ୍କ ମୃତ୍ୟୁ ଘଟିଥିଲାବେଳେ ୮ଜଣ ଆହତ ହୋଇଥିଲେ। ଏହି ଘଟଣାରେ ସରକାର ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। କନ୍ଧମାଳ ଜିଲା ଜଜ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ଟିମ୍ ତଦନ୍ତ କରି ସରକାରଙ୍କୁ ବର୍ଷକ ତଳୁ ରିପୋର୍ଟ ଦେଇଥିଲେ ମଧ୍ୟ ତାହାକୁ ଏପର୍ଯ୍ୟନ୍ତ ସାର୍ବଜନୀନ କରାଯାଇନାହିଁ। ଅନ୍ୟପକ୍ଷରେ ଠିକ୍ ସମୟରେ ଚିକିତ୍ସା ମିଳିଥିଲେ ଏତେ ଜୀବନହାନି ଘଟି ନ ଥାନ୍ତା ବୋଲି ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଓଏଚ୍ଆର୍‌ସିଙ୍କୁ ଦେଇଥିବା ରିପୋର୍ଟରେ ଉଲ୍ଲେଖ କରିଥିଲେ। ଜୀବନ ରକ୍ଷା କରିବାରେ ବିଫଳ ହୋଇଥିବାରୁ କମିଶନ ଏଥିପାଇଁ ସରକାରଙ୍କୁ ଦାୟୀ କରି ମୃତକଙ୍କ ପରିବାରଙ୍କୁ ଦିଆଯାଇଥିବା ଅନୁକମ୍ପାମୂଳକ ସହାୟତା ରାଶି ବାଦ୍ ଅଧିକ ୨ଲକ୍ଷ ଟଙ୍କା କ୍ଷତିପୂରଣ ୨ମାସ ମଧ୍ୟରେ ଦେବାକୁ ଗୃହ ବିଭାଗର ଅତିରିକ୍ତ ସଚିବଙ୍କୁ ୨୦୧୮ ଅଗଷ୍ଟ ୨୪ରେ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସରକାର କମିଶନଙ୍କ ଆଦେଶକୁ ପାଳନ ନ କରି ୨୦୧୯ ଜାନୁୟାରୀ ୨୪ରେ ଆଦେଶର ପୁନର୍ବିଚାର ପାଇଁ ଗୃହ ବିଭାଗ ପକ୍ଷରୁ ରିପିଟିଶନ କରାଯାଇଥିଲା। ସୂଚନାଯୋଗ୍ୟ, ନିର୍ଦ୍ଦେଶ ମୁତାବକ ଅତିରିକ୍ତ କ୍ଷତିପୂରଣ ମିଳି ନ ଥିବାରୁ ମୃତ ଓ ଆହତଙ୍କ ପରିବାର ଲୋକେ କମିଶନଙ୍କୁ ଭେଟିଛନ୍ତି। ସେହିଭଳି ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ୍, ପାଣି, ରାସ୍ତା ବ୍ୟବସ୍ଥା କରିବା ପାଇଁ କମିଶନ ଦେଇଥିବା ଆଦେଶକୁ ମଧ୍ୟ ପାଳନ କରାଯାଇ ନ ଥିବା ଜଣାଇଛନ୍ତି।

# ଡାକ୍ତରଙ୍କ ବିରୋଧରେ ଅଭିଯୋଗକୁ ବିରୋଧ କଲେ ଗ୍ରାମବାସୀ

କୋରୁକୋଣ୍ଡା, ୨୪।୧୦(ଡି.ଏନ.ଏ.)

ସମ୍ବଲପୁର ଜିଲା ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜରେ ସ୍ନାୟୁ ଶଲ୍ୟ ବିଭାଗରେ କାର୍ଯ୍ୟରତ ସହକାରୀ ପ୍ରଫେସର ଡା. ସୂର୍ଯ୍ୟକାନ୍ତ ପାଢୀଯୋଶୀଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଭିତ୍ତିହୀନ। ଏହା ତାଙ୍କ ବିରୋଧରେ ଏକ ଷଡଯନ୍ତ୍ର ବୋଲି କୋରୁକୋଣ୍ଡାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସ୍ଥାନୀୟ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଏହାର ପ୍ରତିବାଦରେ ସ୍ଥାନୀୟ ଗ୍ରାମବାସୀ, ରାଜନୈତିକ ବ୍ୟକ୍ତି, ସାମାଜିକ କର୍ମୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏକଦା ଡା ପାଢୀଯୋଶୀ କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ସମୟରେ ଡାକ୍ତରଖାନାର ରୂପରେଖ ବଦଳି ଯାଇଥିଲା। ପ୍ରତ୍ୟେହ ସ୍ଥାନୀୟ ଅଞ୍ଚଳ ସହ ନିକଟସ୍ଥ ଛତିଶଗଡ ଓ ଆନ୍ଧ୍ରପ୍ରଦେଶରୁ ମଧ୍ୟ ରୋଗୀମାନେ ଆସୁଥିଲେ। ଅପହଞ୍ଚ ଅଞ୍ଚଳକୁ ନିଜେ ଯାଇ ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଉଥିଲେ। ସେ କୋରୁକୋଣ୍ଡା ନିକଟସ୍ଥ ଟେକଗୁଡାଠାରେ ସେ ଏକ ଅନାଥ ଆଶ୍ରମ ପ୍ରତିଷ୍ଠା କରିଛନ୍ତି। ସେଠାରେ ଏବେ ଅନେକ ଅନାଥ ଶିଶୁ ରହି ପାଠ ପଢୁଛନ୍ତି। ସେ ପ୍ରତିବର୍ଷ ୩ଥର ଉକ୍ତ ଅଞ୍ଚଳକୁ ଆସି ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରିଥାନ୍ତି । ତାଙ୍କ ବିରୋଧରେ ଉଦ୍ଦେଶ୍ୟମୂଳକ ଭାବେ ଷଡଯନ୍ତ୍ର କରାଯାଇ ତାଙ୍କୁ ମାନସିକ ଯନ୍ତ୍ରଣା ପ୍ରଦାନ କରାଯାଉଛି ବୋଲି ପ୍ରକାଶ କରି ଘଟଣାର ଉପଯୁକ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ଭୟାବହ ଅଗ୍ନିକାଣ୍ଡ

■ ଜଳିଗଲା ସିଣ୍ଡିକେଟ୍ ହଲ୍, ୮ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ କ୍ଷୟକ୍ଷତି

■ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ସାମଗ୍ରୀ ପାଉଁଶ

ଭୁବନେଶ୍ୱର,୨୪।୧୦(ବ୍ୟୁରୋ)


ଉତ୍କଳ ବିଶ୍ୱବିଦ୍ୟାଳୟରେ ନିଆଁ ଲାଗି ପୋଡ଼ିଯାଇଥିବା ଆସବାବପତ୍ର।

ଉତ୍କଳ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ ହଲ୍‌ରେ ଗୁରୁବାର ସନ୍ଧ୍ୟାରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ବହୁ ଗୁରୁତ୍ୱପୂର୍ଣ୍ଣ ଫାଇଲ ସହ ଦାମୀ ଆସବାବପତ୍ର, ଏସି ଓ ଅନ୍ୟାନ୍ୟ ସାମଗ୍ରୀ ଜଳିଯାଇଛି। ଅଗ୍ନିଶମ ବାହିନୀ ପହଞ୍ଚି ଘଣ୍ଟାଏ ପରେ ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ସେତେବେଳକୁ ସବୁକିଛି ପୋଡ଼ି ପାଉଁଶ ହୋଇଯାଇଛି। ନିଆଁ ଲାଗିବାର କାରଣ ଜଣାପଡ଼ି ନ ଥିଲେ ମଧ୍ୟ ପୋଲିସ ଓ ଅଗ୍ନିଶମ ବିଭାଗ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଛି।

ବିଶ୍ୱବିଦ୍ୟାଳୟ ପରିସର କୁଳପତିଙ୍କ କାର୍ଯ୍ୟାଳୟର ତୃତୀୟ ମହଲାରେ ରହିଛି ସିଣ୍ଡିକେଟ୍ ହଲ୍। ସନ୍ଧ୍ୟା ପ୍ରାୟ ୬ଟା ୫ରେ ଉକ୍ତ ହଲ୍‌ର ଝରକାପଟୁ ପ୍ରଥମେ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା। ଏହା କିଛି ସମୟ ପରେ ହଠାତ୍ ଭିତରେ ହୁତୁହୁତୁ ହୋଇ ନିଆଁ ଜଳିବା ସହ ଝରକା ବାହାରକୁ ବାହାରିଥିଲା। ଅଫିସ ବନ୍ଦ କରି ବାହାରୁଥିବା ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଦୟାନିଧି ନାୟକ ନିଆଁ ଲାଗିଥିବା ଦେଖି ତୁରନ୍ତ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ସନ୍ଧ୍ୟା ୬ଟା ୫୦ରେ ଅଗ୍ନିଶମ ବିଭାଗର ୩ ଦମକଳ ଗାଡି ଓ ୧୨ରୁ ଊର୍ଦ୍ଧ୍ୱ କର୍ମଚାରୀ ପହଞ୍ଚି ନିଆଁ ଲିଭାଇବା ଆରମ୍ଭ କରିଥିଲେ। ହଲ୍ ଭିତରେ ଥିବା କାଠ ଚେୟାର, ଟେବୁଲ ଓ ଅନ୍ୟାନ ସାମଗ୍ରୀ ଜୋର୍‌ରେ ଜଳୁଥିଲା। ଏପର କି ହଲ୍ ଓ ରହିଥିବା ଏକାଧିକ ରୁମ୍‌ର ସିଲିଂକୁ ନିଆଁ ବ୍ୟାପିଯିବା ପରେ ଭୟଙ୍କର ରୂପ ଧାରଣ କରିଥିଲା। ସ୍ଥିତି ଏପରି ହୋଇଥିଲା ଅଗ୍ନିଶମ କର୍ମଚାରୀମାନେ ଭିତରକୁ ପଶିବାକୁ ପାରି ନ ଥିଲେ। ବାହାରେ ରହି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ଶେଷରେ ରାତି ୮ଟାରେ ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରାଯାଇଥିଲା।

ଅଗ୍ନିକାଣ୍ଡ ସଂକ୍ରାନ୍ତରେ କୁଳପତି ସୌମେନ୍ଦ୍ର ମୋହନ ପଟ୍ଟନାୟକ କହିଛନ୍ତି, ବିଦ୍ୟୁତ୍ ଶର୍ଟସର୍କିଟରୁ ନିଆଁ ଲାଗିଥାଇପାରେ। ସିଣ୍ଡିକେଟ୍ ହଲ୍‌ରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ରହିଥିଲା। କିନ୍ତୁ ନିଆଁ ବ୍ୟାପକ ମାତ୍ରାରେ ଲାଗିଥିବାରୁ ହଲ୍‌ରେ ଥିବା ଛୋଟ ନିଆଁଲିଭା ସିଲିଣ୍ଡର କାମ କରି ନ ଥିଲା। ଫଳରେ ଏଭଳି ଭୟାବହ ଅଗ୍ନିକାଣ୍ଡ ଘଟି ସବୁକିଛି ଜଳିଗଲା।

■ ବାଲ୍ୟବିବାହ ନିରୋଧ ସମ୍ପର୍କିତ ରାଜ୍ୟସ୍ତରୀୟ ସମ୍ମିଳନୀ

# ୨୦୩୦ ସୁଦ୍ଧା ଓଡ଼ିଶା ହେବ ବାଲ୍ୟବିବାହ ମୁକ୍ତ ରାଜ୍ୟ

ଭୁବନେଶ୍ୱର, ୨୪।୧୦(ବ୍ୟୁରୋ)

ଓଡ଼ିଶାରେ ବାଲ୍ୟବିବାହ ହାର ଜାତୀୟ ହାରଠାରୁ କମ୍ ପ୍ରତିଶତ ରହିଛି। ବାଲ୍ୟବିବାହର ଜାତୀୟ ହାର ୨୬.୮% ଥିବାବେଳେ ଓଡ଼ିଶାରେ ଏହା ୨୧% ରହିଛି। ଏହି ହାରକୁ ସମ୍ପୂର୍ଣ୍ଣଭାବେ ହ୍ରାସ କରି ୨୦୩୦ ସୁଦ୍ଧା ଓଡ଼ିଶାରେ ବାଲ୍ୟବିବାହକୁ ଶୂନ ପ୍ରତିଶତକୁ ଆଣିବା ଲାଗି ରାଜ୍ୟ ସରକାର ସ୍ୱତନ୍ତ୍ର ଷ୍ଟ୍ରାଟେଜିକ୍ ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ କରିଥିବା ମହିଳା ଓ ଶିଶୁବିକାଶ ଏବଂ ମିଶନ୍ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି। ବିଭାଗ ପକ୍ଷରୁ ଗୁରୁବାର ବାଲ୍ୟବିବାହ ନିରୋଧ ନିମନ୍ତେ ଆୟୋଜିତ ଏକ ରାଜ୍ୟସ୍ତରୀୟ ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମନ୍ତ୍ରୀ ସାହୁ କହିଥିଲେ, ମହିଳାଙ୍କ ବିକାଶ କ୍ଷେତ୍ରରେ ବାଲ୍ୟବିବାହ ଏକ ମୁଖ୍ୟ ପ୍ରତିବନ୍ଧକ। ବାଲ୍ୟବିବାହ ବହୁ ପରିମାଣରେ ହ୍ରାସ ପାଇଥିଲେ ମଧ୍ୟ ଏହାକୁ ସଂପୂର୍ଣ୍ଣ ରୂପେ ପ୍ରତିହତ କରାଯାଇପାରିନାହିଁ। ଏହାକୁ ଦୃଷ୍ଟିରେ ରଖି ଆମେ ଓଡ଼ିଶାର ପ୍ରତ୍ୟେକ ଝିଅଙ୍କୁ ଉପଯୁକ୍ତ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ସମାନ ଅଧିକାର ଦେଇ ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବାକୁ ଚାହୁଁଛୁ ବୋଲି ସେ କହିଥିଲେ। ବାଲ୍ୟବିବାହ ଭଳି ଏକ କୁପ୍ରଥାକୁ ସଂପୂର୍ଣ୍ଣ ବନ୍ଦ କରିବା ପାଇଁ ସମସ୍ତେ ଆଗେଇ ଆସିବାକୁ ମନ୍ତ୍ରୀ ସାହୁ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ବାଲ୍ୟବିବାହକୁ ରୋକିବା ଦିଗରେ ରାଜ୍ୟ ସରକାର ନେଇଥିବା ବିବିଧ ପଦକ୍ଷେପ ସମ୍ପର୍କରେ କହିଥିଲେ। ବାଲ୍ୟବିବାହ ନିରୋଧ ନିମନ୍ତେ ଆଗାମୀ ଦିନରେ ବାଳିକାମାନଙ୍କ ଦକ୍ଷତା ବିକାଶକୁ ପ୍ରାଥମିକତା ଦିଆଯିବ। ଏଥିପାଇଁ କ୍ଷେତ୍ର ଅଧିକାରୀମାନଙ୍କ ନେତୃତ୍ୱରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯିବ ବୋଲି ସେ କହିଥିଲେ। ମିଶନ୍ ଶକ୍ତି ନିର୍ଦ୍ଦେଶକ ଆର୍. କାର୍ତ୍ତିକେୟନ୍ କହିଥିଲେ, ସ୍ୱୟଂ ସହାୟକ ଗୋଷ୍ଠୀ ସହ ରାଜ୍ୟର ୭୦ ଲକ୍ଷ ମହିଳା ଜଡ଼ିତ ଅଛନ୍ତି। ବାଲ୍ୟବିବାହକୁ ରୋକିବା ଦିଗରେ ଏହି ମହିଳାମାନେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ସେ କହିଥିଲେ। ୨୦୧୮ରେ ରାଜ୍ୟର ବିଭିନ୍ନ ଜିଲାରେ ସର୍ବାଧିକ ୪୧୧ ଜଣ ବାଳିକାଙ୍କୁ ବାଲ୍ୟବିବାହର ଶିକାର ହେବାରୁ ରକ୍ଷା କରାଯାଇଥିବା ସମାଜ ମଙ୍ଗଳ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ୍ ସୂଚନା ଦେଇଥିଲେ। ସର୍ବାଧିକ ବାଲ୍ୟବିବାହ ହେଉଥିବା ଜିଲା ଏବଂ ଲିଙ୍ଗ ଅନୁପାତ କମ୍ ରହିଥିବା ଜିଲାଗୁଡ଼ିକରେ ଅଧିକ ସଚେତନତାର ଆବଶ୍ୟକତା ଥିବା ୟୁଏନ୍‌ଏଫ୍‌ପିଏ ରାଜ୍ୟ କାର୍ଯ୍ୟକ୍ରମ ସଂଯୋଜକ ଡ. ଦୀପା ପ୍ରସାଦ କହିଥିଲେ। ଏହି ଅବସରରେ ବାଲ୍ୟବିବାହ ସମ୍ପର୍କିତ ରାଜ୍ୟ ଷ୍ଟ୍ରାଟେଜି ଆକ୍ସନ୍ ପ୍ଲାନ୍, ବାଲ୍ୟବିବାହ ନିରୋଧ ସଂଶୋଧିତ ଅଧିନିୟମ ଉନ୍ମୋଚନ ହୋଇଥିଲା। ଏହାସହ ବାଲ୍ୟବିବାହକୁ ବିରୋଧ କରି ଚର୍ଚ୍ଚାକୁ ଆସିଥିବା କୋରାପୁଟର ସଞ୍ଜନା ଖିଲା, ରାୟଗଡ଼ାର ସୁମିତ୍ରା ହିକ୍କା, କନ୍ଧମାଳର ବର୍ଷାରାଣୀ ସାହୁ, ଗଞ୍ଜାମର ବର୍ଷାରାଣୀ ମୁନୀ, ନୟାଗଡ଼ର ସରୋଜିନୀ ନାୟକ ଓ ଢେଙ୍କାନାଳର ଶୁଭଲକ୍ଷ୍ମୀ ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାଲ୍ୟବିବାହ ରୋକିବାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବାରୁ ରଣପୁରର ସିଡିପିଓ ବ୍ରହ୍ମୋତ୍ରୀ ମିଶ୍ରଙ୍କ ସହ ଗଞ୍ଜାମ, ସୋନପୁର, ନୟାଗଡ଼ ତଥା ରାୟଗଡ଼ା ଜିଲାକୁ ସ୍ୱତନ୍ତ୍ରଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ମିଳନୀରେ ରାଜ୍ୟର ୩୦ ଜିଲାରୁ ଡିଏସ୍‌ଡବ୍ଲ୍ୟୁଓ, ସିଡିପିଓ, ଡିସିପିଓଙ୍କ ସମେତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ପ୍ରତିନିଧି, ଉଚ୍ଚଶିକ୍ଷା ବିଭାଗ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ, ଗୃହ ବିଭାଗ, ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଅଧିକାରୀମାନେ ଯୋଗଦେଇଥିଲେ।

■ ବିଶ୍ୱ ବ୍ୟାଙ୍କର ଇଜ୍ ଅଫ୍ ଡୁଇଙ୍ଗ ବିଜ୍‌ନେସ ର୍‌ୟାଙ୍କିଙ୍ଗ୍

# ୧୪ ସ୍ଥାନ ଉପରକୁ ଉଠି ୬୩ରେ ଭାରତ

ନୂଆଦିଲ୍ଲୀ,୨୪।୧୦




ଗୁରୁବାର ପ୍ରକାଶ ପାଇଥିବା ବିଶ୍ୱ ବ୍ୟାଙ୍କ ଇଜ୍ ଡୁଇଙ୍ଗ ବିଜ୍‌ନେସ ର୍‌ୟାଙ୍କିଙ୍ଗରେ ଭାରତ ୧୪ଟି ସ୍ଥାନ ଉପରକୁ ଉଠି ୬୩ତମ ସ୍ଥାନରେ ରହିଛି। ବିଗତ ବର୍ଷଗୁଡିକରେ ସରକାର ଗ୍ରହଣ କରିଥିବା ସଂସ୍କାର ପ୍ରକ୍ରିୟା ଯୋଗୁ ଭାରତ ଏହାର ର୍‌ୟାଙ୍କିଙ୍ଗରେ ଉନ୍ନତି ଆଣି ପାରିଥିବା ବଜାର ବିଶେଷଜ୍ଞମାନେ ମତ ରଖିଛନ୍ତି। ବିଗତ ବର୍ଷ ଗୁଡିକରେ ସରକାର ୪ ନୂଆ ବାଣିଜ୍ୟ ସଂସ୍କାର ଲାଗୁ କରିଥିଲେ। ଏହାଫଳରେ ଲଗାତାର ଭାବେ ତୃତୀୟ ବର୍ଷ ଲାଗି ଶୀର୍ଷ ୧୦ ଉନ୍ନତକାରୀ ଦେଶ ମଧ୍ୟରେ ଏହା ସାମିଲ ହୋଇପାରିଛି। ଗତ ବର୍ଷ ଭାରତ ୭୭ତମ ର୍‌ୟାଙ୍କରେ ଥିବା ବେଳେ ଚଳିତ ବର୍ଷ ଏଥିରେ ବିଶେଷ ଉନ୍ନତି ହୋଇଥିବା ବିଶ୍ୱବ୍ୟାଙ୍କର ଡୁଇଙ୍ଗ ବିଜନେସ ୨୦୨୦ ଷ୍ଟଡିରେ ପ୍ରକାଶ ପାଇଛି।

ବ୍ୟବସାୟ ଆରମ୍ଭ ଲାଗି ଭାରତ ସରକାର ଗ୍ରହଣ କରିଥିବା ବିଭିନ୍ନ ସଂସ୍କାର ଧାରା ମଧ୍ୟରେ ନିର୍ମାଣ ଅନୁମତି, ଇନ୍‌ସଲଭେନ୍ସି, ସାରା ଦେଶରେ ସୁଗମ ବାଣିଜ୍ୟ ପ୍ରଭୃତି ସ୍ଥାନିତ ହୋଇଥିବା ବିଶ୍ୱ ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ୨୦୧୮–୧୯ରେ ଭାରତ ୫୯ ନିୟାମକ ସଂସ୍କାର ଲାଗୁ କରିଛି। ବିଶ୍ୱ ସ୍ତରରେ ଲାଗୁ ହୋଇଥିବା ମୋଟ ସଂସ୍କାର ପଦକ୍ଷେପର ଏହା ଏକ ପଞ୍ଚମାଂଶ। ଭାରତ ଏହି ତାଲିକାରେ ବିଗତ ଦିନଗୁଡିକରେ ଅଭୁତପୂର୍ବ ପ୍ରଦର୍ଶନ କରିବାକୁ ସକ୍ଷମ ହୋଇଥିବା ବ୍ୟାଙ୍କ ରିପୋର୍ଟରେ ପ୍ରକାଶ କରିଛି। ଏକ ବିଶାଳ ରାଷ୍ଟ୍ର ସତ୍ତ୍ୱେ ଦୃଢ ନେତୃତ୍ୱ, କେନ୍ଦ୍ର ଏବଂ ରାଜ୍ୟ ସ୍ତରରେ ନିରନ୍ତର ସଂସ୍କାର ପ୍ରକ୍ରିୟା ଦ୍ୱାରା ଏ କ୍ଷେତ୍ରରେ ଆଗକୁ ବଢିବାରେ ସହାୟକ ହୋଇଛି ବୋଲି ବିଶ୍ୱ ବ୍ୟାଙ୍କର କଣ୍ଟ୍ରି ନିର୍ଦ୍ଦେଶକ ଜୁନେଦ ଅହମ୍ମଦ କହିଛନ୍ତି। ତାଲିକାରେ ଆହୁରି ଉନ୍ନତି କରିବା ଲାଗି ଉକ୍ତ ଧାରାକୁ ବଜାୟ ରଖିବାକୁ ହେବ ବୋଲି ସେ ମତ ଦେଇଛନ୍ତି।

ଭାରତ ସରକାର ୨୦୧୬ରେ ଲାଗୁ କରିଥିବା ଇନସଲଭେନ୍ସ ଆଇନ କର୍ପୋରେଟ କ୍ଷେତ୍ରରେ ଅନେକ ସଂସ୍କାର ଆଣିଛି। ଏହା ଲାଗୁ କରାଇବା ବେଳେ ବିଭିନ୍ନ ଚ୍ୟାଲେଞ୍ଜ ସାମ୍ନା କରିବାକୁ ପଡିଥିବା ବେଳେ ଇନ୍‌ସଲଭେନ୍ସି ପରିସରକୁ ଅନେକ କମ୍ପାନୀ ଆସି ପାରିଛନ୍ତି। ଏହି ଆଇନ ଦ୍ୱାରା ଋଣ ପ୍ରଦାନକାରୀଙ୍କ ଋଣ ଅସୁଲି ହାର ୨୬.୫%ରୁ ୭୧.୬%କୁ ବୃଦ୍ଧି ଘଟିଛି। ଦକ୍ଷିଣ ଏସିଆରେ ଭାରତ ସଂସ୍କାର କ୍ଷେତ୍ରରେ ଏକ ବେଷ୍ଟ ପରଫରମର ହୋଇପାରିଥିବା ଜଣାପଡ଼ିଛି। ଓୟାରହାଉସ ନିର୍ମାଣ ଶେଷ କରିବା ପ୍ରକ୍ରିୟାରେ ସୁଧାର ଏବଂ ବିଲଡିଂ କ୍ୱାଲିଟି କଣ୍ଟ୍ରୋଲରେ ମଧ୍ୟ ଉନ୍ନତି ହୋଇଛି। ଦେଶ ମଧ୍ୟରେ କମ୍ପାନୀଗୁଡିକ ଲାଗି ଆମଦାନୀ ଏବଂ ରପ୍ତାନି ନିୟମକୁ ସରଳୀକରଣ କରାଯାଇଛି। ଏଭଳି ବିଭିନ୍ନ ଆଖି ଦୃଶିଆ ପଦକ୍ଷେପ ସତ୍ତ୍ୱେ ଭାରତ ଆଉ କିଛି କ୍ଷେତ୍ରରେ ପଛୁଆ ରହିଛି। ଏନଫୋର୍ସିଂ କଣ୍ଟ୍ରାକ୍ଟ କ୍ଷେତ୍ରରେ ୧୬୩ତମ, ସମ୍ପତ୍ତି ପଞ୍ଜିକରଣରେ ଏହା ୧୫୪ତମରେ ରହିଛି। ଏହି ପଞ୍ଜିକରଣ ଲାଗି ୫୮ ଦିନ ସମୟ ଲାଗୁଛି। ସ୍ଥାନୀୟ ନ୍ୟାୟାଳୟ ଦ୍ୱାରା କୌଣସି ବାଣିଜ୍ୟିକ ବିବାଦର ସମାଧାନ କରିବାକୁ ୧୪୪୫ ଦିନ ସମୟ ଲାଗୁଛି। ୨୦୧୯ ସର୍ଭେରେ ଭାରତ ୬୭.୨୩% ସ୍କୋର କରିଥିବା ବେଳେ ୨୦୨୦ରେ ଏହା ୭୧% ରହିଛି।

Letter No. 02/2019 Date: 24.10.19

There will be a walk-in-interview for the Post of Lecturer in Physics (2nd Post), Chemistry (2nd Post) and English (3rd Post) on 03.11.2019 at 10 AM in the Office of the Principal. Interested candidates having 55% mark in PG with M.Phill/Ph.D. may attend the interview with all original and Xerox copies of testimonials.

**Contact No. 7894057303, 7978418244**

**Sd./- Principal I/c-cum-Secretary**
**P.S. Degree Mahavidyalaya, Deogaon, Dist- Balangir**

**ଆଲ୍ଲାହାବାଦ ବ୍ୟାଙ୍କ**
(ଭାରତ ସରକାରଙ୍କର ଏକ ଉପକ୍ରମ)
**ଗୃହ ଆବଶ୍ୟକ**

**ଆଲ୍ଲାହାବାଦ ବ୍ୟାଙ୍କ, ମଣ୍ଡଳୀୟ କାର୍ଯ୍ୟାଳୟ, ସମ୍ବଲପୁର** ଏହାର ନିମ୍ନଲିଖିତ ଶାଖାର ସ୍ଥାନାନ୍ତରଣ ନିମନ୍ତେ ଭଡାସୂତ୍ରରେ ତଳ ମହଲାର ଗୃହ ନିମନ୍ତେ ପ୍ରସ୍ତାବମାନ ଆହ୍ୱାନ କରୁଅଛି ।

| କ୍ର.ନଂ. | ମଣ୍ଡଳ | ଶାଖାର ନାମ | କାର୍ପେଟ୍ ଏରିଆ | ଗୃହ ଆବଶ୍ୟକ | ସ୍ଥାନ (ନିମ୍ନଲିଖିତ ସ୍ଥାନର ବଜାର ଅଞ୍ଚଳରେ) |
|---|---|---|---|---|---|
| ୧. | ସମ୍ବଲପୁର | କୋକଳବା | ୧୦୦୦ ବର୍ଗଫୁଟ | ସେହି ସ୍ଥାନରେ ବର୍ତ୍ତମାନର ଶାଖା ସ୍ଥାନାନ୍ତରଣ ନିମନ୍ତେ ବିକଳ୍ପ ଗୃହ | ସା/ପୋ.: କୋକଳବା, ଥାନା: ନରସିଂହପୁର, ଜିଲ୍ଲା: କଟକ, ଓଡ଼ିଶା, ପିନ୍-୭୫୪୦୩୨ |

ଦରଖାସ୍ତ ଫର୍ମ ଏବଂ ଅନ୍ୟାନ୍ୟ ସବିଶେଷ ବିବରଣୀ ବ୍ୟାଙ୍କର **ମଣ୍ଡଳୀୟ କାର୍ଯ୍ୟାଳୟ, "ଶ୍ୟାମ ଆର୍କେଡ" ସା.: କ୍ଷେତରାଜପୁର, ପୋ/ଜିଲ୍ଲା: ସମ୍ବଲପୁର, ଓଡ଼ିଶା–୭୬୮୦୦୩** କିମ୍ବା **କୋକଳବା ଶାଖାରୁ** ସଂଗ୍ରହ କରିପାରିବେ କିମ୍ବା ବ୍ୟାଙ୍କର **ୱେବ୍‌ସାଇଟ୍: www.allahabadbank.in** ରୁ ଡାଉନ୍‌ଲୋଡ୍ କରିପାରିବେ।

ଧାର୍ଯ୍ୟ ଫର୍ମାଟରେ ସମ୍ପୂର୍ଣ୍ଣ ଭାବେ ପୂରଣ କରାଯାଇଥିବା ଦରଖାସ୍ତ ସହିତ ଆବଶ୍ୟକୀୟ ସୂଚନା ଏବଂ ୱେବସାଇଟ୍‌ରେ ଦର୍ଶିତ କାଗଜପତ୍ର ଗୁଡିକୁ ବନ୍ଦ ଲଫାପାରେ **ତା୧୧.୧୧.୨୦୧୯ରିଖ ଅପରାହ୍ନ ୫.୦୦ ଘଟିକା** ସୁଦ୍ଧା ମଣ୍ଡଳୀୟ କାର୍ଯ୍ୟାଳୟରେ ଦାଖଲ କରିବେ।

**ତାରିଖ: ୨୪.୧୦.୨୦୧୯** **ସହାୟକ ମହାପ୍ରବନ୍ଧକ**

# ପାହାଡ଼ରୁ ଧସିଲା ପଥର, ଯାତାୟାତ ବାଧାପ୍ରାପ୍ତ

ଗୁଣପୁର,୨୪।୧୦(ଡି.ଏନ.ଏ)

ଦୁଇ ଦିନ ଧରି ଲଗାଣ ବର୍ଷା ଯୋଗୁ ପାହାଡ଼ରୁ ଏକ ବଡ଼ ପଥର ଖସି ରାୟଗଡା ଜିଲା ଗୁଣପୁର ବ୍ଲକ ପୁଟାସିଂ ପଞ୍ଚାୟତ ରିଜିଂତାଲ ରାସ୍ତାରେ ପଡ଼ିଛି। ଫଳରେ ଯାତାୟାତରେ ବାଧାସୃଷ୍ଟି ହୋଇଛି। ହେଲେ ଏଥିରେ କେହି ମୃତାହତ ହୋଇନାହାନ୍ତି। ପୁଟାସିଂ ସହ ଶଗଡା, ଆବାଡା ପଞ୍ଚାୟତର ଲୋକମାନେ ଦୈନନ୍ଦିନ କାମ ପାଇଁ ଗୁଣପୁର ସହର ଉପରେ ନିର୍ଭର କରିଥାନ୍ତି। ହେଲେ ବର୍ତ୍ତମାନ ପଥର ରାସ୍ତା ଉପରେ ପଡି ରହିବା ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖବରପାଇ ବ୍ଲକ ଅଧ୍ୟକ୍ଷା ଦେବକୀ ଗମାଙ୍ଗ, ଉପାଧ୍ୟକ୍ଷ ଏସୋ ଶବର, ଜିଲାପରିଷଦ ସଭ୍ୟ ଅଶ୍ୱିନୀ ଗମାଙ୍ଗ, ବିଡିଓ ଶାନ୍ତିପ୍ରଭା ପ୍ରଧାନ, ସହକାରୀ ଯନ୍ତ୍ରୀ ଦୁର୍ଯ୍ୟୋଧନ ଜାନି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ପ୍ରଶାସନ ପକ୍ଷରୁ ତୁରନ୍ତ ରାସ୍ତାରୁ ପଥର ହଟାଇବା ପାଇଁ ସାଧାରଣରେ ଦାବି ହୋଇଛି।


ରାସ୍ତାରେ ପଡ଼ି ରହିଥିବା ପଥର।

**THE ODISHA MINING CORPORATION LIMITED**
**OMC House, Bhubaneswar-751001, Odisha**
**CIN : U13100OR1956SGC000313, www.omcltd.in**
OMC | ODISHA NEW OPPORTUNITIES

**No.38/OMC** **Date : 24.10.2019**

**ADVERTISEMENT FOR RECRUITMENT OF EXECUTIVES IN OMC LTD.**

The OMC, a Gold category and largest State PSU in Mining Sector in the Country, undertakes exploration, mining and trading of iron, chrome & bauxite ores. The Corporation has achieved an annual turnover of Rs. 4053 crores in the FY 2018-19. Inspired by the vision to emerge as the market leader and to play a catalytic role in the growth of industrialization, OMC caters to the requirements of mineral based industries.
The Corporation invites application from dynamic & competent professionals for the following posts.
**VACANCY :-**

| Sl. No. | Name of the Post | Scale of Pay (in Rs.) | Total posts | Initial Basic Pay (in Rs.) | No. of Posts Reserved for | | | |
|---|---|---|---|---|---|---|---|---|
| | | | | | SC | ST | SEBC | UR |
| **FINANCE** | | | | | | | | |
| 1 | Dy. General Manager (Fin.), E-5 grade | 78,800/- to 2,09,200/- | 04 | 1,05,900/- | - | - | 01 | 03 (1-W) |
| 2 | Sr. Manager (Fin.), E-4 grade | 67,700/- to 2,08,700/- | 02 | 91,100/- | - | 01 | 01 | - |
| 3 | Manager (Fin.), E-3 grade | 67,700/- to 2,08,700/- | 01 | 78,500/- | - | 01 | - | - |
| 4 | Dy. Manager (Fin.), E-2 grade | 67,700/- to 2,08,700/- | 01 | 67,700/- | 01 | - | - | - |
| | **Total** | | **08** | | **01** | **02** | **02** | **03** |

Interested eligible candidates are requested to download the application format from OMC website : **www.omcltd.in** and submit the same duly filled in & signed along with attested copies of Certificates / Testimonials, Experience Certificate in support of their eligibility by **Speed Post /Courier** in a cover superscribed "APPLICATION FOR THE POST OF __________" so as to reach the **General Manager (P&A), The Odisha Mining Corporation Ltd., OMC House, Bhubaneswar-751001 by 11.11.2019 positively**. Applications received after the last date due to delay in postal/courier or any other reason shall not be entertained and will be rejected.
The OMC Management reserves the right to cancel, amend or alter the above advertisement without assigning any reason thereof.

**Sd/-**
**Director (Personnel)**

ଧରିତ୍ରୀ
DHARITRI
ଶୁକ୍ରବାର, ୨୫ ଅକ୍ଟୋବର, ୨୦୧୯



# ନୂଆ ବିସିସିଆଇ ବସ୍



**ବିଶ୍ୱର ସବୁଠାରୁ ଧନୀ କ୍ରିକେଟ ବୋର୍ଡ ବିସିସିଆଇର ସଭାପତି ରୂପେ ଦାୟିତ୍ୱ ଗ୍ରହଣ କରିଛନ୍ତି ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି। ଜଣେ କ୍ରିକେଟର ଓ ଅଧିନାୟକ ଭାବେ ବେଶ୍ ସଫଳତା ହାସଲ କରିଥିବା ଗାଙ୍ଗୁଲି କ୍ରିକେଟ ପ୍ରଶାସନରେ ନୂଆ ଅଧ୍ୟାୟ ସୃଷ୍ଟି କରିବେ ବୋଲି ଆଶା କରାଯାଉଛି। ତେବେ ହାତରେ କମ୍ ସମୟ ଥିବାରୁ ତାଙ୍କ ପାଇଁ ଅନେକ ଚ୍ୟାଲେଞ୍ଜ ରହିଛି...**



ନିର୍ମଳ କୁମାର ମିଶ୍ର

ପୂର୍ବତନ ଅଧିନାୟକ ତଥା ପ୍ରିନ୍ସ ଅଫ୍ କୋଲକାତା ସୌରଭ ଗାଙ୍ଗୁଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ୩୯ତମ ସଭାପତି ରୂପେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସଭାପତି ପଦ ପାଇଁ ୪୭ ବର୍ଷୀୟ ଗାଙ୍ଗୁଲି ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିଲେ। ନୂଆକରି ଏହି ହାଇପ୍ରୋଫାଇଲ ଦାୟିତ୍ୱ ସମ୍ଭାଳିବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ମିଳିବାରେ ଲାଗିଛି। ବୀରେନ୍ଦ୍ର ସେହ୍ୱାଗ, ମହମ୍ମଦ କୈଫ, ଯୁବରାଜ ସିଂ ଏବଂ ଭିଭିଏସ୍ ଲକ୍ଷ୍ମଣଙ୍କ ପରି ପୂର୍ବତନ କ୍ରିକେଟର ମହାରାଜା ରୂପେ ଜଣାଶୁଣା ଥିବା ଗାଙ୍ଗୁଲିଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କ ଦାୟିତ୍ୱ ଗ୍ରହଣ କ୍ରିକେଟ ପାଇଁ ବେଶ୍ ଶୁଭଙ୍କର ହେବ ବୋଲି କହିଛନ୍ତି। ଗାଙ୍ଗୁଲି ଭାରତୀୟ ଦଳର ଅଧିନାୟକ ଭାବେ ଯୁବ ଖେଳାଳିମାନଙ୍କୁ ଅଧିକ ସୁଯୋଗ ଦେଇ ଏକ ଶକ୍ତିଶାଳୀ ଟିମ୍ ଇଣ୍ଡିଆ ଗଠନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପୃଥିବୀର ଧନୀ କ୍ରିକେଟ ବୋର୍ଡର ସଭାପତି ଭାବେ ସେ ସମପରିମାଣର ଖ୍ୟାତି ଅର୍ଜନ କରିବେ ବୋଲି କ୍ରିକେଟପ୍ରେମୀ ଏବଂ ପୂର୍ବତନ ଖେଳାଳିମାନେ ଆଶାପୋଷଣ କରିଛନ୍ତି। ଦୀର୍ଘ ୫ବର୍ଷ ହେବ କ୍ରିକେଟ ଆସୋସିଏଶନ ଅଫ ବେଙ୍ଗଲ(ସିଏବି)ର ସଭାପତି ରୂପେ ବେଶ ସୁନାମ ଅର୍ଜନ କରିଛନ୍ତି। ଏକଦା ଭାରତୀୟ କ୍ରିକେଟ କଠିନ ସମୟ ମଧ୍ୟରେ ଗତି କରୁଥିବାବେଳେ ଗାଙ୍ଗୁଲି ଅଧିନାୟକ ଭାବେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ସହିତ ଯୁବ ଖେଳାଳିମାନଙ୍କୁ ଅଧିକ ପ୍ରାଧାନ୍ୟ ଦେଇ ଟିମ୍ ଇଣ୍ଡିଆର ପୁନର୍ଗଠନ କରିବା ସହିତ ବେଶ୍ ସଫଳତା ହାସଲ କରିଥିଲେ। ଦୀର୍ଘଦିନ ପରେ ଟିମ୍ ଇଣ୍ଡିଆ ବିଦେଶ ମାଟିରେ ମ୍ୟାଚ ଜିତିବାକୁ ଆରମ୍ଭ କରିଥିଲା।

ଲୋଧା କମିଟିର କଟକଣା ଓ ଦୀର୍ଘ ୩୩ ମାସ ଧରି ପ୍ରଶାସକ କମିଟି (ସିଓଏ) କାର୍ଯ୍ୟ କରିବା ପରେ ଅନେକ ସଫଳତା ପାଇଛି ଭାରତୀୟ କ୍ରିକେଟ ଓ ଦଳ । ବିସିସିଆଇ ସମ୍ବିଧାନକୁ ସଂଶୋଧନ କରାଯିବା ସହ ଭାରତୀୟ କ୍ରିକେଟରେ ଏକାଧିକ ସଂସ୍କାର ଅଣାଯାଇଛି। ସିଓଏ ମୁଖ୍ୟ ବିନୋଦ ରାୟ ନିଜର ଖୁସି ବ୍ୟକ୍ତ କରିବା ସହିତ ଏପରି ନିଷ୍ପତ୍ତି କ୍ରିକେଟ ପାଇଁ ବେଶ୍ ଶୁଭଙ୍କର ପଦକ୍ଷେପ ବୋଲି କହିଛନ୍ତି। ଏହା ମଧ୍ୟ ଗାଙ୍ଗୁଲିଙ୍କ ମନୋବଳ ବୃଦ୍ଧିରେ ସହାୟକ ହୋଇଛି। ସିଏବି ସଭାପତି ହିସାବରେ ଅଭିଜ୍ଞତା ଗାଙ୍ଗୁଲିଙ୍କ ନିକଟରେ ରହିଛି। ଗାଙ୍ଗୁଲି ଦ୍ୱିତୀୟ ଭାରତୀୟ ଖେଳାଳି ରୂପେ ବିସିସିଆଇର ସଭାପତି ହେବେ। ପୂର୍ବରୁ ସୁନୀଲ ଗାଭାସ୍କର ଏବଂ ଶିବଲାଲ ଯାଦବ ଅନ୍ତରୀଣ କାର୍ଯ୍ୟକାରୀ ସଭାପତି ରୂପେ ୨୦୧୪ ମସିହାରେ ଅଳ୍ପଦିନ ପାଇଁ କାର୍ଯ୍ୟ କରିଥିଲେ। ବିଜୟନଗରମ୍ ମହାରାଜା ଏ.କେ.ଏ. ଭିପି ୧୯୫୪ରୁ ୧୯୫୬ ପର୍ଯ୍ୟନ୍ତ ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରହିଥିଲେ। ବିସିସିଆଇର ନୂଆ ସମ୍ବିଧାନ ଅନୁସାରେ ଜଣେ ପ୍ରଶାସକ ବିସିସିଆଇ ଓ ତା'ର ଅନୁବନ୍ଧିତ ୟୁନିଟ୍‌ରେ ୬ ବର୍ଷ କାର୍ଯ୍ୟ କରିବା ପରେ କୁଲିଂ ଅଫ୍ ପିରିୟଡ୍‌ର ସମ୍ମୁଖୀନ ହେବେ। ଗାଙ୍ଗୁଲି ଇତିମଧ୍ୟରେ ସିଏବିର ସମ୍ପାଦକ ଓ ପରେ ସଭାପତି ରୂପେ ୫ ବର୍ଷ କାର୍ଯ୍ୟ କରିସାରିଛନ୍ତି। ଫଳରେ ସେ ବିସିସିଆଇ ସଭାପତି ଦାୟିତ୍ୱରେ ମାତ୍ର ୯ ମାସ ରହିବେ। ହାତରେ କମ୍ ସମୟ ଥିବାରୁ ତାଙ୍କ ପାଇଁ ଆଗକୁ ଯଥେଷ୍ଟ ଚ୍ୟାଲେଞ୍ଜ ରହିଛି। ଭାରତର ଅନ୍ୟତମ ସଫଳ ଅଧିନାୟକ ଭାବେ ଗାଙ୍ଗୁଲିଙ୍କର ବେଶ୍ ଖ୍ୟାତି ରହିଛି। ସେ ଇଂଲଣ୍ଡ ବିପକ୍ଷରେ ୧୯୯୬ ମସିହାରେ ନିଜର ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିବା ବେଳେ ୨୦୦୮ ମସିହାରେ ଅଷ୍ଟ୍ରେଲିଆ ବିପକ୍ଷରେ ନିଜର ଶେଷ ଟେଷ୍ଟମ୍ୟାଚ ଖେଳିଥିଲେ। ସେହିପରି ପ୍ରଥମ ଏକଦିବସୀୟ ମ୍ୟାଚ ୱେଷ୍ଟଇଣ୍ଡିଜ ସହିତ ୧୯୯୨ ମସିହା ଜାନୁୟାରୀ ୧୧ତାରିଖରେ ଖେଳିଥିବା ବେଳେ ଶେଷ ଏକଦିବସୀୟ ମ୍ୟାଚ ୨୦୦୭ ମସିହାରେ ପାକିସ୍ତାନ ସହିତ ଖେଳିଥିଲେ।

ସେ ଯାହା ହେଉ ବର୍ତ୍ତମାନ ପ୍ରିନ୍ସ ଅଫ୍ କୋଲକାତା ଗାଙ୍ଗୁଲି ଖେଳାଳିରୁ ଏବେ ଜଣେ ହାଇପ୍ରୋଫାଇଲ କ୍ରିକେଟ ପ୍ରଶାସକ ହୋଇଛନ୍ତି। ପ୍ରଥମେ ଘରୋଇ କ୍ରିକେଟରେ ସୁଧାର ଆଣିବାକୁ ଚେଷ୍ଟା କରିବେ। ପ୍ରଥମ ଶ୍ରେଣୀ କ୍ରିକେଟକୁ ପ୍ରାଧାନ୍ୟ ଦେବା ସହିତ ଘରୋଇ ଖେଳାଳିମାନଙ୍କୁ ଆର୍ଥିକ ସୁବିଧା ଦେବା ପାଇଁ ଚେଷ୍ଟା କରିବେ। ବିସିସିଆଇର ୯ ମାସର କାର୍ଯ୍ୟକାଳ ତାଙ୍କ ପାଇଁ ଚ୍ୟାଲେଞ୍ଜପୂର୍ଣ୍ଣ ରହିବ। ୩୩ମାସ ଧରି ବିସିସିଆଇର ଅନୁଶାସନ କମିଟି ଯାହା କରିନାହିଁ ତାହାକୁ ପ୍ରାଧାନ୍ୟ ଦେବା ସହିତ ବିସିସିଆଇରେ ଅନୁଶାସନ ଆଣିବା ତାଙ୍କର ପ୍ରଥମ ଲକ୍ଷ୍ୟ ରହିବ।

### ସୌରଭ ଗାଙ୍ଗୁଲି

**ପୂରା ନାମ:** ସୌରଭ ଚଣ୍ଡିଦାସ ଗାଙ୍ଗୁଲି
**ଉଚ୍ଚତା:** ୫ ଫୁଟ୍ ୧୧ ଇଞ୍ଚ୍
**ଟେଷ୍ଟ ପଦାର୍ପଣ:** ୧୯୯୬ ଜୁନ୍ ୨୦ ବନାମ ଇଂଲଣ୍ଡ
**ଶେଷ ଟେଷ୍ଟ:** ୬ ନଭେମ୍ବର ୨୦୦୮ ବନାମ ଅଷ୍ଟ୍ରେଲିଆ
**ଦିନିକିଆ ପଦାର୍ପଣ:** ୧୧ ଜାନୁୟାରୀ ୧୯୯୨ ବନାମ ୱେଷ୍ଟଇଣ୍ଡିଜ
**ଶେଷ ଦିନିକିଆ:** ୧୫ ନଭେମ୍ବର ୨୦୦୭ ବନାମ ପାକିସ୍ତାନ

**ଟେଷ୍ଟ କ୍ୟାରିୟର**
ମ୍ୟାଚ- ୧୧୩, ରନ- ୭୨୧୨, ଆଭରେଜ- ୪୨.୧୭, ଶତକ-୧୬, ଅର୍ଦ୍ଧଶତକ- ୩୫

**ଦିନିକିଆ କ୍ୟାରିୟର**
ମ୍ୟାଚ- ୩୧୧। ରନ-୧୧୩୬୩, ଆଭରେଜ- ୪୧.୦୨, ଶତକ-୨୨, ଅର୍ଦ୍ଧଶତକ- ୭୨
ସିଏବି ଅଧ୍ୟକ୍ଷ- ୨୦୧୫
ସିଏବି ଯୁଗ୍ମ ସମ୍ପାଦକ ୨୦୧୪

# ଉଦୀୟମାନ ଲକ୍ଷ୍ୟ

**ଜୁନିୟର ସ୍ତରରେ ବେଶ୍ ସଫଳତା ହାସଲ କରିଥିବା ବ୍ୟାଡ୍‌ମିଣ୍ଟନ ତାରକା ଲକ୍ଷ୍ୟ ସେନ୍ ସିନିୟର ସର୍କିଟରେ ମଧ୍ୟ ଭଲ ଆରମ୍ଭ କରିଛନ୍ତି। କେତୋଟି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଜିତି ସେ ବିଶ୍ୱ ର୍‍ୟାଙ୍କିଙ୍ଗରେ ଉନ୍ନତି କରିଛନ୍ତି। ଚଳିତ ବର୍ଷ ଶେଷ ଆଡ଼କୁ ସେ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ଶ୍ରେଷ୍ଠ ୫୦ରେ ସ୍ଥାନ ପାଇବେ ବୋଲି ଆଶା କରାଯାଉଛି...**

ଭାରତୀୟ ବ୍ୟାଡମିଣ୍ଟନରେ ଲକ୍ଷ୍ୟ ସେନ ଏବେ ଜଣେ ଉଦୀୟମାନ ତାରକା ଭାବେ ଉଭା ହୋଇଛନ୍ତି। ୧୮ ବର୍ଷୀୟ ଲକ୍ଷ୍ୟ ଜୁନିୟର ସ୍ତରରେ ବେଶ୍ ସଫଳତା ଅର୍ଜନ କରିସାରିବା ପରେ ଏବେ ସିନିୟର ପ୍ରତିଯୋଗିତାରେ ପାଦ ଦେଇଛନ୍ତି। କିଛିଦିନ ତଳେ ସେ ଡଚ୍ ଓପନ ଟାଇଟଲ ହାସଲ କରି ନିଜ ଦକ୍ଷତା ଓ ପ୍ରତିଭାର ପ୍ରମାଣ ଦେଇଛନ୍ତି। ଟାଇଟଲ ମୁକାବିଲାରେ ସେ ଜାପାନର ୟୁସୁକ ଓନୋଡେରାଙ୍କୁ ୧୫- ୨୧,୨୧-୧୪, ୨୧-୧୫ରେ ପରାସ୍ତ କରି କ୍ୟାରିୟରର ପ୍ରଥମ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର ଟାଇଟଲ ହାସଲ କରିଥିଲେ। ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୭୨ତମ ସ୍ଥାନରେ ଥିବା ଲକ୍ଷ୍ୟ ଗତ ମାସରେ ବେଲଜିଆନ ଓପନ ଟାଇଟଲ ଜିତିଥିଲେ। ସେ ମଧ୍ୟ ଏସିଆନ ଜୁନିୟର ଚାମ୍ପିୟନଶିପ୍‌ରେ ଟାଇଟଲ ହାସଲ କରିବା ସହ ଯୁବ ଅଲିମ୍ପିକ୍ସ ଗେମ୍ସରେ ରୌପ୍ୟ ପଦକ ଜିତିଥିଲେ। ଗତ ବର୍ଷ ମଧ୍ୟ ବିଶ୍ୱ ଜୁନିୟର ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ୍ ପଦକ ଜିତିଥିଲେ। ଉତ୍ତରାଖଣ୍ଡର ଆଲମୋରାରେ ୨୦୦୧ ଅଗଷ୍ଟ ୧୬ ତାରିଖରେ ଜନ୍ମଗ୍ରହଣ କରିଥିବା ଲକ୍ଷ୍ୟ ଏକ ବ୍ୟାଡମିଣ୍ଟନ ପରିବାରରୁ ଆସିଛନ୍ତି। ତାଙ୍କ ପିତା ଡି. ସେନ ଭାରତୀୟ ଦଳର କୋଚ ହିସାବରେ କାର୍ଯ୍ୟ କରିଛନ୍ତି। ତାଙ୍କ ଭାଇ ଚିରାଗ ସେନ୍ ମଧ୍ୟ ଜଣେ ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ଖେଳାଳି। ତେଣୁ ସେ ସ୍ୱତଃ ପ୍ରବୃତ୍ତ ଭାବେ ବ୍ୟାଡମିଣ୍ଟନକୁ ନିଜ ପସନ୍ଦର କ୍ରୀଡ଼ା ଭାବେ ଚୟନ କରିଥିଲେ। ପ୍ରକାଶ ପାଦୁକନ ବ୍ୟାଡମିଣ୍ଟନ ଏକାଡେମୀରେ ସେ ପ୍ରଶିକ୍ଷଣ ଆରମ୍ଭ କରିଥିଲେ। ଖୁବ୍ କମ୍ ବୟସରେ ସେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ୨୦୧୬ରେ ଜୁନିୟର ବ୍ୟାଡମିଣ୍ଟନ ସର୍କିଟ୍‌ରେ ସେ ଜବରଦସ୍ତ ପ୍ରଦର୍ଶନ କରିଥିଲେ। ୨୦୧୭ ଫେବୃୟାରୀରେ ବିଡବ୍ଲ୍ୟୁଏଫ୍ ବିଶ୍ୱ ଜୁନିୟର ର୍‍ୟାଙ୍କିଙ୍ଗ୍‌ରେ ସେ ୧ ନମ୍ବର ସ୍ଥାନ ହାସଲ କରିଥିଲେ। ସେ ମଧ୍ୟ ସିନିୟରସ୍ତର ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଛନ୍ତି। ୨୦୧୬ରେ ସେ ଇଣ୍ଡିଆନ ଅନ୍ତର୍ଜାତୀୟ ସିରିଜ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସ ଟାଇଟଲ ହାସଲ କରିଥିଲେ। ୨୦୧୭ରେ ମଧ୍ୟ ସେ ଏହି ସଫଳତା ଦୋହରାଇଥିଲେ। ଏହି ବର୍ଷ ସେ ବୁଲଗେରିଆନ ଓପନ ଟାଟା ଓପନ ଇଣ୍ଟରନ୍ୟାଶନାଲରେ ରନର୍ସଅପ୍ ହୋଇଥିଲେ। ୨୦୧୮ରେ କିନ୍ତୁ ସେ ଏହି ଟୁର୍ନାମେଣ୍ଟରେ ଟାଇଟଲ ଜିତିଥିଲେ। ଚଳିତ ୨୦୧୯ରେ ସେ ଗୋଟିଏ ବଡ଼ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଥିବାବେଳେ ଗୋଟିଏରେ ରନର୍ସଅପ ହୋଇଥିଲେ। ବେଲଜିଆନ ଇଣ୍ଟରନ୍ୟାଶନାଲ ଟାଇଟଲ ହାସଲ କରିଥିଲେ ମଧ୍ୟ ପଲିସ୍ ଓପନରେ ରନର୍ସଅପ୍ ବିବେଚିତ ହୋଇଥିଲେ। ୫ ଫୁଟ୍ ୧୦ ଇଞ୍ଚ୍ ଉଚ୍ଚତା ବିଶିଷ୍ଟ ଲକ୍ଷ୍ୟ ଡାହଣହାତୀ ଖେଳାଳି। କୋଚ୍ ବିମଲ କୁମାର, ପ୍ରକାଶ ପାଦୁକନ ଓ ଡି.କେ. ସେନଙ୍କଠାରୁ ପ୍ରଶିକ୍ଷଣ ନେଇଥିବା ଲକ୍ଷ୍ୟ ଭବିଷ୍ୟତରେ ଜଣେ ବଡ଼ ତାରକା ହେବେ ବୋଲି ଆଶା କରାଯାଉଛି। ଲକ୍ଷ୍ୟ ଏବେ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୫୨ ତମ ସ୍ଥାନରେ ରହିଛନ୍ତି। ପିତା ତଥା ସ୍ପୋର୍ଟ୍ସ ଅଥରିଟୀ ଅଫ୍ ଇଣ୍ଡିଆ (ସାଇ) କୋଚ୍ ଡି.କେ. ସେନଙ୍କଠାରୁ ସେ ପ୍ରଥମେ ବ୍ୟାଡମିଣ୍ଟନ ପ୍ରଶିକ୍ଷଣ ପାଇଥିଲେ। ଚଳିତ ବର୍ଷ ଶେଷ ସୁଦ୍ଧା ଲକ୍ଷ୍ୟ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ଶ୍ରେଷ୍ଠ ୫୦ରେ ସ୍ଥାନ ହାସଲ କରିବେ ବୋଲି ତାଙ୍କ ପିତା କହିଛନ୍ତି।

### ବେଷ୍ଟ ଆକ୍ଟର



ପ୍ରିନ୍ସ ଅଫ୍ କୋଲକାତା ସୌରଭର
ଚହଟିଲା ପୁଣି ବାସ
ବିସିସିଆଇର ନୂଆ ସଭାପତି
ପଦ ପାଇ ମୁଖେ ହସ
ନ'ମାସ କରିବ ଚାଷ
ଛ ଆହ୍ୱାନ ଦେଇ ଗାଙ୍ଗୁଲି କ୍ରୀଡ଼ାରୁ
ଦୁର୍ନୀତି କରିବ ନାଶ !।।୧

ରାଞ୍ଚିରେ ବିରାଟ ସାଉଥ୍ ଆଫ୍ରିକାକୁ
ଲଣ୍ଡା କଲା କାଟି ଚୁଟି
ଟିମ ସେନା ତିନି ଟେଷ୍ଟ ଜିତି ଦେଲା
ପ୍ରାକ ଦୀପାବଳି ଭେଟି
ବ୍ୟାକ୍ ଫୁଟ୍ ଶଟ୍ ପିଟି
ଦ୍ୱିଶତକ କରି ରୋହିତ ବନିଲା
ବେଷ୍ଟ କଳାକାର ଏଠି।।୨

ଫିଲିପାଇନ୍ସର ରସେଲ ଜିଆଜଙ୍କୁ
ଉଷୁରେ ହରାଇ ସୁନା
ଭାରତ ପକ୍ଷରୁ ପ୍ରବୀଣ ଜିତିକି
ଏ କୀର୍ତ୍ତି ରଚିଛି ନନା
ଉଡାଇ ଦେଶର ବାନା
ଉଷୁ ସାମରିକ କଳାରେ ପ୍ରବୀଣ
ବେଷ୍ଟ କଳାକାର ଅନା।।୩

– ସୁବାସ ଚନ୍ଦ୍ର ପ୍ରଧାନ

# ଦେଓଧର ଟ୍ରଫି: ବିହାରୀ, ପାର୍ଥିବ, ଶୁବମନ ଅଧିନାୟକ

ନୂଆଦିଲ୍ଲୀ, ୨୪।୧୦ (ପି.ଟି.)



ହନୁମା ବିହାରୀ



ଶୁବମନ ଗିଲ



ପାର୍ଥିବ ପଟେଲ

ଚଳିତ ବର୍ଷ ଆୟୋଜନ ହେବାକୁ ଥିବା ଦେଓଧର ଟ୍ରଫି ପାଇଁ ହନୁମା ବିହାରୀ, ପାର୍ଥିବ ପଟେଲ ଓ ଶୁବମନ ଗିଲ ଯଥାକ୍ରମେ ଭାରତ ଏ, ଭାରତ ବି ଓ ଭାରତ ସି ଦଳର ଅଧିନାୟକ ନିଯୁକ୍ତ ହୋଇଛନ୍ତି। ମୁମ୍ବାଇରେ ବୈଠକ ବସି ସିନିୟର ଚୟନ କମିଟି ଏହି ଦଳଗୁଡିକ ଘୋଷଣା କରିଛି। ଆସନ୍ତା ୩୧ରୁ ନଭେମ୍ବର ୪ ତାରିଖ ମଧ୍ୟରେ ରାଞ୍ଚିରେ ଦେଓଧର ଟ୍ରଫି ଖେଳାଯିବ। ଭାରତ ଏ ଦଳରେ ଅଭିଜ୍ଞ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ, ଉଇକେଟକିପର ଇଶାନ କିଷନ ଓ ଜୟଦେବ ଉନାଡକଟଙ୍କ ଭଳି ଖେଳାଳି ସ୍ଥାନ ପାଇଛନ୍ତି। ଆଉଟ୍ ଅଫ୍ ଫେଭର ଅଲରାଉଣ୍ଡର କେଦାର ଯାଦବ ଓ ବିଜୟ ଶଙ୍କର ଭାରତ ବି ଦଳରେ ସ୍ଥାନ ପାଇଛନ୍ତି। ଇନ୍‌ଫର୍ମ ଟେଷ୍ଟ ଓପନର ମୟଙ୍କ ଅଗ୍ରୱାଲ ଓ ବରିଷ୍ଠ ଉଇକେଟକିପର ଦୀନେଶ କାର୍ତ୍ତିକ ଭାରତ ବି ଦଳରେ ସ୍ଥାନ ପାଇଛନ୍ତି।

**ଭାରତ ଏ ଦଳ:** ହନୁମା ବିହାରୀ (ଅଧିନାୟକ), ଦେବଦୁତ୍ତ ପଡିକାଲ, ଏ.ଆର. ଈଶ୍ୱରନ, ବିଷ୍ଣୁ ବିନୋଦ, ଅମନଦୀପ ଖାରେ, ଅଭିଷେକ ରମନ, ଇଶାନ କିଷନ (ଉଇକେଟ କିପର), ଶାହବାଜ ଅହମ୍ମଦ, ରବି ବିଷ୍ଣୋଇ, ରବିଚନ୍ଦ୍ରନ ଅଶ୍ୱିନ, ଜୟଦେବ ଉନାଡକଟ, ସନ୍ଦୀପ ୱାରିୟର, ସିଦ୍ଧାର୍ଥ କାଉଲ ଓ ଭାର୍ଗବ ମେରାଇ।

**ଭାରତ ବି ଦଳ:** ପାର୍ଥିବ ପଟେଲ (ଅଧିନାୟକ/ ଉଇକେଟକିପର), ପ୍ରିୟଙ୍କ ପଞ୍ଚାଲ, ଯଶସ୍ୱୀ ଜୟସ୍ୱାଲ, ବାବା ଅପରାଜିତ, କେଦାର ଯାଦବ, ରୁତୁରାଜ ଗାଏକ୍ୱାଡ, ଶାହବାଜ ନଦିମ, ଅନୁକୁଲ ରଏ, କେ. ଗୋଥାମ, ବିଜୟ ଶଙ୍କର, ମହମ୍ମଦ ସିରାଜ, ରୁଶ କାଲାରିଆ, ଯାରା ପୃଥ୍ୱୀରାଜ ଓ ନିତିଶ ରାଣା।

**ଭାରତ ସି ଦଳ:** ଶୁବମନ ଗିଲ (ଅଧିନାୟକ), ମୟଙ୍କ ଅଗ୍ରୱାଲ, ଅନମୋଲପ୍ରୀତ ସିଂ, ସୂର୍ଯ୍ୟକୁମାର ଯାଦବ, ପ୍ରିୟମ ଗାର୍ଗ, ଦୀନେଶ କାର୍ତ୍ତିକ (ଉଇକେଟକିପର), ଅକ୍ଷର ପଟେଲ, ମୟଙ୍କ ମାର୍କଣ୍ଡେ, ଜଲାଜ ସାକସେନା, ଆଭେଶ ଖାଁ, ଧବଲ କୁଲକର୍ଣ୍ଣି, ଇଶାନ ପୋରେଲ, ଡି.ଜି. ପଠାଣିଆ ଓ ବିରାଟ ସିଂ।

# ଗୋଆର ବିଜୟ ଅଭିଯାନ

ଗୋଆ, ୨୪।୧୦(ପି.ଟି.)




ଗୋଲ ସ୍କୋର ପରେ ଉଲ୍ଲସିତ ଗୋଆ ଦଳର ଖେଳାଳିମାନେ।

**ଇଣ୍ଡିଆନ ସୁପର ଲିଗ୍**

ଚଳିତ ହିରୋ ଇଣ୍ଡିଆନ ସୁପର ଲିଗରେ ଏକ ଦମଦାର ବିଜୟ ସହିତ ଅଭିଯାନ ଆରମ୍ଭ କରିଛି ଗତ ବର୍ଷର ରନର୍ସଅପ ଏଫସି ଗୋଆ। ସ୍ଥାନୀୟ ଜବାହରଲାଲ ନେହେରୁ ଷ୍ଟାଡିୟମଠାରେ ବୁଧବାର ଖେଳାଯାଇଥିବା ମ୍ୟାଚରେ ଘରୋଇ ଦଳ ଗୋଆ ୩-୦ ଗୋଲରେ ଚେନ୍ନାଇୟିନ ଏଫସିକୁ ପରାସ୍ତ କରିଛି। ଗୋଆ ପ୍ରଥମାର୍ଦ୍ଧରେ ଗୋଟିଏ ଏବଂ ଦ୍ୱିତୀୟାର୍ଦ୍ଧରେ ଦୁଇଟି ଗୋଲ ସ୍କୋର କରିଥିଲା।

ଗୋଆ ଦଳ ମ୍ୟାଚ ଆରମ୍ଭରୁ ଆକ୍ରମଣାତ୍ମକ ରଣନୀତି ଆପଣାଇ ତୃତୀୟ ମିନିଟରେ ଗୋଲ ଦେବାର ସୁଯୋଗ ସୃଷ୍ଟି କରିଥିଲା। କିନ୍ତୁ ମର୍ଟେଡା ଫଲ ବାଇସାଇକେଲ ଶଟ୍ ଜରିଆରେ କରିଥିବା ଉଦ୍ୟମ ବ୍ୟର୍ଥ ହୋଇଥିଲା। ୧୫ତମ ମିନିଟରେ ଗୋଆର ଲେନି ରଡରିଗସଙ୍କୁ ବିପଜ୍ଜନକ ଖେଳ ପାଇଁ ରେଫରି ହଳଦିଆ କାର୍ଡ ଦେଖାଇଥିଲେ। ପ୍ରଥମାର୍ଦ୍ଧରେ ଚେନ୍ନାଇୟିନ ଗୋଲରକ୍ଷକ ବିଶାଳ କାଇଥ ଦମ୍‌ଦାର ପ୍ରଦର୍ଶନ କରି ଦଳକୁ ଏକାଧିକ ବିପଦରୁ ରକ୍ଷା କରିଥିଲେ। ଚେନ୍ନାଇୟିନ ଦଳ ମଧ୍ୟ ଗୋଲ ଦେବାର ଏକାଧିକ ସୁଯୋଗ ପାଇଥିଲେ ମଧ୍ୟ ସଫଳ ହୋଇ ନ ଥିଲା।

୩୦ତମ ମିନିଟରେ ଲେନ ଡଙ୍ଗେଲ ମ୍ୟାଚର ପ୍ରଥମ ଗୋଲ ଦେଇ ହାଫ୍ ଟାଇମ୍ ସୁଦ୍ଧା ଗୋଆକୁ ୧-୦ ରେ ଅଗ୍ରଣୀ କରାଇଥିଲେ। ଆଇଏସଏଲରେ ଏହା ଥିଲା ତାଙ୍କର ଅଷ୍ଟମ ଗୋଲ। ଦ୍ୱିତୀୟାର୍ଦ୍ଧରେ ମଧ୍ୟ ଗୋଆ ଦଳ ତା'ର ଆକ୍ରମଣ ଜାରି ରଖି ପ୍ରତିପକ୍ଷ ଉପରେ ପ୍ରବଳ ଚାପ ପକାଇଥିଲା। ବିଶେଷକରି ଫେରାନ କରୋମିଆନ୍ସ ଓ ଲେନ ଡଙ୍ଗେଲଙ୍କ ଯୋଡି ଚେନ୍ନାଇୟିନ ସମସ୍ୟାରେ ପକାଇଥିଲେ। ମ୍ୟାଚର ୬୨ତମ ମିନିଟରେ କରୋମିଆନ୍ସ ଗୋଆ ପକ୍ଷରୁ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ।

ଘରୋଇ ଦଳ ୨-୦ରେ ଅଗ୍ରଣୀ ହେବା ପରେ ମଧ୍ୟ ଆକ୍ରମଣାତ୍ମ ଖେଳ ଜାରି ରଖିଥିଲା। ମ୍ୟାଚ୍‌ର ୮୧ତମ ମିନିଟରେ କାର୍ଲସ ପେନା ଦଳ ପକ୍ଷରୁ ତୃତୀୟ ଗୋଲ ସ୍କୋର କରିଥିଲେ ଓ ଦଳକୁ ବୃହତ୍ ବିଜୟ ପ୍ରଦାନ କରିଥିଲେ। ଗୋଆ ଗୋଲରକ୍ଷକ ମହମ୍ମଦ ନୱାଜ ମ୍ୟାଚର ଉଦୀୟମାନ ଖେଳାଳି ପୁରସ୍କାର ଲାଭ କରିଥିଲେ। ସେହିପରି ତାଙ୍କ ସାଥି ଖେଳାଳି ସେରିଟନ ଫର୍ନାଣ୍ଡେଜ ହିରୋ ମ୍ୟାନ ଅଫ ଦି ପୁରସ୍କାର ଲାଭ କରିଥିଲେ।

# ଶ୍ରୀଲଙ୍କା ବିପକ୍ଷରୁ ଭାରତର ଅଭିଯାନ ଆରମ୍ଭ

**୧୯ ବର୍ଷରୁ କମ୍ ବିଶ୍ୱକପ୍**

ଦୁବାଇ, ୨୪।୧୦ (ପି.ଟି.)
୧୯ ବର୍ଷରୁ କମ୍ ଆଇସିସି ବିଶ୍ୱକପ୍ ଆସନ୍ତା ବର୍ଷ ଜାନୁୟାରୀ ୧୭ରୁ ଦକ୍ଷିଣ ଆଫ୍ରିକାରେ ଆରମ୍ଭ ହେବ। ଏଥିଲାଗି କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ଗୁରୁବାର କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଡିଫେଣ୍ଡିଂ ଚାମ୍ପିୟନ ଭାରତୀୟ କ୍ରିକେଟ୍ ଦଳ ଶ୍ରୀଲଙ୍କା ବିପକ୍ଷରେ ଖେଳି ବିଶ୍ୱକପ୍‌ରେ ଏହାର ଅଭିଯାନ ଆରମ୍ଭ କରିବ। ଏହି ମ୍ୟାଚ୍ ଜାନୁୟାରୀ ୧୯ରେ ଦକ୍ଷିଣ ଆଫ୍ରିକାର ବ୍ଲୋଏମଫୋଣ୍ଟିନ ସହରର ମାଙ୍ଗାଉଙ୍ଗ ଓଭାଲରେ ଖେଳାଯିବ। ଚାରିଥର ଚାମ୍ପିୟନ ଭାରତ ସମେତ ଶ୍ରୀଲଙ୍କା, ନ୍ୟୁଜିଲାଣ୍ଡ ଓ ପ୍ରଥମ ଥର ଅଂଶଗ୍ରହଣ କରିଥିବା ଜାପାନ ଗ୍ରୁପ୍-ଏ'ରେ ରହିଛନ୍ତି। ଭାରତ ଏହାପରେ ଜାନୁୟାରୀ ୨୧ ଓ ୨୪ରେ ଯଥାକ୍ରମେ ଜାପାନ ଓ ନ୍ୟୁଜିଲାଣ୍ଡକୁ ଭେଟିବାର କାର୍ଯ୍ୟସୂଚୀ ରହିଛି। ୧୬ ଦଳୀୟ ଏହି ପ୍ରତିଯୋଗିତାର ଫାଇନାଲ ଫେବୃୟାରୀ ୯ରେ ଅନୁଷ୍ଠିତ ହେବ। ଗତ ସଂସ୍କରଣର ରନର୍ସଅପ୍ ତଥା ମୋଟ୍ ଉପରେ ୩ ଥର ଟାଇଟଲ୍ ଜିତିଥିବା ଅଷ୍ଟ୍ରେଲିଆ ଗ୍ରୁପ୍-ବି'ରେ ସ୍ଥାନ ପାଇଛି। ଅଷ୍ଟ୍ରେଲିଆ ଦଳ ଏହାର ଓପନିଂ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜକୁ ଭେଟିବ। ଏହି ଗ୍ରୁପ୍‌ରେ ଇଂଲଣ୍ଡ ସହ ପଦାର୍ପଣକାରୀ ନାଇଜେରିଆ ସ୍ଥାନ ପାଇଛି। ୧୯ ବର୍ଷରୁ କମ୍ ଆଇସିସି ବିଶ୍ୱକପ୍‌ର ଏହା ୧୩ତମ ସଂସ୍କରଣ ହୋଇଥିବାବେଳେ ଏଥିରେ ୧୧ ପୂର୍ଣ୍ଣ ମାନ୍ୟତାପ୍ରାପ୍ତ ରାଷ୍ଟ୍ର ସମେତ ୫ଟି ରିଜିଓନାଲ ଚାମ୍ପିୟନ ଦଳ ସ୍ଥାନ ପାଇଛନ୍ତି। ମୋଟ୍ ୪ଟି ଗ୍ରୁପ୍ କରାଯାଇଥିବାବେଳେ ପ୍ରତି ଗ୍ରୁପ୍‌ରେ ୪ ଦଳ ରହିଛନ୍ତି। ଗ୍ରୁପ୍ ପର୍ଯ୍ୟାୟ ପରେ ଟିମ୍ ଗୁଡ଼ିକୁ ୨ଟି (ସୁପର୍ ଲିଗ୍ ଓ ପ୍ଲେଟ୍) ବର୍ଗରେ ବିଭକ୍ତ କରାଯିବ। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ ସୁପର୍ ଲିଗ୍ କ୍ୱାର୍ଟର ଫାଇନାଲକୁ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ। ସେହିଭଳି ବଳକା ଟିମ୍ ଗୁଡ଼ିକୁ ନେଇ ପ୍ଲେଟ୍ ଚାମ୍ପିୟନଶିପ୍ ଖେଳାଯିବ ବୋଲି ଆଇସିସି ପକ୍ଷରୁ କୁହାଯାଇଛି।

**ଗ୍ରୁପ୍ ତାଲିକା:**
**ଗ୍ରୁପ୍-ଏ :** ଭାରତ, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା ଓ ଜାପାନ।
**ଗ୍ରୁପ୍-ବି :** ଅଷ୍ଟ୍ରେଲିଆ, ଇଂଲଣ୍ଡ, ୱେଷ୍ଟଇଣ୍ଡିଜ ଓ ନାଇଜେରିଆ।
**ଗ୍ରୁପ୍-ସି :** ପାକିସ୍ତାନ, ବାଂଲାଦେଶ, ଜିମ୍ବାୱେ ଓ ସ୍କଟ୍‌ଲାଣ୍ଡ।
**ଗ୍ରୁପ୍-ଡି :** ଆଫଗାନିସ୍ତାନ, ଦକ୍ଷିଣ ଆଫ୍ରିକା, ୟୁଏଇ ଓ କାନାଡା।

# ଫ୍ରାନ୍ସକୁ ୟୁଫାର ଜରିମାନା

ପ୍ୟାରିସ, ୨୪।୧୦ (ଏଏଫ୍‌ପି): ଆଲବାନିଆ ପାଇଁ ତ୍ରୁଟି ଜାତୀୟ ସଂଗୀତ ପରିବେଷଣ କରିଥିବାରୁ ୟୁଫା (ୟୁନିୟନ ଅଫ୍ ୟୁରୋପିଆନ୍ ଫୁଟ୍‌ବଲ ଆସୋସିଏଶନ୍ସ) ଫ୍ରାନ୍ସକୁ ୨୦,୦୦୦ ୟୁରୋ ଜରିମାନା କରିଛି। ସେପ୍ଟେମ୍ବର ୭ରେ ୟୁରୋ ୨୦୨୦ ପାଇଁ ଅନୁଷ୍ଠିତ ଏକ କ୍ୱାଲିଫାଇଙ୍ଗ ମ୍ୟାଚ ପୂର୍ବରୁ ଆଲବାନିଆ ପରିବର୍ତ୍ତେ ଆଣ୍ଡୋରା ଜାତୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ସେତେବେଳେ ଏହା ଦ୍ୱନ୍ଦ୍ୱ ପରିସ୍ଥିତି ସୃଷ୍ଟି କରିଥିଲା। ପରେ ସଂଶୋଧିତ ଜାତୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏଥିପାଇଁ ମ୍ୟାଚ ଆରମ୍ଭରେ ବିଳମ୍ବ ଘଟିଥିଲା। ଏହି ଅପ୍ରୀତିକର ପରିସ୍ଥିତି ପାଇଁ ଫ୍ରାନ୍ସ କୋଚ୍ ବିପକ୍ଷ ଦଳର ଏଡୋରାଡୋ ରେଜାଙ୍କୁ କ୍ଷମା ମାଗିଥିଲେ। କେବଳ ସେତିକି ନୁହେଁ ଫ୍ରେଞ୍ଚ ରାଷ୍ଟ୍ରପତି ଏମାନୁଏଲ ମାକ୍ରନ ମଧ୍ୟ ବିଷୟର ଗୁରୁତ୍ୱ ଉପଲବ୍ଧି କରି ଆଲବାନିଆ ରାଷ୍ଟ୍ରପତି ଇଲିର୍ ମେଟାଙ୍କୁ ମଧ୍ୟ କ୍ଷମା ମାଗିଥିଲେ। ଫ୍ରାନ୍ସ ଏହି ମ୍ୟାଚ ୪-୧ ଗୋଲରେ ବିଜୟ ଲାଭ କରିଥିଲା।

ଇତିହାସର ଆଇନାରେ

## ଅକ୍ଟୋବର ୨୫ର ପ୍ରମୁଖ ଘଟଣା

୧୯୯୭ ଅକ୍ଟୋବର ୨୫ରେ ଡେନିସ୍ ସାସୌ ଗେସୋ ଆଫ୍ରିକୀୟ ରାଷ୍ଟ୍ର କଙ୍ଗୋର ରାଷ୍ଟ୍ରପତି ଭାବେ ନିଜକୁ ଘୋଷଣା କରିଥିଲେ। ଗୃହଯୁଦ୍ଧ ଚାଲିଥିବା ବେଳେ ଆଙ୍ଗୋଲାନ୍ ସେନାର ହସ୍ତକ୍ଷେପ ପରେ ପୂର୍ବତନ ରାଷ୍ଟ୍ରପତି ଡେନିସ୍‌ଙ୍କୁ ଅବସ୍ଥାପିତ କରାଯାଇଥିଲା। ୧୯୬୦ରେ ଫ୍ରାନ୍ସରୁ ମୁକ୍ତି ପାଇବା ପରେ ୧୯୯୩ରେ ଏଠାରେ ଗୃହଯୁଦ୍ଧ ଆରମ୍ଭ ହୋଇଥିଲା।

୨୦୦୯ ଅକ୍ଟୋବର ୨୫ରେ ଇରାକର ରାଜଧାନୀ ବାଗ୍‌ଦାଦରେ ଦୁଇଟି ଆତ୍ମଘାତୀ କାର୍‌ବୋମା ବିସ୍ଫୋରଣ ହେବା ଫଳରେ ୧୫୫ ଜଣଙ୍କ ପ୍ରାଣହାନି ଘଟିଥିଲା। ଏଥିରେ ୭୨୩ ଜଣ ଆହତ ହୋଇଥିଲେ। ଏଥିଲାଗି ଇସ୍‌ଲାମିକ୍ ଷ୍ଟେଟ୍ ନିଜକୁ ଦାୟୀ କରିଥିଲା। ଇରାକ୍‌ର ନ୍ୟାୟ ମନ୍ତ୍ରଣାଳୟ ଓ ବାଗ୍‌ଦାଦ୍ ପ୍ରୋଭିନ୍‌ସିଆଲ କାଉନ୍‌ସିଲ ବିଲ୍ଡିଂକୁ ଟାର୍ଗେଟ କରାଯାଇଥିଲା।

## ବିଧାନସଭା : ବିଭିନ୍ନ କମିଟି ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୨୪।୧୨(ବ୍ୟୁରୋ)- ଓଡ଼ିଶା ବିଧାନସଭାର ବିଭିନ୍ନ ବିଭାଗୀୟ କମିଟି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସେହିକ୍ରମରେ ଅନୁସୂଚିତ ଜାତି(ଏସ୍‌ସି) ଓ ଅନୁସୂଚିତ ଜନଜାତି(ଏସ୍‌ଟି) କଲ୍ୟାଣ ଗୃହ କମିଟିର ପ୍ରଥମ ବୈଠକ ବିଧାୟକ ଶଶିଭୂଷଣ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଧାନସଭା ପ୍ରକୋଷ୍ଠ ନଂ ୫୫ରେ ବୈଠକ ବସିଥିଲା। ସେହିପରି ସରକାରୀ ପ୍ରତିଶ୍ରୁତି ଗୃହ କମିଟିର ଚତୁର୍ଥ ବୈଠକ ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବିଧାନସଭା ପ୍ରକୋଷ୍ଠ ନଂ. ୫୩ରେ ବସିଥିବା ଏହି କମିଟି ବୈଠକରେ ବିଭିନ୍ନ ବିଭାଗରୁ ଆସିଥିବା ପ୍ରତିଶ୍ରୁତିର ଉତ୍ତରଗୁଡ଼ିକୁ ତର୍ଜମା କରାଯାଇ ଅନୁମୋଦନ କରାଯାଇଥିଲା। ଅନୁରୂପ ଭାବେ ବିଧାୟକମାନଙ୍କ ସୁଖସ୍ୱାଚ୍ଛନ୍ଦ୍ୟ ଗୃହ କମିଟିର ଦ୍ୱିତୀୟ ବୈଠକ ଉପବାଚସ୍ପତି ରଜନୀକାନ୍ତ ସିଂହଙ୍କ ଅଧକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଧାନସଭା ପ୍ରକୋଷ୍ଠ ନଂ. ୫୪ରେ ଅନୁଷ୍ଠିତ ଏହି କମିଟି ବୈଠକରେ କମିଟିର ଭବିଷ୍ୟତ ଯୋଜନା ଓ କାର୍ଯ୍ୟକ୍ରମ ନିର୍ଦ୍ଧାରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା।

### ବନଖଣ୍ଡ ଅଧିକାରୀ ସମ୍ମିଳନୀରେ ମନ୍ତ୍ରୀ ଆରୁଖ

# ଅନ୍‌ଲାଇନ୍ ଟିମ୍ବର ଟ୍ରାନ୍‌ଜିଟ୍ ପର୍‌ମିଟ୍ ସିଷ୍ଟମ ଲୋକାର୍ପିତ

■ ମୂଲ୍ୟବାନ ଗଛ କାଟି ବିକିବା ପାଇଁ ଅନୁମତିର ସମୟସୀମା କମିଲା

■ ୧୭୨ ଦିନ ପରିବର୍ତ୍ତେ ଏବେ ୪୨ଦିନରେ ମିଳିବ ଅନୁମତି

ଭୁବନେଶ୍ୱର, ୨୩।୧୦(ବ୍ୟୁରୋ)

ରାଜ୍ୟବାସୀଙ୍କୁ ଏକ ଉତ୍ତରଦାୟୀ ଓ ସ୍ୱଚ୍ଛ ଶାସନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫-ଟି ସୂତ୍ର ଆରମ୍ଭ କରିଛନ୍ତି। ବନଖଣ୍ଡ ଅଧିକାରୀମାନେ ଏହି ୫-ଟି ସୂତ୍ରକୁ ଆଧାର କରି ବିଭାଗୀୟ ଯୋଜନାଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସଫଳଭାବେ ରୂପାୟିତ କରିବାକୁ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି। ଅରଣ୍ୟ ଭବନଠାରେ ଗୁରୁବାର ଆୟୋଜିତ ବନଖଣ୍ଡ ଅଧିକାରୀ ସମ୍ମିଳନୀରେ ମୁଖ୍ୟଅତିଥିଭାବେ ଯୋଗଦେଇ ମନ୍ତ୍ରୀ ଆରୁଖ ଅନ୍‌ଲାଇନ୍ ଟିମ୍ବର ଟ୍ରାନ୍‌ଜିଟ୍ ପର୍‌ମିଟ୍ ସିଷ୍ଟମର ଲୋକାର୍ପଣ କରିଛନ୍ତି। ପୂର୍ବରୁ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ଜମି ପରିସରରେ ଥିବା ମୂଲ୍ୟବାନ ବୃକ୍ଷକୁ କାଟି ବିନିଯୋଗ କରିବା ପାଇଁ ଅନୁମତି ପତ୍ର ହାସଲକୁ ୧୭୨ଦିନ ଲାଗୁଥିଲା। ବର୍ତ୍ତମାନ ଏହି ସମୟସୀମା ୪୨ଦିନକୁ ହ୍ରାସ ପାଇବ ଓ ଜଙ୍ଗଲ ପ୍ରଶାସନରେ ଅଧିକ ସ୍ୱଚ୍ଛତା ଆସିବ। ଅନ୍‌ଲାଇନ୍ ଆକାଉଣ୍ଟିଂ, ଟେଣ୍ଡର ବ୍ୟବସ୍ଥାରେ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଫରେଷ୍ଟ କୋଡ୍‌ରେ ଆବଶ୍ୟକ ସଂଶୋଧନ କରାଯାଇ ଜଙ୍ଗଲ ବିଭାଗର ଆର୍ଥିକ ପରିଚାଳନାରେ ବ୍ୟାପକ ସ୍ୱଚ୍ଛତା ଆସିବ ବୋଲି ଆରୁଖ କହିଛନ୍ତି।



ଅରଣ୍ୟ ଭବନଠାରେ ବନଖଣ୍ଡ ଅଧିକାରୀ ସମ୍ମିଳନୀରେ ମନ୍ତ୍ରୀ ଓ ଅଧିକାରୀଗଣ।

ଏହି ଅବସରରେ ଆରୁଖ କହିଛନ୍ତି ଯେ, ଜଙ୍ଗଲ ସମ୍ପଦର ସୁରକ୍ଷା ଓ ସୁପରିଚାଳନା ବନଖଣ୍ଡ ଅଧିକାରୀଙ୍କ ହାତରେ ନ୍ୟସ୍ତ। ନୂତନ ବୈଷୟିକ ଜ୍ଞାନକୌଶଳର ଉପଯୋଗ ଦ୍ୱାରା ଜଙ୍ଗଲ ଓ ଜଙ୍ଗଲ ସମ୍ପଦର ବିକାଶମୁଖୀ ପରିଚାଳନା ସମ୍ଭବ ହେବ। ସେମାନଙ୍କ ନିଷ୍ଠା ଓ କର୍ତ୍ତବ୍ୟବୋଧ ଯୋଗୁ ରାଜ୍ୟର ଜଙ୍ଗଲ ପରିସୀମା ବଢ଼ିଛି। ଦେଶରେ ଓଡ଼ିଶା ଚତୁର୍ଥ ସ୍ଥାନ ହାସଲ କରି ସୁନାମ ଅର୍ଜନ କରିଛି। ୨୦୦୯-୧୦ରୁ ୨୦୧୭-୧୮ ପର୍ଯ୍ୟନ୍ତ ୯ଟି ବାର୍ଷିକ କାମ୍ପା ଯୋଜନାରେ ବିଭିନ୍ନ କିସ୍ତିରେ ସମୁଦାୟ ୨,୬୪୪ କୋଟି ଟଙ୍କାର ପ୍ରାପ୍ତ ହୋଇଥିଲା। ଜାତୀୟ କ୍ଷତିପୂରକ ବନୀକରଣ ଜମା ଅର୍ଥରୁ କାମ୍ପା ପାଣ୍ଠି ବିନିଯୋଗ ଉଦ୍ଦେଶ୍ୟରେ ଓଡ଼ିଶାର ଅଂଶଧନ ବାବଦକୁ ରାଜ୍ୟ ୫,୯୩୩ କୋଟି ଟଙ୍କା ପାଇଛି। ମୁଖ୍ୟତଃ ବନୀକରଣ, ବନ୍ୟଜନ୍ତୁ ପରିଚାଳନା, ଜଙ୍ଗଲ ସୁରକ୍ଷା, ଦକ୍ଷତା ବୃଦ୍ଧି ଏବଂ ଆନୁସଙ୍ଗିକ ବ୍ୟୟ ବାବଦକୁ ୫୯୩ କୋଟି ଟଙ୍କାର ଅନୁମୋଦନ ମିଳିଛି। ବିଭିନ୍ନ କ୍ଷେତ୍ରରେ 'କାମ୍ପା' ପାଣ୍ଠିକୁ ବନଖଣ୍ଡ ଅଧିକାରୀମାନେ ସ୍ୱଚ୍ଛତା ସହ ବିନିଯୋଗ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ବନଖଣ୍ଡ ଅଧିକାରୀମାନେ ସମ୍ପୃକ୍ତ ବନାଞ୍ଚଳରେ ରହିଥିବା ମନୋରମ ସ୍ଥଳୀଗୁଡ଼ିକୁ ରାଜ୍ୟ ପରିବେଶ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ କରିବା ପାଇଁ ଉଦ୍ୟମ କରିବା ଦରକାର। ଅଧିକ ବନ ସୁରକ୍ଷା ସମିତି ଗଠନରେ ସହାୟକ ହେବାସହ ବନାଞ୍ଚଳ ଅଭିବୃଦ୍ଧିରେ ସେମାନେ ନିର୍ଣ୍ଣାୟକ ଭୂମିକା ନେବେ। ବାତ୍ୟା ଫନୀ ପ୍ରଭାବରେ ଉପକୂଳ ଓଡ଼ିଶାର ସବୁଜିମା ବ୍ୟାପକଭାବେ ନଷ୍ଟ ହୋଇଛି। ଏହି ସବୁଜିମା ଫେରାଇ ଆଣିବା ପାଇଁ ବ୍ୟାପକ ବନୀକରଣ କାର୍ଯ୍ୟକ୍ରମକୁ ବନଖଣ୍ଡ ଅଧିକାରୀମାନେ ପ୍ରତ୍ୟକ୍ଷଭାବେ ତଦାରଖ କରିବା ଜରୁରୀ ବୋଲି ସେ କହିଛନ୍ତି। ଏହି ସମ୍ମିଳନୀରେ ବିଭାଗୀୟ ପ୍ରମୁଖ ସଚିବ ମୋନା ଶର୍ମା ଯୋଗଦେଇ ମଣିଷ- ବନ୍ୟଜନ୍ତୁ ସଂଘର୍ଷକୁ ପ୍ରତିହତ କରିବା, ପରିବେଶ ପର୍ଯ୍ୟଟନକୁ ବଢ଼ାଇବା, ନନ୍ଦନକାନନ ଚିଡ଼ିଆଖାନା ପରିଚାଳନାକୁ ଅଧିକ ସୁସଂହତ କରିବା, ଜଙ୍ଗଲ ଏକାଡେମୀ ପ୍ରତିଷ୍ଠାକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ସଂଜୟ ତ୍ରିପାଠୀ ଜଙ୍ଗଲ ପରିଚାଳନାରେ ସଂସ୍କାର ଆଣିବା ଓ ନୂତନ ପଦ୍ଧତିକୁ ଆପଣେଇବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ।

# ରୁଷିଆରେ ସାଖାଲିନ୍-୧ ପ୍ରକଳ୍ପର ସମୀକ୍ଷା କଲେ ଧର୍ମେନ୍ଦ୍ର



### ଓଏନ୍‌ଜିସି ବିଦେଶ କମ୍ପାନୀର ଓଡ଼ିଆ ଅଧିକାରୀଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୨୪।୧୦(ବ୍ୟୁରୋ)

ପାଞ୍ଚ ଦିନିଆ ରୁଷିଆ ଓ ଜାପାନ ଗସ୍ତରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯାଇଛନ୍ତି। ଗୁରୁବାର ରୁଷିଆର ସାଖାଲିନ୍ ତୈଳ କ୍ଷେତ୍ର ପରିଦର୍ଶନ କରି ଏହି ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ବରିଷ୍ଠ ଅଧିକାରୀଙ୍କ ସହ ଧର୍ମେନ୍ଦ୍ର ସମୀକ୍ଷା କରିଛନ୍ତି। ରୁଷିଆର ଗ୍ୟାସ କ୍ଷେତ୍ରରେ ଓଏନ୍‌ଜିସି ବିଦେଶ କମ୍ପାନୀ ସାଖାଲିନ୍-୧ ପ୍ରକଳ୍ପରେ ଭାରତର ସବୁଠୁ ବଡ ଏକକ ପୁଞ୍ଜିନିବେଶ କରିଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଦୃଷ୍ଟିକୋଣରେ ଭାରତ ଏବଂ ରୁଷିଆର ଉର୍ଜା ସଂଯୋଗକୁ ମଜଭୁତ୍ କରିବା ପାଇଁ ଓଏନ୍‌ଜିସି ବିଦେଶ କମ୍ପାନୀ ୨୦୦୧ଠାରୁ ସାଖାଲିନ୍ -୧ ପ୍ରକଳ୍ପରେ ୨୦ ପ୍ରତିଶତ ଭାଗୀଦାର ରହିଆସିଛି। ସେତେବେଳେ ଏହି ପ୍ରକଳ୍ପରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବା ରୁଷିଆରେ ଭାରତୀୟ ରାଷ୍ଟ୍ରଦୂତ ସତି ଲାମ୍ବାଙ୍କୁ ଧର୍ମେନ୍ଦ୍ର ପ୍ରଶଂସା କରିଛନ୍ତି। ବର୍ତ୍ତମାନ ରାଷ୍ଟ୍ରଦୂତ ଭେଙ୍କଟେଶ୍ ବର୍ମା ଏହି ପ୍ରକଳ୍ପରେ ସାମିଲ ରହିଛନ୍ତି। ଭାରତରେ 'ବମ୍ବେ ହାଇ' ଭଳି ସାଖାଲିନ୍ ବିପୁଳ ତୈଳ ଉତ୍ପାଦକ କ୍ଷେତ୍ର। ଏକ୍ସନ ମୋବିଲ କର୍ପୋରେଶନ୍, ରୋଜନେଫ୍ଟ, ଜାପାନିଜ୍ ଏସଓଡିଇସିଓ ଏବଂ ଭାରତର ଓଏନ୍‌ଜିସି ବିଦେଶ କମ୍ପାନୀ ଏହାର ସହଯୋଗୀ ଥିବାବେଳେ ସମସ୍ତଙ୍କ ଭାଗୀଦାରିରେ ଏହା ୨୦୫୫ ପର୍ଯ୍ୟନ୍ତ ତୈଳ ଏବଂ ଗ୍ୟାସ ଉତ୍ପାଦନ କରିବାର ଯୋଜନା ରଖିଛି। ଏହି ଗସ୍ତକାଳରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଏକ ପ୍ରତିନିଧିମଣ୍ଡଳୀ ସହ ଓଏନ୍‌ଜିସି ବିଦେଶ ଭାଗୀଦାରି ଥିବା ରିଗ୍ 'କ୍ରିଟେଟ୍' ବୁଲି ଦେଖିଛନ୍ତି। ସେଠାରେ ମାଇନସ୍ ୪୦ ଡିଗ୍ରୀ ତାପମାତ୍ରାରେ କାମ କରିବାକୁ ପଡିଥାଏ। ଏହାବ୍ୟତୀତ ସେ ଓଏନ୍‌ଜିସି ବିଦେଶ କମ୍ପାନୀର ଓଡିଆ ଅଧିକାରୀ ସନ୍ତୋଷ ଦାଶଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି।

# ରାଜସ୍ୱ ଆଦାୟ ଲକ୍ଷ୍ୟ ପୂରଣ କରିପାରୁନି ପରିବହନ ବିଭାଗ

ଭୁବନେଶ୍ୱର, ୨୪।୧୦(ବ୍ୟୁରୋ)

ଗତ ୫ବର୍ଷ ମଧ୍ୟରେ ପରିବହନ ବିଭାଗ ଯେତିକି ରାଜସ୍ୱ ଆଦାୟ କରିବା ଲାଗି ରଖିଥିବା ଲକ୍ଷ୍ୟ ପୂରଣ କରିପାରିନାହିଁ। ଲଗାତର ୫ ବର୍ଷ ହେଲା ପରିବହନ ବିଭାଗ ନିଜ ଲକ୍ଷ୍ୟଠାରୁ ପଛରେ ରହୁଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। କେବଳ ୨୦୧୭-୧୮ ଆର୍ଥିକ ବର୍ଷରେ ଲକ୍ଷ୍ୟଠାରୁ ଅଧିକ ରାଜସ୍ୱ ଆଦାୟ ହୋଇଥିବା ଜଣାପଡିଛି। ୨୦୧୪-୧୫ରେ ୯୭୨କୋଟି ଟଙ୍କା ରାଜସ୍ୱ ଆଦାୟର ଲକ୍ଷ୍ୟ ରଖାଯାଇଥିବା ବେଳେ ଏହା ୯୧୦.୭୬କୋଟି ଟଙ୍କାରେ ସୀମିତ ରହିଥିଲା। ସେହିପରି ୨୦୧୫-୧୬ରେ ୧୦୭୦ କୋଟି ଟଙ୍କା ଆଦାୟର ଲକ୍ଷ୍ୟ ରହିଥିବାବେଳେ ୧୦୪୩କୋଟି ଟଙ୍କା ଆଦାୟ ହୋଇଥିଲା। ୨୦୧୬-୧୭ରେ ୧୩୦୦କୋଟି ଟଙ୍କା ଆଦାୟ ଲକ୍ଷ୍ୟ ରହିଥିଲା ବେଳେ ୧୨୨୭କୋଟିରେ ସୀମିତ ରହିଲା। ୨୦୧୭-୧୮ରେ ୧୩୦କୋଟି ଟଙ୍କାର ଲକ୍ଷ୍ୟ ବୃଦ୍ଧି ପାଇ୧୫୪୪କୋଟିରେ ପହଞ୍ଚିଥିଲା। ମାତ୍ର ୨୦୧୮-୧୯ରେ ୧୭୬୫କୋଟି ଟଙ୍କାର ଲକ୍ଷ୍ୟ ହ୍ରାସ ପାଇ ୧୭୬୫କୋଟିରେ ସୀମିତ ରହିଛି। ଅପରପକ୍ଷରେ ୨୦୧୯-୨୦ ଆର୍ଥିକ ବର୍ଷର ସେପ୍ଟେମ୍ବର ୨୦ ସୁଦ୍ଧା ୭୮୭କୋଟି ଟଙ୍କା ଆଦାୟ ହୋଇଛି। ଏହି ବର୍ଷ ପାଇଁ ୨୦୨୫ କୋଟି ଟଙ୍କା ଆଦାୟର ଲକ୍ଷ୍ୟ ରଖାଯାଇଛି। ପରିବହନ ବିଭାଗ ନିଜ ଲକ୍ଷ୍ୟ ଆଗାମୀ ଦିନରେ ବୃଦ୍ଧି କରିବା ଲାଗି ଏକ ବୈଠକ ବସି ଆଲୋଚନା ହେବ ବୋଲି ଜଣାପଡିଛି।

# ଲଗାଣ ବର୍ଷାରେ ଧସିଲା ପାହାଡ଼



ଗୁମ୍ମା ବ୍ଲକ୍ ବି. କଳାକୋଟ ପଞ୍ଚାୟତର କୁଲଙ୍ଗ ଗ୍ରାମରେ ପାହାଡ଼ ଧସି ପଡ଼ିଛି।

ଗୁମ୍ମା/ପାରଳାଖେମୁଣ୍ଡି/କାଶୀନଗର/ରାୟଗଡ଼(ଗଜପତି),୨୪।୧୦ (ସ୍ୱ.ପ୍ର./ଡି.ଏନ୍.ଏ.)-ଲଘୁଚାପ ପ୍ରଭାବରେ ବୁଧବାର ସକାଳୁ ବର୍ଷା ଲାଗିରହିଛି। ଏଥିରେ ଗଜପତି ଜିଲା ବିଶେଷଭାବେ ପ୍ରଭାବିତ ହୋଇଛି। ତିତ୍‌ଲୀ ଓ ଫନୀର ଦୁଃଖ ଜିଲାବାସୀ ଭୁଲି ନ ଥିବାବେଳେ ଏବେ ପୁଣି ବର୍ଷା ବିଘାତ ଜିଲାବାସୀଙ୍କ ଉପରେ ଦାଉ ସାଧିଛି। ଗୁରୁବାର ସକାଳେ ଜିଲାର ଗୁମ୍ମା ବ୍ଲକ୍ ବି. କଳାକୋଟ ପଞ୍ଚାୟତର କୁଲଙ୍ଗ ଗ୍ରାମରେ ପାହାଡ଼ ଧସି ଗ୍ରାମର ୨୦ ଘର ମାଟିରେ ମିଶିଯାଇଥିବାବେଳେ ୭୦ ଗୃହପାଳିତ ପଶୁଙ୍କ ମୃତ୍ୟୁ ଘଟିଛି। କେବଳ ଏତିକି ନୁହେଁ ଜିଲାର କାଶୀନଗର ଦେଇ ଯାଇଥିବା ବଂଶଧାରାର ଜଳସ୍ତର ବିପଦ ସଙ୍କେତ ଉର୍ଦ୍ଧ୍ୱରେ ରହିଛି। ବର୍ଷା ଯୋଗୁ ପନିପରିବା ଓ ଧାନଚାଷ ମଧ୍ୟ ବିଶେଷ ପ୍ରଭାବିତ ହୋଇଛି। ରାୟଗଡ଼ ବ୍ଲକର ଗଙ୍ଗାବାଡ଼ ପଞ୍ଚାୟତର ଅନେକ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି। ଗୁମ୍ମା ବ୍ଲକ୍‌ରେ ବୁଧବାର ୧୪ ସେଣ୍ଟିମିଟର ବର୍ଷା ରେକର୍ଡ କରାଯାଇଥଲା। ବୁଧବାର ରାତି ଏବଂ ଗୁରୁବାର ଭୋର୍ ସମୟରେ ପ୍ରବଳ ବର୍ଷା ଯୋଗୁ ପାହାଡ଼ରୁ କିଛି ଧସିବା ଭଳି ଶବ୍ଦ କୁଲଙ୍ଗ ଗ୍ରାମବାସୀ ଶୁଣିଥିଲେ। ଏହାପରେ ଗ୍ରାମବାସୀ ଭୟଭୀତ ହୋଇ ଅନ୍ୟତ୍ର ଚାଲିଯାଇଥିଲେ। ହେଲେ ଗୃହପାଳିତ ପଶୁମାନଙ୍କୁ ସ୍ଥାନାନ୍ତର କରିବା ସମ୍ଭବ ହୋଇ ନ ଥିଲା। ଏହାର କିଛି ସମୟ ପରେ ପାହାଡ଼ ଧସି ଗ୍ରାମର ୨୦ ଘର ଭାଙ୍ଗି ମାଟିରେ ମିଶିଯାଇଥିବାବେଳେ ଗୃହପାଳିତ ପଶୁମାନଙ୍କ ଜୀବନହାନି ଘଟିବା ସହ ଘରେ ଥିବା ଟଙ୍କା ଏବଂ ଆସବାବପତ୍ର ନଷ୍ଟ ହୋଇଛି।

# ୧୦ ବରିଷ୍ଠ ପୋଲିସ ଅଧିକାରୀଙ୍କ ବଦଳି

କଟକ ଅଫିସ, ୨୪।୧୦

ପୋଲିସ ଡିଜି ବିଜୟ କୁମାର ଶର୍ମାଙ୍କ ଅଧକ୍ଷତାରେ ରାଜ୍ୟ ପୋଲିସ ଏଷ୍ଟାବ୍ଲିସ୍‌ମେଣ୍ଟ ବୋର୍ଡ ପକ୍ଷରୁ ଓପିଏସ୍‌ସ୍ତରରେ ୧୦ ଜଣ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ପଦୋନ୍ନତି ଦିଆଯାଇଛି। ଏଥିସହ ସେମାନଙ୍କୁ ରାଜ୍ୟର ବିଭିନ୍ନ ଜିଲାରେ ଅବସ୍ଥାପିତ କରାଯାଇଥିବା ଗୁରୁବାର ପୋଲିସ ମୁଖ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ମିଳିଥିବା ସୂଚନା ଅନୁଯାୟୀ, ପାରଳାଖେମୁଣ୍ଡି ଏସ୍‌ଡିପିଓ ଠାକୁର ପ୍ରସାଦ ପାତ୍ରଙ୍କୁ ପଦୋନ୍ନତି ଦିଆଯାଇ ଗଞ୍ଜାମ ଅତିରିକ୍ତ ଏସ୍‌ପି ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ଭୁବନେଶ୍ୱର ଏସ୍‌ଟିଏଫ, ସିଆଇଡି ସିବି ଡିଏସ୍‌ପି ତେଜରାଜ ପଟେଲଙ୍କୁ ଭୁବନେଶ୍ୱର ଏସ୍‌ଟିଏଫ, ସିଆଇଡି ସିବି ଅତିରିକ୍ତ ଏସ୍‌ପି, ଆଠମଲ୍ଲିକ ଏସ୍‌ଡିପିଓ ଏସ୍.କେ. ଅବଦୁଲ କରିମଙ୍କୁ ଭୁବନେଶ୍ୱର ଓଏଚ୍‌ଆରସି ଅତିରିକ୍ତ ଏସ୍‌ପି, ଭଦ୍ରକ ପିସିଆର ସେଲ ଡିଏସପି ସୁରଶ ଚନ୍ଦ୍ର ଜେନାଙ୍କୁ କନ୍ଧମାଳ ଅତିରିକ୍ତ ଏସ୍‌ପି, କଟକ ଏସ୍‌ପି ମୁଖ୍ୟ କାର୍ଯ୍ୟାଳୟ ଡିଏସ୍‌ପି ତଥା ବର୍ତ୍ତମାନ ରାଜ୍ୟ ମହିଳା କମିଶନର ବରିଷ୍ଠ ଫିଲ୍ଡ ଅଫିସର ଭାବେ ଡେପୁଟେଶନ୍‌ରେ ଥିବା ବିଜୟା ବରୱାଙ୍କୁ ଏନ୍‌ସିଆର ତାଳଚେରସ୍ଥିତ ଡିଆଇଜି ପୋଲିସ କାର୍ଯ୍ୟାଳୟରେ ଅତିରିକ୍ତ ଏସ୍‌ପି, ଭୁବନେଶ୍ୱର ଓଏଚ୍‌ଆରସି ଅତିରିକ୍ତ ଏସ୍‌ପି ତପସ୍ୱିନୀ ଆରୁଖଙ୍କୁ ଢେଙ୍କାନାଳ ଅତିରିକ୍ତ ଏସ୍‌ପି, ଏନ୍‌ସିଆର ତାଳଚେର ଡିଆଇଜି ପୋଲିସ କାର୍ଯ୍ୟାଳୟ ଅତିରିକ୍ତ ଏସ୍‌ପି ତଥା ଝାରସୁଗୁଡାରେ ଡେପୁଟେଶନରେ ଥିବା ନୃପ ଚରଣ ଦଣ୍ଡସେନାଙ୍କୁ ଝାରସୁଗୁଡା ଅତିରିକ୍ତ ଏସ୍‌ପି, ଭୁବନେଶ୍ୱର ସାମୁଦ୍ରିକ ଓ ତଟରକ୍ଷୀ ଡିସିପି ରବୀନ୍ଦ୍ରନାଥ ମହାପାତ୍ରଙ୍କୁ ଭୁବନେଶ୍ୱର-କଟକ କମିଶନରେଟ୍ ଅତିରିକ୍ତ ଡିସିପି, ରାଉରକେଲା ଇନ୍ସପେକ୍ଟର ରବିନାରାୟଣ ପାଢୀଙ୍କୁ ରାଉରକେଲା ଏସ୍‌ପିଙ୍କ କାର୍ଯ୍ୟାଳୟ ଡିଏସ୍‌ପି ଇନଚାର୍ଜ, ଭୁବନେଶ୍ୱର ଇନ୍ସପେକ୍ଟର ଅନିଲ କୁମାର ବେଉରିଆଙ୍କୁ ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସ ଏସିପି ଇନ୍‌ଚାର୍ଜ ଭାବେ ପଦୋନ୍ନତି ଦିଆଯାଇଛି।


M-40

ମତ୍ସ୍ୟ ନିର୍ଦ୍ଦେଶାଳୟ,ଓଡିଶା,କଟକ

**DIRECTORATE OF FISHERIES, ODISHA, CUTTACK**

Ph-0671-2414061, Fax-0671-2410521, E-mail Id- director.odifish@gmail.com

Notice No.12795/F P & F – XVII- 14/19 / Dated. 24.10.2019

**SHORT QUOTATION CALL NOTICE**

Directorate of Fisheries, Odisha, Cuttack invites Sealed Quotations from interested firms/ Suppliers/ Printing press/ Publishers for printing of Matsya Darpan (News Letter) & Leaflets for the Directorate of Fisheries, Odisha, Cuttack. The rates shall remain valid for a period of one year. The details in this regard can be downloaded from the FISHFED Website: - www.fishfedodisha.com. Last date of submission of quotation is 31st October, 2019 at 11:00 A.M.

-Sd-
Director of Fisheries,
Odisha, Cuttack

06015/11/0015/1920



**PARADIP PORT TRUST**

No. EM/MM/P/GAS/02/2018/768
Dt.22/10/2019

**e-Tendering Notice**

Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from manufacturers/ authorized dealers/ distributer for supply of **Industrial Oxygen and Dissolved Acetylene Gas**. The last date and time of submission of the tender is 17.15 Hours on Dt. 13/11/2019. For details, log on to website **https://eprocure.gov.in/eprocure/app.**

PPT/PR/405/19-20 Date 24.10.2019
Sr. Dy. Materials Manager



**DISTRICT PROJECT OFFICER, SAMAGRA SHIKSHA, SUBARNAPUR**

No. 1630 Dt. 19.10.19

**OFFICE ORDER**

Applications are invited from the eligible Female candidates for the Post of Warden, Head Cook, Cook and Lady Peon for engagement in different Posts remain vacant/ likely to be vacant and empanelment of candidates against the Post to be vacant in future in KGBVs. The engagement is purely temporary and terminable at any time without assigning any reason thereof. The details of vacancies, qualifications, selection as well as other criteria and prescribed application forms can be available in the District Project Office in all working days and District website **www.subarnapur.nic.in** and OPEPA, Bhubaneswar website **www.opepa.nic.in**. The application is prescribed format along with all required documents and testimonials should be submitted to the Office of the **District Project Coordinator, SSA, Subarnapur by 21 Nov. at 5 PM in Registered Post/ Courier.** Incomplete applications and applications received late will be rejected.

**Sd./- Collector and Chairperson,**
**Samagra Shiksha, Subarnapur**



**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
**OFFICE OF THE SR. GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/P.O – CHIPLIMA– 768026, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661, Email-hpschiplima@yahoo.in, Fax No. (0663) 2460505

No.-CHEP/TW-219 (Vol.-III)/3459 Date: 23.10.2019

**'e'-Procurement Notice**

No.CAD-500 :- TENDER CALL NOTICE NO.-CHEP-14/2019-20

**Unit Head, CHEP, Chiplima invites percentage rate tenders in two parts** for the civil work mentioned below, from the 'D' & 'C' class of Contractors registered with the State Govt. of Odisha and Contractors of equivalent grade / class registered with Central Govt / MES / Railway for execution of civil works;

| Sl. No. | Name of the Work | Estimated cost / E.M.D. in Rs. | Cost of tender specification | Contract / Completion Period |
|---|---|---|---|---|
| 1 | Annual Up-keeping & Cleaning of different areas of Non-Residential Buildings of CHEP, Chiplima (Outside of Power House). | Rs.9,72,798/- EMD = Rs.9,750/- | Rs.4,720.00 (Rs.4,000.00 + GST@18%) | 1 Year |
| 2 | Annual Up-keeping & Cleaning of Residential Colony of CHEP, Chiplima. | Rs.3,51,245/- EMD = Rs.3,550/- | Rs.2,360.00 (Rs.2,000.00 + GST@18%) | 1 Year |
| 3 | Repair of Compressor Room of Power House, CHEP, Chiplima. | Rs.4,39,995/- EMD = Rs.4,400/- | Rs.2,360.00 (Rs.2,000.00 + GST@18%) | 45 Days |

For further details and downloading of tender documents, Terms & Conditions, eligibility criteria, please visit website **https://tendersodisha.gov.in from 11:00 AM of dtd.28.10.2019 up to 04:00 PM of dtd.07.11.2019.**

04006/11/0008/1920 Sd/- Unit Head, CHEP, Chiplima



## ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଆସିକା

### ବିଜ୍ଞାପନ

ପରିଷଦର ବିଜ୍ଞାପନ ସଂଖ୍ୟା ୧୧୩୫, ତା୧୬।୦୬।୨୦୧୮ରିଖ ଅନୁଯାୟୀ ବିଜୁପଟ୍ଟନାୟକ ଛକରେ ୨୦ଗୋଟି ଦୋକାନ ଗୃହ ଭଡ଼ା ସୂତ୍ରରେ ଦିଆଯିବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ସେହି ବିଜ୍ଞାପନ ସରକାର ଗୃହ ଓ ପୌର ଉନ୍ନୟନର ପତ୍ରସଂଖ୍ୟା ୭୭୧୮, ତା୨୩।୦୩।୨୦୧୮ରିଖ ଅନୁଯାୟୀ ହୋଇନଥିବାରୁ ସେହି ବିଜ୍ଞାପନକୁ ରଦ୍ଦ କରାଯାଇ ପୁନର୍ବାର ଦରଖାସ୍ତ ବିଜ୍ଞାପନ ସଂଖ୍ୟା: ୧୦୭୪, ତା୨୬।୦୮।୨୦୧୯ରେ ଆହ୍ୱାନ କରାଯାଇଥିଲା। ମାତ୍ର ୪ଗୋଟି ଦରଖାସ୍ତ ଆସିବାରୁ ପୁନର୍ବାର ରଦ୍ଦ କରାଯାଇ ଜନସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ଯେ, ଯେଉଁ ବ୍ୟକ୍ତିମାନେ ଆବେଦନ କରିଥିଲେ ସେହି ବ୍ୟକ୍ତିମାନେ ପୁନର୍ବାର ବିନା ମୂଲ୍ୟରେ ନିଲାମ ଫର୍ମ କାର୍ଯ୍ୟାଳୟରୁ ଆସନ୍ତା ତା୨୫।୧୦।୨୦୧୯ରିଖଠାରୁ ୦୫।୧୧।୨୦୧୯ ମଧ୍ୟରେ ଫର୍ମ ସହ ସର୍ତ୍ତାବଳୀ ସଂଗ୍ରହ କରି ପୁନର୍ବାର ଦରଖାସ୍ତ କରିପାରିବେ। ଧାର୍ଯ୍ୟ ତାରିଖ ପରେ ଆବେଦନ ଫର୍ମ ଗ୍ରହଣଯୋଗ୍ୟ ନୁହଁ।

ନୂତନ ଭାବେ ଦରଖାସ୍ତ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ କାର୍ଯ୍ୟାଳୟରୁ ନିର୍ଦ୍ଧାରିତ ନିଲାମ ଫର୍ମ ଟ.୧୦୦୦/- ଦେୟ କରି ଉପରୋକ୍ତ ଦିବସଗୁଡ଼ିକରେ କ୍ରୟ କରିପାରିବେ।

ଯେଉଁ ଦରଖାସ୍ତ ବ୍ୟକ୍ତିମାନେ ପରିଷଦ ତରଫରୁ ଦିଆଯାଇଥିବା ଅମାନତ ୪୦,୦୦୦/- ଟଙ୍କାଠାରୁ ଅଧିକ ଦରରେ ନେବା ପାଇଁ ଇଚ୍ଛୁକ ଥିବା ଦରଖାସ୍ତକାରୀଙ୍କ ସର୍ବୋଚ୍ଚ ମୂଲ୍ୟର କ୍ରମାନ୍ୱୟରେ ଦୋକାନଗୃହ ଆବଣ୍ଟନ କରାଯିବ।

ସ୍ୱା./- ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଆସିକା



**State Health Assurance society,**
**Health & Family Welfare Department, Govt. of Odisha**
**Bhubaneswar- 751012, District- Khorda (Odisha)**
**Phone No.- 0674-2560311, Email ID: snaodisha@gmail.com**

No. E-433

**WALK-IN-INTERVIEW**

**Adv. No.: 03/2019** **Date: 24.10.2019**

A Walk-in-interview will be conducted as scheduled below for the post of Claim Panel Doctor (Part Time) under the **State Health Assurance Society, Odisha** on contract basis for the period of one year and subject to renewal as per **Society** terms and conditions. The position is purely temporary and co-terminus with the scheme.

| Sl. No | Name of the Post | Remuneration | Vacancy |
|---|---|---|---|
| 01 | Claim Panel Doctor (Part Time) | Rs.150/- per claim | 12 |

Interested specialists can log on to **www.nhmodisha.gov.in** for details of vacancy, eligibility criteria, age, selection procedure etc. Specialists fulfilling the eligibility criteria may appear for registration & consequently for interview if eligible, on date 13.11.2019 from 10:30 A.M. onwards. No application will be received after scheduled date & time of registration.

**Venue: - Mission Directorate (National Health Mission), Annex Building of SHI&FW, Nayapalli, Unit-8, Bhubaneswar, District- Khorda, Pin- 751012, Odisha.**

Sd/- Chief Executive Officer
State Health Assurance Society, Odisha

10001/11/0008/1920



**CSIR-INSTITUTE OF MINERALS AND MATERIALS TECHNOLOGY**
**ACHARYA VIHAR, BHUBANESWAR-751013**

**Walk-in-Interview for Project Staff on 11th November 2019**

CSIR-Institute of Minerals and Materials Technology (IMMT), Bhubaneswar requires **06 positions of Project Staff** in its ongoing project entitled, **"Farm based S&T intervention for socio-economic development in the aspirational District of Nabarangpur, Odisha"**. The requirement covers:

- Master degree in Public Health/Life Science/Biotechnology/Social Science
- Master degree with two years of experience in rural developmental activities
- +2 pass or equivalent with one-year experience or training in rural developmental activities
- +2 pass in science with biology and with or without Diploma in Laboratory Technology (DMLT)
- Graduate in Science or Diploma in Animal Husbandry/Poultry Science

**The positions are co-terminus with the project i.e. up to 31st March 2020.** The details regarding application, essential qualifications, job requirement, monthly emoluments, date and time of interview and other terms and conditions **please visit CSIR-IMMT website: www.immt.res.in.**

*Advt. No. RDPD/P44/2019* *R&D PLANNING DEPT*



'ପଦ୍ମାବତ୍' ଅବତାରରେ ମୋତେ ମୋ ସ୍ତ୍ରୀ ମୀରା ଦେଖିବାକୁ ପସନ୍ଦ କରନ୍ତି ନାହିଁ।

-ସାହିଦ୍ କପୁର,
ବଲିଉଡ୍ ଅଭିନେତା





# କିଆରାଙ୍କ ଦମ୍ଦାର କିକ୍ ବକ୍ସିଂ

**ମୁମ୍ବାଇ:** ଆପଣ ଜାଣନ୍ତି କି ବଲିଉଡ୍ ଆକ୍ଟ୍ରେସ୍ କିଆରା ଆଡଭାନୀ ଜଣେ ଭଲ ଅଭିନେତ୍ରୀ ହେବାସହ ଫିଟ୍‌ନେସ୍ ଫ୍ରିକ୍ ମଧ୍ୟ। ସେ ଅନେକ ସମୟରେ ନିଜର ୱାର୍କ-ଆଉଟ୍ ଭିଡିଓ ଓ ଫଟୋ ସୋସିଆଲ୍ ମିଡିଆରେ ଶେୟାର କରିଥାନ୍ତି। ତେବେ ନିକଟରେ କିଆରାଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ସହ ଖୁବ୍ ପସନ୍ଦ କରାଯାଉଛି। ଭିଡିଓରେ କିଆରା ନିଜ ବକ୍ସିଂ ମୁଭ୍‌ସ ଦେଖାଉଛନ୍ତି।
ଏହି ଭିଡିଓରେ ସେ କିକ୍ ବକ୍ସିଂର ଜବରଦସ୍ତ ଟ୍ରେନିଂ ନେଉଥିବା ଦେଖିବାକୁ ମିଳିଛି। କିଆରାଙ୍କ ଏଭଳି ଭିଡିଓକୁ ଲୋକେ ଖୁବ୍ ପସନ୍ଦ କରିବାସହ ପ୍ରେରଣା ମଧ୍ୟ ପାଉଥିବା କହିଛନ୍ତି।
ତେବେ ଫିଲ୍ମ 'କବୀର ସିଂହ' ବକ୍ସ ଅଫିସ୍‌ରେ ହିଟ୍ ହେବା ପରେ କିଆରା ଏବେ ନିଜ ଅପ୍‌କମିଂ ଫିଲ୍ମ 'ଇନ୍ଦୁ କି ଜୱାନୀ'ର ଶୁଟିଂ ପାଇଁ ବ୍ୟସ୍ତ ଅଛନ୍ତି। ଫିଲ୍ମର କାହାଣୀ ଅନ୍‌ଲାଇନ୍ ଡେଟିଂ ଉପରେ ଆଧାରିତ। ଫିଲ୍ମକୁ ନେଇ କିଆରା ଖୁବ୍ ଉତ୍ସାହିତ ଥିବା କହିଛନ୍ତି। ସେ କହିଛନ୍ତି ଇନ୍ଦୁ ପ୍ରତିଟି ଭାରତୀୟ ଯୁବତୀଙ୍କ କାହାଣୀ। ଏହି ଚରିତ୍ରକୁ ବାସ୍ତବରେ ବଞ୍ଚିବାର ସମୟ ଆସିଯାଇଛି। ପୂରା ଟିମ୍ ସହ କାମ କରିବାକୁ ସେ ବେଶ୍ ଉତ୍ସାହିତ ଥିବା କହିଛନ୍ତି। ଫିଲ୍ମ 'ଇନ୍ଦୁ କି ଜୱାନୀ'କୁ ଅବୀର ସେନଗୁପ୍ତା ନିର୍ଦ୍ଦେଶନା ଦେଉଥିବାବେଳେ ଆସନ୍ତା ୨୦୨୦ ଜୁନ ୫ରେ ଏହା ରିଲିଜ୍ ହେବ ବୋଲି ସୂଚନା ରହିଛି।

# ଆସିଗଲେ ଚୁଲ୍‌ବୁଲ୍ ପାଣ୍ଡେ
## 'ଦବଙ୍ଗ-୩' ଟ୍ରେଲର୍ ରିଲିଜ୍



**ମୁମ୍ବାଇ:** ବଲିଉଡ୍ ଭାଇଜାନ୍ ସଲମାନ୍ ଖାନ୍‌ଙ୍କ ପ୍ରଶଂସକଙ୍କ ପାଇଁ ଏକ ଖୁସି ଖବର। ରିଲିଜ୍ ହୋଇଯାଇଛି ବହୁ ପ୍ରତୀକ୍ଷିତ ଫିଲ୍ମ 'ଦବଙ୍ଗ-୩'ର ଟ୍ରେଲର୍। ପୁଣିଥରେ ଚୁଲ୍‌ବୁଲ୍ ପାଣ୍ଡେ ଧମାକା କରିବାକୁ ଫେରିଛନ୍ତି। ଏଥର ଫିଲ୍ମରେ ଚୁଲ୍‌ବୁଲ୍ ପାଣ୍ଡେଙ୍କ ଅତୀତର କାହାଣୀ ମଧ୍ୟ ଦେଖିବାକୁ ମିଳିବ ବୋଲି ଟ୍ରେଲର୍‌ରୁ ସ୍ପଷ୍ଟ ହୋଇଯାଇଛି।
ସଲମାନ୍ ନିଜେ ସୋସିଆଲ ମିଡିଆରେ ପ୍ରଥମେ ଫିଲ୍ମର ଟ୍ରେଲର୍ ଶେୟାର କରିଛନ୍ତି। ଏହାସହ ସେ ଦର୍ଶକଙ୍କୁ ଫିଲ୍ମ ଦେଖିବାକୁ ଅନୁରୋଧ ମଧ୍ୟ କରିଛନ୍ତି। ସେହିପରି ସୋନାକ୍ଷୀ ସିହ୍ନା ମଧ୍ୟ ଟ୍ରେଲର୍‌ଟିକୁ ସୋସିଆଲ ମିଡିଆରେ ଶେୟାର କରି ଲେଖିଛନ୍ତି, "ପୁଣିଥରେ ଆପଣମାନଙ୍କ ହୃଦୟ ଜିତିବାକୁ ଆସିଗଲା ଚୁଲ୍‌ବୁଲ୍ ପାଣ୍ଡେ।" ଫିଲ୍ମରେ ସୋନାକ୍ଷୀ ପୁଣି ରଜ୍ଜୋ ଭୂମିକାରେ ହିଁ ନଜରକୁ ଆସିବେ। ସଲମାନ୍‌ଙ୍କ ଦବଙ୍ଗ ଷ୍ଟାଇଲ୍ ଏଣ୍ଟ୍ରି ଓ ଦମ୍‌ଦାର ଡାଏଲଗ୍ ସହ ଟ୍ରେଲରଟି ଆରମ୍ଭ ହୋଇଛି। ସଲମାନ୍ କହୁଛନ୍ତି, "ଜଣେ ଥାଏ ପୋଲିସୱାଲା, ଜଣେ ଥାଏ ଗୁଣ୍ଡା, ଆଉ ମୋତେ କୁହାଯାଏ ପୋଲିସୱାଲା ଗୁଣ୍ଡା।" ଏହାସହ ସଲମାନ୍‌ଙ୍କ ଅନେକ ଡାଏଲଗ୍ ଟ୍ରେଲର୍‌ରେ ରହିଛି। ଚୁଲ୍‌ବୁଲ୍ ପାଣ୍ଡେଙ୍କ ଅତୀତର ଝଲକ୍ ମଧ୍ୟ ଟ୍ରେଲର୍‌ରେ ଦେଖିବାକୁ ମିଳିଛି। ସଲମାନ୍‌ଙ୍କ ଦୁଇ ହିରୋଇନ୍ ସୋନାକ୍ଷୀ ସିହ୍ନା ଓ ସାଇ ମାଞ୍ଜରେକରଙ୍କୁ ମଧ୍ୟ ଦମ୍‌ଦାର୍ ଭୂମିକାରେ ଦେଖିବାକୁ ମିଳିଛି। ସେହିପରି ସୁଦୀପଙ୍କ ଭିଲେନ୍ ଲୁକ୍ ଓ ଷ୍ଟାଇଲ୍ ମଧ୍ୟ ବେଶ୍ ଦମ୍‌ଦାର୍ ହୋଇଛି। ଏହାସହ ଟ୍ରେଲର୍‌ରେ ଦେଖିବାକୁ ମିଳିଛି ଫାଇଟ୍ ସିନ୍‌ରେ ହାଲ୍‌କା ହାଲ୍‌କା କମେଡିର ଛୁଙ୍କ, ଯାହା ଫିଲ୍ମ ଦେଖିବାକୁ ଦର୍ଶକଙ୍କୁ ନିଶ୍ଚୟ ସିନେମା ହଲ୍‌କୁ ଟାଣି ନେବ ବୋଲି ଆଶା କରାଯାଉଛି। ଡିସେମ୍ବର ୨୦ରେ ଫିଲ୍ମଟି ରିଲିଜ୍ ହେବ।

# ପଦ୍ମଶ୍ରୀ ଜଗଦୀଶଙ୍କ ଅର୍ଗାନିକ୍ ଫାର୍ମିଂ

**ସିକର୍ (ରାଜସ୍ଥାନ):** କଥାରେ ଅଛି ଚାଷ କାମ ଯାହାର, କେତେ ସୁଖ ତାହାର। ହେଲେ ଏବେ ପ୍ରତିକୂଳ ପାଣିପାଗ, ପ୍ରାକୃତିକ ବିପର୍ଯ୍ୟୟ ଏବଂ ମାଟିର ଉର୍ବରତା କମିବା କାରଣରୁ ଚାଷୀ ଭଲ ଫସଲ ଅମଳ କରିବାରେ ବିଫଳ ହେଉଛନ୍ତି। ଏହି କାରଣରୁ ଚାଷୀ ସୁଖୀ ହେବା ବଦଳରେ ଚାଷ କାମ ଛାଡ଼ି ପେଟପାଟଣା ପାଇଁ ଅନ୍ୟ ରାସ୍ତା ବାଛୁଛନ୍ତି। ମାତ୍ର ରାଜସ୍ଥାନର ଜଣେ ପରିବା ଚାଷୀ ନିଜ ଜମିରେ ସୁନା ଫଳାଉଛନ୍ତି। ଫଳରେ ସେ ଚାଷ କାର୍ଯ୍ୟକୁ ନେଇ ଦୁଃଖ ଅନୁଭବ କରିବା ବଦଳରେ ତାହା ତାଙ୍କ ପାଇଁ ଅନେକ ସଫଳତା ଏବଂ ସମ୍ମାନ ଆଣିଦେଇଛି। ସେହି ସଫଳ

## ଜମିରୁ ଫଳାଉଛନ୍ତି ୮୬ କେଜିର କଖାରୁ, ୨୫ କେଜିର ଫୁଲକୋବି



ଚାଷୀ ଜଣକ ହେଉଛନ୍ତି ରାଜସ୍ଥାନର ସିକର୍ ଜିଲା ଅନ୍ତର୍ଗତ ଅଜିତ୍‌ଗଡ଼ ଗ୍ରାମର ୭୨ ବର୍ଷୀୟ ପଦ୍ମଶ୍ରୀ ଜଗଦୀଶ୍ ପାରିଖ୍। ୧୯୭୦ରୁ ସେ ଅର୍ଗାନିକ୍ ଫାର୍ମିଂ(ଜୈବିକ ଚାଷ) ଆରମ୍ଭ କରିଥିଲେ। ଫୁଲକୋବିରୁ ସେ ଚାଷ କାର୍ଯ୍ୟ ଆରମ୍ଭ କରିଥିବାବେଳେ ପରେ ଏହାର କିସମ ଉପରେ ଅନୁସନ୍ଧାନ କରି ନିଜର ନୂତନ କିସମ ସୃଷ୍ଟି କରିଥିଲେ। ଏହି ନୂତନ କିସମ ମାଧ୍ୟମରେ ସେ ୨୫ କେଜିରୁ ଊର୍ଦ୍ଧ୍ୱ ଓଜନର ଫୁଲକୋବି, ୮୬ କେଜିର କଖାରୁ(ପମ୍ପ୍‌କିନ୍) ୩ଫୁଟ ଲମ୍ବର ବାଇଗଣ, ୭ଫୁଟ ଲମ୍ବର ଜହ୍ନି, ସାଢ଼େ ୩ ଫୁଟ ଲମ୍ବର ଗାଜର ଏବଂ ଗୋଟିଏ ଗଛରୁ ୧୫୦ ଲଙ୍କା ଅମଳ କରି ସମସ୍ତଙ୍କୁ ଚକିତ କରିସାରିଛନ୍ତି। ମାତ୍ର କୌଣସି ରାସାୟନିକ ସାର ପ୍ରୟୋଗ କରି ଏହି ପରିବା ଅମଳ କରୁନାହାନ୍ତି, ବରଂ ଜୈବିକ ଚାଷ ପ୍ରଣାଳୀକୁ ଆପଣାଇ ଏଭଳି ଉନ୍ନତ ପରିବା ଫଳାଇଛନ୍ତି। ଉଲ୍ଲେଖନୀୟ ବିଷୟ ଯେ, ଜଗଦୀଶ୍ ଅମଳ କରିଥିବା ପରିବା ପୂର୍ବତନ ରାଷ୍ଟ୍ରପତି ଡ଼. ଏପିଜେ ଅବ୍‌ଦୁଲ୍ କଲାମ୍, ପ୍ରତିଭା ପାଟିଲ୍ ଏବଂ ପ୍ରଣବ ମୁଖାର୍ଜୀଙ୍କୁ ଉପହାର ସ୍ୱରୂପ ଦେଇଛନ୍ତି। ଏବେକାର ସମୟରେ ରାସାୟନିକ ସାର ପ୍ରୟୋଗ ଦ୍ୱାରା ମାଟିର ଉର୍ଭର କମିଯାଉଥିବାବେଳେ ବିଷାକ୍ତ ପନିପରିବାରୁ ଅନେକ ରୋଗ ମଧ୍ୟ ସୃଷ୍ଟି ହେଉଛି। ମାତ୍ର ଜଗଦୀଶ୍‌ଙ୍କ ଚାଷ କ୍ଷେତ୍ରରେ ବିଭିନ୍ନ ପରୀକ୍ଷା ନିରୀକ୍ଷା ଏବଂ ସୁସ୍ଥ ଚାଷ ପ୍ରଣାଳୀ ସମସ୍ତ ଚାଷୀ ଭଉଣୀ ଭାଇଙ୍କ ପାଇଁ ନିଶ୍ଚିତଭାବେ ପ୍ରେରଣା।

# ନୱାଜ୍-ସନୀଙ୍କ 'ବଢ଼ିୟାଁ ବୁଝାଦୋ'



**ମୁମ୍ବାଇ:** ବଲିଉଡ୍ ଫିଲ୍ମ 'ମୋତିଚୂର୍ ଚକ୍‌ନାଚୂର୍'କୁ ନେଇ ଦର୍ଶକଙ୍କ ଉତ୍ସାହ ଲାଗି ରହିଛି। ଫିଲ୍ମର ଟ୍ରେଲର୍ ଦର୍ଶକଙ୍କ ସମେତ ସିନେ ସମୀକ୍ଷକଙ୍କୁ ମଧ୍ୟ ପସନ୍ଦ ଆସିଥିବାବେଳେ ଏବେ ଫିଲ୍ମର ଏକ ରୋମାଣ୍ଟିକ୍ ଗୀତ 'ବଢ଼ିୟାଁ ବୁଝାଦୋ' ରିଲିଜ୍ ହୋଇଛି। ଫିଲ୍ମର ଏହି ରୋମାଣ୍ଟିକ୍ ଟ୍ରାକ୍‌ରେ ବଲିଉଡ୍ ଭର୍ସାଟାଇଲ୍ ଆକ୍ଟର ନୱାଜୁଦ୍ଦୀନ ସିଦ୍ଦିକୀଙ୍କ ସହ ସନୀ ଲିଓନୀଙ୍କୁ ଦେଖିବାକୁ ମିଳିଛି। ଯେମିତି କି ସମସ୍ତେ ଜାଣନ୍ତି ସନୀଙ୍କ ସବୁ ଡ୍ୟାନ୍ସ ଟ୍ରାକ୍‌ଗୁଡ଼ିକ ହିଟ୍ ହୋଇଥାଏ। ସେହିପରି 'ବଢ଼ିୟାଁ ବୁଝାଦୋ' ମଧ୍ୟ ଏକ ଡ୍ୟାନ୍ସ ଟ୍ରାକ୍ ହୋଇଥିବାବେଳେ ଏହାକୁ ଲୋକେ ଖୁବ୍ ପସନ୍ଦ କରୁଛନ୍ତି। ଗୀତଟିକୁ ଗାଇଛନ୍ତି ଜ୍ୟୋତିକା ଟାଙ୍ଗରା ଏବଂ ରାମଜୀ ଗୁଲାଟି। ଏହି ରୋମାଣ୍ଟିକ୍ ଟ୍ରାକ୍‌ରେ ଲାଲ୍ ରଙ୍ଗର ଶାଢ଼ି ପିନ୍ଧି ସନୀ ନୱାଜ୍‌ଙ୍କ ସହ ଝୁମୁଥିବା ଦେଖିବାକୁ ମିଳିଛି। 'ବଢ଼ିୟାଁ ବୁଝାଦୋ'ରେ ସନୀ ଜବରଦସ୍ତ ଲୁକ୍ସ, ଏକ୍ସପ୍ରେଶନ ଆଉ ଡ୍ୟାନ୍ସ କରିଛନ୍ତି, ତାହା ପୁଣି ନୱାଜ୍‌ଙ୍କ ଭଳି ଇନ୍‌ଟେନ୍ସ ହିରୋଙ୍କ ସହ। ଫିଲ୍ମ 'ମୋତିଚୂର୍ ଚକ୍‌ନାଚୂର୍'ରେ ନୱାଜୁଦ୍ଦୀନ୍ ସିଦ୍ଦିକୀ ଏବଂ ଆଥିୟା ସେଟ୍ଟୀ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ଦୁହେଁ ପ୍ରଥମ ଥର ଏକାଠି ଅଭିନୟ କରୁଛନ୍ତି। ଫିଲ୍ମରେ ନୱାଜ୍‌ଙ୍କୁ ଜଣେ ୩୬ ବର୍ଷୀୟ ଯୁବକଙ୍କ ଚରିତ୍ରରେ ଦେଖିବାକୁ ମିଳିବ, ଯିଏ ବିବାହ କରିବାକୁ ବ୍ୟାକୁଳ ଥାଆନ୍ତି। ଅନ୍ୟପଟେ ଆଥିୟା ବିଦେଶ ଯିବା ପାଇଁ କିଛି ବି କରିବାକୁ ପ୍ରସ୍ତୁତ ଥାଆନ୍ତି। ତେବେ ଉଭୟଙ୍କ କିଭଳି କନେକ୍ସନ ହୁଏ, ତାହା ଦେଖିବାକୁ ଦର୍ଶକଙ୍କୁ ନଭେମ୍ବର ୧୫ ଯାଏଁ ଅପେକ୍ଷା କରିବାକୁ ପଡ଼ିବ।

# ଭଲ ନମ୍ବର ପାଇଁ ଶିକ୍ଷକଙ୍କ ନିଦ ହଜିଯିବ



**ଚଣ୍ଡିଗଡ଼:** ହରିୟାଣା ସ୍କୁଲ୍‌ରେ ପିଲାମାନଙ୍କ ସହ ଶିକ୍ଷକମାନେ ବି ଭଲ ନମ୍ବର ରଖିବାକୁ ଏଥର କସରତ କରିବା ଆରମ୍ଭ କରିଦେବେ । ସରକାରୀ ପ୍ରାଥମିକ ସ୍କୁଲ୍‌ରେ ଶିକ୍ଷାର ମାନ ତଥା ଭିତ୍ତିଭୂମି ବିକାଶ କରିବା ଲକ୍ଷ୍ୟରେ ଶିକ୍ଷାବିଭାଗ ଏମିତି ଏକ ଗ୍ରେଡ୍ ସିଷ୍ଟମ ଲାଗୁ କରିଛି। ଏଥିପାଇଁ କିଛି ମାନକ ମଧ୍ୟ ସ୍ଥିର କରାଯାଇଛି। ଯେଉଁ ସ୍କୁଲ୍ ଭଲ ଗ୍ରେଡ୍‌ରେ ରହିବ ତାକୁ ଅନ୍ୟ ସ୍କୁଲ୍ ଅପେକ୍ଷା ଅଧିକ ଅନୁଦାନ ମିଳିବା ବ୍ୟବସ୍ଥା କରାଯାଇଛି। ସ୍କୁଲ୍‌ର ଫଳାଫଳ,ଭିତ୍ତିଭୂମି,ପିଲାଙ୍କ ଉପସ୍ଥାନ ଓ ସ୍କୁଲ୍‌ରେ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ଆଧାର କରି ଗ୍ରେଡ୍ ଦିଆଯିବ ବୋଲି କୁହାଯାଇଛି। ଏ ସମ୍ବନ୍ଧରେ ସ୍କୁଲଗୁଡିକ ସମ୍ପୃକ୍ତ ବିଭାଗକୁ ଅବଗତ କରିବା ପରେ ଗ୍ରେଡ୍ ମିଳିବ । ୧୦୦ ନମ୍ବରରୁ ଯେଉଁ ସ୍କୁଲ୍ ଯେତେ ନମ୍ବର ରଖିବ ସେହି ଅନୁସାରେ ତାକୁ ଗ୍ରେଡ୍ ଦିଆଯିବ । ଶୈକ୍ଷିକ ପ୍ରଦର୍ଶନ ପାଇଁ ୫୦ ନମ୍ବର, ଭିତ୍ତିଭୂମି ପାଇଁ ୨୦ ଓ କାର୍ଯ୍ୟକ୍ରମ ପାଇଁ ୧୦ ରଖାଯାଇଛି। ବାକି ରେଜଲ୍ଟକୁ ଆଧାର କରି ସ୍କୁଲ୍‌କୁ ନମ୍ବର ମିଳିବ। ଏମିତି ସିଷ୍ଟମ୍‌ରେ ପିଲାଙ୍କ ଭଳି ଭଲ ନମ୍ବର ରଖି ଭଲ ଗ୍ରେଡ୍ ପାଇବା ପାଇଁ ଶିକ୍ଷକମାନେ ବି ଦିନରାତି ଲାଗିପଡିଲେଣି।

# ସ୍କୁଲ୍ ଆସୁଛି ମୟୂର

**ମହୁଆ:** ଟପୁ ସ୍କୁଲ୍‌କୁ ଆସୁଛି। ପିଲାଙ୍କ ସହ ଖେଳୁଛି। ପଢା ହେବାବେଳେ ଚୁପ୍ ହୋଇ ବସୁଛି। ଏହା ଶୁଣି ଭାବୁଥିବେ ଟପୁ ଛୋଟ ପିଲାଟେ ହୋଇଥିବ। ନା, ଗୁଜରାଟର ମହୁଆ ଅନ୍ତର୍ଗତ ଡୁଙ୍ଗରୀ ଗାଁର ପ୍ରାଥମିକ ସ୍କୁଲ୍‌କୁ ନିୟମିତ ଆସୁଥିବା ମୟୂରର ନାଁ ହିଁ ଟପୁ। ସ୍କୁଲ୍ ପିଲା ଶ୍ରଦ୍ଧାରେ ଏମିତି ନାଁ ଦେଇଛନ୍ତି। ସ୍କୁଲ୍ ଘଣ୍ଟି ବାଜିବା କ୍ଷଣି ଯୁଆଡ଼େ ଥିଲେ ମୟୂରଟି ଆସି ସ୍କୁଲ୍‌ରେ ପହଞ୍ଚିଯାଉଛି। ଛୁଟି ହେଲେ ପୁଣି ପିଲାଙ୍କ ସହ ଚାଲି ଯାଉଛି। ଏମିତି ଯିବା ଆସିବା ପ୍ରାୟ ଦେଢ ବର୍ଷ ହେବ ଲାଗି ରହିଛି। ମଧ୍ୟାନ୍ତରରେ ସେ ପିଲାଙ୍କ ସହ ଖେଳୁଛି। ଟପୁ ବୋଲି ଡାକିଦେଲେ ସାଙ୍ଗେ ସାଙ୍ଗେ ପାଖକୁ ଆସୁଛି। ପିଲାମାନେ ତା'ର କିଛି କ୍ଷତି କରୁନାହାନ୍ତି କି ସେ ବି ପଢାରେ ବାଧା ଆଣୁନି। ଦିନସାରା ସ୍କୁଲ୍‌ରେ ବୁଲୁଛି। ଏମିତି କି ପିଲାମାନେ ଖାଇବା ବେଳେ ତାଙ୍କ ସହ ଖାଉଛି। ଶିକ୍ଷକ ପଢାଇବାବେଳେ ଚୁପ୍‌ଚାପ ବସୁଛି। ଲାଗୁଛି ସତେ ଯେମିତି ସେ ପଢୁଛି। ଟପୁକୁ ସରସ୍ୱତୀଙ୍କ ବାହନ ମନେକରି ତା'ର ଯତ୍ନ ନେଉଛନ୍ତି ଶିକ୍ଷକ।



# ଚକୋଲେଟ କିଲୋ ୪.୩ ଲକ୍ଷ

**ନୂଆଦିଲ୍ଲୀ:** ଚକୋଲେଟ୍‌କୁ ନେଇ ସବୁବେଳେ ରହିଛି ଆକର୍ଷଣ। ବିଶେଷ କରି ଛୋଟ ପିଲାମାନେ ଏହାକୁ ବେଶ୍ ପସନ୍ଦ ମଧ୍ୟ କରିଥାନ୍ତି। ହେଲେ ଜାଣିଛନ୍ତି କି ଦୁନିଆର ସବୁଠାରୁ ଦାମୀ ଚକୋଲେଟ୍ ପ୍ରସ୍ତୁତ କରିଛି ଭାରତୀୟ ମଲ୍‌ଟିନ୍ୟାଶନାଲ କମ୍ପାନୀ 'ଆଇଟିସି'। ଏହାର ଦାମ ରହିଛି କିଲୋ ପିଛା ୪.୩ ଲକ୍ଷ ଟଙ୍କା। ଦୁନିଆର ସବୁଠାରୁ ମହଙ୍ଗା ଚକୋଲେଟ ଭାବେ ଏହାର ନାମ ଗିନିଜ୍ ବୁକ୍ ଅଫ୍ ରେକର୍ଡରେ ସ୍ଥାନିତ କରାଯାଇଛି। କମ୍ପାନୀର ଚିଫ୍ ଅପରେଟିଂ ଅଫିସର (ଫୁଡ୍ ବିଜନେସ) ଅନୁଜ ରସ୍ତୋଗୀ ଏ ବିଷୟରେ ସୂଚନା ଦେଇ କହିଛନ୍ତି, ମଙ୍ଗଳବାର ବିଶ୍ୱବଜାରରେ ଏହାକୁ ପ୍ରବେଶ କରାଯାଇଛି। ଏହାର ନାମ ରହିଛି 'ଟ୍ରିନିଟି ଟଫଲ୍ ଏକ୍ସଟ୍ରାଅର୍ଡିନାରେ'। ଏହା ହାତ ତିଆରି କାଠ ବାକ୍ସରେ ଉପଲବ୍ଧ ହେବ। ପ୍ରତି ପେଡ଼ିରେ ୧୫ ଗ୍ରାମ ଓଜନ ବିଶିଷ୍ଟ ୧୫ଟି କ୍ୟାଣ୍ଡି ରହିବ। ଏହାର ଦାମ ରହିଛି ୧ ଲକ୍ଷ ଟଙ୍କା। ଅର୍ଥାତ୍ ପ୍ରତି ଚକୋଲେଟ୍ ପ୍ରତି ୬୬୬୭ ଟଙ୍କା ବ୍ୟୟ କରିବାକୁ ପଡ଼ିବ। ସେ ଆହୁରି ମଧ୍ୟ କହିଛନ୍ତି, 'ଟ୍ରିନିଟି ଟଫଲ୍ ଏକ୍ସଟ୍ରାଅର୍ଡିନାରେ' ଦୁନିଆର ଲକ୍‌ଜ୍ୟୁରି ଚକୋଲେଟ ବ୍ରାଣ୍ଡ ମଧ୍ୟରେ ବେଞ୍ଚମାର୍କ ସ୍ଥାପନ କରିଛି। ଫ୍ରାନ୍ସର ବିଖ୍ୟାତ ସେଫ୍ ଫିଲିପ୍ କୋଣ୍ଟିସିନୀ ଏବଂ ଫେବଲ୍‌ସ ମାଷ୍ଟର ଚେକ୍‌ଲେଟିୟର ମିଳିତ ଭାବେ ଏହାକୁ ପ୍ରସ୍ତୁତ କରିଛନ୍ତି।



| Dollar | Sensex | Nifty | Gold | Silver |
|---|---|---|---|---|
| 71.02 (11) | 39,020.39 (38.44) | 11,582.60 (21.50) | 38,945.00 (`75) | 46,520.00 (`110) |

ଇଜ ଅଫ୍ ଡୁଇଙ୍ଗ୍ ବିଜନେସ କ୍ଷେତ୍ରରେ ଭାରତର ର୍ୟାଙ୍କିଙ୍ଗ ପୁନଶ୍ଚ ଉନ୍ନତି ଲାଗି ସରକାର ଜିଏସ୍‌ଟିକୁ ଆହୁରି ସରଳୀକରଣ କରିବେ।
–ନିର୍ମଳା ସୀତାରାମନ, କେନ୍ଦ୍ର ଅର୍ଥମନ୍ତ୍ରୀ



ବ୍ୟାଙ୍କଗୁଡିକ ପକ୍ଷରୁ ସାରା ଦେଶରେ ଆରମ୍ଭ ହୋଇଥିବା ଗ୍ରାହକ ସମ୍ପର୍କ ମେଳା ଏମ୍ଏସ୍ଏମ୍ଇ ଋଣ ଯୋଗାଣକୁ ଉନ୍ନତ କରିବ।
–କୃଷ୍ଣମୂର୍ତ୍ତି ସୁବ୍ରମଣ୍ୟନ, ସିଇଏ



## ସଂକ୍ଷେପରେ

### ଅଭିବୃଦ୍ଧି ପୂର୍ବାନୁମାନ ୫.୫%କୁ ଖସାଇଲା ଫିଚ୍

ନୂଆଦିଲ୍ଲୀ,୨୪-୧୦: ଚଳିତ ଆର୍ଥିକ ବର୍ଷ ଲାଗି ଭାରତର ଅଭିବୃଦ୍ଧି ଆକଳନକୁ ଫିଚ୍ ରେଟିଂ ଏଜେନ୍ସି ୫.୫%କୁ ଖସାଇଛି। ଋଣ ଅଭିବୃଦ୍ଧିରେ ହ୍ରାସ ଏବଂ ଏନ୍‌ବିଏଫ୍‌ସି ଭଳି ସମସ୍ୟା ଯୋଗୁ ଭାରତର ଅଭିବୃଦ୍ଧି ହାର ୬ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଥିବା ଏହି ରେଟିଂ ଏଜେନ୍ସି ପ୍ରକାଶ କରିଛି। ଚଳିତ ଆର୍ଥିକ ବର୍ଷ ଲାଗି ଭାରତର ଅଭିବୃଦ୍ଧି ୬.୬% ରହିବ ବୋଲି ଏହା ଚଳିତ ବର୍ଷ ଜୁନରେ ପୂର୍ବାନୁମାନ କରିଥିଲା। ସରକାର ଗ୍ରହଣ କରିଥିବା ବିଭିନ୍ନ ସଂସ୍କାର ପଦକ୍ଷେପ ଦ୍ୱାରା ଭାରତର ଅଭିବୃଦ୍ଧି ଧାରା ତ୍ୱରାନ୍ୱିତ ହେବ। ସରକାର ଗ୍ରହଣ କରିଥିବା କର୍ପୋରେଟ ଟିକସ ହ୍ରାସ ଅଭିବୃଦ୍ଧିକୁ ଧୀରେ ଧୀରେ ତ୍ୱରାନ୍ୱିତ କରିବ ବୋଲି ଏହା ରିପୋର୍ଟରେ ଉଲ୍ଲେଖ କରିଛି। ଦେଶର ଜିଡ଼ିପି ଅଭିବୃଦ୍ଧି ୬.୧% ରହିବ ବୋଲି ରିଜର୍ଭ ବ୍ୟାଙ୍କ ଅକ୍ଟୋବରରେ ପୂର୍ବାନୁମାନରେ କହିଛି। ଫିଚ କରିଥିବା ଏହି ପୂର୍ବାନୁମାନ ରିଜର୍ଭ ବ୍ୟାଙ୍କ ଆକଳନଠାରୁ ନିମ୍ନରେ ରହିଛି। ୨୦୨୦-୨୧ରେ ଭାରତର ଅଭିବୃଦ୍ଧି ୬.୨% ଏବଂ ଏହା ପରବର୍ତ୍ତୀ ଆର୍ଥିକ ବର୍ଷରେ ଜିଡିପି ୬.୭% ଛୁଇଁବ ବୋଲି ଏହା କହିଛି। ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ଜୁନ ତ୍ରୈମାସରେ ଦେଶର ଅଭିବୃଦ୍ଧି ହାର ୬ ବର୍ଷର ସର୍ବନିମ୍ନ ସ୍ତର ୫%କୁ ଖସିଛି। ୨୦୧୩ ପରଠାରୁ ଏହା ସବୁଠାରୁ ସର୍ବନିମ୍ନର ଅଭିବୃଦ୍ଧି। ଘରୋଇ ଏବଂ ବାହ୍ୟ ଚାହିଦା ହ୍ରାସ ଦେଶର ଆର୍ଥିକ କାର୍ଯ୍ୟକଳାପ ଉପରେ ଗଭୀର ଭାବେ ପ୍ରଭାବ ପକାଇଛି। ଗତ ମାସରେ ମୁଡିସ ଇନଭେଷ୍ଟର୍ସ ସର୍ଭିସ ମଧ୍ୟ ଭାରତର ଅଭିବୃଦ୍ଧି ପୂର୍ବାନୁମାନକୁ ୬.୨%ରୁ ୫.୮%କୁ ଖସାଇଛି। ଏହାବାଦ ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ ଏବଂ ଅର୍ଗାନାଇଜେଶନ ଅଫ ଇକୋନୋମିକ କୋଅପରେଶନ ଆଣ୍ଡ ଡେଭଲପମେଣ୍ଟ ମଧ୍ୟ ଯଥାକ୍ରମେ ୫୦ ବେସିସ ପଏଣ୍ଟ ୧.୩% ହ୍ରାସ କରିଛି।

## ଆଜି ଧନ୍‌ତେରସ

# ଶୋ'ରୁମ୍ ଦେଉଛନ୍ତି ଆକର୍ଷଣୀୟ ରିହାତି

ଭୁବନେଶ୍ୱର,୨୪।୧୦(ବ୍ୟୁରୋ)

ଧନ୍‌ତେରସରେ ସୁନା କିଣିଲେ ଶୁଭ ବୋଲି ସାଧାରଣରେ ବିଶ୍ୱାସ ରହିଛି। ଗ୍ରାହକଙ୍କ ଚାହିଦାକୁ ନଜରରେ ରଖି ଚଳିତ ବର୍ଷ ଶୁକ୍ରବାର ଧନ୍‌ତେରସ ପଡୁଥିବାରୁ ରାଜ୍ୟର ପ୍ରମୁଖ ଶୋ'ରୁମ୍‌ଗୁଡିକ ପ୍ରସ୍ତୁତ ହୋଇଛନ୍ତି। ଗ୍ରାହକଙ୍କୁ ଆକୃଷ୍ଟ କରିବା ଲାଗି ମନଲୋଭା ଅଫର ସହ ଅନ୍ୟାନ୍ୟ ଗ୍ରାହକ କୈନ୍ଦ୍ରିକ ପଦକ୍ଷେପ ଏମାନେ ଗ୍ରହଣ କରିଥିବା ଜଣାପଡିଛି। ହେଲେ ବୁଧବାରଠାରୁ ବର୍ଷା ଲାଗି ରହିଥିବାରୁ ଏହା କାରବାର ଉପରେ କି ପ୍ରଭାବ ପକାଇଛି ତାହା ଦେଖିବାକୁ ବାକି ରହିଲା। ଏହି ସମୟରେ ସବୁ ବର୍ଗ କିଛି କିଛି ସୁନା କିଣିବାକୁ ପସନ୍ଦ କରିଥାନ୍ତି। ବଜାରରେ ମାନ୍ଦାବସ୍ଥା ଥିବାରୁ ଗ୍ରାହକଙ୍କୁ ଆକୃଷ୍ଟ କରିବା ଲାଗି ଜୁଏଲର୍ସ ବିଭିନ୍ନ ଅଫର ଡିଜାଇନ କରିଥିବା ଜଣାପଡିଛି। ମଧ୍ୟମବର୍ଗ ପରିବାରର ସୁନା କ୍ରୟକୁ ଧ୍ୟାନରେ ରଖି ସ୍ୱତନ୍ତ୍ର ଡିଜାଇନର ଗହଣା ମଧ୍ୟ ବଜାରକୁ ଆସିଛି। ଲାଇଟୱେଟ ଜୁଏଲେରିକୁ ମଧ୍ୟମବର୍ଗ ପରିବାରଗୁଡିକ ବେଶ୍ ପସନ୍ଦ କରୁଥିବା ଜଣାପଡିଛି।

ଜୁଏଲର୍ସଙ୍କ ସୂଚନା ମୁତାବକ, ନିତିଦିନିଆ ବ୍ୟବହାର ଲାଗି ବଜାରରେ ୧୮ କ୍ୟାରେଟ ସୁନାର ଗହଣା ଆସିଛି। ଏହାକୁ ଗ୍ରାହକ ଚୟନ କରିପାରିବେ। ୨୪ କ୍ୟାରେଟ ସୁନା ବଜେଟ ସାଧାରଣତଃ ଅଧିକ ରହୁଥିବାରୁ ଏହାକୁ କିଛି ବର୍ଗର ଲୋକ ପସନ୍ଦ କରୁଛନ୍ତି। ଏକ୍ଷେତ୍ରରେ ୨୨ କ୍ୟାରେଟ ସୁନା ଲୋକଙ୍କର ଅଧିକ ପସନ୍ଦଯୋଗ୍ୟ ହେଉଛି। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ୨୨ କ୍ୟାରେଟ ସୁନା ଗହଣାର ମୂଲ୍ୟ ବଢିଥିବା ଜଣାପଡିଛି। ଏହି ସମୟରେ ଶୋ'ରୁମ୍‌ଗୁଡିକରେ ଆକର୍ଷଣୀୟ ଅଫର ପ୍ରଦାନ କରାଯାଉଛି। ଅନ୍ୟତମ ପ୍ରମୁଖ ଜୁଏଲର୍ସ ଅରୁନ୍ଧତୀ ଜୁଏଲର୍ସ ସର୍ବଶ୍ରେଷ୍ଠ ଧନ୍‌ତେରସ ଅଫର ଆଣିଛି। ହଲ୍‌ମାର୍କ ସୁନାଗହଣା କ୍ରୟରେ ଗ୍ରାହକ ୨,୫୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ପାଇବେ। ପ୍ରତି କ୍ରୟରେ ମାଗଣା ଗୋଲ୍ଡ କଏନ, ସିଲଭର କଏନ, ଲଣ୍ଡନ ଭ୍ରମଣ ଏବଂ ଲକ୍ଷପତି ହେବାର ସୁଯୋଗ ରହିଛି। ସେହିଭଳି ପ୍ରମୁଖ ଜୁଏଲେରି ଚେନ୍ ଖିମଜୀ ଧନ୍‌ତେରସ ଅଫରରେ ସୁନା ଗହଣାର ମୋଟ ମୂଲ୍ୟରେ ୫.୪% ଫ୍ଲାଟ ରିହାତି ଦେଉଛି। ହୀରା ଉପରେ ଫ୍ଲାଟ ୨୦% ରିହାତି ଏବଂ ରୁପା ଗହଣାର ଗଢାମୂଲ୍ୟରେ ଫ୍ଲାଟ ୫୦% ରିହାତି ରହିଛି। ୯୯୯ ସ୍କିମରେ ଗୋଲ୍ଡ ଏବଂ ସିଲଭର କଏନ ସହ ବାଏ ବ୍ୟାକ୍ ଗ୍ୟାରେଣ୍ଟି ଖିମଜୀ ପ୍ରଦାନ କରୁଛି।



ତନିଷ୍କ ପକ୍ଷରୁ ଦୀପାବଳି ଅଫରରେ ଗ୍ରାହକ ସୁନାଗହଣାର ଗଢା ମୂଲ୍ୟରେ ୨୫% ପର୍ଯ୍ୟନ୍ତ ରିହାତି ପାଇପାରିବେ। ହୀରା ଗହଣା ମୋଟ ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିହାତି ରହିଛି। ଏହା ନୂଆ ଭିରାସତ କଲେକ୍ସନ ଆଣିଛି। କଲ୍ୟାଣ ଜୁଏଲର୍ସ ଏହାର ଶୋ'ରୁମ୍‌ଗୁଡିକରେ ୩ ଲକ୍ଷ ଗୋଲ୍ଡ କଏନ ପ୍ରଦାନ କରିବାର ବ୍ୟବସ୍ଥା କରିଛି। ସାପ୍ତାହିକ ଲକି ଡ୍ର ସହ ଭାଗ୍ୟଶାଳୀ ବିଜେତା ଏବଂ ସୁନାଗହଣାର ଗଢ଼ାମୂଲ୍ୟ ୧୯୯ ଟଙ୍କାରୁ ଆରମ୍ଭ ହେଉଛି। ଷ୍ଟଡେଡ ଜୁଏଲେରି କ୍ରୟରେ ମାଗଣା ଗୋଲ୍ଡ କଏନ, ବିଗ୍ ଡାଇମଣ୍ଡ ସେଲ୍ ଫ୍ଲାଟ ୨୦% ରିହାତି ଏହା ଦେଉଛି। ସେନକୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡ ପକ୍ଷରୁ ଧନ୍‌ତେରସ ଧନବୃଦ୍ଧି ଉତ୍ସବ ଆଣିଛି। ପ୍ଲାଟିନମ ଅଳଙ୍କାର ଗଢା ମୂଲ୍ୟ ଉପରେ ୨୦%, ସୁନା, ରୁପା ଅଳଙ୍କାର ଉପରେ ଅଫର ସହ ଏସ୍‌ବିଆଇ କ୍ରେଡିଟ କାର୍ଡରେ ୫% ଅଫର ଏହା ଦେଉଛି। ସେହିଭଳି ରିଲାଏନ୍ସ ଜୁଏଲ୍ସ ନୂଆ ଅତୁଲ୍ୟ କଲେକ୍ସନ ଆଣିଛି। ସୁନା ଗହଣା ଗଢାମୂଲ୍ୟ ଉପରେ ଫ୍ଲାଟ ୨୫% ରିହାତି, ହୀରା ଗହଣା ଉପରେ ୨୫% ପର୍ଯ୍ୟନ୍ତ, ସୁନା କଏନ ଗଢଣ ଉପରେ ଫ୍ଲାଟ ୨୫%, ସୁନାଗହଣାର ଗଢାମୂଲ୍ୟ ଏବଂ ହୀରା ଗହଣା ମୂଲ୍ୟ ବାବଦ ୫ ଲକ୍ଷ ଇନଭଏସରେ ଅତିରିକ୍ତ ୫% ରିହାତି ସୁବିଧା ପ୍ରଦାନ କରାଯାଉଥିବା ଶୋ'ରୁମ୍ ପକ୍ଷରୁ ସୂଚନା ରହିଛି।

# ଟେଲିକମ୍ କମ୍ପାନୀ ପଇଠ କରିବେ ୯୨ ହଜାର କୋଟି

ନୂଆଦିଲ୍ଲୀ,୨୪-୧୦

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀଗୁଡିକ ସରକାରଙ୍କୁ ଆଡଜଷ୍ଟେଡ ଗ୍ରସ ରେଭେନ୍ୟୁ ବାବଦକୁ ୯୨ ହଜାର କୋଟି ଟଙ୍କା ପୈଠ କରିବେ। ସୁପ୍ରିମକୋର୍ଟରେ ଏ ନେଇ ସରକାର ଏକ ମାମଲା କରିଥିଲେ। ଏହି ମାମଲାର ଶୁଣାଣି ଗୁରୁବାର ହୋଇଥିବା ବେଳେ ସର୍ବୋଚ୍ଚ ନ୍ୟାୟାଳୟ ସରକାରଙ୍କ ପକ୍ଷରେ ରାୟ ଶୁଣାଇଛନ୍ତି। ଟେଲିକମ୍ ସେବା ପ୍ରଦାନକାରୀଙ୍କଠାରୁ ୯୨ ହଜାର କୋଟି ଟଙ୍କା ଅସୁଲ କରିବାକୁ ସରକାରଙ୍କୁ ସର୍ବୋଚ୍ଚ ତାଙ୍କ ନିର୍ଦ୍ଦେଶରେ କହିଛନ୍ତି। ସରକାରଙ୍କ ଏହି ନିର୍ଦ୍ଦେଶ ପରେ ଭୋଡାଫୋନ-ଆଇଡିଆ କମ୍ପାନୀର ଶେୟାର କାରବାର ବିଶେଷ ପ୍ରଭାବିତ ହୋଇଛି। ପୁଞ୍ଜି ବଜାରରେ ଏହି କମ୍ପାନୀର ଶେୟାର କାରବାର ୨୭% ଖସିଥିବା ଜଣାପଡିଛି। ଭୋଡାଫୋନ-ଆଇଡିଆର ଶେୟାର ମୂଲ୍ୟ ୨୩.୩୬% କ୍ଷତି ହେବାରୁ ଏହା ୪.୩୩ ଟଙ୍କାରେ ବନ୍ଦ ହୋଇଥିଲା। ଗୁରୁବାର ଦିନ ବେଳା କାରବାରରେ ଏକ ମୁହୂର୍ତ୍ତରେ ୨୭.୪୩% କ୍ଷତି ସହିବାରୁ ଏହା ୫୨ ସପ୍ତାହର ସର୍ବନିମ୍ନ ସ୍ତର ୪.୧୦ ଟଙ୍କାକୁ ଖସି ଆସିଥିଲା। ଶେୟାର କାରବାର ହ୍ରାସ ଯୋଗୁ ଭାରତୀ ଏୟାରଟେଲ କ୍ଷେତ୍ରରେ ଏହା ୯.୬୮% ହ୍ରାସ ଘଟି ୩୨୫.୬୦ ଟଙ୍କାକୁ ଖସି ଆସିଥିଲା। ପରବର୍ତ୍ତୀ ସମୟରେ ଏଥିରେ ସୁଧାର ଆସିଥିବା ଦେଖାଯାଇଥିଲା। କାରବାର ଶେଷ ବେଳକୁ ଏଥିରେ ଉନ୍ନତି ଆସି ୩.୩୧% ବୃଦ୍ଧି ଘଟି ୩୬୨.୪୫ଟଙ୍କାରେ କାରବାର ବନ୍ଦ ହୋଇଥିବା ଦେଖାଯାଇଥିଲା। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ନିଷ୍ପତ୍ତି ଟେଲିକମ ଶିଳ୍ପ ଲାଗି ଏକ ବଡ ଝଟକା ବୋଲି ଟେଲିକମ୍ ସଂଘ ସେଲ୍ୟୁଲାର ଅପରେଟର୍ସ ଆସୋସିଏଶନ ଅଫ୍ ଇଣ୍ଡିଆ(ସିଓଏଆଇ) ପକ୍ଷରୁ କୁହାଯାଇଛି। ଏହି ମାମଲାକୁ ଆଗକୁ ନେଇ କୌଣସି ଶୁଣାଣି ହେବ ନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। କମ୍ପାନୀଗୁଡିକ ଲାଗି ପଇଠ କରିବାର ତାରିଖ ମଧ୍ୟ ଆଗାମୀ ଦିନରେ ଜଣାଇ ଦିଆଯିବ। ଏହି ସମୟରେ କମ୍ପାନୀଗୁଡିକର ସରକାରଙ୍କ ପଇଠକୁ ଦେବାକୁ ପଡିବ। ଟେଲିକମ୍ ଶିଳ୍ପ ବର୍ତ୍ତମାନ ଚାପରେ ରହିଛି। ସରକାର କମ୍ପାନୀଗୁଡିକଠାରୁ ଏହି ଅର୍ଥ ଦାବି କରିବା ଯୋଗୁ ଏହା ଡିଜିଟାଲ ଇଣ୍ଡିଆ ଏବଂ କମ୍ପାନୀଗୁଡିକର ସମ୍ପ୍ରସାରଣକୁ ବାଧାପ୍ରାପ୍ତ କରିବ ବୋଲି ବଜାର ବିଶେଷଜ୍ଞମାନେ ସୂଚନା ଦେଇଛନ୍ତି।

**ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**



# ହ୍ୟୁଣ୍ଡାଇ ଏମ୍‌ଡିଙ୍କ ଆଦିତ୍ୟ ହ୍ୟୁଣ୍ଡାଇ ପରିଦର୍ଶନ

ଭୁବନେଶ୍ୱର,୨୪-୧୦(ବ୍ୟୁରୋ)

ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ଏସ୍.ଏସ୍. କିମ୍, ସେଲ୍‌ସ ସପୋର୍ଟ ଗ୍ରୁପ ମୁଖ୍ୟ ଗୌତମ ମୁଖାର୍ଜୀ, ଗ୍ରୁପ କମ୍ପାନୀ ସେଲ୍‌ସ ବିଭାଗର କେଡି ଜିଅଙ୍ଗ ଆଦିତ୍ୟ ହ୍ୟୁଣ୍ଡାଇ ଶୋ'ରୁମ୍ ପରିଦର୍ଶନ କରିଛନ୍ତି। ଏହି ଅବସରରେ କିମ୍ ସ୍ଥାନୀୟ ଉତ୍ତରାସ୍ଥିତ ୩ ଏସ୍ ଫାସିଲିଟିରେ ମଧ୍ୟ ବୁଲି ଦେଖିଛନ୍ତି। ଅତ୍ୟାଧୁନିକ ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ। ଆଦିତ୍ୟ ହ୍ୟୁଣ୍ଡାଇ ଡିଲର ପ୍ରିନ୍ସିପାଲ ଆଦିତ୍ୟ ପାତ୍ର ତାଙ୍କର ଏଭଳି ପରିଦର୍ଶନ ଲାଗି କୃତଜ୍ଞତା ଜଣାଇଛନ୍ତି। ଆଦିତ୍ୟ ହ୍ୟୁଣ୍ଡାଇର ଏହି ଅତ୍ୟାଧୁନିକ ଫାସିଲିଟିରେ ଯାନର ସର୍ଭିସିଂ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏମ୍‌ଡି କିମ୍‌ଙ୍କୁ ଆଦିତ୍ୟ ହ୍ୟୁଣ୍ଡାଇ ଅଧକ୍ଷ ପଦ୍ମଚରଣ ପାତ୍ର ସମ୍ମାନିତ କରିଥିଲେ।




# ପାନାସୋନିକ କ୍ୟୁଏଲ୍‌ଇଡିର ହସ୍ତାନ୍ତର

ଭୁବନେଶ୍ୱର,୨୪-୧୦(ବ୍ୟୁରୋ)

ଗ୍ରେଟ ଇଷ୍ଟର୍ନର ପଟିଆ ଶୋ'ରୁମଠାରେ ପାନାସୋନିକ କ୍ୟୁଏଲଇଡି ମଡେଲ କ୍ରୟ କରିଥିବା ରାଜ୍ୟର ପ୍ରଥମ ଗ୍ରାହକ ଦିଲୀପ ପାଲଙ୍କୁ ଟିଭି ହସ୍ତାନ୍ତର କରାଯାଇଛି। କାର୍ଯ୍ୟକ୍ରମରେ ଷ୍ଟୋର ମ୍ୟାନେଜର ରଞ୍ଜିତ ବେହେରା, ପାନାସୋନିକ ଓଡିଶାର ରିଟେଲ ବିଭାଗ ଜେଏସ୍ଓ ସୌମ୍ୟରଞ୍ଜନ ଦାସ, କମ୍ପାନୀର ସର୍ଭିସ ବିଏସ୍ଏମ୍ ରାଜା ଚୌଧୁରୀ, ପାନାସୋନିକ ବ୍ରାଣ୍ଡ ସେଲ୍‌ସ ଏକ୍ସକ୍ଲୁସିଭ୍ ରାଜକିଶୋର ସାହୁ, ସଞ୍ଜୟ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।




ଟିଭି ହସ୍ତାନ୍ତର ଅବସରରେ କମ୍ପାନୀ, ଶୋ'ରୁମ୍ ଅଧିକାରୀଙ୍କ ସହ ଗ୍ରାହକ।



## ଚଳିତ ୨୦୧୯-୨୦ ରବି ଋତୁରେ ଯୋଗାଇ ଦିଆଯାଉଥିବା ବିଭିନ୍ନ ପ୍ରାମାଣିକ ବିହନର କ୍ୱିଣ୍ଟାଲ ପ୍ରତି ସର୍ବାଧିକ ବିକ୍ରୟ ମୂଲ୍ୟ ଓ ରିହାତିର ପରିମାଣ (ଟଙ୍କାରେ)

| କ୍ର. ସଂ. | ବିହନ | ଉତ୍ସ | ସର୍ବାଧିକ ଧାର୍ଯ୍ୟ ବିକ୍ରୟ ମୂଲ୍ୟ | ରିହାତି ପରିମାଣ ଡିଲରମାନଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ପ୍ରଦାନ: ଭାରତ ସରକାରଙ୍କ ଦ୍ୱାରା ପ୍ରଦତ୍ତ ରାଶି | ରିହାତି ପରିମାଣ ଡିଲରମାନଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ପ୍ରଦାନ: ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ରାଶି | ରିହାତି ପରେ ବିହନର ବିକ୍ରୟ ମୂଲ୍ୟ |
|---|---|---|---|---|---|---|
| ୧ | ଧାନ (୧୦ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୩୧୭୩ | ୧୨୭୩ | - | ୧୯୦୦ |
| ୨ | ଧାନ (୧୦ ବର୍ଷରୁ ଉର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୩୧୭୩ | - | ୮୯୩ | ୨୨୮୦ |
| ୩ | ମାଣ୍ଡିଆ (୧୦ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୫୮୨୪ | ୨୬୨୪ | - | ୩୨୦୦ |
| ୪ | ମାଣ୍ଡିଆ (୧୦ ବର୍ଷରୁ ଉର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୫୮୨୪ | ୧୫୦୦ | ୧୧୨୪ | ୩୨୦୦ |
| ୫ | ମାଣ୍ଡିଆ (୧୦ ବର୍ଷରୁ ଉର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଏନ୍.ଏସ୍.ସି. | ୬୮୭୦ | ୩୦୦୦ | ୬୭୦ | ୩୨୦୦ |
| ୬ | ମକା (ସଙ୍କର ବାୟୋ-୯୫୪୪) | ଏନ୍.ଏସ୍.ସି. | ୨୪୪୩୭ | (କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ ନିମନ୍ତେ ବ୍ୟବହାର କରାଯିବ) | | |
| ୭ | ମୁଗ (୧୦ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୧୧୪୨୮ | ୪୨୨୮ | - | ୭୨୦୦ |
| ୮ | ମୁଗ (୧୦ ବର୍ଷରୁ ଉର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୧୧୪୨୮ | ୨୫୦୦ | ୧୭୨୮ | ୭୨୦୦ |
| ୯ | ବିରି (୧୦ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୯୪୧୧ | ୩୬୧୧ | - | ୫୮୦୦ |
| ୧୦ | ବିରି (୧୦ ବର୍ଷରୁ ଉର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୯୪୧୧ | ୨୫୦୦ | ୧୧୧୧ | ୫୮୦୦ |
| ୧୧ | ବୁଟ (୧୦ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୭୯୭୦ | ୩୧୭୦ | - | ୪୮୦୦ |
| ୧୨ | ବୁଟ (୧୦ ବର୍ଷରୁ ଉର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୭୯୭୦ | ୨୫୦୦ | ୬୭୦ | ୪୮୦୦ |
| ୧୩ | ବୁଟ (୧୦ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଏନ୍.ଏସ୍.ସି. | ୭୮୨୮ | ୩୦୨୮ | - | ୪୮୦୦ |
| ୧୪ | ବୁଟ (୧୦ ବର୍ଷରୁ ଉର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଏନ୍.ଏସ୍.ସି. | ୭୮୨୮ | ୨୫୦୦ | ୫୨୮ | ୪୮୦୦ |
| ୧୫ | ବିଲ ମଟର (୧୦ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଏନ୍.ଏସ୍.ସି. | ୮୮୭୬ | ୩୮୭୬ | - | ୫୦୦୦ |
| ୧୬ | ବିଲ ମଟର (୧୦ ବର୍ଷରୁ ଉର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଏନ୍.ଏସ୍.ସି. | ୮୮୭୬ | ୨୫୦୦ | ୧୩୭୬ | ୫୦୦୦ |
| ୧୭ | ଚିନାବାଦାମ (୧୫ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୮୨୩୬ | ୩୦୩୬ | - | ୫୨୦୦ |
| ୧୮ | ଚିନାବାଦାମ (୧୫ ବର୍ଷରୁ ଉର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୮୨୩୬ | - | ୩୦୩୬ | ୫୨୦୦ |
| ୧୯ | ରାଶି (୧୫ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୧୦୭୦୭ | ୪୧୦୭ | - | ୬୬୦୦ |
| ୨୦ | ରାଶି (୧୫ ବର୍ଷରୁ ଉର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୧୦୭୦୭ | - | ୪୧୦୭ | ୬୬୦୦ |
| ୨୧ | ସୋରିଷ (୧୫ ବର୍ଷ ମଧ୍ୟରେ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୭୩୬୨ | ୨୮୬୨ | - | ୪୫୦୦ |
| ୨୨ | ସୋରିଷ (୧୫ ବର୍ଷରୁ ଉର୍ଦ୍ଧ୍ୱ ବାହାରିଥିବା ସମସ୍ତ କିସମ) | ଓ.ଏସ୍.ଏସ୍.ସି. | ୭୩୬୨ | - | ୨୮୬୨ | ୪୫୦୦ |
| ୨୩ | ସୂର୍ଯ୍ୟମୁଖୀ (ସମସ୍ତ କିସମ) | ଏନ୍.ଏସ୍.ସି. | ୨୪୪୩୭ | (କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ ନିମନ୍ତେ ବ୍ୟବହାର କରାଯିବ) | | |

## ଚଳିତ ୨୦୧୯-୨୦ ବର୍ଷ ରବି ଋତୁରେ ଯୋଗାଇ ଦିଆଯାଉଥିବା ବିଭିନ୍ନ ପିଣ୍ଡ ବିହନର କ୍ୱିଣ୍ଟାଲ ପ୍ରତି ସର୍ବାଧିକ ବିକ୍ରୟ ମୂଲ୍ୟ (ଟଙ୍କାରେ)

| କ୍ର.ସଂ. | ବିହନ | ଧାର୍ଯ୍ୟ ବିକ୍ରୟ ମୂଲ୍ୟ | କ୍ର.ସଂ. | ବିହନ | ଧାର୍ଯ୍ୟ ବିକ୍ରୟ ମୂଲ୍ୟ |
|---|---|---|---|---|---|
| ୧ | ଧାନ (ସଅଳ) | ୩୩୦୭ | ୬ | ବୁଟ (ସମସ୍ତ କିସମ) | ୮୦୮୨ |
| ୨ | ଧାନ (ମଧ୍ୟମ) | ୩୨୪୭ | ୭ | ଚିନାବାଦାମ (ସମସ୍ତ କିସମ) | ୮୩୪୯ |
| ୩ | ମାଣ୍ଡିଆ (ସମସ୍ତ କିସମ) | ୫୯୩୭ | ୮ | ରାଶି (ସମସ୍ତ କିସମ) | ୧୦୮୧୯ |
| ୪ | ମୁଗ (ସମସ୍ତ କିସମ) | ୧୧୫୪୦ | ୯ | ସୋରିଷ (ସମସ୍ତ କିସମ) | ୭୪୭୪ |
| ୫ | ବିରି (ସମସ୍ତ କିସମ) | ୯୫୨୪ | ୧୦ | ପେଶୀ (କୋଟା ବରାଣି) | ୭୦୬୯ |

01034/11/0026/1920 କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା No.-L-71

## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶଶୋଭା ବିଲ୍ଡିଂ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା 22036 /ଭୁ.ଉ.କ., CPM-I-229/90 ଭୁବନେଶ୍ୱର ତା18.09.19 ରିଖ

### ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଚନ୍ଦ୍ରଶେଖରପୁର ଆପାର୍ଟମେଣ୍ଟ ଗୃହ ପ୍ରକଳ୍ପ ଫେଜ୍-୧ ଅନ୍ତର୍ଗତ ଗୃହ ନଂ. MIG-I-F-14/8 କୁ ଶ୍ରୀମତୀ କମଳା କର, ସ୍ୱାମୀ-ଅଜୟ କୁମାର କର, ଗ୍ରାମ-ଭି.ଏସ୍.ଏସ୍. ନଗର, ପୋଅ-ବାଣୀବିହାର, ଥାନା-ସହୀଦ ନଗର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧାଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ସୁଜିତ୍ କୁମାର ସାହୁ, ପିତା- ସୁଧାକର ସାହୁ, ଗ୍ରାମ-ଗଡ଼ିଆପଲ୍ଲୀ ପାଟଣା, ଥାନା-ବେଗୁନିଆ, ଜିଲ୍ଲା-ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହାହେଲେ ଏହି ନୋଟିସ ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ, ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସ୍ୱା./- ଆବଣ୍ଟନ ଅଧିକାରୀ-୧

## SAMBALPURI BASTRALAYA

HLCS LTD., GOVINDPALI ROAD, BARGARH

### TENDER CALL NOTICE

No. 3072 Dated: 23.10.2019

Sealed tenders/quotations are invited from reputed Manufacturer/ Authorized Supplier for supply of one Boiler for installation of the same at our Dye House, Sambalpuri Bastralaya, HLCS Ltd., Bargarh. The details specification, term and conditions and date for submission of tender/quotation for submitting the bid document are available on the website **www.sambalpuribastra.com.**

Sd./- D. Nanda,
Managing Director

## OFFICE OF THE MUNICIPAL COUNCIL, GUNUPUR

### e-Procurement Notice

Tender Reference No. GUN-NAC-43/2019-20

No. 1768 Dated 23.10.2019

(1) Type of Work: Civil & Beautification Work, (2) Total No. of works: 9 nos. of individual works, (3) Estimate Cost: Rs. 300428 to Rs. 4937600.00, (4) Period of Completion: 45 days to 180 days, (5) Date & time of availability of Bid document in the Portal: 10.00AM of 24.10.2019 to 5.00PM of 02.11.2019, (6) Last date/time for receipt of bid in the portal: upto 5.00PM of 02.11.2019, (7) Date of opening of Technical Bid: 11.00AM of 07.11.2019, (8) Name & Address of the Officer Invitied Bid: Executive Officer, Gunupur Municipality. Further details can be seen from the e-Procurement portal www.tendersorissa.gov.in.

*Sd./- Executive Officer, Gunupur Municipality*

## OFFICE OF THE REGULATED MARKET COMMITTEE, SAKHIGOPAL

At-Sakhigopal, Po- Sakhigopal, Via-Sakhigopal
Dist.-Puri (Odisha), Pin-752014

### TENDER CALL NOTICE

No.455 /RMC Dated: 23.10.19

Bid Identification No.01/RMC-Sakhigopal /2019-20
e-Procurement Notice IFB (Invitation for Bids)

| Sr. No. | Item | Details |
|---|---|---|
| 1 | The Sub-Collector Puri-cum-Chairman, RMC, Sakhigopal invites percentage rate bids in Single cover system in ONLINE MODE only for works as detailed below: | |
| 2 | Nature of the work | Construction of Repair & Renovation of godown at different Market Yards. |
| 3 | No. of work | 02 Nos. |
| 4 | Bid Cost | Rs.6000.00 online transfer. |
| 5 | Value of Tender | Rs.19.83 to 34.67 lakhs |
| 6 | Class of Contractor | D, C & B Class |
| 7 | Availability of BID Documents in the website | Dt.25.10.2019 to 04.11.2019 |
| 8 | Last date / time of receipt of bids in the portal | Dt.04.11.2019 upto 5.00 P.M. |
| 9 | Date of opening of bid | Dt.06.11.2019 at 11.00 A.M. |
| 10 | The Bidders have to participate in ONLINE bidding only. Further details can be seen from the website : https://tendersorissa.gov.in. Any Addendum / Corrigendum / Cancellation of the tender etc can also be seen in the website : https://tendersorissa.gov.in. | |

Sd./- Sub-Collector Puri-cum-Chairman,
RMC, Sakhigopal

## Govt. of India
## Office of the Principal Chief Commissioner of Income Tax, Odisha Region Aayakar Bhawan, Rajaswa Vihar, Bhubaneswar-751007.

### TENDER CALL NOTICE

**Dated, Bhubaneswar the 24th October, 2019**

The Principal Chief Commissioner of Income Tax, Bhubaneswar invites sealed quotations from reputed Parties engaged in the business of printing and publishing books in Bhubaneswar for printing **Information Hand Book and Table Calendar-2020** for the Income Tax Department, Odisha Region. The quotations in sealed covers should be submitted to the undersigned latest by **04.11.2019 (04.00 PM),** as per the format in the tender document available with the ACIT(Hqrs.)(Admn. & Vig.), O/o. Pr. CCIT, Bhubaneswar which can also downloaded from the Departmental Website: **www.incometaxindia.gov.in.** Interested parties may collect the sample and other information from the undersigned on any working day of the Income Tax Department from 25th October, 2019 onwards between 10.30 AM. to 4.00 PM.

**Sd./- (Arijit Chakraborty)**
**Assistant Commissioner of Income Tax (Hqrs.) (Admn & Vig.) Office of the Pr. Chief Commissioner of Income Tax, Odisha, Aayakar Bhawan, Rajaswa Vihar, Bhubaneswar-754007**
Tel. No.0674-2589466, Mobile No.08902198290

" ମୁଁ ଖୁବ୍‌ଶୀଘ୍ର ବିରାଟ କୋହଲିଙ୍କୁ ଭେଟି ଭାରତୀୟ କ୍ରିକେଟ ଏବଂ ଜାତୀୟ ଦଳର ଆବଶ୍ୟକତା ନେଇ ଆଲୋଚନା କରିବି ।
–ସୌରଭ ଗାଙ୍ଗୁଲି, ବିସିସିଆଇ ନୂଆ ସଭାପତି



" ସୁଇସ୍ ଇନ୍‌ଡୋର୍ସ ଟେନିସ ଟୁର୍ନାମେଣ୍ଟରେ ରାଡୁ ଆଲବଟ୍‌ଙ୍କ ବିପକ୍ଷ ମ୍ୟାଚରେ ମୋର ବିଜୟ ନେଇ ମୁଁ ଦୃଢ଼ ନିଶ୍ଚିତ ନ ଥିଲି ।
–ରୋଜର ଫେଡରର, ବିଶିଷ୍ଟ ଟେନିସ୍ ଖେଳାଳି



## ସଂକ୍ଷେପରେ

### ଏସିଆନ ପାରା ତୀରନ୍ଦାଜୀ: ବିବେକଙ୍କୁ ସ୍ୱର୍ଣ୍ଣ



ନୂଆଦିଲ୍ଲୀ,୨୪।୧୦- ଭାରତୀୟ ତୀରନ୍ଦାଜ ବିବେକ ଚିକାରା ଗୁରୁବାର ଚମତ୍କାର ପ୍ରଦର୍ଶନ କରି ବ୍ୟାଙ୍କକ୍‌ଠାରେ ଚାଲିଥିବା ଏସିଆନ୍ ପାରା ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୨୯ ବର୍ଷୀୟ ବିବେକ ଫାଇନାଲରେ ୭-୧ ବ୍ୟବଧାନରେ ଚାଇନାର ସିଜୁନ ୱାଙ୍ଗଙ୍କୁ ହରାଇ ଶୀର୍ଷ ସଫଳତା ପାଇଛନ୍ତି। ଚିକାରା ପୂର୍ବରୁ ଦକ୍ଷିଣ କୋରିଆପାର୍କ ଜୁନ ବେଉମଙ୍କୁ ୭-୩ ପଏଣ୍ଟରେ ହରାଇଥିଲେ। ପୂର୍ବରୁ ୨୦୨୦ ଟୋକିଓ ପାରାଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିସାରିଥିବା ଚିକାରାଙ୍କ ଏହି ସଫଳତା ପାଇଁ କ୍ରୀଡ଼ାମନ୍ତ୍ରୀ କିରନ ରିଜିଜୁ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି। ଚିକାରାଙ୍କ ବ୍ୟତୀତ ଜ୍ୟୋତି ବଲିୟାନ ଓ ଶ୍ୟାମସୁନ୍ଦର ସ୍ୱାମୀଙ୍କୁ ନେଇ ଗଠିତ ଭାରତ କମ୍ପାଉଣ୍ଡ ମିକ୍ସଡ୍ ଦଳଗତ ଓପନ ଇଭେଣ୍ଟରେ ରୌପ୍ୟ ପଦକ ହାତେଇଛନ୍ତି। ଫାଇନାଲରେ ଜ୍ୟୋତି ଓ ଶ୍ୟାମ ୧୪୪-୧୫୨ ବ୍ୟବଧାନରେ ଚାଇନାଠାରୁ ହାରି ଯାଇଥିଲେ।

### କ୍ୱାର୍ଟରରେ ଫେଡରର

ବାସେଲ,୨୪।୧୦(ଏପି)- ଟେନିସ କିମ୍ବଦନ୍ତୀ ରୋଜର ଫେଡରର ଏଠାରେ ଚାଲିଥିବା ସୁଇସ୍ ଇନ୍‌ଡୋର୍ସ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ଟପ୍ ସିଡ୍ ଫେଡରର ୬-୦, ୬-୩ ସେଟରେ ବିଶ୍ୱର ୪୯ତମ ର୍‌ୟାଙ୍କ ରାଡୁ ଆଲବଟଙ୍କୁ ହରାଇ ଦେଇଛନ୍ତି। ଶୁକ୍ରବାର ଫେଡରର କ୍ୱାର୍ଟର ଫାଇନାଲରେ ଦେଶର ଅନ୍ୟତମ ଷ୍ଟାର ଷ୍ଟାନ ୱାରିଙ୍କାଙ୍କୁ ଭେଟିବେ। ୱାରିଙ୍କା ୬-୩, ୬-୪ ସେଟ୍‌ରେ ପାବଲୋ କୁଭାସଙ୍କୁ ପରାସ୍ତ କରିଛନ୍ତି। ଏଠାରେ ୩୪ ବର୍ଷୀୟ ଫେଡରର କ୍ୟାରିୟରର ୧୦ମ ସୁଇସ ଇନ୍‌ଡୋର୍ସ ଟାଇଟଲ ହାତେଇବା ଲକ୍ଷ୍ୟରେ ରହିଛନ୍ତି।

### ମେସିଙ୍କ ରେକର୍ଡ ଗୋଲରେ ଜିତିଲା ବାର୍ସିଲୋନା

ପ୍ରାଗ୍ୟୁ,୨୪।୧୦(ଏଏଫ୍‌ପି)- ଲିଓନେଲ ମେସିଙ୍କ ରେକର୍ଡ ଗୋଲ ବଳରେ ବାର୍ସିଲୋନା ୨-୧ ଗୋଲରେ ସଲାଭିଆ ପ୍ରାଗ୍ୟୁକୁ ହରାଇ ଦେଇଛି। ଏହି ବିଜୟ ସହ ବାର୍ସିଲୋନା ଚାମ୍ପିୟନ୍ସ ଲିଗ୍‌ର ଗ୍ରୁପ ଏଫ୍‌ର ଶୀର୍ଷ ସ୍ଥାନ ଅଧିକାର କରିଛି। ମ୍ୟାଚ୍ ତୃତୀୟ ମିନିଟ୍‌ରେ ମେସି ଦଳୀୟ ଖାତା ଖୋଲିଥିଲେ। ଚାମ୍ପିୟନ୍ସ ଲିଗ୍‌ର କ୍ରମାଗତ ୧୫ ସିଜନରେ ଅତିକମ୍‌ରେ ଗୋଟିଏ ଲେଖାଏ ଗୋଲ କରିବାରେ ମେସି ବିଶ୍ୱର ପ୍ରଥମ ଖେଳାଳି ହେବାର ରେକର୍ଡ କରିଛନ୍ତି। ସ୍ଲାଭିଆ ପାଇଁ ଜାନ ବୋରିଲ (୫୦ତମ ମିନିଟ୍)ରେ ଗୋଲ ଦେଇ ମ୍ୟାଚ୍‌କୁ ସମାନ ସ୍ତରକୁ ଆଣିଥିଲେ। କିନ୍ତୁ ପିଟର ଓଲାୟିଙ୍କାଙ୍କ ଆତ୍ମଘାତି ଗୋଲ ଯୋଗୁ ବାର୍ସିଲୋନା ମ୍ୟାଚ୍‌କୁ ୨-୧ ବ୍ୟବଧାନରେ ଜିତି ନେଇଛି।

### ଖେଳାଳିଙ୍କୁ ଏନ୍‌ଓସି ଦେବ ନାହିଁ ପିସିବି

କରାଚୀ,୨୪।୧୦- ଆସନ୍ତା ୧୫ ତାରିଖରୁ ଆରମ୍ଭ ହେବାକୁ ଥିବା ଆବୁଧାବି ଟି୧୦ ଲିଗ୍ ପାଇଁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଦେଶର ଖେଳାଳିଙ୍କୁ ଏନ୍‌ଓସି ନ ଦେବାକୁ ନିଷ୍ପତ୍ତି ନେଇଛି। ଖେଳାଳିଙ୍କ କାମର ବୋଝ ହ୍ରାସ ଓ ଘରୋଇ ଟୁର୍ନାମେଣ୍ଟ କୁଇଦ ଇ ଆଜାମ ଟ୍ରଫିରେ ସେମାନଙ୍କ ଅଂଶଗ୍ରହଣକୁ ନିଶ୍ଚିତ କରିବା ଲାଗି ପିସିବି ଏହି ନିଷ୍ପତ୍ତି ନେଇଛି। ଖେଳାଳିଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଓ ଘରୋଇ ଟୁର୍ନାମେଣ୍ଟର ସମ୍ମାନ ବଜାୟ ରଖିବା ପାଇଁ ଖେଳାଳିଙ୍କ ଏନ୍‌ଓସି ଖାରଜ କରିଦିଆଯାଇଛି। ପିସିବିର ଏହି ନିଷ୍ପତ୍ତି ଯୋଗୁ ଟି୧୦ ଲିଗ୍ ପ୍ରଭାବିତ ହେବ। ଏବେ ଲିଗ୍‌ରେ କେବଳ ଶାହିଦ ଆଫ୍ରିଦୀ ଓ ଇମ୍ରାନ ନାଜିର ହିଁ ଖେଳିପାରିବେ। କାରଣ ସେମାନେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇସାରିଛନ୍ତି।

# କୋହଲିଙ୍କୁ ବିଶ୍ରାମ, ଦୁବେ ନୂଆ ମୁହଁ

ମୁମ୍ବାଇ, ୨୪।୧୦(ପି.ଟି.)

ବାଂଲାଦେଶ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ ଓ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ପାଇଁ ଗୁରୁବାର ଭାରତୀୟ ଦଳ ଘୋଷିତ ହୋଇଛି। ମୁମ୍ବାଇ ଅଲରାଉଣ୍ଡର ଶିବମ୍ ଦୁବେ ନୂଆ ମୁହଁ ଭାବେ ଦଳରେ ସାମିଲ ହୋଇଛନ୍ତି। ଭାରତ ଏ' ଦଳ ତରଫରୁ ଦମ୍‌ଦାର ପ୍ରଦର୍ଶନ କରି ସେ ଚୟନକର୍ତ୍ତାଙ୍କ ଆସ୍ଥାଭାଜନ ହୋଇଛନ୍ତି। ସେହିପରି ଉଇକେଟକିପର ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନ ଓ ଲେଗ୍ ସ୍ପିନର ଯୁଜବେନ୍ଦ୍ର ଚହଲ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସାମସନ ୨୦୧୫ରେ ଜିମ୍ବାୱେ ବିପକ୍ଷରେ ଏକମାତ୍ର ଟି୨୦ ମ୍ୟାଚ୍ ଖେଳିଥିଲେ। ଭାରତ ଏ ଦଳ ତରଫରୁ ନିୟମିତ ପ୍ରତିନିଧିତ୍ୱ କରିଆସୁଥିବା ସାମସନ ବିଜୟ ହଜାରେ ଟ୍ରଫିରେ ଉନ୍ନତ ପ୍ରଦର୍ଶନ କରି ଦଳରେ ସ୍ଥାନ ହାସଲ କରିଛନ୍ତି। ସେ ୮ଟି ଇନିଂସ ଖେଳି ୪୧୦ ରନ ସଂଗ୍ରହ କରିଛନ୍ତି। ଏଥିମଧ୍ୟରେ ସେ ଏକ ଦ୍ୱିଶତକ ମଧ୍ୟ ହାସଲ କରିଛନ୍ତି।



ଶିବମ ଦୁବେ

ବ୍ୟାକ୍ ଇଞ୍ଜୁରି ପାଇଁ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ୟୁକେରେ ଅସ୍ତ୍ରୋପଚାର କରାଇଥିବାରୁ ତାଙ୍କ ନାମକୁ ନେଇ ଚୟନକର୍ତ୍ତାମାନେ ଚର୍ଚ୍ଚା କରି ନ ଥିଲେ। ତାଙ୍କ ସ୍ଥାନରେ ୨୬ ବର୍ଷୀୟ ଦୁବେଙ୍କୁ ସୁଯୋଗ ମିଳିଛି। ଲମ୍ବା ଶଟ୍ ଖେଳିବାର ଦକ୍ଷତା ରଖୁଥିବା ଦୁବେ ବିଜୟ ଶଙ୍କରଙ୍କୁ ପଛରେ ପକାଇ ଦଳରେ ସ୍ଥାନ ପାଇଛନ୍ତି। ଦୁବେ ଜଣେ ଆକ୍ରମଣାତ୍ମକ ବ୍ୟାଟ୍ସମ୍ୟାନ। ସେ ୱେଷ୍ଟଇଣ୍ଡିଜ ଓ ଦକ୍ଷିଣ ଆଫ୍ରିକା ଏ ଦଳ ବିପକ୍ଷ ଦିନିକିଆ ସିରିଜରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ ବୋଲି ମୁଖ୍ୟ ଚୟନକର୍ତ୍ତା ଏମଏସ୍‌କେ ପ୍ରସାଦ କହିଛନ୍ତି। ଅଧିନାୟକ ବିରାଟ କୋହଲିଙ୍କୁ ଟି୨୦ ସିରିଜରୁ ବିଶ୍ରାମ ଦିଆଯାଇଛି। ତାଙ୍କ ଅନୁପସ୍ଥିତିରେ ରୋହିତ ଶର୍ମା ପୂର୍ବଭଳି ଦଳର ନେତୃତ୍ୱ ନେବେ।

## ବାଂଲାଦେଶ ବିପକ୍ଷ ଟି୨୦ ଦଳ ଘୋଷିତ

■ **ଭାରତୀୟ ଟି୨୦ ଦଳ:** ରୋହିତ ଶର୍ମା (ଅଧିନାୟକ), ଶିଖର ଧାୱନ, ଲୋକେଶ ରାହୁଲ, ସଞ୍ଜୁ ସାମସନ, ଶ୍ରେୟାସ ଆୟାର, ମନୀଷ ପାଣ୍ଡେ, ରିଷଭ ପନ୍ତ, ୱାଶିଂଟନ ସୁନ୍ଦର, କ୍ରୁନାଲ ପାଣ୍ଡ୍ୟା, ଯୁଜବେନ୍ଦ୍ର ଚହଲ, ରାହୁଲ ଚହର, ଦୀପକ ଚହର, ଖଲିଲ ଅହମ୍ମଦ, ଶିବମ୍ ଦୁବେ ଓ ଶାର୍ଦ୍ଦୁଳ ଠାକୁର।

■ **ଭାରତୀୟ ଟେଷ୍ଟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ମୟଙ୍କ ଅଗ୍ରୱାଲ, ଚେତେଶ୍ୱର ପୂଜାରା, ଅଜିଙ୍କ୍ୟ ରାହାନେ, ହନୁମା ବିହାରୀ, ଋଦ୍ଧିମାନ ଶାହ (ଉଇକେଟ କିପର), ରବୀନ୍ଦ୍ର ଜାଡେଜା, ରବିଚନ୍ଦ୍ରନ ଅଶ୍ୱିନ, କୁଲଦୀପ ଯାଦବ, ମହମ୍ମଦ ସାମି, ଉମେଶ ଯାଦବ, ଇଶାନ୍ତ ଶର୍ମା, ଶୁବମନ ଗିଲ ଓ ରିଷଭ ପନ୍ତ।

## ବାଂଲାଦେଶର ଭାରତ ଗସ୍ତ

| | | |
|---|---|---|
| ପ୍ରଥମ ଟି୨୦ | ନଭେମ୍ବର ୩ | ନୂଆଦିଲ୍ଲୀ |
| ଦ୍ୱିତୀୟ ଟି୨୦ | ନଭେମ୍ବର ୭ | ରାଜକୋଟ |
| ତୃତୀୟ ଟି୨୦ | ନଭେମ୍ବର ୧୦ | ନାଗପୁର |
| ପ୍ରଥମ ଟେଷ୍ଟ | ୧୪-୧୮ ନଭେମ୍ବର | ଇନ୍ଦୋର |
| ଦ୍ୱିତୀୟ ଟେଷ୍ଟ | ୨୨-୨୬ ନଭେମ୍ବର | କୋଲକାତା |

ଟି୨୦ ସିରିଜ ନଭେମ୍ବର ୩ ତାରିଖରୁ ନୂଆଦିଲ୍ଲୀରୁ ଆରମ୍ଭ ହେବ। ଏହାପରେ ୭ ତାରିଖରେ ରାଜକୋଟରେ ଦ୍ୱିତୀୟ ଟି୨୦ ମ୍ୟାଚ୍ ଖେଳାଯିବ ଓ ଅନ୍ତିମ ତଥା ତୃତୀୟ ଟି୨୦ ୧୦ ତାରିଖରେ ନାଗପୁରରେ ଖେଳାଯିବ। ଏହାପରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଅଂଶସ୍ୱରୂପ ବାଂଲାଦେଶ ଓ ଭାରତ ଦୁଇଟି ଟେଷ୍ଟ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ। ଇନ୍ଦୋର ଓ କୋଲକାତାରେ ଏହି ଦୁଇ ଟେଷ୍ଟ ମ୍ୟାଚ୍ ଯଥାକ୍ରମେ ନଭେମ୍ବର ୧୪ ଓ ୨୨ରୁ ଆରମ୍ଭ ହେବ।

ବାଂଲାଦେଶ ଖେଳାଳିମାନେ ପାଉଣା ବୃଦ୍ଧି ଓ ଅନ୍ୟ ସମସ୍ୟା ସମାଧାନ ନେଇ ଦାବି କରିବା ସହିତ ଏହି ଗସ୍ତରେ ସାମିଲ ହେବେ ନାହିଁ ବୋଲି ଘୋଷଣା କରିଥିଲେ। ଫଳରେ ଏହି ସିରିଜ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଥିଲା। ତେବେ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେବା ପରେ ଖେଳାଳିମାନେ ହରତାଳ ପ୍ରତ୍ୟାହାର କରି ନେଇଥିଲେ। ଫଳରେ ଏହି ଗସ୍ତ ଟ୍ରାକକୁ ଫେରିଛି।

ତେବେ ଟେଷ୍ଟ ଦଳରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଦକ୍ଷିଣ ଆଫ୍ରିକା ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ସିରିଜରେ ଭାରତ କ୍ଲିନ ସୁଇପ କରିଥିଲା। ଫଳରେ ଏହି ଦଳ ଅପରିବର୍ତ୍ତିତ ରହିଛି। ପଦାର୍ପଣରେ ଏହି ସିରିଜରେ ୪ ଉଇକେଟ ଅକ୍ତିଆର କରିଥିବା ବାମହାତୀ ଅଫ୍ ସ୍ପିନର ଶାହବାଜ ନଦିମଙ୍କ ନାମ ଦଳ ଚୟନରେ ବିଚାରକୁ ନିଆଯାଇ ନ ଥିଲା। ଗତ ସିରିଜରେ ନଦିମ ମୂଳ ଦଳରେ ସ୍ଥାନ ପାଇ ନ ଥିଲେ। ଆହତ ହୋଇଥିବା କୁଲଦୀପ ଯାଦବଙ୍କ ସ୍ଥାନରେ ସେ ସୁଯୋଗ ପାଇଥିଲେ।

ଟି୨୦ରେ ରବୀନ୍ଦ୍ର ଜାଡେଜାଙ୍କୁ ବିଶ୍ରାମ ଦିଆଯାଇଛି। ତାଙ୍କ ସ୍ଥାନରେ ମୁମ୍ବାଇ ଦ୍ରୁତ ବୋଲର ଶାର୍ଦ୍ଦୁଳ ଠାକୁରଙ୍କୁ ଦଳରେ ସାମିଲ କରାଯାଇଛି। ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀଙ୍କ ଉତ୍ତରାଧିକାରୀ ରୂପେ ବିବେଚିତ ହେଉଥିବା ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ମଧ୍ୟ ଦଳରେ ସ୍ଥାନ ବଜାୟ ରଖିଛନ୍ତି। ତେବେ ସାମସନଙ୍କ ସହ ତାଙ୍କୁ ଏବେ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହେବାକୁ ପଡିବ। ଦିଲ୍ଲୀ ଦ୍ରୁତ ବୋଲର ନବଦୀପ ସଇନି ଫିଟ୍‌ନେସ ପାଇଁ ଦଳରୁ ବାଦ୍ ପଡିଛନ୍ତି। ସେଥିପାଇଁ ଶାର୍ଦ୍ଦୁଳଙ୍କୁ ଦଳରେ ସାମିଲ କରାଯାଇଛି ବୋଲି ପ୍ରସାଦ କହିଛନ୍ତି। ସେହିପରି ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଇଞ୍ଜୁରି କାରଣରୁ ଅସ୍ତ୍ରୋପଚାର କରାଇଥିବାରୁ ତାଙ୍କ ପ୍ରତ୍ୟାବର୍ତ୍ତନ ଏବେ ଡେରି ହେବ ବୋଲି ସେ କହିଛନ୍ତି।

# ଧର୍ମଘଟ ପ୍ରତ୍ୟାହାର କଲେ ବାଂଲାଦେଶ ଖେଳାଳି



ଶକିବ ଅଲ ହସନ (ଡାହାଣ) ଏବଂ ନାଜମୁଲ ହସନ।

ଢାକା, ୨୪।୧୦ (ପି.ଟି.)

ପାରିଶ୍ରମିକ ଏବଂ ଅନ୍ୟାନ୍ୟ ସୁବିଧା ଦାବିରେ ଷ୍ଟାର ଅଲରାଉଣ୍ଡର ଶକିବ ଅଲ ହସନଙ୍କ ନେତୃତ୍ୱରେ ବାଂଲାଦେଶ କ୍ରିକେଟରମାନେ ଯେଉଁ ଧର୍ମଘଟ ଚଳାଇଥିଲେ ତାହା ପ୍ରତ୍ୟାହାର କରିନେଇଛନ୍ତି। ଦେଶର କ୍ରିକେଟ ବୋର୍ଡ ବିସିବି ଖେଳାଳିମାନଙ୍କ ସମସ୍ତ ଦାବି ପୂରଣ କରିବା ଲାଗି ରାଜି ହୋଇଛି। ଫଳତଃ ବାଂଲାଦେଶ କ୍ରିକେଟ ଦଳର ଭାରତ ଟୁର୍ ଠିକଣା ପଥକୁ ଫେରିଛି। ବୁଧବାର ବାଂଲାଦେଶ କ୍ରିକେଟ ବୋର୍ଡ ଏବଂ ଧର୍ମଘଟକାରୀ ଖେଳାଳିମାନଙ୍କ ମଧ୍ୟରେ ଦୀର୍ଘ ଦୁଇ ଘଣ୍ଟା ଧରି ବୈଠକ ହୋଇଥିଲ। ଏହା ଦୁଇଘଣ୍ଟା ଧରି ଚାଲିଥିଲା। ସମଝୋତା ଫଳରେ ପୂର୍ବ କାର୍ଯ୍ୟସୂଚୀ ଅନୁସାରେ ନଭେମ୍ବର ୩ରୁ ବାଂଲାଦେଶ କ୍ରିକେଟ ଦଳର ଭାରତ ଟୁର୍ ଆରମ୍ଭ ହେବ। ଖେଳାଳିମାନେ ଶୁକ୍ରବାର ପ୍ରସ୍ତୁତି କ୍ୟାମ୍ପରେ ଯୋଗଦାନ କରିବେ। ବିସିବି ମୁଖ୍ୟ ନାଜମୁଲ ହସନ କହିଛନ୍ତି ଏହା ଏକ ଫଳପ୍ରଦ ଆଲୋଚନା ଥିଲା। ଯଥାଶୀଘ୍ର ଖେଳାଳିମାନଙ୍କ ଦାବି ପୂରଣ ହେବ। ଶକିବ କହିଛନ୍ତି, ଦାବି ପୂରଣ ପ୍ରତିଶ୍ରୁତିକୁ ଭିତ୍ତି କରି ଆମେ ଜାତୀୟ କ୍ରିକେଟ ଲିଗ୍‌ରେ ଖେଳିବା ଆରମ୍ଭ କରିବା ସହ ଟ୍ରେନିଂ କ୍ୟାମ୍ପରେ ଯୋଗଦେବୁ। ବୈଠକରେ ଶକିବଙ୍କ ବ୍ୟତୀତ ଯେଉଁ ବରିଷ୍ଠ ଖେଳାଳିମାନେ ଯୋଗଦେଇଥିଲେ ସେମାନେ ହେଲେ ମୁସ୍‌ଫିକର ରହିମ, ମହମୁଦୁଲ୍ଲା ଏବଂ ତାମିମ ଇକ୍‌ବାଲ। ଖେଳାଳିମାନେ ସୋମବାର ଆଉ ଦୁଇଟି ଦାବି ସାମିଲ କରିବାରୁ ଏହାର ସଂଖ୍ୟା ୧୧କୁ ବୃଦ୍ଧି ପାଇଛି। ଏହି ଦାବି ଦୁଇଟି ହେଲା ବିସିବି ରାଜସ୍ୱରୁ ଲାଭାଂଶରୁ ଏବଂ ମହିଳା କ୍ରିକେଟରଙ୍କ ଲାଗି ସମାନ ପାରିଶ୍ରମକ ବ୍ୟବସ୍ଥା। ହେଲେ ବିସିବି ସଭାପତି ଏହି ଦୁଇଟି ଦାବି ପୂରଣ କରିବା ଲାଗି ରାଜି ହୋଇ ନ ଥିଲେ।

# ଟି୧୦ ଲିଗ୍‌ରେ ଖେଳିବେ ଯୁବି

ଦୁବାଇ,୨୪।୧୦

ପୂର୍ବତନ ଭାରତୀୟ ବିସ୍ଫୋରକ ବ୍ୟାଟ୍ସମ୍ୟାନ ଯୁବରାଜ ସିଂ (ଯୁବି) ଟି୧୦ ଲିଗ୍‌ର ଦ୍ୱିତୀୟ ସଂସ୍କରଣରେ ଖେଳିବାକୁ ଯାଉଛନ୍ତି। ତାଙ୍କୁ ମରାଠା ଆରବିଆନ୍ସ ଦଳରେ ସାମିଲ କରାଯାଇଛି। ଗତ ଜୁନରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବା ପରେ ଯୁବି ଦ୍ୱିତୀୟ ଥର ପାଇଁ ବିଶ୍ୱର କୌଣସି ଫ୍ରାଞ୍ଚାଇଜ ଭିତ୍ତିକ ଲିଗ୍‌ରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ସ୍ୱୀକୃତି ପ୍ରାପ୍ତ ଲିଗ୍ ନଭେମ୍ବର ୧୫ ତାରିଖରୁ ଆରମ୍ଭ ହେବ। ପୂର୍ବତନ ବାମହାତୀ ଷ୍ଟାଇଲିସ ବ୍ୟାଟ୍ସମ୍ୟାନ ୨୦୦୭ ଟି୨୦ ବିଶ୍ୱକପ୍ ଓ ୨୦୧୧ ଆଇସିସି ବିଶ୍ୱକପ୍ ଚାମ୍ପିୟନ ଭାରତୀୟ ଦଳର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଥିଲେ। ସେ ଅବସରବେଳେ ବିଶ୍ୱର ବିଭିନ୍ନ ଲିଗ୍‌ରେ ଖେଳିବାକୁ ଇଚ୍ଛା ପ୍ରକାଶ କରିଥିଲେ। କାରଣ ବିସିସିଆଇ ଅନ୍ତର୍ଜାତୀୟ କ୍ରିକେଟ ଖେଳୁଥିବା ଖେଳାଳିଙ୍କୁ ଆଇପିଏଲ ଛଡ଼ା କୌଣସି ଫ୍ରାଞ୍ଚାଇଜ ଭିତ୍ତିକ ଲିଗ୍‌ରେ ଖେଳିବାକୁ ଅନୁମତି ଦିଏ ନାହିଁ। ଅବସର ପରେ ୩୭ ବର୍ଷୀୟ ଅଲରାଉଣ୍ଡର



କାନାଡାର ଗ୍ଲୋବାଲ ଟି୨୦ ଲିଗ୍‌ରେ ଟରୋଣ୍ଟୋ ନ୍ୟାଶନାଲ୍ସ ପାଇଁ ଖେଳିଥିଲେ। ଏ ସମ୍ପର୍କରେ ଯୁବି କହିଛନ୍ତି, ଏହା ଏକ ନୂଆ ଫର୍ମାଟ। ମରାଠା ଆରବିଆନ୍ସ ଦଳରେ ବିଶ୍ୱର କିଛି ଶ୍ରେଷ୍ଠ ଖେଳାଳିଙ୍କ ସହ ଖେଳିବାକୁ ମୋତେ ସୁଯୋଗ ମିଳିବ। ଏଣୁ ମୁଁ ବହୁତ ଉତ୍ସାହିତ ଅଛି। ପୂର୍ବତନ ୱେଷ୍ଟଇଣ୍ଡିଜ ଦଳର ଅଧିନାୟକ ଡ୍ୱେନ ବ୍ରାଭୋ ପୂର୍ବ ସଂସ୍କରଣ ଭଳି ଏଥର ମଧ୍ୟ ଦଳର ନେତୃତ୍ୱ ନେବେ। ଏହି ଫ୍ରାଞ୍ଚାଇଜରେ ଶ୍ରୀଲଙ୍କା ଟି୨୦ ଦଳର ଅଧିନାୟକ ଲସିଥ ମାଲିଙ୍ଗା, ଆଫଗାନିସ୍ତାନର ନାଜିବୁଲା ଜର୍ଡାନ ଓ ହଜାରୁତୁଲା ଜଜାଇଙ୍କ ଭଳି ଖେଳାଳି ରହିଛନ୍ତି।

# ବିଜୟ ହଜାରେ ଟ୍ରଫି ଫାଇନାଲ ଆଜି

ବେଙ୍ଗାଲୁରୁ, ୨୪।୧୦ (ପି.ଟି.)

ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ଘରୋଇ ଏକଦିବସୀୟ କ୍ରିକେଟ୍ ପ୍ରତିଯୋଗିତା ବିଜୟ ହଜାରେ ଟ୍ରଫିର ଫାଇନାଲ ମ୍ୟାଚ୍ ଶୁକ୍ରବାର ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବ। ଘରୋଇ କ୍ରିକେଟ୍‌ର ଦୁଇ ପାୱାର ହାଉସ୍ କର୍ନାଟକ ଓ ତାମିଲନାଡୁ ଟ୍ରଫି ଲଢ଼େଇ ପାଇଁ ଅବତୀର୍ଣ୍ଣ ହେବେ। ଭାରତୀୟ ଦଳର କିଛି ଷ୍ଟାର୍ ଖେଳାଳି ଉଭୟ କର୍ନାଟକ ଓ ତାମିଲନାଡୁ ଦଳରେ ରହିଥିବାରୁ ଫାଇନାଲ ମ୍ୟାଚ୍‌ରେ ରୋମାଞ୍ଚକ ଲଢ଼େଇ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

ମନୀଷ ପାଣ୍ଡେଙ୍କ ନେତୃତ୍ୱାଧୀନ ଘରୋଇ କର୍ନାଟକ ଦଳରେ ଲୋକେଶ ରାହୁଲ, ମୟଙ୍କ ଅଗ୍ରୱାଲ, କରୁଣ ନାୟାର, ଅଭିମନ୍ୟୁ ମିଥୁନ ଓ ଶ୍ରେୟାସ ଗୋପାଲଙ୍କ ଭଳି ପ୍ରମୁଖ ଖେଳାଳି ରହିଛନ୍ତି। ଉଇକେଟ୍‌କିପର ତଥା ଅଧିନାୟକ ଦୀନେଶ କାର୍ତ୍ତିକଙ୍କ ନେତୃତ୍ୱାଧୀନ ତାମିଲନାଡୁ ଦଳ ମଧ୍ୟ ଏକ୍ଷେତ୍ରରେ ପଛରେ ପଡ଼ିନାହିଁ। ଦଳରେ ମୁରଲୀ ବିଜୟ, ଅଭିମନ୍ୟୁ ମୁକୁନ୍ଦ, ବିଜୟ ଶଙ୍କର, ରବିଚନ୍ଦ୍ରନ ଅଶ୍ୱିନ, ୱାଶିଂଟନ ସୁନ୍ଦର, ବାବା ଅପରାଜିତଙ୍କ ଭଳି ଖେଳାଳି କର୍ନାଟକକୁ କଡ଼ା ଟକ୍କର ଦେବା ଲକ୍ଷ୍ୟରେ ରହିଛନ୍ତି। କର୍ନାଟକ ଲିଗ୍ ପର୍ଯ୍ୟାୟରେ ୮ରୁ ୭ ବିଜୟ ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ଏହାପରେ କ୍ୱାର୍ଟରରେ ପୁଡୁଚେରୀକୁ ୮ ଉଇକେଟ୍ ଏବଂ ସେମିଫାଇନାଲରେ ଛତିଶଗଡ଼କୁ ୯ ଉଇକେଟ୍‌ରେ ହରାଇ ଫାଇନାଲରେ ପ୍ରବେଶ କରିଛି। ଅପରପକ୍ଷରେ



ମନୀଷ ପାଣ୍ଡେ

### କର୍ନାଟକକୁ ଭେଟିବ ତାମିଲନାଡୁ

ଲିଗ୍ ପର୍ଯ୍ୟାୟରେ ୯ରୁ ୯ ମ୍ୟାଚ୍ ଜିତିଥିବା ତାମିଲନାଡୁ ନକ୍‌ଆଉଟ୍‌ରେ କିନ୍ତୁ ଭାଗ୍ୟଶାଳୀ ରହିଥିଲା। ପଞ୍ଜାବ ବିପକ୍ଷ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଫଳାଫଳ ବର୍ଷା ଯୋଗୁ ବାହାରି ନ ପାରିବାରୁ ଲିଗ୍ ପର୍ଯ୍ୟାୟରେ ଅଧିକ ମ୍ୟାଚ୍ ଜିତିଥିବା ନିୟମରୁ ତାମିଲନାଡୁ ସେମିଫାଇନାଲ ଟିକେଟ୍ ହାସଲ କରିଥିଲା। ସେମିଫାଇନାଲରେ ଗୁଜରାଟକୁ ୫ ଉଇକେଟ୍‌ରେ ମାତ୍ ଦେଇ ତାମିଲନାଡୁ ଫାଇନାଲରେ ପହଞ୍ଚିଛି। ଦୁଇ ଦଳର ବ୍ୟାଟିଂ ଲାଇନ୍ ଅପ୍ ବେଶ୍ ଶକ୍ତିଶାଳୀ ହୋଇଥିବାରୁ ଶୁକ୍ରବାର ମ୍ୟାଚ୍ ବୋଲରଙ୍କ ପାଇଁ କଡ଼ା ପରୀକ୍ଷା ସଦୃଶ ହେବ।



ଦୀନେଶ କାର୍ତ୍ତିକ

ଟୁର୍ନାମେଣ୍ଟରେ ବର୍ତ୍ତମାନ ସୁଦ୍ଧା କର୍ନାଟକ ପାଇଁ ରାହୁଲ ୫୪୬ ଓ ଓପନର୍ ଦେବଦୁତ୍ତ ପାଡିକଲ ୫୯୮ ରନ ସଂଗ୍ରହ କରିସାରିଛନ୍ତି। ଅଧିନାୟକ ମନୀଷ ପାଣ୍ଡେ ମଧ୍ୟ ଭଲ ଫର୍ମରେ ରହିଛନ୍ତି। ଅପରପକ୍ଷରେ ତାମିଲନାଡୁ ପାଇଁ ବାବା ଅପରାଜିତ (୪୮୦ ରନ), ଅଭିମନ୍ୟୁ ମୁକୁନ୍ଦ (୪୪୦ ରନ) ମଧ୍ୟ ପ୍ରଦର୍ଶନର ଛାପ ଛାଡ଼ିଛନ୍ତି।

# ଡିଏଭି ଜୋନାଲ ସୁଟିଂ, ରୋଲର ସ୍କେଟିଂ ମିଟ୍

ଭୁବନେଶ୍ୱର, ୨୪।୧୦(କ୍ରୀଡ଼ା ପ୍ରତିନିଧି)

ୟୁନିଟ-୮ ଡିଏଭି ସ୍କୁଲ ଆନୁକୂଲ୍ୟରେ ଜୋନାଲ ମିଟ୍‌ର ବନ୍ଧୁକ ଚାଳନା ଓ ରୋଲର ସ୍କେଟିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ଓଡ଼ିଶା ରାଇଫଲ ଆସୋସିଏଶନ ତତ୍ତ୍ୱାବଧାନରେ ବନ୍ଧୁକ ଚାଳନା ପ୍ରତିଯୋଗିତା ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଆୟୋଜିତ ହୋଇଛି। ଏହି ମିଟ୍‌ର ବାଳକ ୧୦ ମିଟର ଏୟାର ରାଇଫଲ ପିପ୍ ସାଇଟ୍‌ରେ ଅଂଶୁମାନ ନାୟକ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ବାଳକ ୧୦ ମିଟର ଏୟାର ପିସ୍ତଲରେ ପ୍ରିୟରଞ୍ଜନ ମିଶ୍ର, ଅମିତ କୁମାର ହୋତା ଓ ପ୍ରଦୀପ ଦାସ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଥିଲେ। ବାଳିକା ୧୦ ମିଟର ଏୟାର ରାଇଫଲ ପିପ୍ ସାଇଟ୍‌ରେ ତନିସ୍କା ସାମନ୍ତ, ମାନ୍ୟତା ସିଂ ଓ ଅନ୍ୱେଷା ଦାସ ପ୍ରଥମ ତିନିସ୍ଥାନ ଅଧିକାର କରିଛନ୍ତି। ୧୦ ମିଟର ଏୟାର ରାଇଫଲ ଓପନ ସାଇଟ୍‌ରେ ପି. ସାଇଲକ୍ଷ୍ମୀ ପ୍ରଥମ ଓ ଡି. ହର୍ଷିତା ଦ୍ୱିତୀୟ ସ୍ଥାନ ପାଇଛନ୍ତି। ବାଳିକା ୧୦ ମିଟର ଏୟାର ପିସ୍ତଲରେ ଶ୍ରୁତି ପାତ୍ରୋ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ପ୍ରତିଯୋଗୀମାନେ ଜାତୀୟ ଡିଏଭି ମିଟ୍‌କୁ ଉନ୍ନୀତ ହୋଇଛନ୍ତି। ଆୟୋଜକ ୟୁନିଟ-୮ ଡିଏଭି ସ୍କୁଲର ପ୍ରିନ୍ସିପାଲ ଇପ୍‌ସିତା ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସ୍କୁଲର ଖେଳ ପ୍ରଶିକ୍ଷକ କେ.ସି. ଦାସ, ରାଇଫଲ ଆସୋସିଏଶନର ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ, ଭଳଭଦ୍ର ଦାସ, ଆଶିଷ ନାୟକ, ଗୌରୀ ମହାନ୍ତି, ପାର୍ଥ ସାରଥି ଜେନା ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ।

### ରୋଲର ସ୍କେଟିଂ

ଓଡ଼ିଶା ରୋଲର ସ୍କେଟିଂ ଆସୋସିଏଶନ (ଓଆର୍‌ଏସ୍‌ଏ) ତତ୍ତ୍ୱାବଧାନରେ ରୋଲର ସ୍କେଟିଂ ଜୋନାଲ ମିଟ୍ ସଫଳତାର ସହ ଡିଏଭି ଚନ୍ଦ୍ରଶେଖରପୁରରେ ଆୟୋଜିତ ହୋଇଛି। ଏହି ମିଟ୍‌ରେ ୪୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବାଳକ ବିଭାଗରେ ଡିଏଭି ପୋଖରିପୁଟ ୧୪ ପଏଣ୍ଟ ସହ ଚାମ୍ପିୟନ ଏବଂ କଳିଙ୍ଗ ନଗର ୧୧ ପଏଣ୍ଟ ପାଇ ରନର୍ସଅପ୍ ହୋଇଥିଲା। ବାଳିକା ବିଭାଗରେ ୟୁନିଟ-୮ ଡିଏଭି ୧୫ ପଏଣ୍ଟ ସହିତ ଚାମ୍ପିୟନ ଏବଂ ପୋଖରିପୁଟ ୧୪ ପଏଣ୍ଟ ସହ ରନର୍ସଅପ୍ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଆୟୋଜକ ୟୁନିଟ-୮ ଡିଏଭି ପ୍ରିନ୍ସିପାଲ ଇପ୍‌ସିତା ଦାସ, ଡିଏଭି ଚନ୍ଦ୍ରଶେଖରପୁର ପ୍ରିନ୍ସିପାଲ କେ.ସି. ଶତପଥୀ, ଫିଜିକାଲ ଏଜୁକେଶନ ଶିକ୍ଷକ କିଶୋର ଚନ୍ଦ୍ର ଦାସ, ଆନନ୍ଦ ଚନ୍ଦ୍ର ଦାସ, ଓଡ଼ିଶା ରୋଲର ସ୍କେଟିଂ ଆସୋସିଏଶନ ସମ୍ପାଦକ ପାର୍ଥସାରଥି ଜେନା ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।






ଡିଏଭି ସ୍କୁଲ ଜୋନାଲ ମିଟ୍‌ର ବନ୍ଧୁକ ଚାଳନା (ଉପର) ଓ ରୋଲର ସ୍କେଟିଂ ଇଭେଣ୍ଟରେ ଭାଗ ନେଇଥିବା ପ୍ରତିଯୋଗୀମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie


ପ୍ରୀତେଶ


ଅଜିତ୍


ଧୀରଜ୍


ରତନ

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ଧାନ ସଂଗ୍ରହରେ ପୂର୍ଣ୍ଣ ସ୍ୱଚ୍ଛତା ଅଣାଯିବ: ମନ୍ତ୍ରୀ

**ଖରିଫ୍ ବିପଣନ ଋତୁ ୨୦୧୯-୨୦**
- ପ୍ରକୃତ ଚାଷୀଙ୍କଠାରୁ ଅନ୍‌ଲାଇନ୍ ମାଧ୍ୟମରେ ଧାନ ସଂଗ୍ରହ
- ସହାୟତା କରିବେ ଏସ୍‌ଏଚ୍‌ଜି

ଭୁବନେଶ୍ୱର, ୨୪।୧୦(ବ୍ୟୁରୋ)

ଚଳିତ ଖରିଫ୍ ବିପଣନ ଋତୁ ୨୦୧୯-୨୦ ବର୍ଷରେ ଧାନ ସଂଗ୍ରହ କାର୍ଯ୍ୟକୁ ଅନ୍‌ଲାଇନ୍ ମାଧ୍ୟମରେ ସ୍ୱଚ୍ଛ ଏବଂ ଅଧିକ ଫଳପ୍ରଦ କରାଯିବା ପାଇଁ ପଦକ୍ଷେପ ନିଆଯାଇଛି। ପଞ୍ଜୀକୃତ କୃଷକମାନେ ସୁବିଧାରେ ସେମାନଙ୍କର ଧାନକୁ ସର୍ବନିମ୍ନ ସହାୟକ ମୂଲ୍ୟରେ ବିକ୍ରିକରି ପାରିବେ । ଧାନ ସଂଗ୍ରହ କାର୍ଯ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପ୍ରବର୍ତ୍ତିତ ୫ 'ଟି'କୁ କଡ଼ାକଡ଼ି ଭାବରେ ପାଳନ କରାଯିବ । ଏହା ଦ୍ୱାରା କ୍ଷୁଦ୍ର ଓ ନାମମାତ୍ର, ପ୍ରକୃତ ଓ ଭାଗଚାଷୀମାନେ ବହୁଳ ଭାବରେ ଉପକୃତ ହେବେ ବୋଲି ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ।

ଗୁରୁବାର ଲୋକସେବା ଭବନରେ ଆୟୋଜିତ ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ରାଜ୍ୟର ସବୁ ଜିଲାପାଳମାନଙ୍କ ସହିତ ଆଲୋଚନା କରିବା ଅବସରରେ ମନ୍ତ୍ରୀ ସ୍ୱାଇଁ ଏହା କହିଥିଲେ। ମନ୍ତ୍ରୀ କହିଛନ୍ତି ଯେ ଅନ୍‌ଲାଇନ୍ ମାଧ୍ୟମରେ ଧାନ ସଂଗ୍ରହ କରାଯିବା ଏଥିପାଇଁପି-ପାସ୍‌ବ୍ୟବସ୍ଥାରେ ସଦ୍ୟତମ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ କରାଯାଇଛି । ଧାନ ସଂଗ୍ରହ ନିମନ୍ତେ ଚାଷୀମାନଙ୍କ ନାମ ପଞ୍ଜୀକରଣ ବେଳେ ଆଧାର ସଂଯୋଗ କରାଯାଇଛି, ଯେପରି ପ୍ରକୃତ ଚାଷୀ ଚିହ୍ନଟ ହୋଇପାରିବେ । ଏଥିସହିତ କେନ୍ଦ୍ରୀକୃତ ବ୍ୟବସ୍ଥାରେ ଧାନ ସଂଗ୍ରହ ନିମନ୍ତେ ବିଭାଗ ପକ୍ଷରୁ ଚାଷୀମାନଙ୍କୁ ଆଗୁଆ ଅନ୍‌ଲାଇନ୍ ଟୋକନ୍ ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି। ଏହା ସେମାନଙ୍କ ମୋବାଇଲ୍‌ରେ ମଧ୍ୟ ଉପଲବ୍ଧ ହେବ । ଧାର୍ଯ୍ୟ ସମୟ ମଧ୍ୟରେ ଧାନ ସଂଗ୍ରହ କରାଯାଇ ଚାଷୀମାନଙ୍କୁ ୨୪ରୁ ୪୮ ଘଣ୍ଟା ମଧ୍ୟରେ ଅର୍ଥ ଦେବାର ବ୍ୟବସ୍ଥା କରାଯାଇଥିବା ରଣେନ୍ଦ୍ର ପ୍ରତାପ କହିଛନ୍ତି। ସେହିପରି ମିଲରମାନଙ୍କ ପକ୍ଷରୁ ଧାର୍ଯ୍ୟ ସମୟ ମଧ୍ୟରେ ସଂଗୃହୀତ ଧାନକୁ ଚାଉଳ କରି ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରିବା ପାଇଁ କୁହାଯାଇଛି, ଯେପରି ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଠିକ୍ ସମୟରେ ଚାଉଳ ଉପଲବ୍ଧ ହୋଇପାରିବ । ଚଳିତ ବର୍ଷ ରାଜ୍ୟ ସରକାର ସମୁଦାୟ ୬୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିବାବେଳେ କେବଳ ଖରିଫ୍ ଋତୁରେ ୫୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଯେଉଁସବୁ ଜିଲାରେ ଶୀଘ୍ର ଧାନ ଅମଳ କରାଯାଉଛି ସେହିସବୁ ଜିଲାଗୁଡ଼ିକରେ ନଭେମ୍ବର ପହିଲାରୁ ୧୫ ତାରିଖ ମଧ୍ୟରେ ଧାନ ସଂଗ୍ରହ କାର୍ଯ୍ୟ ଆରମ୍ଭ କରାଯିବ । ସେହିପରି ବିଳମ୍ବରେ ଧାନ ଅମଳ ହେଉଥିବା ଜିଲାଗୁଡ଼ିକରେ ନଭେମ୍ବର ୧୬ରୁ ୩୦ ମଧ୍ୟରେ ଏହି କାର୍ଯ୍ୟ ଆରମ୍ଭ କରାଯିବ । ଏଥି ନିମନ୍ତେ ସଂପୃକ୍ତ ଜିଲାରେ ଜିଲାସ୍ତରୀୟ ଧାନ ସଂଗ୍ରହ ବୈଠକ କରାଯାଇ ଉପରୋକ୍ତ ଅବଧି ମଧ୍ୟରେ ଧାନ ସଂଗ୍ରହର ତାରିଖ ଓ ଧାନ ସଂଗ୍ରହ କେନ୍ଦ୍ରର ତାଲିକା ଓ ସ୍ଥାନ ଚୂଡ଼ାନ୍ତ କରାଯିବ। ଧାନ କିଣାଯିବାର ୨୪ରୁ ୪୮ଘଣ୍ଟା ମଧ୍ୟରେ ଚାଷୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଅର୍ଥ ହସ୍ତାନ୍ତର କରାଯିବ । ଖରିଫ ଧାନ ସଂଗ୍ରହ କାର୍ଯ୍ୟ ମାର୍ଚ୍ଚ ୨୦୨୦ ସୁଦ୍ଧା ଶେଷ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଧାନ ସଂଗ୍ରହ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ କଷ୍ଟମ ମିଲରମାନଙ୍କ ତାଲିକା ଚୂଡ଼ାନ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏଥି ନିମନ୍ତେ ମିଲରମାନଙ୍କ ପାଇଁ ପୂର୍ବ ବର୍ଷର ଶତପ୍ରତିଶତ ଚାଉଳ ଧାର୍ଯ୍ୟ ସମୟ ମଧ୍ୟରେ ଯୋଗାଇ ଦେବା ପାଇଁ ସର୍ତ୍ତ ରଖାଯାଇଛି । ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିବା ନିମନ୍ତେ ରାଜ୍ୟ ସରକାର ଏସ୍‌ଏଚ୍‌ଜିଙ୍କୁ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ଚଳିତ ବର୍ଷ ବରଗଡ଼, ଭଦ୍ରକ, ବଲାଙ୍ଗୀର, ଗଞ୍ଜାମ, କଳାହାଣ୍ଡି, କୋରାପୁଟ, ନୂଆପଡ଼ା, ସମ୍ବଲପୁର ଓ ସୁବର୍ଣ୍ଣପୁରର ପ୍ରାୟ ୧୫୦ ଏସ୍‌ଏଚ୍‌ଜିଙ୍କ ଦ୍ୱାରା ଖରିଫ୍ ଧାନ ସଂଗ୍ରହ କାର୍ଯ୍ୟ କରାଯିବ। ଏଥି ନିମନ୍ତେ ଜିଲାପାଳଙ୍କ ସ୍ତରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଅନ୍‌ଲାଇନ୍ ମାଧ୍ୟମରେ ଧାନ ସଂଗ୍ରହ ବିଷୟରେ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି ।

ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ଧାନ ସଂଗ୍ରହ ନିମନ୍ତେ ୧୨,୩୫,୯୦୮ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ଧାନ ସଂଗ୍ରହ କାର୍ଯ୍ୟରେ କୌଣସି ପ୍ରକାର ଅନିୟମିତତା ଅଭିଯୋଗ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି।

2nd Birthday Wishes

Shaira Kuanar
(Rishu)
Daughter of Sonali & Ranjan Kuanar
With best Compliments from:
Aja, Aee, Meemee, Jeje, Jejemaa, Baba, Mama, Bada Baba, Bada Mama, Dada, Khudi & Kunu didi.
HAPPY BIRTH DAY
D-14915

ଜନ୍ମଦିନ ଶୁଭେଚ୍ଛା

ଶ୍ରୀ ଦ୍ୱିତୀକୃଷ୍ଣ ମହାନ୍ତି (ସୋମ)
କଣିଆ, ବାଲିକୁଦା, ଜଗତ୍‌ସିଂହପୁର
ଆଜି ତୋର ଜନ୍ମଦିନରେ ଜଗତରନାଥ ଶ୍ରୀଜଗନ୍ନାଥ ଓ ମା' ତାରିଣୀଙ୍କ ଅଶେଷ କୃପାରୁ ତୋର ଭବିଷ୍ୟତ ଜୀବନ ସୁଖମୟ ହେଉ, ଏହାହିଁ ଆମର ପ୍ରଭୁଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୁଭେଚ୍ଛାସହ:
ଜେଜେ, ମା',ବୋଉ, ଆଈ, ବଡ଼ବାବା, ବଡ଼ମାମା, ବାବା, ମାମା, ଦିଦି, ଭାଇ, ମାମୁ, ମାଉସୀ, ମଉସା, ପିଉସୀ, ପିଉସା ଓ ବନ୍ଧୁବର୍ଗ।
ଧ-୬୭୦୯୩

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯେବେ ମୂର୍ଖ ସଙ୍ଗେ ଚାଲିବ ବାଟ**
**କହୁଣି ଖାଇବ ରଟ ରଟ ।**

ମୂର୍ଖ ବ୍ୟକ୍ତି ସାଧାରଣତଃ ବିଚାର ବୁଦ୍ଧି ଶୂନ୍ୟ ହୋଇଥାନ୍ତି। ଭଲ ଓ ଖରାପ ମଧ୍ୟରେ ଥିବା ପ୍ରଭେଦକୁ ସେମାନେ ସହଜରେ ଠଉରେଇ ପାରି ନ ଥାନ୍ତି। ଏପରି ବ୍ୟକ୍ତିଙ୍କ ସହ ସମ୍ପର୍କ ଯୋଡ଼ିଲେ ଭବିଷ୍ୟତରେ ନାନା ଅସୁବିଧାର ସମ୍ମୁଖୀନ ହେବା ସୁନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯେ ମାଗି ଖାଏ, ସେ ଲାଗି ନ ଖାଏ**
**ଯେ ଲାଗି ଖାଏ, ସେ ମାଗି ନ ଖାଏ ।**

ଯିଏ ଭିକ ମାଗି ପେଟ ପୋଷେ ସେ କେବେ କଷ୍ଟ କରି କାମ କରିବାକୁ ଇଚ୍ଛା ପ୍ରକାଶ କରି ନ ଥାଏ। ସେହିପରି ଯିଏ କାମଦାମ କରି ନିଜ ପେଟ ପୋଷୁଥାଏ ସେ ପର ଆଗରେ ହାତପାତିବାକୁ ସଙ୍କୋଚ କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ନଭେମ୍ବର ପହିଲାରୁ ଖୋଲିବ ଶିମିଳିପାଳ

## ■ ପିଠାବଟା ଓ କାଳିଆଣି ଦେଇ ପ୍ରବେଶ କରିବେ ପର୍ଯ୍ୟଟକ

ବାରିପଦା ଅଫିସ, ୨୪।୧୦

ଆସନ୍ତା ନଭେମ୍ବର ପହିଲାରୁ ପର୍ଯ୍ୟଟକଙ୍କ ପାଇଁ ଶିମିଳିପାଳ ଅଭୟାରଣ୍ୟ ଖୋଲିବ। ଏନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ବର୍ଷା କାରଣରୁ ପ୍ରତି ବର୍ଷ ଜୁନ ୧୬ ତାରିଖରୁ ବନ୍ଦ ରହୁଥିବା ଶିମିଳିପାଳ ଅଭୟାରଣ୍ୟ ନଭେମ୍ବର ପହିଲାରେ ଖୋଲିଥାଏ। ମନଲୋଭା ପ୍ରାକୃତିକ ଦୃଶ୍ୟରାଜି ସହ ଜଳପ୍ରପାତର ମଜା ନେବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରର ପର୍ଯ୍ୟଟକମାନେ ଉତ୍ସୁକତାର ସହିତ ଖୋଲିବା ସମୟକୁ ଅପେକ୍ଷା କରିଥାନ୍ତି। ପର୍ଯ୍ୟଟକମାନେ ପିଠାବଟା (ଲୁଲୁଙ୍ଗ) ଓ କାଳିଆଣି (ଯଶିପୁର) ଗେଟ୍ ଦେଇ ଭିତରକୁ ପ୍ରବେଶ କରିବେ। ଏହି ଦୁଇ ଗେଟ୍‌ରେ ସକାଳ ୬ ଟାରୁ ୯ଟା ପର୍ଯ୍ୟନ୍ତ ଭିତରକୁ ପ୍ରବେଶ ପାଇଁ ଅନୁମତିପତ୍ର ଉପଲବ୍ଧ ହେବ। ସେଠାରେ ପର୍ଯ୍ୟଟକମାନଙ୍କ ଯାନ ଓ ସେମାନଙ୍କ ଜିନିଷ ପତ୍ର ଯାଞ୍ଚ କରାଯିବ। ଦୈନିକ କାଳିଆଣି (ଯଶିପୁର) ଗେଟ୍‌ରେ ୩୫ଟି ଚାରିଚକିଆ ଗାଡ଼ି ଏବଂ ପିଠାବଟା ଗେଟ୍‌ରେ ୨୫ଟି ଗାଡ଼ି ପ୍ରବେଶ ପାଇଁ ଅନୁମତି ଦିଆଯିବ। ସେହିପରି ପ୍ରବେଶ କରିବା ପୂର୍ବରୁ ପର୍ଯ୍ୟଟକମାନେ ପ୍ରଚଳିତ ନିୟମାବଳୀ ପାଳନ ନିମନ୍ତେ ଲିଖିତନାମା ଦେବେ। ଅପରାହ୍ନ ୩ଟା ପୂର୍ବରୁ ଯୋରନ୍ଦ ଓ ବରେହିପାଣି ଜଳପ୍ରପାତ ଏବଂ ଅପରାହ୍ନ ୪ଟା ସୁଦ୍ଧା ଚହଲା ସ୍ଥାନକୁ ପର୍ଯ୍ୟଟକମାନଙ୍କୁ ଛାଡିବାକୁ ହେବ। ତେବେ କୌଣସି କାରଣବଶତଃ ଅଭୟାରଣ୍ୟରେ ପର୍ଯ୍ୟଟକଙ୍କ ଗାଡ଼ି ଖରାପ ହେଲେ ସେମାନଙ୍କୁ ବାରିପଦା କିମ୍ବା ଯଶିପୁର ସ୍ଥାନାନ୍ତର କରିବା ପାଇଁ ଅଗ୍ରିମ ଭାବେ ୪ ହଜାର ଟଙ୍କା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷଙ୍କଠାରେ ପଇଠ କରିବାକୁ ପଡ଼ିବ। ପର୍ଯ୍ୟଟକମାନେ ପ୍ରତି ଗାଡ଼ିରେ ଜଣେ ଗାଇଡ ନେବା ବାଧ୍ୟତାମୂଳକ। ଅଭୟାରଣ୍ୟର କୁମାରୀ, ଗୁଡୁଗୁଡିଆ, ରାମତୀର୍ଥ ଓ ଜାମୁଆଣିରେ ଥିବା ଯାତ୍ରୀ ନିବାସଗୁଡିକରେ ରହିବାକୁ ହେଲେ ପର୍ଯ୍ୟଟକମାନଙ୍କୁ ୱେବସାଇଟରେ (ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ.ଇକୋ ଟୁର ଓଡ଼ିଶା.କମ୍) ଅଗ୍ରିମ ଆରକ୍ଷଣ କରିବାକୁ ହେବ। ପର୍ଯ୍ୟଟକମାନଙ୍କୁ ନେଇଯାଇଥିବା କୌଣସି ଯାନ ଦ୍ୱିତୀୟ ଥର ପାଇଁ ନିୟମାବଳୀ ଉଲ୍ଲଂଘନ କଲେ ସେହି ଯାନକୁ ଭବିଷ୍ୟତରେ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ ପାଇଁ ଅନୁମତି ଦିଆଯିବ ନାହିଁ। ପର୍ଯ୍ୟଟକମାନେ ସେମାନଙ୍କ ଫେରନ୍ତା ଯାତ୍ରା ଏପରି ଭାବେ ପ୍ରସ୍ତୁତ କରିବେ ଯେଭଳି ଅପରାହ୍ନ ୫ଟା ସୁଦ୍ଧା ପିଠାବଟା, ତୁଳସୀବଣି ଓ କାଳିଆଣି ତନଖି ଫାଟକ ଅତିକ୍ରମ କରିବେ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ଟିଟିଲାଗଡରେ ଡାକ୍ତରଙ୍କୁ ଆକ୍ରମଣ

ଟିଟିଲାଗଡ,୨୪।୧୦ (ଡି.ଏନ.ଏ)

ବଲାଙ୍ଗୀର ଜିଲା ଟିଟିଲାଗଡ ଉପଖଣ୍ଡ ଡାକ୍ତରଖାନାରେ ଗୁରୁବାର ରାତି ପ୍ରାୟ ୧୦ଟାରେ ଜଣେ ଡାକ୍ତରଙ୍କୁ ମାଡ ହୋଇଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ତାଙ୍କ ନାକ ଫାଟିଛି। ଆକ୍ରମଣର ଶିକାର ଡାକ୍ତର ଦିଲୀପ ପଟ୍ଟନାୟକ ଏ ନେଇ ଟିଟିଲାଗଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଘଟଣାର ଅନୁସନ୍ଧାନ କରୁଥିବା ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତି କହିଛନ୍ତି। ଡାକ୍ତରଙ୍କ ଅଭିଯୋଗ ଅନୁସାରେ ରାତି ପ୍ରାୟ ୧୦ଟାରେ ଟିଟିଲାଗଡ ସହର ସ୍ୱାଧୀନପଡାର ସୁଧୀର ନନ୍ଦ ନାମକ ଜଣେ ବ୍ୟକ୍ତି ପ୍ରସବ ପାଇଁ ତାଙ୍କ ସ୍ତ୍ରୀଙ୍କୁ ଡାକ୍ତରଖାନାକୁ ଆଣିଥିଲେ। ସେ ଚିକିତ୍ସା ଆରମ୍ଭ କରୁଥିବା ବେଳେ ସମ୍ପୃକ୍ତ ବ୍ୟକ୍ତି ଜଣକ ଉତ୍ତ୍ୟକ୍ତ ହୋଇ ତାଙ୍କୁ ଏକ ମୁଥ ମାରିଥିଲେ। ପରେ ସେ ତାଙ୍କ ସ୍ତ୍ରୀଙ୍କୁ ନେଇ ଏଠାରୁ ପଳାଇଥିବା ଅଭିଯୋଗରେ ଦର୍ଶାଇଛନ୍ତି।

## ଆଜି କ'ଣ କେଉଁଠି

**ମୁରିବାହାଲ**
- ଜିଲାସ୍ତରୀୟ ମହିଳା ଓ ପୁରୁଷ ବିଭାଗ କବାଡି, ଭଲିବଲ ଚୟନ ପ୍ରତିଯୋଗିତାର ସମାପନ, ହଳଦୀ ହାଇସ୍କୁଲ ପଡିଆ, ପୂର୍ବାହ୍ନ ୧୨।୩୦।

**ସିନାପାଲି**
- ଭାଜପାର ପଦଯାତ୍ରାର ଶୁଭାରମ୍ଭ, ସିଙ୍ଘରେ ବୁଢାଦେଓ ମନ୍ଦିର ସମ୍ମୁଖ, ପୂର୍ବାହ୍ନ ୧୦ଟା।

**ପୁରୁଣାକଟକ**
- ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି, ଚାରିଛକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପୂର୍ବାହ୍ନ ୯।୩୦।

**କର୍ଲାମୁଣ୍ଡା**
- ବ୍ଲକସ୍ତରୀୟ ଶିଶୁ ସୁରଭି ମହୋତ୍ସବ, ନୋଡାଲ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣ, ପୂର୍ବାହ୍ନ ସାଢେ ୧୦ଟା ।

**ଲୋଇସିଂହା**
- ବ୍ଲକସ୍ତରୀୟ ଶିଶୁ ସୁରଭି କାର୍ଯ୍ୟକ୍ରମ, ବ୍ଲକ ଅଫିସ ପରିସର, ପୂର୍ବାହ୍ନ ସାଢେ ୧୦ଟା ।

**ସମ୍ବଲପୁର**
- ରାଜ୍ୟସ୍ତରୀୟ ସ୍କୁଲ ସୁଇମିଂ ପ୍ରତିଯୋଗୀତା, ଡା.ଝସକେତନ ସାହୁ ସୁଇମିଂ ପୁଲ, ସକାଳ ୯ଟା ।
- ୬୫ତମ ଓଡ଼ିଶା ରାଜ୍ୟ ସ୍କୁଲ ବ୍ୟାଡମିଣ୍ଟନ ଚାମ୍ପିୟାନଶିପ୍, ଭିଏସ୍‌ଏସ୍ ଇନ୍‌ଡୋର ହଲ, ପୂର୍ବାହ୍ନ ୧୦ ଟା।

## ■ ପିଇଓ ସ୍ମିତାରାଣୀଙ୍କ ମୃତ୍ୟୁ ଘଟଣା

# ଉଚ୍ଛେଦ ହେବ ବିବାଦୀୟ ଗେଷ୍ଟ ହାଉସ

- ସରକାରୀ ଜମିରେ ଠିଆ ହୋଇଛି ଅଟ୍ଟାଳିକା
- ଗେଷ୍ଟ ହାଉସ ପରିସରରେ ୧୪୪ଧାରା ଲାଗୁ
- ତଦନ୍ତ ଚାଲିଥିବାରୁ କିଛି ଦିନ ସୁରକ୍ଷିତ ରଖାଯିବ



ରସୁଲପୁର/ଧର୍ମଶାଳା, ୨୪।୧୦(ଡି.ଏନ.ଏ.)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତ ନିର୍ବାହୀ ଅଧିକାରିଣୀ(ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁ ଘଟଣାର ସପ୍ତାହ ପରେ ପ୍ରଶାସନିକ ତତ୍ପରତା ଦେଖିବାକୁ ମିଳିଛି। ସ୍ମିତାରାଣୀଙ୍କ ମୃତ୍ୟୁ ଯେଉଁ ଗେଷ୍ଟହାଉସରେ ହୋଇଥିଲା, ତାହା ସରକାରୀ ଅନାବାଦୀ ଜମିରେ ଠିଆ ହୋଇଥିବାରୁ ଏହାକୁ ଉଚ୍ଛେଦ କରିବାକୁ ଜିଲାପାଳ ରଞ୍ଜନ କୁମାର ଦାସ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ଏପରି କି ଉକ୍ତ ଗେଷ୍ଟ ହାଉସ ପରିସରରେ ୧୪୪ଧାରା ଲାଗୁ କରାଯାଇଛି। ମାମଲାର ତଦନ୍ତ ଚାଲିଥିବାରୁ ଏହାକୁ କିଛି ଦିନ ପାଇଁ ସୁରକ୍ଷିତ ରଖାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଉକ୍ତ ଗେଷ୍ଟହାଉସ ହରିଦାସପୁର ସରପଞ୍ଚ ମଧୁସ୍ମିତା ଭଦ୍ରଙ୍କ ସ୍ୱାମୀ ରୂପେଶ ଭଦ୍ରଙ୍କ ଦ୍ୱାରା ସରକାରୀ ଜମିରେ ନିର୍ମାଣ କରାଯାଇଥିଲା। ସରକାରୀ ଜମିରେ ନିର୍ମାଣ ହୋଇଥିବାରୁ ୨୦୧୮ରେ ଏନେଇ ଏକ ଜବରଦଖଲ ମାମଲା ରୁଜୁ ହେବାସହ ଜରିମାନା ଆଦାୟ କରାଯାଇଥିଲା। ଅଦ୍ୟାବଧି ଉକ୍ତ ଗେଷ୍ଟ ହାଉସ ସରକାରୀ ଜମିରେ ଠିଆ ହୋଇଥିଲେ ସୁଦ୍ଧା ପ୍ରଶାସନିକସ୍ତରରେ ଏହାର ଉଚ୍ଛେଦ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା।

ସୂଚନାଯୋଗ୍ୟ ଯେ, ଗତ ୧୬ତାରିଖ ଅପରାହ୍ନରେ ପିଇଓ ସ୍ମିତାରାଣୀଙ୍କ ସନ୍ଦେହଜନକ ଭାବେ ରୂପେଶଙ୍କ ଗେଷ୍ଟ ହାଉସରେ ମୃତ୍ୟୁ ଘଟିଥିଲା। ଘଟଣାର ୨ଦିନ ପରେ ପୋଲିସ ରୂପେଶଙ୍କୁ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ରୂପେଶଙ୍କ ଗେଷ୍ଟ ହାଉସ ସରକାରୀ ଜମିରେ ରହିଥିବା ବିରୋଧୀ ଦଳ ପକ୍ଷରୁ ଅଭିଯୋଗ ହୋଇଥିଲା। ଏହାକୁ ଆଧାର କରି ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ ଲାଗି ଯାଜପୁର ଜିଲାପାଳ ଦାସ ଧର୍ମଶାଳା ତହସିଲଦାର ପଣ୍ଡାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ମୁତାବକ ଧର୍ମଶାଳା ତହସିଲଦାର ପଣ୍ଡା ସ୍ଥାନୀୟ ଆର୍‌ଆଇ ଓ ଅମିନଙ୍କୁ ନେଇ ବିବାଦୀୟ ଜମିକୁ ମାପଚୁପ କରିଥିଲେ। ଗେଷ୍ଟ ହାଉସଟି ସରକାରୀ ଜମିରେ ନିର୍ମାଣ ହୋଇଥିବା ମାପଚୁପରେ ଜଣାପଡ଼ିଥିଲା। ଏ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯିବା ପରେ ଗେଷ୍ଟ ହାଉସର ପରିସରରେ ୧୪୪ଧାରା ଜାରି କରିବା ସହ ପରବର୍ତ୍ତୀ ସମୟରେ ଏହାକୁ ଉଚ୍ଛେଦ କରିବାକୁ ଜିଲାପାଳ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି।

## ମନେ ପଡ଼ନ୍ତି

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତା କନକ ମଞ୍ଜରୀ ପରିଡ଼ା
ସ୍ଥାନ: ଇଟିପୁର, ଭୁବନେଶ୍ୱର
ଆବିର୍ଭାବ: ୧୫।୦୮।୧୯୩୭
ତିରୋଧାନ: ୧୬।୧୦।୨୦୧୯
(କାର୍ତ୍ତିକ କୃଷ୍ଣପକ୍ଷ ତୃତୀୟା)
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ପୁତ୍ର: ପ୍ରଫୁଲ୍ଲ, ପ୍ରସନ୍ନ, ଗଜେନ୍ଦ୍ର, କନ୍ୟା: କୁନ୍ତଳା ଓ ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୬୧୦୬୪

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଦିଲୀପ୍ ମିଶ୍ର
ସ୍ଥାନ: ସତ୍ୟନଗର, ଭୁବନେଶ୍ୱର
ଆବିର୍ଭାବ: ୧୬।୦୨।୧୯୭୧
ତିରୋଧାନ: ୧୬।୧୦।୨୦୧୯
ଚାହିଁ ଚାହିଁ ଦଶଦିନ ବିତିଗଲା। ଆମ୍ଭମାନଙ୍କୁ ଦୁଃଖ ସାଗରରେ ଛାଡ଼ିଚାଲିଗଲ କେଉଁ ଅଜଣା ଦୁନିଆକୁ । ତୁମର ହସ ହସ ମୁହଁ, ସ୍ନେହଭରା କଥା, ସରଳତା, ପରୋପକାରିତା, ଆମମାନଙ୍କ ପାଇଁ ଅବିସ୍ମରଣୀୟ। ତୁମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ନାନା, ବୋଉ, ସ୍ତ୍ରୀ, ପୁତ୍ର, ଭଉଣୀ,ଭିଣୋଇ, ଭାଇ, ଭାଉଜ, ଭଣଜା, ଭଣଜା ବୋହୂ, ଝିଅ, ଜ୍ୱାଇଁ, ପୁତୁରା ଓ ପରିବାରବର୍ଗ ।
ଧ-୬୬୯୬୩

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତା ସ୍ନେହଲତା ମହାନ୍ତି
ସ୍ୱାମୀ: ସ୍ୱର୍ଗତ ଗିରିଧାରୀ ମହାନ୍ତି
୧୨୯, ବାପୁଜୀ ନଗର, ଭୁବନେଶ୍ୱର
ତୁମର ଅମର ଆତ୍ମାର ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ
ପୁତ୍ର, ବୋହୂ, କନ୍ୟା, ଜ୍ୱାଇଁ, ନାତି, ନାତୁଣୀ, ଆତ୍ମୀୟସ୍ୱଜନ ଓ ବନ୍ଧୁଗଣ ।
ଧ-୬୮୩୦୨

# ଟ୍ରେନରେ ବାଣ ନେଲେ ୩ବର୍ଷ ଜେଲ୍

**ଭୁବନେଶ୍ୱର, ୨୪।୧୦(ବ୍ୟୁରୋ):** ଆସନ୍ତା ରବିବାର ଦୀପାବଳି। ଏଥିପାଇଁ ବାଣ ଓ ବିସ୍ଫୋରକ ଟ୍ରେନ୍ ଯୋଗେ ବେଆଇନ ଭାବେ ପରିବହନ କରାଯିବାର ଆଶଙ୍କା ରହିଛି। ଏଥିଯୋଗୁ ସମ୍ଭାବ୍ୟ ବିସ୍ଫୋରଣଜନିତ ଦୁର୍ଘଟଣାକୁ ଏଡ଼ାଇବା ପାଇଁ ରେଲ୍‌ୱେ ପକ୍ଷରୁ ଯାଞ୍ଚ ସହ ସ୍ୱତନ୍ତ୍ର ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଟ୍ରେନ୍‌ରେ ବାଣ, ବିସ୍ଫୋରକ ବା ଦହନଶୀଳ ପଦାର୍ଥ ପରିବହନ କରିବା ରେଲ୍‌ୱେ ଆକ୍ଟ ୧୯୮୯ ଅନୁଯାୟୀ ଏକ ଦଣ୍ଡନୀୟ ଅପରାଧ। ଏଥିରେ ୩ବର୍ଷ ପର୍ଯ୍ୟନ୍ତ ଜେଲ୍ ହୋଇପାରେ। ଯାତ୍ରୀମାନେ ଟ୍ରେନରେ ଏଭଳି ସାମଗ୍ରୀ ନ ନେବାକୁ ପୂର୍ବତଟ ରେଳପଥ ପକ୍ଷରୁ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି। ଏହାସହ ଲଗେଜ, ପାର୍ସଲ ଭ୍ୟାନ ଆଦିକୁ ଯାଞ୍ଚ କରାଯାଉଛି। କୌଣସି ଯାତ୍ରୀ ବାଣ କିମ୍ବା ବିସ୍ଫୋରକ ସାମଗ୍ରୀ ନେଉଥିବା ଦେଖିଲେ ସହଯାତ୍ରୀମାନେ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍)ର ହେଲ୍ପଲାଇନ ନଂ.୧୮୨ କିମ୍ବା ଆର୍‌ପିଏଫ୍, ଜିଆର୍‌ପି, ଟିଟିଇ, ଟ୍ରେନ୍ ଗାର୍ଡ, ଷ୍ଟେଶନ ମ୍ୟାନେଜର, କୋଚ୍ ଆଟେଣ୍ଡାଣ୍ଟଙ୍କୁ ସିଧାସଳଖ ଜଣାଇଥିବାକୁ ପରାମର୍ଶ ଦିଆଯାଇଛି। ଯାତ୍ରୀମାନେ ଏଥିପ୍ରତି ଗୁରୁତ୍ୱ ଦେବା ସହ ବିପଜ୍ଜନକ ପଦାର୍ଥ ପରିବହନ ସଂକ୍ରାନ୍ତରେ ତୁରନ୍ତ ଖବର ଦେବାକୁ କୁହାଯାଇଛି। ପୂର୍ବତଟ ରେଳପଥର ସମସ୍ତ ୩ ଡିଭିଜନରେ ଚାଲିଥିବା ଏହି ସଚେତନତା ଅଭିଯାନରେ ଜିଆର୍‌ପି, ଆର୍‌ପିଏଫ୍ ଓ ସିଭିଲ ଡିଫେନ୍ସକୁ ସାମିଲ୍ କରାଯାଇଛି। ଦୁର୍ଘଟଣାକୁ ଏଡାଇବାକୁ ଷ୍ଟେଶନ, ଗୁଡ୍ ସେଡ୍, ଗାର୍ଡ ବ୍ରେକ୍ ଭ୍ୟାନ୍, ଏସି କୋଚ୍, ପ୍ୟାଣ୍ଟ୍ରି କାର ଏବଂ ଲୋକୋମୋଟିଭରେ ଯଥେଷ୍ଟ ଅଗ୍ନି ନିର୍ବାପକ ବ୍ୟବସ୍ଥା ହୋଇଛି ବୋଲି ରେଳପଥ ପକ୍ଷରୁ କୁହାଯାଇଛି।

CLASSIFIED DISPLAY







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

# ମୋଟର ସାଇକେଲ ଚୋର ର୍ୟାକେଟ୍‌ର ପର୍ଦ୍ଦାଫାଶ

**ମ.ରାମପୁର, ୨୪।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ପୋଲିସ ଗୁରୁବାର ଏକ ମୋଟରସାଇକେଲ ଚୋର ର୍ୟାକେଟ୍‌ର ପର୍ଦ୍ଦାଫାଶ କରିଛି। ଏହିକ୍ରମରେ ୧୭ଟି ଚୋରି ମୋଟରସାଇକେଲ ଜବତ କରିବା ସହିତ ୧୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗୁରୁବାର ଅପରାହ୍ନ ୫ଟାରେ ମ.ରାମପୁର ଥାନାରେ କେସିଙ୍ଗା ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇ ଓ ମ.ରାମପୁର ଥାନାଧିକାରୀ ଉତ୍ତମ କୁମାର ସାହୁ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।



ପୋଲିସ ଜବତ କରିଥିବା ମୋଟରସାଇକେଲ ।

ଏସ୍‌ଡିପିଓ ଭୋଇ କହିଛନ୍ତି, ଉକ୍ତ ବ୍ଲକ ସାଇଦଲଙ୍ଗା ଗ୍ରାମପଞ୍ଚାୟତ ମକରଧ୍ୱଜ ସାହୁ (୩୮) ନାମକ ଜଣେ ଯୁବକଙ୍କଠାରୁ ବିକ୍ରି ହେବାକୁ ଥିବା ୨ଟି ମୋଟରସାଇକେଲ ଜବତ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତାଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା ଚଳାଇଥିଲା। କେସିଙ୍ଗା ବ୍ଲକ ଅନ୍ତର୍ଗତ କୁର୍ଲୁପଡାର ଲିଙ୍ଗରାଜ ସାହୁଙ୍କ ସହିତ ମକରଧ୍ୱଜ ଚୋରି ବାଇକ୍ କିଣାବିକା କାରବାର କରୁଥିଲେ। ଏହି ୨ ଜଣଙ୍କ ମାଧ୍ୟମରେ ବିକ୍ରି ହୋଇଥିବା ୧୭ ଚୋରା ବାଇକକୁ ପୋଲିସ ଉଦ୍ଧାର କରିଥିଲା । ଉକ୍ତ ଘଟଣାରେ ଅନ୍ୟ ୧୧ଜଣ କ୍ରେତାଙ୍କୁ ପୋଲିସ ଗିରଫ କରିଛି। ଜବତଗାଡିଗୁଡିକ ମଧ୍ୟରେ ୫ଟି ହିରୋହୋଣ୍ଡା ସ୍ପ୍ଲେଣ୍ଡର, ୨ଟି ପେସନ ପ୍ରୋ, ୨ଟି ହିରୋ ଡିଲକ୍ସ, ୨ଟି ବଜାଜ ଡିଲକ୍ସ ଏପରି ମୋଟ ସମୁଦାୟ ୧୭ଟି ଗାଡି ଜବତ କରାଯାଇଛି। ଉକ୍ତ ଗାଡିଗୁଡିକ ବଲାଙ୍ଗୀର ଓ ନୂଆପଡା ଜିଲା ଅଞ୍ଚଳର ଚୋରି ହୋଇ ଏହି ଅଞ୍ଚଳରେ ବିକ୍ରି ହେଇଥିବା ଜଣାପଡିଛି । କିନ୍ତୁ ଏହି ଚୋରି ଘଟଣାର ମୁଖ୍ୟ ଅଭିଯୁକ୍ତ ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ଅଞ୍ଚଳର ବୋଲି ପୋଲିସକୁ ଖବର ମିଳିଛି । ତାଙ୍କ ଘର ଉପରେ ପୋଲିସ ଚଢାଉ କରିଥିଲା । ସେ ଫେରାର ଥିବା ପୋଲିସ କହିଛି । ଏ ନେଇ ମ.ରାମପୁର ଥାନାରେ ଧାରା ୩୭୯/୪୧୧/୪୧୩/୩୪ ଆଇପିସିରେ ଏକ ମାମଲା (ନଂ. ୧୬୦/୧୯) ରୁଜୁ ହୋଇଛି । ଗିରଫ ବ୍ୟକ୍ତି ମଧ୍ୟରୁ ମକରଧ୍ୱଜ ସାହୁ ଓ ଲିଙ୍ଗରାଜ ସାହୁଙ୍କୁ ଅଭ୍ୟାସଗତ ଅଭିଯୁକ୍ତ ଦର୍ଶାଯାଇଥିବା ବେଳେ ଅନ୍ୟ ୧୧ଜଣଙ୍କୁ ଚୋରି ଜିନିଷ କ୍ରୟ କରିଥିବା ଅପରାଧରେ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । କ୍ରେତାମାନଙ୍କ ମଧ୍ୟରୁ ସାଇଦଲଙ୍ଗାର ୩ ଜଣ, ବମକର ଜଣେ, ବାଙ୍କେଲର ଜଣେ, କେନ୍ଦୁବନ୍ଧର ଜଣେ, ସିଲେଟପଡାର ଜଣେ, କାଣ୍ଡିଖୁଣ୍ଟିର ଜଣେ, ଅଁଳାପାଲିର ଜଣେ, ସୀତାରାମପାଲିର ଜଣେ, କୁର୍ଲୁପଡାର ଜଣେ ରହିଛନ୍ତି । ତଦନ୍ତ ଜାରି ରହିଥିବାବେଳେ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ଓ ରାମପୁର ଅଞ୍ଚଳର ଚୋରି ହୋଇଥିବା ବାଇକ୍ ଠାବ କରିବା ପାଇଁ ପୋଲିସ ତତ୍ପରତା ସହ କାର୍ଯ୍ୟ କରିବ ବୋଲି ଖବରଦାତା ସମ୍ମିଳନୀରେ ଅଧିକାରୀ ଦ୍ୱୟ କହିଛନ୍ତି ।

**୧୭ ବାଇକ୍ ଉଦ୍ଧାର, ୧୩ ଗିରଫ**

# ବାଇକ୍‌ରେ ଗଞ୍ଜେଇ ଚୋରା ଚାଲାଣ

**କୋଲାବିରା,୨୪।୧୦(ଡି.ଏନ୍.ଏ.)**

**ମହିଳାଙ୍କ ସମେତ ୨ ଗିରଫ**

ଦିନ ଦ୍ୱିପହରରେ ଗଞ୍ଜେଇ ଚାଲାଣ ବେଳେ ଝାରସୁଗୁଡ଼ା ଜିଲା କୋଲାବିରା ଥାନା ପୋଲିସ ଜଣେ ମହିଳାଙ୍କ ସମେତ ୨ ଜଣଙ୍କୁ ଗରିଫ କରିଛି। ସେମାନଙ୍କୁ ଏନଡିପିଏସ ଆକ୍ଟରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା କୋଲାବିରା ଥାନା ଅଧିକାରୀ ସୁକୁମାର ତ୍ରିପାଠି ପ୍ରକାଶ କରିଛନ୍ତି। ମିଳିଥିବା ସୂଚନାନୁସାରେ ସମ୍ବଲପୁର ପୁଟିବନ୍ଧର ନିହାର ରଞ୍ଜନ ପଟ୍ଟନାୟକ(୩୪) ଓ ଜୁଜୁମୁରା ଅଡ଼ାପଡ଼ା ଅଞ୍ଚଳର ରୀନା ପଟ୍ଟନାୟକ(୫୦) ଏକ ବାଇକ୍(ନଂ.ଓଡି୧୫ଏଲ୍୫୭୯୭)ରେ ଝାରସୁଗୁଡ଼ା ଅଭିମୁଖେ ଯାଉଥିଲେ। ଏହି ସମୟରେ ପାଟ୍ରୋଲିଂ କରୁଥିବା କୋଲାବିରା ପୋଲିସ ଉଭୟଙ୍କୁ ସନ୍ଦେହରେ ତେଲେନବ୍ରିଜ ନିକଟରେ ଅଟକାଇଥିଲା। ପୋଲିସ ସେମାନେ ନେଇଯାଉଥିବା ବ୍ୟାଗ୍‌କୁ ଯାଞ୍ଚ କରିବାରୁ ସେଥିରୁ୧୭ କେ.ଜି. ଓଜନର ଗଞ୍ଜେଇ ଜବତ କରାଯାଇଥିଲା । ଏହି ଘଟଣାରେ ଅନ୍ୟମାନଙ୍କ ସଂପୃକ୍ତ ଥିବା ପୋଲିସ ସନ୍ଦେହ କରି ତନାଘନା ଚଳାଇଛି।

# ଶରୀର ଦାନ କରିବେ ଶିକ୍ଷୟିତ୍ରୀ

**ସିମୁଳିଆ, ୨୪।୧୦**

ଏବେ ଶିକ୍ଷାଦାନ କରି ପିଲାମାନଙ୍କୁ ଶିକ୍ଷିତ କରୁଛନ୍ତି। ଜୀବନର ଅନ୍ତିମ ସମୟରେ ଅଙ୍ଗଦାନ ସହ ତାଙ୍କ ଶରୀରକୁ ମଧ୍ୟ ବିଜ୍ଞାନ ବିଭାଗର ଛାତ୍ରୀଛାତ୍ରଙ୍କୁ ଦାନ କରିବାକୁ ଇଚ୍ଛା ରଖିଛନ୍ତି ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ୬୦ବର୍ଷୀୟା ଶିକ୍ଷୟିତ୍ରୀ କୁନ୍ତଳା ଯେନା। ତାଙ୍କର ଏଭଳି ମନୋଭାବ ଅନ୍ୟମାନଙ୍କ ଲାଗି ଉଦାହରଣ ପାଲଟିଛି। କୁନ୍ତଳାଙ୍କ ଘର ସିମୁଳିଆ ବ୍ଲକ ବାଙ୍ଗରଖଡ଼ିଗଡ଼ିଆ ପଞ୍ଚାୟତର ବଣା ଗ୍ରାମରେ।

୧୯୮୭ ମସିହାରେ ସିଟି ପାସ୍ କରି ସେ ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ହଳଦିଆସାହି ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ ଯୋଗ ଦେଇଥିଲେ। ପରେ ଧପଡ଼ା କଲୋନୀ ସ୍କୁଲ, ବନ୍ଧମାଳ ପ୍ରାଥମିକ ବିଦ୍ୟାଳୟ, ସିମୁଳିଆ ଓ ପରେ ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ଝାଟିଆ ପ୍ରାଥମିକ, ବେଲଗଡ଼ିଆ ପ୍ରାଥମିକ ଓ ବର୍ତ୍ତମାନ ବାଉରିପଦା ନୋଡ଼ାଲ ଉପ୍ରା ବିଦ୍ୟାଳୟରେ ସହକାରୀ ଶିକ୍ଷୟିତ୍ରୀ ରୂପେ ଅଛନ୍ତି। ଆସନ୍ତା ଫେବୃୟାରୀରେ ସେ ଅବସର ନେବେ।







## ସଂକ୍ଷେପରେ



### ୧.୭୨କୁଇଣ୍ଟାଲ ପଲିଥିନ ଜବତ, ୮୬ହଜାର ଜରିମାନା ଆଦାୟ

**ବିନିକା,୨୪।୧୦(ଡି.ଏନ୍.ଏ.)**
ବିନିକା ସହରର ୧୦ଟି ଦୋକାନରେ ପ୍ରସାଶନ ପକ୍ଷରୁ ଗୁରୁବାର ପଲିଥିନ ବ୍ୟବହାରକୁ ନେଇ ଚଢ଼ାଉ ହୋଇଥିଲା। ନୂଆ ବସ୍‌ଷ୍ଟାଣ୍ଡ ପ୍ରଦୀପ ବନସଲ୍‌ଙ୍କ ଗ୍ରୋସରୀ ଓ ପବନ ଅଗ୍ରୱାଲଙ୍କ ଦୋକାନରୁ ବିପଳ ମାତ୍ରାରେ ପଲିଥିନ୍ ଜବତ ହୋଇଛି। ପୂର୍ବାହ୍ନରେ ବିନିକା ଅତିରିକ୍ତ ତହସିଲଦାର ତଥା ନିର୍ବାହୀ ମାଜିଷ୍ଟ୍ରେଟ୍ ରାକେଶ ଅଗ୍ରୱାଲ ଓ ଏନ୍‌ଏସି ନିର୍ବାହୀ ଅଧିକାରୀ ଦୁଃଖିରାମ ନାଏକ, ବିନିକା ପୋଲିସ୍ ଟିମ୍ ଓ ଏନ୍‌ଏସି ସଫେଇ କର୍ମଚାରୀ ମିଳିତଭାବେ ଏହି ଚଢ଼ାଉ କରିଥିଲେ। ଏଥିରେ ବିଭିନ୍ନ ଦୋକାନରୁ ସମୁଦାୟ ୧କୁଇଣ୍ଟାଲ ୭୨କେଜି ପଲିଥିନ୍ ଜବତ କରାଯାଇଛି। ପଲିଥିନ୍ ବ୍ୟବହାର କରୁଥିବା ଦୋକାନୀମାନଙ୍କଠାରୁ ୮୬ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

■ ବଡ଼ବଡ଼ିଆଙ୍କୁ ଫାଇଦା ପାଇଁ ମସୁଧା

# ସଙ୍କୁଚିତ ହେବ ରୟାଲ ପଡ଼ିଆ

**ସୋନପୁର,୨୪।୧୦(ନି.ପ୍ର.)**

ସୁବର୍ଣ୍ଣପୁର ସହରର ବ୍ଲକ ଛକ ସ୍ଥିତ ୮ ଏକର ପରିମିତ ଅଞ୍ଚଳରେ ରହିଛି ରୟାଲ ପଡିଆ। ଏହି ସମତଳ ପଡିଆରେ ମୁଖ୍ୟମନ୍ତ୍ରୀଙ୍କ ସଭାଠାରୁ ଆରମ୍ଭ କରି, ବିଭିନ୍ନ ସଭା ସମିତି, ସାଂସ୍କୃତିକ କାର୍ଯ୍ୟକ୍ରମ, ଫୁଟବଲ ଓ କ୍ରିକେଟ୍ ଟୁର୍ନାମେଣ୍ଟ ମାନ ବର୍ଷ ସାରା ଆୟୋଜନ ହୋଇଥାଏ। ପ୍ରାତଃ ଓ ସନ୍ଧ୍ୟା ସମୟରେ ସହରବାସୀ ପଡିଆରେ ଭ୍ରମଣ କରନ୍ତି। ସହରର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଦୃଷ୍ଟିରୁ ଖେଳପଡିଆର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହାର ଯୋଜନାବଦ୍ଧ ବିକାଶ ହେବା ଆବଶ୍ୟକ। କିନ୍ତୁ ଦୂରଦୃଷ୍ଟି ଅଭାବରୁ ଏହି ପଡିଆକୁ ସଙ୍କୁଚିତ କରିବା ପାଇଁ ଏବେ ଉଦ୍ୟମ ହେଉଛି। ରାସ୍ତା ପ୍ରଶସ୍ତିକରଣ ନାଁରେ ପଡିଆର ସମ୍ମୁଖ ପଟରୁ ୩୦ ଫୁଟ ଓସାରର ପ୍ରାୟ ୨ ଏକର ଜମି ପ୍ରଶାସନ ନିଜ ଅକ୍ତିଆରକୁ ନେଇ ଗଲାଣି। ଏବେ ପଡିଆରେ ବିଦ୍ୟୁତ୍ ଖୁଣ୍ଟ ପୋତା ସରି ତାର ଟଣାଯାଉଛି। ପଡିଆ ଭିତରେ ରାସ୍ତା ନିର୍ମାଣ ହେବ। କିଛି ମାସ ପରେ ପଡିଆ ପୁଣି ସଙ୍କୁଚିତ ହେବ। ଦର୍ଶକ ଗ୍ୟାଲେରି କରିବା ପାଇଁ ପୁଣି ପଡିଆର ସମ୍ମୁଖ ପଟୁ ୩୫ ଫୁଟ ଓସାରର ଜମି ଅଧିଗ୍ରହଣ କରାଯିବ। ଫଳରେ ୬୫ ଫୁଟ୍ ଓସାର କମିଯିବା ପରେ ଛୋଟ ପଡିଆରେ ଆଉ ସଭା ସମିତି, ସାଂସ୍କୃତିକ



ରାସ୍ତା ନିର୍ମାଣ ପାଇଁ ରୟାଲ ପଡିଆ ଭିତରେ ବିଦ୍ୟୁତ୍ ଖୁଣ୍ଟ ପୋତା ଯାଇଛି।

କାର୍ଯ୍ୟକ୍ରମ କି ଟୁର୍ନାମେଣ୍ଟ ଆୟୋଜନ କରିବା ଅସମ୍ଭବ ହୋଇପଡିବ। ଭବିଷ୍ୟତ ପ୍ରତି ଦୃଷ୍ଟି ନ ଦେଇ ପ୍ରଶାସନର ଏଭଳି ମନୋଭାବକୁ ସାଧାରଣରେ ସମାଲୋଚନା କରାଯାଇଛି।

ପ୍ରକାଶ ଯେ, ପୂର୍ତ୍ତ ବିଭାଗ ପକ୍ଷରୁ ମହାନଦୀ ବ୍ରିଜ୍‌ରୁ କୁଞ୍ଜୀ ଛକ ପର୍ଯ୍ୟନ୍ତ ୩.୨୬୦କିମି. ଡିଭାଇଡର ଓ ଉଭୟ ପାର୍ଶ୍ୱରେ ଡ୍ରେନ ସହିତ ୪ ଥାକିଆ ରାସ୍ତା ନିର୍ମାଣ ପାଇଁ ୬କୋଟି ୭୯ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି। ୨୦ ମିଟର ଓସାରର ଏହି ରାସ୍ତା ନିର୍ମାଣ ପାଇଁ ୧୧୬୫ଟି ମୂଲ୍ୟବାନ ଗଛ କଟାଯାଇଛି। କୁଞ୍ଜୀ ଛକ, ପଟାଭାଡି ଛକ, ବ୍ଲକ ଛକ ଓ ବୁଢାରାଜା ଛକରେ ରାସ୍ତା ଅଧିକ ଚଉଡା ହେବ। ତେବେ ପ୍ରଶାସନ ଜବରଦଖଲ ଉଚ୍ଛେଦ କ୍ଷେତ୍ରରେ ଟାଳଟୁଳ ନୀତି ଅବଲମ୍ବନ କରୁଛି। କେତେକ ମୁଷ୍ଟିମେୟ ଲୋକ ସରକାରୀ ଜମି ଜବରଦଖଲ କରି ବାସଭବନ ଓ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିଛନ୍ତି। ସେମାନଙ୍କୁ ଫାଇଦା ଦେବା ପାଇଁ ରାସ୍ତାକୁ ଆବଶ୍ୟକସ୍ଥଳେ ବଙ୍କା କରିବା ପାଇଁ ଯୋଜନା ହେଉଛି। ପଡିଆରେ ରାସ୍ତା ନିର୍ମାଣ ଓ ନବନିର୍ମିତ ମାର୍କେଟ୍ କମ୍ପ୍ଲେକ୍ସକୁ ଭାଙ୍ଗିବା ପାଇଁ ପ୍ରଶାସନ ଅଧିକ ଗୁରୁତ୍ୱ ଦେଉଥିବା ଅଭିଯୋଗ ହେଉଛି। ପଡିଆରେ ଫୁଟବଲ ଖେଳ ପାଇଁ ଉଦ୍ଦିଷ୍ଟ ଦର୍ଶକ ଗ୍ୟାଲେରି ନିର୍ମାଣ ପାଇଁ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ୧ ବର୍ଷ ପୂର୍ବରୁ ଶିଳାନ୍ୟାସ କରିଛନ୍ତି। ଏଥିପାଇଁ ମ୍ୟୁନିସିପାଲିଟି ୬କୋଟି ୨୮ଲକ୍ଷ ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ କରିଛି। ଏହି ଗ୍ୟାଲେରି ତଳେ ୪୦ରୁ ଉର୍ଦ୍ଧ୍ୱ ଦୋକାନ ଘର ନିର୍ମାଣ କରାଯିବାର ଯୋଜନା ରହିଛି। ସରକାରଙ୍କ ଅନୁଦାନ ମିଳିଲେ ଖୁବ୍‌ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଏଭଳି ସ୍ଥିତିରେ ଖେଳ ପଡିଆ ନିଜର ଅସ୍ତିତ୍ୱ ହରାଇବ। ଏ ସମ୍ପର୍କରେ ସୁବର୍ଣ୍ଣପୁର ଜିଲା ଓକିଲ ସଂଘ ସଭାପତି ସର୍ବେଶ୍ୱର ପୁରୋହିତ କୁହନ୍ତି, ୪ ଥାକିଆ ରାସ୍ତା ନିର୍ମାଣକୁ ଆମେ ସ୍ୱାଗତ କରୁଛୁ। ହେଲେ ପ୍ରଶାସନ କେତେକ ସରକାରୀ ଜମି ଜବରଦଖଲକାରୀଙ୍କ ସ୍ୱାର୍ଥ କଥା ଚିନ୍ତା କରି ପଡିଆ ଭିତରେ ରାସ୍ତା ନିର୍ମାଣ କରିବାକୁ ଉଦ୍ୟମ କରିବା ଦୁର୍ଭାଗ୍ୟଜନକ। ରାସ୍ତାର ଦୁଇପାର୍ଶ୍ୱ ଜମିକୁ ସମାନ ଭାବରେ ଅଧିଗ୍ରହଣ ନ କଲେ ଓ ଖେଳ ପଡିଆକୁ ଅନାବଶ୍ୟକ ଭାବେ ସଙ୍କୁଚିତ କରିବାକୁ ଚେଷ୍ଟା କଲେ ବ୍ୟାପକ ଜନଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ତେବେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା କହିଛନ୍ତି ପ୍ରଶାସନ କାହାରିକୁ ଅନୁକମ୍ପା ଦେଖାଇବାର ପ୍ରଶ୍ନ ଉଠୁନି। ଜବରଦଖଲ ଉଚ୍ଛେଦ କରାଯାଇ ରାସ୍ତା ନିର୍ମାଣ କରାଯିବ।

## ନାବାର୍ଡର ଇ ଶକ୍ତି କାର୍ଯ୍ୟକ୍ରମର ଶୁଭାରମ୍ଭ




କାର୍ଯ୍ୟକ୍ରମ ଶୁଭାରମ୍ଭ ସମୟରେ ମଞ୍ଚାସୀନ ଅତିଥି ବୃନ୍ଦ।

**ସୋନପୁର,୨୪।୧୦(ନି.ପ୍ର.)**

ମହିଳା ସଶକ୍ତିକରଣ ପାଇଁ ୧୯୯୨ମସିହାରୁ ଆରମ୍ଭ ହୋଇଥିବା ସ୍ୱୟଂ ସହାୟକ ଗୋଷ୍ଠି(ଏସଏଚଜି) ଯୋଜନା ଦୀର୍ଘ ୨୭ ବର୍ଷ ଧରି ସଫଳତା ସୋପାନ ଅତିକ୍ରମ କରିଛି। ଏହି କାର୍ଯ୍ୟକ୍ରମର ଆଉ ଏକ ସୋପାନ ସ୍ୱରୂପ ସରକାରଙ୍କ ଅନଲାଇନ ଡିଜିଟାଇଜେସନ ଅଭିମୁଖ୍ୟକୁ ସଫଳ କରିବା ପାଇଁ ନାବାର୍ଡ ପକ୍ଷରୁ ଏସଏଚଜି ଡିଜିଟାଇଜେସନ ପ୍ରକ୍ରିୟା ୨୦୧୫ ମସିହାରୁ ହାତକୁ ନିଆଯାଇଛି। ସେହିକ୍ରମରେ ଚତୁର୍ଥ ପର୍ଯ୍ୟାୟରେ ସାରା ଭାରତ ବର୍ଷରେ ୧୫୦ ଜିଲାରେ ଏହି କାର୍ଯ୍ୟକ୍ରମ କରାଯିବା ପାଇଁ ଲକ୍ଷ୍ୟ ରହିଛି। ଓଡିଶାର ସୁବର୍ଣ୍ଣପୁର ସମେତ ୮ଟି ଜିଲାରେ ଇ-ଶକ୍ତି କାର୍ଯ୍ୟକ୍ରମ କରାଯିବାକୁ ଚଳିତ ବର୍ଷ ଲକ୍ଷ୍ୟ ରହିଛି। ସୁବର୍ଣ୍ଣପୁର ଜିଲାର ୫ହଜାର ଏସଏଚଜିଙ୍କର ତଥ୍ୟ ଡିଜିଟାଇଜେସନ କରାଯିବ। ଫଳରେ ଏସଏଚଜି ଗ୍ରୁପ୍‌କୁ ଋଣ ମିଳିବାରେ ସୁବିଧା ହେବା ସହିତ ବ୍ୟାଙ୍କ ଅଧିକାରୀ କାର୍ଯ୍ୟାଳୟରେ ବସି ସମସ୍ତ ତଥ୍ୟ ପାଇବା ସହ ଶୀଘ୍ର ଋଣ ଦେଇପାରିବେ। ଏହି କାର୍ଯ୍ୟକ୍ରମକୁ ଗୁରୁବାର ଅନୁଷ୍ଠାନିକଭାବେ ଜିଲାପାଳ ମୋନିଷା ବାନାର୍ଜୀ ଶୁଭାରମ୍ଭ କରି କହିଲେ ଯେ, ଇ ଶକ୍ତି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଜିଲା ପ୍ରଶାସନ ତରଫରୁ ସମସ୍ତ ସୁବିଧା ଯୋଗାଇ ଦିଆଯିବ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦାନ କରି ଏହି କାର୍ଯ୍ୟକ୍ରମ ଦ୍ୱାରା ଉଭୟ ଏସଏଚଜି ଓ ବ୍ୟାଙ୍କ ଉପକୃତ ହେବେ ବୋଲି କହିଥିଲେ। ଜିଲାର ସମସ୍ତ ବ୍ୟାଙ୍କ ଅଧିକାରୀ, ଏଲଡିଏମ ସରୋଜ କୁମାର ଦାସ, ସଦାନନ୍ଦ ପଣ୍ଡା, ଓଏଲଏମ ଡିପିଏମ ଯୁବରାଜ ସାହୁ, ମିଶନ ଶକ୍ତିର ଡିପିସି କାର୍ତ୍ତିକ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସୁବର୍ଣ୍ଣପୁର ଜିଲାର ଡିଡିଏମ ନାବାର୍ଡ ତାପସ ଶଙ୍କର ରାଉତ ପରିଚାଳନା କରିବା ସହ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। ସୋମନାଥ ପୁରୋହିତ ଧନ୍ୟବାଦ ପ୍ରଦାନ କରିଥିଲେ।

## ବିଜେପୁର ଉପନିର୍ବାଚନ

### ଟଙ୍କା ବିନା ଭୋଟ ହାତେଇବା ଅସମ୍ଭବ: ଦିଲୀପ



ଦିଲୀପ କୁମାର ପଣ୍ଡା।

**ବିଜେପୁର,୨୪।୧୦(ଡି.ଏନ.ଏ)**

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଦିଲୀପ କୁମାର ପଣ୍ଡାଙ୍କ ସ୍ଥିତି ନୈରାଶ୍ୟଜନକ ହୋଇ ପଡ଼ିଛି। ଉପନିର୍ବାଚନ ଫଳାଫଳ ଏଭଳି ହେବ ବୋଲି ସେ କେବେ ଭାବି ନ ଥିଲେ ବୋଲି କହିଛନ୍ତି। ସେବା ମନୋଭାବ ନେଇ ସେ ରାଜନୀତିକୁ ଆସିଛନ୍ତି ଏବଂ ଦଳ ମଧ୍ୟ ତାଙ୍କ ପ୍ରତି ଆସ୍ଥା ରଖି ଟିକେଟ୍ ଦେଇଥିଲା। କିନ୍ତୁ ଏ ଦୁନିଆଁରେ ଟଙ୍କା ନ ହେଲେ ଭୋଟ୍ ହାତେଇବା ଏକ ଦୁରୂହ ବ୍ୟାପାର ଓ ଏହା ଗଣତନ୍ତ୍ର ପ୍ରତି ବିପଦ। ହାରିଥିଲେ ମଧ୍ୟ ସେ ନିଃସ୍ୱାର୍ଥପର ସେବା ଜାରି ରଖିବେ ବୋଲି ଦିଲୀପ କହିଛନ୍ତି।

### ସଙ୍ଗଠନ ସୁଦୃଢ଼ କରିବାକୁ କହିଲେ ସନତ



ସନତ କୁମାର ଗଡ଼ତିଆ।

**ବିଜେପୁର,୨୪।୧୦(ଡି.ଏନ.ଏ)**

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ସନତ କୁମାର ଗଡ଼ତିଆ କ୍ରମାଗତ ଦ୍ୱିତୀୟ ଥର ପାଇଁ ହାରିଛନ୍ତି। ଗତ ସାଧାରଣ ନିର୍ବାଚନରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ହାରିଥିବାବେଳେ ଏଥର ରୀତା ସାହୁଙ୍କଠାରୁ ବହୁ ଭୋଟ୍ ବ୍ୟବଧାନରେ ପରାସ୍ତ ହୋଇଛନ୍ତି। ତେବେ ଜନାଦେଶକୁ ସେ ସମ୍ମାନ ଜଣାଇ ଆଗାମୀ ଦିନରେ ଜନସମ୍ପର୍କ ଜାରି ରଖିବା ସହିତ ଭାଜପା ସଙ୍ଗଠନକୁ ସୁଦୃଢ଼ କରିବେ ବୋଲି କହିଛନ୍ତି।

## ଶିଶୁ ମହୋତ୍ସବ ସୁରଭି

**ସୋନପୁର,୨୪।୧୦(ନି.ପ୍ର.)**

ସୋନପୁର ସହରର ଗଡଭିତର ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ବଡବଜାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗୁରୁବାର ଆୟୋଜିତ ହୋଇଯାଇଛି। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସୁସ୍ମିତା ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଧନ କେନ୍ଦ୍ର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରୁ ଛାତ୍ରୀଛାତ୍ରମାନେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବଡବଜାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ମହାପାତ୍ର ଉତ୍ସବକୁ ଉଦ୍‌ଘାଟନ କରିବା ସହ ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ଅଧ୍ୟକ୍ଷ ଶ୍ୟାମସୁନ୍ଦର ସୁନା ସମ୍ମାନିତ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ଛାତ୍ରୀଛାତ୍ରମାନେ ବ୍ଲକସ୍ତରରେ ହେବାକୁ ଥିବା ପ୍ରତିଯୋଗିତାକୁ ମନୋନିତ ହୋଇଛନ୍ତି।

## ତମାଖୁ ବର୍ଜନ ସଚେତନତା କାର୍ଯ୍ୟକ୍ରମ

**ଅମରପାଲି, ୨୪।୧୦ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ହାଇସ୍କୁଲରେ ମ୍ୟାଲେରିଆ ଓ ତମାଖୁ ବର୍ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ମ୍ୟାଲେରିଆ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନବକିଶୋର ବେହେରା, ଭିବିଡି ଚନ୍ଦ୍ରଶେଖର ମିଶ୍ର, ପିଏଚଇଓ ହରିବୋଲ ଭୋଇ, ସୁପରଭାଇଜର ଆଲୋକ କୁମାର ସେଠ, ବୃନ୍ଦାବନ ଦୀପ, ସ୍ୱାସ୍ଥ୍ୟକର୍ମୀ ସନ୍ତୋଷ ଦାଶ, ବିପିଏମ ମହେନ୍ଦ୍ର ମିଶ୍ର ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ମ୍ୟାଲେରିଆ ହେବାର କାରଣ ଏବଂ ଏହାର ନିରାକରଣ ଉପରେ ବୁଝାଇଥିଲେ। ଏହା ସହିତ ତମାଖୁ ସେବନରେ ହେଉଥିବା ରୋଗ ଏବଂ ଏହାର ପ୍ରଭାବରେ ଶରୀରରେ କଣ ସବୁ କ୍ଷତି ହୁଏ କହିବା ସହିତ କିପରି ତମାଖୁ ବର୍ଜନ କରାଯାଇପାରିବ ଏନେଇ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଥିଲା।



ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ ସୁବର୍ଣ୍ଣପୁର ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ପୁରସ୍କୃତ କରୁଛନ୍ତି।

■ ବାଲ୍ୟ ବିବାହ ପ୍ରତିରୋଧ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ

## ସୁବର୍ଣ୍ଣପୁର ଜିଲା ପ୍ରଶାସନ ପୁରସ୍କୃତ

**ସୋନପୁର,୨୪।୧୦(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ପ୍ରଶାସନ ବାଲ୍ୟ ବିବାହ ରୋକିବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରି ରାଜ୍ୟସ୍ତରରେ ପୁରସ୍କୃତ ହୋଇଛି। ବର୍ତ୍ତମାନର ଜିଲାପାଳ ମୋନିଷା ବାନାର୍ଜୀ ଓ ପ୍ରାକ୍ତନ ଜିଲାପାଳଙ୍କ ଉଦ୍ୟମକ୍ରମେ ପ୍ରଶାସନ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା, ବାଲ୍ୟ ବିବାହ ନ କରିବା ତଥା ଏହାକୁ ପ୍ରୋତ୍ସାହିତ ନ କରିବା ପାଇଁ ଶପଥ ପାଠ କରାଇବା, ବିଭିନ୍ନ ବିଭାଗ ସହିତ ଯୋଗାଯୋଗ ଏବଂ ସମନ୍ୱୟ ରକ୍ଷା କରି ସମୂହ ଜନଜାଗରଣ ସୃଷ୍ଟି କରିପାରିଛି। ଫଳସ୍ୱରୂପ ଗୁରୁବାର ରାଜ୍ୟସ୍ତରରେ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ମିଶନ ଶକ୍ତି ବିଭାଗ ପକ୍ଷରୁ ଭୁବନେଶ୍ୱରରେ ଅନୁଷ୍ଠିତ ଏକଦିବସୀୟ ସମ୍ମିଳନୀରେ ଜିଲା ପ୍ରଶାସନ ତରଫରୁ ଜିଲା ସମାଜ ମଙ୍ଗଳ ଅଧିକାରୀ ଆଗ୍ରେରିଆ କେର୍କେଟା ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁଙ୍କଠାରୁ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଛନ୍ତି। ବିଭାଗୀୟ ପ୍ରଧାନ ସଚିବ ଅନୁ ଗର୍ଗ ଓ ୟୁନିସେଫ୍‌ର କର୍ମକର୍ତ୍ତା ଏହିଅବସରରେ ଉପସ୍ଥିତ ଥିଲେ।

## ଅନ୍ତଃରାଷ୍ଟ୍ରୀୟ ବ୍ରାହ୍ମଣ ମହାସଂସ୍ଥାର ସଭା

**ବିନିକା,୨୪।୧୦(ଡି.ଏନ୍.ଏ):** ବିନିକା ପାପକ୍ଷୟଠାରେ ଗୁରୁବାର ଅନ୍ତରାଷ୍ଟ୍ରୀୟ ବ୍ରାହ୍ମଣ ମହାସଂସ୍ଥା ପଶ୍ଚିମ ଓଡିଶା ଶାଖା ପକ୍ଷରୁ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ସଭା ଉପଲକ୍ଷେ ବିନିକା ମିଡିଆ ସେଲ୍ ପ୍ରଭାରୀ ଓ କଳାହାଣ୍ଡି ଜିଲାସ୍ତରରେ ବ୍ରାହ୍ମଣ ମହାସଂସ୍ଥାର ବିଭିନ୍ନ କାର୍ଯ୍ୟ ସମ୍ପାଦନ ପାଇଁ ମନୋନୀତ ବ୍ୟକ୍ତିଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ମହାସଂସ୍ଥା ପଶ୍ଚିମ ଓଡିଶାର ଅଧ୍ୟକ୍ଷ ପଣ୍ଡିତ ସତ୍ୟବ୍ରତ ହୋତାଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ହୋଇଥିଲ। ସଭା ପରିଚାଳନା କରିଥିଲେ ପଶ୍ଚିମ ଓଡିଶା ପ୍ରଭାରୀ ପଣ୍ଡିତ ସଦାନନ୍ଦ ପାଣ୍ଡିଆ। ସଭାରେ ଜିଲା ମିଡିଆ ସେଲ୍ ପ୍ରଭାରୀ ସଚ୍ଚିଦାନନ୍ଦ ଦାଶ, ବିନିକା ବ୍ରାହ୍ମଣ ମହାସଂସ୍ଥା ବିନିକା ବ୍ଲକ୍ ସଚିବ ଯୋଗୀନ୍ଦ୍ର ହୋତାଙ୍କ ସହ ୨ଶହରୁ ଉର୍ଦ୍ଧ୍ୱ ବ୍ରାହ୍ମଣ ଉପସ୍ଥିତ ଥିଲେ। ବିନିକା ମିଡିଆ ସେଲ୍ ପ୍ରଭାରୀ ମନୋନୀତ ବିପ୍ଲବ ରଞ୍ଜନ ଦାଶ ଏବଂ କଳାହାଣ୍ଡି ଜିଲା ପ୍ରଭାରୀ ମନୋନୀତ ଚିତ୍ରସେନ ଦାଶଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।



ପାପକ୍ଷୟଠାରେ ବ୍ରାହ୍ମଣ ମହାସଂସ୍ଥା ପକ୍ଷରୁ ଅନୁଷ୍ଠିତ ସଭାରେ ଉପସ୍ଥିତ ବିଦ୍ୱାନ ଓ କର୍ମକର୍ତ୍ତା।

## ଏମ୍‌ଜିଏନ୍‌ଆରଇଜିଏସ୍ ଜନଶୁଣାଣି

**ଡୁଙ୍ଗୁରିପାଲି,୨୪।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକର ସଭାଗୃହରେ ୨୦୧୮-୧୯ ଆର୍ଥିକ ବର୍ଷର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଜନଶୁଣାଣିରେ ବିଡିଓ ସହଦେବ ସମାଧିଆ ସଭାପତିତ୍ୱ କରିଥଲେ। ଉପଜିଲାପାଳ ବଳରାମ ମଲ୍ଲିକ, ବାବୁଲାଲ ଦାଶ, ଜିଲାପରିଷଦ ଉପାଧ୍ୟକ୍ଷ ରୁଦ୍ର କିଶୋର ମହଲା, ସୋସିଆଲ ଅଡିଟର ଉପସ୍ଥିତି ଥିଲେ। ଏପିଓ ସୋନାଲି ଦାଶ ୨୦୧୮-୧୯ ଆର୍ଥିକ ବର୍ଷର କାର୍ଯ୍ୟ ଖସଡା ପାଠ କରିଥିଲେ। ୨୦୧୮-୧୯ ବର୍ଷରେ ଡୁଙ୍ଗୁରିପାଲି ବ୍ଲକରେ ୨୩ହଜାର ୩୦୯ ଘରକୁ ଏହି ଯୋଜନାରେ ନାମ ପଞ୍ଜିକରଣ କରିଥିବା ବେଳେ ସମସ୍ତ ପରିବାରକୁ ଜବ କାର୍ଡ ପ୍ରଦାନ କରାଯାଇଛି। ବ୍ଲକର ୬୦୭୯ ଶ୍ରମିକ କାମ କରିବା ପାଇଁ ଆବେଦନ କରିଥିବା ବେଳେ ୬୦୭୯ ଜଣ କାମରେ ଯୋଗ ଦେଇ ୧୪୭୬୬୧ ଶ୍ରମ ଦିବସ ସୃଷ୍ଟି ହୋଇଥିଲା। ମାତ୍ର ୨୦ ଜଣଙ୍କୁ ୧୦୦ ଦିନର କାର୍ଯ୍ୟ ଯୋଗାଇ ଦିଆଯାଇଛି। ଶୁଖା ପଞ୍ଚାୟତରେ ସବୁଠାରୁ ଅଧିକ ୧୩୩ ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଗଜବନ୍ଧ ପଞ୍ଚାୟତରେ ମାତ୍ର ଦୁଇଟି ପ୍ରକଳ୍ପ ପୂର୍ଣ୍ଣ ହୋଇଥିବା ଜଣା ପଡିଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କାଘର ଯୋଜନାରେ ୩୯୭୯ଟି ମଧ୍ୟରୁ ୧୦୦୩ଟି ଶେଷ ହୋଇଛି। ଡୁଙ୍ଗୁରିପାଲି ଉଦ୍ୟାନ ବିଭାଗ ତରଫରୁ ଏମଜିଏନଆରଇଜିଏସରେ ଶ୍ରମିକମାନଙ୍କ ପାଉଣା ବାବଦରେ ୭ ଲକ୍ଷ ୬୫ ହଜାର ୪ ଶହ ୯୨ ଟଙ୍କା ପ୍ରଦାନ କରାଯାଇଛି। ଜଙ୍ଗଲ ବିଭାଗ ତରଫରୁ ଉକ୍ତ ଯୋଜନାରେ ୧୮ ଲକ୍ଷ ୧୦ ହଜାର ୭୫୮ ଟଙ୍କା ଶ୍ରମିକମାନଙ୍କୁ ଦିଆଯାଇଛି। ଏହି ଜନଶୁଣାଣିର ପ୍ରଶାସନର ପ୍ରଚାର ପ୍ରସାର ଅଭାବରୁ ଜବକାର୍ଡ ପାଇଥିବା କୌଣସି ଶ୍ରମିକ ଉପସ୍ଥିତ ନ ଥିଲେ।

## କ୍ଲଷ୍ଟରସ୍ତରୀୟ ସୁରଭି: ୧୬୪ଛାତ୍ରୀଛାତ୍ରଙ୍କ ଅଂଶଗ୍ରହଣ

**ଉଲୁଣ୍ଡା, ୨୪।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପଞ୍ଚମହଲା ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଡିଡିମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟରସ୍ତରୀୟ ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ନାଗେଶ୍ୱର ବାଘଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଉଲୁଣ୍ଡା ଏବିଇଓ ସନ୍ତୋଷ କୁମାର ରଥ ମୁଖ୍ୟଅତିଥି, ସାମାଜିକ କର୍ମୀ ସଞ୍ଜୀବ କୁମାର ପାଣିଗ୍ରାହୀ, ବରିଷ୍ଠ ଶିକ୍ଷକ ଭୁବନେଶ୍ୱର ପଣ୍ଡା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା, ସାଧାରଣଜ୍ଞାନ, ସଙ୍ଗୀତ, ଦଳଗତ ନୃତ୍ୟ, ପ୍ରବନ୍ଧ, ବିତର୍କ, ସୁନ୍ଦର ହସ୍ତାକ୍ଷର, ସୃଜନଶିଳ ଲିଖନ, ଚିତ୍ରାଙ୍କନ ପ୍ରଭୃତି ପ୍ରତିଯୋଗୀତାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୧୬୪ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ନୂତନ ପ୍ରଭା ପଣ୍ଡା, ଶିବାନୀ ଭୋଇ, ଅନନ୍ତ ମେସୁଆ, ଦୟାମୟ ସାହୁ, ସୋନାଲି ସାଲମା, ସୀମା ନାୟକ, ପ୍ରେମାନନ୍ଦ ଭରାସାଗର, ଉଜେଶ ସେଠୀ, ସଦାଶଙ୍କର ବାଘ, ରେସମା ପଧାନ, ମୋନିଷା ପଧାନ, ସୁମତୀ କର୍ମୀ, ସାଗରିକା ସାହୁ, ଦଳଗତ ନୃତ୍ୟରେ ଗୌଡଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆୟୋଜିତ ପ୍ରତିଯୋଗୀତାମାନଙ୍କରେ ପ୍ରଥମ ସ୍ଥାନ ଅଧିକାର କରି ବ୍ଲକସ୍ତରକୁ ମନୋନୀତ ହୋଇଥିଲେ।

## ଧାନ ଫସଲ ଉଜାଡ଼ିଲେ ହାତୀପଲ

**ଉଲୁଣ୍ଡା, ୨୪।୧୦ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅଞ୍ଚଳରେ ଗତ କିଛିଦିନ ହେବ ୩୦ରୁ ଉର୍ଦ୍ଧ୍ୱ ଏକ ହାତୀପଲ ଆସି ଚାଷଜମି ନଷ୍ଟ କରିବାରେ ଲାଗିଛନ୍ତି। ଉଲୁଣ୍ଡା ରେଞ୍ଜ ଅଧିନ ସିଂଘପାଲି, ପିପଲକଟା, କ୍ଷେମାଲୋଏ, ପଣ୍ଡକିଟାଲ, ମେଘନାଥ ସମେତ ବିଭିନ୍ନ ଗ୍ରାମରେ ଅମଳ ହେବାକୁ ଥିବା ଚାଷୀଙ୍କର ଧାନ ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରିଛନ୍ତି। ବୁଧବାର ରାତିରେ ପଣ୍ଡକିଟାଲ ଏବଂ ପୁଟୁରୁପାଲି ମୌଜାର ୧୦ ଏକରରୁ ଉର୍ଦ୍ଧ୍ୱ ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି। କ୍ଷତିଗ୍ରସ୍ତ ଚାଷୀମାନେ ହେଲେ ପୁଟୁରୁପାଲିର ଗୌର ବେହେରା, ରାଜନ ବେହେରା, ସୁରୁ ବେହେରା, ଦୟା ଭୋଇ, ଧର୍ମୁ ବେହେରା ଏବଂ ପଣ୍ଡକିଟାଲ ଗ୍ରାମର ଡିଲେଶ୍ୱର କର୍ଣ୍ଣ। ତେବେ ବନବିଭାଗ କାର୍ଯ୍ୟାଳୟଠାରୁ ମାତ୍ର ୧୦୦ ମିଟର ଦୂରରେ ହାତୀପଲ ଉପଦ୍ରବ କରୁଥିବା ବେଳେ ଘଉଡାଇବା ପାଇଁ ଉଦ୍ୟମ କରି ସୁଦ୍ଧା ବନବିଭାଗ ବିଫଳ ହେଉଥିବା ଚାଷୀଙ୍କୁ ହତୋତ୍ସାହିତ କରୁଛି। ଅନ୍ୟପକ୍ଷେ ହାତୀ ଘଉଡାଇ ନିଜ ଚାଷ ଜମିକୁ ସୁରକ୍ଷା ଦେବା ପାଇଁ ଆତଙ୍କିତ ଗ୍ରାମବାସୀ ବନବିଭାଗ ସହିତ ରାତୀସାରା ବୁଲୁଥିବା ଦେଖିବାକୁ ମିଳୁଛି। ଏ ନେଇ ରେଞ୍ଜର ଶିବ ପ୍ରସାଦ ନାଏକଙ୍କୁ ଯୋଗାଯୋଗ କରିବାରୁ କ୍ଷୟକ୍ଷତିର ଅଭିଯୋଗ ଆସିଲେ କ୍ଷତିଗ୍ରସ୍ତଙ୍କୁ ସହାୟତା ରାଶି ଯୋଗାଇ ଦିଆଯାଉଛି। ହାତୀ ଘଉଡାଇବାରେ ଅଧିକାରୀଠୁ ଆରମ୍ଭ କରି ସମସ୍ତ କର୍ମଚାରୀ କାର୍ଯ୍ୟ କରୁଛନ୍ତି ବୋଲି ସେ ପ୍ରକାଶ କରିଥିଲେ।



ହାତୀପଲ ଉଜାଡି ଦେଇଥିବା ଧାନ ଫସଲ।



ଅତିଟା ସବୁ କ୍ଷେତ୍ରରେ ଖରାପ, ଯେପରି ଅତିମାତ୍ରାରେ ଆଲୋକ ଆମକୁ ଅନ୍ଧ କରିଦିଏ।
- ଭଲଟାୟାର



## ସଂକ୍ଷେପରେ

### ବର୍ଷା ଯୋଗୁ ଚାଷୀ ଚିନ୍ତିତ

ଭେଡ଼େନ, ୨୪।୧୦(ଡ଼ି.ଏନ.ଏ) ଭେଡ଼େନ ବ୍ଲକ ଅଞ୍ଚଳରେ ବର୍ତ୍ତମାନ ଖରିଫ ଧାନ ଫସଲ ଅମଳ ଆରମ୍ଭ ହେଲାଣି। ଏପରି ସମୟରେ ଗୁରୁବାର ଲଘୁଚାପ ଜନିତ ବର୍ଷା ଲାଗିରହିବା ଫଳରେ ଚାଷ ଜମି ଗୁଡ଼ିକରେ ପାଣି ଜମି ଯାଇଛି । ଏହା ବ୍ୟତୀତ ଫଳନ୍ତି ଗଛ ଗୁଡ଼ିକ ମାଟିରେ ପଡ଼ିଯାଇଥିବାରୁ ଧାନ ଅମଳ ହ୍ରାସ ହେବା ଆଶଙ୍କା ରହିଛି। ଅପରପକ୍ଷରେ ରୋଗପୋକ ଦେଖାଦେଇଥିବାରୁ ଚାଷୀମାନେ ଚିନ୍ତିତ ହୋଇ ପଡ଼ିଛନ୍ତି ।



### ଡାକ ଟିକଟ ସଂଗ୍ରାହକ ପୁରସ୍କୃତ

ବୌଦ୍ଧ,୨୪।୧୦(ସ୍ୱ.ପ୍ର) ଜାତୀୟ ଡାକ ସପ୍ତାହ ପାଳନ ଅବସରରେ ବୌଦ୍ଧର ବିଶ୍ୱନାଥ ମିଶ୍ରଙ୍କୁ ଶ୍ରେଷ୍ଠ ଫିଲାଟେଲିକ୍ସ ପୁରସ୍କାର ପ୍ରଦାନ କରାଯାଇଛି । ଭୁବନେଶ୍ୱର ମହାଡାକପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ଉତ୍ସବରେ ସିପିଏମଜି ସନ୍ତୋଷ କୁମାର କାମଲା ମୁଖ୍ୟଅତିଥି, ସମ୍ବଲପୁର ମହାଡାକପାଳ ଲଳିତେନ୍ଦୁ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଅଂଶଗ୍ରହଣ କରିଥିବା ଡାକ ଟିକଟ ସଂଗ୍ରହ କାରୀମାନେ ଅଂଶଗ୍ରହଣ କରିଥିଲେ। ପୂର୍ବରୁ ମିଶ୍ର ରାଜ୍ୟ ଏବଂ ରାଷ୍ଟ୍ରୀୟ ସ୍ତରରେ ଡାକ ଟିକଟ ସଂଗ୍ରହ କ୍ଷେତ୍ରରେ ବିଭିନ୍ନ ପୁରସ୍କାର ପାଇଛନ୍ତି। ସେ ୧୯୭୭ ମସିହାରୁ ଡାକ ଟିକଟ ସଂଗ୍ରହ କରିଆସୁଛନ୍ତି ।

### ଜନସମ୍ପର୍କ ପଦଯାତ୍ରା

ଭେଡ଼େନ, ୨୪।୧୦(ଡ଼ି.ଏନ.ଏ) ଭେଡ଼େନ ବ୍ଲକ ବିଜେଡି ପକ୍ଷରୁ ଗୁରୁବାର ଜନସମ୍ପର୍କ ପଦଯାତ୍ରା ବସେକେଲାରୁ ବାହାରି ଗୁରୁପାଲି, କଟାପାଲି ଆଦି ଗ୍ରାମ ପରିକ୍ରମା କରି ବସେକେଲା ବାଲିଯାତ୍ରା ପଡ଼ିଆରେ ଉଦ୍‌ଯାପିତ ହୋଇଛି। ଏହି ଅବସରରେ ବ୍ଲକ ବିଜେଡ଼ି ସଭାପତି ହରିଶଙ୍କର ବେହେରାଙ୍କ ସଭାପତିତ୍ୱରେ ହୋଇଥିବା ପଥପ୍ରାନ୍ତ ସଭାରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଶୋଭାଯାତ୍ରାରେ ବ୍ଲକ ଅଧ୍ୟକ୍ଷ ଡ଼ୋଲାମଣି କ୍ଷେତି, ଉପାଧ୍ୟକ୍ଷା ସୁପ୍ରଭା ପ୍ରଧାନ, ଜିଲା ପରିଷଦ ସଭ୍ୟ ସୁବାସ ହୋତା, ଯୁବନେତା ଅରବିନ୍ଦ ହୋତା, ସରପଞ୍ଚ ସୁନୀଲ ମେହେର, ସୁଶାନ୍ତ ପ୍ରଧାନ, କ୍ଷୀରୋଦ୍ର ମେଲ୍ଲୀ, ସୁଶାନ୍ତ ସାହୁ, ପ୍ୟାକ୍ସ ସଭାପତି ବିଜୟ ଭୋଇ, ସତ୍ୟଜିତ ପୁରୋହିତ, ପୂର୍ବତନ ସମିତିସଭ୍ୟ ସାଗର ମହାକୁର, ଭଗବାନ ସେଠ, ଆନନ୍ଦ କରନ ପ୍ରମୁଖ ବହୁ ନେତା ଓ କର୍ମୀ ଯୋଗ ଦେଇଥିଲେ।



### ମାନପୁର-ଅର୍ଜୁଣ୍ଡା ରାସ୍ତା ଶୋଚନୀୟ

ଗଣ୍ଡତୁରୁମ, ୨୪।୧୦ (ଡି.ଏନ.ଏ) ଭେଡେନ ବ୍ଲକ ଅନ୍ତର୍ଗତ ମାନପୁର-ଅର୍ଜୁଣ୍ଡା ରାସ୍ତା ଶୋଚନୀୟ ହୋଇପଡିଛି। ସାମାନ୍ୟ ବର୍ଷାରେ ରାସ୍ତାରେ ଆଣ୍ଠୁଏ କାଦୁଅ ହେଉଥିବା ବେଳେ ଖାଲଖମାରେ ଭର୍ତ୍ତି ହୋଇଛି। ଚାରିଚକିଆ ଯାନବାହନ ଯିବା ତ ଦୂରର କଥା ରାସ୍ତା ସାରା କର୍ଦ୍ଦମାକ୍ତ ଯୋଗୁ ଚାଲି ଚାଲି ଯିବା କଷ୍ଟକର ହେଉଛି । ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ମାନପୁର, ସୁକପାଲି, ମିର୍ଦ୍ଧାପାଲି, ଫଟାଟିକ୍ରା ଗ୍ରାମବାସୀଙ୍କ ସମେତ ସ୍କୁଲ, କଲେଜ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ନିର୍ବାଚନ ପୂର୍ବରୁ ଏହି ରାସ୍ତାକୁ ସାମୟିକ ଭାବେ ମାଟି ଓ ମୋରମ ପକାଇ ମରାମତି କରାଯାଇଥିଲା। ମାତ୍ର ତାହା ବର୍ଷାରେ ଧୋଇ ହୋଇଯାଇଥିଲା। ତୁରନ୍ତ ଏହି ରାସ୍ତାର ମରାମତି ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ପଲିଥିନ୍ ତଳେ ଅସାହା ଜୀବନ୍

**ପାଇକମାଳ, ୨୪।୧୦(ଡି.ଏନ୍.ଏ.)**

ପାଇକମାଳ ବ୍ଲକ ମାଣ୍ଡୋସିଲ ପଁଚେତ୍ ଡୁମେରବାହାଲ ଗାଁର କଷ୍ଟ ସାହୁ। ପରିବାର କହେଲେ ମାଏକିନା ଆର ଦୁଇ ପୁଓକୁ ନେଇ ତାକର ସଁସାର। ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ କଷ୍ଟ କୁଲିମଜୁରି କରି କୁଟୁମ ପୁଷୁଛନ୍। ଏନ୍‌ତା କି ତାକର ଜମିବାଡ଼ି କିଛି ନାଁଇଁନ। ଏନ୍‌ତାଥି ମାଣ୍ଡୋଲିସ ଗାଁର ଲକ୍ଷ୍ମଣ ସୁନା ତାହାକୁ ୨ ଡେସିମିଲ ଜାଗା ଦାନରେ ଦେଇଛନ୍। ସେ ଜାଗାରେ କଷ୍ଟ ଝଟିମାଟିର କୁରିଆଟେ କରି ପଲିଥିନ୍ ଢାପି କୁଟୁମବସିଆ ରହୁଛନ୍। କଷ୍ଟ ଭୂମିହୀନ ହିସାବେ ସରକାରୀ ଯୋଜନାରେ ୪ ଡେସିମିଲ ଡିହ ପାଇଛନ୍ ସତ୍। ହେଲେ ସେ ପାଇଥିବାର ଜାଗା ଘର ତିଆରିବାର ଲେଖେଁ ଜାଗା ନୁହେ। ଆଗରୁ କଷ୍ଟ କୁଟୁମସିଆ ପଦ୍ମପୁର ବ୍ଲକ



ନିଜର ପଲିଥିନ୍ କୁରିଆ ଆଘେ ପରିବାର ସଂଗେ କଷ୍ଟ ।

କଲିଆମୁଣ୍ଡା ଗାଁରେ କୁଲିମଜୁରି କରି ରହୁଥିଲେ। ସେଠାନେ ତାକର ରାଶନ କାର୍ଡ ବି ହେଇଥିଲା। ହେଲେ ନିଜର ଗାଁକେ ଫିରଲା ଉତାରୁ ଆଏଜ୍‌କେ ୪ ବଛର ହେଲା ସେ ରାଶନ କାର୍ଡ ଖଁଡ଼େ ପାଇ ନାଇଁପାରବାର। ଏନ୍‌ତା କି ସେ ଭିନେ ଭିନେ ସମିଆରେ ସରକାରୀ ଯୋଜନାରେ ଘରଖଁଡ଼େ ଆର ରାଶନ କାର୍ଡ ଲାଗି ପରଶାସନିକ ଅଧିକାରୀମାନକୁ ଗୁହାରି କରି ନିରାଶ ହେଇଥିବାର କଷ୍ଟ କହିଛନ୍। ଇ ଦିଗେ ଜିଲା ଆର ଥାନୀଅ ପରଶାସନ ଦୁରୁଷ୍‌ଟି ଦେଇ କଷ୍ଟକୁଁ ଆବାସ ଯୋଜନାରେ ଘର ଆର ରାଶନ କାର୍ଡ ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍।

■ ମହିଳାଙ୍କୁ ଅସଦାଚରଣ ମାମଲା

# ୩ ଅଭିଯୁକ୍ତ କୋର୍ଟ ଚାଲାଣ

## ପୀଡିତାଙ୍କ ଘର ପୋଡିଦେଲେ ଦୁର୍ବୃତ୍ତ

**ମନମୁଣ୍ଡା, ୨୪।୧୦ (ଡି.ଏନ.ଏ)**

ବୌଦ୍ଧ ଜିଲା ମନମୁଣ୍ଡା ଥାନା ଯୁନାନୀ ଗ୍ରାମର ଜନୈକା ବିବାହିତା ମହିଳାଙ୍କୁ ଅସଦାଚରଣ ମାମଲାରେ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଯୁନାନୀ ଗ୍ରାମର ପିଣ୍ଟୁ ଠେଲା, ଗଙ୍ଗା ଠେଲା ଏବଂ ପିଣ୍ଟୁଙ୍କ ଭଉଣୀ ଜ୍ୱାଇଁ ଗୋପାଳମାଳ ଗ୍ରାମର ମନୋରଞ୍ଜନ କୁଦେଇ। ଅନ୍ୟପକ୍ଷେ କେହି ପୀଡିତାଙ୍କ ଘର ଭାଙ୍ଗି ସୁନାଚେନ, ହାର, ୪ କୁଇଣ୍ଟାଲ ଚାଉଳ ଚୋରି କରିବା ସହ ତାଙ୍କ ଘରକୁ ପୋଡି ଦେଇଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି । ଏହି ଘଟଣାରେ ପୋଲିସ ଏକ ମାମଲା (ନଂ. ୧୬୫/୧୯) ରୁଜୁ କରି ତଦନ୍ତ କରୁଛି ।

ପୋଲିସ ସୂଚନା ଅନୁସାରେ, ଗତ ୧୯ ତାରିଖ ରାତ୍ରି ପ୍ରାୟ ୮ଟା ବେଳେ ପୀଡିତାଙ୍କ ସ୍ୱାମୀ ଘରେ ନ ଥିବା ବେଳେ ଅଭିଯୁକ୍ତମାନେ ଘରକୁ ପଶି ତାଙ୍କୁ ଅସଦାଚରଣ କରିଥିଲେ । ପୀଡିତାଙ୍କ ଚିତ୍କାର ଶୁଣି ରାସ୍ତାରେ ଯାଉଥିବା ଲୋକ ଘର ସାମ୍ନାରେ ଅଟକିବା ଜାଣିପାରି ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଏ ନେଇ ପୀଡିତା ଜଣକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ. ୧୬୪/୧୯) ରୁଜୁ କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଥିଲା । ଘଟଣା ଦିନଠୁ ପୀଡିତା, ତାଙ୍କ ସ୍ୱାମୀ ଓ ଦେଢ଼ ବର୍ଷ ପୁଅ ସହ ପୋଲିସକୁ ତଦନ୍ତରେ ସହଯୋଗ କରିବା ପାଇଁ ମନମୁଣ୍ଡାରେ ରହିଥିଲେ ଏବଂ କଣ୍ଟାମାଳ କୋର୍ଟକୁ ବୟାନ ରେକର୍ଡ ପାଇଁ ଯାଇଥିଲେ । ଫଳରେ ସେମାନେ ଘରକୁ ଯାଇ ପାରି ନ ଥିଲେ । ଏହାର ସୁଯୋଗ ନେଇ ଗୁରୁବାର କେହି ଦୁର୍ବୃତ୍ତ ତାଙ୍କ ଘରୁ ଚୋରି କରିବା ସହ ଘରକୁ ପୋଡି ଦେଇଛନ୍ତି ।

# କୃଷକ ସଚେତନତା କର୍ମଶାଳା ଉଦ୍‌ଯାପିତ



କର୍ମଶାଳାରେ ଉପସ୍ଥିତ ଅଧିକାରୀ ଓ ଚାଷୀମାନେ ।

**ବୌଦ୍ଧ/ବଘିଆପଡା,୨୪।୧୦(ସ୍ୱ.ପ୍ର/ଡି.ଏନ.ଏ)**

ରାଷ୍ଟ୍ରୀୟ ଉଦ୍ୟାନ କୃଷି ଗବେଷଣା ପ୍ରତିଷ୍ଠାନ ପାଲଝାରଠାରେ ସହକାରୀ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଜିଲାସ୍ତରୀୟ ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା ନେଇ ଦୁଇ ଦିନିଆ କୃଷକ ସଚେତନତା କର୍ମଶାଳା ଗୁରୁବାର ଉଦ୍‌ଯାପିତ ହୋଇଛି। କର୍ମଶାଳାରେ ପ୍ରଧାନମନ୍ତ୍ରୀ ସିଚାଇ ଯୋଜନା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। କମ ପାଣିରେ କିପରି ଚାଷୀମାନେ ଅଧିକ ଫସଲ ଆମଦାନୀ କରିପାରିବେ ଓ ପାଣିର ସୁବିନିଯୋଗ କିପରି କରିବେ ଏ ନେଇ ଚାଷୀମାନଙ୍କୁ ସଚେତନ କରାଯାଇଥିଲା। ଏହାସହ ଆଧୁନିକ ପ୍ରଣାଳୀରେ ଚାଷ କରିବାକୁ ଅଧିକାରୀମାନେ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଏନସି ଜ୍ୟୋତି ରଞ୍ଜନ ନାଏକ ଯୋଗ ଦେଇଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ଅଧକ୍ଷ ସାଇଣ୍ଟିଷ୍ଟ ଡ. ଶ୍ରୁତନୁ ଶତପଥି, ରାଷ୍ଟ୍ରୀୟ କୃଷି ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଡ. ରଜନୀଶ ମିଶ୍ର, ଏଆରସିଏସ ପାଣୁ ଚରଣ ସାହୁ, ବୌଦ୍ଧ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ ସୁରେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଏହି କର୍ମଶାଳାରେ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ସୂର୍ଯ୍ୟମଣି ମହାରଣା ଅତିଥି ପରିଚୟ ସହ କର୍ମଶାଳାର ଉଦେଶ୍ୟ ଜ୍ଞାପନ କରିଥିଲେ। କର୍ମଶାଳାରେ ଜିଲାର ବହୁ ଚାଷୀ ଯୋଗ ଦେଇଥିଲେ।

### ଫୁଟବଲ ଖେଳାଳିଙ୍କୁ ସମ୍ବର୍ଦ୍ଧନା

**ପୁରୁଣାକଟକ,୨୪।୧୦(ଡି.ଏନ.ଏ)**

ବୌଦ୍ଧ ଜିଲା ପୁରୁଣାକଟକ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟର ଫୁଟବଲ ଖେଳାଳି ମାନଙ୍କୁ କଲେଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ମହାବିଦ୍ୟାଳୟର ଖେଳାଳିମାନେ ଆନ୍ତଃ କଲେଜ ଫୁଟବଲ ଟୁର୍ନାମେଣ୍ଟରେ ଖେଳ ଶିକ୍ଷକ ମଧୁସୁଦନ ବେହେରାଙ୍କ ନେତୃତ୍ୱରେ ଅଂଶଗ୍ରହଣ କରି ଗ୍ରୁପ୍ 'ବି' ର ୧୬ ଟିମ୍ ମଧ୍ୟରୁ ୪ଟି ଟିମ୍‌କୁ ହରାଇ ଗ୍ରୁପ ଚାମ୍ପିୟନ ହେବା ସହ ସେମିଫାଇନାଲ୍ ଖେଳିବାର ଗୌରବ ଅର୍ଜନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଲଳିତ କୁମାର ମେହେର ଖେଳାଳିଙ୍କ ପାରଦର୍ଶିତାକୁ ପ୍ରଶଂସା କରିବା ସହ ବିଶ୍ୱ ବିଦ୍ୟାଳୟ ସ୍ତରରେ ଖେଳାଳିମାନେ ମହାବିଦ୍ୟାଳୟର ମାନ ବୃଦ୍ଧି କରିଥିବା ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଖେଳ ଶିକ୍ଷକ ବେହେରାଙ୍କ ସମେତ ଅଧିନାୟକ ଶୁଭ୍ରକାନ୍ତ ଦେହୁରୀ, ଉପ ଅଧିନାୟକ ଶୁଶାନ୍ତ ମାଝି, ସମସ୍ତ ଖେଳାଳି ଏବଂ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

# ଦୌଡକୁଦ ପ୍ରତିଯୋଗିତା ଉଦ୍‌ଯାପିତ



ବ୍ଲକସ୍ତରୀୟ ଦୌଡକୁଦ ପ୍ରତିଯୋଗିତାକୁ ମୁଖ୍ୟ ଅତିଥି ଉଦଘାଟନ କରୁଛନ୍ତି ।

**ଘେଁସ,୨୪।୧୦(ଡି.ଏନ.ଏ)**

ମେଲଛାମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ବ୍ଲକସ୍ତରୀୟ ଶୀତକାଳୀନ ଦୌଡକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାଳମୁକୁନ୍ଦ ସାହୁଙ୍କୁ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ ମେଲଛାମୁଣ୍ଡା ସରପଞ୍ଚ ସୁନୀତା ବରିହା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ । ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଦୁଃଶାସନ ବୁଡେକ, ପ୍ରକାଶ ବରିହା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ସୂର୍ଯ୍ୟ ନାରାୟଣ ବାରିକ ଅତିଥି ପରିଚୟ ଏବଂ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କ୍ରୀଡା ପ୍ରତିଯୋଗିତାରେ ୩୦ଟି ହାଇସ୍କୁଲର ୨୫୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ୪୧ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଖେଳ ଶିକ୍ଷକ ଶ୍ରୀବତ୍ସରାଜ ପୁରୋହିତ, ସଞ୍ଜୀବ କୁମାର ନାୟକଙ୍କ ସମେତ ଅନ୍ୟାନ୍ୟ ବିଦ୍ୟାଳୟର ଖେଳ ଶିକ୍ଷକ ସହଯୋଗ କରିଥିଲେ। ଉଦଯାପନୀ ଉତ୍ସବରେ ପଦ୍ମପୁର ବିଇଓ ତ୍ରିବିକ୍ରମ ପାଣିଗ୍ରାହୀ ମୁଖ୍ୟଅତିଥି, ହରେକୃଷ୍ଣ ପଟେଲ, ଚନ୍ଦ୍ରମଣି ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ସ୍କୁଲ ସମ୍ମୁଖରେ ଆଣ୍ଠୁଏ ପାଣି, ଯାତାୟାତରେ ବାଧା

**ଗଣ୍ଡତୁରୁମ, ୨୪।୧୦ (ଡି.ଏନ.ଏ)**

ଭେଡେନ ବ୍ଲକ ଗଣ୍ଡତୁରୁମ ଆଞ୍ଚଳିକ ନୋଡାଲ ହାଇସ୍କୁଲ ସମ୍ମୁଖ ଖାଲୁଆ ହୋଇଥିବାରୁ ସାମାନ୍ୟ ବର୍ଷାରେ ଆଣ୍ଠୁଏ ପାଣି ଜମା ହୋଇ ରହୁଛି । ଫଳରେ ସ୍କୁଲର ଛାତ୍ରୀଛାତ୍ରଙ୍କ ସମେତ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ପ୍ରାଇମେରୀ ଛାତ୍ରୀଛାତ୍ରମାନେ ପାଣି ପାର ହେବା ପାଇଁ ଅଭିଭାବକମାନଙ୍କ ସହାୟତା ଲୋଡୁଥିବା ଦେଖିବାକୁ ମିଳୁଛି । ଗଣ୍ଡତୁରୁମ ବସଷ୍ଟାଣ୍ଡରୁ ଚିହିକିପାଲି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ନିର୍ମାଣ ପରଠୁ ଏହି ସମସ୍ୟା ଉପୁଜିଥିବା କୁହନ୍ତି ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅଶୋକ ଦାଶ । ଏ ନେଇ ପ୍ରଶାସନର ବାରମ୍ବାର ଦୃଷ୍ଟି ଆକର୍ଷଣ କଲେ ବି ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଉନାହିଁ । ତୁରନ୍ତ ଏହାର ବ୍ୟବସ୍ଥା କରାଯିବାକୁ ସାଧାରଣରେ ଦାବି ହେଉଛି।



ସ୍କୁଲ ସମ୍ମୁଖରେ ପାଣି ଜମି ରହିଛି ।

# ପିଇବା ପାଣି ପାଇଁ ଗ୍ରାମବାସୀ ହଇରାଣ

**ତଲଗାଁ,୨୪।୧୦(ସ୍ୱ.ପ୍ର)**

ହରଭଙ୍ଗା ବ୍ଲକ ତଲଗାଁକୁ ପାଇପ ଯୋଗେ ପାଣି ଯୋଗାଇ ଦେବା ପାଇଁ ୨୦୧୫-୧୬ ମସିହାରେ ୫ ହଜାର ଲିଟର କ୍ଷମତା ବିଶିଷ୍ଟ ପାଣି ଟାଙ୍କି ନିର୍ମାଣ କରାଯାଇଛି। ଗ୍ରାମର ସମସ୍ତ ସାହିରେ ଷ୍ଟାଣ୍ଡପୋଷ୍ଟ ମଧ୍ୟ ନିର୍ମାଣ କରାଯାଇଛି। ଏହି ପ୍ରକଳ୍ପ ନିର୍ମାଣ ପରେ ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସିଂ ଜରିଆରେ ଏହି ପ୍ରକଳ୍ପର ଉଦଘାଟନ କରିଥିଲେ । ଉଦଘାଟନର ୨ ମାସ ପର୍ଯ୍ୟନ୍ତ ପାଣି ଯୋଗାଇ ଦିଆଗଲା। ଦୁଇ ମାସ ପରେ ପାଣି ପମ୍ପ ଅଚଳ ହୋଇଗଲା । ଦୀର୍ଘ ଦୁଇ ବର୍ଷରୁ ଅଧିକ ହେବ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇପଡିଛି। ବର୍ତ୍ତମାନ ପମ୍ପ ହାଉସ ବିଭିନ୍ନ ଗଛ ଲତାରେ ଭର୍ତ୍ତି ହୋଇଛି । ଗ୍ରାମବାସୀ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି । ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ ।

# ଲଖମରାରେ ଶିଶୁ ମହୋତ୍ସବ

**ପଦ୍ମପୁର, ୨୪।୧୦ (ଡି.ଏନ.ଏ)**

ପଦ୍ମପୁର ଉପଖଣ୍ଡ ଲଖମରା ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଗୁରୁବାର ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି । ମହୋତ୍ସବରେ ଲଖମରା କ୍ଲଷ୍ଟରର ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ମହୋତ୍ସବକୁ ସିଆରସିସି ସୁବାଷ ସାହୁ ସଂଯୋଜନା କରିଥିଲେ। ଏହି ଅବସରରେ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସନାତନ ଭୋଇଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ଏଥିରେ ପାଇକମାଳ ବିଇଓ ଚୂଡାମଣି ବାରିକ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ । ସୁରେନ୍ଦ୍ର କୁମାର ପୁରୋହିତ, ମଧୁସୂଦନ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କୁଧରେନପାଲି, ଦର୍ଲିପାଲି, ଲଖମରା, ଚଙ୍ଗରିଆ, ଲହଣ୍ଡିପୁର, ଲୁହୁରାକୋଟ କ୍ଲଷ୍ଟର ଗାରିମା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଯୋଗୁ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନଙ୍କୁ ସମ୍ମାନିତ କରାଯାଇଥିଲା। କ୍ଲଷ୍ଟରର ଆଦର୍ଶ ଶିକ୍ଷକ ଭାବେର ବ୍ରଜକିଶୋର ଭିଲ, ଚନ୍ଦ୍ରମଣି ସାହୁ, ମିନିତା ବରିହା, ଅବିନାଶ ମହାନନ୍ଦ, କାନ୍ତି ଲୁହାରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷକ ପୁରୁଷୋତ୍ତମ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।



ଲଖମରା ଶିଶୁ ମହୋତ୍ସବରେ ସମ୍ବର୍ଦ୍ଧିତ କରାଯାଉଛି ।

■ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

# ପ୍ରତିଯୋଗିତାରେ ଭାଗ ନେଲେ ଛାତ୍ରୀଛାତ୍ର

**ଭଟଲି,୨୪।୧୦(ଡି.ଏନ.ଏ)**

ବରଗଡ ଜିଲା ଭଟଲି ଦଧିବାମନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଭଟଲି କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୧୯ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରୂପାନନ୍ଦ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଇଓ ଛତ୍ରପତି ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କ୍ଲଷ୍ଟରର ୧୨ଟି ବିଦ୍ୟାଳୟର ୧୬୦ ଜଣ କନିଷ୍ଠ ଏବଂ ବରିଷ୍ଠ ବିଭାଗର ଛାତ୍ରୀଛାତ୍ରଙ୍କ ମଧ୍ୟରେ ୧୭ଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଏହି ପ୍ରତିଯୋଗିତା ଗୁଡିକୁ ଶିକ୍ଷକ ଲଳିତ ବିଶ୍ୱାଳ, ଅନୀମା ବାରିକ, ଅଞ୍ଜଳି ଗଣିତ, ରୀତାରାଣୀ ବେହେରା, ରୋହିତ ମହାନନ୍ଦ, ଇନ୍ଦ୍ରମଣୀ ପଧାନ, ଲୋକନାଥ ମେହେର, ସୁରଜିତ ମହାନ୍ତୀ, ରୋଜୀ ସାହୁ, ବିଷ୍ଣୁପ୍ରିୟା, ପ୍ରମୋଦିନୀ ଡାଣ୍ଡି, ଦିଲୀପ ପଧାନ, ପ୍ରକାଶ ସାହୁ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ । ପରେ ବିଆରସିସି ଅରୁଣ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ



ବରଗଡ ଜିଲା ଭଟଲିରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଏବିଇଓ ପ୍ରଫୁଲ୍ଲ କୁମାର ନନ୍ଦ ମୁଖ୍ୟ ଅତିଥି,ଏମଆଇଏସ ସଂଯୋଜକ ପ୍ରକାଶ କୁମାର ସାହୁ ସମ୍ମାନିତ ଅତିଥି ଏବଂ ସିଆରସିସି ଜୟଦ୍ରଥ ପଧାନ ପ୍ରମୁଖ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ଅଗସ୍ତି ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଭଟଲି ବ୍ଲକ ଅନ୍ତର୍ଗତ ନାରଙ୍ଗପୁର ପଞ୍ଚାୟତ ସ୍ଥିତ ସାନ ଅମ୍ଲିପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସର ମଧ୍ୟରେ ବିଭିନ୍ନ ୧୨ଟି ବିଦ୍ୟାଳୟର ପ୍ରାୟ ୧୩୦ ଜଣ ଛାତ୍ରୀଛାତ୍ରମାନଙ୍କୁ ନେଇ ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ "ସୁରଭି-୨୦୧୯" ଅନୁଷ୍ଠିତ ହୋଇଯାଇଛି । ନାରଙ୍ଗପୁର ସିଆରସିସି ଗଜରାଜ ଗଡତିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଯୋଗଦେଇଥିବା ଛାତ୍ରୀଛାତ୍ରମାନେ ସ୍କୁଲରୁ ଏକ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା ପୂର୍ବକ ଲୋକଙ୍କୁ ସ୍ୱଚ୍ଛତା ବିଷୟରେ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସରପଞ୍ଚ ତପୋବନ୍ତ ବରିହା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରମାନେ ୧୮ ପ୍ରକାରର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଭଟଲି ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଛତ୍ରପତି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବରଗଡ ଜିଲ୍ଲା ସମଗ୍ର ଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ ସୁଶାନ୍ତ କୁମାର ଚୋପଦାର ମୁଖ୍ୟଅତିଥି, ଜିଲା ପରିଷଦ ସଦସ୍ୟ ନିତ୍ୟାନନ୍ଦ ପଧାନ, ଅବସରପ୍ରାପ୍ତ ଶିକ୍ଷକ ବଜରଙ୍ଗ ଦାଶ, ଗୋବିନ୍ଦ ପଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରତାପ କୁମାର ଜେନା ବିବରଣୀ ପାଠ କରିଥିଲେ। ଶିକ୍ଷକ ସୁନୀଲ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଚଢେଇଗାଁ, ନୂଆଗଡ, କନକବିରା, ଝାଙ୍କରପାଲି, ମୂଲବାର, କମଗାଁ, ଡୁମାଲପାଲି, ଭଡିଗାଁ ଓ ଉଦେପାଲି କ୍ଲଷ୍ଟରରେ ଯଥାକ୍ରମେ ନେତ୍ରାନନ୍ଦ ମେହେର, ରମେଶ ଚନ୍ଦ୍ର ନାଏକ, ଭୁବନ ମୋହନ ମହାନ୍ତି, ସାନନ୍ଦ ସାହୁ, ଅଚ୍ୟୁତ ଭୋଇ, ଜଗଦୀଶ ଦାଶ, ରକ୍ଷପାଲ ମୁଗ୍ରୀ, ବୈରାଗୀ ସାହୁ ଏବଂ ରଞ୍ଜିତ ନାଏକ ପ୍ରମୁଖଙ୍କ ସଂଯୋଜନାରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୨୫ ଅକ୍ଟୋବର ୨୦୧୯



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

### ୬୫ ଲିଟର ଦେଶୀ ମଦ ଜବତ, ଗିରଫ

ଗୁଡଭେଲା,୨୪।୧୦(ଡି.ଏନ.ଏ.)
ବଲାଙ୍ଗୀର ଜିଲା ତୁଷୁରା, ପାଟଣାଗଡ ଓ ଲୋଇସିଂହା ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଗୁରୁବାର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା । ତୁଷୁରା ଅବକାରୀ ବିଭାଗ ଅଧିନ ଦେଷଣ୍ଡ ଗ୍ରାମର ତିନି ଜଣଙ୍କଠାରୁ ପ୍ରାୟ ୬୫ ଲିଟର ଦେଶୀ ମଦ ଜବତ କରାଯାଇଛି। ରାହମଣୀ ରଣାଙ୍କଠାରୁ ୩୫ ଲିଟର, ରାଜୁ ବରିହାଙ୍କଠାରୁ ୧୫ ଲିଟର ଓ ସମାରୁ ବେହେରାଙ୍କଠାରୁ ୧୫ ଲିଟର ଦେଶୀ ମଦ ଜବତ କରାଯାଇଛି। ଏ ନେଇ ୩ଟି ପୃଥକ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଅବକାରୀ ଅଧିକାରୀ ଅରୁଣ କୁମାର ଯୋଷୀ ପ୍ରକାଶ କରିଛନ୍ତି । ଏହି ଚଢାଉ ବେଳେ ବଲାଙ୍ଗିର ସଦର ମଣ୍ଡଳ ଅଧିକାରୀ ପଦ୍ମଲୋଚନ ନାୟକ, ସଦର ଓଆଇସି ବଲରାମ ପ୍ରଧାନ, ପାଟଣାଗଡ ଅବକାରୀ ଅଧିକାରୀ ବିଶ୍ୱନାଥ ପରିଡା, ଲୋଇସିଂହା ଅବକାରୀ ଅଧିକାରୀ ଆରତୀ କିଶାନ, ଏଏସଆଇ ଜୟନାରାୟଣ ଯୋଷୀ, ଦେବାଚନ ଭୋଇ, ସୁରେଷ ଭୋଇ ପ୍ରମୁଖ ସାମିଲ ଥିଲେ ।

### ଅସହାୟ ବୃଦ୍ଧା ଗଲେ ଜରା ନିବାସ

ଦେଓଗାଁ,୨୪।୧୦ (ଡି.ଏନ.ଏ)
ବଲାଙ୍ଗୀର ଜିଲା ଦେଓଗାଁ-ଗ୍ରାଜୁଏଟପଡା ମୁଖ୍ୟରାସ୍ତା ପାର୍ଶ୍ୱରେ ଗତ ୩ମାସ ହେଲା ଜଣେିକା ବୃଦ୍ଧା ଅସହାୟ ଅବସ୍ଥାରେ ପଡି ରହିଥିଲେ। ବୁଧବାର ସନ୍ଧ୍ୟାରେ କେତେକ ସ୍ଥାନୀୟ ସ୍ୱେଚ୍ଛାସେବୀ ସମ୍ପୃକ୍ତ ବୃଦ୍ଧାଙ୍କୁ ସାଲେପାଲି ଜରାନିବାସରେ ଛାଡିଛନ୍ତି। ପାଟଣାଗଡ ନିକଟସ୍ଥ ଭଇଁଷାଗ୍ରାମର ବୃଦ୍ଧା ଲଳିତା ସାହୁ(୬୨) କିଛି ମାସ ତଳେ ପାରିବାରିକ ନିର୍ଯାତନା ଯୋଗୁ ଘର ଛାଡି ଦେଓଗାଁସ୍ଥିତ ମା ଘରକୁ ଆସିଥିଲେ । ଏଠାରେ ମଧ ତାଙ୍କୁ କେହି ନ ପଚାରିବାରୁ ପରପିଣ୍ଡାରେ ଅସହାୟଭାବେ ରହିଥିଲେ। ପାଖ ପଡୋଶୀଙ୍କ ଦୟାରେ ସେ ଜୀବନ ବିତାଉଥିଲେ। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପଡାବାସୀ ସ୍ଥାନୀୟ ସ୍ୱେଚ୍ଛାସେବୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ବୁଧବାର ସନ୍ଧ୍ୟାରେ ଯୁବନେତା ବିଶ୍ୱଜିତ ପାତ୍ର, କୃଷ୍ଣପ୍ରସାଦ ପାଣିଗ୍ରାହୀ, ଜ୍ୱାଳା ପୋଡ଼, ଜଗୁ ସାହୁ ଓ ହେମନ୍ତ ନାୟକ ପ୍ରମୁଖ ତାଙ୍କୁ ଜରାନିବାସକୁ ନେଇ ତତ୍ତ୍ୱାବଧାରକ ଶିବପ୍ରସାଦ ସାହୁଙ୍କୁ ହସ୍ତାନ୍ତର କରିଥିଲେ ।

### ନବାଗତ ବିଦ୍ୟାର୍ଥୀଙ୍କୁ ସ୍ୱାଗତ ସମାରୋହ

ବଙ୍ଗୋମୁଣ୍ଡା, ୨୪।୧୦(ଡି.ଏନ.ଏ.)
ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟରେ କଳା ଓ ବାଣିଜ୍ୟ ବିଭାଗର ନବାଗତ ଛାତ୍ରୀଛାତ୍ରଙ୍କ ନିମନ୍ତେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା। ଅଧାପକ ଶୁଭେନ୍ଦୁ ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଇଲଇଶ ବିଭାଗ ଅଧାପକ ନଟବର ବେହେରା, ଶିକ୍ଷା ବିଭାଗ ଅଧାପକ ଆଲୋକ ରଥ ପ୍ରମୁଖ ଯୋଗଦେଇ ସମୟାନୁବର୍ତ୍ତୀ ହେବାକୁ ପରାମର୍ଶ ଦେଇଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ନାଗପୁରରୁ ୧୬ଦାଦନ ଶ୍ରମିକ ଉଦ୍ଧାର

ଲାଠୋର, ୨୪।୧୦(ଡି.ଏନ.ଏ.)



ପୋଲିସ ଦ୍ୱାରା ଉଦ୍ଧାର ହୋଇଥିବା ଦାଦନ ଶ୍ରମିକମାନେ।

ବେଆଇନଭାବେ ଚାଲାଣ କରାଯାଇଥିବା ବଲାଙ୍ଗୀର ଜିଲା ଲାଠୋର, ଖପ୍ରାଖୋଲ ଓ ବେଲପଡା ଥାନା ଅଞ୍ଚଳର ୧୬ଦାଦାନ ଶ୍ରମିକଙ୍କୁ ମହାରାଷ୍ଟ୍ର ରାଜ୍ୟ ନାଗପୁର ରେଳଷ୍ଟେଶନରୁ ଉଦ୍ଧାର କରାଯାଇଛି। ଉଦ୍ଧାର ପରେ ଏଠାକୁ ଆଣି ପୋଲିସ ସେମାନଙ୍କୁ ତାଙ୍କ ଗାଁକୁ ପଠାଇ ଦେଇଛି। ହେଲେ ସେମାନଙ୍କୁ ଚାଲାଣ କରିଥିବା ଦାଦାନ ସର୍ଦ୍ଦାର ଟଙ୍କ ରଣା ଫେରାର ହୋଇ ଯାଇଛନ୍ତି। ଗୁରୁବାର ଲାଠୋର ଥାନାରେ ଏକ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦେଇଛନ୍ତି ପାଟଣାଗଡ ଏସ୍‌ଡିପିଓ ସୁରେଶ କୁମାର ନାଏକ। ତାଙ୍କ କହିବା ଅନୁସାରେ ବାହାର ରାଜ୍ୟକୁ ଦାଦନ ଚାଲାଣ ରୋକିବା ପାଇଁ ସରକାର କଡା ନିର୍ଦ୍ଦେଶ ଜାରି କରିଥିବା ସତ୍ତ୍ୱେ ସର୍ଦ୍ଦାରମାନେ ଶ୍ରମ ବିଭାଗ ଏବଂ ପୋଲିସ ବିଭାଗକୁ ଚକ୍‌ମା ଦେଇ ଏହି ଅଞ୍ଚଳରୁ ଟ୍ରେନରେ ଶ୍ରମିକ ଚାଲାଣ କରିଥିବା ଖବର ମିଳିଥିଲା। ଏସ୍‌ପି ସନ୍ଦିପ ମାଡକର ଚାଲାଣ ହୋଇଥିବା ଶ୍ରମିକମାନଙ୍କୁ ଉଦ୍ଧାର ପାଇଁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ନିର୍ଦ୍ଦେଶ ଅନୁସାରେ ଆଇୟୁସିଏଡବ୍ଲୁ (ଇନଭେଷ୍ଟିଗେଟିଭ ୟୁନିଟ ଫର କ୍ରାଇମ ଏଗେନଷ୍ଟ ଓମେନ)ଇନ୍ସପେକ୍ଟର କମଳଲୋଚନ ବେହେରା ଏବଂ ଖପ୍ରାଖୋଲ ଶ୍ରମ ବିଭାଗ ନିରୀକ୍ଷକ ସୁଧୀର କୁମାର ସାହୁ ନାଗପୁର ଜିଆରପିକୁ ସୂଚନା ଦେଇଥିଲେ। ପରେ ସେମାନେ ନାଗପୁର ଯାଇ ଜିଆରପି ଅଟକ ରଖିଥିବା ୧୬ଜଣ ମହିଳା ପୁରୁଷ ଶ୍ରମିକଙ୍କୁ ଉଦ୍ଧାର କରିଥିଲା। ଉଦ୍ଧାର ଶ୍ରମିକମାନେ ଲାଠୋର ଥାନା ଅଧିନ ଜଲପାଙ୍କେଲ, ତେଲେନପାଲି, ବେଲପଡା ଥାନା ଅଧୀନ ବେଲପଡା ଓ ଖପ୍ରାଖୋଲ ଥାନା ଘୁଚାପାଲି ଗ୍ରାମର। ଏ ନେଇ ଲାଠୋର ଥାନାରେ ଏକ ମାମଲା (ନଂ.୧୦୪/୧୯ )ରୁଜୁ କରି ପୋଲିସ ଲାଠୋର ଗ୍ରାମର ରିକ୍ସା ମୁଦୁଲିଙ୍କୁ ଅଟକ ରଖି ପଚରାଉଚରା କରୁଛି। ଶ୍ରମ ନିରୀକ୍ଷକ ସୁଧୀର କୁମାର ସାହୁ କହିଛନ୍ତି ଯେ, ଶ୍ରମିକମାନଙ୍କର କୌଣସି ପରିଚୟ ପ୍ରମାଣ ପତ୍ର ନାହିଁ। ଶ୍ରମ ବିଭାଗ ପକ୍ଷରୁ ସେମାନଙ୍କୁ ଲେବର କାର୍ଡ ଓ ଅନ୍ୟାନ୍ୟ ସୁବିଧା ପ୍ରଦାନ କରାଯିବ।

■ ତୁଷୁରା ଚିକିତ୍ସାଳୟକୁ ଅପଗ୍ରେଡ ଦାବି ପ୍ରସଙ୍ଗ

# ସ୍ୱାସ୍ଥ୍ୟ ସଚିବଙ୍କୁ ନାଗରିକ କମିଟିର ଦାବିପତ୍ର

ଗୁଡ଼ଭେଲା,୨୪।୧୦(ଡି.ଏନ.ଏ.)
ବଲାଙ୍ଗୀର ଜିଲା ତୁଷୁରା ଚିକିତ୍ସାଳୟକୁ ଅପଗ୍ରେଡ କରିବା ଦାବି ନେଇ ଗୁରୁବାର ସ୍ଥାନୀୟ ନାଗରିକ କମିଟି ପକ୍ଷରୁ ତୁଷୁରା ଗସ୍ତରେ ଆସିଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସଚିବ ପ୍ରମୋଦ କୁମାର ମେହେର୍ଦ୍ଦାଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଦର୍ଶାଯାଇଛି ଯେ, ତୁଷୁରା ଚିକିତ୍ସାଳୟ ଉପରେ ଏହି ଅଞ୍ଚଳ ବ୍ୟତୀତ ସୀମାନ୍ତ ବୌଦ୍ଧ, କଳାହାଣ୍ଡି, ସୁବର୍ଣ୍ଣପୁର ଜିଲାର ଗ୍ରାମଗୁଡିକ ନିର୍ଭର କରିଥାନ୍ତି। ହେଲେ ଏହି ସହର ଏନଏସି ହେବାର ଚାରି ବର୍ଷ ବିତିଯାଇଥିଲେ ସୁଦ୍ଧା ଏଠାରେ ଥିବା ୯୬ ବର୍ଷର ପୁରୁଣା ଚିକିତ୍ସାଳୟର ଉନ୍ନତି ହୋଇ ପାରିନାହିଁ । ଏଠାରେ ଗୋଟିଏ ମାତ୍ର ଏମବିବିଏସ ପଦବୀ ରହିଛି । ଜଣେ ଡ଼ାକ୍ତର ୨୪ ଘଣ୍ଟା ରୋଗୀ ସେବା କରିବା ସମ୍ଭବ ହେଉନାହିଁ। ଫଳରେ ସାମାନ୍ୟ ଚିକିତ୍ସା ପାଇଁ ଅଞ୍ଚଳବାସୀ ଅଯଥା ଖର୍ଚ୍ଚାନ୍ତ ହୋଇ ବଲାଙ୍ଗୀର, ବୁର୍ଲା, ରାୟପୁର ଓ ବିଶାଖାପାଟଣା ଉପରେ ନିର୍ଭର କରୁଛନ୍ତି। ଏଣୁ ତୁରନ୍ତ ଏହି ହସପିଟାଲର ପାହ୍ୟା ବୃଦ୍ଧି କରିବା ସହ ୫୦ ଶଯ୍ୟା ବିଶିଷ୍ଟ କରିବା ଆବଶ୍ୟକତା ରହିଛି । ଏହି ଦାବିକୁ ନେଇ ବିଭିନ୍ନ ସମୟରେ ଆନ୍ଦୋଳନ କରାଯାଇଛି। ହେଲେ କୌଣସି ସୁଫଳ ମିଳୁନାହିଁ। ଏହି ପ୍ରସଙ୍ଗ ଉପରେ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ଦାବିପତ୍ର ଗ୍ରହଣ କରି ସଚିବ ପ୍ରତିଶୃତି ଦେଇଥିଲେ । ଏହି ଦାବିପତ୍ର ପ୍ରଦାନ ବେଳେ ରୁଣୁଗୋପାଳ ସାହୁ, ବିଜୟ ବାଗ, ମନୋଜ ଜୈନ, ପୂର୍ବତନ ସରପଞ୍ଚ ଆଶିଷ ଦଣ୍ଡସେନା, ୟୁଥ ଆକ୍ସନ କମିଟି ସଦସ୍ୟ ଶ୍ରୀକାନ୍ତ ବାଗ, କାହ୍ନା ପ୍ରଧାନ, ଆୟୁଷ ପ୍ରଧାନ, ଭୃଗୁ ପ୍ରସାଦ ବାଗ, ବବୁଲ ପାଣ୍ଡିଆ, ପପୁ ଜୟସ୍ୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି



ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ବଙ୍ଗୋମୁଣ୍ଡା, ୨୪।୧୦(ଡି.ଏନ.ଏ.)
ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକରେ ସତ୍ୟ ମହିମା ସାଂସ୍କୃତ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନ ପଣ୍ଡିତ ଅକ୍ଷୟ ତ୍ୟାଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ବୈକୁଣ୍ଠ ଶବର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତାଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟନ୍ତ ପ୍ରଧାନ, ସମ୍ମାନିତ ଅତିଥି ସରପଞ୍ଚ ଚନ୍ଦ୍ରକାନ୍ତ ରଣା, ସିଆର୍‌ସିସି ସଞ୍ଜୟ ପ୍ରଧାନୀ, ପ୍ରଧାନଶିକ୍ଷକ ପଙ୍କଜ ମେହେର, ଲୋକନାଥ ମେହେର ଓ ଶିକ୍ଷକ ସଂଘ ସଭାପତି କୋଷରାଜ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ବ୍ଲକ୍‌ର ୧୧ଟି ସାଧନ କେନ୍ଦ୍ରରୁ ଛାତ୍ରୀଛାତ୍ରମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସୁରଭି କାର୍ଯ୍ୟକ୍ରମରେ ସଙ୍ଗୀତ, ନୃତ୍ୟ, ଚିତ୍ରାଙ୍କନ, ତର୍କ, ବକ୍ତୃତା ଓ ଅଭିନୟ ପ୍ରଭୃତି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିଶୁର ଅନ୍ତର୍ନିହିତ ପ୍ରତିଭାର ବିକାଶ ଦିଗରେ ଏହି ସୁରଭି କାର୍ଯ୍ୟକ୍ରମ ସହାୟକ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବ୍ଲକ୍‌ର ସବୁ ସାଧନ କେନ୍ଦ୍ରର ସଂଯୋଜକ ଓ ସତ୍ୟ ମହିମା ସାଂସ୍କୃତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଏଥିରେ ସହଯୋଗ କରିଥିଲେ।

# ପିଇଓଙ୍କଠାରୁ ଲୁଟି ନେଲେ ୧.୩ଲକ୍ଷ

ଟିଟିଲାଗଡ଼, ୨୪ ।୧୦ (ଡି.ଏନ.ଏ)
ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ କୁଣ୍ଡାବୁଟଲା ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) କିଶୋର ଖାଙ୍କରଙ୍କଠାରୁ ଦୁଇ ଜଣ ଦୁର୍ବୃତ୍ତ ୧ ଲକ୍ଷ ୩୦ହଜାର ଟଙ୍କା ଲୁଟି ନେଇଥିବା ଟିଟିଲାଗଡ ଥାନାରେ ଅଭିଯୋଗ ହୋଇଛି। ବୁଧବାର ମଧ୍ୟାହ୍ନରେ ପିଇଓ ଖାଙ୍କର ପଞ୍ଚାୟତର ବିଭିନ୍ନ କାର୍ଯ୍ୟ ନେଇ ପାଉଣା ପ୍ରଦାନ ବାବଦକୁ ଟିଟିଲାଗଡ ଭାରତୀୟ ଷ୍ଟେଟ ବ୍ୟାଙ୍କରୁ ୧ ଲକ୍ଷ ୩୦ହଜାର ଟଙ୍କା ଉଠାଇଥଇଲେ। ସେଠାରୁ ବାଇକ ଯୋଗେ କୁମୁଡା ପାହାଡ ଶିବ ମନ୍ଦିର ବାଇପାସ ରାସ୍ତାଦେଇ ସେ ବଙ୍ଗୋମୁଣ୍ଡା ଯାଉଥିଲେ। ଏହି ସମୟରେ ଏକ ବାଇକରେ ଦୁଇ ଦୁର୍ବୃତ୍ତ ତାଙ୍କୁ ପିଛା କରି ଶିବ ମନ୍ଦିର ନିକଟ ନିରୋଳା ସ୍ଥାନରେ ଅଟକାଇଥିଲେ। ପରେ ତାଙ୍କୁ ଭୟଭୀତ କରାଇ ବ୍ୟାଗରେ ଥିବା ଉକ୍ତ ଟଙ୍କାକୁ ଲୁଟି ନେଇ ଦ୍ରୁତଗତିରେ ସେଠାରୁ ଫେରାର ହୋଇଯାଇଥିଲେ। ଉକ୍ତ ବ୍ୟାଗରେ ଟଙ୍କା ସହ ହିତାଧିକାରୀଙ୍କ ଭତ୍ତା ପ୍ରଦାନ ସମ୍ବନ୍ଧୀୟ ରେଜିଷ୍ଟର ମଧ୍ୟ ରହିଥିଲା। ଏ ନେଇ ପରେ ପିଇଓ ଖାଙ୍କର ଟିଟିଲାଗଡ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୨୫୨/୧୯)ରୁଜୁ କରି ଲୁଟେରାଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଥିବା ଥାନା ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତି କହିଛନ୍ତି।

■ ଜିଲାସ୍ତରୀୟ କବାଡ଼ି, ଭଲିବଲ ଚୟନ ପ୍ରତିଯୋଗିତା

# ଉଦ୍‌ଘାଟନୀ ଦିବସରେ ୨୩୫ ପ୍ରତିଯୋଗୀଙ୍କ ଅଂଶଗ୍ରହଣ

ମୁରିବାହାଲ, ୨୪।୧୦(ଡି.ଏନ.ଏ.)
ବଲାଙ୍ଗୀର ଜିଲା କ୍ରିଡା ସାଂସଦ ପକ୍ଷରୁ ଜିଲାସ୍ତରୀୟ ମହିଳା ଓ ପୁରୁଷ ବିଭାଗର କବାଡି ଓ ଭଲିବଲ ଚୟନ ପ୍ରତିଯୋଗୀତା ମୁରିବାହାଲ ବ୍ଲକ ହଳଦୀ ହାଇସ୍କୁଲ ଖେଳ ପଡିଆରେ ଗୁରୁବାର ଉଦ୍‌ଘାଟିତ ହୋଇଛି। ମାଲିସିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ପୁରୁଷୋତ୍ତମ ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ବିଡିଓ ଶିପକ କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଏମପି ପ୍ରତିନିଧି ଶ୍ରୀବତ୍ସ ବେହେରା, ହଳଦୀ ହାଇସ୍କୁଲ ପ୍ରଧାନଶିକ୍ଷକ ଅନିରୁଦ୍ଧ ରତେଇ, ଜିଲା କ୍ରୀଡା ସାଂସଦ ପ୍ରତିନିଧି ପଦ୍ମଲୋଚନ ଦାସ, କ୍ରୀଡାବିତ ଗଙ୍ଗାଧର ହେର୍ଣ୍ଣା, ନିମାଇଁ ଚରଣ ବଘାର, ସାମାଜିକ କର୍ମୀ ଭଗବାନ ମହାନ୍ତି, ସହକାରୀ ଶିକ୍ଷକ ସୁରେଶ ଚନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟଅତିଥି ପାତ୍ର କ୍ରୀଡା ପତାକା ଉତ୍ତୋଳନ କରି ଆନୁଷ୍ଠାନିକଭାବେ ଦୁଇଦିନିଆ ଶିବିରକୁ ଉଦଘାଟନ କରିଥିଲେ। ଉଦଘାଟନୀ ଦିବସରେ ବଲାଙ୍ଗୀର, କଣ୍ଟାବାଞ୍ଜି, ଟିଟିଲାଗଡ, ମୁରିବାହାଲ, ଲୋଇସିଂହା, ସଇଁତଲା, ବେଲପଡା, ଦେଓଗାଁ ଓ ଗୁଡଭେଲା ବ୍ଲକର ୨୩୫ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ମହିଳା ଓ ପୁରୁଷ ବିଭାଗ କବାଡିରେ ୭ ଓ ଭଲିବଲରେ ୫ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଜିଲା କ୍ରୀଡା ସାଂସଦ ପକ୍ଷରୁ ୨୦ଜଣ ଖେଳ ଶିକ୍ଷକ ଓ ୪ଜଣ ପ୍ରଶିକ୍ଷକ ଯୋଗଦେଇ ମ୍ୟାଚଗୁଡିକକୁ ପରିଚାଳନା କରିଥିଲେ। ଖେଳ ଶିକ୍ଷକ ଦେବାନନ୍ଦ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଶିଷ ଦେବସା, ସନ୍ତୋଷ ମେହେର, ଆଲୋକ ଦାସ, ବିକାଶ ଦାସ, ହିମାଂଶୁ ସାହୁ, ବଳଦେବ ତାଣ୍ଡି, ଆଶୀର୍ବାଦ ସା, ସୁଶାନ୍ତ ନାଗଙ୍କ ସହ ହଳଦୀ ଇଲେଭେନ ବ୍ରଦସ୍ ଫୁଟବଲ ଆସୋସିଏଶନ ପ୍ରତିଯୋଗିତା ଆୟୋଜନରେ ସହଯୋଗ କରୁଛନ୍ତି। ଶୁକ୍ରବାର ଚୟନ ପ୍ରତିଯୋଗୀତାର ମହିଳା ଓ ପୁରୁଷ ବିଭାଗର ସେମି ଫାଇନାଲ ଓ ଫାଇନାଲ ଖେଳ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।



ଉଦ୍‌ଘାଟନୀ ଦିବସରେ ଚୟନ ପ୍ରକ୍ରିୟାରେ ଭାଗ ନେଇଥିବା ଖେଳାଳିମାନେ।

# କାର ସହ ଗଞ୍ଜେଇ ଜବତ, ୨ଗିରଫ

କଣ୍ଟାବାଞ୍ଜି, ୨୪।୧୦(ଡି.ଏନ.ଏ.)
ବଲାଙ୍ଗୀର ଜିଲା ତୁରେକେଲା-ଲାଠୋର ପିଚ୍‌ରୁଡି ଗଏନ୍ଦିମାଲଠାରେ ତୁରେକେଲା ପୋଲିସ ବୁଧବାର ରାତିରେ ଏକ କାର ତଲାସୀ କରି ୮କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛି। ପୋଲିସ କାର ନଂ.ଓଡି.୦୩ଏମ-୬୦୮୮କୁ ଜବତ କରିବା ସହ ମୁଖ୍ୟ ଚାଲାଣକାରୀ ଓ ଗାଡି ଡ୍ରାଇଭରଙ୍କୁ ଗିରଫ କରିଥିଲା। ଜବତ ଗଞ୍ଜେଇ ଓ ଗାଡିକୁ ଥାନାକୁ ଆଣି ପୋଲିସ ଅନୁସନ୍ଧାନ ଚଳାଇଥିଲା। ଗୁରୁବାର କଣ୍ଟାବାଞ୍ଜି ତହସିଲଦାର ତଥା ଏକଜ୍ୟୁକୁଟିଭ ମାଜିଷ୍ଟ୍ରେଟ ଅଶୋକ କୁମାର ମାଝୀ ଓ ଏସଡିପିଓ ସରୋଜ କୁମାର ମହାପାତ୍ରଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇକୁ ଓଜନ କରିବାରେ ତାହା ୮କେଜି ୪ଶହ ଗ୍ରାମ ଥିଲା। ପରେ ଗିରଫ ବ୍ୟବସାୟୀ ଲାଠୋରର ସୁନୀଲ ଅଗୱାଲ ଓ ଡ୍ରାଇଭର ଗୋବର୍ଦ୍ଧନ ସେଠଙ୍କୁ କୋର୍ଟଚାଲାଣ କରାଯାଇଥିଲା। ତୁରେକେଲା ଥାନା ଆଇଆଇସି ସତ୍ୟଜିତ କୋଣ୍ଡାଙ୍କେଲ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ.୧୩୩/୧୯) ରୁଜୁ ହୋଇଛି।

# ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମକୁ ମନୋନୟନ

ଲାଠୋର,୨୪।୧୦(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧିନ ଲାଠୋର କ୍ଲଷ୍ଟର ଅଧିନରେ ଥିବା ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ର ମଣ୍ଡଳସ୍ତରୀୟ ସୁରଭି ଶିଶୁ ମହୋତ୍ସବରେ କୃତିତ୍ୱ ହାସଲ କରି ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। କ୍ଲଷ୍ଟରର ସଂଯୋଜକ କୁଞ୍ଜ ବିହାରୀ ସରାପ ଏ ନେଇ ସୂଚନା ଦେଇଛନ୍ତି। ବରିଷ୍ଠ ବିଭାଗରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାନଗୁର୍ଜିଭଟାର ଛାତ୍ର ରାହୁଲ ତାଣ୍ଡି ସୃଜନଶୀଳ ଲିଖନରେ ପ୍ରଥମ, କନିଷ୍ଠ ବିଭାଗ ଲଘୁ ସଙ୍ଗୀତରେ ନୀଳାମ୍ବର କୁମ୍ଭାର ପ୍ରଥମ, ଶ୍ରୀ ଦୁର୍ଗେଶ୍ୱରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଲାଠୋରର ସାଂସ୍କୃତିକ ଦଳ ବାଲ୍ୟ ବିବାହ ନିରାକରଣ ଅଭିନୀତ କ୍ଷୁଦ୍ର ନାଟକରେ ପ୍ରଥମ ହୋଇ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।

# ଆହାର କେନ୍ଦ୍ରରେ ଖାଇଲେ ସଚିବ, ଜିଲାପାଳ



ତୁଷୁରା ଆହାର କେନ୍ଦ୍ରରେ ଅଧିକାରୀମାନେ ଭୋଜନ କରୁଛନ୍ତି।

ଗୁଡ଼ଭେଲା,୨୪।୧୦(ଡି.ଏନ.ଏ.)
ରାଜ୍ୟ ସ୍ୱାସ୍ଥ୍ୟ ସଚିବ ପ୍ରମୋଦ କୁମାର ମେହେର୍ଦ୍ଦା ଗୁରୁବାର ବଲାଙ୍ଗୀର ଜିଲା ତୁଷୁରା ଓ ଗୁଡଭେଲା ବ୍ଲକର ବିଭିନ୍ନ ଗ୍ରାମ ଗସ୍ତ କରିଥିଲେ। ପ୍ରଥମେ ସଚିବ ମହିପୁର ସେବାଶ୍ରମ ବୁଲି ଦେଖିବା ସହ ମଧ୍ୟାହ୍ନଭୋଜନର ମାନ ଓ ବ୍ୟବସ୍ଥା ପରଖିବା ସହ ଛାତ୍ରୀଛାତ୍ରଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ । ଏହାପରେ ତୁଷୁରା ଚିକିତ୍ସାଳୟ ପରିଦର୍ଶନ କରିବା ସହ ତୁଷୁରା ଆହାର କେନ୍ଦ୍ରରେ ଭୋଜନ କରିଥିଲେ। ତାଙ୍କ ସାଙ୍ଗରେ ଥିବା

## ଛାତ୍ରୀଛାତ୍ରଙ୍କୁ ପାଠ ପଢାଇଲେ

ବଲାଙ୍ଗୀର ଜିଲାପାଳ ଅରିନ୍ଦମ ଡାକୁଆ, ଜିଲା ପ୍ରକଳ୍ପ ଅଧିକାରୀ ମହେଶ୍ୱର ସ୍ୱାଇଁ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଦୈତାରୀ ସାହୁ, ତୁଷୁରା କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ, ଗୁଡଭେଲା ବିଡିଓ ସୂର୍ଯ୍ୟ କୁମାର ନାୟକ ପ୍ରମୁଖ ଭୋଜନ କରିଥିଲେ । ଏହାପରେ ରୁଷୁଡା ସେବାଶ୍ରମକୁ ଯାଇ ଛାତ୍ରୀଛାତ୍ରଙ୍କୁ ପାଠ ପଢାଇଥିଲେ । ରୁଷୁଡା ଏଏନଏମ ସେଣ୍ଟର, ଡାହିମାଳସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ, ଡୁଙ୍ଗୁରିପାଲି ଗ୍ରାମରେ ଧାଡି ଧାନ ଦେଖିବା ସହ କୃଷକମାନଙ୍କ ସହ ଆଲୋଚନା କରିଥିଲେ । ତେନ୍ତୁଳିଖୁଣ୍ଟି ପଞ୍ଚାୟତର ପିଡିଏସ ଓ ପେନସନଧାରୀଙ୍କ ସହ ଆଲୋଚନା କରିଥିଲେ । ଡୁଙ୍ଗିବାହଲ ଗ୍ରାମରେ ଥିବା ନିର୍ମାଣ ଶ୍ରମିକମାନଙ୍କ ସହ କଥାବାର୍ତ୍ତା କରିଥିଲେ । ଗୁଡଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିବା ବେଳେ ଦାୟିତ୍ୱରେ ଥିବା ଅଧିକାରୀ ସୂର୍ଯ୍ୟକାନ୍ତ ମହାପାତ୍ରଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା କିପରି ଚାଲିଛି ପଚାରି ବୁଝିଥିଲେ ।

■ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

# ଅନ୍ତର୍ନିହିତ ପ୍ରତିଭାର ବିକାଶ ମୂଳଲକ୍ଷ୍ୟ

ଦେଓଗାଁ,୨୪।୧୦ (ଡି.ଏନ.ଏ.)
ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ୨୬ ପଞ୍ଚାୟତର ୧୫ଟି କ୍ଲଷ୍ଟର ମଧ୍ୟରୁ ୧୨ କ୍ଲଷ୍ଟରରେ ଗୁରୁବାର ଶିଶୁମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ରତନପୁର କ୍ଲଷ୍ଟରସ୍ତରୀୟ ମହୋତ୍ସବ ସାଗରପାଲି କଲୋନୀସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସିଆରସିସି ସଞ୍ଜୀବ କୁମାର ଷଡଙ୍ଗୀଙ୍କ ପରିଚାଳନା ତଥା ପ୍ରଧାନଶିକ୍ଷୟିତ୍ରୀ ମମତାମୟୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ସୁରଭି କାର୍ଯ୍ୟକ୍ରମର ଏକମାତ୍ର ଲକ୍ଷ୍ୟ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥିଭାବେ ଜିଲା ବିଜ୍ଞାନ ତତ୍ତ୍ୱାବଧାରକ ନୀଳମଣି ପଟେଲ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରଫୁଲ୍ଲ ପୋଡ଼, ଈଶ୍ୱର କରନ, ଶିକ୍ଷୟିତ୍ରୀ ଯଶୋବନ୍ତି ସେଠ, ଜ୍ୟୋସ୍ନାରାଣୀ ପଟ୍ଟନାୟକ, ସୀମାରାଣୀ ଦର୍ଜି, ଅନିତା ପାତ୍ର, ବନିତା ଭୋଇ, ସୂର୍ଯ୍ୟକାନ୍ତି ମିର୍ଦ୍ଧା, ଶୁଭ୍ରତା ଷାଣ୍ଢ, ବବିତା ସୁନା, ବିଷ୍ଣୁପ୍ରିୟା ରାଏଗୁରୁ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଦେଓଗାଁ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋସ୍ନାଞ୍ଜଳୀ ସାହୁଙ୍କ ସଭାପତିତ୍ୱ ତଥା ସିଆରସିସି ଜୟଦେବ ବିଶିଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ସିଆରସିସି ମାର୍କଣ୍ଡ ପଧାନ, ମୁଖ୍ୟବକ୍ତା ସ୍ଥାନୀୟ ପଞ୍ଚାୟତ ସମିତି ହାଇସ୍କୁଲର ଶିକ୍ଷକ ବଳଦେବ ମାଝୀ, ସମ୍ମାନୀତ ଅତିଥିଭାବେ ମୋହନ ଦଲାଇ ପ୍ରମୁଖ ଯୋଗଦେଇଥିଲେ। ଭାଲୁକୁନ୍ଦ କ୍ଲଷ୍ଟର ଦେଷଣ୍ଡ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସିଆରସିସି ରାଧାକାନ୍ତ ପ୍ରଧାନୀ ସଂଯୋଜନା କରିଥିଲେ। ଆର୍ତ୍ତ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ସରପଞ୍ଚ ସ୍ୱୟଂମ୍ବର ମେହେର,ସମ୍ମାନୀତ ଅତିଥିଭାବେ ରାଜେନ୍ଦ୍ର ସାଏ ଯୋଗଦେଇଥିଲେ । ଏହି ଅବସରରେ ଚତୁର୍ଥରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ କନିଷ୍ଠ ଓ ଅଷ୍ଟମରୁ ଦଶମ ପର୍ଯ୍ୟନ୍ତ ବରିଷ୍ଠ ବିଭାଗରେ ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ସାଧାରଣଜ୍ଞାନ, ସୃଜନଶୀଳ ଲିଖନ, ସଂଗୀତ, ଶ୍ରୁତଲିଖନ ଓ ହସ୍ତାକ୍ଷର, ଚିତ୍ରକଳା, ଶିଳ୍ପକଳା ଉପରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲଶ। ଏକକ ଓ ଦଳଗତ ନୃତ୍ୟ ଓ ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ସାଗରପାଲି କଲୋନୀ ସ୍କୁଲ ସୁରଭି କାର୍ଯ୍ୟକ୍ରମରେ ପ୍ରତିଯୋଗୀମାନେ ।



ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖ, କିନ୍ତୁ ନିଜ ଉଦ୍ୟମରେ ଟିକିଏ ହେଲେ ଅବହେଳା କର ନାହିଁ।
- ବ୍ୟାସକବି ଫକୀର ମୋହନ



# ଦୃଷ୍ଟିବାଧିତଙ୍କୁ ସହାୟତା କରିବ ଶିକ୍ଷା ବିଭାଗ

ନୂଆପଡା ଅଫିସ,୨୪।୧୦

ବିଦ୍ୟାଳୟଗୁଡିକରେ ଦୃଷ୍ଟି ବାଧିତଙ୍କୁ ଠିକ ଭାବେ ଶିକ୍ଷାଗ୍ରହଣ ସକାଶେ ସମଗ୍ର ଶିକ୍ଷା ଯୋଜନା ଏବଂ ସୁନେତ୍ର ଯୋଜନାରୁ ଚିହ୍ନଟ କରିବା ସହ ଉପକରଣ ଦେବାକୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟଗୁଡିକର ଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ସ୍ଥାନୀୟ ଖରିଆରରୋଡ ନୋଡାଲ ହାଇସ୍କୁଲରେ ଆୟୋଜିତ କାର୍ଯ୍ୟକ୍ରମରେ ସଦର ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଡ.ରେଶମଲାଲ ନାଏକ ମୁଖ୍ୟଅତିଥି, ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଜିତ କୁମାର ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୧୫୦ଜଣ ପ୍ରଶିକ୍ଷାର୍ଥୀ ଯୋଗଦେଇଥିଲେ।



ତାଲିମ କାର୍ଯ୍ୟକ୍ରମରେ ଯୋଗଦେଇଥିବା ପ୍ରଶିକ୍ଷାର୍ଥୀମାନେ।

**ବ୍ଲକସ୍ତରୀୟ ସୁନେତ୍ର ତାଲିମ**

ପ୍ରଶିକ୍ଷକ ଭାବେ ଖରିଆରରୋଡ ହସ୍ପିଟାଲର ଚକ୍ଷୁ ଚିକିତ୍ସା ସହାୟକ ସବିର ଖାଁ ତାଲିମ ପ୍ରଦାନ କରିଥିଲେ। ଏଥିରେ ବିଦ୍ୟାଳୟଗୁଡିକରେ ଦୃଷ୍ଟି ବାଧିତ ଛାତ୍ରୀଛାତ୍ରମାନଙ୍କୁ କିପରି ଚିହ୍ନଟ କରାଯିବ ଏବଂ ସେମାନଙ୍କୁ କିପରି ସୁନେତ୍ର ଯୋଜନାରେ ସାମିଲ କରାଯିବ ସେ ଉପରେ ବିଭିନ୍ନ ପ୍ରକ୍ରିୟା କରିବାକୁ ତାଲିମ ଦିଆଯାଇଥିଲା। ଏହାକୁ ପରିଚାଳନା କରିବାରେ ବିଆରଟି ଉପେନ୍ଦ୍ର କୁମାର ସାମଲ, ବୈକୁଣ୍ଠ ନାଥ ଖର୍ସେଲ, ଡଗେଶ୍ୱର ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଶ୍ୱଶୁରଘରକୁ ଆସିଥିବା ଯୁବକଙ୍କ ଆତ୍ମହତ୍ୟା

ନୂଆପଡା ଅଫିସ,୨୪।୧୦- ନୂଆପଡା ଜିଲା ଧରମବନ୍ଧା ଥାନା ଅନ୍ତର୍ଗତ ପଞ୍ଚମପୁରକୁ ନିଜ ଶ୍ୱଶୁର ଘରକୁ ଆସିଥିବା ଛତିଶଗଡ ଖଟି ଗାଁର ଧନୁ ରାଉତ(୩୯)ନାମକ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡିଛି। ସେ ନିକଟସ୍ଥ ଏକ ମହୁଲ ଗଛରେ ରସି ଲଗାଇ ଆତ୍ମହତ୍ୟା କରିଥିବା ଦେଖାଯାଇଛି। ଧରମବନ୍ଧା ଥାନା ପୋଲିସ ମୃତଦେହକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବୁଧବାର ସକାଳେ ପଞ୍ଚମପୁରସ୍ଥିତ ଶ୍ୱଶୁର ଘରକୁ ଆସିଥିଲେ। ଏଠାରୁ ପୂର୍ବାହ୍ନ ସାଢେ ୧୦ଟାରେ ନିଜ ଗାଁ ଅଭିମୁଖେ ବାହାରି ଯାଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ସେ ଗାଁକୁ ଫେରି ନ ଥିଲେ। ଗୁରୁବାର ସକାଳେ ଶ୍ୱଶୁର ଘର ଲୋକ ଜାଣିବାକୁ ପାଇଲେ ଯେ ସ୍ଥାନୀୟ ଏକ ମହୁଲ ଗଛ ଉପରେ ଧନୁଙ୍କ ମୃତଦେହ ଝୁଲୁଛି। ଥାନାକୁ ଖବର ଦେବା ପରେ ଥାନାଧିକାରୀ ଦିଲୀପ କୁମାର ଲାକ୍ରା ଆସି ମୃତଦେହକୁ ଉଦ୍ଧାର କରିଥିଲେ। ନୂଆପଡା ଆଣି ବ୍ୟବଚ୍ଛେଦ କରାଯାଇଥିବାବେଳେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏହା ଉପରେ ବିଶେଷ ତଦନ୍ତ ଚାଲିଥିବା ଥାନାଧିକାରୀ ଲାକ୍ରା ସୂଚନା ଦେଇଛନ୍ତି।

### ଜିଲାସ୍ତରୀୟ ନୂଆଁଖାଇ ଭେଟ୍ ପାଇଁ ପ୍ରସ୍ତୁତି ଜୋରଦାର

ନୂଆପଡା ଅଫିସ,୨୪।୧୦- ପ୍ରତିବର୍ଷ ଭଳି ନୂଆପଡା ଜିଲା ଯାଦବ ସମାଜ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମକୁ ଭବ୍ୟ କରିବାକୁ ସବୁ ପ୍ରକାର ପ୍ରସ୍ତୁତି ଚୂଡାନ୍ତ ହୋଇଛି। ସ୍ଥାନୀୟ ଜିଲା ଯାଦବ ସମାଜ ସଭାପତି ହରେରାମ କଠାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶେଷ ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ, ନୂଆପଡା ବ୍ଲକ ସମ୍ପାଦକ ଜୋହନ ରାଉତ, ଭରତଲାଲ ରାଉତ, ମହେଶ ନିଆଲ ପ୍ରମୁଖ ଯୋଗଦେଇଥିଲେ। ସୂଚନାଯୋଗ୍ୟ ଯେ, ଆସନ୍ତା ଶନିବାର ହେବାକୁ ଥିବା କାର୍ଯ୍ୟକ୍ରମ ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମରେ ହେବାକୁ ଚୂଡାନ୍ତ ହୋଇଛି। ଏଥିରେ ସ୍ଥାନୀୟ ଛତିଶଗଡରୁ ବିଧାୟକ ଦ୍ୱାରିକା ପ୍ରସାଦ ଯାଦବ, କଳାହାଣ୍ଡିରୁ ବିଧାୟକ ମୌଷଧି ବାଗ, ଓସିଏ ସମ୍ପାଦକ ସଞ୍ଜୟ ବେହେରା, ପଦ୍ମଶ୍ରୀ ହଳଧର ନାଗ, କେନ୍ଦୁରାମ ଯାଦବ ପ୍ରମୁଖ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏହି ଉପଲକ୍ଷେ ଗୌଡ ବାଡି ନାଚ, ଘଣ୍ଟବାଦ୍ୟ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି।





ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ସିନାପାଲି,୨୪।୧୦(ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ସଫାସୁତୁରା କରାଯିବା ସହ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ପରିସର ମଧ୍ୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡା. ସୁଧାଂଶୁ ସେଖର ସାହୁ, ସିନାପାଲି ଏନ୍‌ସିସି ଦାୟିତ୍ୱରେ ଥିବା ଶିକ୍ଷକ ଲଳିତ କୁମାର ସୁନାରୀ, ସ୍ୱାସ୍ଥ୍ୟକେନ୍ଦ୍ର ବିପିଏମ ସରିତା ବେହେରା, ଅଙ୍ଗଦ ମାଝି, ଡିଙ୍ଗର ଦଳପତି, ଦିବ୍ୟରଞ୍ଜନ ନାଏକ , ନିରନ ମାଝି ପ୍ରମୁଖ ଉପସ୍ଥିତ ରହି ସ୍ୱଚ୍ଛତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସ୍ୱଚ୍ଛତା ହିଁ ମାନବ ସମାଜ ପାଇଁ ଅତ୍ୟନ୍ତ ଜରୁରୀ, ଏହା ହେଲେ ବିଭିନ୍ନ ରୋଗକୁ ଆୟତ କରାଯାଇ ପାରିବ ବୋଲି କହିଥିଲେ। ଏହି ଅବସରରେ ସିନାପାଲି ହାଇସ୍କୁଲ ଏନ୍‌ସିସିର ଛାତ୍ରୀଛାତ୍ର ଉପସ୍ଥିତ ରହି ସଚେତନତାର ବର୍ତ୍ତା ଦେବା ସାଙ୍ଗକୁ ଚାରାରୋପଣ ଏବଂ ସଫେଇ କାର୍ଯ୍ୟକ୍ରମ କରିଥିଲେ।





ଖଡିଆଳଠାରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ସଂକଳ୍ପ ପଦଯାତ୍ରା ।

# ଗାନ୍ଧୀଙ୍କ ସଂକଳ୍ପ ପଦଯାତ୍ରା

ଖଡିଆଳ,୨୪।୧୦ (ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳଠାରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ସଂକଳ୍ପ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ସଂକଳ୍ପ ପଦଯାତ୍ରା ୩୧ ତାରିଖ ପର୍ଯ୍ୟନ୍ତ ନୂଆପଡା ଜିଲାର ସମସ୍ତ ବ୍ଲକ ଏବଂ ସମସ୍ତ ଗ୍ରାମ ପର୍ଯ୍ୟନ୍ତ କରାଯିବ । ସଂକଳ୍ପ ପଦଯାତ୍ରାରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ନେତୃତ୍ୱ ନେଇଥିବା ବେଳେ ଭାଜପାର ସମସ୍ତ ସଭ୍ୟାସଭ୍ୟ ପଦଯାତ୍ରାରେ ସାମିଲ ଥିଲେ। ଖଡିଆଳ ସହରରେ ପଦଯାତ୍ରାର ଷଷ୍ଠ ଦିନରେ ଏମ୍‌ପି ଖଡିଆଳ ସହରରେ ସମଲେଶ୍ୱରୀ ମନ୍ଦିରରୁ ବାହାରି ସହରର ସମସ୍ତ ୱାର୍ଡକୁ ପଦଯାତ୍ରା କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପାର ଜିଲା ସାଧାରଣ ସମ୍ପାଦକ ସୁବ୍ରତ ଠାକୁର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଚିନ୍ଦ୍ରଜିତ ସିଂ, ମଣ୍ଡଳ ସଭାପତି ବିକାଶ ସିଂଘଲ, ଭାଜପାର ବରିଷ୍ଠ ନେତା ନିମାଇଁ ତାଣ୍ଡି, ଆହ୍ୱାଦ ଯୋଶୀ, ମକର ସାହୁ, ସୁନୀଲ ନାଗ, ଖଡିଆଳ ଯୁବରାଜ ଦେବଦେବ ସିଂଦେଓ, ଶୁକ୍ରୁ ବାଗ, ଦେବଦତ୍ତ ଯୋଶୀ, ଅଶୋକ ବାଗ, ଅଜିତ କିଶୋର ଚଳାନ, ଶଙ୍କର ବେହେରା, ବଂଶୀଧର ମେହେର, କ୍ଷୀରପ୍ରସାଦ ରାଉତରାୟ, ଅଜୟ ସେବକ, ଆହ୍ୱାନ ଯୋଶୀ, ଗୋପବନ୍ଧୁ ବନ୍ଧିଛୋର, ଚିତ୍ତରଞ୍ଜନ ମହାପାତ୍ର, ମୋହନ ଭୋଇ, ଶମ୍ଭୁ ଅଗ୍ରୱାଲ, ପ୍ରଶାନ୍ତ ଦାଶ, ହରେକୃଷ୍ଣ ପଣ୍ଡା,ବିଜୟ ବେହେରା ସମେତ ଶତାଧିକ କାର୍ଯ୍ୟକର୍ତ୍ତା ସାମିଲ ଥିଲେ ।

# ତାରାପୁରଠାରେ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ

ଧର୍ମଗଡ,୨୪।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଅନ୍ତର୍ଗତ ତାରାପୁର ଆଞ୍ଚଳିକ ସାଧନ କେନ୍ଦ୍ରଠାରେ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ ହୋଇଯାଇଛି। ସିଆରସିସି ସଞ୍ଜିତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ତାରାପୁର କ୍ଲଷ୍ଟର ଅଧୀନରେ ହୋଇଥିବା ଏହି କାର୍ଯ୍ୟକ୍ରମ ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟା ରେଣୁକା ସାହୁ ଏବଂ ସମ୍ମାନିତ ଅତିଥି ଭାବେ ଖବରଦାତା ଅଂଶୁମାନ ପାତ୍ର ପ୍ରମୁଖ ଯୋଗଦେଇ ଏଭଳି ଶିଶୁ ମହୋତ୍ସବ ଆୟୋଜନ ହେବା ଦ୍ୱାରା ଶିଶୁମାନଙ୍କ ମାନସିକ ତଥା ବୈଧିକ ବିକାଶ ହୋଇ ପାରିବ ବୋଲି କହିଥିଲେ। ସିଆରସିସି ସଞ୍ଜିତ କୁମାର ପଣ୍ଡା ଏହାର ଉଦ୍ଦେଶ୍ୟ ଏବଂ ଏହି ଶିଶୁ ମହୋତ୍ସବ ହେବାଦ୍ୱାରା ଶିଶୁମାନଙ୍କ ମଧ୍ୟରେ କିଭଳି ପ୍ରଭାବ ପକାଉଛି ତାହା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବକ୍ତୃତା, ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ଦେଶାତ୍ମବୋଧକ ସଙ୍ଗୀତ, ସୃଜନଶୀଳ ଲିଖନ, ହସ୍ତାକ୍ଷର, ଶ୍ରୁତଲିଖନ ଆଦି ପ୍ରତିଯୋଗିତା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମନ ଶବର, ଶିକ୍ଷକ ବିପ୍ଳବ କୁମାର ପଣ୍ଡା, ସନ୍ତୋଷ କୁମାର ନାୟକ, ରୂପକ ପଣ୍ଡା, ନୈମିଶ ସରାଫ, ସୁବାଷ ଦୁରିଆ ଏବଂ ଶିକ୍ଷୟିତ୍ରୀ ପ୍ରମୋଦିନି ସାହୁ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଇଛାପୁର, କର୍ଲାକୋଟ, ତାରାପୁର, ଝାରକୁଣ୍ଡାମାଳ, ପୋଡବେଡା ଆଦି ବିଦ୍ୟାଳୟରୁ ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ଛାତ୍ରୀଛାତ୍ରମାନେ ପର୍ଯ୍ୟାୟକ୍ରମେ ଜିଲାସ୍ତରକୁ ପରେ ରାଜ୍ୟସ୍ତରକୁ ଉନ୍ନିତ ହୋଇ ଅଂଶ ଗ୍ରହଣ କରିପାରିବେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

# ସାପସିଲେଟରେ ନୂଆଁଖାଇ ଭେଟ୍‌ଘାଟ୍

ଭବାନୀପାଟଣା,୨୪।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା ସାପସିଲେଟ ଶିବ ମନ୍ଦିରଠାରେ ଭବାନୀପାଟଣା, ଲାଞ୍ଜିଗଡ ଓ କେସିଙ୍ଗା ବ୍ଲକକୁ ନେଇ ଗଠିତ କଳାହାଣ୍ଡି କଳାକାର ପେନସନ ଭୋଗୀ ମହାସଂଘର ଜୋନ ନଂ ୧ର ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାସଂଘ ଜିଲା ସଭାପତି ପ୍ରଦୀପ ଧଙ୍ଗଡାମାଝି ମୁଖ୍ୟଅତିଥି ଓ ସମ୍ପାଦକ ତୀର୍ଥରାଜ ଦଳପତି, ଉପସଭାପତି ଶୋଭାବନ ଭାଟି, ପରମା ଚିନ୍ଦା, ସହସମ୍ପାଦକ କାହ୍ନୁ ଚରଣ ଗଉଡ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ସଭାରେ କଳାକାରମାନଙ୍କ ବିଭିନ୍ନ ସମସ୍ୟା କିଭଳି ସମାଧାନ ହୋଇ ପାରିବ ସେ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଅନୁମୋଦନକ୍ରମେ ଜୋନ୍‌ସ୍ତରୀୟ କର୍ମକର୍ତ୍ତାମାନଙ୍କୁ ଆଗାମୀ ତିନି ବର୍ଷ ପାଇଁ ମନୋନୀତ କରାଯାଇଥିଲା। ଆର୍ତ୍ତତ୍ରାଣ ସାହୁ ଧନ୍ୟବାଦ ଦେଇଥିଲେ।



ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

# ଅନୁସୂଚିତ ଜନଜାତି ଛାତ୍ରୀ ନିବାସ ଉଦ୍‌ଘାଟିତ

କୋକସରା,୨୪।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ରେଙ୍ଗଲପାଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଇନ୍ଦ୍ରାବତୀ ସରକାରୀ ଉଚ୍ଚ ବିଦ୍ୟାଳୟ ଡଙ୍ଗରୀଗୁଡାଠାରେ ଗୁରୁବାର ଶହେ ଶଯ୍ୟା ବିଶିଷ୍ଟ ଅନୁସୁଚିତ ଜନଜାତି ଛାତ୍ରୀ ନିବାସ ଉଦ୍‌ଘାଟିତ ହୋଇଯାଇଛି। କୋକସରା ବିଡିଓ ବସନ୍ତ କୁମାର ସେଠୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କୋକସରା ବ୍ଲକ ଅଧକ୍ଷା ସେବ୍ୟାରାଣି ବାଗ ଯୋଗଦେଇ ଛାତ୍ରୀ ନିବାସ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ବୁଦ୍ଧଦେବ ପଣ୍ଡା, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ବିରଞ୍ଚି ନାରାୟଣ ଦାସ, କୋକସରା ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଦାମୋଦର ବିଶ୍ୱାଳ, ଟିଡିଏ କନିଷ୍ଠ ଯନ୍ତ୍ରି ଭବାନୀଶଙ୍କର ନାଏକ, ଅବସରପ୍ରାପ୍ତ ଶିକ୍ଷକକ ବନ ବିହାରି ପାଟଯୋଶୀ, ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ପଣ୍ଡା, ସ୍କାଉଟ ଆଣ୍ଡ ଗାଇଡ ଶିକ୍ଷକ ଧିରେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସରତ କୁମାର ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ।

# ୨୧ତମ ଫୁଟବଲ ଟୁର୍ନାମେଣ୍ଟ: ରୁପ୍ରା ଦଳ ଚାମ୍ପିୟନ

ପଲମ,୨୪।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଟକର୍ଲା ପଞ୍ଚାୟତସ୍ଥିତ ଟକର୍ଲା ବିଜୟ ଲକ୍ଷ୍ମୀ ନାରାୟଣ ଯୁବକ ସଂଘ ଆନୁକୁଲ୍ୟରେ ସ୍ଥାନୀୟ ହାଇସ୍କୁଲ ପଡିଆରେ ଗତ ୧୪ ତାରିଖଠାରୁ ଚାଲିଥିବା ୨୧ତମ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ୧୦ଟି ଫୁଟବଲ ଦଳ ଭାଗ ନେଇଥିଲେ । ଫାଇନାଲ ଖେଳରେ ରୁପ୍ରା ବିଏନଏସସି ଦଳ ୨-୦ ଗୋଲରେ କେସିଙ୍ଗା ବ୍ଲକ ରଜାପଡା ଫୁଟବଲ ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନର୍ଲା ବ୍ଲକ ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, ମୁଖ୍ୟବକ୍ତା ଭାବେ ଟକର୍ଲା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହରପ୍ରସାଦ ସାହୁ, ସମ୍ମାନିତ ଅତିଥି ଭାବେ ଟକର୍ଲା ଗ୍ରାମପଞ୍ଚାୟତ ସରପଞ୍ଚ ଶୁଶିଳା ମାଝି, ସମିତ ସୀତା ଜାନି ପ୍ରମୁଖ ଯୋଗଦାନ ଦେଇଥିଲେ। ଚମ୍ପିୟନ ଦଳକୁ ମୁଖ୍ୟ ଅତିଥି ତଥା ସମ୍ମାନିତ ଅତିଥିମାନଙ୍କ ଦ୍ୱାରା ଟ୍ରଫି ପ୍ରଦାନ କରାଯାଇଥିଲା । ଖେଳ ପରିଚାଳନା ବିନୋଦ ହେର୍ଣ୍ଣା କରିଥିବା ବେଳେ ରାଜେଶ କୁମାର ଓ ସୁବ୍ରତ ଜାନି ଲାଇନମ୍ୟାନ ଭାବେ ସହଯୋଗ କରିଥିଲେ। ଧାରା ବିବରଣୀ ମୋହନ ଚରଣ ପଧାନ କରିଥିବା ବେଳେ କୈଳାସ ଗହିର ସହଯୋଗ କରି ସମସ୍ତଙ୍କୁ ଉତ୍ସାହିତ କରିଥିଲେ ।



ଫାଇନାଲ ମ୍ୟାଚ୍‌ରେ ଅତିଥିଙ୍କ ଗହଣରେ ଖେଳାଳିମାନେ ।

# ଭାଜପାର ଗାନ୍ଧୀ ସଂକଳ୍ପ ପଦଯାତ୍ରା

କୋକସରା,୨୪।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକରେ ଭାଜପାର ଗାନ୍ଧୀ ସଂକଳ୍ପ ପଦଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳାହାଣ୍ଡି ଜିଲା ପରିଷଦ ଉପାଧକ୍ଷ ଭବସିନ୍ଧୁ ମଙ୍ଗରାଜ, ଜିଲା ଭାଜପାର ବରିଷ୍ଠ ନେତା ଗଣେଶ ନନ୍ଦ, କୋକସରା ମଣ୍ଡଳ ପ୍ରଭାରୀ ଲକ୍ଷ୍ମୀକାନ୍ତ ବାଗ, କୋକସରା ମଣ୍ଡଳ ସଭାପତି ପ୍ରମୋଦ ପଣ୍ଡା, ସାଧାରଣ ସମ୍ପାଦକ ଦୁର୍ଗା ପ୍ରଧାନୀ, ତ୍ରିନାଥ ବାଗ, ସୁଶିଲ ପାଢୀ ପ୍ରମୁଖଙ୍କ ନେତୃତ୍ୱରେ କୋକସରାରୁ ମାଝିଗୁଡା ପର୍ଯ୍ୟନ୍ତ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଆମପାଣି ଜୋନ ଗୋଟୋମୁଣ୍ଡାଠାରୁ ଆରମ୍ଭ ହୋଇ ଆମପାଣି ସିଉନୀଦେଇ କାଉଡୋଲାରେ ପହଞ୍ଚିଥିଲା। ଆମପାଣି ଜୋନ ସଭାପତି ଘନଶ୍ୟାମ ନାଏକ, ସମ୍ପାଦକ ବିଦ୍ୟା ପୁରୋହିତ, ପ୍ରଭାରି ଗରୁଡଧ୍ୱଜ ମାଝିଙ୍କ ନେତୃତ୍‌ରେ ଅନୁଷ୍ଠିତ ହୋଇ ଥିବାବେଳେ ବିସ୍ତାରକ ମଧୁବନ ପାତ୍ର, ବିସ୍ତାରକ ଅର୍ଜୁନ ଭାଟି ମୁଖଙ୍କ ସହ ଭାଜପା କର୍ମୀମାନେ ପଦଯାତ୍ରାରେ ବାହାରି କେନ୍ଦ୍ର ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଜଣାଇଥିଲେ।

# ଘାଟିମୁଣ୍ଡିଆଣୀ ସର୍ବ ମଙ୍ଗଳାଙ୍କ ବାର୍ଷିକ ଦଶରା

କୋକସରା,୨୪।୧୦ (ଡି.ଏନ.ଏ.)

ଦଣ୍ଡପାଟ ଅଞ୍ଚଳ ଗଟୋମୁଣ୍ଡାଠାରେ ଘାଟିମୁଣ୍ଡିଆଣୀ ସର୍ବମଙ୍ଗଳାଙ୍କ ବାର୍ଷିକ ଦଶରା ଉଦ୍‌ଯାପିତ ହୋଇଯାଇଛି। ରବିବାର ମା' ଘାଟିମୁଣ୍ଡିଆଣୀ ସର୍ବମଙ୍ଗଳାଙ୍କ ପୀଠରେ ଖଣ୍ଡାଧୁଆ ସହ ଲାଖବିନ୍ଧା ପରମ୍ପରା ସମାପନ ହେବା ପରେ ଗ୍ରାମର ପୂଝାରୀ ନିକଟସ୍ଥ ପୋଖରୀରୁ ମା'ଙ୍କ ଖଣ୍ଡାକୁ ବିଧିମୁତାବକ ପୂଜାର୍ଚ୍ଚନା ପରେ ପୋଖରୀ ପାଣିରେ ଧୋଇ ଅଣାଯାଏ। ଏହି ଖଣ୍ଡାଧୁଆ ପଟୁଆରରେ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳେ। ବିଭିନ୍ନ ଆଦିବାସୀ ପରମ୍ପରା ବେଶଭୁଷା ନାଚିଗାଇ ମା'ଙ୍କ ଖଣ୍ଡାକୁ ମୁଖ୍ୟ ମନ୍ଦିରକୁ ଅଣାଯାଏ। ଏହା ପରେ ଖଣ୍ଡା ସ୍ଥାପନ ସହିତ ଲାଖବିନ୍ଧା ହୋଇଥାଏ । ଚଳିତବର୍ଷ ମଧ୍ୟ ଏହିସବୁ କାର୍ଯ୍ୟ ପରମ୍ପରା ମୁତାବକ ସମାପନ ହୋଇଛି । ପ୍ରଥମ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାଜପାର ବରିଷ୍ଠ ନେତା ଜନାର୍ଦ୍ଦନ ପଣ୍ଡା, ସମ୍ମାନିତ ଅତିଥି ଗୋଲାପ ଅଗ୍ରୱାଲ, ଏକଲବ୍ୟ ପ୍ରଧାନ ଯୋଗଦେଇଥିଲେ। ଦ୍ୱିତୀୟ ଦିନ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରରେ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସେହିଭଳି ତୃତୀୟ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା କଳାହାଣ୍ଡି ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓ ମୁଖ୍ୟଅତିଥି, ବ୍ଲକ ବିଜେଡି ସଭାପତି ସୁଶାନ୍ତ ବେହେରା, ସାମାଜିକ କର୍ମୀ ଜିତେନ୍ଦ୍ର ପ୍ରଧାନୀ, ପ୍ରମୋଦ ପ୍ରଧାନୀ ଯୋଗଦେଇ ଥିଲେ । ଲୋଇସିଂହାରୁ ଆସିଥିବା ବଜାସାଲ ମୁଖ୍ୟଆକର୍ଷଣ ରହିଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଧର୍ମଗଡ ବିଧାୟକ ମୌଷଧି ବାଗ, ଧର୍ମଗଡ ବ୍ଲକ ଅଧକ୍ଷ ବଳରାମ ପୂଝାରୀ, ଗଟୋମୁଣ୍ଡା ସରପଞ୍ଚ ଜବାହାର ଗୋପାଲ, ଧର୍ମଗଡ ବ୍ଲକ ଉପାଧକ୍ଷ ସିବ ପଣ୍ଡା, ମଣ୍ଟୁ ଅଗ୍ରୱାଲ ଯୋଗଦେଇଥିଲେ । ଆଦିବାସୀ ପରମ୍ପରା ଏକତାର ବାର୍ତ୍ତାବହ ଦଶରା ପର୍ବରେ ଏହା ଦେଖିବାକୁ ମିଳେ ବୋଲି ଅତିଥିମାନେ କହିଥିଲେ। ପୂଜା କମିଟି ସଭାପତି ହେମନ୍ତ ମାଝି, ପୂର୍ଣ୍ଣଚନ୍ଦ୍ର ନାଏକ, ଉପେନ୍ଦ୍ର ବାଗ, ଅମନ ଅଗ୍ରୱାଲ, ଭରତ ଚନ୍ଦ୍ର ପୂଝାରୀ, ପାର୍ଥବ ମାଝି ପ୍ରମୁଖ ଦଶରା କାର୍ଯ୍ୟକ୍ରମ ଦାୟିତ୍ୱ ତୁଲାଇଥିବା ବେଳେ ମଞ୍ଚ ପରିଚାଳନା ତୁଳାରାମ ଗୋପାଲ କରିଥିଲେ।



କାର୍ଯ୍ୟକ୍ରରେ ପୂର୍ବତନ ପୁଷ୍ପେନ୍ଦ୍ର ସିଂଦେଓ ଉଦ୍‌ବୋଧନ ଦେଉଛନ୍ତି ।

## ପକ୍ଷାଘାତରେ ପୀଡ଼ିତ ଲୀଳାମ୍ବର

# ଜିଲାପାଳଙ୍କ ପ୍ରତିଶ୍ରୁତି ପୂରଣ ହୋଇନି

ସିନାପାଲି,୨୪।୧୦ (ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ବ୍ଲକ କେନ୍ଦୁମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ବଡଦର୍ଲିପଡା ଗ୍ରାମର ଲୀଳାମ୍ବର ହାତୀ (୫୦) ପକ୍ଷାଘାତ ରୋଗରେ ପୀଡ଼ିତ ହୋଇ ଅସହାୟ ଜୀବନ ବିତାଉଛନ୍ତି। ଉକ୍ତ ସମସ୍ୟାକୁ ନେଇ ୨ ବର୍ଷ ତଳେ ନୂଆପଡା ଜିଲାପାଳଙ୍କ ସିନାପାଲି ବ୍ଲକ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଥିବା ବେଳେ ଜିଲାପାଳ ତାଙ୍କୁ ଆର୍ଥିକ ସହାୟତା ଦେବା ପାଇଁ ଦେଇଥିବା ପ୍ରତିଶ୍ରୁତି ପୂରଣ ନ ହେବାରୁ ତାହା ପାଣିରଗାର ବୋଲି ଚର୍ଚ୍ଚା ହେଉଛି। ପ୍ରାପ୍ତଖବରାନୁସାରେ ଦର୍ଲିପଡା ନିବାସୀ ଲୀଳାମ୍ବର ହାତୀଙ୍କ୍ ପରିବାର କହିଲେ ସ୍ତ୍ରୀ ଧୀର ଓ ଦୁଇ ପୁଅ ପବିତ୍ର (୯) ଓ ନରସିଂହ (୪)। ଏକ ଗରିବ ଶ୍ରେଣୀର ହୋଇଥିବା ବେଳେ ଜମିବାଡି ନ ଥିବା ବେଳେ କେବଳ ରାଶନ କାର୍ଡ ରହିଛି। କୁଲି ମଜୁରୀ କରି ପରିବାର ପ୍ରତିପୋଷଣ କରୁଥିଲେ। ପ୍ରାୟ ୫ ବର୍ଷ ହେବ ଲୀଳାମ୍ବର ହଠାତ ପୀଡ଼ିତ ହୋଇ ବିଛଣାରେ ପଡିରହିଛନ୍ତି। କୌଣସି କାମ କରି ପାରୁ ନ ଥିବା ବେଳେ ସ୍ତ୍ରୀ ଧୀରଙ୍କ ଉପରେ ପରିବାରର ବୋଝ। ସ୍ୱାମୀ ଲୀଳାମ୍ବରଙ୍କ ସେବାଯତ୍ନ ସାଙ୍ଗକୁ ୨ ଛୋଟ ପୁଅଙ୍କ ସେବା କରି ଅନ୍ୟ ଘରେ କାମ କରି ଦିପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରୁଛନ୍ତି। ରାଶନ କାର୍ଡରୁ ମିଳୁଥିବା ୧୫ କେଜି ଚାଉଳ ହିଁ ସାହା ଭରସା।

ପରିବାରରେ ଚାରିଜଣ ସଦସ୍ୟ ଥିବା ବେଳେ ଛୋଟ ପୁଅର ଆଧାର କରିପାରି ନ ଥିବାରୁ କେବଳ ୩ଜଣକୁ ଚାଉଳ ମିଳୁଛି। ପରିବାର ପ୍ରତିପୋଷଣ ସହ ସ୍ୱାମୀଙ୍କ ଚିକିତ୍ସା କରିବା ସ୍ତ୍ରୀ ଧୀରଙ୍କ ପାଇଁ ସମ୍ଭବ ନାହିଁ। ଫଳରେ ପକ୍ଷାଘାତ ପୀଡ଼ିତ ହେବା ପରେ ଅର୍ଥାଭାବରୁ ଚିକିତ୍ସା କରି ନ ପାରିବାରୁ ବର୍ତ୍ତମାନ ସେ ଅକର୍ମଣ୍ୟ ହୋଇ ପଡିରହିଛି। ଉକ୍ତ ସମସ୍ୟାକୁ ନେଇ ଗତ ୨ ବର୍ଷ ପୂର୍ବେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରାଯାଇଥିଲା। ତତ୍କାଳୀନ ଜିଲାପାଳ ସିନାପାଲି ବିଡିଓଙ୍କୁ ଉକ୍ତ ପରିବାରକୁ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରି ୩୫ କିଗ୍ରା ଚାଉଳ ଦେବା ସହ ସରକାରଙ୍କ ପକ୍ଷରୁ ଦଶ ହଜାର ଟଙ୍କା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏପର୍ଯ୍ୟନ୍ତ କୌଣସି ବ୍ୟବସ୍ଥା ନାହିଁ। ଲୀଳାମ୍ବରଙ୍କ ପରିବାର ଏବେ ଦୁର୍ବିସହ ଜୀବନ ଜିଉଁଛନ୍ତି। ଜିଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ସିନାପାଲି ବିଡିଓ ସୁରେନ୍ଦ୍ର ମେହେରଙ୍କୁ ପଚାରିବାରୁ ରୋଗରେ ପୀଡିତ ବ୍ୟକ୍ତିଙ୍କ ସରକାରୀ ବ୍ୟବସ୍ଥା ପାଇଁ ଉଚ୍ଚକର୍ତ୍ତୃପକ୍ଷ ଓ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ସହିତ ଯୋଗାଯୋଗ କରି ଯଥାଶୀଘ୍ର ପଦକ୍ଷେପ ନିଆଯିବ ବୋଲି କହିଥିଲେ।



# କଳାହାଣ୍ଡି ଗଠନ ଦିବସ ପାଳନ ପ୍ରସ୍ତୁତି

**ଭବାନୀପାଟଣା,୨୪।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲାପାଳ ତଥା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଡ. ଗାଭାଲି ପରାଗ ହର୍ଷଦଙ୍କ ଅଧ୍ୟକ୍ଷତାରେ ବୁଧବାର କଳାହାଣ୍ଡି ଗଠନ ଦିବସ ନଭେମ୍ବର ୧ ତାରିଖରେ ପାଳନ କରାଯିବା ସକାଶେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ନମିତା ସାହୁ, ଅତିରିକ୍ତ ଜିଲାପାଳ ଶରତଚନ୍ଦ୍ର ଶ୍ରୀଚନ୍ଦନ, ସିଡିଏମ୍‌ଓ କଳାହାଣ୍ଡି ଡା. ବନଲତା ଦେବୀ, ପିଡିଡିଆରଡିଏ ଜ୍ଞାନରଞ୍ଜନ ଭଞ୍ଜଦେଓ, ଅତିରିକ୍ତ ଏସପି ଭି. ମହାନ୍ତ, ଭବାନୀପାଟଣା ଉପଜିଲାପାଳ ସୁଶାନ୍ତ କୁମାର ସିଂହ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିଜୟ କୁମାର ସିଂହ, ସଂସ୍କୃତି ଅଧିକାରୀ ଅର୍ପିତା ବେହେରାଙ୍କ ସମେତ ସଂସ୍କୃତି ପରିଷଦ ସଦସ୍ୟ, ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପ୍ରତିନିଧିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ କଳାହାଣ୍ଡି ଗଠନ ଦିବସକୁ ଧୁମଧାମରେ ପାଳନ କରିବା ସକାଶେ ମତାମତ ପ୍ରଦାନ କରିଥିଲେ। କଳାହାଣ୍ଡି ଜିଲାପାଳ କଳାହାଣ୍ଡି ଗଠନ ଦିବସ ଅବସରରେ ଜିଲା ସଂସ୍କୃତି ପରିଷଦ ଅଫିସଠାରୁ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍ ପର୍ଯ୍ୟନ୍ତ ବିଭିନ୍ନ ସଙ୍ଗଠନକୁ ନେଇ ସଫେଇ କାର୍ଯ୍ୟକ୍ରମ କରାଯିବା ସହ ସହରକୁ ସୁନ୍ଦର ଭାବରେ ଆଲୋକ ସଜ୍ଜା କରିବାକୁ ମତପ୍ରଦାନ କରିଥିଲେ। ଗଠନ ଦିବସ ପାଳନ ଅବସରରେ କଳାହାଣ୍ଡି ଜିଲାରେ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ ସାଙ୍ଗକୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍‌ଠାରେ ପରିବେଶଣ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ୧୯୪୯ ନଭେମ୍ବର ୧ ତାରିଖରେ କଳାହାଣ୍ଡି ରାଜତନ୍ତ୍ର ଶାସନରୁ ଅଲଗା ହୋଇ ସ୍ୱତନ୍ତ୍ର ଜିଲା ଗଠନ ହୋଇଥିଲା। କଳାହାଣ୍ଡିବାସୀ ଏହି ଦିବସକୁ ଗ୍ରାମପଞ୍ଚାୟତରସ୍ତରରୁ ବ୍ଲକସ୍ତର ଏବଂ ଜିଲାସ୍ତରରେ ସୁନ୍ଦର ଭାବେ ଜନସାଧାରଣଙ୍କୁ ସାମିଲ କରି ପାଳନ କରିବାକୁ ଜିଲାପାଳ ଅନୁରୋଧ କରିଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଜିଲାପାଳଙ୍କ ସହ ଅନ୍ୟମାନେ ।

## ସଂକ୍ଷେପରେ

### କେନାଲ ପାଣିରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

**ଧର୍ମଗଡ,୨୪।୧୦(ଡି.ଏନ.ଏ.)–** କଳାହାଣ୍ଡି ଜିଲା ଧର୍ମଗଡ ଥାନା ଅନ୍ତର୍ଗତ ସନ୍ଦିକୁଲିହାରୀ ଗ୍ରାମରେ ଗୁରୁବାର କେନାଲ ପାଣିରେ ବୁଡି ଜଣେ ସପ୍ତମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଯୋଗେନ୍ଦ୍ର ବାଗ୍। ସନ୍ଦିକୁଲିହାରୀ ଗ୍ରାମର ଯୋଗେନ୍ଦ୍ର ସ୍କୁଲ ଯିବା ପୂର୍ବରୁ ଗାଁ କେନାଲକୁ ଗୋଧୋଇବାକୁ ଯାଇଥିଲେ। ସେଠାରେ ପାଣି ଅଧିକ ଥିବାରୁ କୌଣସିମତେ ପାଣିରେ ବୁଡିଯାଇଥିଲେ। ସେ ଆସିବା ବିଳମ୍ବ ହେବାରୁ ଘର ଲୋକେ ଖୋଜାଖୋଜି କରିଥିଲେ । ସେ ଗାଧୋଇବାକୁ ଯାଇଥିବା ସ୍ଥାନକୁ ପରିବାରବର୍ଗ ଯାଇ ଦେଖିବା ବେଳେ କେନାଲରେ ଭାସୁଥିବା ଦେଖିବାକୁ ପାଇ ତୁରନ୍ତ ଉଦ୍ଧାର କରିଥିଲେ। ସେତେବେଳେ ତାଙ୍କର ମୃତ୍ୟୁ ଘଟି ସାରିଥିଲା। ଖବର ପାଇ ଧର୍ମଗଡ ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଦିନ ଦ୍ୱିପ୍ରହରେ ୫୦ ହଜାର ଝାମ୍ପି ନେଲେ ଦୁର୍ବୃତ୍ତ

**ଜୁନାଗଡ,୨୪।୧୦ (ଡି.ଏନ.ଏ.)-** କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମହିଚଲା ଗ୍ରାମରେ ଗୁରୁବାର ଦ୍ୱିପହରେ ଭୁବନେଶ୍ୱର ବଣିଆ ନାମକ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କଠାରୁ ଦୁର୍ବୃତ୍ତମାନେ ୫୦ ହଜାର ଟଙ୍କା ଝାମ୍ପି ନେଇଯାଇଛନ୍ତି। ସୂଚନା ଅନୁଯାୟୀ, ଭୁବନେ ଜୁନାଗଡ ସହର ଏସ୍‌ବିଆଇ ମୁଖ୍ୟ ଶାଖାରୁ ୫୦ହଜାର ଟଙ୍କା ଉଠାଇ ବସ୍‌ରେ ନିଜ ଗ୍ରାମକୁ ଫେରୁଥିଲେ। ୨ଟାରେ ଗ୍ରାମର ଛକରୁ ଓହ୍ଲାଇ ନିଜ ଘରକୁ ଯାଉଥିବାବେଳେ ପୂର୍ବରୁ ଛକି ରହିଥିବା ୨ ଜଣେ ଦୁର୍ବୃତ୍ତ ତାଙ୍କ ଟଙ୍କା ବ୍ୟାଗକୁ ଧରି ବାଇକରେ ସେଠାରୁ ଚମ୍ପଟ ମାରିଥିଲେ। ଏପରି କି ଭୁବନେ ସ୍ଥାନୀୟ ଲୋକଙ୍କୁ ଡାକ ପକାଇବା ପୂର୍ବରୁ ଦୁର୍ବୃତ୍ତମାନେ ସେଠାରୁ ଚାଲିଯାଇଥିଲେ।

### ନବନିର୍ମିତ ପରିଚାଳନା କମିଟି ଗୃହ ଉଦ୍‌ଘାଟିତ

**ମୋହନଗିରି,୨୪।୧୦ (ଡି.ଏନ.ଏ.)–** କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ମୋହନଗିରିରେ ଥିବା ଧବଳେଶ୍ୱର ଉଚ୍ଚମାଧ୍ୟମିକ ବିଦ୍ୟାଳୟ ନବନିର୍ମିତ ପାରିଚାଳନା କମିଟି ଗୃହ ବୁଧବାର ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ନର୍ଲା ବିଧାୟକ ତଥା ଉକ୍ତ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ସଭାପତି ଭୂପିନ୍ଦର ସିଂ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ପୁଷ୍ପେନ୍ଦ୍ର ସିଂଦେଓ, ସମ୍ପାଦକ ଶୁକଦେବ ସାହୁ, କାର୍ଯ୍ୟକାରୀ ସଭାପତି ଗୋକୁଳାନନ୍ଦ ବିଶ୍ୱାଳ, ଯୁକ୍ତ ୩ ଡିଗ୍ରୀ କଲେଜ ସମ୍ପାଦକ ଅମିୟ ରଞ୍ଜନ ପଧାନ, ଅବସରପ୍ରାପ୍ତ ଶିକ୍ଷକ ଫକୀର ମୋହନ ବିଶ୍ୱାଳ, ତଥା ପରିଚାଳନା କମିଟି ସମସ୍ତ ସଦସ୍ୟାସଦସ୍ୟ, ଅଧ୍ୟାପକ,ଅଧ୍ୟାପିକା ଓ ଛତ୍ରୀଛାତ୍ର ଯୋଗଦାନ କରିଥିଲେ। ଇତିହାସ ଅଧ୍ୟାପକ ରୋହିତ ସୁନା ମଞ୍ଚ ପରିଚାଳନା କରିଥିଲେ । ଲକ୍ଷ୍ମୀକାନ୍ତ ବେହେରା, ବିଭୂପୟର ପଟନାୟକ, ମୀନାକ୍ଷୀ ଭୋଇ, ସାଗରିକା ଭୋଇ ସହେଯାଗ କରିଥିଲେ।



ଡାକ୍ତର ପ୍ରତାପ ପଟ୍ଟନାଏକ ମାନସିକ ରୋଗୀଙ୍କୁ ପରୀକ୍ଷା କରୁଛନ୍ତି।

### ମାନସିକ ରୋଗ ଚିହ୍ନଟ, ଚିକିତ୍ସା ଶିବିର

# ଚିକିତ୍ସିତ ହେଲେ ୫୯ ରୋଗୀ

**କର୍ଲାମୁଣ୍ଡା,୨୪।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଗୁରୁବାର ମାନସିକ ରୋଗ ଚିହ୍ନଟ ଓ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାନସିକ ବିଶେଷଜ୍ଞ ଡକ୍ତର ପ୍ରତାପ କୁମାର ପଟ୍ଟନାଏକ, ଡ. ସୌମ୍ୟରଞ୍ଜନ ପାତ୍ର, ଡ. ସୁନୀଲ ସେଠୀ, ଅନାୟତ ମହମ୍ମଦ, ବର୍ଷା ପଧାନ, ରଜନୀ ଚାଲାଣ ପ୍ରମୁଖ ଯୋଗଦେଇ ପଞ୍ଜୀକୃତ ୬୬ ଜଣ ବ୍ୟକ୍ତି ମଧ୍ୟରୁ ୫୯ ଜଣଙ୍କୁ ଡାଗ୍ନୋସିସ କରିବା ସହ ଚିକିତ୍ସା କରିଥିଲେ। ଏଥିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ଡକ୍ତର ସୌମ୍ୟ ରଞ୍ଜନ ପାତ୍ର, ଭ୍ରାମ୍ୟମାଣ ଚିକିତ୍ସା ଅଧିକାରୀ ଡ. ଶିଖିଧ୍ୱଜ ପଟେଲ, ଡା. ସୁନୀଲ ସେଠୀ, ଫାର୍ମାସିଷ୍ଟ ପବିତ୍ର ରଣା, ସ୍ୱାସ୍ଥ୍ୟକର୍ମୀ ବିମଳ ଚନ୍ଦ୍ର ସାହୁ ଓ ସମସ୍ତ ଆଶାକର୍ମୀ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।



କଳାକାରମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

### ଡେଙ୍ଗାଗୁଡ଼ା ବୁଢ଼ାରଜାଙ୍କ ବାର୍ଷିକ ଦଶରା ପର୍ବ ଉଦ୍‌ଯାପିତ

# ମନ ମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ

**କୋକସରା,୨୪।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ମହିମା ପଞ୍ଚାୟତ ଡେଙ୍ଗାଗୁଡାଠାରେ ୨ ଦିନ ଧରି ଚାଲିଥିବା ବୁଢାରାଜାଙ୍କ ବାର୍ଷିକ ଦଶରା ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପୂଜା କମିଟି ସଭାପତି ରୋହିତ କୁମାର ଅଗ୍ରୱାଲଙ୍କ ତତ୍ତ୍ୱାବଧାନ ତଥା ଗ୍ରାମବାସୀଙ୍କ ମିଳିତ ସହଯୋଗରେ ବୁଢାରଜା ଦଶରା ପର୍ବ ଆମପାଣି ବୁଢାରଜା ଦଶରା ପରେ ଏଠାରେ ଏହି ପର୍ବ ଅନୁଷ୍ଠିତ ହୋଇଆସୁଛି। ମଙ୍ଗଳବାର କାର୍ତ୍ତିକ କୃଷ୍ଣ ନବମୀ ଦିନ ସକାଳୁ ବିଭିନ୍ନ ଗ୍ରାମରୁ ଦେବଦେବୀଙ୍କ ଲାଠି, କୁରସି ଆସି ଏକତ୍ରିତ ହେବା ପରେ ଲାଠିଯାତ୍ରାରେ ଗ୍ରାମ ପରିକ୍ରମା ପରେ ମନ୍ଦିରରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦିଅନ୍ତି ବୁଢାରଜା । ମାନସିକଧାରୀମାନେ ଶୁକ୍ଳ ଭୋଗ ସହିତ ରକ୍ତଭୋଗ ଅର୍ପଣ କରିଥାନ୍ତି । ଏହି ଅବସରରେ ପୂଜା କମିଟି ପକ୍ଷରୁ ମନୋରଞ୍ଜନ କାର୍ଯ୍ୟକ୍ରମ ଦୁଇଦିନ ଧରି ଚାଲିଥିଲା । ମଙ୍ଗଳବାର ରାତିରେ ଲୋଇସିଂହା ବଜାସାଲ ସହ ଘୁମୁରା ପ୍ରତିଯୋଗିତା ହୋଇଥିବା ବେଳେ ବୁଧବାର ସମ୍ବଲପୁର ମେଲୋଡି ମେକର ରୁକୁ ସୁନା ଦର୍ଶକମାନଙ୍କୁ ଝୁମାଇଥିଲେ। ପ୍ରଥମ ଦିନ କାର୍ଯ୍ୟକ୍ରମରେ ଧର୍ମଗଡ ବିଧାୟକ ମୌଷଧି ବାଗ, କଳାହାଣ୍ଡି ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ସାମାଜିକ କର୍ମୀ ଆନନ୍ଦ କୁମାର ଗର୍ଗ, ଜିତେନ୍ଦ୍ର ପ୍ରଧାନୀ, ପ୍ରମୋଦ କୁମାର ପ୍ରଧାନୀ, କୋକସରା ବ୍ଲକ ସଭାପତି ଶୁସାନ୍ତ ବେହେରା, ମହିମା ସରପଞ୍ଚ ଜୟସିଂ ମାଝି ଯୋଗଦେଇଲେ। ଦ୍ୱିତୀୟ ଦିନ କାର୍ଯ୍ୟକ୍ରମରେ ବିରୋଧୀ ଦଳ ନେତା ପ୍ରଦିପ୍ତ ନାଏକ, ନବରଙ୍ଗପୁର ବିଜେଡି ପ୍ରଭାରି ଲକ୍ଷ୍ମିକାନ୍ତ ବାଗ, ସାମାଜିକ କର୍ମୀ କିଶୋର ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। ପୂଜା କମିଟି ଉପସଭାପତି ଦୁର୍ଯ୍ୟୋଧନ ପୂଝାରୀ, ସମ୍ପାଦକ କିଶୋର ନାଏକ, ଧିରଜ କୁମାର ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ ।

### ଡୁମରିଆ କ୍ଲଷ୍ଟରରେ ଶିଶୁ ମହୋତ୍ସବ ସୁରଭି

**ଭବାନୀପାଟଣା,୨୪।୧୦ (ଡି.ଏନ.ଏ.)**

ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ଡୁମରିଆ କ୍ଲଷ୍ଟର ବରଫା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟଠାରେ ବୁଧବାର ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ନଳିନୀ ରଞ୍ଜନ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡୁମରିଆ ସରପଞ୍ଚ ସଞ୍ଜୀବ କୁମାର ମିଶ୍ର, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଟଙ୍କଧର ପଧାନ, ସମ୍ମାନିତ ଅତିଥି ଭାବେ ଏସ୍‌ଏମ୍‌ସି ସଭାପତି ହେରମ୍ବ ଭୋଇ, ସାମାଜିକ କର୍ମୀ ରୋଶନଲାଲ ଛତର ପ୍ରମୁଖ ଯୋଗଦେଇଥିଲେ। ଏହି ଉପଲକ୍ଷେ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ବିଚାରକ ଭାବେ ଅନନ୍ତରାମ ପଧାନ, ପ୍ରଦୀପ କୁମାର ସା, ପ୍ରହ୍ଲାଦ ଗଡତିଆ, ମଧୁସୁଦନ ମାଝି, କପୁରଚନ୍ଦ ବାଗ, ଦିଲୀପ କୁମାର ଭୋଇ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସିଆରସିସି ବଶିଷ୍ଠ ଭୋଇ ପରିଚାଳନା କରିଥିଲେ। ଶିକ୍ଷକ ତେଜରାଜ ମାଝି ମଞ୍ଚ ସଂଯୋଜନା କରିଥିବା ବେଳେ ନିରାକାର ଶବର ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଜଗତଜନନୀ ମହାନ୍ତି, ଅନଙ୍ଗ ଗହିର, ପତିତପାବନ ନାଏକ, ଚଣ୍ଡୀ ଚଲାନ, ରଞ୍ଜନ କୁମାର ଭୋଇ, ଦୁଷ୍ମନ୍ତ ମାଝି, ସନ୍ତୋଷ ନାଏକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଧାନ ତଳିରେ ନିଆରା ଉପସ୍ଥାପନା ।

# ଧାନତଳିରେ ଧାରା ୩୭୦, ରାଷ୍ଟ୍ରୀୟ ଏକତା ପାଇଁ ଆହ୍ୱାନ

**ମୁଖୀଗୁଡା,୨୪।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଯୁବ ଚାଷୀ ପ୍ରାଣ ରଞ୍ଜନ ବେହେରା ଚଳିତବର୍ଷ ନିଜ ଜମିର ଧାନ ତଳିରେ ଜନସାଧାରଣଙ୍କୁ ସଚେତନତା କରିବା ପାଇଁ ଏକ ନିଆରା କୃତି ଉପସ୍ଥାପନ କରିଛନ୍ତି। ଚଳିତବର୍ଷ ଜମ୍ମୁ-କଶ୍ମୀରରେ ଧାରା ୩୭୦ ଓ ୩୫- କର ଉଚ୍ଛେଦ ପରେ ତାର ପ୍ରତିଫଳନ ନିଜ ତଳି ଘରାରେ ଦେଖାଇଛନ୍ତି। ଗୋଟିଏ ଦେଶ, ଗୋଟିଏ ପତାକା ଓ ଗୋଟିଏ ସମ୍ବିଧାନ ନାରାକୁ ତଳିଘରାରେ ଉପସ୍ଥାପନା କରିଥିବା ଦେଖିବାକୁ ମିଳିଛି। ଏହା ପୂର୍ବରୁ ସେ କନ୍ୟାଭ୍ରୁଣ ହତ୍ୟା, ସ୍ୱଚ୍ଛ ଭାରତ, ମହିଳା ବଞ୍ଚାଅ ରାଷ୍ଟ୍ର ବଞ୍ଚାଅ, ଜୟ ଜବାନ ଜୟ କିଷାନ ଇତ୍ୟାଦି ତଳି ଘରାରେ ନିର୍ମିତ କୃତିଗୁଡିକ ଲୋକାଭିମୁଖୀ ହେବା ସହିତ ପ୍ରଶାସନର ମଧ୍ୟ ଦୃଷ୍ଟିକୁ ଆସି ପାରିଥିଲା। ପୂର୍ବରୁ ଜଣେ ସଫଳ ଚାଷୀ ଭାବେ ମଧ୍ୟ କୃଷି ବିଭାଗ ପକ୍ଷରୁ ସେ ପୁରସ୍କୃତ ହୋଇସାରିଛନ୍ତି। ଏପରି ନିଆରା କାମ ପାଇଁ ସେ ଅଞ୍ଚଳର ଚାଷୀଙ୍କ ପାଇଁ ଏବେ ପ୍ରେରଣା ପାଲଟିଛନ୍ତି।

# ଆମ ଗାଁ ଆମ ବିକାଶ ଯୋଜନା ଟଙ୍କା ଖର୍ଚ୍ଚ ହୋଇପାରୁନି

**କର୍ଲାମୁଣ୍ଡା,୨୪।୧୦ (ଡି.ଏନ.ଏ.)**

ରାଜ୍ୟ ସରକାର ୫ ମାର୍ଚ୍ଚ ୨୦୧୮ରେ ଆମ ଗାଁ ଆମ ବିକାଶ ଯୋଜନା ଶୁଭାରମ୍ଭ କରିଥିଲେ । ଦୀର୍ଘ ଦିନ ବିତିଥିଲେ ହେଁ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ବିଭାଗୀୟ ଅଧିକାରୀମାନଙ୍କ ଉଦାସୀନତା ଯୋଗୁ ଅର୍ଥ ଖର୍ଚ୍ଚ ହୋଇ ନ ପାରି ରହିଥିବା ଦେଖିବାକୁ ମିଳିଛି। ଫଳରେ ସରକାରଙ୍କ ଉଦ୍ଦେଶ୍ୟ ପୂରଣ ହୋଇପାରୁନି। ଏହି ବ୍ଲକରେ ୨୦୧୮ରେ ପ୍ରଥମ ପର୍ଯ୍ୟାୟରେ 'ଆମ ଗାଁ ଆମ ବିକାଶ ଯୋଜନା' ଶୋଭାରମ୍ଭ କରାଯାଇ ୧୩୯ଟି ପ୍ରକଳ୍ପ ପାଇଁ ୨ କୋଟି ୪୦ ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର ହୋଇଥିଲା। ବର୍ତ୍ତମାନ ସୁଦ୍ଧା ୩୬ଟି ପ୍ରକଳ୍ପ ଜରିଆରେ ପ୍ରାୟ ୬୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲେ ହେଁ ଅବଶିଷ୍ଟାଂଶ ପ୍ରକଳ୍ପଗୁଡିକ ବିଭାଗୀୟ ଯନ୍ତ୍ରୀମାନଙ୍କ ଅସହଯୋଗ ପାଇଁ ଅର୍ଥ ଖର୍ଚ୍ଚ ହୋଇପାରୁ ନ ଥିବା ସ.ମାଲପଡାର ବାଲ୍ମିକୀ ଛତ୍ରିଆ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଏହି ପ୍ରକଳ୍ପଗୁଡିକ ଦେଢ ଓ ଦୁଇ ଲକ୍ଷ ଟଙ୍କା ଭିତରେ ରଖାଯାଇଥିବା ବେଳେ କମ୍ ଟଙ୍କାରେ ପ୍ରକଳ୍ପଗୁଡିକ ସମ୍ପୂର୍ଣ୍ଣ ହେବା ସମ୍ଭବ ହୋଇ ପାରୁନାହିଁ ବୋଲି ଜନୈକ ଠିକାଦାର ମତ ପ୍ରକାଶ କରିଛନ୍ତି। ବିଡିଓ ପ୍ରିୟଦର୍ଶନୀ ମିର୍ଦ୍ଧାଙ୍କୁ ପଚାରିବାରୁ ସମସ୍ତ ଜେଇମାନଙ୍କ ସହିତ ଆଲୋଚନା କରାଯାଇ ପ୍ରକଳ୍ପଗୁଡିକ ତ୍ୱରାନ୍ୱିତ କରାଯିବ ବୋଲି କହିଛନ୍ତି।

### ମହୁଲକୋଟପଡାକୁ ବିଜୁଳି ସଂଯୋଗ ନ ହେବା ଘଟଣା

# ଏନ୍‌ଟିପିସି ମ୍ୟାନେଜର, ୱେସ୍କୋ ବିଭାଗକୁ କାରଣ ଦର୍ଶାଅ ନୋଟିସ

**ଖାଉଟି ଅଦାଲତ**

**ଭବାନୀପାଟଣା,୨୪।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ କଲମ ଗ୍ରାମ ମହୁଲକୋଟପଡାକୁ ବିଜୁଳି ସଂଯୋଗ ନ ହେବା ଘଟଣାରେ ଭବାନୀପାଟଣା ଖାଉଟି ଅଦାଲତ ପକ୍ଷରୁ ଏନଟିପିସି ମ୍ୟାନେଜର ଓ ୱେସ୍କୋ ବିଭାଗକୁ କାରଣଦର୍ଶାଅ ନୋଟିସ ଜାରି କରାଯାଇଛି। ସୂଚନାଯୋଗ୍ୟ ଯେ, ମହୁଲକୋଟପଡାରେ ୧୫୦ରୁ ଅଧିକ ବିପିଏଲ ହିତାଧିକାରୀ ରହୁଛନ୍ତି। ଏହି ପଡାର ବିପିଏଲ୍ ପରିବାରକୁ ସୌଭାଗ୍ୟ ଯୋଜନାରେ ବିଜୁଳି ସଂଯୋଗ ପାଇଁ ଗାଁରେ ଟ୍ରାନ୍ସଫର୍ମର ଲଗାଇ ଖୁଣ୍ଟ ପୋତାଯାଇଛି। ଜନବସତି ମଧ୍ୟ ଦେଇ ୧୧ କେଭି ବିଦ୍ୟୁତ୍ ତାର ଯାଉଥିବାରୁ କିଛି ପଡାବାସୀ ତାହାକୁ ବିରୋଧ କରୁଥିବା ଅଭିଯୋଗ ହୋଇଛି। ତେଣୁ ପଡା ବାହାରେ ବିଦ୍ୟୁତ ତାର ଟଣାଯାଉ ନଚେତ ୧୧ କେଭି ତାର ଯେଉଁଠି ସରିଛି ସେଠାରେ ଟ୍ରାନ୍ସଫର୍ମର ବସାଇ ପଡା ଭିତରେ କେବୁଲ ମାଧ୍ୟମରେ ସମସ୍ତଙ୍କୁ ବିଜୁଳି ସଂଯୋଗ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। କିନ୍ତୁ ବିଭାଗ ପକ୍ଷରୁ ତାହା ନ ଶୁଣି ୧୦ ବର୍ଷରୁ ଅଧିକ ବିଦ୍ୟୁତ ବ୍ୟବହାର କରୁଥିବା ଗ୍ରାହକମାନଙ୍କ ଟ୍ରାନ୍ସଫର୍ମରରୁ ବିଦ୍ୟୁତ ତାର କାଟି ନେଇ ଯାଇଥିବା ସମ୍ପର୍କରେ ପଡାବାସୀ ଅଭିଯୋଗ କରିଛନ୍ତି। ଏ ନେଇ ପଡାବାସୀ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଥିଲେ। ଜିଲାପାଳ ଶୀଘ୍ର ବିଦ୍ୟୁତ ସଂଯୋଗ କରିବାକୁ ବିଦ୍ୟୁତ ବିଭାଗ ଏସଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ପଡାବାସୀ ଭବାନୀପାଟଣା ଖଉଟି ଅଦାଲତରେ ଅଭିଯୋଗ କରିଥିଲେ।

### ଉତ୍ତେଇ ଜଳସେଚନ ପ୍ରକଳ୍ପ

# ଚାଷୀଙ୍କ କାମରେ ଲାଗୁନି, ମାଟି ଫାଟି ଆଁ

**କର୍ଲାମୁଣ୍ଡା (ଡି.ଏନ.ଏ) ୨୪।୧୦**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଉତ୍ତେଇ ଜଳ ସେଚନ ପ୍ରକଳ୍ପ ଜରିଆରେ କେନାଲ ମାଧ୍ୟମରେ ଚାଷୀଙ୍କ ଜମିକୁ ଜଳସେଚନ କରାଯିବା ବ୍ୟବସ୍ଥା ରହିଛି। ହେଲେ ବିଭାଗୀୟ ଅଧିକାରୀମାନଙ୍କ ଦାୟିତ୍ୱ ହିନତା ଯୋଗୁ କିଛି ସ୍ଥାନରେ ଚାଷୀଙ୍କ ଜମି ପାଣି ଅଭାବରୁ ମାଟି ଫାଟି ଧାନ ମରିବାକୁ ବସିଲାଣି। ଏପରି ପରିସ୍ଥିତି ବ୍ଲକର ରିଞ୍ଜା ଗାଁଠାରେ ଦେଖିବାକୁ ମିଳିଛି। ରିଞ୍ଜା କେନାଲ ଜରିଆରେ ଚାଷୀଙ୍କ ଜମିକୁ ଜଳ ସେଚନ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲେ ହେଁ କେନାଲର ଶେଷ ମୁଣ୍ଡରେ ଥିବା ଜମିଗୁଡିକୁ ପାଣି ପହଞ୍ଚି ନ ପାରିବାରୁ ଧାନଚାଷ ମରିବାକୁ ବସିଥିବା ବେଳେ ମାଟି ଫାଟି ଆଁ କରିଛି। ବିଶେଷ ଭାବେ କେନାଲ ଶେଷମୁଣ୍ଡରେ ଚାଷୀ ଜତିନ୍ଦ୍ରନାଥ ସାହୁ, ସୈଲ୍ୟରଥି ସାହୁ, ଗୋକୁଳ ସାହୁ, କିଷନ ସାହୁ, ପର୍ଶୁରାମ ସାହୁ, ବୃନ୍ଦ ସାହୁ, ମାନସିଙ୍ଗ ମାଝି, ସତ୍ୟ ସାହୁ, ପର୍ଶୁ ସାହୁ, ମଙ୍ଗୁଳ ଭୋଇ, କ୍ଷୀର ମାଝି, ବେଦବ୍ୟାସ ଚୌଧୁରୀ, ରାଜ କୁମାର ସାହୁ ପ୍ରମୁଖଙ୍କ ଚାଷ ଜମିରେ ପାଣି ଅଭାବରୁ ଉଜୁଡିବାକୁ ବସିଲାଣି। ଏ ନେଇ ବିଭାଗୀୟ ଯନ୍ତ୍ରୀ ଶୁସାନ୍ତ ଖୁରାଙ୍କୁ ପଚାରିବାରୁ ଆମେ ଠିକ୍ ଭାବେ ପାଣି ଯୋଗାଉଛୁ ବୋଲି କହିଛନ୍ତି । କିନ୍ତୁ ଦୀର୍ଘ ଦିନରୁ କେନାଲର ବେଡ ସଫେଇ ହୋଇ ନ ଥିବାରୁ କେନାଲ ଶେଷ ମୁଣ୍ଡ ଯାଏଁ ପାଣି ପହଞ୍ଚିପାରୁ ନ ଥିବା ଚାଷୀ ଜତିନ୍ଦ୍ରନାଥ ସାହୁ କହିଛନ୍ତି। ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।



ଜତିନ୍ଦ୍ରନାଥ ସାହୁଙ୍କ ଧାନଚାଷ ଜମି ପାଣି ଅଭାବରୁ ମାଟି ଫାଟି ଆଁ କରିଛି।

# ହୃଦ୍‌ରୋଗ ଚିକିତ୍ସା ପାଇଁ ୧୨ ଶିଶୁ ଅହମ୍ମଦାବାଦ ଗଲେ

**ଭବାନୀପାଟଣା,୨୪।୧୦(ସ୍ୱ.ପ୍ର.)**

କଳାହାଣ୍ଡି ଜିଲାର ବିଭିନ୍ନ ବ୍ଲକର ୧୨ଜଣ ଶିଶୁ ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆରବିଏସକେ) ଜରିଆରେ ହୃଦ୍‌ରୋଗ ଚିକିତ୍ସା ପାଇଁ ଅହମ୍ମଦାବାଦ ଗସ୍ତ କରିଛନ୍ତି। ଏହି ଶିଶୁମାନଙ୍କୁ ଆରବିଏସ୍‌କେର ମୋବାଇଲ ହେଲଥ୍ ଟିମ ପ୍ରଥମେ ଚିହ୍ନଟ କରି ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଜିଲା ସଅଳ ଚିକିତ୍ସା କେନ୍ଦ୍ରକୁ ପଠାଇଥିଲେ। ସେଠାରେ ଥିବା ଡାକ୍ତର ଶୁଭେନ୍ଦୁ ମହାପାତ୍ର ଶିଶୁମାନଙ୍କୁ ଜନ୍ମଗତ ହୃଦଜନିତ ରୋଗ ଥିବା ନିଶ୍ଚିତ (କନଫର୍ମ) କରିଥିଲେ। ଗତ ଅଗଷ୍ଟରେ ଏହି ସମସ୍ତ ଶିଶୁଙ୍କୁ ନେଇ ଏକ ଦଳ ଭୁବନେଶ୍ୱରଠାରେ ହୋଇଥିବା ଶିବିରରେ ଇସିଓ ଟେଷ୍ଟ କରିଥିଲେ। ଏହି ପରୀକ୍ଷା ପରେ ଶିଶୁମାନଙ୍କ ହୃଦୟରେ ଛିଦ୍ର ଥିବା ଜଣାପଡିଥିଲା। ଗତ ୨୧ ତାରିଖରେ ଏହି ଶିଶୁମାନଙ୍କୁ ପ୍ରଥମେ ଭୁବନେଶ୍ୱର ଓ ସେଠାରୁ ବିମାନ ଯୋଗେ



ହୃଦ୍‌ରୋଗ ଚିକିତ୍ସା ପାଇଁ ଗସ୍ତ କରିଥିବା ଶିଶୁମାନେ ତାଙ୍କ ମାତାପିତା ଓ ସ୍ୱାସ୍ଥ୍ୟ କର୍ମଚାରୀ।

**କଳାହାଣ୍ଡି ଜିଲା**

■ ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ

ମଙ୍ଗଳବାର ଅହମ୍ମଦାବାଦଠାରେ ଥିବା ଶ୍ରୀ ସତ୍ୟସାଇ ଡାକ୍ତରଖାନା ଅଭିମୁଖେ ଗସ୍ତ କରିଛନ୍ତି। ଏଥିରେ ନର୍ଲା ବ୍ଲକରୁ ୨ଜଣ ଶିଶୁ, ଭବାନୀପାଟଣା ବ୍ଲକରୁ ୩, ଥୁଆମୁଲରାମପୁର ବ୍ଲକରୁ ୨ ରହିଛନ୍ତି । ସେହିପରି ଜୟପାଟଣା ବ୍ଲକରୁ ଜଣେ, ଜୁନାଗଡ ବ୍ଲକରୁ ୨ଜଣ, ଏମ୍. ରାମପୁରରୁ ଓ କୋକସରା ବ୍ଲକରୁ ଜଣେ ଲେଖାଏଁ ଶିଶୁ, ତାଙ୍କ ମାତାପିତା ଓ ୨ଜଣ ସ୍ୱାସ୍ଥ୍ୟକର୍ମଚାରୀ ମୋଟ ୨୮ଜଣ ଗସ୍ତ କରିଛନ୍ତି। କିଛି ଦିନ ମଧ୍ୟରେ ଏହି ଶିଶୁମାନେ ଚିକିତ୍ସା ପାଇ ସୁସ୍ଥ ହୋଇ ଘରକୁ ଫେରିବେ ବୋଲି ଜିଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରାଧିକାରୀ ଡାକ୍ତର ବନଲତା ଦେବୀ ପ୍ରକାଶ କରିଛନ୍ତି।



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବାସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ



## ସଂକ୍ଷେପରେ



### ସ୍କୁଲସ୍ତରୀୟ ବିଜ୍ଞାନ ମେଳାରେ ୪୬ ପ୍ରକଳ୍ପ

**ଲୋଇସିଂହା,୨୪।୧୦(ଡି.ଏନ.ଏ.)** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଦ୍ଦା ପଞ୍ଚାୟତ ହାଇସ୍କୁଲରେ ସ୍କୁଲସ୍ତରୀୟ ବିଜ୍ଞାନ ମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମେଳାକୁ ବିଦ୍ୟାଳୟ ସହକାରୀ ଶିକ୍ଷକ ସାରଥୀ ସାହୁ ଉଦ୍‌ଘାଟନ କରିଥିଲେ । ପରେ ଅନୁଷ୍ଠିତ ସଭାରେ ବିଜ୍ଞାନଶିକ୍ଷକ ଶିବପ୍ରସାଦ ତ୍ରିପାଠୀ ଚଳିତ ବର୍ଷ ବିଷୟବସ୍ତୁ ଥିବା ସହନୀୟ ବିକାଶ ପାଇଁ ବିଜ୍ଞାନଓ ପ୍ରଯୁକ୍ତି ବିଦ୍ୟା ସଂକ୍ରାନ୍ତରେ ଆଲୋଚନା କରିଥିଲେ । ସଭ ପରେ ଅନୁଷ୍ଠିତ ମେଳାରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ୪୬ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ବିଚାରକଭାବେ ଶିକ୍ଷକ ଶିବପ୍ରସାଦ ତ୍ରିପାଠୀ ଓ ଅଶୋକ କୁମାର ମେହେର ପ୍ରକଳ୍ପ ତଦାରଖ କରି ଶ୍ରେଷ୍ଠ ୩ ପ୍ରକଳ୍ପକୁ ବ୍ଲକସ୍ତରକୁ ମନୋନୀତ କରିଥିଲେ ।

### ଯୋଜନା ପରିଚାଳନାର ତଦାରଖ କଲେ ସଚିବ

**ଦେଓଗାଁ,୨୪।୧୦ (ଡି.ଏନ.ଏ)** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକକୁ ଗୁରୁବାର ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ସଚିବ ତଥା ବଲାଙ୍ଗୀର ଜିଲା ନୋଡାଲ ଅଧିକାରୀ ପ୍ରମୋଦ କୁମାର ମେହେର୍ଦ୍ଦା ଗସ୍ତ କରି ବିଭିନ୍ନ ଯୋଜନା ପରିଚାଳନାର ତଦାରଖ କରିଥିଲେ । ପ୍ରଥମେ ଗାଇବାହାଲ ପଞ୍ଚାୟତ ଅନ୍ତର୍ଗତ ସାଗରପାଲି ପୋକ୍ସିସୁଗର କଲୋନୀକୁ ଯାଇ ସେଠାରେ ପ୍ରଧାନମନ୍ତ୍ରୀ ଆବାସ ଗୃହର ତଦାରଖ କରିଥିଲେ । ହିତାଧିକାରୀ ବନୀ ଭୋଇ ଆଜକୁ ବର୍ଷେ ହେଲା ଆବାସଗୃହ ସମ୍ପୂର୍ଣ୍ଣ କରିଥିଲେ ହେଁ ପ୍ରୋତ୍ସାହନ ରାଶି ମିଳି ନ ଥିବା ଅଭିଯୋଗ କରିଥଲେ। ଅନେକ ହିତାଧିକାରୀ ନିର୍ଦ୍ଧାରିତ ସମୟରେ ଘର ସମ୍ପୂର୍ଣ୍ଣ କରିଥିଲେ ମଧ ପ୍ରୋତ୍ସାହନ ରାଶି ମିଳିବାରେ ଆହେତୁକ ବିଳମ୍ବ ହେଉଥିବା ସଚିବଙ୍କୁ କହିଥିଲେ। ରଶ୍ମିତା ଠେଲାଙ୍କ ବିଜୁ ପକ୍କାଘର ପରିଦର୍ଶନ ସମୟରେ ତାଙ୍କ ସ୍ୱାମୀ ନରେଶ ଠେଲା ଅସୁସ୍ଥ ହୋଇ ଖଟରେ ପଡି ରହିଥିବା ଦେଖି ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ। ଏ ଅବସରରେ କଲେନୀର ଅଙ୍ଗନୱାଡି ପରିଦଶର୍ନ କରିବାସହ ସ୍ଥାନୀୟ ମାଁ ଦୁର୍ଗା ଓ ଶୁଭଲକ୍ଷ୍ମୀ ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟାଙ୍କ ସହ ଆଲୋଚନା କରିଥିଲେ। ପଡାରେ ଷ୍ଟ୍ରୀଟଲାଇଟ ଲଗାଇବା ଓ ପାନୀୟଜଳ ସମସ୍ୟା ଉପରେ ପଡାବାସୀ ଅଭିଯୋଗ କରିଥିଲେ । ୧୫ ଦିନ ମଧରେ ଲାଇଟ ବ୍ୟବସ୍ଥା ଓ କମ୍‌ଦିନ ମଧରେ ପାନୀୟ ଜଳ ସମସ୍ୟାର ସମାଧାନ କରିବା ପାଇଁ ପଡାବାସୀଙ୍କୁ ସଚିବ ପ୍ରତିଶୃତି ଦେଇଥିଲେ। ପରେ କଚ୍ଛାରପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିବା ସମୟରେ ସ୍କୁଲ ପାଚେରୀ ଚାରିପଟରେ ଅନାବନା ଗଛଲତା ବଢିଯାଇ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଥିଲେ । ସାରସବାହାଲ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ ସମୟରେ ମଧ୍ୟାହ୍ନଭୋଜନରେ ବ୍ୟତିକ୍ରମ ନଜରକୁ ଆସିଥିଲା । ଏ ଦିଗରେ ସଚିବଙ୍କ ନିର୍ଦ୍ଦେଶ କ୍ରମେ ସମ୍ପୃକ୍ତ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ସାହୁଙ୍କୁ ନିଲମ୍ବିତ କରାଯାଇଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ । ପରେ କରୁଆଁଝର ଆୟୁର୍ବେଦିକ ଚିକିତ୍ସାଳୟ ପରିଦର୍ଶନ କରିଥିଲେ ସଚିବ ମେହେର୍ଦ୍ଦା। ସେଠାରେ ନୂତନ କୋଠା ନିର୍ମାଣ ହୋଇଥିଲେ ହେଁ ଆଜକୁ ୩ବର୍ଷ ହେଲା ଡାକ୍ତର ଯୋଗଦେଉ ନ ଥିବାରୁ ଚିକିତ୍ସାଳୟ କେବଳ କୋଠାରେ ସୀମିତ ବୋଲି ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ ଓ ଗ୍ରାମବାସୀ ଅଭିଯୋଗ କରିଥିଲେ । ଗସ୍ତ ସମୟରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମହେଶ୍ୱର ସ୍ୱାଇଁ, ବିଡିଓ ବେର୍ଣ୍ଣାଦେତ ଲାକ୍ରା, ଗ୍ରାମ୍ୟଜଳ ଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ଶତପଥୀ,ଏସଡିଓ ପ୍ରମୋଦ କୁମାର ମହାପାତ୍ର, ଜିଲା ଶିକ୍ଷାଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା ତଥା ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ ରାଜ୍ୟରେ ୧ଲକ୍ଷ ଶିକ୍ଷକ ପଦବୀ ଖାଲି

# ନିଯୁକ୍ତି ଦାବି କଲା କନିଷ୍ଠଶିକ୍ଷକ ଆଶାୟୀ ସଂଘ

**ବଲାଙ୍ଗୀର ଅଫିସ,୨୪।୧୦**

ରାଜ୍ୟରେ ୧ଲକ୍ଷ ଶିକ୍ଷକ ପଦବୀ ଖାଲି ପଡିଛି। ସେମାନେ ଦୀର୍ଘବର୍ଷ ହେଲା ସିଟି, ବିଇଡି ସାରିଛନ୍ତି। ଓଟିଇଟି ପରୀକ୍ଷାରେ ବି ଉତ୍ତୀର୍ଣ୍ଣ ହୋଇଛନ୍ତି। ହେଲେ ସେମାନଙ୍କୁ ନିଯୁକ୍ତି ମିଳୁନାହିଁ। ହାହୁତାଶ ମଧ୍ୟରେ ସେମାନେ ଜୀବନ କାଟୁଛନ୍ତି। ଏଣୁ ତୁରନ୍ତ ସରକାରୀ ଶିକ୍ଷକ ପଦରେ ନିଯୁକ୍ତି ଦିଅନ୍ତୁ। ଏହିପରି ଦାବି କରି ଗୁରୁବାର ବଲାଙ୍ଗୀରଠାରେ କନିଷ୍ଠ ଶିକ୍ଷକ ଆଶାୟୀ ସଂଘ ପକ୍ଷରୁ ଯୁବତୀଯୁବକମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆଶାୟୀଶିକ୍ଷକ ସଂଘ ସଭାପତି କ୍ଷୀରସିନ୍ଧୁ ପୁଟା ଓ ସମ୍ପାଦକ ଯୁଧିଷ୍ଠିର ମିର୍ଦ୍ଧାଙ୍କ ନେତୃତ୍ୱରେ ଜିଲାର ଶତାଧିକ ସଂଘର ସଦସ୍ୟ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ । ଦୀର୍ଘବର୍ଷ ଧରି ଓଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇମଧ ନିଯୁକ୍ତି ପାଇ ନ ଥିବାରୁ ଆଜି ସେମାନେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବାଧ ହୋଇଛନ୍ତି ବୋଲି ବିକ୍ଷୋଭସ୍ଥଳରେ କହିଥିଲେ। ଗତ ଜାନୁୟାରୀ ମାସରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କନିଷ୍ଠ ଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । କିନ୍ତୁ ଏପର୍ଯ୍ୟନ୍ତ ସେହି ନିଯୁକ୍ତି ମିଳିନାହିଁ । ସେହିପରି ସଂଘ ଦାବି କରିଛି ଯେ, ରାଜ୍ୟରେ ୧ଲକ୍ଷ ଶିକ୍ଷକ ପଦବୀ ଖାଲି ପଡିଥିବା ବେଳେ ମୋଟ ୫୦ହଜାର ତାଲିମପ୍ରାପ୍ତ ପିଲା ରହିଛନ୍ତି । ସେପଟେ ରାଜ୍ୟସରକାର ରାଜ୍ୟକୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରୀୟ କରିବାକୁ କହୁଛନ୍ତି। ଶିକ୍ଷା ବ୍ୟବସ୍ଥାକୁ ଅବ୍ୟବସ୍ଥିତ କରି ରାଜ୍ୟକୁ ଜାତୀୟସ୍ତରୀୟ କିଭଳି କରିବେ ବୋଲି ସେମାନେ ଏହି ଅବସରରେ ପ୍ରଶ୍ନ କରିଛନ୍ତି । ତେଣୁ ତୁରନ୍ତ କନିଷ୍ଠ ଶିକ୍ଷକ ନିଯୁକ୍ତି କରାଯାଇ ବେକାରୀ ଦୂରୀକରଣ କରାଯାଉ ବୋଲି ଆନ୍ଦୋଳନକାରୀ ଦାବି କରିଛନ୍ତି । ସେମାନେ ଆହୁରି କହିଛନ୍ତି ଯେ, ବଲାଙ୍ଗୀର ଜିଲାରେ ତାଲିମପ୍ରାପ୍ତ ଅନେକ ଛାତ୍ରୀଛାତ୍ରଙ୍କ ଚାକିରି ବୟସ ଅତିକ୍ରାନ୍ତ ହୋଇ ସାରିଲାଣି । ତେଣୁ ଏହାକୁ ବିଚାରକୁ ନେଇ ତୁରନ୍ତ ନିଯୁକ୍ତି ଦେବାର ବ୍ୟବସ୍ଥା କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି । ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୪ଦଫା ସମ୍ବଳିତ ଦାବିପତ୍ର ସହକାରୀ ଜିଲାପାଳ ଶଙ୍କର୍ଷଣ ପ୍ରଧାନଙ୍କୁପ୍ରଦାନ କରାଯାଇଥିଲା ।



କନିଷ୍ଠ ଶିକ୍ଷକ ଆଶାୟୀ ସଂଘ ତରଫରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ**



ବିଶ୍ୱ ଶ୍ରବଣ ବାଧିତ ଦିବସ ସଭାରେ ମଞ୍ଚାସୀନ ଅତିଥି ।

## ବିଶ୍ୱ ଶ୍ରବଣ ବାଧିତ ଦିବସ ପାଳିତ

**ବଲାଙ୍ଗୀର ଅଫିସ, ୨୪।୧୦**

ବଲାଙ୍ଗୀର ଜିଲାସ୍ତରୀୟ ବିଶ୍ୱ ଶ୍ରବଣ ବାଧିତ ଦିବସ ସ୍ଥାନୀୟ ଟାଉନ୍ ହଲଠାରେ ଗୁରୁବାର ପାଳିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ କ୍ଷିରେନ୍ଦ୍ର ତ୍ରିପାଠୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ଜିଲା ସମାଜ କଲ୍ୟାଣ ଅଧିକାରୀ ଦାମୋଦର ମିଶ୍ର ଓ ମୁଖ୍ୟବକ୍ତା ଭାବେ ଆନ୍ତର୍ଜାତିକ କ୍ରୀଡାବିତ ଆନନ୍ଦିନି ଦର୍ଜୀ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ସଂଘର୍ଷମୟ ଜୀବନର ଅବତାରଣା କରିଥିଲେ। ଦିବ୍ୟାଙ୍ଗମାନେ ନିଜକୁ ମାନସିକ ସ୍ତରରେ ତିଆରି କରିପାରିଲେ ଅନ୍ୟମାନଙ୍କ ସହ ସମକକ୍ଷ ହୋଇପାରିବେ ବୋଲି କହିଥିଲେ। ସ୍ୱତନ୍ତ୍ର ବକ୍ତାଭାବେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଯୋଗଦେଇଥିଲେ। ଆରଏସ୍‌ଡି ସଇଁତଲା ପ୍ରଧାନଶିକ୍ଷକ ନରେନ୍ଦ୍ର ସାହୁ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଉକ୍ତ ଉତ୍ସବରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ୬ଜଣ ଶ୍ରବଣ ବାଧିତଙ୍କୁ ଜିଲାସ୍ତରରେ ସମ୍ମାନିତ କରାଯାଇଥିଲା। ଶେଷରେ ଉମାଶଙ୍କର ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ ।

## ୧୦୭ ଛାତ୍ରୀଛାତ୍ରଙ୍କ ହେଲା ଚକ୍ଷୁ ପରୀକ୍ଷା

**ଖପ୍ରାଖୋଲ,୨୪।୧୦(ଡି.ଏନ.ଏ)**

ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ସ୍କୁଲସ୍ତରୀୟ ଚକ୍ଷୁ ପରୀକ୍ଷଣ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୨୯ଟି ବିଦ୍ୟାଳୟର ୧୦୭ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏହି ଅବସରରେ ୨୮ ଛାତ୍ରୀଛାତ୍ରଙ୍କୁ ଚଷମା ପ୍ରଦାନ କରାଯାଇଥିବାବେଳେ ୧୨ଜଣଙ୍କୁ ଉଚ୍ଚତର ଚିକିତ୍ସା ପାଇଁ ଚିହ୍ନଟ କରାଯାଇଛି। ଏହି ଅବସରରେ ଚକ୍ଷୁ ରୋଗ ବିଶେଷଜ୍ଞ ଡାକ୍ତର ନୀଳମାଧବ ପଧାନ ଯୋଗଦେଇ ଚକ୍ଷୁ ପରୀକ୍ଷା କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡା.ଉକ୍ଳମଣି ମେହେର, ବ୍ଲକ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବାଳଚନ୍ଦ୍ର ଛତ୍ରିଆ, ବିପିଏମ୍ ଯୁଗଳ କିଶୋର ସାହୁଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ, ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।


ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଉଛି।

## ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ

**ଖପ୍ରାଖୋଲ,୨୪।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉଦଯାପନୀ ଉତ୍ସବରେ ବ୍ଲକ ଶିକ୍ଷା ଅଧିକାରୀ ଷଷ୍ଠି ପ୍ରସାଦ ଝାଙ୍କର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣମାସୀ ବରିହା, ସମ୍ମାନିତ ଅତିଥି ବ୍ଲକ ସହଶିକ୍ଷା ଅଧିକାରୀ ବୀରେନ୍ଦ୍ର କୁମାର ସାହୁ, ମୀନିକେତନ ବରିହା, ସାମାଜିକ କର୍ମୀ ରଘୁନାଥ ସିଂ ବରିହା ପ୍ରମୁଖ ଯୋଗଦେଇଥିଲେ। ସୁରଭି ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭା ପରିପ୍ରକାଶ ପାଇଁ ଏକ ପ୍ରୟାସ ବୋଲି କହିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନାଚ, ଗୀତ, ଚିତ୍ରାଙ୍କନ, ଶ୍ରୁତଲିଖନ, ହସ୍ତାକ୍ଷର ଲିଖନ, ବକ୍ତୃତା, ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଶାନ୍ତନୁ ମିଶ୍ର, ବନମାଳୀ ସାହୁ, ଶାନ୍ତନୁ ବାରିକ, ଗୋପିନାଥ ସାହୁ, ହେମନ୍ତ ଭୋଇ, ମକୁନ୍ଦ ସାହୁ, ସବିତା ମହରା, ଧରମ ସିଂ ଧରୁଆ, ମିତ୍ରଭାନୁ ପଧାନ ପ୍ରମୁଖ ବିଚାରକଭାବେ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗଦେବେ ।


କିଡନୀ ପ୍ରଭାବିତ କର୍ଲିପାଟ ଗାଁରେ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ କରାଯାଉଛି।

■ କିଡନୀ ପ୍ରଭାବିତ କର୍ଲିପାଟ ଗାଁ

## ବିଡିଓଙ୍କୁ ଫେରାଦ ପରେ ଟ୍ୟାଙ୍କର ଜଳଯୋଗାଣ

**ଲୋଇସିଂହା, ୨୪।୧୦(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ କିଡନୀ ପ୍ରଭାବିତ କର୍ଲିପାଟ ଗାଁ । ଗ୍ରାମର କେତେକ ନଳକୂପର ପାଣି ସମସ୍ୟା ଥିବା ଜାଣି ଗତ ଶନିବାର ପ୍ରଶାସନ ପକ୍ଷରୁ ନଳକୂପକୁ ସିଲ୍ କରାଯାଇଥିଲା । ଗ୍ରାମବାସୀ ଟ୍ୟାଙ୍କର ପାଣି ଯୋଗାଣ ପାଇଁ ବିଡିଓଙ୍କୁ ଜଣାଇଥିଲେ । ଇତିମଧ୍ୟରେ ଚାରିଦିନ ବିତିଯାଇଥିଲେ ସୁଦ୍ଧା ପ୍ରଶାସନ ପକ୍ଷରୁ ପାଣି ଯୋଗାଣ ଦିଗରେ ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା । ଗୁରୁବାର ଗ୍ରାମର ବହୁ ମହିଳା ଓ ପୁରୁଷ ଏ ନେଇ ୱାର୍ଡସଭ୍ୟ ତରଣୀସେନ ପଧାନଙ୍କ ନେତୃତ୍ୱରେ ବିଡିଓ ରାମଚନ୍ଦ୍ର ଖାଡିଆକୁ ସାକ୍ଷାତ କରିଥିଲେ । ଏହି ଅବସରରେ ମାହେଶ୍ୱରୀ ସଂଗଠନର ସଭାପତି ଦେବାଶିଷ ବିଷୋଇ ଉପସ୍ଥିତ ଥିଲେ। ପରେ ଅପରାହ୍ନରେ ଟ୍ୟାଙ୍କରରେ ପିଇବା ପାଣି ଯୋଗାଣ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

■ ହରିଶଙ୍କର ବିକାଶ ପାଇଁ ଉପଜିଲାପାଳଙ୍କ ଯୋଜନା ପ୍ରସ୍ତୁତି ବୈଠକ

# ପୀଠର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ

**ଖପ୍ରାଖୋଲ ,୨୪।୧୦ (ଡି.ଏନ.ଏ.)**

ବଲାଙ୍ଗୀର ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହରିଶଙ୍କରର ବିକାଶ ପାଇଁ ଏକ ଯୋଜନା ପ୍ରସ୍ତୁତ ବୈଠକ ପାଟଣାଗଡ ଏନଏସି ସମ୍ମିଳନୀ କକ୍ଷରେ ଉପଜିଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ସୋମନାଥ ପଧାନଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ହରିଶଙ୍କର ଝରଣା, ମନ୍ଦିର, ରୀତିନୀତି, ଭୋଗ, ବିଭିନ୍ନ ଟିକସ୍ ପର୍ଯ୍ୟଟନ ବିଭାଗ ଦ୍ୱାରା ହୋଇଥିବା ବିଭିନ୍ନ କାମ, ରାଜସ୍ୱ ବଙ୍ଗଳାର ପୁନରୁଦ୍ଧାର, ବ୍ଲକ ପାନ୍ଥନିବାସର ସୌନ୍ଦର୍ଯ୍ୟକରଣ ସମେତ ସାମଗ୍ରିକ ବିକାଶ ପାଇଁ ଆଲୋଚନା ସହିତ ଯୋଜନା ପ୍ରସ୍ତୁତି ହୋଇଥିଲା । ଏହି ଅବସରରେ ବିଭିନ୍ନ ସମସ୍ୟା ଏବଂ ତାର ସମାଧନ ପାଇଁ ଆଲୋଚନା ହୋଇଥିଲା । ଆଗାମୀ ଦିନରେ ମନ୍ଦିର ପରିଚାଳନା ସବ୍‌କମିଟିକୁ ଅଧିକ ସଂଗଠିତ କରିବା ପାଇଁ ପଞ୍ଚାୟତ ପ୍ରତିନିଧି, ସ୍ଥାନୀୟ ଅଧିବାସୀଙ୍କୁ ସାମିଲ କରିବାକୁ ମତପ୍ରକାଶ ପାଇଥିଲା । ମନ୍ଦିର ପରିସର ସ୍ୱଚ୍ଛତା ପାଇଁ ସ୍ୱୟଂ ସହାୟକ ଦଳକୁ କିଭଳି ସାମିଲ କରାଯାଇ ପାରିବ ସେ ନେଇ ଆଲୋଚନା ହୋଇଥିଲା । ହରିଶଙ୍କରର ବିକାଶ ପାଇଁ ପ୍ରଶାସନ ତରଫରୁ ପର୍ଯ୍ୟଟନ ବିଭାଗକୁ ଦିଆଯାଇଥିବା ବିଭନ୍ନ ପ୍ରସ୍ତାବ ନେଇ ଆଲୋଚନା ହୋଇଥିଲା। ବୈଠକରେ ଜିଲା ପର୍ଯ୍ୟଟନ ଅଧିକାରୀ ରବିନ୍ଦ୍ର କୁମାର ଦଲେଇ, ଖପ୍ରାଖୋଲ ବିଡିଓ ତରଣୀ ସୁନା, ତହସିଲଦାର ନିରଞ୍ଜନ ନାଏକ, ଅତିରିକ୍ତ ତହସିଲଦାର ଜୟନ୍ତ ସାହୁ, ପାଟଣାଗଡ ଆସିଷ୍ଟାଣ୍ଡ କଲେକ୍ଟର ପଦ୍ମନାଭ ପୁରୋହିତ, ନାଜିର ଯଶୋବନ୍ତ କୁମ୍ଭାର, ହରିଶଙ୍କର ମନ୍ଦିର ସହପରିଚାଳକ ବିପିନ ବିହାରୀ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧରେ ଗ୍ରାମ୍ୟ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ଚିନ୍ମୟ ପଧାନ, ସରିତା କୁଜୁରୁ, ଜିପିଇଓ ସୁଶାନ୍ତ କୁମାର ପାଣି, ସବ୍‌କମିଟି ସଭାପତି ବିପ୍ର ବିଶି, ସମ୍ପାଦକ ଶଶି ପୂଝାରୀ, ସଦସ୍ୟ ଗୁପ୍ତେଶ୍ୱର କୁଅଁର, ଅଭୟ ତ୍ରିପାଠୀ, ପ୍ରହଲ୍ଲାଦ ଚାନ୍ଦ, ମନ୍ଦିର ପୂଜକ ନରସିଂହ ପୁଝାରୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ । ସୂଚନା ଯୋଗ୍ୟ ହରିଶଙ୍କରର ବିଭିନ୍ନ ସମସ୍ୟା ନେଇ କିଛି ଦିନ ତଳେ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିଲା। ତିନି ଦିନ ତଳେ ରାଜ୍ୟ ପର୍ଯ୍ୟଟନ ନିଗମ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ହରିଶଙ୍କର ଗସ୍ତ କରି ଚାଲିଥିବା ଉନ୍ନୟନ କାମ ବୁଲି ଦେଖିଥିଲେ । ଏବେ ଉପଜିଲାପାଳଙ୍କ ଯୋଜନା ପ୍ରସ୍ତୁତି ବୈଠକ ହରିଶଙ୍କରର ବିକାଶ ପାଇଁ ଆଶା ସଞ୍ଚାର କରିଛି ।


ଉପଜିଲାପାଳଙ୍କ ଯୋଜନା ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ ଓ ମନ୍ଦିର ସବ୍‌କମିଟି ସଦସ୍ୟମାନେ।

- ■ ମନ୍ଦିର ପରିଚାଳନା ସବକମିଟିକୁ ଅଧିକ ସଂଗଠିତ କରାଯିବ
- ■ ପଞ୍ଚାୟତ ପ୍ରତିନିଧି, ସ୍ଥାନୀୟ ଅଧିବାସୀଙ୍କୁ ସାମିଲ କରିବାକୁ ମତ
- ■ ମନ୍ଦିର ପରିସର ସ୍ୱଚ୍ଛତା ପାଇଁ ସାମିଲ ହେବେ ଏସ୍‌ଏଚ୍‌ଜି

## ଫଟୋରେ ଖବର



ବିଶ୍ୱ ଶ୍ରବଣ ବାଧିତ ଦିବସ ଉପଲକ୍ଷେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ ଏକ ରାଲିରେ ସହର ପରିକ୍ରମା କରି ଟାଉନ୍ ହଲକୁ ଯାଉଛନ୍ତି।



ବଲାଙ୍ଗୀର ସାଲେପାଲିର ଜଗବନ୍ଧୁ ବିଶ୍ୱ ଭାରତୀ ଶିକ୍ଷାନିକେତନ କଲେଜ ଛାତ୍ରୀଛାତ୍ରମାନେ ବିଶ୍ୱ ଶ୍ରବଣ ବାଧିତ ଦିବସ ଅବସରରେ ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି। (ଫଟୋ: ସୁନୀଲ)



ହେ ପ୍ରାଣୀ ନିଜ ଆତ୍ମା ସହିତ ଯୁଦ୍ଧ କର। ବାହାର ଲୋକଙ୍କ ସହିତ ଯୁଦ୍ଧକରି କିଛି ଲାଭନାହିଁ। ଦୁଷ୍ଟ ଆତ୍ମା ସମାନ ଯୁଦ୍ଧଯୋଗ୍ୟ ଦ୍ୱିତୀୟ ବସ୍ତୁ ନାହିଁ।
- ମହାବୀର



# ଅପାର ଅଶାନ୍ତ, ଆନ୍ଦୋଳନକୁ ଓହ୍ଲାଇଲେ ଶ୍ରମିକ

**କୋଲାବିରା, ୨୪।୧୦(ଡି.ଏନ୍.ଏ.)**

କୋଲାବିରା ବ୍ଲକ ରଘୁନାଥପାଲି ପଞ୍ଚାୟତ ଅଞ୍ଚଳରେ ଥିବା ଅପାର ଇଣ୍ଡଷ୍ଟ୍ରିରେ ଛଟେଇକୁ ନେଇ ଶ୍ରମିକମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ୪ ଜଣ କର୍ମଚାରୀଙ୍କୁ କମ୍ପାନୀ କର୍ତ୍ତୃପକ୍ଷ ଛଟେଇ କରିବା ଘଟଣାକୁ ନେଇ ଗୁରୁବାର ଶ୍ରମିକମାନେ କାରଖାନା ପରିସରରେ ଧାରଣାରେ ବସିବା ସହ କାର୍ଯ୍ୟ ବନ୍ଦ ରଖିଛନ୍ତି। ଫଳରେ କାରଖାନାର ଉତ୍ପାଦନ ଉପରେ ଏହାର ପ୍ରଭାବ ପଡ଼ିଛି।

ସୂଚନାମତେ ୪ ଜଣ ଶ୍ରମିକଙ୍କୁ କାରଖାନା କର୍ତ୍ତୃପକ୍ଷ କାର୍ଯ୍ୟବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେବା ପରେ ଶ୍ରମିକ ମହଲରେ ଅସନ୍ତୋଷ ଦେଖାଦେଇଥିଲା। କାରଖାନା କର୍ତ୍ତୃପକ୍ଷଙ୍କ ଶ୍ରମିକ ଶୋଷଣ ନୀତି ବିରୁଦ୍ଧରେ ଶ୍ରମିକମାନେ ଏକତ୍ରିତ ହୋଇଥିଲେ। ଏପରିକି ଶ୍ରମିକମାନେ ଏକ ସଂଗଠନ କରିବାକୁ ପ୍ରସ୍ତୁତି କରୁଥିବା ଜାଣି କମ୍ପାନୀ କର୍ତ୍ତୃପକ୍ଷ ଏହାକୁ ଭଣ୍ଡୁର କରିବା ପାଇଁ ଉଦ୍ୟମ କରିଥିଲେ। ଏ ନେଇ ଶ୍ରମିକମାନେ ଜିଲା ଶ୍ରମ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ବୁଧବାର ଏହାର ଶୁଣାଣି କରିବା ପାଇଁ ଶ୍ରମ ବିଭାଗ ଦିନ ଧାର୍ଯ୍ୟ କରିଥିଲେ। ହେଲେ ଶ୍ରମିକମାନେ ଶ୍ରମ ଅଧିକାରୀଙ୍କ ନିକଟରେ ଉପସ୍ଥିତ ହୋଇଥିବାବେଳେ କମ୍ପାନୀ କର୍ତ୍ତୃପକ୍ଷ ଅନୁପସ୍ଥିତ ରହିଥିଲେ ଏବଂ ଏହି ଶ୍ରମିକମାନେ କମ୍ପାନୀର ଅନ୍ୟ ଏକ ଠିକା ସଂସ୍ଥାରେ କାର୍ଯ୍ୟ କରୁଥିବା ନେଇ ପତ୍ର ମାଧ୍ୟମରେ ଶ୍ରମ ଅଧିକାରୀଙ୍କୁ ସୂଚିତ କରିବାରୁ ଶୁଣାଣି ବନ୍ଦ ହୋଇଯାଇଥିଲା। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଗୁରୁବାର ଶ୍ରମିକମାନେ କାରଖାନା ଆଗରେ ଧାରଣାରେ ବସିଛନ୍ତି। ଆନ୍ଦୋଳନକୁ ଭାରତୀୟ ମଜଦୁର ସଂଘ ସଭାପତି ସୁରେନ୍ଦ୍ର ପ୍ରସାଦ ରାୟ, ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ସମର୍ଥନ ଜଣାଇଛନ୍ତି। ଏସ୍‌ଡିପିଓ କୈଳାଶ ଆଚାର୍ଯ୍ୟ ଓ କୋଲାବିରା ଥାନ ଅଧିକାରୀ ସୁକୁମାର ତ୍ରିପାଠୀ ଧାରଣା ସ୍ଥଳରେ ପହଞ୍ଚି ଶ୍ରମିକମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସମାଧାନର ସୂତ୍ର ବାହାରିପାରି ନାହିଁ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ଶ୍ରମିକ ସଂଘ ପକ୍ଷରୁ କୁହାଯାଇଛି। ଗଣ୍ଡଗୋଳ ଆଶଙ୍କା କରି ପୋଲିସ ପକ୍ଷରୁ କାରଖାନା ପରିସରରେ ଅଧିକ ସଂଖ୍ୟାରେ ଫୋର୍ସ



ଶ୍ରମିକମାନେ କମ୍ପାନୀ ଆଗରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରୁଛନ୍ତି।

ମୁତୟନ କରାଯାଇଛି। ପ୍ରକୃତ ଘଟଣା ବିଷୟରେ ଖବର ନେବାକୁ କାର୍ଯ୍ୟରତ ଗଣମାଧ୍ୟମର ପ୍ରତିନିଧିମାନେ କାରଖାନାକୁ ଯାଇଥିଲେ ମଧ୍ୟ ସେମାନଙ୍କୁ କାରଖାନା କର୍ତ୍ତୃପକ୍ଷ ଭିତରକୁ ପ୍ରବେଶ କରିବାକୁ ଦେଇ ନ ଥିଲେ। ଏପରିକି ସେମାନେ ଗଣମାଧ୍ୟମର କୌଣସି ପ୍ରଶ୍ନର ଉତ୍ତର ମଧ୍ୟ ଦେଇ ନ ଥିଲେ।

## ସଂକ୍ଷେପରେ

### ମୋ ସରକାରର ପ୍ରଭାବ
### ଥାନା ଅଧିକାରୀଙ୍କ ନାମରେ ଏତଲା

ବ୍ରଜରାଜନଗର, ୨୪।୧୦ (ଡି.ଏନ.ଏ): ଜାତୀୟ ରାଜପଥ ଏନ୍‌ଏଚ୍ ୪୯ରେ ଥିବା ଟୋଲ୍‌ଗେଟରେ ବିବାଦ ପିଛା ଛାଡୁ ନ ଥିବାବେଳେ ସେଠାରେ ବ୍ରଜରାଜନଗର ଥାନା ଅଧିକାରୀ ସାଦା ପୋଷାକରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ଚୁପ ରହିବାକୁ କହିଥିଲେ। ଅତ୍ୟଧିକ ହୋହଲ୍ଲା ହେବାରୁ ଥାନା ଅଧିକାରୀ ଖରାପ ଭାଷାରେ ଲୋକଙ୍କୁ ଗାଲିଗୁଲଜ୍ କରିଥିଲେ। ଏନେଇ ବୁଢ଼ିପଦର ଗ୍ରାମର ସତ୍ୟପ୍ରକାଶ ସାହୁ ବ୍ରଜରାଜନଗର ଥାନା ଅଧିକାରୀଙ୍କ ବିରୋଧରେ ଗାନ୍ଧୀଛକ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଟୋଲ ଟ୍ୟାକ୍ସ ଆଦାୟ ଏକ ମାସ ନ ପୂରୁଣୁ ବିଭିନ୍ନ ଅଭିଯୋଗ ଆସୁଛି। ଯେଉଁ ଠିକା ସଂସ୍ଥା ହାତରେ ଟୋଲ ଟ୍ୟାକ୍ସ ଆଦାୟ ଭାର ଦିଆଯାଇଛି ସେମାନେ ଦିନକୁ ଦିନ ନୂଆ ନିୟମ କରି ଗାଡ଼ି ବାଲାଙ୍କୁ ହଇରାଣ କରୁଥିବା ଅଭିଯୋଗ ହେଉଛି। ଆଶ୍ଚର୍ଯ୍ୟର କଥା ଟୋଲ ଟ୍ୟାକ୍ସ ଆଦାୟ କରୁଥିବା କର୍ମଚାରୀଙ୍କ ରେକର୍ଡ ଭେରିଫିକେସନ ପୋଲିସ ଏଯାଏଁ କରିନାହିଁ। ଆସନ୍ତାକାଲି ସମସ୍ତଙ୍କ ସାର୍ଟିଫିକେଟ ଯାଞ୍ଚ କରାଯିବ ବୋଲି ଡିଏସ୍‌ପି ପ୍ରକାଶ କରିଛନ୍ତି।

### ଦିନକୁ ଦିନ ବଦଳୁଛି ଟୋଲ୍ ଗେଟ ନିୟମ
### ବ୍ୟବସାୟୀଙ୍କୁ ଟୋଲ୍‌ଗେଟ କର୍ମଚାରୀଙ୍କ ଆକ୍ରମଣ

ବ୍ରଜରାଜନଗର, ୨୪।୧୦ (ଡି.ଏନ୍.ଏ.): ଝାରସୁଗୁଡ଼ା ଜିଲା ଜାତୀୟ ରାଜପଥ ଏନ୍‌ଏଚ୍ ୪୯ ନୂଆଡ଼ିହିଠାରେ ଥିବା ଟୋଲ୍‌ଗେଟରେ ଦିନକୁ ଦିନ ନିୟମ ବଦଳିବାରେ ଲାଗିଛି। ସୂଚନାନୁସାରେ ଗୁରୁବାର ସନ୍ଧ୍ୟାରେ ଝାରସୁଗୁଡ଼ା ଜିଲା ବୁଢ଼ିପଦର ଗ୍ରାମର ନିର୍ମଳ ସାହୁ ତାଙ୍କ କାରରେ ଗାନ୍ଧୀଛକଠାରେ ଥିବା ତାଙ୍କ କପଡ଼ା ଦୋକାନକୁ ଆସୁଥିବାବେଳେ ଟୋଲ୍‌ଗେଟ କର୍ମଚାରୀ ତାଙ୍କୁ ଅଟକାଇ ୧ ତାରିଖରୁ ଲୋକାଲ ଟୋଲ୍ ଟ୍ୟାକ୍ସ ଆଦାୟ ହେବ ବୋଲି କହିଥିଲେ। ପରେ ଏ କଥାକୁ ନେଇ ବଚସା ହେବାପରେ ଟୋଲଗେଟର ୧୨ରୁ ୧୫ର କର୍ମଚାରୀ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଘଟଣା ପ୍ରଚାରିତ ହେବା ପରେ ଅଞ୍ଚଳବାସୀ ଗେଟ ସମ୍ମୁଖକୁ ଆସି ଟୋଲ୍‌ଗେଟ ବନ୍ଦ କରିବାକୁ ଦାବି କରିଥିଲେ। ଏଠାରେ ସରକାରୀ ଟୋଲ୍ ଟ୍ୟାକ୍ସ ନୁହେଁ ପୁରୀ ପଣ୍ଡା ଗୁଣ୍ଡା ଟ୍ୟାକ୍ସ ଆଦାୟ ହେଉଛି ବୋଲି ପ୍ରତିବାଦ କରିଥିଲେ। ନିର୍ମଳ ସିଂ ଫାଣ୍ଡିରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଭୟରେ ଟୋଲ୍‌ଗେଟ କର୍ମଚାରୀ ଗେଟ ଛାଡି ଫେରାର ମାରିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ଗେଟ ଖୋଲା ପଡ଼ିଥିଲା ଏବଂ ଗାଡ଼ିଗୁଡ଼ିକ ବିନା ଟୋଲ୍‌ଫି ଆଦାୟରେ ଚଳାଚଳ କରୁଥିଲା।

## ଦୁଇ ଚୋରଙ୍କୁ କାବୁକଲେ ଗ୍ରାମବାସୀ

**କିର୍ମିରା, ୨୪।୧୦(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଇକେରା ଥାନା ଅନ୍ତର୍ଗତ ଗୌଡ଼ପାନପାଲି ଗ୍ରାମରେ ଥିବା ଏୟାରଟେଲ, ବିଏସ୍‌ଏନ୍‌ଏଲ୍ ଟାୱାରରୁ ଇନ୍‌ଭର୍ଟର ଚୋରି କରୁଥିବା ବେଳେ ଦୁଇ ଚୋରଙ୍କୁ ଗ୍ରାମବାସୀ କାବୁ କରି ପୋଲିସ ଜିମା ଦେଇଛନ୍ତି। ସୂଚନାମତେ ଗୁରୁବାର ଅପରାହ୍ନ ୪ଟା ବେଳେ ଜଣେ ବୟସ୍କ ବ୍ୟକ୍ତିଙ୍କ ସହିତ ଦୁଇଜଣ ଯୁବକ ଓ ଜଣେ ଯୁବତୀ ଗୌଡ଼ପାନପାଲି ଷ୍ଟେଶନ ପଟୁ ପ୍ଲାଷ୍ଟିକ୍ ବୋତଲ ଗୋଟାଇ ଆସୁଥିଲେ। ହେଲେ ସୁଯୋଗ ଦେଖି ଟାୱାରରୁ ଇନ୍‌ଭର୍ଟର ଚୋରି କରିନେଇଥିଲେ। ଏହା ଜାଣିପାରି ଗ୍ରାମବାସୀ ଚୋରଙ୍କୁ ଧରିବା ପାଇଁ ଗୋଡ଼ାଇଥିଲେ। ହେଲେ ସୌଭାଗ୍ୟକ୍ରମେ ବୟସ୍କ ବ୍ୟକ୍ତି ଓ ଯୁବତୀ ଖସି ଯାଇଥିବାବେଳେ ଗ୍ରାମବାସୀ ଦୁଇଜଣ ଯୁବକଙ୍କୁ ଧରିବାରେ ସକ୍ଷମ ହୋଇଥିଲେ। ପରେ ଗ୍ରାମବାସୀ ବାଗଡ଼ିହି ଫାଣ୍ଡିକୁ ଖବର ଦେଇଥିଲେ। ପୂର୍ବରୁ ମଧ୍ୟ ସେହି ଟାୱାରରୁ ବ୍ୟାଟେରି ଚୋରି ହୋଇଥିବାରୁ ଏହି ଚୋର ଦଳ ସେଥିରେ ସଂପୃକ୍ତ ଥିବା ସନ୍ଦେହ କରାଯାଉଛି। ଚୋରି ବିଷୟରେ ଲଇକେରା ଥାନା ଅଧିକାରୀ ପ୍ରବୀର କେଶରୀ ତ୍ରିପାଠୀଙ୍କୁ ପଚରାଯିବାରୁ ଅଭିଯୋଗ ପାଇ ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଥିବା କହିଛନ୍ତି। ଅଭିଯୁକ୍ତ ଦ୍ୱୟଙ୍କ ନାମ ରାଜା ଓ ସାହିଲ ହୋଇଥିବାବେଳେ ସେମାନେ ରାଉରକେଲା ବାସିନ୍ଦା ବୋଲି ଜଣାପଡ଼ିଛି।



ଗ୍ରାମବାସୀଙ୍କ ଦ୍ୱାରା ଧରାପଡ଼ିଥିବା ଦୁଇ ଚୋର।

## ୧.୭୨କୁଇଣ୍ଟାଲ ପଲିଥିନ ଜବତ, ୮୬ହଜାର ଜରିମାନା ଆଦାୟ

**ବିନିକା,୨୪।୧୦(ଡି.ଏନ୍.ଏ.)**

ବିନିକା ସହରର ୧୦ଟି ଦୋକାନରେ ପ୍ରସାଶନ ପକ୍ଷରୁ ଗୁରୁବାର ପଲିଥିନ ବ୍ୟବହାରକୁ ନେଇ ଚଢାଉ ହୋଇଥିଲା। ନୂଆ ବସ୍‌ଷ୍ଟାଣ୍ଡ ପ୍ରଦୀପ ବନସଲ୍‌ଙ୍କ ଗ୍ରୋସରୀ ଓ ପବନ ଅଗ୍ରୱାଲଙ୍କ ଦୋକାନରୁ ବିପଳ ମାତ୍ରାରେ ପଲିଥିନ୍ ଜବତ ହୋଇଛି। ପୂର୍ବାହ୍ନରେ ବିନିକା ଅତିରିକ୍ତ ତହସିଲଦାର ତଥା ନିର୍ବାହୀ ମାଜିଷ୍ଟ୍ରେଟ୍ ରାକେଶ ଅଗ୍ରୱାଲ ଓ ଏନ୍‌ଏସି ନିର୍ବାହୀ ଅଧିକାରୀ ଦୁଃଖିରାମ ନାଏକ, ବିନିକା ପୋଲିସ୍ ଟିମ୍ ଓ ଏନ୍‌ଏସି ସଫେଇ କର୍ମଚାରୀ ମିଳିତଭାବେ ଏହି ଚଢାଉ କରିଥିଲେ । ଏଥିରେ ବିଭିନ୍ନ ଦୋକାନରୁ ସମୁଦାୟ ୧କୁଇଣ୍ଟାଲ ୭୨କେଜି ପଲିଥିନ୍ ଜବତ କରାଯାଇଛି। ପଲିଥିନ୍ ବ୍ୟବହାର କରୁଥିବା ଦୋକାନୀମାନଙ୍କଠାରୁ ୮୬ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

■ହାତୀ ଘଉଡ଼ାଇବାରେ ବନ ବିଭାଗ ବିଫଳ

## ବିଦ୍ୟୁତ୍ କାଟରେ ଅତିଷ୍ଠ ଅଞ୍ଚଳବାସୀ

**କୋଲାବିରା,୨୪।୧୦(ଡି.ଏନ୍.ଏ.)**

କୋଲାବିରା ଅଞ୍ଚଳରେ କିଛିଦିନ ହେଲା ଏକ ଜଂଗଲୀ ହାତୀ ଘୂରିବୁଲୁଛି। ଏ ନେଇ ବନ ବିଭାଗ ପାଖରେ ସୂଚନା ଥିଲେ ମଧ୍ୟ ହାତୀକୁ ଜଙ୍ଗଲ ଭିତରକୁ ଘଉଡ଼େଇବାରେ କୋଲାବିରା ବନ ବିଭାଗ ବିଫଳ ହୋଇଛି। ବନ ବିଭାଗ ହାତୀକୁ ଘଉଡ଼େଇବା ପରିବର୍ତ୍ତେ ବିଦ୍ୟୁତ୍ ବିଭାଗକୁ ଆଦେଶ ଦେଇ କୋଲାବିରା ଅଞ୍ଚଳରୁ ବିଦ୍ୟୁତ୍ କାଟ କରିଛି। ହାତୀକୁ ବିଦ୍ୟୁତ୍ ଆଘାତ ବିପଦ ଥାଉ ନ ଥାଉ ବନ ବିଭାଗ ନିର୍ଦ୍ଦେଶ ଦେଇଛି ମାନେ ତାହା ଅକ୍ଷରେ ଅକ୍ଷରେ ପାଳନ ହେବ। ଲୋକେ ବିଦ୍ୟୁତ୍ ବିଭାଗର ଯନ୍ତ୍ରୀଙ୍କୁ ଏ ସମ୍ପର୍କରେ ପଚାରିଲେ ସେ ଏକ ସରକାରୀ ଚିଠିର ନକଲ ଦେଖାଇ ଲୋକଙ୍କୁ ସନ୍ତୁଷ୍ଟ କରୁଛନ୍ତି। ବୁଧବାର ବିଦ୍ୟୁତ୍ କାଟ ଫଳରେ କୋଲାବିରାବାସୀ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ଭୋର ସମୟରେ ହାତୀ କୋଲାବିରା ବସ୍ତି ମଝି ଦେଇ ପାଇକପଡ଼ା ଜଙ୍ଗଲକୁ ଯାଇଥିଲା। ଏହି ସୂଚନାକୁ ଆଧାରକରି ବନ ବିଭାଗ ବିଦ୍ୟୁତ୍ କାଟ୍ ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲା। ଏପଟେ କୋଲାବିରା ବନ ବିଭାଗର କୌଣସି ଅଧିକାରୀ କୋଲାବିରା ମୁଖ୍ୟାଳୟରେ ରହୁ ନ ଥିବାବେଳେ ତଳିଆ କର୍ମଚାରୀଙ୍କ ଜରିଆରେ କାର୍ଯ୍ୟ ସମ୍ପାଦନ ହେଉଛି। ଏପରିସ୍ଥଳେ ହାତୀର ପ୍ରକୃତ ସ୍ଥିତି ନ ଜାଣି ବନ ବିଭାଗର ଅଧିକାରୀ କିପରି ବିଦ୍ୟୁତ୍ କାଟ ପାଇଁ ନିର୍ଦ୍ଦେଶ ଦେଉଛନ୍ତି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏ ସମ୍ପର୍କରେ କୋଲାବିରା ରେଞ୍ଜର ରାମଚନ୍ଦ୍ର ବେହେରାଙ୍କୁ ପଚାରିବାରୁ କର୍ମଚାରୀଙ୍କ କହିବା ମୁତାବକ ସେ ବିଦ୍ୟୁତ୍ କାଟ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ହେଲେ ବନ ବିଭାଗ ହାତୀକୁ ଘଉଡେଇବା ପରିବର୍ତ୍ତେ ଦୀର୍ଘ ୮ଘଣ୍ଟା ଧରି ଅଞ୍ଚଳର ବିଦ୍ୟୁତ୍ ସରବରାହ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେବା କେତେଦୂର ଯୁକ୍ତିଯୁକ୍ତ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ଡିଏଭି ଜୋନାଲ ସ୍ତରୀୟ ନ୍ୟାଶନାଲ ସ୍ପୋର୍ଟ୍ସ

**ଝାରସୁଗୁଡା ଅଫିସ୍/ଲଖନପୁର,୨୪।୧୦(ଡି.ଏନ୍.ଏ.)**

ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲରେ ଡିଏଭି ଜୋନାଲ ସ୍ତରୀୟ ନ୍ୟାଶନାଲ ସ୍ପୋର୍ଟ୍ସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୋନ୍ ୧ ଓ ଜୋନ୍ ୨ର ସମୁଦାୟ ୩୦ ଡିଏଭି ସ୍କୁଲରୁ ୨୦୧ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେ ମଧ୍ୟରୁ ୬୪ ଛାତ୍ରୀ ଓ ୧୩୩ ଛାତ୍ର ରହିଥିଲେ। ପ୍ରତିଯୋଗିତାରେ କରାଟେ, ଟାଏକୋଣ୍ଡୋ, ଉଷୁ ଆଦି ସ୍ଥାନ ପାଇଥିଲା। ଏହି ଛାତ୍ର ଟାଏକୋଣ୍ଡୋ ପ୍ରତିଯୋଗିତାରେ କଟକ ସିଡିଏ ଡିଏଭି ସ୍କୁଲ ଚାମ୍ପିୟନ୍, ତାଳଚେର ଜଗନ୍ନାଥ ଏରିଆ ଡେରା ଡିଏଭି ସ୍କୁଲ ରନର୍ସ ଅପ୍ ହୋଇଥିଲା। ସେହିପରି ଛାତ୍ର କରାଟେ ପ୍ରତିଯୋଗିତାରେ ରାଉରକେଲା ଡିଏନ୍‌କେ ଡିଏଭି ସ୍କୁଲ ଚାମ୍ପିୟନ ଓ ଝାରସୁଗୁଡ଼ା ଡିଏଭି ରନର୍ସ ଅପ୍ ହୋଇଥିଲା। ଛାତ୍ରୀ କରାଟେ ପ୍ରତିଯୋଗିତାରେ କଟକ ସିଡିଏ ଡିଏଭି ଚାମ୍ପିୟନ ଓ ଝାରସୁଗୁଡା ଡିଏଭି ରନର୍ସ ଅପ୍ ହୋଇଛି। ଏହି ପ୍ରତିଯୋଗିତାକୁ ଓଡ଼ିଶା ଆଥ୍‌ଲେଟିକ୍ ଆସୋସିଏଶନ୍ ସଭାପତି ତଥା ଜିଲା କ୍ରୀଡ଼ା ପରିଷଦର ସାଧାରଣ ସମ୍ପାଦକ ତାପସ ରାୟଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ଶିକ୍ଷାବିତ୍ ଗୌରୀଶଙ୍କର ତିୱାରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ସ୍ଥାନୀୟ ଡିଏଭି ସ୍କୁଲ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡା ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟର ବିଭିନ୍ନ ଡିଏଭି ସ୍କୁଲରୁ ଆସିଥିବା ୧୭ଜଣ ପ୍ରଶିକ୍ଷକ ଏହି ସ୍ପୋର୍ଟ୍ସ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।



ଉଷୁ ପ୍ରତିଯୋଗିତାରେ ୨ ପ୍ରତିଯୋଗୀ।

■ବୁଢ଼ି ଅଞ୍ଚଳ ସଂଗ୍ରାମ ସମିତିର ଆନ୍ଦୋଳନ ଜାରି

## ୪ରେ ଲଖନପୁର ତହସିଲରେ ଗଣଧାରଣା

**ଲଖନପୁର,୨୪।୧୦(ଡି.ଏନ୍.ଏ.)**

ହୀରାକୁଦ ବିସ୍ଥାପିତଙ୍କ ସମସ୍ୟାକୁ ଇତି ମଧ୍ୟରେ ୬ ଦଶନ୍ଧିରୁ ଊର୍ଦ୍ଧ୍ୱ ହେଲାଣି। ଏହି ନଦୀବନ୍ଧ ଯୋଜନାରେ ୨୬ହଜାର ୫୦୧ ପରିବାର ବିସ୍ଥାପିତ ହୋଇଥିଲେ। ହେଲେ ଏପର୍ଯ୍ୟନ୍ତ ସମସ୍ତ ବିସ୍ଥାପିତ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଓ ଥଇଥାନ ସୁବିଧା ମିଳିପାରି ନାହିଁ। ଏନେଇ ସରକାର ଅନେକ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ହେଲେ ବାସ୍ତବରେ ବିସ୍ଥାପିତଙ୍କ ଦୁଃଖ ସରିନି। ଏନେଇ ହୀରାକୁଦ ବୁଡି ଅଞ୍ଚଳ ସଂଗ୍ରାମ ସମିତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଲଢ଼େଇ ଜାରି ରଖିଛି। ସମିତି ତରଫରୁ ଆସନ୍ତା ୪ ତାରିଖରେ ଲଖନପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଗଣଧାରଣା ଦିଆଯିବ। ଏନେଇ ସମିତି ତରଫରୁ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଏଥିରେ ସଭାପତି ବାସୁଦେବ ଭୋଇ, ସମ୍ପାଦକ ଗୋପୀନାଥ ମାଝି, ବିରଞ୍ଚି ସାହୁ, ସହସମ୍ପାଦକ ଦ୍ୱାରିକା ପ୍ରସାଦ ସା, ସୁରେନ୍ଦ୍ର ବଘାର, ହୀରାଲାଲ୍ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାର ଗତ ୨୦୦୨ମସିହା ଜାନୁୟାରୀ ୩୦ତାରିଖ ପତ୍ରସଂଖ୍ୟା ୫୫୩୩ରେ ନଦୀବନ୍ଧ ଯୋଜନାରେ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ପରିବାଙ୍କୁ ୧୦ ଡେସିମିଲ ଘରଡିହ ଜମିପଟ୍ଟା ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ। ଏନେଇ ଝାରସୁଗୁଡ଼ା ଓ ଲଖନପୁର ତହସିଲରେ ଜିଲାର ୭ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତିଗତ ଦରଖାସ୍ତ କରି ନିରାଶ ହୋଇଛନ୍ତି। ହେଲେ ସରକାରଙ୍କ ଏହି ଘୋଷଣାରେ ସମ୍ବଲପୁର ଜିଲାର ରେଙ୍ଗାଲି ଓ ଜମନକିରା ତହସିଲର ବହୁପରିବାରକୁ ୧୦ ଡେସିମିଲ ପଟ୍ଟା ପ୍ରଦାନ କରାଯାଇଛି। ସେହିପରି ଜଳଭଣ୍ଡାର ଉପକଣ୍ଠରେ ଥିବା ୩୪ ଅଣରାଜସ୍ୱ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କରିବା ପାଇଁ ସରକାର ନୀତିଗତ ଭାବେ ନିଷ୍ପତ୍ତି ନେଇଛନ୍ତି। ମାତ୍ର ୬ ଗ୍ରାମକୁ ସରକାର ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କରିଛନ୍ତି। ଫଳରେ ଅବଶିଷ୍ଟ ଗ୍ରାମବାସୀ ଜାତିଗତ, ବାସିନ୍ଦା ପ୍ରମାଣପତ୍ର, କିଷାନ କ୍ରେଡିଟ୍ କାର୍ଡ, ବିଜୁ ପକ୍କାଘର ଆଦି ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ବିଧାନସଭା ପ୍ରଶ୍ନୋତ୍ତର ଅନୁସାରେ ୯ହଜାର ୯୧୩ ପରିବାରଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇନାହିଁ ବୋଲି କୁହାଯାଇଥିଲା । ୧୯୮୩ ମସିହାରେ ୩ ହଜାର ୫୪୦ପରିବାରଙ୍କ ତାଲିକା ପ୍ରସ୍ତୁତ କରାଯାଇ ପ୍ରତି ପରିବାରକୁ ଏକର ପ୍ରତି ୧୦ ହଜାର ଟଙ୍କା ଲେଖାଏ କ୍ଷତିପୂରଣ ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ହେଲେ ଏପର୍ଯ୍ୟନ୍ତ ୧ହଜାର ୭୭୫ପରିବାରଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇନାହିଁ। ଏଥିରେ ଝାଙ୍କର, ଚୌକିଦାର, ଗଉଡ଼ ଆଦି ୩୨୦ପରିବାର ରହିଛନ୍ତି। ଏହା ସହିତ ୬ହଜାର ୩୭୩ପରିବାର ଅନୁକମ୍ପା ମୂଳକ କ୍ଷତିପୂରଣ ପାଇବାରୁ ବଞ୍ଚିତ ରହିଛନ୍ତି। ଫଳରେ ୧୩ହଜାର ୪୭୦ପରିବାରଙ୍କୁ ବକେୟା କ୍ଷତିପୂରଣ ବର୍ତ୍ତମାନ ବଜାର ମୂଲ୍ୟରେ ପ୍ରଦାନ କରିବା ପାଇଁ ସଂଗ୍ରାମ ସମିତି ଦାବି କରିଛି।





ଖବରଦାତା ସମ୍ମିଳନୀରେ ଉପସ୍ଥିତ ସଂଗ୍ରାମ ସମିତିର କର୍ମକର୍ତ୍ତା।

## ସୁବର୍ଣ୍ଣପୁର ଜିଲା ପ୍ରଶାସନ ପୁରସ୍କୃତ

**ସୋନପୁର,୨୪।୧୦(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ପ୍ରଶାସନ ବାଲ୍ୟ ବିବାହ ରୋକିବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରି ରାଜ୍ୟସ୍ତରରେ ପୁରସ୍କୃତ ହୋଇଛି। ବର୍ତ୍ତମାନର ଜିଲାପାଳ ମୋନିଷା ବାନାର୍ଜୀ ଓ ପ୍ରାକ୍ତନ ଜିଲାପାଳଙ୍କ ଉଦ୍ୟମକ୍ରମେ ପ୍ରଶାସନ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା, ବାଲ୍ୟ ବିବାହ ନ କରିବା ତଥା ଏହାକୁ ପ୍ରୋତ୍ସାହିତ ନ କରିବା ପାଇଁ ଶପଥ ପାଠ କରାଇବା, ବିଭିନ୍ନ ବିଭାଗ ସହିତ ଯୋଗାଯୋଗ ଏବଂ ସମନ୍ୱୟ ରକ୍ଷା କରି ସମୂହ ଜନଜାଗରଣ ସୃଷ୍ଟି କରିପାରିଛି । ଫଳସ୍ୱରୂପ ଗୁରୁବାର ରାଜ୍ୟସ୍ତରରେ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ମିଶନ ଶକ୍ତି ବିଭାଗ ପକ୍ଷରୁ ଭୁବନେଶ୍ୱରରେ ଅନୁଷ୍ଠିତ ଏକଦିବସୀୟ ସମ୍ମିଳନୀରେ ଜିଲା ପ୍ରଶାସନ ତରଫରୁ ଜିଲା ସମାଜ ମଙ୍ଗଳ ଅଧିକାରୀ ଆସ୍ରେରିଆ କେର୍କେଟା ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁଙ୍କଠାରୁ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଛନ୍ତି। ବିଭାଗୀୟ ପ୍ରଧାନ ସଚିବ ଅନୁ ଗର୍ଗ ଓ ୟୁନିସେଫ୍‌ର କର୍ମକର୍ତ୍ତା ଏହି ଅବସରରେ ଉପସ୍ଥିତ ଥିଲେ ।

## କ୍ଲଷ୍ଟରସ୍ତରୀୟ ସୁରଭି: ୧୬୪ଛାତ୍ରୀଛାତ୍ରଙ୍କ ଅଂଶଗ୍ରହଣ

**ଉଲୁଣ୍ଡା, ୨୪।୧୦(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପଞ୍ଚମହଲା ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଡିଡିମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟରସ୍ତରୀୟ ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ନାଗେଶ୍ୱର ବାଘଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଉଲୁଣ୍ଡା ଏବିଇଓ ସନ୍ତୋଷ କୁମାର ରଥ ମୁଖ୍ୟଅତିଥି, ସାମାଜିକ କର୍ମୀ ସଞ୍ଜୀବ କୁମାର ପାଣିଗ୍ରାହୀ, ବରିଷ୍ଠ ଶିକ୍ଷକ ଭୁବନେଶ୍ୱର ପଣ୍ଡା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା, ସାଧାରଣଜ୍ଞାନ, ସଙ୍ଗୀତ, ଦଳଗତ ନୃତ୍ୟ, ପ୍ରବନ୍ଧ, ବିତର୍କ, ସୁନ୍ଦର ହସ୍ତାକ୍ଷର, ସୃଜନଶିଳ ଲିଖନ, ଚିତ୍ରାଙ୍କନ ପ୍ରଭୃତି ପ୍ରତିଯୋଗୀତାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୧୬୪ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ନୂତନ ପ୍ରଭା ପଣ୍ଡା, ଶିବାନୀ ଭୋଇ, ଅନନ୍ତ ମେସୁଆ, ଦୟାମୟ ସାହୁ, ଦଳଗତ ନୃତ୍ୟରେ ଗୌଡଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆୟୋଜିତ ପ୍ରତିଯୋଗୀତାମାନଙ୍କରେ ପ୍ରଥମ ସ୍ଥାନ ଅଧିକାର କରି ବ୍ଲକସ୍ତରକୁ ମନୋନୀତ ହୋଇଥିଲେ।

# ଲଗାଣ ବର୍ଷାରେ ଷ୍ଟିଲ୍‌ସିଟି ଜଳମଗ୍ନ

■ସାଧାରଣ ଜୀବନଯାତ୍ରା ଅଚଳ
■ରାସ୍ତା ଉପରେ ଆଣ୍ଠୁଏ ପାଣି
■ବସ୍ତି ଅଞ୍ଚଳରେ ନାହିଁ ନ ଥିବା ପରିସ୍ଥିତି

ରାଉରକେଲା ଅଫିସ,୨୪। ୧୦

ଷ୍ଟିଲସିଟିରେ ଲଗାଣ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ବୁଧବାର ସନ୍ଧ୍ୟାରୁ ଆରମ୍ଭ ହୋଇଥିବା ବର୍ଷା ଛାଡିବାର ନାଁ ନେଉନି। ଏମିତି ଅବସ୍ଥାରେ ଚଳଚଞ୍ଚଳ ଷ୍ଟିଲ୍ ସିଟି ଖାଁ ଖାଁ ହୋଇପଡିଛି। ବିଭିନ୍ନ ଟାଉନଶିପ୍ ସମେତ ରିଂ ରୋଡ ଶୂନଶାନ ରହିଥିଲା। କାଁ ଭାଁ ଗାଡିମୋଟର ଚଳାଚଳ କରୁଥିବା ନଜରକୁ ଆସିଥିଲା। ବ୍ୟସ୍ତ ବହୁଳ ଡେଲି ମାର୍କେଟ, ଟ୍ରାଫିକ ମାର୍କେଟ ଓ ଆମ୍ ବାଗାନ ଆଦି ଅଞ୍ଚଳ ଦିନମାନ ଫାଙ୍କା ପଡିଥିଲା। ବଜାରରେ ପୂର୍ବ ଗହଳଚହଳ ନ ଥିଲା। ଜରୁରୀ କାମକୁ ଛାଡିଦେଲେ ଅନ୍ୟାମାନେ ଘରୁ ବାହାରି ନ ଥିଲେ। ସ୍କୁଲ କଲେଜ ଆଦି ବିଭିନ୍ନ ଶିକ୍ଷାନୁଷ୍ଠାନରେ ଉପସ୍ଥାନ କମ୍ ରହିଥିଲା। କୋମଳମତି ଛାତ୍ରୀଛାତ୍ର ବିଦ୍ୟାଳୟ ଆସିପାରି ନ ଥିଲେ। ଉଦିତନଗରରେ ରହିଥିବା ବିଭିନ୍ନ ସରକାରୀ ଦପ୍ତର ସମେତ କୋର୍ଟ, କଚେରିରେ ପୂର୍ବ ଭିଡ ନ ଥିଲା। ଚାରିଆଡେ ଏକ ପ୍ରକାର ମାନ୍ଦାବସ୍ଥା ଲାଗି ରହିଥିଲା। ସହରର ମଧୁସୂଦନ ମାର୍ଗଠାରୁ ଉଦିତନଗର ଆମ୍ବେଡ୍‌କର ଛକ ପର୍ଯ୍ୟନ୍ତ ଦୋକାନ ବଜାର ଖୋଲା ରହିଥିବା ବେଳେ ଗ୍ରାହକଙ୍କ ଦେଖା ମିଳି ନ ଥିଲା। ଦିନ ଭରି ଡୁହାକୁ ଡୁହା ବର୍ଷା ଲାଗିରହିବା ଫଳରେ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା। ଆରଏସ୍‌ପି ସମେତ ବିଭିନ୍ନ କଳକାରଖାନା ଓ କର୍ପୋରେଟ କାର୍ଯ୍ୟାଳୟରେ କାମ କରୁଥିବା କର୍ମଚାରୀ ସଂଖ୍ୟା କମିଥିଲା। ଉପଯୁକ୍ତ ସମୟରେ ଅଫିସ ଆସି ନ ପାରି ସମସ୍ୟାର ସମ୍ମୁଖୀନ ହୋଇଥିଲେ ସେମାନେ। ଏମିତି ଅବସ୍ଥାରେ ପନିପରିବା ଦର ହଠାତ୍ ବୃଦ୍ଧି ପାଇଥିବା ଖବର ମିଳିଛି। ଗତକାଲିର ଦରଠାରୁ ଆଜିର ଦର ପ୍ରାୟ ୧୦ ଟଙ୍କା ଅଧିକ ରହିଛି। ବର୍ଷା ନ କମିଲେ ଶୁକ୍ରବାର ପନିପରିବା ଦର ଅଧିକ ହେବାର ସମ୍ଭାବନା ସୃଷ୍ଟି ରହିଛି। ଲଗାଣ ବର୍ଷା ଯୋଗୁ ସହର ତଳି ବସ୍ତି ବାସିନ୍ଦାଙ୍କ ଜୀବନ ଦୁର୍ବିଷହ ହୋଇଛି। ବିଶେଷ କରି କଚା ଘର ଓ ପଲିଥିନ ଢଙ୍କା ଘରେ ବସବାସ କରୁଥିବା ଗରିବ ପରିବାର ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଖାଲୁଆ ଅଞ୍ଚଳରେ ପାଣି ଜମିବା ସହ କର୍ଦ୍ଦମାକ୍ତ ଅବସ୍ଥା ସୃଷ୍ଟି ହୋଇଛି। ଝୁମ୍ପୁଡି ବାସିନ୍ଦାଙ୍କ ଜୀବନଯାତ୍ରା ବିଶେଷ ପ୍ରଭାବିତ ହୋଇଛି। ଅନେକ ଅଂଚଳରେ ବିଜୁଳି ସରବରାହ ବ୍ୟାହତ ଯୋଗୁ ବସ୍ତି ତଥା କଲୋନୀ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏହି ଲଗାଣ ବର୍ଷା ଶୁକ୍ରବାର ଯାଏ ଲାଗି ରହିଲେ ଅନେକ ଅଞ୍ଚଳରେ ପରିସ୍ଥିତି ଜଟିଳ ହେବା ଆଶଙ୍କା କରାଯାଉଛି।


ଲଗାଣ ବର୍ଷାରେ ରାଉରକେଲା ମୁଖ୍ୟରାସ୍ତାରେ ଜମି ରହିଥିବା ପାଣି।

## ସଂକ୍ଷେପରେ

### ଶ୍ରମିକ,କର୍ମଚାରୀଙ୍କ ଦାବି ପୂରଣ ପାଇଁ ଗୁରୁତ୍ୱାରୋପ

ରାଉରକେଲା ଅଫିସ,୨୪।୧୦

ଶ୍ରମିକ,କର୍ମଚାରୀଙ୍କ ଦାବି ପୂରଣ ପାଇଁ ରାଉରକେଲା ଶ୍ରମିକ ସଂଘ (ଆରଏସ୍ଏସ୍) ଗୁରୁତ୍ୱାରୋପ କରିଛି। ଏ ସଂକ୍ରାନ୍ତରେ ଆରଏସ୍‌ପି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସଂଘ ଦାବି କରିଛନ୍ତି। ସଂଘ ଦର୍ଶାଇଛନ୍ତି ଯେ, ୧୯୫୯ରେ ରାଉରକେଲା ଇସ୍ପାତ୍ କାରଖାନାରୁ ପ୍ରଥମ ଉତ୍ପାଦନ ଆରମ୍ଭ ହୋଇଥିଲା। ସେତେବେଳେ ଏହାର ଉତ୍ପାଦନ କ୍ଷମତା ୧ ମିଲିୟନ ଟନ୍‌ରୁ ୧.୨ ମିଲିୟମ ଟନ ରହିଥିଲା। କାରଖାନାରେ ପ୍ରତ୍ୟକ୍ଷ ଭାବେ ସେତେବେଳେ ୪୦ ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀ କାମ କରୁଥିଲେ। ସେ ସମୟର ସ୍ୱୀକୃତିପ୍ରାପ୍ତ ୟୁନିୟନ ଚୁକ୍ତିନାମା ଅନୁଯାୟୀ ଇନସେଣ୍ଟିଭ ରିୱାର୍ଡ ପ୍ରଦାନ କରାଯାଉଥିଲା। ୧୯୯୬ରେ କାରଖାନାର ଉତ୍ପାଦନ କ୍ଷମତା ୨ ମିଲିୟନ ଟନ୍‌କୁ ବୃଦ୍ଧି ପାଇଲା। ସେ ସମୟରେ ଶ୍ରମିକ କର୍ମଚାରୀ ସଂଖ୍ୟା ୨୫ ହଜାରକୁ ହ୍ରାସ ପାଇଲା। ଏହି ସମୟରେ ସ୍ୱୀକୃତିପ୍ରାପ୍ତ ୟୁନିୟନ ସହଯୋଗରେ ଯେଉଁ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା ତାହା ଦ୍ୱାରା ଇନସେଣ୍ଟିଭ, ରିୱାର୍ଡ କ୍ଷେତ୍ରରେ ୪୦ରୁ ୫୦ ପ୍ରତିଶତ ବୃଦ୍ଧି ପାଇଥିଲା। ଏଥିସହ ଅନ୍ୟ କେତେକ ବିଭାଗର କର୍ମଚାରୀ ଉପକୃତ ହେଉଥିଲେ। ମୋଟାମୋଟି ଆର୍ଥିକ ସୁବିଧା ପାଉଥିବା କର୍ମଚାରି ଖୁସି ଥିଲେ। ଆରଏସ୍‌ପି ଆଧୁନିକୀକରଣ ପରେ ଉତ୍ପାଦନ କ୍ଷମତା ୪. ୫ ମିଲିୟନ ଟନକୁ ବୃଦ୍ଧି ପାଇଛି। ଶ୍ରମିକ କର୍ମଚାରୀ ସଂଖ୍ୟା ହ୍ରାସ ପାଇଛି। ସୀମିତ କର୍ମଚାରୀଙ୍କୁ ନେଇ କାରଖାନା ଲାଭ କରୁଛି। ଇତିମଧ୍ୟରେ ବହୁ କର୍ମଚାରି ଅବସର ନେବା ପରେ ନୂତନ ନିଯୁକ୍ତି ଦିଆଯାଇନି। ସୀମିତ ଶ୍ରମ ଶକ୍ତି ବଳରେ ଉତ୍ପାଦନ, ଉତ୍ପାଦକତା, ଶକ୍ତି ସଂରକ୍ଷଣ, ମେଣ୍ଟେନାନ୍ସ ଓ ସୃଜନାତ୍ମକ କର୍ମରେ ଅନେକ ଉତ୍କର୍ଷତା ହାସଲ କରାଯାଇ ପାରିଛି। ଆର୍ଥିକ ଲାଭ ସହ ନୂତନ କୀର୍ତ୍ତିମାନ ସ୍ଥାପନ ହୋଇପାରିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ସେଲର ନିଟ୍ ଆର୍ଥିକ ଲାଭ ପ୍ରାୟ ୨୦୦୦ କୋଟି ଟଙ୍କା ଟପିଛି ବୋଲି ୟୁନିୟନ ଦାବି କରିଛି। ଏପରି ସ୍ଥିତିରେ କର୍ମଚାରିଙ୍କ ସୁଖ ସୁବିଧା କାଣ୍ଟଛାଣ୍ଟ କରିବା ଶୋଭା ପାଉନି ବୋଲି ଆରଏସ୍ଏସ୍ ପକ୍ଷରୁ କୁହାଯାଇଛି। ତୁରନ୍ତ ଏନେଇ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ୟୁନିୟନ ଦାବି କରିଛି। ଇନସେଣ୍ଟିଭ ରିୱାର୍ଡ ପ୍ରଦାନ ନେଇ ପଦକ୍ଷେପ ନିଆଯିବା ଉପରେ ଶ୍ରମିକ ସଂଘ ଗୁରୁତ୍ୱାରୋପ କରିଛି।

## ସିଆଇଟିୟୁ କର୍ମକର୍ତ୍ତା ମଣ୍ଡଳୀ ବୈଠକ

# ଦାବି ହାସଲ ପାଇଁ ଏକ ହେବାକୁ ଆହ୍ୱାନ

ରାଉରକେଲା ଅଫିସ, ୨୪।୧୦

ସେକ୍ଟର-୧୬ସ୍ଥିତ ଶ୍ରମିକ ଭବନଠାରେ ସିଆଇଟିୟୁ ୟୁନିୟନ ସଭାପତି ବିଷ୍ଣୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ କର୍ମକର୍ତ୍ତା ମଣ୍ଡଳୀର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଦାବି ହାସଲ ପାଇଁ ଏକ ହେବାକୁ ସିଆଇଟିୟୁ ଶ୍ରମିକମାନଙ୍କୁ ଆହ୍ୱାନ କରିଛି।

ବୈଠକରେ ଉଦ୍‌ବୋଧନ ଦେଇ ସଭାପତି ମହାନ୍ତି କହିଛନ୍ତି, ଇସ୍ପାତ୍ ଶ୍ରମିକମାନଙ୍କ ନୂତନ ମଜୁରି ଚୁକ୍ତିନାମା ପାଇଁ ୨ ବର୍ଷ ୧୦ ମାସ ବିତିଗଲାଣି। ମାତ୍ର ଆଜି ଯାଏ ମଜୁରି ଚୁକ୍ତିନାମା କରାଯାଉନାହିଁ। କାରଖାନା କର୍ତ୍ତୃପକ୍ଷ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ କୌଣସି ଫଳପ୍ରଦ ବୈଠକ କରୁ ନାହାନ୍ତି କି ରାଜିନାମାରେ ସ୍ୱାକ୍ଷରିତ ହୋଇଥିବା ପେନସନ ସ୍କିମକୁ କାର୍ଯ୍ୟକାରୀ କରୁନାହାନ୍ତି। ସରକାରଙ୍କ ଇଙ୍ଗିତରେ ଇସ୍ପାତ୍ ଶ୍ରମିକମାନଙ୍କୁ ସେମାନଙ୍କ ନ୍ୟାଯ୍ୟ ପ୍ରାପ୍ୟରୁ ବଞ୍ଚିତ କରିବା ପାଇଁ ସମସ୍ତ ଚେଷ୍ଟା ଚଳାଇଛନ୍ତି। ସେଲ ପେନସନ ସ୍କିମ କାର୍ଯ୍ୟକାରୀ ନ ହେବା ପାଇଁ ବିଏମ୍ଏସ୍ ସମ୍ପୂର୍ଣ୍ଣ ରୂପେ ଦାୟୀ ବୋଲି ସେ ଅଭିଯୋଗ କରି କହିଛନ୍ତି। କ୍ଲଷ୍ଟର ଡି ର ଉଚ୍ଛେଦ କରି କ୍ଲଷ୍ଟର ସି'ରେ ଥିବା ଶ୍ରମିକମାନଙ୍କୁ ୩ବର୍ଷିଆ ପଦୋନ୍ନତିରୁ ବଞ୍ଚିତ କରାଯାଇଛି। ସ୍ୱାସ୍ଥ୍ୟସେବାରେ ସର୍ବନିମ୍ନ ସୁବିଧା ମିଳୁନାହିଁ। ଶ୍ରମିକଙ୍କ ପିଲାଙ୍କ ପାଇଁ ଶିକ୍ଷା ବ୍ୟବସ୍ଥା ନାହିଁ। ଶ୍ରମିକମାନେ ରହିଥିବା ଘରର ରକ୍ଷଣାବେକ୍ଷଣ ହେଉନାହିଁ। ଏହାସହ ଏସ-୧ ଓ ଏସ-୩ର ଅପଗ୍ରେଡେଶନ ପାଇଁ ଅନ୍ୟମାନଙ୍କୁ ଦାୟୀ କରାଯାଉଥିବା ସେ ଅଭିଯୋଗ କରିଥିଲେ।

ଉକ୍ତ ବୈଠକରେ ସାଧାରଣ ସମ୍ପାଦକ ବସନ୍ତ ନାୟକ କୋଲ, ଏନ୍‌ଟିପିସି, ନାଲ୍‌କୋ ପୋର୍ଟ କ୍ଷେତ୍ରରେ ନୂତନ ମଜୁରୀ ଚୁକ୍ତି ହୋଇ ସାରିଥିବା ସୂଚନା ଦେଇ ରାଉରକେଲା ଇସ୍ପାତ ଶ୍ରମିକ ବିଏମ୍ଏସ୍ କଥାରେ ପ୍ରଭାବିତ ନ ହୋଇ ନିଜର ଦାବି ହାସଲ ପାଇଁ ପ୍ରସ୍ତୁତ ହେବାକୁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ତ ବେହେରା, ସି.ମିଞ୍ଜ, ସୁରେନ୍ଦ୍ର ମହାନ୍ତି, ପି.ସି.ପ୍ରଧାନ, ପୀତାମ୍ବର ବେହେରା, ଏନ.ସି. ପାତ୍ର, ଜେ.କେ.ସାହୁ, କୁଳମଣି ରାଉତ ପ୍ରମୁଖ ବିଭିନ୍ନ ବିଭାଗୀୟ ଅଭାବ ଅସୁବିଧା ସମ୍ପର୍କରେ ମତ ରଖିଥିଲେ।

# ଉତ୍କଳ କରାଟେ ସ୍କୁଲ ବେଲ୍ଟ ପରୀକ୍ଷା



କରାଟେ ବେଲ୍ଟ ପରୀକ୍ଷାରେ କୃତୀ ପ୍ରତିଯୋଗୀଙ୍କ ସହ ପ୍ରଶିକ୍ଷକମାନେ।

ରାଉରକେଲା ଅଫିସ, ୨୪।୧୦

ଉତ୍କଳ କରାଟେ ସ୍କୁଲ ରାଉରକେଲା ଶାଖାର ବେଲ୍ଟ ପରୀକ୍ଷା ଗତ ସୋମବାର ଛେଣ୍ଡ କଲୋନୀସ୍ଥିତ କଳିଙ୍ଗ ବିହାର ସାଂସ୍କୃତିକ ପରିଷଦ ହଲରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ତଥା କରାଟେ ଆସୋସିଏଶନ ଅଫ ଇଣ୍ଡିଆ (କାଇ)ର ଟେକନିକାଲ ଡାଇରେକ୍ଟର ତଥା ଉପସଭାପତି ଡ. ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଉତ୍କଳ କରାଟେ ସ୍କୁଲ ରାଉରକେଲା ଶାଖାର ଛେଣ୍ଡ, ବାସନ୍ତୀ କଲୋନୀ, ସେକ୍ଟର-୨, ଆରନୋଲ୍ଡ ସ୍କୁଲ, ଚିନ୍ମୟ ଇଂଲିଶ ମାଧ୍ୟମ ବିଦ୍ୟାଳୟର କରାଟେ ଶିକ୍ଷାର୍ଥୀ ଏହି ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୫୩ ଜଣ ୟେଲୋ, ୩୦ ଅରେଞ୍ଜ, ୧୨ ଗ୍ରୀନ, ୧୫ ବ୍ଲ୍ୟୁ, ୬ ବ୍ରାଉନ(୩), ୭ ବ୍ରାଉନ (୨) ଓ ୬ ବ୍ରାଉନ(୧) ସହ ମୋଟ ୧୩୨ ଜଣ କରାଟେକା ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଡ. ପଟ୍ଟନାୟକଙ୍କଠାରୁ ବେଲ୍ଟ ଗ୍ରହଣ କରିଛନ୍ତି। ଏହି ଅବସରରେ ଡ. ପଟ୍ଟନାୟକ କରାଟେ ଶିକ୍ଷାର୍ଥୀଙ୍କୁ ନାନା କୌଶଳ ସହ ଫିଟନେସ ଓ ଏକାଗ୍ରତା ବୃଦ୍ଧି କରିବା ଉପରେ ପରାମର୍ଶ ଦେଇଥିଲେ। ଉତ୍କଳ କରାଟେ ସ୍କୁଲ ବାଲୁଗାଁର ପ୍ରଶିକ୍ଷକ ଅନ୍ତର୍ଜାତୀୟ ପଦକପ୍ରାପ୍ତ ସେନସାଇ ଦୀପକ ସାମନ୍ତରାୟ ପରୀକ୍ଷା ପରିଚାଳନା କରିଥିଲେ। ରାଉରକେଲା ଶାଖାର ଅଭିଷେକ ପଟ୍ଟନାୟକ, ରଞ୍ଜନ ପାତ୍ର, ସ୍ୱାଗତିକା ସାହୁ, ଅର୍ପିତା ସିଂ, ମୋନାଲିସା ମିଶ୍ର ପ୍ରମୁଖ ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ। ଭୁବନେଶ୍ୱରରୁ ଆସିଥିବା ହିମାଂଶୁ ଦାସ ବିଶେଷ ଅତିଥି ରୂପେ ଯୋଗଦେଇଥିଲେ।

**୧୩୨ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ**

# ଉଦିତନଗର କ୍ଲଷ୍ଟର ପକ୍ଷରୁ ସୁରଭି

ରାଉରକେଲା ଅଫିସ, ୨୪। ୧୦

ଉଦିତନଗର ସରକାରୀ ବିଦ୍ୟାଳୟଠାରେ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ଏହାକୁ କ୍ଲଷ୍ଟର ସିଆରସିସି ବିଜୟ ସାମଲ ସଂଯୋଜନା କରିଥିଲେ। ଏଥିରେ ବିଶ୍ରା ବ୍ଲକ ଏବିଇଓ ଶରତ ପାଢୀ ମୁଖ୍ୟ ଅତିଥି, ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶକୁନ୍ତଳା କିଷାନ ଓ ଟାଉନ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସେବତୀ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ରୂପେ ସତ୍ୟାନନ୍ଦ ବେହେରା ଯୋଗ ଦେଇଥିଲେ। ଆଭା ଅନ୍ୱେଷା ସଭାପତି ଏଥିରେ ସମ୍ମାନିତ ବକ୍ତା ରୂପେ ଉପସ୍ଥିତ ଥିଲେ। ଏହି ଅବସରରେ ସୁରଭି କାର୍ଯ୍ୟକ୍ରମର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ଅନ୍ୟ ନିମନ୍ତ୍ରିତ ଅତିଥି ଉପସ୍ଥିତ ଥିଲେ।



ସୁରଭି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

# ପଶୁ କଲ୍ୟାଣ ସଙ୍ଗଠନ ପକ୍ଷରୁ ସଚେତନତା

■କ୍ୱାକ୍‌ଙ୍କ ପାଖରେ ପଶୁପକ୍ଷୀଙ୍କ ଚିକିତ୍ସା ବିପଦକୁ ଆମନ୍ତ୍ରଣ କରିବ

ରାଉରକେଲା ଅଫିସ,୨୪। ୧୦

ଷ୍ଟିଲସିଟିର ଗୃହପାଳିତ ପଶୁପକ୍ଷୀଙ୍କ ଲାଳନପାଳନ ଉପରେ ବିଶେଷ ଧ୍ୟାନ ଦେବାକୁ ପଶୁ କଲ୍ୟାଣ ସଙ୍ଗଠନ ଆର୍ମି ପକ୍ଷରୁ ସଚେତନତା ସୃଷ୍ଟି କରାଯାଉଛି। ଏନେଇ ଅନୁଷ୍ଠାନ କର୍ମକର୍ତ୍ତା ସଂଗ୍ରାମ ପରିଡା କହିଛନ୍ତି, ଗୃହପାଳିତ ପଶୁପକ୍ଷୀଙ୍କୁ କେବଳ ପ୍ରାଣୀ ଚିକିତ୍ସକ(ସ୍ୱୀକୃତିପ୍ରାପ୍ତ) ଚିକିତ୍ସା କରିବା ଆବଶ୍ୟକ। ଅନ୍ୟଥା ଏହା ବିପଦକୁ ଅମନ୍ତ୍ରଣ କରିବ। ଆଜିକାଲି ବିଭିନ୍ନ ଅଞ୍ଚଳରେ କ୍ୱାକ୍‌ମାନେ ଚିକିତ୍ସା କେନ୍ଦ୍ର ଖୋଲି ପଶୁପକ୍ଷୀଙ୍କୁ ଚିକିତ୍ସା କରୁଛନ୍ତି। ଏହି କାରଣରୁ ଅନେକ ଗୋରୁ, ମଇଁଷି, ଛେଳି ମେଣ୍ଢା ସହ କୁକୁଡା ବତକ ଆଦି ମରୁଛନ୍ତି। ଉପଯୁକ୍ତ ନିଦାନ ଜାଣି ନ ଥିବା କ୍ୱାକ୍ ଗୃହପାଳିତ କୁକୁର, ବିଲେଇ, ମୂଷା ଆଦିଙ୍କ ଚିକିତ୍ସା କରୁଛନ୍ତି। ଏ କ୍ଷେତ୍ରରେ ସେମାନେ ଗୁରୁତର ତ୍ରୁଟି କରୁଛନ୍ତି। ଏମିତି ଅବସ୍ଥାରେ କେବଳ ଭେଟିରିନାରୀ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା କରାଇବାକୁ ପରିଡା ପରାମର୍ଶ ଦେଇଛନ୍ତି। ଆମ୍ବୁଲାନ୍ସ ଦ୍ୱାରା ଗୃହପାଳିତ ପଶୁପକ୍ଷୀଙ୍କୁ ଡାକ୍ତରଖାନା ଅଣାଯିବା ବ୍ୟବସ୍ଥା କରିବାକୁ ସେ ଦାବି କରିଛନ୍ତି।

■୩୮ତମ ଆନ୍ତଃଜିଲା ସାଇକ୍ଲିଙ୍ଗ୍ ଚାମ୍ପିୟନଶିପ୍

# ଆର୍‌ଏସ୍‌ପି ଟିମ୍‌କୁ ୬ ପଦକ


ପଦକ ଲାଭ କରିଥିବା ସାଇକ୍ଲିଷ୍ଟ ଦଳଙ୍କ ସହ କୋଚ ଓ ଆର୍‌ଏସ୍‌ପିର ଅଧିକାରୀମାନେ।

ରାଉରକେଲା ଅଫିସ, ୨୪।୧୦

୩୮ତମ ଆନ୍ତଃଜିଲା ସାଇକ୍ଲିଙ୍ଗ ଚାମ୍ପିୟନଶିପ୍‌ରେ ରାଉରକେଲା ଇସ୍ପାତ୍ କାରଖାନା(ଆରଏସ୍‌ପି) ଟିମ୍ ଚିତ୍ତାକର୍ଷକ ପ୍ରଦର୍ଶନ କରିଛି। ଦଳର ପ୍ରତ୍ୟେକ ସଦସ୍ୟ ଏହି ପ୍ରତିଯୋଗିତାରେ ମେଡାଲ ଲାଭ କରି କୃତିତ୍ୱ ଅର୍ଜନ କରିଛନ୍ତି। ଉକ୍ତ ପ୍ରତିଯୋଗିତା ଭଦ୍ରକର ସାରଦାପୁରରେ ଗତ ୧୯ ଓ ୨୦ ତାରିଖରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ବିଭିନ୍ନ ଜିଲାର ପ୍ରତିଯୋଗୀମାନେ ଏଥିରେ ଭାଗ ନେଇଥିଲେ। ଆର୍‌ଏସ୍‌ପି ଦଳ ଆଗକୁ ଜାତୀୟ ପ୍ରତିଯୋଗିତାରେ ଭାଗ ନେବ। ଆର୍‌ଏସ୍‌ପିର ୩ ଜଣିଆ ଦଳ ଏହି ପ୍ରତିଯୋଗିତାରେ ୪ସ୍ୱର୍ଣ୍ଣ ଓ ୨ ରୌପ୍ୟ ସହ ସମୁଦାୟ ୬ଟି ପଦକ ଲାଭ କରିଥିଲେ। ରୋହିତ ହେମ୍ବ୍ରମ ୧୮ବର୍ଷରୁ କମ୍ ବୟସ ବର୍ଗରେ ୧୦କିମି ବ୍ୟକ୍ତିଗତ ରୋଡ ଟାଇମ ଏବଂ ୧୦କିମି ସ୍କ୍ରାଚ ପ୍ରତିଯୋଗିତାରେ ୨ଟି ସ୍ୱର୍ଣ୍ଣପଦକ ଲାଭ କରିଥିଲେ। ସେହିଭଳି ୧୬ବର୍ଷରୁ କମ ବୟସ ବର୍ଗରେ ଚିନ୍ମୟ ଜେନା ୧ସ୍ୱର୍ଣ୍ଣ, ୧ ରୌପ୍ୟ ପଦକ ଏବଂ ୨୩ବର୍ଷରୁ କମ ବୟସ ବର୍ଗରେ ଆଦିତ୍ୟ ସିଂ ଉଭୟ ପ୍ରତିଯୋଗିତାରେ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଲାଭ କରିଥିଲେ। ସୁଶୀଲ ଦାସ ଏହି ଦଳର କୋଚ ରହିଥିବା ବେଳେ ନିହାର ରଞ୍ଜନ ଜେନା ଦଳର ମ୍ୟାନେଜର ଥିଲେ। ଆର୍‌ଏସ୍‌ପି ସହରର ପ୍ରତିଭା ସମ୍ପନ୍ନ ସାଇକ୍ଲିଷ୍ଟମାନଙ୍କୁ ପ୍ରଶିକ୍ଷଣ ଦେଉଛି। ଏହାର କୋଚ ସୁଶୀଲ ଦାସ ଏବଂ କ୍ରୀଡ଼ା ବିଭାଗର ସପୋର୍ଟ ଷ୍ଟାଫ୍‌ଙ୍କ ତତ୍ତ୍ୱାବଧାନରେ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଅଭ୍ୟାସ କରାଉଛନ୍ତି।

# ଆର୍‌ଏସ୍‌ପିରେ 'ସିଇଓ କନେକ୍ଟ'ର ଶୁଭାରମ୍ଭ

ରାଉରକେଲା ଅଫିସ, ୨୪।୧୦

ରାଉରକେଲା ଇସ୍ପାତ୍ କାରଖାନାରେ ଉପଲବ୍ଧ ନିପୁଣ ଓ ଫଳପ୍ରଦ ଯୋଗାଯୋଗ ସଂସ୍କୃତିରେ ଆଉ ଏକ ଦୃଢ଼ ପଦକ୍ଷେପ ସ୍ୱରୂପ ସିଇଓ ଦୀପକ ଚଟ୍ଟରାଜ ବୁଧବାର 'ସିଇଓ କନେକ୍ଟ' ନାମକ ଏକ ନୂତନ ଡିଜିଟାଲ ପ୍ଲାଟଫର୍ମର ଶୁଭାରମ୍ଭ କରିଛନ୍ତି। ଗୋପବନ୍ଧୁ ପ୍ରେକ୍ଷାଳୟରେ ଅନୁଷ୍ଠିତ ୮୪୯ତମ ଗଣ ଯୋଗାଯୋଗ ଅଧିବେଶନରେ ଏହାର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ରାଜବୀର ସିଂ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡି.କେ.ମହାପାତ୍ର, କୋକଓଭେନ ଓ କୋଲ କେମିକାଲ ବିଭାଗର ମହାପ୍ରବନ୍ଧକ ବିଶ୍ୱଜିତ ପଟ୍ଟନାୟକ ମଞ୍ଚାସୀନ ଥିଲେ।

ରାଉରକେଲା ଇସ୍ପାତ କାରଖାନାର ଅଫିସିଆଲ ପୋର୍ଟାଲରେ ଏହି ନୂତନ 'ସିଇଓ କନେକ୍ଟ' ପ୍ଲାଟଫର୍ମ ଉପଲବ୍ଧ ରହିଛି। ପ୍ଲାଣ୍ଟ ଇଣ୍ଟରନେଟ ସହିତ ସଂଯୁକ୍ତ ହୋଇଥିବା ଯେ କୌଣସି କମ୍ପ୍ୟୁଟରରେ ଏହି ସୁବିଧାର ଉପଯୋଗ କରାଯାଇପାରିବ। କାରଖାନାର ଯେକୌଣସି କର୍ମଚାରୀ ନିଜର ଲଗ୍ ଇନ୍ ଆଇଡି ଓ ପାସ୍‌ୱାର୍ଡ ବ୍ୟବହାର କରି କାରଖାନାର ଉନ୍ନତି ନିମନ୍ତେ ସୁଚିନ୍ତିତ ମତାମତ ଏବଂ ସୃଜନଶୀଳ ପ୍ରସ୍ତାବ ସିଧାସଳଖ ଭାବେ ସିଇଓଙ୍କୁ ଜଣାଇ ପାରିବେ। ଏହି ପ୍ରସ୍ତାବଗୁଡ଼ିକ କେବଳ ସିଇଓ ଦେଖିପାରିବେ ଏବଂ ବ୍ୟକ୍ତିଗତ ଭାବେ ସେ ଏହାର ଉତ୍ତର ଦେବେ। କାରଖାନା ମୁଖ୍ୟଙ୍କ ସହିତ ସିଧାସଳଖ ଯୋଗାଯୋଗ କର୍ମଚାରୀମାନଙ୍କୁ ଅଧିକ ସଶକ୍ତ ଅନୁଭୂତି ଆଣିବ। ସେମାନଙ୍କ ମନୋବଳରେ ବୃଦ୍ଧି ଘଟିବା ସହିତ ଉତ୍ତରଦାୟିତ୍ୱ ବୋଧରେ ଉନ୍ନତି ଆସିବ। ଏହି ନୂତନ ଯୋଗାଯୋଗ ପ୍ରୟାସ ଆର୍‌ଏସ୍‌ପିରେ ପୂର୍ବରୁ ଉପଲବ୍ଧ ସୁଦୃଢ଼ ମାନବ ସମ୍ବଳ ପ୍ରୟାସକୁ ଆହୁରି ଶକ୍ତ କରିବ।

ଏହି ଅବସରରେ ନିଜ ବକ୍ତବ୍ୟରେ ସିଇଓ ଚଟ୍ଟରାଜ ପ୍ରତ୍ୟେକ କର୍ମଚାରୀଙ୍କୁ ହୃଦୟଙ୍ଗମ କରିବା ନିମନ୍ତେ ଅତ୍ୟନ୍ତ ସରଳ ଭାଷାରେ ସମ୍ପ୍ରତି କାରଖାନା ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ଉଲ୍ଲେଖ କରିଥିଲେ। କ୍ଷୁଦ୍ର ପ୍ରସ୍ତାବ କିଭଳି ବୃହତ୍ ସଞ୍ଚୟ ଆଣିପାରିବ ସେ ସମ୍ପର୍କରେ ଉଲ୍ଲେଖ କରି 'ସିଇଓ କନେକ୍ଟ' ଲିଙ୍କ୍‌ର ଉପଯୋଗ କରି କାରଖାନାର ପ୍ରତ୍ୟକ୍ଷ ଓ ପରୋକ୍ଷ ରୂପେ ଲାଭ ପହଞ୍ଚାଇବା ନିମନ୍ତେ ସୁଚିନ୍ତିତ ମତାମତ ପ୍ରଦାନ ପାଇଁ ଆହ୍ୱାନ ଜଣାଇଥିଲେ। ବିଶ୍ୱଜିତ ପଟ୍ଟନାୟକ କାରଖାନା ସାମୁଦାୟିକଙ୍କୁ ସେମାନଙ୍କ ସୃଜନାତ୍ମକ ଚିନ୍ତନ ଓ ମତାମତ ସିଇଓଙ୍କୁ ପ୍ରଦାନ କରି କାରଖାନାର ପ୍ରଗତିରେ ଯୋଗଦାନ ଦେବା ପାଇଁ ଆହ୍ୱାନ ଜଣାଇଥିଲେ। ସି ଆଣ୍ଡ ଆଇଟି ବିଭାଗର ଜିଏମ୍ ଏ.ଏଲ୍.ଦାସ 'ସିଇଓ କନେକ୍ଟ' ଡିଜିଟାଲ ପ୍ଲାଟଫର୍ମର ଉଦ୍ଦେଶ୍ୟ ସମ୍ପର୍କରେ ଉଲ୍ଲେଖ କରିଥିଲେ। ପାୱାର ଡିଷ୍ଟ୍ରିବ୍ୟୁସନ ବିଭାଗର ଓସିଟି ବର୍ଷା ଶର୍ମା ଏବଂ ଓବିବିପି ବିଭାଗର ଓସିଟି କୁନୁରାଣୀ ବିଶ୍ୱାଳ କାରଖାନା ଓ ସହରାଞ୍ଚଳର କାର୍ଯ୍ୟଧାରାର ବିଭିନ୍ନ ଦିଗ ତଥା କର୍ମଚାରୀଙ୍କ ପ୍ରଦତ୍ତ ପ୍ରସ୍ତାବ ଓ ସେ ଗୁଡ଼ିକର କାର୍ଯ୍ୟାନ୍ୱୟନ ସମ୍ବନ୍ଧରେ ଉପସ୍ଥାପନା ମାଧ୍ୟମରେ ତଥ୍ୟ ପ୍ରସ୍ତୁତ କରିଥିଲେ। ଏହାପରେ ଅନୁଷ୍ଠିତ ମତ ବିନିମୟ କାର୍ଯ୍ୟକ୍ରମରେ ବହୁ କର୍ମଚାରୀ ଉତ୍ପାଦନ, ଉତ୍ପାଦକତା ତଥା ଅନ୍ୟାନ୍ୟ ପ୍ରସଙ୍ଗରେ ମୂଲ୍ୟବାନ ପ୍ରସ୍ତାବ ଆଗତ କରିଥିଲେ। ଶେଷରେ ଶପଥଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅଧିବେଶନକୁ ଏଚଆରଡି ବିଭାଗର ରାଜଲକ୍ଷ୍ମୀ ଆଚାର୍ଯ୍ୟ ପରିଚାଳନା କରିଥିଲେ।


'ସିଇଓ କନେକ୍ଟ' ଅଧିବେଶନରେ ସିଇଓ ଦୀପକ ଚଟ୍ଟରାଜଙ୍କ ସହ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ।